# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ
# ସମୀକ୍ଷା ପ୍ରତିବେଦନ
# (ସମ୍ପାଦନ ଏବଂ ଅନୁପାଳନ ସମୀକ୍ଷା)
# ମାର୍ଚ୍ଚ 2020 ରେ ସମାପ୍ତ ବର୍ଷ ପାଇଁ

लोकहितार्थ सत्यनिष्ठा
Dedicated to Truth in Public Interest

**ଓଡ଼ିଶା ସରକାର**

*ପ୍ରତିବେଦନ ସଂଖ୍ୟା 3 ବର୍ଷ 2022*

# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ
# ସମୀକ୍ଷା ପ୍ରତିବେଦନ
# (ସମ୍ପାଦନ ଏବଂ ଅନୁପାଳନ ସମୀକ୍ଷା)
# ମାର୍ଚ୍ଚ 2020 ରେ ସମାପ୍ତ ବର୍ଷ ପାଇଁ

**ଓଡ଼ିଶା ସରକାର**

*ପ୍ରତିବେଦନ ସଂଖ୍ୟା 3 ବର୍ଷ 2022*

# ସୂଚୀପତ୍ର


| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| ମୁଖବନ୍ଧ | | v |
| ବିହଙ୍ଗାବଲୋକନ | | vii-xiv |
| **ଭାଗ – କ** | | |
| **ଆର୍ଥିକ କ୍ଷେତ୍ର** | | |
| **ଅଧ୍ୟାୟ I : ଉପକ୍ରମ** | | |
| **ଉପକ୍ରମ** | - | 1-3 |
| **ଅଧ୍ୟାୟ II : ସମ୍ପାଦନ ସମୀକ୍ଷା** | | |
| ***ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ*** | | |
| ଓଡିଶାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକଳାପର ନିର୍ଦ୍ଧାରଣ ଉପରେ ସମ୍ପାଦନ ସମୀକ୍ଷା | 2.1 | 5-51 |
| **ଅଧ୍ୟାୟ III: ଅନୁପାଳନ ସମୀକ୍ଷା** | | |
| ***ଜଳ ସମ୍ପଦ ବିଭାଗ*** | | |
| ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟରେ ନିଷ୍ଫଳ ଅର୍ଥବ୍ୟୟ | 3.1 | 53-54 |
| ଠିକାଦାର ମାନଙ୍କୁ ଅଗ୍ରାହ୍ୟ ବର୍ଦ୍ଧିତ ଦରରେ ଅର୍ଥ ପ୍ରଦାନ | 3.2 | 55-56 |
| ଏକ ନିଗମକୁ ଅନୁଚିତ୍ ଲାଭ ପ୍ରଦାନ | 3.3 | 56-57 |
| ନିଷ୍ଫଳ ଅର୍ଥବ୍ୟୟ | 3.4 | 57-58 |
| ଅଟକଳର ମୂଲ୍ୟବୃଦ୍ଧି ହେତୁ ଠିକାଦାର ମାନଙ୍କୁ ଅନୁଚିତ୍ ଲାଭ ପ୍ରଦାନ | 3.5 | 58-59 |
| ***ପୂର୍ତ୍ତ ବିଭାଗ*** | | |
| ପକ୍କା ରାସ୍ତାର ଅତ୍ୟଧିକ ମୋଟେଇ କରାଯିବା ହେତୁ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ | 3.6 | 59-60 |
| ବ୍ୟର୍ଥ ଅର୍ଥବ୍ୟୟ | 3.7 | 60-62 |
| ସବ୍-ବେସ୍‌ରେ ଧାତୁମଳ ପରିବର୍ତ୍ତେ ଜି.ଏସ୍.ବି. ସାମଗ୍ରୀର ଉପଯୋଗ ହେତୁ ଅତିରିକ୍ତ ଅର୍ଥ ବ୍ୟୟ | 3.8 | 62-63 |
| ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରଣାଳୀରେ ବିଫଳତା ଯୋଗୁ ଅଗ୍ରୀମ ଅସୁଲି ବିଫଳ ହେଲା | 3.9 | 63-65 |
| ***ଅର୍ଥ ବିଭାଗ*** | | |
| ସମୀକ୍ଷା ପ୍ରତି ପ୍ରତିକ୍ରିୟା | 3.10 | 65-66 |
| **ଭାଗ – ଖ** | | |
| **ରାଜ୍ୟ ସରକାରୀ ଉଦ୍ୟୋଗ** | | |
| **ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ଆର୍ଥିକ ପ୍ରଦର୍ଶନର ସାରାଂଶ** | | |
| **ଅଧ୍ୟାୟ IV** | | |
| ଉପକ୍ରମ | 4.1 | 67-70 |
| ସରକାରୀ କମ୍ପାନୀ ଓ ନିଗମ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ | 4.2 | 70-74 |

| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| ବିନିଯୋଗ | | |
| ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମରୁ ପ୍ରତିଦାନ | 4.3 | 75-78 |
| ସରକାରୀ କମ୍ପାନୀ ଏବଂ ନିଗମର ପରିଚାଳନା ଦକ୍ଷତା | 4.4 | 78-82 |
| **ଅଧ୍ୟାୟ V** | | |
| **ସିଏଜିଙ୍କର ତଦାରଖ ଭୂମିକା** | | |
| ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ସମୀକ୍ଷା | 5.1 | 83 |
| ସିଏଜିଙ୍କ ଦ୍ୱାରା ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକରେ ବୈଧାନିକ ସମୀକ୍ଷକଙ୍କ ନିଯୁକ୍ତି | 5.2 | 83 |
| ଏସ୍‌ପିଏସ୍‌ଇ ମାନଙ୍କ ଦ୍ୱାରା ହିସାବ ଦାଖଲ | 5.3 | 83-84 |
| ସିଏଜିଙ୍କ ତଦାରଖ – ହିସାବଗୁଡିକର ସମୀକ୍ଷା ଏବଂ ଅନୁପୂରଖ ସମୀକ୍ଷା | 5.4 | 85 |
| ସିଏଜିଙ୍କ ତଦାରଖ ଭୂମିକାର ଫଳାଫଳ | 5.5 | 86-94 |
| ହିସାବ ମାନଦଣ୍ଡ/ ଇଣ୍ଡ ଏଏସ୍ ବ୍ୟବସ୍ଥାର ଅନୁପାଳନ ନକରିବା | 5.6 | 94-95 |
| ପରିଚାଳନା କର୍ତ୍ତୃପକ୍ଷଙ୍କୁ ଚିଠି | 5.7 | 95 |
| **ଅଧ୍ୟାୟ VI** | | |
| **ଅନୁପାଳନ ସମୀକ୍ଷା ମନ୍ତବ୍ୟ** | | |
| **ଓଡିଶା ଖଣି ନିଗମ ଲିମିଟେଡ୍** | | |
| ରାଜସ୍ୱ କ୍ଷତି | 6.1 | 97-99 |
| ଅତିରିକ୍ତ ବ୍ୟୟ | 6.2 | 99-100 |
| **ଓଡିଶା ନିର୍ମାଣ ନିଗମ ଲିମିଟେଡ୍** | | |
| ନିଷ୍ଫଳ ବ୍ୟୟ | 6.3 | 101-102 |
| ଅହେତୁକ ଅନୁକମ୍ପା | 6.4 | 103-105 |

# ପରିଶିଷ୍ଟ

| ପରିଶିଷ୍ଟ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| 1 | କାର୍ଯ୍ୟ ଯୋଜନା କିମ୍ବା ଅନୁମୋଦିତ କାର୍ଯ୍ୟ ଯୋଜନା ବିନା ବିଭାଜନଗୁଡ଼ିକ ଦ୍ୱାରା ଅନିୟମିତ କାର୍ଯ୍ୟ ପ୍ରଦର୍ଶନ ଦର୍ଶାଉଥିବା ବିବରଣ | 2.1.3.6 | 107 |
| 2 | ବୃକ୍ଷରୋପଣ ପତ୍ରିକାଗୁଡ଼ିକର ଅନୁପଯୁକ୍ତ ଅନୁରକ୍ଷଣ ଏବଂ ବୃକ୍ଷରୋପଣ ପତ୍ରିକା ପ୍ରଦାନ କରାଯାଇନଥିବା ଦର୍ଶାଉଥିବା ବିବରଣ | 2.1.4.2 | 108 |
| 3 | 2013-14 ରୁ 2017-18 ମଧ୍ୟରେ 12ଟି ବିଭାଜନରେଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଦ୍ୱିତୀୟ ବର୍ଷ ପରେ ରକ୍ଷଣାବେକ୍ଷଣ ପାଇଁ ପାଣ୍ଠିର ବିନିଯୋଗ ହୋଇନଥିବା ଦର୍ଶାଉଥିବା ବିବରଣ | 2.1.5.3 | 109-122 |
| 4 | ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବୃକ୍ଷରୋପଣରେ ନିଷ୍ଫଳ ଖର୍ଚ୍ଚ ଦର୍ଶାଉଥିବା ବିବରଣ | 2.1.5.4 | 123 |
| 5 | ଅଡ଼ିଟ୍ କରାଯାଇଥିବା ବିଭାଜନ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବୃକ୍ଷରୋପଣଗୁଡ଼ିକର ମିଳିତ ବାସ୍ତବିକ ଯାଞ୍ଚ (ଜେପିଭି)ର ଫଳାଫଳ ଦର୍ଶାଉଥିବା ବିବରଣ | 2.1.10 | 124 |
| 6 | ବିଭିନ୍ନ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଭିନ୍ନ ଉପାଦାନ ଅନ୍ତର୍ଗତ ବୃକ୍ଷରୋପଣ ନଥିରେ ଆର୍ଥିକ ଅନିୟମିତତା ଦର୍ଶାଉଥିବା ବିବରଣ | 2.1.11.3 | 125-131 |
| 7 | ବର୍ଷ 2017-18ରେ ରାସ୍ତା ପ୍ରଶସ୍ତିକରଣ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ଆଭେନ୍ୟୁ ବୃକ୍ଷରୋପଣ ଦର୍ଶାଉଥିବା ବିବରଣ | 2.1.11.5 | 132 |
| 8 | ସହରୀ ବୃକ୍ଷରୋପଣରେ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ ଏବଂ ବାଡ଼ ନିର୍ମାଣ ବ୍ୟୟର ସବିଶେଷ ତଥ୍ୟ ଦର୍ଶାଉଥିବା ବିବରଣ | 2.1.11.8 | 133-134 |
| 9 | ନଭେମ୍ବର 2015 ରୁ ମାର୍ଚ୍ଚ 2016 (ରାଜ୍ୟ ଯୋଜନା) ମଧ୍ୟରେ ରାଉରକେଲା ଜଙ୍ଗଲ ବିଭାଜନରେ ସହରୀ ବୃକ୍ଷରୋପଣ କାର୍ଯ୍ୟରେ ଜଳ ଯୋଗାଣରେ ଅନିୟମିତ ବ୍ୟୟ ଦର୍ଶାଉଥିବା ବିବରଣ | 2.1.11.11 | 135-140 |
| 10 | ଚୟନ ହୋଇଥିବା ସମସ୍ତ ବିଭାଜନ ଏବଂ ପିସିସିଏଫ୍(ଓ)ଙ୍କ କାର୍ଯ୍ୟାଳୟରେ ବିଦ୍ୟମାନ କର୍ମଚାରୀ ସଂଖ୍ୟା ତଥା କ୍ଷେତ୍ରୀୟ କର୍ମଚାରୀଙ୍କ ଅଭାବ ଦର୍ଶାଉଥିବା ବିବରଣ | 2.1.12.4 | 141 |
| 11 | ଉଚ୍ଚତର କ୍ଷମତା ବିଶିଷ୍ଟ କ୍ରେନ୍‌ର ଅନୁସରଣ ଯୋଗୁ ଅତିରିକ୍ତ ଅର୍ଥବ୍ୟୟର ବିସ୍ତୃତ ବିବରଣୀ | 3.5 | 142 |
| 12 | ଏମ୍.ଏସ୍.ଏ.ର ତ୍ରୁଟିପୂର୍ଣ୍ଣ ହିସାବ ଯୋଗୁ ସାମଗ୍ରୀର ଅଯୁକ୍ତିଯୁକ୍ତ ଅତ୍ୟଧିକ ବ୍ୟବସ୍ଥା କରାଯାଇଥିଲା | 3.6 | 143 |
| 13 | ଧାତୁମଳର ଉପଯୋଗ କରାନଯିବାରୁ ଅତିରିକ୍ତ ଖର୍ଚ୍ଚର ବିବରଣୀ | 3.8 | 144 |

| ପରିଶିଷ୍ଟ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| 14 | 31 ମାର୍ଚ୍ଚ 2020 ସୁଦ୍ଧା ଜାରୀ ହୋଇଥିବା କିନ୍ତୁ 30 ଜୁନ୍ 2020 ସୁଦ୍ଧା ମୀମାଂସା ହୋଇ ନ ଥିବା ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦ ଗୁଡ଼ିକ ପ୍ରଦର୍ଶନ କରୁଥିବା ବିବରଣୀ | 3.10 | 145 |
| 15 | 31 ମାର୍ଚ୍ଚ 2020 ସୁଦ୍ଧା ଜାରୀ ହୋଇ 30 ଜୁନ 2020 ସୁଦ୍ଧା ମୀମାଂସା ହୋଇନଥିବା ବକେୟା ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦ ଗୁଡିକର ବର୍ଷ ଓ୍ୱାରୀ ବିବରଣୀ | 3.10 | 146 |
| 16 | ଦୃଷ୍ଟିଗୋଚର ହୋଇଥିବା ଏବଂ ନିରୀକ୍ଷଣ ରିପୋର୍ଟରେ ଉଲ୍ଲେଖ ଥିବା ଗୁରୁତର ଅନିୟମିତତାର ବିବରଣୀ | 3.10 | 147 |
| 17 | ସମୀକ୍ଷା ପ୍ରତିବେଦନରେ ଦର୍ଶାଯାଇଥିବା ତଥା ସଂଶୋଧନ ମୂଳକ ପଦକ୍ଷେପ ଆବଶ୍ୟକ କରୁଥିବା କେତେକ ସ୍ଥାୟୀ ଅନିୟମିତତାର ବିବରଣୀ | 3.10 | 148 |
| 18 | 82ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ଗୁଡିକର ତାଲିକା | 4.1.3 | 149-152 |
| 19କ | ସମାପନ ପ୍ରକ୍ରିୟାରେ ଥିବା/ ନିଷ୍କ୍ରିୟ କମ୍ପାନୀସମୂହର ବକେୟା ଖାତାଗୁଡିକର ବିବରଣୀ | 4.1.3 ଏବଂ 5.3.2 | 153-154 |
| 19ଖ | ବକେୟା ଖାତାଗୁଡିକର ବିବରଣୀ କିମ୍ବା ସମାପନ ପ୍ରକ୍ରିୟାରେ ଥିବା କମ୍ପାନୀ | 4.1.3 ଏବଂ 5.3.2 | 155 |
| 20 | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ବିଭାଗଓ୍ୱାରୀ ଶତକଡା ହାର | 4.1.4 | 156-157 |
| 21 | 31 ମାର୍ଚ୍ଚ 2020 ସୁଦ୍ଧା ନକରାତ୍ମକ ନିଟ୍ ମୂଲ୍ୟ ଥିବା ଏସ୍‌ପିଏସ୍‌ଇ ଗୁଡିକର ତାଲିକା | 4.3.3 | 158 |
| 22 | ସରକାରୀ କମ୍ପାନୀଗୁଡିକ ଦ୍ୱାରା ଡିଭିଡେଣ୍ଡର ଅଭାବ | 4.3.4 | 159 |
| 23 | ଏସ୍‌ପିଏସ୍‌ଇ ଗୁଡିକର ଉତ୍ପାଦନର ମୂଲ୍ୟ, ମୋଟ୍ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି | 4.4.1 | 160 |
| 24 | ଏସ୍‌ପିଏସ୍‌ଇର ବିନିଯୁକ୍ତ ପୁଞ୍ଜି ଉପରେ ଫେରସ୍ତ | 4.4.2 | 161-162 |
| 25 | ଏସ୍‌ପିଏସ୍‌ଇ ଗୁଡିକର ଇକ୍ୱିଟି ଉପରେ ଫେରସ୍ତ | 4.4.3 | 163-164 |
| 26 | ରାଜ୍ୟ ସରକାରଙ୍କ ଦ୍ୱାରା ବିନିଯୋଗର ବର୍ଷଓ୍ୱାରୀ ବିବରଣୀ ଏବଂ 2000-01 ରୁ 2019-20 ଠାରୁ ସରକାରୀ ପାଣ୍ଠିର ଆର୍‌ଓଆର୍‌ଆର୍ | 4.4.4 | 165 |
| 27 | ଏସ୍‌ପିଏସ୍‌ଇ ଗୁଡିକର ତାଲିକା ଯେଉଁଠାରେ ସିଏଜି ଦ୍ୱାରା ମନ୍ତବ୍ୟ ପ୍ରଦାନ କରାଯାଇଅଛି | 5.5.1.1 ଏବଂ 5.5.2 | 166 |
| 28 | କମ୍ପାନୀ ଗୁଡିକର ବିବରଣୀ ଯେଉଁଠାରେ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ଦର୍ଶାଯାଇଥିବା ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ/ଇଣ୍ଡ୍ ଏଏସ୍‌ର ଅନୁପାଳନ ହୋଇନଥିଲା | 5.6 | 167 |
| 29 | ଏସ୍‌ପିଏସ୍‌ଇ ଗୁଡିକର ତାଲିକା ଯେଉଁଠାରେ ସିଏଜି ଦ୍ୱାରା ପରିଚାଳନା କର୍ତ୍ତୃପକ୍ଷ ଚିଠି ଜାରି କରାଯାଇଥିଲା | 5.7 | 168 |
| ସଂକ୍ଷେପଣ ଶବ୍ଦର ପରିଭାଷା | | | 169-173 |

# ମୁଖବନ୍ଧ

ଏହି ପ୍ରତିବେଦନରେ ଦୁଇଟି ଭାଗ ଅନ୍ତର୍ଭୂକ୍ତ । **ଭାଗ କ** ରେ ଓଡ଼ିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ଅଧୀନରେ ଥିବା ବିଭାଗ ଏବଂ ସଂସ୍ଥା ଗୁଡ଼ିକର ସମୀକ୍ଷା ଫଳାଫଳ ଅନ୍ତର୍ଭୂକ୍ତ କରାଯାଇଛି । **ଭାଗ-ଖ** ସରକାରୀ ଉଦ୍ୟୋଗ ଯଥା:- ସରକାରୀ କମ୍ପାନୀ, ବୈଧାନିକ ନିଗମ ଏବଂ ଓଡିଶା ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ମାଲିକାନାପ୍ରାପ୍ତ କିମ୍ବା ନିୟନ୍ତ୍ରିତ ଅନ୍ୟାନ୍ୟ କମ୍ପାନୀ ସମୂହର ମାର୍ଚ୍ଚ 2020ରେ ସମାପ୍ତ ହେଉଥିବା ବର୍ଷ ପାଇଁ ସମୀକ୍ଷାର ଫଳାଫଳ ସହିତ ଜଡିତ।

ଭାରତୀୟ ସମିଧାନର ଅନୁଚ୍ଛେଦ 151 ଏବଂ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ 1971 ର ଧାରା 19 କ (ସଂଶୋଧନ ସହିତ) ଅନୁଯାୟୀ 31ମାର୍ଚ୍ଚ 2020ରେ ସମାପ୍ତ ହେଉଥିବା ବର୍ଷ ପାଇଁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଏହି ପ୍ରତିବେଦନ ରାଜ୍ୟ ବିଧାନସଭାରେ ଉପସ୍ଥାପନ ପାଇଁ ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି ।

## ଭାଗ - କ: ଆର୍ଥିକ କ୍ଷେତ୍ର

ଏହି ପ୍ରତିବେଦନର **ଭାଗ-କ** ଓଡିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ଅନ୍ତର୍ଗତ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଜଳସମ୍ପଦ ବିଭାଗର ସମ୍ପାଦନ ସମୀକ୍ଷା ଏବଂ ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଉପରେ ଆଧାରିତ ।

## ଭାଗ-ଖ: ରାଜ୍ୟ ସରକାରୀ ଉଦ୍ୟୋଗ

ପ୍ରତିବେଦନର **ଭାଗ-ଖ** ରାଜ୍ୟ ସରକାରୀ ଉଦ୍ୟୋଗ ଯଥା:- ସରକାରୀ କମ୍ପାନୀ, ବୈଧାନିକ ନିଗମ ଏବଂ ଓଡିଶା ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ମାଲିକାନାପ୍ରାପ୍ତ କିମ୍ବା ନିୟନ୍ତ୍ରିତ ଅନ୍ୟାନ୍ୟ କମ୍ପାନୀ ସମୂହର ମାର୍ଚ୍ଚ 2020ରେ ସମାପ୍ତ ହେଉଥିବା ବର୍ଷ ପାଇଁ ସମୀକ୍ଷାର ଫଳାଫଳ ସହିତ ଜଡିତ। କମ୍ପାନୀ ଅଧିନିୟମ, 2013 ର ଧାରା 139 ଏବଂ 143 ଅନୁଯାୟୀ ସରକାରୀ କମ୍ପାନୀଗୁଡିକର ହିସାବ ସମୀକ୍ଷା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା କରାଯାଇଥାଏ। ବୈଧାନିକ ନିଗମଗୁଡିକର ସମୀକ୍ଷା ବ୍ୟବସ୍ଥା ସମ୍ପୃକ୍ତ ଅଧିନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇଛି ଯାହା ମାଧମରେ ନିଗମ ଗୁଡିକ ପ୍ରତିଷ୍ଠିତ। ପ୍ରତିବେଦନର ଏହି ଭାଗଟି ଓଡିଶା ରାଜ୍ୟରେ ଥିବା 82ଟି ରାଜ୍ୟ ସରକାରୀ ଉଦ୍ୟୋଗ (ଏସ୍‌ପିଏସ୍‌ଇ) ସହିତ ସମ୍ପୃକ୍ତ, ଯାହାର ସମୀକ୍ଷା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କୁ ଦିଆଯାଇଥିଲା।

ପ୍ରତିବେଦନରେ ଉଲ୍ଲେଖ କରାଯାଇଥିବା ଦୃଷ୍ଟାନ୍ତଗୁଡିକ 2019-20 ଅବଧି ପାଇଁ ସମୀକ୍ଷା ସମୟରେ ତଥା ପୂର୍ବ ବର୍ଷଗୁଡିକରେ ଦୃଷ୍ଟିଗୋଚର ହୋଇଥିଲା ଯାହାକି ପୂର୍ବ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା। ଯେଉଁଠାରେ ପ୍ରଯୁଜ୍ୟ, 2019-20 ପରବର୍ତ୍ତୀ ଅବଧି ସହିତ ଜଡିତ ବିଷୟଗୁଡିକ ମଧ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁସାରେ ସମୀକ୍ଷା କରାଯାଇଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।

# ବିହଙ୍ଗାବଲୋକନ

# ବିହଙ୍ଗାବଲୋକନ

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ଏହି ପ୍ରତିବେଦନ ଓଡିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ଅନ୍ତର୍ଗତ ସରକାରୀ ବିଭାଗଗୁଡିକ ଏବଂ ରାଜ୍ୟ ସରକାରୀ ଉଦ୍ୟୋଗ (ଏସପିଏସଇ) ଗୁଡିକର 31 ମାର୍ଚ୍ଚ 2020 ରେ ସମାପ୍ତ ବର୍ଷ ପାଇଁ ହୋଇଥିବା ସମୀକ୍ଷାର ପର୍ଯ୍ୟବେକ୍ଷଣ ସହିତ ଜଡିତ। ଏହି ପ୍ରତିବେଦନରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକଳାପର ଆକଳନ ଉପରେ କାର୍ଯ୍ୟ ସଂପାଦନ ସମୀକ୍ଷା ଏବଂ ଅନୁପାଳନ ସମୀକ୍ଷାର ପର୍ଯ୍ୟବେକ୍ଷଣ ଫଳାଫଳ ଅନ୍ତର୍ଭୁକ୍ତ।

ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ପରିଣାମ ରାଜ୍ୟ ବିଧାନ ସଭାର ଦୃଷ୍ଟିକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ। ସମୀକ୍ଷାର ଫଳାଫଳ ଗୁଡିକ କାର୍ଯ୍ୟନିର୍ବାହୀଙ୍କୁ ଠିକ୍ ସମୟରେ କାର୍ଯ୍ୟକୁ ସଂଶୋଧନ କରିବାକୁ ସମର୍ଥ କରିଥାଏ। ଏହା ନୀତି ଏବଂ ନିର୍ଦ୍ଦେଶନାମା ଗୁଡ଼ିକୁ ପ୍ରଣୟନ କରିବାରେ ସାହାଯ୍ୟ କରେ ଯାହା ସଂଗଠନ  ଗୁଡ଼ିକର ଉନ୍ନତ ପରିଚାଳନା କରିବା ସହିତ ଉନ୍ନତ ଶାସନରେ ସହାୟକ ହେବ।

ସଂସ୍ଥାଗୁଡିକର ବ୍ୟୟ ,ପ୍ରାପ୍ତି , ସମ୍ପତ୍ତି ଏବଂ ଦାୟିତ୍ୱଗୁଡିକ , ଏହାର ପ୍ରଯୁଜ୍ୟ ନିୟମ, ଆଇନ, ବିନିୟମ, ବିଭିନ୍ନ ନିର୍ଦ୍ଦେଶ ଏବଂ ଦକ୍ଷ କର୍ତ୍ତୃପକ୍ଷ ଦ୍ୱାରା ଜାରି କରାଯାଇଥିବା ଅନୁଦେଶ ଗୁଡିକୁ ପାଳନ କରାଯାଇଛି କି ନାହିଁ ଜାଣିବାକୁ କରାଯାଉଥିବା ପରୀକ୍ଷା କୁ ଅନୁପାଳନ ସମୀକ୍ଷା କୁହାଯାଏ।

ସମ୍ପାଦନ ସମୀକ୍ଷା ଏକ ସଂସ୍ଥା , କାର୍ଯ୍ୟକ୍ରମ କିମ୍ବା ଯୋଜନାର ଉଦ୍ଦେଶ୍ୟ ଗୁଡିକ ମିତବ୍ୟୟୀ, କାର୍ଯ୍ୟକୁଶଳ ଏବଂ ପ୍ରଭାବଶାଳୀ ଭାବରେ କେତେ ପରିମାଣରେ ହାସଲ ହୋଇଛି ତାହା ପରୀକ୍ଷା କରେ।

## ଭାଗ - କ

## ଆର୍ଥିକ କ୍ଷେତ୍ର ଅନ୍ତର୍ଗତ ବିଭାଗ ଏବଂ ସଂସ୍ଥା ସମୂହ

### I. ଉପକ୍ରମ

ପ୍ରଥମ ଅଧ୍ୟାୟ ରେ ସମୀକ୍ଷା ହୋଇଥିବା ସଂସ୍ଥାମାନଙ୍କର ପାର୍ଶ୍ୱଚିତ୍ର, ସମୀକ୍ଷାର ଯୋଜନା ଓ ମାତ୍ରା ବ୍ୟାଖ୍ୟା ହେବା ସହିତ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟର ସାର ସଂକ୍ଷେପରେ ଉଲ୍ଲେଖିତ। ସମୀକ୍ଷା ପ୍ରତିବେଦନର ଦ୍ୱିତୀୟ ଅଧ୍ୟାୟ କାର୍ଯ୍ୟ ସମ୍ପାଦନ ସମୀକ୍ଷାର ଉପଲବ୍ଧି ଗୁଡିକୁ ସୂଚୀତ କରୁଅଛି ଏବଂ ତୃତୀୟ ଅଧ୍ୟାୟରେ ବିଭିନ୍ନ ବିଭାଗର ଅନୁପାଳନ ସମୀକ୍ଷା କରାଯାଇଛି।

### II. ସମ୍ପାଦନ ସମୀକ୍ଷା ସମ୍ବନ୍ଧୀୟ ଉଲ୍ଲେଖନୀୟ ସମୀକ୍ଷା ଅବଲୋକନ

ଏହି ପ୍ରତିବେଦନ ରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକଳାପ  ଆକଳନର କାର୍ଯ୍ୟ ସଂପାଦନ ସମୀକ୍ଷା ରହିଅଛି। ନାଗରିକମାନଙ୍କୁ  ସେବା ପ୍ରଦାନ ରେ ଉନ୍ନତି ଏବଂ ସଂଶୋଧନାତ୍ମକ ପଦକ୍ଷେପ ନେବାରେ ନିର୍ବାହୀ ମାନଙ୍କୁ ସହାୟତା ଉଦ୍ଦେଶ୍ୟରେ ଉପଯୋଗୀ ସୁପାରିଶ ଏଥିରେ ଅନ୍ତର୍ଭୁକ୍ତ। ଉଲ୍ଲେଖନୀୟ ସମୀକ୍ଷା ମନ୍ତବ୍ୟ ଗୁଡିକ ନିମ୍ନରେ ଦିଆଯାଇଅଛି।

***ଓଡିଶାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକଳାପର ନିର୍ଦ୍ଧାରଣ ଉପରେ ସମ୍ପାଦନ ସମୀକ୍ଷା***

ଜାତୀୟ ଜଙ୍ଗଲ ନୀତି, 1988 କୁ ଓଡ଼ିଶା ରାଜ୍ୟ ଅନୁସରଣ କରେ ଏବଂ ବନୀକରଣ ଏବଂ ଅବକ୍ଷୟ ଜଙ୍ଗଲ ଜମିରେ ପୁନରୁତ୍ପାଦନ ମାଧ୍ୟମରେ ରାଜ୍ୟରେ ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ପରିଚାଳନା, ସଂରକ୍ଷଣ ତଥା ରକ୍ଷା ପାଇଁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ 51,619 ବର୍ଗ କିମି ଜଙ୍ଗଲ ଥିବା ଆକଳନ କରାଯାଇଛି, ଯାହା ଭାରତ ରାଜ୍ୟ ବନ ରିପୋର୍ଟ 2019 ଅନୁଯାୟୀ ରାଜ୍ୟର ଭୌଗୋଳିକ କ୍ଷେତ୍ରର 33.15 ପ୍ରତିଶତ ଅଟେ।

2013-14 ରୁ 2017-18 ଅବଧିକୁ ଅନ୍ତର୍ଭୁକ୍ତ କରି "ବୃକ୍ଷରୋପଣ କାର୍ଯ୍ୟକଳାପର ନିର୍ଦ୍ଧାରଣ" ର ସମ୍ପାଦନ ସମୀକ୍ଷା କରାଯାଇ ଲକ୍ଷ୍ୟ କରାଗଲା ଯେ;

- ଧାର୍ଯ୍ୟ ଅବଧି ମଧ୍ୟରେ ବୃକ୍ଷରୋପଣ ଲକ୍ଷ୍ୟ ହାସଲ ଅଯୌକ୍ତିକ ଅଭାବ ସହିତ ସମାପିତ ହେଲା, ଯାହା ଲକ୍ଷ୍ୟଗୁଡ଼ିକୁ ଅବାସ୍ତବ ଭାବେ ଧାର୍ଯ୍ୟ କରାଯାଇଥିବା ସୂଚାଇଲା । ଅବକ୍ଷୟ ଜଙ୍ଗଲ ଜମି ଏବଂ ଖାଲି ଥିବା ରାଜସ୍ୱ ଜମି ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ନଥିବା କାରଣରୁ ବୃକ୍ଷରୋପଣ ପାଇଁ ଯୋଜନା ପ୍ରଣାଳୀ କେବଳ କ୍ଷେତ୍ରୀୟ କର୍ମଚାରୀଙ୍କ ଦ୍ୱାରା ଭାଗ ଭାଗ କରି ପ୍ରଦାନ କରାଯାଇଥିବା ତତ୍‌କ୍ଷଣାତ୍ ତଥ୍ୟ ମଧ୍ୟରେ ସୀମିତ ଥିଲା । ରେଞ୍ଜ, ବିଭାଗ ଏବଂ ବନ ମୁଖ୍ୟାଳୟ ମଧ୍ୟରେ ସମନ୍ୱୟର ଅଭାବ ହେତୁ ଲକ୍ଷ୍ୟର ଦୀର୍ଘକାଳୀନ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇ ପାରିଲା ନାହିଁ । ବିଭିନ୍ନ ବାର୍ଷିକ ବୃକ୍ଷରୋପଣ ଯୋଜନା ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ ଯେପରିକି ଯୋଜନାଦ୍ୱାରା ବାର୍ଷିକ ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲ, ଆବଣ୍ଟନ ଏବଂ ବ୍ୟୟ, ଜୀବିତ ଥିବା ବୃକ୍ଷଗୁଡ଼ିକର ପ୍ରତିଶତ ଇତ୍ୟାଦି ସରକାର କିମ୍ବା ପ୍ରମୁଖ ମୁଖ୍ୟ ଜଙ୍ଗଲ ସଂରକ୍ଷକ (ଓ ଏବଂ ଏଚ୍‌ଓଏଫ୍‌ଏଫ୍) ସ୍ତରରେ ଅନୁରକ୍ଷଣ କରାଯାଇ ନଥିଲା ।
- ସ୍ଥାନୀୟ ଭୂ-ଜଳବାୟୁ ପରିସ୍ଥିତିକୁ ଅନୁଧ୍ୟାନ କରି ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ ରାଜ୍ୟ, ନିଜସ୍ୱ ରାଜ୍ୟ ଜଙ୍ଗଲ ନୀତି(ଏସ୍‌ଏଫ୍‌ପି) ଗଠନ କରିବା ଆବଶ୍ୟକ ଥିଲା । ଏସ୍‌ଏଫ୍‌ପି ପ୍ରସ୍ତୁତ ନ ହେବା ଯୋଗୁଁ ରାଜ୍ୟରେ ସବୁଜ ବଳୟ ବୃଦ୍ଧିର ପର୍ଯ୍ୟାପ୍ତ ଯୋଜନା ହୋଇପାରିନଥିଲା । ଅନୁମୋଦିତ କାର୍ଯ୍ୟକାରୀ ଯୋଜନା/ କାର୍ଯ୍ୟକାରୀ ପରିକଳ୍ପନା ବିନା ଜଙ୍ଗଲ ବିଭାଜନଗୁଡ଼ିକ କାର୍ଯ୍ୟ କରୁଥିଲା ।
- ବୃକ୍ଷରୋପଣ ପତ୍ରିକାର ରକ୍ଷଣାବେକ୍ଷଣ ପ୍ରତି କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ଯତ୍ନବାନ ନଥିଲେ ଯେହେତୁ ବୃକ୍ଷରୋପଣ ସବିଶେଷ ତଥ୍ୟ ଯଥା ବୃକ୍ଷରୋପଣର ପୂର୍ବ ଏବଂ ପରବର୍ତ୍ତୀ ତଥ୍ୟ, ଆବଶ୍ୟକତାଙ୍କୁ ସହ ସମ୍ପୂର୍ଣ୍ଣ ବର୍ଷ-ଦ୍ୱାରୀ ବ୍ୟୟ, ରେଞ୍ଜ ଅଧିକାରୀମାନଙ୍କର ତ୍ରୈମାସିକ ଯାଞ୍ଚ, ବୃକ୍ଷରୋପଣର ଦାୟିତ୍ୱରେ ଥିବା (ଫରେଷ୍ଟର/ ଫରେଷ୍ଟ ଗାର୍ଡ) ଏବଂ ରେଞ୍ଜ ଅଧିକାରୀମାନଙ୍କ ଦ୍ୱାରା ଅଧିପ୍ରମାଣ ଅନ୍ତର୍ଭୁକ୍ତ ହୋଇନପାରିବାରୁ ଅଡିଟ୍, ବୃକ୍ଷରୋପଣର କାର୍ଯ୍ୟକାରିତାକୁ ଅଧିପ୍ରମାଣ କରିପାରିଲା ନାହିଁ ।
- ଶାଳ ପ୍ରଜାତି ହେଉଛି ଓଡ଼ିଶାର ମୂଳ ସ୍ୱଦେଶୀ ପ୍ରଜାତି କିନ୍ତୁ ଶାଗୁଆନ୍ ପ୍ରମୁଖ ପ୍ରଜାତି ଭାବରେ ରୋପଣ କରାଯାଇଥିଲା, ଯାହା ଦ୍ୱାରା ଉଦ୍ଭିଦ ସମୂହ ଏବଂ ଜୈବ ବିବିଧତା ଉପରେ ପ୍ରଭାବ ପଡ଼ିଥିଲା ।
- ଏକ ବିଭାଜନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କାର୍ଯ୍ୟକାରୀ ବୃକ୍ଷରୋପଣ ପ୍ରକଳ୍ପର ଯୋଜନା କରିବାରେ ବନ ଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ସ୍ତରରେ କୌଣସି ସମନ୍ୱୟ ନଥିଲା । ଡିଏଫ୍‌ଓ କିମ୍ବା ବିଭାଗରେ, ଏକ ବିଭାଜନରେ ଥିବା ସର୍ବମୋଟ୍ ଜବ୍ କାର୍ଡଧାରୀଙ୍କ ବିଷୟରେ ସୂଚନା ନଥିଲା ଯାହା ବୃକ୍ଷରୋପଣ କାଯ୍ୟକାରିତାକୁ ପ୍ରଭାବିତ କରିଥିଲା ।
- 485 ବୃକ୍ଷରୋପଣ ମଧ୍ୟରୁ 191 ଟି ସଫଳ ହୋଇ ନଥିବାରୁ ବିଭାଗ ଦ୍ୱାରା 13.17 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା । ବିଫଳତାର କାରଣ ଥିଲା ଘଞ୍ଚ ଜଙ୍ଗଲରେ ବୃକ୍ଷରୋପଣ ସ୍ଥାନଗୁଡ଼ିକର ଅନୁପଯୁକ୍ତ ଚୟନ ଏବଂ ବନ ଖଣ୍ଡ ଅଧିକାରୀଙ୍କ ଦ୍ୱାରା ବୃକ୍ଷରୋପଣ ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିବାରେ ବିଳମ୍ବ ।
- ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଦ୍ୱିତୀୟ ବର୍ଷରୁ ପାଣ୍ଠି ପ୍ରଦାନ ନହେବା କାରଣରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବୃକ୍ଷରୋପଣ ଜୀବିତ ରହିବା ଅନିଶ୍ଚିତତା ମଧ୍ୟରେ ରହିଥିଲା ।
- ସିଏଏମ୍‌ପିଏ ଅଧୀନରେ କ୍ଷତିପୂରକ ବନୀକରଣ କାର୍ଯ୍ୟକ୍ରମଗୁଡ଼ିକ ଧାର୍ଯ୍ୟ ସମୟ ତିନି ବର୍ଷ ମଧ୍ୟରେ ହୋଇପାରିଲା ନାହିଁ, ଯାହାଫଳରେ ଜଙ୍ଗଲ ଜମିର ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଜଙ୍ଗଲ ପରିସରକୁ କ୍ଷତିପୂରଣ ଦିଆଯାଇ ପାରିନଥିଲା ।
- ଅଡିଟ୍ ଟିମ୍ ଏବଂ ବନ ଅଧିକାରୀମାନେ 41 ଟି ବୃକ୍ଷରୋପଣକୁ ବାସ୍ତବିକ ଭାବରେ ଯାଞ୍ଚ କରିଥିଲେ ଏବଂ 20 ଟି ବିଫଳ ବୃକ୍ଷରୋପଣ ଏବଂ ସାତଟି ଆଂଶିକ ସଫଳ ବୃକ୍ଷରୋପଣ ଅବଲୋକନ କରିଥିଲେ ଯାହାଫଳରେ 2.67 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା ।
- ୟୁଏଭି ବ୍ୟବହାର କରି ବୃକ୍ଷରୋପଣ ସ୍ଥାନଗୁଡ଼ିକର ଅଡିଟ୍ ବିଶ୍ଳେଷଣରୁ ଜଣାଗଲା ଯେ ଅନେକ ବୃକ୍ଷ ସହଜରେ ପ୍ରବେଶ ଯୋଗ୍ୟ ଅଞ୍ଚଳ ଯଥା ଫୁଟପାଥରେ ଲଗାଯାଇଥିଲା । ଯଦିଓ ଅଳ୍ପ କିଛି ଶାଗୁଆନ୍ ପ୍ରଜାତି

*ବଞ୍ଚିଥିଲେ, ଉଚ୍ଚତା ଇତ୍ୟାଦିରେ ବୃଦ୍ଧି ପର୍ଯ୍ୟାପ୍ତ ମାତ୍ରାରେ ହୋଇନଥିଲା । ଏହା ଦେଖାଗଲା ଯେ ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟକଳାପ ଯଥା ଷ୍ଟାଗର୍ଡ ଟ୍ରେଞ୍ଚ୍ ଖୋଳା ଯାଇନଥିଲା କିମ୍ବା ଅପ୍ରଭାବୀ ଭାବରେ କାର୍ଯ୍ୟକାରୀ କରାଯାଇଥିଲା ଯଥା ଟ୍ରେଞ୍ଚ୍ ଗୁଡ଼ିକୁ ଢାଲୁ ସହ ପର୍ପେଣ୍ଡିକୁଲାର ଭାବେ ଖୋଳା ଯାଇନଥିଲା । ତେଣୁ, 68.36 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ ସହ ବୃକ୍ଷରୋପଣ ବିଫଳ ହୋଇଥିଲା ।*

- *ବାଉଁଶ ଗଛ ବଞ୍ଚିବାର ଶତକଡ଼ା ସୁନିଶ୍ଚିତ ନକରି, ବୃକ୍ଷରୋପଣର ପ୍ରଥମ ବର୍ଷରେ ନିର୍ଦ୍ଦେଶନାମାକୁ ଉଲ୍ଲଙ୍ଘନ କରି ଗୋଟିଏ କିସ୍ତିରେ ଅନିୟମିତ ଭାବେ ପାଣ୍ଠି ପ୍ରଦାନ କରାଯାଇଥିଲା ।*

- *ଯଦିଓ ଗ୍ୟାପ୍ ବୃକ୍ଷରୋପଣ ବିନା ସାହାଯ୍ୟକାରୀ ପ୍ରାକୃତିକ ପୁନର୍ଜୀବନ (ଏଏନ୍ଆର୍) ରେ ବିହନ ବୁଣିବା ଆରମ୍ଭ କରାଯାଇନଥିଲା, କିନ୍ତୁ ଚାରିବର୍ଷର ପୁନରୁତ୍ପାଦନ ଅବଧି ପାଇଁ ତଦାରଖ ନିମନ୍ତେ ମୂଲ୍ୟ ମାନାଦର୍ଶରେ ବ୍ୟବସ୍ଥା କରାଯାଇଥିଲା । ଏହି ଅନୁପଯୁକ୍ତ ବ୍ୟବସ୍ଥା ଯୋଗୁଁ 63.19 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।*

- *ଯଦିଓ ବ୍ଲକ୍ ବୃକ୍ଷରୋପଣ ଏବଂ ସହରୀ ବୃକ୍ଷରୋପଣ କାର୍ଯ୍ୟର ବିଭିନ୍ନ ଉପାଦାନ ସମାନ ଥିଲା, ସହରୀ ବୃକ୍ଷରୋପଣ ପାଇଁ ମ୍ୟାନ ଡେଜ୍‌କୁ ଅଯୌକ୍ତିକ ଭାବରେ ଅଧିକ ସ୍ଥିର କରାଯାଇଥିଲା ଯାହାଫଳରେ 39.80 କୋଟି ଟଙ୍କା ମୂଲ୍ୟର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।*

- *ବିଭିନ୍ନ ଉପାଦାନ ପାଇଁ ଅଧିକ ବ୍ୟୟ ତଥା ବ୍ୟୟ ନିୟମକୁ ଉଲ୍ଲଙ୍ଘନ କରି ଅଧିକ ବ୍ୟୟ କରାଯିବା ଫଳରେ 99 ଲକ୍ଷ ଟଙ୍କାର ପରିହାର୍ଯ୍ୟ / ନିଷ୍ଫଳ ବ୍ୟୟ ହୋଇଥିଲା ।*

- *ସହରାଞ୍ଚଳ ବୃକ୍ଷରୋପଣ ଅଧୀନରେ ବାଡ଼ ନିର୍ମାଣ ଏବଂ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ ପାଇଁ ପାଣ୍ଠିର ଅନିୟମିତ ଆବଣ୍ଟନ ଯୋଗୁଁ 14.82 କୋଟି ଟଙ୍କା ମୂଲ୍ୟର ଅନିୟମିତ ବ୍ୟୟ ହୋଇଥିଲା ।*

- *ଆର୍ଥିକ ବ୍ୟବସ୍ଥାକୁ ଅନୁସରଣ କରାଯାଇ ନଥିଲା ଯେହେତୁ ଟେଣ୍ଡର ଆହ୍ୱାନ ନ କରି ଜଳସିଞ୍ଚନ ପାଇଁ 69.12 ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା ।*

- *ରାସ୍ତା ପ୍ରଶସ୍ତୀକରଣ ହେତୁ ଆଭେନ୍ୟୁ ବୃକ୍ଷରୋପଣ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଥିଲା ଏବଂ ସମନ୍ୱୟ ଅଭାବ ଏବଂ ଅପ୍ରଭାବୀ ପର୍ଯ୍ୟାଲୋଚନା ଯୋଗୁଁ କ୍ଷତିଗ୍ରସ୍ତ ବୃକ୍ଷରୋପଣ ପାଇଁ ବ୍ୟବହାରକାରୀ ସଂସ୍ଥାମାନଙ୍କ(ୟୁଏ) ଠାରୁ ପାଣ୍ଠି ସଂଗ୍ରହ କରାଯାଇପାରି ନଥିଲା ।*

- *40 ପ୍ରତିଶତରୁ ଅଧିକ କାନପିଥିବା ଜଙ୍ଗଲ ଭିତରେ ବାଉଁଶ ବୃକ୍ଷରୋପଣ କରାଯାଇଥିଲା । ପର୍ଯ୍ୟାପ୍ତ ଆଲୋକ ଉପଲବ୍ଧ ନହେବା ହେତୁ ଏହି ସ୍ଥାନଗୁଡ଼ିକରେ କ୍ଲମ୍ପ ଗୁଡ଼ିକର ଅଭିବୃଦ୍ଧି ସର୍ବୋତ୍ତମ ନଥିଲା ଏବଂ ଫଳସ୍ୱରୂପ ଏହି ସ୍ଥାନଗୁଡ଼ିକରେ ବୃକ୍ଷରୋପଣ ବିଫଳ ହୋଇଥିଲା ।*

- *ସ୍ଥାନର ଗୁଣବତ୍ତା, ନିଆଯାଇଥିବା ପ୍ରଜାତି, ଏବଂ ପରିଚାଳନା ସ୍ତରରେ ବିଭିନ୍ନତା, ବିଭିନ୍ନ ବୃକ୍ଷରୋପଣର କାର୍ଯ୍ୟଦକ୍ଷତାରେ ବିଭିନ୍ନତା ପାଇଁ ଦାୟୀ ଥିଲା । ସ୍ଥାନଗୁଡ଼ିକର ଭୁଲ୍ ଚୟନ ଏବଂ ଅଭାବୀ ପରିଚାଳନା ଯୋଗୁଁ 251 ଟି ସ୍ଥାନରେ ବୃକ୍ଷରୋପଣ ବିଫଳ ହୋଇଥିବା ଅଡିଟ୍ ଲକ୍ଷ୍ୟ କରିଥିଲା ।*

- *ନିର୍ଦ୍ଦିଷ୍ଟ ବିହିତ ମାନାଦର୍ଶ ତୁଳନାରେ କ୍ଷେତ୍ର ସ୍ତରର ଅଧିକାରୀ, ବିଶେଷ କରି ରେଞ୍ଜ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ଏବଂ ପର୍ଯ୍ୟାଲୋଚନା ପର୍ଯ୍ୟାପ୍ତ ନଥିଲା ।*

- *ବିଭନ୍ନ ବୃକ୍ଷରୋପଣ ଯୋଜନା ସମ୍ବନ୍ଧୀୟ ଆବଶ୍ୟକ ଡାଟାବେସ୍ ଯେପରିକି ସ୍କିମ୍ ଓ୍ୱାରୀ ବାର୍ଷିକ ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲ, ଆବଣ୍ଟନ ଓ ବ୍ୟୟ ଏବଂ ବଞ୍ଚିଥିବା ବୃକ୍ଷ ଶତକଡ଼ା ଇତ୍ୟାଦି ସରକାର କିମ୍ବା ପିସିସିଏଫ୍ ସ୍ତରରେ ଅନୁରକ୍ଷଣ କରାଯାଇ ନଥିଲା । ପିସିସିଏଫ୍ ଏବଂ ବିଭାଜନ ସ୍ତରରେ ଥିବା ତଥ୍ୟରେ ସତ୍ୟତା ନଥିଲା । ବୃକ୍ଷରୋପଣ ଯୋଜନାର ନିର୍ଦ୍ଧାରଣ ଏବଂ ତୃତୀୟ ପକ୍ଷଙ୍କ ଦ୍ୱାରା ବୃକ୍ଷରୋପଣର ନିର୍ଦ୍ଧାରଣରେ ଅଯଥା ବିଳମ୍ବ ହୋଇଥିଲା ।*

***(ଅନୁଚ୍ଛେଦ 2.1)***

## III. ଅନୁପାଳନ ସମୀକ୍ଷା ସମ୍ବନ୍ଧୀୟ ଉଲ୍ଲେଖନୀୟ ସମୀକ୍ଷା ଅବଲୋକନ

### *ଆଡ଼ିବନ୍ଧ କାର୍ଯ୍ୟରେ ନିଷ୍ଫଳ ଅର୍ଥବ୍ୟୟ*

ସାପୁଆନଳା ବାମ ପାର୍ଶ୍ୱରେ ଆଡିବନ୍ଧ ମଧ୍ୟରେ ଫାଙ୍କା ସ୍ଥାନ ରଖି ସ୍ଲୁଇସ ନିର୍ମାଣ ନ କରି 17.40 କୋଟି ଟଙ୍କା ବ୍ୟୟରେ ଆଡିବନ୍ଧର ସଶକ୍ତିକରଣ ଏବଂ ଉଚ୍ଚତା ବୃଦ୍ଧି କାର୍ଯ୍ୟ ସାତୋଟି ଗ୍ରାମକୁ ଫସଲହାନି ଏବଂ ବନ୍ୟାଜଳ ପ୍ରବେଶ ରୋକିବାରୁ ବଞ୍ଚିତ କରିଥିଲା । ସ୍ଲୁଇସ ନିର୍ମାଣ ପାଇଁ 1.91 କୋଟି ଟଙ୍କାର ଚିହ୍ନିତ ପାଣ୍ଠିକୁ ଆଡିବନ୍ଧର ପ୍ରଶସ୍ତୀକରଣ କାର୍ଯ୍ୟରେ ନିୟୋଜନ କରାଗଲା । ଏହିପରି, 17.40 କୋଟି ଟଙ୍କାର ନିଷ୍ଫଳ ଅର୍ଥ ବ୍ୟୟ ହେଲା (ଯେଉଁଥିରେ ଆଡିବନ୍ଧ ପ୍ରସସ୍ଥିକରଣରେ 1.91 କୋଟି ଟଙ୍କାର ଅନିୟମିତ ଖର୍ଚ୍ଚ ଅନ୍ତର୍ଭୁକ୍ତ) ଏବଂ ସାତୋଟି ଗ୍ରାମର ଜଳସେଚିତ କ୍ଷେତ୍ରକୁ ବନ୍ୟାଜଳ ପ୍ରଭାବରୁ ବଞ୍ଚାଇବା ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ ।

***(ଅନୁଚ୍ଛେଦ 3.1)***

### *ଠିକାଦାର ମାନଙ୍କୁ ଅଗ୍ରାହ୍ୟ ବର୍ଦ୍ଧିତ ଦରରେ ଅର୍ଥ ପ୍ରଦାନ*

ଦ୍ରବ୍ୟ, ଶ୍ରମ ଏବଂ ପି.ଓ.ଏଲ୍. ଇତ୍ୟାଦିର ମୂଲ୍ୟ ବୃଦ୍ଧି କ୍ଷେତ୍ରରେ ବିଭେଦାତ୍ମକ ମୂଲ୍ୟର ଦେୟ ପ୍ରଦାନ କରାଯିବା ପାଇଁ ହୋଇଥିବା ଆଦେଶକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ନାକଚ କଲେ । ଏହି ଆଦେଶକୁ ଅବମାନନା କରି ଦୁଇଜଣ ନିର୍ବାହୀ ଯନ୍ତ୍ରୀ ଦର ବିବିଧତା ବାବଦରେ ଠିକାଦାର ମାନଙ୍କୁ 90.12 କୋଟି ଟଙ୍କା ପ୍ରଦାନ କରିଥିଲେ ।

***(ଅନୁଚ୍ଛେଦ 3.2)***

### *ଏକ ନିଗମକୁ ଅନୁଚିତ୍ ଲାଭ ପ୍ରଦାନ*

ଅର୍ଥ ବିଭାଗ ଆଦେଶର ବିପରୀତ ଭାବେ, ବିଭାଗ ଗୋଟିଏ କାର୍ଯ୍ୟର ଅଟକଳ ମୂଲ୍ୟ ଉପରେ ତତ୍ତ୍ୱାବଧାନ ଖର୍ଚ୍ଚ ବାବଦରେ ଗ୍ରାହ୍ୟ ଦର 10 ପ୍ରତିଶତ ହାର (23.58 କୋଟି ଟଙ୍କା) ପରିବର୍ତ୍ତେ 15 ପ୍ରତିଶତ ହାରରେ 42.15 କୋଟି ଟଙ୍କା ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ, ଯାହା ଯୋଗୁ 18.57 କୋଟି ଟଙ୍କାର ଅତିରିକ୍ତ ଅର୍ଥପ୍ରଦାନ ର ଦାୟିତ୍ୱ ପଡ଼ିଥିଲା ।

***(ଅନୁଚ୍ଛେଦ 3.3)***

### *ନିଷ୍ଫଳ ଅର୍ଥବ୍ୟୟ*

ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ ପ୍ରସ୍ତୁତି ସମୟରେ ନିର୍ବାହୀ ଯନ୍ତ୍ରୀ ଉପଯୁକ୍ତ ସର୍ବେକ୍ଷଣ ଦ୍ୱାରା ଜମିର ଉପଲବ୍ଧତା ସୁନିଶ୍ଚିତ କରିନଥିଲେ ଏବଂ ଡ଼ି.ପି.ଆର. ପ୍ରସ୍ତୁତି ସମୟରେ ଅଧିଗ୍ରହଣ ହେବାକୁ ଥିବା ଘରୋଇ ଜମିର ପରିମାଣ ଆକଳନ କରିବାରେ ବିଫଳ ହୋଇଥିଲେ । ଯେହେତୁ ଘରୋଇ ଜମି ମାଲିକ ମାନେ ନିଜ ଜମିରେ ଆଡିବନ୍ଧ ନିର୍ମାଣକୁ ବିରୋଧ କଲେ ତେଣୁ କାର୍ଯ୍ୟଟିକୁ ଅଧାରୁ ବନ୍ଦ କରିବାକୁ ପଡ଼ିଥିଲା ଏବଂ 9.87 କୋଟି ଟଙ୍କାର ଅର୍ଥ ବ୍ୟୟ ସତ୍ତ୍ୱେ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ସୁନିଶ୍ଚିତ କରାଯାଇ ପାରିଲା ନାହିଁ । ଏହିପରି, ଉକ୍ତ ଅର୍ଥବ୍ୟୟ ନିଷ୍ଫଳ ହେଲା ।

***(ଅନୁଚ୍ଛେଦ 3.4)***

### *ଅଟକଳର ମୂଲ୍ୟବୃଦ୍ଧି ହେତୁ ଠିକାଦାର ମାନଙ୍କୁ ଅନୁଚିତ୍ ଲାଭ ପ୍ରଦାନ*

ଆର୍ମୋରୀ ଶିଳା ବୋଲ୍ଡ଼ରର ଉତ୍ତୋଳନ ପାଇଁ ପ୍ରକୃତ ଆବଶ୍ୟକୀୟ 35 ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍ ପରିବର୍ତ୍ତେ 80 ଟନ୍ ର ଉଚ୍ଚ କ୍ଷମତା ବିଶିଷ୍ଟ କ୍ରେନ୍ ବ୍ୟବହାରର ବ୍ୟବସ୍ଥା କରାଯିବାରୁ 10ଟି କାର୍ଯ୍ୟର ଅଟକଳର ମୂଲ୍ୟବୃଦ୍ଧି ହେବା ସହିତ ଠିକାଦାର ମାନଙ୍କୁ 7.72 କୋଟି ଟଙ୍କାର ଅନୁଚିତ୍ ଲାଭ ମିଳିଲା ।

***(ଅନୁଚ୍ଛେଦ 3.5)***

### *ପକ୍କା ରାସ୍ତାର ଅତ୍ୟଧିକ ମୋଟେଇ କରାଯିବା ହେତୁ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ*

ଭାରତୀୟ ସଡ଼କ କଂଗ୍ରେସ୍‌ରେ ବିହିତ ବିନିର୍ଦ୍ଦେଶ ଠାରୁ ଅଧିକ ଯାନ ନଷ୍ଟ ହେବା କାରକ ଅବଲମ୍ବନ କରାଯିବାରୁ ଅଯୁକ୍ତିଯୁକ୍ତ ଅତ୍ୟଧିକ ପେଭମେଣ୍ଟ ସ୍ତର ଯଥା- ଗ୍ରାନୁଲାର ସବ୍ ବେସ୍, ଓ୍ୱେଟ୍ ମିକ୍ସ ମାକାଡ଼ାମ୍, ବିଟୁମିନସ୍ ମାକାଡ଼ାମ୍

ଏବଂ ମଧ୍ୟମ ଘନ ବିଟୁମିନସ୍ କଂକ୍ରିଟ୍ ଇତ୍ୟାଦି ରାସ୍ତା ପୃଷ୍ଠ ଭାଗରେ ବ୍ୟବହୃତ ହୋଇଥିଲା । ଯାହା ଫଳରେ ପକ୍କା ରାସ୍ତାର ଅତ୍ୟଧିକ ମୋଟେଇ ଦିଆଯିବା ଦ୍ୱାରା 8.11 କୋଟି ଟଙ୍କାର ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହେଲା ।

***(ଅନୁଚ୍ଛେଦ 3.6)***

## *ବ୍ୟର୍ଥ ଅର୍ଥବ୍ୟୟ*

ଟୋଲ୍ ପ୍ଲାଜାର ନିର୍ମାଣ ପାଇଁ ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ (ସହରାଞ୍ଚଳ) ଠାରୁ ମାତ୍ର 2.5 କି.ମି. ଦୂରରେ ସ୍ଥାନର ଚୟନ ଜାତୀୟ ରାଜପଥ ମାର୍ଗଦର୍ଶିକା (ଦର ନିର୍ଦ୍ଧାରଣ ଏବଂ ଆଦାୟ) ନିୟମାବଳୀ 2008 ର ଉଲ୍ଲଂଘନ କରୁଥିଲା । ଯେହେତୁ ଟୋଲ୍ ପ୍ଲାଜାଟି ସହରାଞ୍ଚଳର ନିକଟରେ ଅବସ୍ଥିତ ଥିଲା, ଅଦ୍ୟାବଧି (ମାର୍ଚ୍ଚ 2020) ମୋର୍ଥଙ୍କ ଦ୍ୱାରା କୌଣସି ଦେୟ ଆଦାୟ କରାଯାଇ ପାରିନଥିଲା ଯଦ୍ୱାରା ଟୋଲପ୍ଲାଜା ପାଇଁ କରାଯାଇଥିବା 2.98 କୋଟି ଟଙ୍କାର ସମୁଦାୟ ଅର୍ଥ ବ୍ୟୟ ବ୍ୟର୍ଥ ସାବ୍ୟସ୍ତ ହେଲା । ଏହା ବ୍ୟତୀତ, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆକଳନ ଅନୁଯାୟୀ ବାର୍ଷିକ ଆଦାୟ କ୍ଷମତା ବାବଦରେ ପ୍ରତି ବର୍ଷ 99.10 ଲକ୍ଷ ଟଙ୍କା ହାରରେ ସେପ୍ଟେମ୍ବର 2018 ଠାରୁ ଜୁଲାଇ 2021 ପର୍ଯ୍ୟନ୍ତ 2.89 କୋଟି ଟଙ୍କାର ଆର୍ଥିକ କ୍ଷତି ହେଲା ।

***(ଅନୁଚ୍ଛେଦ 3.7)***

## *ସବ୍-ବେସ୍ ରେ ଧାତୁମଳ ପରିବର୍ତ୍ତେ ଜି.ଏସ୍.ବି. ସାମଗ୍ରୀର ଉପଯୋଗ ହେତୁ ଅତିରିକ୍ତ ଅର୍ଥ ବ୍ୟୟ*

ଆଇ.ଆର.ସି.:37-2012 ଦର୍ଶାଏ ଯେ ଧାତୁମଳକୁ ସବ୍-ବେସ୍ ସାମଗ୍ରୀ ରେ ଅନ୍ତର୍ଭୁକ୍ତ କରାଯାଇପାରେ ଯାହା ପ୍ରସ୍ତର ସାମଗ୍ରୀ ଠାରୁ ଶସ୍ତା ଅଟେ । ରାଉରକେଲା ଇସ୍ପାତ କାରଖାନାଠାରେ ଧାତୁମଳ ବିନା ମୂଲ୍ୟରେ ଉପଲବ୍ଧ ହେଉ ଥିଲା ଏବଂ ନିର୍ବାହୀ ଯନ୍ତ୍ରୀ, ରାଉରକେଲା (ରାସ୍ତା ଏବଂ କୋଠାବାଡ଼ି) ବିଭାଜନ, ଅଟକଳରେ ଉକ୍ତ ଧାତୁମଳକୁ ଅନ୍ତର୍ଭୁକ୍ତ କରି ସମାନ ଧରଣର କାର୍ଯ୍ୟରେ ଏହାର ଉପଯୋଗ କରିଥିଲେ । ନିର୍ବାହୀ ଯନ୍ତ୍ରୀ, ଓ.ପି.ଡ଼ବ୍ଲୁ.ଡ଼ି. ସଂହିତା ଓ ଆଇ.ଆର.ସି.-37 ର ବିଚ୍ୟୁତି କରି ସବ୍ ବେସ୍ ପାଇଁ ମିତବ୍ୟୟୀତା ମୂଲ୍ୟରେ ଉପଲବ୍ଧ ଧାତୁମଳକୁ ବିଚାରକୁ ନ ନେଇ ଅଟକଳରେ ପ୍ରସ୍ତର ଜାତ ଦ୍ରବ୍ୟ କୁ ଅନ୍ତର୍ଭୁକ୍ତ କରିଥିଲେ । ଏହା ଯୋଗୁ 2.12 କୋଟି ଟଙ୍କାର ଅତିରିକ୍ତ ଅର୍ଥ ବ୍ୟୟ ହେଲା ।

***(ଅନୁଚ୍ଛେଦ 3.8)***

## *ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରଣାଳୀରେ ବିଫଳତା ଯୋଗୁ ଅଗ୍ରୀମ ଅସୁଲି ବିଫଳ ହେଲା*

ଉପକରଣର ମୋବିଲାଇଜେସନ୍ ନିମନ୍ତେ ନିର୍ବାହୀ ଯନ୍ତ୍ରୀ ଜୁନ୍ 2014 ଏବଂ ଜୁନ୍ 2015 ମଧ୍ୟରେ ଚାରିଗୋଟି କିସ୍ତିରେ ଠିକାଦାରଙ୍କୁ 8.22 କୋଟି ଟଙ୍କା ପ୍ରଦାନ କରିଥିଲେ । ଜାନୁଆରୀ 2021ସୁଦ୍ଧା ମୂଳଧନ ଏବଂ ସୁଧ ସହିତ 11.21 କୋଟି ଟଙ୍କା ଠିକାଦାରଙ୍କ ଠାରୁ ଅସୁଲି ହେବା ବାକି ଥିଲା । ଯଦିଓ ନିର୍ବାହୀ ଯନ୍ତ୍ରୀ ମୋଟ ପ୍ରଦତ୍ତ ଅଗ୍ରୀମ ଏବଂ ସେଥିରେ ଏକତ୍ରିତ ସୁଧର ପରିମାଣ ମଧ୍ୟରୁ 9.05 କୋଟି ଟଙ୍କାର ପ୍ରଭାବୀ ଅସୁଲି କରିଥିଲେ, ବକେୟା ଅଗ୍ରୀମ ସହିତ ଅସୁଲିରେ ବିଳମ୍ବ ହେତୁ ଏହାର ସୁଧ ବାବଦରେ ମୋଟ 2.16 କୋଟି ଟଙ୍କା ସଂପୃକ୍ତ ଚଳନ୍ତି ହିସାବ ଲେଖା (ଆର.ଏ.) ବିଲ୍ ଗୁଡ଼ିକରୁ ଅସୁଲି କରାଯାଇ ପାରି ନ ଥିଲା ।

***(ଅନୁଚ୍ଛେଦ 3.9)***

# ଭାଗ-ଖ

## IV. ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକର ଆର୍ଥିକ କାର୍ଯ୍ୟଦକ୍ଷତାର ସାରାଂଶ

### *ଆଦେଶ*

ସରକାରୀ କମ୍ପାନୀଗୁଡ଼ିକ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକର ସମୀକ୍ଷା ସିଏଜିଙ୍କ ଅଧିନସ୍ଥ ବ୍ୟବସ୍ଥା ଅନୁଯାୟୀ କମ୍ପାନୀ ଅଧିନିୟମ 2013 ର ଧାରା 143(5) ରୁ 143(7), ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବାସର୍ତ୍ତ) ଅଧିନିୟମ, 1971 ସହ ଜଡିତ ଧାରା 19 ଏବଂ ସେଥିରେ ପ୍ରସ୍ତୁତ ନିୟମାବଳୀ ଦ୍ୱାରା ପରିଚାଳିତ

ହୁଏ। ସରକାରୀ କମ୍ପାନୀଗୁଡିକର ଆର୍ଥିକ ବିବରଣୀଗୁଡିକ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ଦ୍ୱାରା ନିଯୁକ୍ତ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା କରାଯାଇଥାଏ। ଏହି ଆର୍ଥିକ ବିବରଣୀଗୁଡିକ ମଧ୍ୟ ସିଏଜିଙ୍କ ଦ୍ୱାରା ଅନୁପୂରକ ସମୀକ୍ଷା ସାପେକ୍ଷ ଅଟେ।

***(ଅନୁଚ୍ଛେଦ 4.1.1 )***

### *ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା*

31 ମାର୍ଚ୍ଚ 2020 ସୁଦ୍ଧା, 63 ଟି ସରକାରୀ କମ୍ପାନୀ, ତିନୋଟି ବୈଧାନିକ ନିଗମ ଏବଂ 16 ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀକୁ ନେଇ ସିଏଜିଙ୍କ ସମୀକ୍ଷା ଅଧିନରେ 82 ଟି ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ (ଏସ୍‌ପିଏସ୍‌ଇ) ଥିଲା। ଏଥିମଧ୍ୟରୁ, 46 ଟି ଏସ୍‌ପିଏସ୍‌ଇର ଆର୍ଥିକ କାର୍ଯ୍ୟଦକ୍ଷତାର ସାରାଂଶ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଛି।

***(ଅନୁଚ୍ଛେଦ 4.1.3)***

### *ରାଜ୍ୟ ଅର୍ଥନୀତିରେ ଅବଦାନ*

2019-20 ରେ 46 ଟି ଏସ୍‌ପିଏସ୍‌ଇ 24,850.36 କୋଟି ଟଙ୍କାର କାରବାର କରିଥିଲେ। ଓଡିଶାର ମୋଟ୍ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍ ଡିପି)ର କାରବାର 4.66 ପ୍ରତିଶତ ଥିଲା।

***(ଅନୁଚ୍ଛେଦ 4.1.4)***

### *ସରକାରୀ କମ୍ପାନୀ, ନିଗମ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବିନିଯୋଗ*

31 ମାର୍ଚ୍ଚ 2020 ସୁଦ୍ଧା, 33 ଟି ଏସ୍‌ପିଏସ୍‌ଇରେ ବିନିଯୋଗ (ଇକ୍ୱିଟି ଏବଂ ଦୀର୍ଘକାଳୀନ ଋଣ) 18,702.36 କୋଟି ଟଙ୍କା ଥିଲା। 2019-20 ମଧ୍ୟରେ ଏହି 33 ଟି ଏସ୍‌ପିଏସ୍‌ଇ ଗୁଡିକରେ ମୋଟ୍ ଇକ୍ୱିଟି ହୋଲ୍ଡିଂ 72.03 କୋଟି ଟଙ୍କାର ନିଟ୍ ବୃଦ୍ଧି ପଞ୍ଜିକୃତ ହୋଇଛି କାରଣ ରାଜ୍ୟ ସରକାରଙ୍କ ଦେୟକୁ ଏକ ଏସ୍‌ପିଏସ୍‌ଇରେ 72.03 କୋଟି ଟଙ୍କା ଇକ୍ୱିଟି ସେୟାର ପୁଞ୍ଜିରେ ରୂପାନ୍ତର କରାଯାଇଛି। 31 ମାର୍ଚ୍ଚ 2020 ସୁଦ୍ଧା 33 ଟି ସରକାରୀ କମ୍ପାନୀ ଏବଂ ନିଗମ ମଧ୍ୟରୁ 10 ଟି ଏସ୍‌ପିଏସ୍‌ଇରେ ବକେୟା ଥିବା ମୋଟ୍ ଦୀର୍ଘକାଳୀନ ଋଣ 13,182.57 କୋଟି ଟଙ୍କା ଥିଲା। 31 ମାର୍ଚ୍ଚ 2020 ସୁଦ୍ଧା, ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ଇକ୍ୱିଟି 887.09 କୋଟି ଟଙ୍କା ଥିଲା।

***(ଅନୁଚ୍ଛେଦ 4.2, 4.2.1, 4.2.2.1 ଏବଂ 4.2.3)***

### *ସରକାରୀ କମ୍ପାନୀ ଏବଂ ନିଗମ ଗୁଡିକରୁ ରିଟର୍ଣ୍ଣ*

24 ଟି ସରକାରୀ କମ୍ପାନୀ ଏବଂ ନିଗମମାନଙ୍କର ଅର୍ଜିତ ଲାଭ 2019-20 ରେ 1,686.08 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ଯାହାକି 2018-19ରେ 22 ଟି ସରକାରୀ କମ୍ପାନୀ ଏବଂ ନିଗମମାନଙ୍କର 1,174.30 କୋଟି ଟଙ୍କା ଥିଲା। ସାତଟି ସରକାରୀ କମ୍ପାନୀ ଏବଂ ନିଗମମାନଙ୍କର କ୍ଷତି 2019-20ରେ 304.52 କୋଟି ଟଙ୍କା ଥିଲା ଏବଂ ଦୁଇଟିରେ ଶୂନ ଲାଭ ଥିଲା। ଏହି 33ଟି ଏସ୍‌ପିଏସ୍‌ଇର ଆର୍‌ଓଇ 2019-20ରେ ଶତକଡା 14.36 ପ୍ରତିଶତ ଥିଲା। 2019-20ରେ 13ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀମାନଙ୍କ ମଧ୍ୟରୁ ଆଠଟି କମ୍ପାନୀ 4.65 କୋଟି ଟଙ୍କା ଲାଭ ହାସଲ କରିଥିଲେ ଏବଂ ତିନୋଟି କମ୍ପାନୀ 24.42 କୋଟି ଟଙ୍କା କ୍ଷତି ସହିଥିଲେ।

31 ମାର୍ଚ୍ଚ 2020 ସୁଦ୍ଧା, 33ଟି ସରକାରୀ କମ୍ପାନୀ ଏବଂ ନିଗମମାନଙ୍କ ମଧ୍ୟରୁ 11ଟି ଏକତ୍ରୀକୃତ ଭାବେ 5,778.34 କୋଟି ଟଙ୍କା କ୍ଷତି ସହିଥିଲେ। 11ଟି ଏସ୍‌ପିଏସ୍‌ଇ ମଧ୍ୟରୁ ସାତଟିର ନିଟ୍ ମୂଲ୍ୟ ଏକତ୍ରୀକୃତ କ୍ଷତି ଦ୍ୱାରା ସମ୍ପୂର୍ଣ୍ଣ ଭାବରେ କ୍ଷୟ ହୋଇଯାଇଥିଲା ଏବଂ ସେମାନଙ୍କର ନିଟ୍ ମୂଲ୍ୟ ଋଣାତ୍ମକ ଥିଲା। 31 ମାର୍ଚ୍ଚ 2020 ସୁଦ୍ଧା ଏହି ସାତଟି ଏସ୍‌ପିଏସ୍‌ଇର ନିଟ୍ ମୂଲ୍ୟ (-) 4,301.47 କୋଟି ଟଙ୍କା ଥିଲା ଯାହାର ସାଧାରଣ ବିନିଯୋଗ 1,216.11 କୋଟି ଟଙ୍କା ଥିଲା।

***(ଅନୁଚ୍ଛେଦ 4.3.1, 4.3.2 ଏବଂ 4.3.3)***

## V. ସିଏଜିଙ୍କ ତଦାରଖ ଭୂମିକା

***ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକର ସମୀକ୍ଷା***

କମ୍ପାନୀ ଅଧିନିୟମ, 2013 ର ଧାରା 139(5) ଏବଂ (7) ଅନୁଯାୟୀ ଭାରତର ନିୟନ୍ତ୍ରକ ଏବଂ ମହାସମୀକ୍ଷକ ଏକ ସରକାରୀ କମ୍ପାନୀ ଏବଂ ସରକାରୀ ନିୟନ୍ତ୍ରିତ କମ୍ପାନୀର ବୈଧାନିକ ସମୀକ୍ଷକଙ୍କୁ ନିଯୁକ୍ତି କରନ୍ତି। ସମୀକ୍ଷା କରିବା ଏବଂ ବୈଧାନିକ ସମୀକ୍ଷକଙ୍କ ରିପୋର୍ଟ ଉପରେ ମନ୍ତବ୍ୟ ଜାରି କରିବାର ଅଧିକାର ସିଏଜିଙ୍କର ଅଛି। କେତେକ ନିଗମକୁ ପରିଚାଳନା କରୁଥିବା ବିଧାନ ଅନୁସାରେ ସେମାନଙ୍କର ବିବରଣୀକୁ ସିଏଜି ସମୀକ୍ଷା କରି ରିପୋର୍ଟ ରାଜ୍ୟ ବିଧାନସଭାରେ ଦାଖଲ କରାଯାଏ।

ବୈଧାନିକ ସମୀକ୍ଷକମାନଙ୍କୁ ଦିଆଯାଇଥିବା କାର୍ଯ୍ୟଗୁଡ଼ିକୁ ସଠିକ ଏବଂ ପ୍ରଭାବଶାଳୀ ଭାବରେ ନିର୍ବାହ କରୁଛନ୍ତି ବୋଲି ସିଏଜି ସରକାରୀ ଉଦ୍ୟୋଗମାନଙ୍କ ବୈଧାନିକ ସମୀକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ଏକ ତଦାରଖ ଭୂମିକା ଗ୍ରହଣ କରେ। କ୍ଷମତା ବ୍ୟବହାର କରି କରାଯାଉଥିବା କାର୍ଯ୍ୟ ଗୁଡ଼ିକ:

- କମ୍ପାନୀ ଅଧିନିୟମ, 2013 ର ଧାରା 143(5) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବା ଏବଂ

- କମ୍ପାନୀ ଅଧିନିୟମ, 2013 ର ଧାରା 143(6) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କ ରିପୋର୍ଟ ଉପରେ ଅନୁପୂରକ ବା ମନ୍ତବ୍ୟ ଜାରି କରିବା।

***(ଅନୁଚ୍ଛେଦ 5.1 ଏବଂ 5.4.2)***

***ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଏସ୍‌ପିଏସ୍‌ଇ ଗୁଡ଼ିକର ହିସାବଗୁଡ଼ିକର ପ୍ରସ୍ତୁତିରେ ସମୟାନୁବର୍ତ୍ତୀତା***

66 ଟି ସରକାରୀ ଉଦ୍ୟୋଗ ଏବଂ 16ଟି ସରକାରୀ ନିୟନ୍ତ୍ରିତ ଅନ୍ୟ ଏସ୍ ପିଏସ୍‌ଇ ମାନଙ୍କର ହିସାବ 2019-20 ବର୍ଷ ପାଇଁ ଦାଖଲ କରିବାର ଥିଲା। ସମୁଦାୟ ସାତଟି ସରକାରୀ ଉଦ୍ୟୋଗ ଏବଂ ଚାରୋଟି ସରକାରୀ ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇଗୁଡ଼ିକ 30 ସେପ୍ଟେମ୍ବର 2020 କିମ୍ବା ତା ପୂର୍ବରୁ ସିଏଜିଙ୍କ ଦ୍ୱାରା ସମୀକ୍ଷା ପାଇଁ ତାଙ୍କର ହିସାବ ଦାଖଲ କରିଥିଲେ। 59ଟି ସରକାରୀ ଉଦ୍ୟୋଗ ଏବଂ 12ଟି ସରକାରୀ ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇମାନଙ୍କର ହିସାବ ବକେୟା ଥିଲା।

30 ସେପ୍ଟେମ୍ବର 2020 ପର୍ଯ୍ୟନ୍ତ ଏକ ବୈଧାନିକ ନିଗମ ଯଥା ଓଡିଶା ରାଜ୍ୟ ଗୋଦାମ ନିଗମ 2018-19 ଏବଂ 2019-20 ପାଇଁ ଏବଂ ଅନ୍ୟ ଏକ ବୈଧାନିକ ନିଗମ ଯଥା ଓଡିଶା ରାଜ୍ୟ ଆର୍ଥିକ ନିଗମର 2019-20 ପାଇଁ ହିସାବ ଉପେକ୍ଷିତ ଥିଲା।

***(ଅନୁଚ୍ଛେଦ 5.3.2)***

## VI. ଅନୁପାଳନ ସମୀକ୍ଷା ମନ୍ତବ୍ୟ

ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ ଅନୁପାଳନ ସମୀକ୍ଷା ମନ୍ତବ୍ୟ ଗୁଡ଼ିକ ଆର୍ଥିକ ପ୍ରଭାବ ସହିତ ଏସ୍‌ପିଏସ୍‌ଇ ଗୁଡ଼ିକର ପରିଚାଳନା ଅଭାବକୁ ଦର୍ଶାଏ। ସୂଚିତ ହୋଇଥିବା ଅନିୟମିତତା ନିମ୍ନରେ ପ୍ରଦାନ କରାଗଲା:

- ଓଡିଶା ଖଣି ନିଗମ ଲିମିଟେଡ୍ ବକ୍ସାଇଟ୍ ଉତ୍ପାଦନର ଆକଳନ କମ୍ ହାରରେ କଲା ଯାହାପାଇଁ କମ୍ପାନୀ 61.07 କୋଟି ଟଙ୍କା ରାଜସ୍ୱ ହରାଇଲା।

***(ଅନୁଚ୍ଛେଦ 6.1)***

- ଓଡିଶା ଖଣି ନିଗମ ଲିମିଟେଡ୍ ନିରାପତ୍ତା ସଂଗଠନର ନିଯୁକ୍ତି ପାଇଁ ଗ୍ରାଚ୍ୟୁଇଟି ଅଧିନିୟମ ଉଲ୍ଲଙ୍ଘନ କରି ଗ୍ରାଚ୍ୟୁଇଟି ଏବଂ ଛୁଟି ଦରମା ବାବଦରେ ଅତିରିକ୍ତ 5.31 କୋଟି ଟଙ୍କା ପ୍ରଦାନ କରିଥିଲା।

***(ଅନୁଚ୍ଛେଦ 6.2)***

- ଓଡିଶା ନିର୍ମାଣ ନିଗମ ଲିମିଟେଡ୍ ଅଗ୍ରୀମ ଆୟକର ଦେୟ ପାଇଁ ବାର୍ଷିକ ଆୟ କମ୍ ଆକଳନ କରିଥିଲା ଯାହାଫଳରେ 3.57 କୋଟି ଟଙ୍କା ଦଣ୍ଡ ସୁଧର ନିଷ୍ଫଳ ବ୍ୟୟ ହୋଇଥିଲା।

***(ଅନୁଚ୍ଛେଦ 6.3)***

- ଓଡିଶା ନିର୍ମାଣ ନିଗମ ଲିମିଟେଡ୍ ଦ୍ୱାରା ସିମେଣ୍ଟର କାଳ୍ପନିକ ଯୋଗାଣ ବାବଦରେ 2.45 କୋଟି ଟଙ୍କା ପରିଶୋଧ କରି ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ।

***(ଅନୁଚ୍ଛେଦ 6.4)***

# ଭାଗ-କ

# ଆର୍ଥିକ କ୍ଷେତ୍ର
# ଅଧୀନରେ ଥିବା ବିଭାଗ
# ଏବଂ ସଂସ୍ଥା

# ଅଧ୍ୟାୟ-I

# ଉପକ୍ରମ

# ଅଧ୍ୟାୟ I
# ଉପକ୍ରମ

## 1.1 ଏହି ପ୍ରତିବେଦନ ସମ୍ବନ୍ଧରେ

ଓଡିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ଉପରେ ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ଙ୍କ ଏହି ପ୍ରତିବେଦନ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମର ମୂଲ୍ୟାନ୍ୟନ ଏବଂ ସରକାରୀ ବିଭାଗ ଗୁଡ଼ିକର ଅନୁପାଳନ ସମୀକ୍ଷା ର ଫଳାଫଳ କୁ ନେଇ ପ୍ରସ୍ତୁତ କରାଯାଇଅଛି ।

ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ପରିଣାମ ରାଜ୍ୟ ବିଧାନ ସଭାର ଦୃଷ୍ଟିକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । ସମୀକ୍ଷା ସିଦ୍ଧାନ୍ତ, କାର୍ଯ୍ୟ ସାଧକମାନଙ୍କୁ ସମୟୋଚିତ ସଂଶୋଧନାତ୍ମକ ପଦକ୍ଷେପ ନେବାକୁ ସମର୍ଥ କରାଇବାର ଆଶା କରାଯାଏ । ଏହା ନୀତି ଓ ମାର୍ଗଦର୍ଶିକା ପ୍ରଣୟନ କରିବାରେ ସହାୟକ ହେବ, ଯାହାକି ସଂସ୍ଥାମାନଙ୍କର ଉନ୍ନତ ପରିଚାଳନା ତଥା ଉତ୍ତମ ରାଜ୍ୟ ଶାସନ କରିବାରେ ସହାୟକ ହେବ ।

ଅନୁପାଳନ ସମୀକ୍ଷା ହେଉଛି ଉପଯୁକ୍ତ ନିୟମ, କାନୁନ, ବିନିୟମ ଏବଂ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଜାରୀ କରାଯାଇଥିବା ଅନୁଦେଶ ଗୁଡିକର ଅନୁପାଳନ ହେଉଛି ନା ନାହିଁ ସୁନିଶ୍ଚିତ କରିବା ପାଇଁ ସଂସ୍ଥାଗୁଡିକର ବ୍ୟୟ, ପ୍ରାପ୍ତି, ସମ୍ପତ୍ତି ଓ ଦାୟ ସମ୍ପର୍କିତ ନେଣଦେଣର ପରୀକ୍ଷା ।

କାର୍ଯ୍ୟ ସଂପାଦନ ସମୀକ୍ଷା ଏହା ପରୀକ୍ଷା କରିଥାଏ ଯେ କୌଣସି ଅନୁଷ୍ଠାନ, କାର୍ଯ୍ୟକ୍ରମ କିମ୍ବା ଯୋଜନା କେତେ ପରିମାଣରେ ମିତବ୍ୟୟୀ, ପ୍ରଭାବଶାଳୀ ଏବଂ କୁଶଳତା ସହିତ ସମ୍ପନ୍ନ କରାଯାଇଛି ।

ଏହି ଅଧ୍ୟାୟରେ ସମୀକ୍ଷା ହୋଇଥିବା ସଂସ୍ଥା ମାନଙ୍କର ପାର୍ଶ୍ୱଚିତ୍ର, ସମୀକ୍ଷାର ଯୋଜନା ଏବଂ ପରିସର ଏବଂ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ଅବଲୋକନ ଗୁଡ଼ିକର ସାରାଂଶ ବିଷୟରେ ସଂକ୍ଷେପରେ ଉଲ୍ଲେଖ କରାଯାଇଛି । ଦ୍ୱିତୀୟ ଅଧ୍ୟାୟରେ ସମ୍ପାଦନ ସମୀକ୍ଷାର ଫଳାଫଳ ଏବଂ ତୃତୀୟ ଅଧ୍ୟାୟରେ ବିଭିନ୍ନ ବିଭାଗ ଗୁଡ଼ିକର ଅନୁପାଳନ ସମୀକ୍ଷା ବିଷୟରେ ବର୍ଣ୍ଣନା କରାଯାଇଛି ।

## 1.2 ସମୀକ୍ଷା ହୋଇଥିବା ସଂସ୍ଥାମାନଙ୍କର ପାର୍ଶ୍ୱଚିତ୍ର

ରାଜ୍ୟରେ ସଚିବାଳୟ ସ୍ତରରେ 39 ଟି ବିଭାଗ ରହିଛି ଯେଉଁଗୁଡିକ ଅତିରିକ୍ତ ମୁଖ୍ୟ ଶାସନ ସଚିବ/ ପ୍ରମୁଖ ଶାସନ ସଚିବ /କମିଶନର ତଥା ସଚିବଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି । ନିର୍ଦ୍ଦେଶକ ଓ ଅଧସ୍ତନ ଅଧିକାରୀମାନେ ସେମାନଙ୍କୁ ସହାୟତା କରିଥାନ୍ତି । ଏହି 39 ଟି ବିଭାଗ ମଧ୍ୟରୁ 12 ଟି ବିଭାଗ ଆର୍ଥିକ କ୍ଷେତ୍ରର ସମୀକ୍ଷାରେ ଅନ୍ତର୍ଭୁକ୍ତ । ଏହି ପ୍ରତିବେଦନରେ ତିନି ଗୋଟି ବିଭାଗର ସମୀକ୍ଷା ଫଳାଫଳ ପ୍ରଦାନ କରାଯାଇଛି ।

## 1.3 ଆର୍ଥିକ କ୍ଷେତ୍ରର ପାର୍ଶ୍ୱଚିତ୍ର

ଓଡ଼ିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ପରିସରଭୁକ୍ତ ବିଭାଗ ଗୁଡ଼ିକର 2019-20 ବର୍ଷ ପାଇଁ ଅର୍ଥ ବ୍ୟୟ 25,693.84 କୋଟି ଟଙ୍କା ଥିଲା ଏବଂ ଏହା ସେହି ବର୍ଷର ମୋଟ ଅର୍ଥ ବ୍ୟୟ 1,14,491.00 କୋଟି ଟଙ୍କାର 22.44 ପ୍ରତିଶତ ଥିଲା । ଗତ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ଅନ୍ତର୍ଗତ ବିଭାଗ ଗୁଡ଼ିକ ଦ୍ୱାରା କରାଯାଇଥିବା ଅର୍ଥ ବ୍ୟୟର ବିବରଣୀ ନିମ୍ନରେ ଦିଆଯାଇଛି -

**ସାରଣୀ ସଂଖ୍ୟା 1: ବିଭାଗ ଗୁଡ଼ିକର ବ୍ୟୟର ବିବରଣୀ**

**(ଟଙ୍କା କୋଟିରେ)**

| କ୍ରମିକ ସଂଖ୍ୟା | ବିଭାଗର ନାମ | 2015-16 | 2016-17 | 2017-18 | 2018-19 | 2019-20 | ମୋଟ |
|---|---|---|---|---|---|---|---|
| 1 | ଜଳ ସମ୍ପଦ | 6,043.53 | 7,726.87 | 8,814.73 | 7,448.05 | 6,112.26 | 336,145.44 |
| 2 | ପୂର୍ତ୍ତ | 5,305.33 | 4,517.08 | 4,564.14 | 4,352.76 | 5,620.88 | 24,360.19 |
| 3 | କୃଷି ଓ କୃଷକ ସଶକ୍ତିକରଣ | 3,139.48 | 2,977.66 | 3,129.27 | 4,228.96 | 6,938.17 | 20,413.54 |
| 4 | ସମବାୟ | 8,54.61 | 1,646.25 | 878.36 | 1,433.67 | 1,565.84 | 6,378.73 |
| 5 | ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ | 579.31 | 585.12 | 615.48 | 779.52 | 822.96 | 3,382.39 |
| 6 | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା | 710.30 | 548.98 | 617.32 | 590.91 | 702.94 | 3,170.45 |
| 7 | ଶକ୍ତି | 1,544.89 | 2,288.10 | 2,306.43 | 2,146.36 | 2,431.76 | 10,717.54 |
| 8 | ମତ୍ସ୍ୟ ଓ ପଶୁ ସମ୍ପଳ ବିକାଶ | 546.27 | 549.99 | 591.47 | 737.65 | 744.61 | 3,169.99 |
| 9 | ଶିଳ୍ପ | 104.72 | 97.14 | 257.36 | 295.39 | 250.04 | 1,004.65 |
| 10 | ପର୍ଯ୍ୟଟନ | 212.36 | 209.06 | 273.00 | 191.79 | 205.26 | 1,091.47 |
| 11 | ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତ ଶିଳ୍ପ | 132.18 | 139.72 | 137.10 | 155.82 | 147.70 | 712.52 |
| 12 | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | 85.72 | 102.24 | 149.11 | 157.09 | 151.42 | 645.58 |
| | **ମୋଟ** | **19,258.70** | **21,388.21** | **22,333.77** | **22,517.97** | **25,693.84** | **1,11,192.49** |
| | **ଓଡ଼ିଶା ସରକାରଙ୍କ ସମୁଦାୟ ବ୍ୟୟ** | **72,794.00** | **79,618.43** | **88,325.00** | **1,04,097.94** | **1,14,491.00** | **4,59,326.37** |
| | **ମୋଟ ବ୍ୟୟ ମଧ୍ୟରୁ ଆର୍ଥିକ କ୍ଷେତ୍ର ବ୍ୟୟର ପ୍ରତିଶତ** | **26.46** | **26.86** | **25.29** | **21.63** | **22.44** | **24.21** |

## 1.4 ସମୀକ୍ଷାର ପ୍ରାଧିକାର

ଭାରତୀୟ ସମ୍ବିଧାନର ଧାରା 149 ଏବଂ 151 ଦ୍ୱାରା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ ଅଧିନିୟମ, (ସିଏଜି ଡିପିସି ଅଧିନିୟମ) 1971 ରେ ସିଏଜିଙ୍କୁ ସମୀକ୍ଷା କରିବା ପ୍ରାଧିକାର ଦିଆଯାଇଅଛି । ଉକ୍ତ ଅଧିନିୟମ 1971 ର ପରିଚ୍ଛେଦ[1] 13 ଅନୁଯାୟୀ ସିଏଜି, ଓଡିଶା ସରକାରଙ୍କର ବିଭାଗଗୁଡିକର ବ୍ୟୟର ସମୀକ୍ଷା କରନ୍ତି । ଆହୁରି ମଧ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ଯଥେଷ୍ଟ ପାଣ୍ଠି ଦିଆଯାଇଥିବା ସ୍ୱୟଂ ଶାସିତ ସଂସ୍ଥାଗୁଡିକର ସମୀକ୍ଷା ସିଏଜି କରିଥାନ୍ତି । ସିଏଜିଙ୍କ ଦ୍ୱାରା ଜାରୀ କରାଯାଇଥିବା ଲେଖା ଓ ଲେଖା ପରୀକ୍ଷା ନିୟମାବଳୀ 2020 ରେ ସମୀକ୍ଷା ମାନଦଣ୍ଡ ଏବଂ ବିଭିନ୍ନ ପ୍ରକାରର ସମୀକ୍ଷା ପାଇଁ ନୀତି ଓ ପଦ୍ଧତି ବିହିତ କରାଯାଇଅଛି ।

## 1.5 ଯୋଜନା ଓ ସମୀକ୍ଷା ସଞ୍ଚାଳନ

ବିଭାଗ / ସଙ୍ଗଠନ ଏବଂ ଏହାର ପ୍ରତ୍ୟେକ ଶାଖାର ଶଙ୍କାଭୟର ଆକଳନ କରାଯାଇ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହୋଇଥାଏ । କରାଯାଇଥିବା ଅର୍ଥବ୍ୟୟ, ସଂକଟାପନ୍ନ / ଜଟିଳ କାର୍ଯ୍ୟାବଳୀ ଏବଂ ଆର୍ଥିକ କ୍ଷମତା ଅର୍ପଣର ସ୍ତର ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଆକଳନ ଭିତ୍ତିରେ ନିର୍ଦ୍ଧାରଣ କରାଯାଇଥାଏ । ଏହି ପ୍ରକ୍ରିୟାରେ ଆବଶ୍ୟକ ସ୍ଥଳେ ପୂର୍ବ ସମୀକ୍ଷା ସିଦ୍ଧାନ୍ତମାନଙ୍କୁ ମଧ୍ୟ ବିଚାର କରାଯାଇଥାଏ । ଶଙ୍କାଭୟ ନିର୍ଦ୍ଧାରଣ ଉପରେ ଆଧାର କରି ସମୀକ୍ଷାର ପୌନଃପୁନିକତା ଏବଂ ମାତ୍ରା ନିଶ୍ଚିତ କରାଯାଇଥାଏ । ଏହି ଶଙ୍କାଭୟ ନିର୍ଦ୍ଧାରଣ ଆଧାରରେ ସମୀକ୍ଷା ସଞ୍ଚାଳନ କରିବା ପାଇଁ ବାର୍ଷିକ ସମୀକ୍ଷା ଯୋଜନା ବ୍ୟବସ୍ଥିତ କରାଯାଏ ।

[1] (i) ରାଜ୍ୟ ଏକତ୍ରୀକୃତ ପାଣ୍ଠିରୁ ହୋଇଥିବା ସମସ୍ତ ବ୍ୟୟର ସମୀକ୍ଷା (ii) ରାଜ୍ୟ ଆକସ୍ମିକ ପାଣ୍ଠି ଓ ସରକାରୀ ହିସାବରୁ ହୋଇଥିବା ସମସ୍ତ ବ୍ୟୟର ସମୀକ୍ଷା ଏବଂ (iii) ସମସ୍ତ ନେଣଦେଣ, ଆୟ ଓ ବ୍ୟୟ ହିସାବ, ବାଲାନ୍ସ ସିଟ୍ ଓ ଅନ୍ୟାନ୍ୟ ସହକାରୀ ହିସାବ ।

ପ୍ରତ୍ୟେକ ୟୁନିଟର ସମୀକ୍ଷା ଶେଷ ହେବା ପରେ ସେହି ସଂସ୍ଥାମାନଙ୍କର ମୁଖ୍ୟଙ୍କୁ ସମୀକ୍ଷା ସିଦ୍ଧାନ୍ତକୁ ନେଇ ହୋଇଥିବା ନିରୀକ୍ଷଣ ପ୍ରତିବେଦନ ଜାରି କରାଯାଇଥାଏ । ନିରୀକ୍ଷଣ ପ୍ରତିବେଦନ ପାଇବାର ଏକ ମାସ ମଧ୍ୟରେ ସମୀକ୍ଷା ସିଦ୍ଧାନ୍ତର ଉତ୍ତର ଦେବା ପାଇଁ ସଂସ୍ଥାମାନଙ୍କୁ ଅନୁରୋଧ କରାଯାଇଥାଏ । ଉତ୍ତର ମିଳିବା ପରେ ସମୀକ୍ଷା ସିଦ୍ଧାନ୍ତର ମୀମାଂସା ହୋଇଥାଏ ଅଥବା ଅନୁପାଳନ ନିମିତ୍ତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପଦେଶ ଦିଆଯାଇଥାଏ । ନିରୀକ୍ଷଣ/ କାର୍ଯ୍ୟ ସମ୍ପାଦନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ଅବଲୋକନ ଗୁଡ଼ିକୁ ଯାଞ୍ଚ କରିବା ପରେ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଥାଏ ।ଏହା ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରେରଣ କରାଯାଏ ।

## 1.6 ସମୀକ୍ଷା ପ୍ରତି ପ୍ରତିକ୍ରିୟା

ନିରୀକ୍ଷଣ ପ୍ରତିବେଦନ ଗୁଡ଼ିକର ସମୀକ୍ଷାରୁ ଜଣାଯାଏ ଯେ ମାର୍ଚ୍ଚ 2020 ସୁଦ୍ଧା 12 ଟି ବିଭାଗକୁ ଜାରୀ ହୋଇଥିବା 3,473 ଟି ନିରୀକ୍ଷଣ ପ୍ରତିବେଦନର 12,530 ଟି ଅନୁଚ୍ଛେଦ ଜୁନ 2020 ଶେଷ ସୁଦ୍ଧା ବାକିଆ ରହିଥିଲା । ସେଥି ମଧ୍ୟରୁ 1,328 ନିରୀକ୍ଷଣ ପ୍ରତିବେଦନର 3,050 ଟି ଅନୁଚ୍ଛେଦ 10 ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ବାକିଆ ରହିଥିଲା । ଏପରିକି କାର୍ଯ୍ୟାଳୟ ମୁଖ୍ୟମାନଙ୍କ ଠାରୁ ପ୍ରଥମ ଉତ୍ତର ଯାହାକି ଏକ ମାସ ମଧ୍ୟରେ ପ୍ରଦାନ କରାଯିବା କଥା, ଜାରି ହୋଇଥିବା 1,222 ଟି ନିରୀକ୍ଷଣ ପ୍ରତିବେଦନ ସମ୍ବନ୍ଧିତ ଉତ୍ତର ମାର୍ଚ୍ଚ 2020 ସୁଦ୍ଧା ପ୍ରାପ୍ତ ହୋଇନଥିଲା, ଯଦିଓ ଆପେକ୍ସ କମିଟି ବୈଠକ ଏବଂ ବିଭାଗୀୟ ତଦାରଖ କମିଟି ବୈଠକରେ ଏ ବିଷୟରେ ଅବଗତ କରାଯାଇଥିଲା ।

# ଅଧ୍ୟାୟ II
# ସମ୍ପାଦନ ସମୀକ୍ଷା

# ଅଧ୍ୟାୟ II

# ସମ୍ପାଦନ ସମୀକ୍ଷା

## ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ

### 2.1 ଓଡ଼ିଶାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକଳାପର ନିର୍ଦ୍ଧାରଣ ଉପରେ ସମ୍ପାଦନ ସମୀକ୍ଷା

### କାର୍ଯ୍ୟନିର୍ବାହୀ ସାରାଂଶ

*ଜାତୀୟ ଜଙ୍ଗଲ ନୀତି, 1988 କୁ ଓଡ଼ିଶା ରାଜ୍ୟ ଅନୁସରଣ କରେ ଏବଂ ବନୀକରଣ ଏବଂ ଅବକ୍ଷୟ ଜଙ୍ଗଲ ଜମିରେ ପୁନରୁତ୍ପାଦନ ମାଧ୍ୟମରେ ରାଜ୍ୟରେ ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ପରିଚାଳନା, ସଂରକ୍ଷଣ ତଥା ରକ୍ଷା ପାଇଁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ 51,619 ବର୍ଗ କିମି ଜଙ୍ଗଲ ଥିବା ଆକଳନ କରାଯାଇଛି, ଯାହା ଭାରତ ରାଜ୍ୟ ବନ ରିପୋର୍ଟ 2019 ଅନୁଯାୟୀ ରାଜ୍ୟର ଭୌଗୋଳିକ କ୍ଷେତ୍ରର 33.15 ପ୍ରତିଶତ ଅଟେ ।*

*2013-14 ରୁ 2017-18 ଅବଧିକୁ ଅନ୍ତର୍ଭୁକ୍ତ କରି "ବୃକ୍ଷରୋପଣ କାର୍ଯ୍ୟକଳାପର ନିର୍ଦ୍ଧାରଣ" ର ସମ୍ପାଦନ ସମୀକ୍ଷା କରାଯାଇ ଲକ୍ଷ୍ୟ କରାଗଲା ଯେ;*

- *ଧାର୍ଯ୍ୟ ଅବଧି ମଧ୍ୟରେ ବୃକ୍ଷରୋପଣ ଲକ୍ଷ୍ୟ ହାସଲ ଅଯୌକ୍ତିକ ଅଭାବ ସହିତ ସମାପିତ ହେଲା, ଯାହା ଲକ୍ଷ୍ୟଗୁଡ଼ିକୁ ଅବାସ୍ତବ ଭାବେ ଧାର୍ଯ୍ୟ କରାଯାଇଥିବା ସୂଚାଇଲା । ଅବକ୍ଷୟ ଜଙ୍ଗଲ ଜମି ଏବଂ ଖାଲି ଥିବା ରାଜସ୍ୱ ଜମି ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ନଥିବା କାରଣରୁ ବୃକ୍ଷରୋପଣ ପାଇଁ ଯୋଜନା ପ୍ରଣାଳୀ କେବଳ କ୍ଷେତ୍ରୀୟ କର୍ମଚାରୀଙ୍କ ଦ୍ୱାରା ଭାଗ ଭାଗ କରି ପ୍ରଦାନ କରାଯାଇଥିବା ତତ୍‌କ୍ଷଣାତ୍ ତଥ୍ୟ ମଧ୍ୟରେ ସୀମିତ ଥିଲା । ରେଞ୍ଜ, ବିଭାଗ ଏବଂ ବନ ମୁଖ୍ୟାଳୟ ମଧ୍ୟରେ ସମନ୍ୱୟର ଅଭାବ ହେତୁ ଲକ୍ଷ୍ୟର ଦୀର୍ଘକାଳୀନ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇ ପାରିଲା ନାହିଁ । ବିଭିନ୍ନ ବାର୍ଷିକ ବୃକ୍ଷରୋପଣ ଯୋଜନା ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ ଯେପରିକି ଯୋଜନାୱାରୀ ବାର୍ଷିକ ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲ, ଆବଣ୍ଟନ ଏବଂ ବ୍ୟୟ, ଜୀବିତ ଥିବା ବୃକ୍ଷଗୁଡ଼ିକର ପ୍ରତିଶତ ଇତ୍ୟାଦି ସରକାର କିମ୍ବା ପ୍ରମୁଖ ମୁଖ୍ୟ ଜଙ୍ଗଲ ସଂରକ୍ଷକ (ଓ ଏବଂ ଏଚ୍‌ଓଏଫ୍‌ଏଫ୍) ସ୍ତରରେ ଅନୁରକ୍ଷଣ କରାଯାଇ ନଥିଲା ।*

- *ସ୍ଥାନୀୟ ଭୂ-ଜଳବାୟୁ ପରିସ୍ଥିତିକୁ ଅନୁଧ୍ୟାନ କରି ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ ରାଜ୍ୟ, ନିଜସ୍ୱ ରାଜ୍ୟ ଜଙ୍ଗଲ ନୀତି (ଏସ୍‌ଏଫ୍‌ପି) ଗଠନ କରିବା ଆବଶ୍ୟକ ଥିଲା । ଏସ୍‌ଏଫ୍‌ପି ପ୍ରସ୍ତୁତ ନ ହେବା ଯୋଗୁଁ ରାଜ୍ୟରେ ସବୁଜ ବଳୟ ବୃଦ୍ଧିର ପର୍ଯ୍ୟାପ୍ତ ଯୋଜନା ହୋଇପାରିନଥିଲା । ଅନୁମୋଦିତ କାର୍ଯ୍ୟକାରୀ ଯୋଜନା/ କାର୍ଯ୍ୟକାରୀ ପରିକଳ୍ପନା ବିନା ଜଙ୍ଗଲ ବିଭାଜନଗୁଡ଼ିକ କାର୍ଯ୍ୟ କରୁଥିଲା ।*

- *ବୃକ୍ଷରୋପଣ ପତ୍ରିକାର ରକ୍ଷଣାବେକ୍ଷଣ ପ୍ରତି କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ଯତ୍ନବାନ ନଥିଲେ ଯେହେତୁ ବୃକ୍ଷରୋପଣ ସବିଶେଷ ତଥ୍ୟ ଯଥା ବୃକ୍ଷରୋପଣର ପୂର୍ବ ଏବଂ ପରବର୍ତ୍ତୀ ତଥ୍ୟ, ଆବଣ୍ଟାକୁ ସହ ସମ୍ପୂର୍ଣ୍ଣ ବର୍ଷ-ୱାରୀ ବ୍ୟୟ, ରେଞ୍ଜ ଅଧିକାରୀମାନଙ୍କର ତ୍ରୈମାସିକ ଯାଞ୍ଚ, ବୃକ୍ଷରୋପଣର ଦାୟିତ୍ୱରେ ଥିବା (ଫରେଷ୍ଟର/ ଫରେଷ୍ଟ ଗାର୍ଡ) ଏବଂ ରେଞ୍ଜ ଅଧିକାରୀମାନଙ୍କ ଦ୍ୱାରା ଅଧିପ୍ରମାଣ ଅନ୍ତର୍ଭୁକ୍ତ ହୋଇନପାରିବାରୁ ଅଡିଟ୍, ବୃକ୍ଷରୋପଣର କାର୍ଯ୍ୟକାରିତାକୁ ଅଧିପ୍ରମାଣ କରିପାରିଲା ନାହିଁ ।*

- *ଶାଳ ପ୍ରଜାତି ହେଉଛି ଓଡ଼ିଶାର ମୂଳ ସ୍ୱଦେଶୀ ପ୍ରଜାତି କିନ୍ତୁ ଶାଗୁଆନ୍ ପ୍ରମୁଖ ପ୍ରଜାତି ଭାବରେ ରୋପଣ କରାଯାଇଥିଲା, ଯାହା ଦ୍ୱାରା ଉଦ୍ଭିଦ ସମୁହ ଏବଂ ଜୈବ ବିବିଧତା ଉପରେ ପ୍ରଭାବ ପଡ଼ିଥିଲା ।*

- *ଏକ ବିଭାଜନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ କାର୍ଯ୍ୟକାରୀ ବୃକ୍ଷରୋପଣ ପ୍ରକଳ୍ପର ଯୋଜନା କରିବାରେ ବନ ଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ସ୍ତରରେ କୌଣସି ସମନ୍ୱୟ ନଥିଲା । ଡିଏଫ୍‌ଓ କିମ୍ବା ବିଭାଗରେ, ଏକ ବିଭାଜନରେ ଥିବା ସର୍ବମୋଟ୍ ଜବ୍ କାର୍ଡଧାରୀଙ୍କ ବିଷୟରେ ସୂଚନା ନଥିଲା ଯାହା ବୃକ୍ଷରୋପଣ କାଯ୍ୟକାରିତାକୁ ପ୍ରଭାବିତ କରିଥିଲା ।*

- 485 ବୃକ୍ଷରୋପଣ ମଧ୍ୟରୁ 191 ଟି ସଫଳ ହୋଇ ନଥିବାରୁ ବିଭାଗ ଦ୍ୱାରା 13.17 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା । ବିଫଳତାର କାରଣ ଥିଲା ଘଞ୍ଚ ଜଙ୍ଗଲରେ ବୃକ୍ଷରୋପଣ ସ୍ଥାନଗୁଡ଼ିକର ଅନୁପଯୁକ୍ତ ଚୟନ ଏବଂ ବନ ଖଣ୍ଡ ଅଧିକାରୀଙ୍କ ଦ୍ୱାରା ବୃକ୍ଷରୋପଣ ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିବାରେ ବିଳମ୍ବ ।
- ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଦ୍ୱିତୀୟ ବର୍ଷରୁ ପାଣ୍ଠି ପ୍ରଦାନ ନହେବା କାରଣରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ କାର୍ଯ୍ୟକାରୀ ହୋଇଥିବା ବୃକ୍ଷରୋପଣ ଜୀବିତ ରହିବା ଅନିଶ୍ଚିତତା ମଧ୍ୟରେ ରହିଥିଲା ।
- ସିଏଏମ୍‌ପିଏ ଅଧିନରେ କ୍ଷତିପୂରକ ବନୀକରଣ କାର୍ଯ୍ୟକ୍ରମଗୁଡ଼ିକ ଧାର୍ଯ୍ୟ ସମୟ ତିନି ବର୍ଷ ମଧ୍ୟରେ ହୋଇପାରିଲା ନାହିଁ, ଯାହାଫଳରେ ଜଙ୍ଗଲ ଜମିର ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଜଙ୍ଗଲ ପରିସରକୁ କ୍ଷତିପୂରଣ ଦିଆଯାଇ ପାରିନଥିଲା ।
- ଅଡିଟ୍ ଟିମ୍ ଏବଂ ବନ ଅଧିକାରୀମାନେ 41 ଟି ବୃକ୍ଷରୋପଣକୁ ବାସ୍ତବିକ ଭାବରେ ଯାଞ୍ଚ କରିଥିଲେ ଏବଂ 20 ଟି ବିଫଳ ବୃକ୍ଷରୋପଣ ଏବଂ ସାତଟି ଆଂଶିକ ସଫଳ ବୃକ୍ଷରୋପଣ ଅବଲୋକନ କରିଥିଲେ ଯାହାଫଳରେ 2.67 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା ।
- ୟୁଏଭି ବ୍ୟବହାର କରି ବୃକ୍ଷରୋପଣ ସ୍ଥାନଗୁଡ଼ିକର ଅଡିଟ୍ ବିଶ୍ଲେଷଣରୁ ଜଣାଗଲା ଯେ ଅନେକ ବୃକ୍ଷ ସହଜରେ ପ୍ରବେଶ ଯୋଗ୍ୟ ଅଞ୍ଚଳ ଯଥା ଫୁଟପାଥରେ ଲଗାଯାଇଥିଲା । ଯଦିଓ ଅଳ୍ପ କିଛି ଶାଗୁଆନ୍ ପ୍ରଜାତି ବଞ୍ଚିଥିଲେ, ଉଚ୍ଚତା ଇତ୍ୟାଦିରେ ବୃଦ୍ଧି ପର୍ଯ୍ୟାପ୍ତ ମାତ୍ରାରେ ହୋଇନଥିଲା । ଏହା ଦେଖାଗଲା ଯେ ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟକଳାପ ଯଥା ଷ୍ଟାଗର୍ଡ ଟ୍ରେଞ୍ଚ୍ ଖୋଳା ଯାଇନଥିଲା କିମ୍ବା ଅପ୍ରଭାବୀ ଭାବରେ କାର୍ଯ୍ୟକାରୀ କରାଯାଇଥିଲା ଯଥା ଟ୍ରେଞ୍ଚ୍ ଗୁଡ଼ିକୁ ଢାଲୁ ସହ ପର୍ପେଣ୍ଡିକୁଲାର ଭାବେ ଖୋଳା ଯାଇନଥିଲା । ତେଣୁ, 68.36 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ ସହ ବୃକ୍ଷରୋପଣ ବିଫଳ ହୋଇଥିଲା ।
- ବାଉଁଶ ଗଛ ବଞ୍ଚିବାର ଶତକଡ଼ା ସୁନିଶ୍ଚିତ ନକରି, ବୃକ୍ଷରୋପଣର ପ୍ରଥମ ବର୍ଷରେ ନିର୍ଦ୍ଦେଶନାମାକୁ ଉଲ୍ଲଙ୍ଘନ କରି ଗୋଟିଏ କିସ୍ତିରେ ଅନିୟମିତ ଭାବେ ପାଣ୍ଠି ପ୍ରଦାନ କରାଯାଇଥିଲା ।
- ଯଦିଓ ଗ୍ୟାପ୍ ବୃକ୍ଷରୋପଣ ବିନା ସାହାଯ୍ୟକାରୀ ପ୍ରାକୃତିକ ପୁନରୁତ୍ପାଦନ (ଏଏନ୍‌ଆର୍) ରେ ବିହନ ବୁଣିବା ଆରମ୍ଭ କରାଯାଇନଥିଲା, କିନ୍ତୁ ଚାରିବର୍ଷର ପୁନରୁତ୍ପାଦନ ଅବଧି ପାଇଁ ତଦାରଖ ନିମନ୍ତେ ମୂଲ୍ୟ ମାନାଦର୍ଶରେ ବ୍ୟବସ୍ଥା କରାଯାଇଥିଲା । ଏହି ଅନୁପଯୁକ୍ତ ବ୍ୟବସ୍ଥା ଯୋଗୁଁ 63.19 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।
- ଯଦିଓ ବ୍ଲକ୍ ବୃକ୍ଷରୋପଣ ଏବଂ ସହରୀ ବୃକ୍ଷରୋପଣ କାର୍ଯ୍ୟର ବିଭିନ୍ନ ଉପାଦାନ ସମାନ ଥିଲା, ସହରୀ ବୃକ୍ଷରୋପଣ ପାଇଁ ମ୍ୟାନ ଡେଜ୍‌କୁ ଅଯୌକ୍ତିକ ଭାବରେ ଅଧିକ ସ୍ଥିର କରାଯାଇଥିଲା ଯାହାଫଳରେ 39.80 କୋଟି ଟଙ୍କା ମୂଲ୍ୟର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।
- ବିଭିନ୍ନ ଉପାଦାନ ପାଇଁ ଅଧିକ ବ୍ୟୟ ତଥା ବ୍ୟୟ ନିୟମକୁ ଉଲ୍ଲଙ୍ଘନ କରି ଅଧିକ ବ୍ୟୟ କରାଯିବା ଫଳରେ 99 ଲକ୍ଷ ଟଙ୍କାର ପରିହାର୍ଯ୍ୟ / ନିଷ୍ଫଳ ବ୍ୟୟ ହୋଇଥିଲା ।
- ସହରାଞ୍ଚଳ ବୃକ୍ଷରୋପଣ ଅଧିନରେ ବାଡ଼ ନିର୍ମାଣ ଏବଂ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ ପାଇଁ ପାଣ୍ଠିର ଅନିୟମିତ ଆବଣ୍ଟନ ଯୋଗୁଁ 14.82 କୋଟି ଟଙ୍କା ମୂଲ୍ୟର ଅନିୟମିତ ବ୍ୟୟ ହୋଇଥିଲା ।
- ଆର୍ଥିକ ବ୍ୟବସ୍ଥାକୁ ଅନୁସରଣ କରାଯାଇ ନଥିଲା ଯେହେତୁ ଟେଣ୍ଡର ଆହ୍ୱାନ ନ କରି ଜଳସିଞ୍ଚନ ପାଇଁ 69.12 ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା ।
- ରାସ୍ତା ପ୍ରଶସ୍ତୀକରଣ ହେତୁ ଆଭେନ୍ୟୁ ବୃକ୍ଷରୋପଣ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଥିଲା ଏବଂ ସମନ୍ୱୟ ଅଭାବ ଏବଂ ଅପ୍ରଭାବୀ ପର୍ଯ୍ୟାଲୋଚନା ଯୋଗୁଁ କ୍ଷତିଗ୍ରସ୍ତ ବୃକ୍ଷରୋପଣ ପାଇଁ ବ୍ୟବହାରକାରୀ ସଂସ୍ଥାମାନଙ୍କ(ୟୁଏ) ଠାରୁ ପାଣ୍ଠି ସଂଗ୍ରହ କରାଯାଇପାରି ନଥିଲା ।
- 40 ପ୍ରତିଶତରୁ ଅଧିକ କାନପିଥିବା ଜଙ୍ଗଲ ଭିତରେ ବାଉଁଶ ବୃକ୍ଷରୋପଣ କରାଯାଇଥିଲା । ପର୍ଯ୍ୟାପ୍ତ ଆଲୋକ ଉପଲବ୍ଧ ନହେବା ହେତୁ ଏହି ସ୍ଥାନଗୁଡ଼ିକରେ କ୍ଲମ୍ପ ଗୁଡ଼ିକର ଅଭିବୃଦ୍ଧି ସର୍ବୋତ୍ତମ ନଥିଲା ଏବଂ ଫଳସ୍ୱରୁପ ଏହି ସ୍ଥାନଗୁଡ଼ିକରେ ବୃକ୍ଷରୋପଣ ବିଫଳ ହୋଇଥିଲା ।

- *ସ୍ଥାନର ଗୁଣବତ୍ତା, ନିଆଯାଇଥିବା ପ୍ରଜାତି, ଏବଂ ପରିଚାଳନା ସ୍ତରରେ ବିଭିନ୍ନତା, ବିଭିନ୍ନ ବୃକ୍ଷରୋପଣର କାର୍ଯ୍ୟଦକ୍ଷତାରେ ବିଭିନ୍ନତା ପାଇଁ ଦାୟୀ ଥିଲା । ସ୍ଥାନଗୁଡ଼ିକର ଭୁଲ୍ ଚୟନ ଏବଂ ଅଭାବୀ ପରିଚାଳନା ଯୋଗୁଁ 251 ଟି ସ୍ଥାନରେ ବୃକ୍ଷରୋପଣ ବିଫଳ ହୋଇଥିବା ଅଡିଟ୍ ଲକ୍ଷ୍ୟ କରିଥିଲା ।*
- *ନିର୍ଦ୍ଦିଷ୍ଟ ବିହିତ ମାନାଦର୍ଶ ତୁଳନାରେ କ୍ଷେତ୍ର ସ୍ତରର ଅଧିକାରୀ, ବିଶେଷ କରି ରେଞ୍ଜ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ଏବଂ ପର୍ଯ୍ୟାଲୋଚନା ପର୍ଯ୍ୟାପ୍ତ ନଥିଲା ।*
- *ବିଭନ୍ନ ବୃକ୍ଷରୋପଣ ଯୋଜନା ସମ୍ବନ୍ଧୀୟ ଆବଶ୍ୟକ ଡାଟାବେସ୍ ଯେପରିକି ସ୍କିମ୍ ୱାରୀ ବାର୍ଷିକ ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲ, ଆବଣ୍ଟନ ଓ ବ୍ୟୟ ଏବଂ ବଞ୍ଚିଥିବା ବୃକ୍ଷ ଶତକଡ଼ା ଇତ୍ୟାଦି ସରକାର କିମ୍ବା ପିସିସିଏଫ୍ (ଓ ଏବଂ ଏଚଓଏଫ୍ଏଫ୍) ସ୍ତରରେ ଅନୁରକ୍ଷଣ କରାଯାଇ ନଥିଲା । ପିସିସିଏଫ୍ ଏବଂ ବିଭାଜନ ସ୍ତରରେ ଥିବା ତଥ୍ୟରେ ସତ୍ୟତା ନଥିଲା । ବୃକ୍ଷରୋପଣ ଯୋଜନାର ନିର୍ଦ୍ଧାରଣ ଏବଂ ତୃତୀୟ ପକ୍ଷଙ୍କ ଦ୍ୱାରା ବୃକ୍ଷରୋପଣର ନିର୍ଦ୍ଧାରଣରେ ଅଯଥା ବିଳମ୍ବ ହୋଇଥିଲା ।*

## 2.1.1 ଉପକ୍ରମ

### 2.1.1.1 ଓଡ଼ିଶା ଜଙ୍ଗଲ ଏବଂ ବନୀକରଣ ଜନାଦେଶ

ବନୀକରଣ ଏବଂ ଅବକ୍ଷୟ ଜଙ୍ଗଲ ଜମିରେ ପୁନରୁତ୍ପାଦନ, ଜଙ୍ଗଲ ସୁରକ୍ଷା ତଥା ସୀମାନ୍ତ ଅଞ୍ଚଳର ଲୋକଙ୍କ ସାମାଜିକ-ଅର୍ଥନୈତିକ ଉନ୍ନତି ଏବଂ ଜଙ୍ଗଲ ଏବଂ ବନ୍ୟଜନ୍ତୁର ନିରନ୍ତର ପରିଚାଳନା ମାଧ୍ୟମରେ ରାଜ୍ୟରେ ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ପରିଚାଳନା, ସଂରକ୍ଷଣ ତଥା ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ଜନାଦେଶ ଜାରି କରିଅଛି । ସାମାଜିକ ଜଙ୍ଗଲ କାର୍ଯ୍ୟକ୍ରମ ଏବଂ ବନୀକରଣ ମାଧ୍ୟମରେ ବିଶେଷକରି ଲଣ୍ଡା, ଅବକ୍ଷୟ ଏବଂ ଅଣ-ଉତ୍ପାଦନକାରୀ ଜମିରେ ବହୁଳ ମାତ୍ରାରେ ବୃକ୍ଷ ଲଗାଇ ଦେଶରେ ଜଙ୍ଗଲ ପରିସରକୁ ବ୍ୟାପକ କରିବା ଜାତୀୟ ଜଙ୍ଗଲ ନୀତି, 1988 ର ଏକ ମୌଳିକ ଉଦ୍ଦେଶ୍ୟ ଥିଲା ।

**ଚାର୍ଟ ନଂ-1**




*Density-wise percentage of forest cover of Odisha*

ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (ଆଇଏସ୍ଏଫ୍ଆର୍), 2019 ଅନୁସାରେ, ରାଜ୍ୟରେ 51,619 ବର୍ଗ କିଲୋମିଟର ଜଙ୍ଗଲ ଅଛି, ଯାହା ରାଜ୍ୟର ଭୌଗୋଳିକ କ୍ଷେତ୍ରର 33.15 ପ୍ରତିଶତ ଅଟେ । ଜଙ୍ଗଲ କାନପି ଘନତା ଶ୍ରେଣୀ ଅନୁଯାୟୀ, ରାଜ୍ୟରେ 6,970 ବର୍ଗ କିଲୋମିଟର ଅତ୍ୟଧିକ ଘନ ଜଙ୍ଗଲ (ଭିଡିଏଫ୍), 21,552 ବର୍ଗ କିଲୋମିଟର ମଧ୍ୟମ ଘନ ଜଙ୍ଗଲ (ଏମ୍ଡିଏଫ୍), 23,097 ବର୍ଗ କିଲୋ ମିଟର ମୁକ୍ତ ଜଙ୍ଗଲ (ଓଏଫ୍) ଏବଂ 4,327 ବର୍ଗ କିଲୋମିଟର ଗୁଳ୍ମ ଅଛି ।

ଓଡ଼ିଶା ରାଜ୍ୟରେ ବୃକ୍ଷରୋପଣ କାର୍ଯ୍ୟକଳାପ ବିଭିନ୍ନ କେନ୍ଦ୍ର ତଥା ରାଜ୍ୟ ସରକାରୀ ଯୋଜନା ଯେପରିକି ରାଜ୍ୟ ଯୋଜନା (ଏସ୍ପି), କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ (ସିଏମ୍ପିଏ), ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ଏମ୍ଜିଏନ୍ଆର୍ଇଜିଏସ୍), ଜାତୀୟ ବନୀକରଣ କାର୍ଯ୍ୟକ୍ରମ (ଏନ୍ଏପି), ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍ଏଫ୍), ଜାତୀୟ ବାଉଁଶ ମିଶନ (ଏନ୍ବିଏମ୍),

ଓଡ଼ିଶା ପରିବେଶ ପରିଚାଳନା ପାଣ୍ଠି (ଓଇଏମ୍ଏଫ୍), ଓଡ଼ିଶା ବନ ବିଭାଗ ବିକାଶ ପ୍ରକଳ୍ପ (ଓଏଫ୍ଏସ୍ଡିପି), କର୍ପୋରେଟ୍ ସାମାଜିକ ଦାୟିତ୍ୱ ବୋଧ (ସିଏସ୍ଆର୍), ଓଡ଼ିଶା ଖଣିଜ କ୍ଷେତ୍ର ବିକାଶ ନିଗମ (ଓଏମ୍ବିଏଡିସି), ଓଡ଼ିଶା ବାଉଁଶ ବିକାଶ ପ୍ରକଳ୍ପ (ଓବିଡିପି) ଏବଂ ସମନ୍ୱିତ ଉପକୂଳ ଅଞ୍ଚଳ ପରିଚାଳନା ପ୍ରକଳ୍ପ (ଆଇସିଜେଡ୍ଏମ୍ପି) । ଓଡିଶା ବନ ବିଭାଗ ବିକାଶ ପ୍ରକଳ୍ପ (ଓଏଫ୍ଏସ୍ଡିପି) ଏବଂ ଆଇସିଜେଡ୍ଏମ୍ପି ଯଥାକ୍ରମେ ଚାଷ ଜଙ୍ଗଲ ଏବଂ ଉପକୂଳବର୍ତ୍ତୀ ବୃକ୍ଷରୋପଣର ଯତ୍ନ ନେଉଥିବା ବାହ୍ୟ ସହାୟତା ପ୍ରକଳ୍ପ (ଇଏପି) ଅଟେ ।

### 2.1.1.2 ବୃକ୍ଷରୋପଣର ବର୍ଗୀକରଣ

ଓଡିଶାରେ ଜଙ୍ଗଲ ବିଭାଗ ଦ୍ୱାରା କରାଯାଇଥିବା ବୃକ୍ଷରୋପଣକୁ[2] ତିନୋଟି ବ୍ୟାପକ ଶ୍ରେଣୀରେ ବିଭକ୍ତ କରାଯାଇପାରେ ଯଥା- ପୁନର୍ବନିକରଣ, ବନୀକରଣ ଏବଂ ସମୃଦ୍ଧ ବୃକ୍ଷରୋପଣ ଯାହା ନିମ୍ନରେ ବର୍ଣ୍ଣନା କରାଗଲା ।

- ***ପୁନର୍ବନିକରଣ:*** -ଏହି ବୃକ୍ଷରୋପଣ ଏକ ଅଞ୍ଚଳ ଉପରେ ଅଛି ଯାହା ସମ୍ପ୍ରତି ଜଙ୍ଗଲ ଅଭିବୃଦ୍ଧିକୁ ସମର୍ଥନ କରିଥିଲା । ଏହା ସାଧାରଣତଃ ନିମ୍ନ ମୂଲ୍ୟର ବୃକ୍ଷ ପରିବର୍ତ୍ତେ ମୂଲ୍ୟବାନ ପ୍ରଜାତିର ବୃକ୍ଷରୋପଣ କିମ୍ବା ଅବୈଧ ଗଛ କାଟିବା, ଗୋଚାରଣ ତଥା ଜଙ୍ଗଲରେ ନିଆଁ ଲଗାଇବା ଭଳି ଜୈବିକ କାରଣରୁ ସମ୍ପ୍ରତି ଜଙ୍ଗଲ ବଳୟ ହରାଇଥିବା ଅଞ୍ଚଳକୁ ପୁନର୍ବାର ବନୀକରଣ କରିବା ପାଇଁ କରାଯାଇଥାଏ ।

- ***ବନୀକରଣ:-*** ଏହି ବୃକ୍ଷରୋପଣ ସେହି ଅଞ୍ଚଳରେ କରାଯାଏ ଯେଉଁଠାରେ କୌଣସି ସମୟରେ (ଯଥା ଉପକୂଳ ବାଲୁକା କାଦୁଅ) କିମ୍ବା ନିକଟ ଅତୀତରେ ଜଙ୍ଗଲ ଅଭିବୃଦ୍ଧି ହୋଇନଥାଏ । ଏହି କାର୍ଯ୍ୟ ପ୍ରଣାଳୀ ପୁନର୍ବନିକରଣ ଅପେକ୍ଷା ସାଧାରଣତଃ ବହୁତ କଷ୍ଟସାଧ୍ୟ ଅଟେ କାରଣ ଏହା କିଛି ବର୍ଷ ମଧ୍ୟରେ ଯୁଗଯୁଗ ଧରି ଘଟିଆସୁଥିବା ପରିବେଶ ଅବନତିକୁ ଓଲଟା କରିବାକୁ ଚେଷ୍ଟା କରେ । କୃତ୍ରିମ ପୁନରୁତ୍ପାଦନ (ଏଆର୍) ହେଉଛି ବୃକ୍ଷରୋପଣର ଏହିପରି ଏକ ପଦ୍ଧତି ଯେଉଁଠାରେ ବୃକ୍ଷର ବିକାଶ ପାଇଁ କୃତ୍ରିମ ଉପାୟ ଜଡ଼ିତ ଥାଏ ।

- ***ସମୃଦ୍ଧ ବୃକ୍ଷରୋପଣ:*** -ଏହା ସାଧାରଣତଃ ବିଦ୍ୟମାନ ଫସଲରେ ମୂଲ୍ୟବାନ ପ୍ରଜାତିର ଅନୁପାତକୁ ବୃଦ୍ଧି କରିବା ପାଇଁ କରାଯାଇଥାଏ । ଏହିପରି ପ୍ରଜାତିଗୁଡ଼ିକୁ ବୃକ୍ଷରୋପଣ ଉଦ୍ଦେଶ୍ୟରେ ନିକଟ ଅତୀତରେ ସଫା ହୋଇଥିବା ରେଖା କିମ୍ବା ଗୋଷ୍ଠୀରେ, ବ୍ୟବଧାନରେ, ରୋପଣ କରାଯାଇଥାଏ । ଅବନତି ହୋଇଥିବା ଜଙ୍ଗଲର ପୁନରୁଦ୍ଧାର ପାଇଁ ଶେଷୋକ୍ତ କାର୍ଯ୍ୟ ପ୍ରଣାଳୀ ଅବଲମ୍ବନ କରାଯାଇଥାଏ । ସହାୟକ ପ୍ରାକୃତିକ ପୁନରୁତ୍ପାଦନ (ଏଏନ୍ଆର୍) ହେଉଛି ସମୃଦ୍ଧ ବୃକ୍ଷରୋପଣର ଏକ ପଦ୍ଧତି ଯେଉଁଠାରେ ବୃକ୍ଷଗୁଡ଼ିକ ପ୍ରାକୃତିକ ଭାବରେ ଜଙ୍ଗଲର ଅବକ୍ଷୟ କ୍ଷୁଦ୍ର ଭୂଖଣ୍ଡରେ ଜଙ୍ଗଲ ବୃଦ୍ଧିରେ ସାହାଯ୍ୟ କରନ୍ତି । ଜଙ୍ଗଲ କ୍ଷେତ୍ରର ଅବକ୍ଷୟ ହୋଇଥିବା ଭୂଖଣ୍ଡରେ ଏହା କରାଯାଉଥିବାରୁ ଏହାକୁ ଗ୍ୟାପ୍ ବୃକ୍ଷରୋପଣ ମଧ୍ୟ କୁହାଯାଏ ।

ବୃକ୍ଷରୋପଣର ଉପରୋକ୍ତ ବର୍ଗୀକରଣକୁ ଆଧାର କରି ଓଡ଼ିଶାରେ ଆଭେନ୍ୟୁ ବୃକ୍ଷରୋପଣ, ଲଣ୍ଡା ପାହାଡ଼ ବୃକ୍ଷରୋପଣ, ମାଙ୍ଗ୍ରୋଭ୍ ବୃକ୍ଷରୋପଣ, ବାଉଁଶ ବୃକ୍ଷରୋପଣ ଏବଂ ସହରୀ ବୃକ୍ଷରୋପଣ କରାଯାଇଥିଲା ।

---

[2] ଉତ୍ସ: ଓଡିଶା ଜଙ୍ଗଲ ବୃକ୍ଷରୋପଣ ମାନୁଆଲ, 1977 ର ଅନୁଚ୍ଛେଦ 3 ରୁ 6

## 2.1.1.3 ସାଂଗଠନିକ ବ୍ୟବସ୍ଥା

ଜଙ୍ଗଲ ବିଭାଗର ସାଂଗଠନିକ ବ୍ୟବସ୍ଥା ନିମ୍ନରେ ଦର୍ଶାଯାଇଅଛି:

**ଚାର୍ଟ ସଂଖ୍ୟା.2**




ଜଙ୍ଗଲ ବିଭାଗ ଅଧିନରେ ଥିବା କ୍ଷେତ୍ରୀୟ ସେଟ୍ ଅପ୍ ତିନୋଟି ଶାଖା ଯଥା କିଛି ପ୍ରକଳ୍ପ ଏବଂ ଓଡ଼ିଶା ବନ ବିକାଶ ନିଗମ (ଓଏଫ୍ଡିସି) ବ୍ୟତୀତ ଟେରିଟୋରିଆଲ, ବନ୍ୟାପ୍ରାଣୀ ଏବଂ କେନ୍ଦୁ ପତ୍ର ଅଧିନରେ ସଂଗଠିତ ହୋଇଅଛି । ପ୍ରତ୍ୟେକ ଶାଖାର ଜଣେ ପ୍ରମୁଖ ମୁଖ୍ୟ ବନ ସଂରକ୍ଷଣ (ପିସିସିଏଫ୍), ଓଡ଼ିଶା ଏବଂ ଜଙ୍ଗଲ ସୁରକ୍ଷାବଳର ମୁଖ୍ୟ (ଓ ଏବଂ ଏଚ୍ଓଏଫ୍ଏଫ୍), ପିସିସିଏଫ୍ (ବନ୍ୟପ୍ରାଣୀ), ଓଡ଼ିଶା ଏବଂ ପିସିସିଏଫ୍ (କେନ୍ଦୁ ପତ୍ର), ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ । ଏହି ବିଭାଗରେ 12 ଟି ମଣ୍ଡଳ, 82 ଟି ଜଙ୍ଗଲ ବିଭାଜନ ଅର୍ଥାତ୍ 37 ଟି ଟେରିଟୋରିଆଲ ବିଭାଜନ, 12 ଟି ବନ୍ୟପ୍ରାଣୀ ବିଭାଜନ (ତିନୋଟି ମାଙ୍ଗ୍ରୋଭ୍ ବିଭାଜନ ଅନ୍ତର୍ଭୁକ୍ତ କରି), ସିମିଳିପାଲ ଟାଇଗର ରିଜର୍ଭ(ଏସ୍ଟିଆର୍), ବାରିପଦା[3], 19 ଟି କେନ୍ଦୁ ପତ୍ର ବିଭାଜନ, ତିନୋଟି ତାଲିମ ଏବଂ ବିକାଶ ବିଭାଜନ, ଦୁଇଟି ସିଲଭିକଲଚର ବିଭାଜନ ଏବଂ ଆଠଟି କାର୍ଯ୍ୟ ଯୋଜନା ବିଭାଜନ ଅଛି । କ୍ଷେତ୍ର ସ୍ତରୀୟ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ 436 ରେଞ୍ଜରେ 1,674 ଉପବିଭାଗ ଅଧିନରେ 3,683 ବିଟ୍ ଅଛି ।

## 2.1.1.4 ସମୀକ୍ଷାର ଉଦ୍ଦେଶ୍ୟ

ନିମ୍ନଲିଖିତ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ସମୀକ୍ଷା ପରିଚାଳନା କରାଯାଇଥିଲା;

- ଅନୁମୋଦିତ ଜଙ୍ଗଲ ନୀତି ଅନୁଯାୟୀ ବୃକ୍ଷରୋପଣ କାର୍ଯ୍ୟ ଯୋଜନା କରାଯାଇଥିଲା ଏବଂ ଦକ୍ଷତା, ମିତବ୍ୟୟୀ ଏବଂ ଏକ ପ୍ରଭାବୀ ପଦ୍ଧତିରେ କାର୍ଯ୍ୟକାରୀ କରାଯାଇଥିଲା, କିମ୍ବା କରାଯାଇ ନଥିଲା;
- ବୃକ୍ଷରୋପଣ କାର୍ଯ୍ୟକଳାପର ଠିକ୍ ସମୟରେ କାର୍ଯ୍ୟାନ୍ୱୟନ ପାଇଁ ପାଣି ଏବଂ ମାନବ ସମ୍ବଳ ଯଥେଷ୍ଟ ଥିଲା କିମ୍ବା ନଥିଲା; ଏବଂ
- ବୃକ୍ଷରୋପଣର ପର୍ଯ୍ୟାଲୋଚନା ଏବଂ ନିର୍ଦ୍ଧାରଣ ପ୍ରଣାଳୀ ଯଥେଷ୍ଟ, ଦକ୍ଷ ଏବଂ ପ୍ରଭାବୀ ଥିଲା କିମ୍ବା ନଥିଲା ।

[3] ଉତ୍ସ: ଏଫ୍ଇ ଏବଂ ସିସି ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା

### 2.1.1.5 ସମୀକ୍ଷାର ପରିସର ଏବଂ ପଦ୍ଧତି

ବୃକ୍ଷରୋପଣ ନଥିପତ୍ର ଏବଂ ପତ୍ରିକା, ନଗଦ ହିସାବର ନମୁନା ଯାଞ୍ଚ, ବୃକ୍ଷରୋପଣର ପର୍ଯ୍ୟାଲୋଚନା ଏବଂ ନିର୍ଦ୍ଧାରଣ, ମାନବ ବିହୀନ ବିମାନ ଯାନ (ୟୁଏଭି) ଏବଂ ବାହ୍ୟ ବିଶେଷଜ୍ଞଙ୍କ ମାଧ୍ୟମରେ ବୃକ୍ଷରୋପଣର ନିର୍ଦ୍ଧାରଣ କରି ମଇ 2019 ରୁ ଫେବୃଆରୀ 2021 ମଧ୍ୟରେ ଏହି ସମ୍ପାଦନ ସମୀକ୍ଷା (ପିଏ) ପରିଚାଳନା କରାଯାଇଥିଲା । ବୃକ୍ଷ ଗଣନା, ବୃକ୍ଷର ଉଚ୍ଚତା ମାପ, ପ୍ରଜାତି ନିର୍ଣ୍ଣୟ, କାନପି ଏବଂ ବୃକ୍ଷର ଘନତା ଏବଂ ଭୂପୃଷ୍ଠ ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ ପାଇଁ ବାହ୍ୟ ବିଶେଷଜ୍ଞ ତଥା ସମ୍ପୃକ୍ତ ଜଙ୍ଗଲ ବିଭାଜନର ବନ ଅଧିକାରୀଙ୍କ ଉପସ୍ଥିତିରେ ବୃକ୍ଷରୋପଣ ସ୍ଥାନଗୁଡ଼ିକର ମିଳିତ ବାସ୍ତବିକ ଯାଞ୍ଚ (ଜେପିଭି) କରାଯାଇଥିଲା ।

2013-14 ରୁ 2017-18 ଅବଧି ମଧ୍ୟରେ ହୋଇଥିବା ବ୍ୟୟକୁ ଆଧାର କରି ଷ୍ଟ୍ରାଟିଫାଏଡ୍ ରାଣ୍ଡମ୍ ନମୁନା ସଂଗ୍ରହ ମାଧ୍ୟମରେ ଚୟନ କରାଯାଇଥିବା 49 ଟି ଜଙ୍ଗଲ ବିଭାଜନ (ଯେହେତୁ ଏହି ବିଭାଜନ ଗୁଡ଼ିକରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା) ମଧ୍ୟରୁ 13[4] ଟିରେ ସମ୍ପାଦନ ସମୀକ୍ଷା କରାଯାଇଥିଲା । ଏସ୍‌ଟିଆର୍, ବାରିପଦାରେ କୌଣସି ବୃକ୍ଷରୋପଣ ହୋଇନଥିବାରୁ ଏହି ବିଭାଜନକୁ ନମୁନାରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା ।

ସେହିଭଳି, ବ୍ୟୟକୁ ଆଧାର କରି ରାଜ୍ୟରେ ବୃକ୍ଷରୋପଣ କାର୍ଯ୍ୟକଳାପ କାର୍ଯ୍ୟକାରୀ କରୁଥିବା 11[5] ଟି ଯୋଜନା ମଧ୍ୟରୁ ଅଡିଟ୍ ପାଇଁ ଛଅ[6]ଟି ଯୋଜନା ଚୟନ କରିବାକୁ ନମୁନା ସଂଗ୍ରହ କରାଯାଇଥିଲା । ଏତଦ୍ ବ୍ୟତୀତ, ଆଇସିଜେଡ୍‌ଏମ୍‌ପି ପ୍ରକଳ୍ପ ଅଧିନରେ ମାଙ୍ଗ୍ରୋଭ୍ ବୃକ୍ଷରୋପଣ ବନ୍ୟପ୍ରାଣୀ ବିଭାଜନ ଅଧିନରେ ଚୟନ କରାଯାଇଥିଲା । ଅଡିଟ୍, ସମସ୍ତ ଯୋଜନା ଅଧିନରେ, ଏଏନ୍‌ଆର୍ ବୃକ୍ଷରୋପଣ ପାଇଁ 50 ହେକ୍ଟର ରୁ କମ୍ ଥିବା ସ୍ଥାନ, ଏଆର୍ ବୃକ୍ଷରୋପଣ ପାଇଁ 20 ହେକ୍ଟର ରୁ କମ୍ ଥିବା ସ୍ଥାନ, ଆଭେନ୍ୟୁ ବୃକ୍ଷରୋପଣ[7] ପାଇଁ ପାଞ୍ଚ ରନିଙ୍ଗ୍ କିଲୋମିଟର (ଆର୍‌କେଏମ୍) ରୁ କମ୍ ଏବଂ 10,000 ବିହନ ଥିବା ସହରୀ ବୃକ୍ଷରୋପଣକୁ ବାଦ୍ ଦେଇଥିଲା, କାରଣ ଏହି ସ୍ଥାନଗୁଡ଼ିକ କମ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଚୟନ ହୋଇଥିବା ସମସ୍ତ ପ୍ରକଳ୍ପ ଅନ୍ତର୍ଗତ ପ୍ରତ୍ୟେକ ବିଭାଜନର ଅବଶିଷ୍ଟ ବୃକ୍ଷରୋପଣ ସ୍ଥାନଗୁଡ଼ିକ ମଧ୍ୟରୁ, 50 ପ୍ରତିଶତ ସ୍ଥାନ ରେଣ୍ଡମ୍ ସାମ୍ପଲିଙ୍ଗ୍ ପଦ୍ଧତିରେ ଚୟନ କରାଯାଇଥିଲା । ଏହା ବ୍ୟତୀତ, ଏଫ୍‌ଇ ଏବଂ ସିସି ବିଭାଗ, ପିସିସିଏଫ୍ (ଓ ଏବଂ ଏଚ୍‌ଓଏଫ୍‌ଏଫ୍), ପିସିସିଏଫ୍ (ଡବ୍ଲୁଏଲ୍), ପ୍ରକଳ୍ପ ନିର୍ଦ୍ଦେଶକ (ଓଏଫ୍‌ଏସ୍‌ଡିପି), ପିଡି(ଓବିଡିଏ) ଏବଂ ଜଙ୍ଗଲ ସମ୍ପଦ ସର୍ବେକ୍ଷଣ (ଏଫ୍‌ଆର୍‌ଏସ୍) ବିଭାଜନ, କଟକର ନଥିଗୁଡ଼ିକୁ ଅଡିଟ୍, ନମୁନା ଯାଞ୍ଚ କରିଥିଲା ।

ସମ୍ପାଦନ ସମୀକ୍ଷା ଆରମ୍ଭ ହେବା ପୂର୍ବରୁ, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହ 22 ମଇ 2019 ରେ ଏକ ପ୍ରବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଅଡିଟ୍‌ର ଉଦ୍ଦେଶ୍ୟ, ମାନଦଣ୍ଡ ଏବଂ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା । 22 ଅକ୍ଟୋବର 2021 ରେ ଅନୁଷ୍ଠିତ ପ୍ରସ୍ଥାନ ସମ୍ମିଳନୀରେ ଅଡିଟ୍ ସିଦ୍ଧାନ୍ତ ଉପରେ ଆଲୋଚନା କରାଯାଇଥିଲା ଏବଂ ସରକାରଙ୍କ ଉତ୍ତରଗୁଡ଼ିକୁ ଏହି ରିପୋର୍ଟରେ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

ଅଡିଟ୍ ସିଦ୍ଧାନ୍ତଗୁଡ଼ିକୁ ଅନୁପାଳନ କରିବା ଏବଂ ଅଡିଟକୁ ଆବଶ୍ୟକ ସୂଚନା ଏବଂ ନଥିପତ୍ର ପ୍ରଦାନ କରିବାରେ ଅଡିଟ୍, ବିଭାଗର ସହଯୋଗକୁ ସ୍ୱୀକାର କରେ ।

### 2.1.2 ଅଡିଟ୍ ମାନଦଣ୍ଡ

ନିମ୍ନଲିଖିତ ଅଧିନିୟମ, ନିୟମ ଏବଂ ନୀତିରୁ ଅଡିଟ୍ ସିଦ୍ଧାନ୍ତଗୁଡ଼ିକ ଉଦ୍ଧୃତ:

---

4 ବାମରା (ବନ୍ୟପ୍ରାଣୀ), ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି (ଦକ୍ଷିଣ), କେନ୍ଦୁଝର, କେନ୍ଦୁଝର (ବନ୍ୟପ୍ରାଣୀ), କୋରାପୁଟ, ମାଲକାନାଗିରି, ରେଢାଖୋଲ, ମାଙ୍ଗ୍ରୋଭ୍ ଫରେଷ୍ଟ ବିଭାଜନ (ଏମ୍‌ଏଫ୍‌ଡି) ରାଜନଗର, ରାୟଗଡ଼ା, ରାଉରକେଲା ଏବଂ ସୁନ୍ଦରଗଡ଼

5 ଏସ୍‌ପି, ସିଏଏମ୍‌ପିଏ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଏନ୍‌ବିଏମ୍, ଓଇଏମ୍‌ଏଫ୍, ଡିଏମ୍‌ଏଫ୍, ଏନ୍‌ଏପି, ଓବିଡିଏ, ସିଏସ୍‌ଆର୍, ଓଏମ୍‌ବିଏଡିସି ଏବଂ ଏଜେଓ୍ୱାଇ

6 ରାଜ୍ୟ ଯୋଜନା, ସିଏଏମ୍‌ପିଏ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଏନ୍‌ବିଏମ୍, ଡିଏମ୍‌ଏଫ୍ ଏବଂ ଏନ୍‌ଏପି

7 ସଡ଼କ ପାର୍ଶ୍ୱ, ରାଜପଥ ଏବଂ ଚଲାପଥରେ ବୃକ୍ଷରୋପଣ କରିବାକୁ ଆଭେନ୍ୟୁ ପ୍ଲାଣ୍ଟେସନ୍ କୁହାଯାଏ, ଯାହାର ପରିସରକୁ ରନିଙ୍ଗ୍ କିଲୋମିଟର (ଆର୍‌କେମ୍) ରେ ମାପ କରାଯାଏ

- ଓଡ଼ିଶା ଜଙ୍ଗଲ ବିଭାଗ (ଓଏଫ୍‌ଡି) ସଂହିତା, 1979, ଜଙ୍ଗଲ ବୃକ୍ଷରୋପଣ ମାନୁଆଲ୍ (ଏଫ୍‌ପିଏମ୍), 1977, ପରିଚାଳନା ଯୋଜନା ପ୍ରଣାଳୀ ସଂହିତା (ସିଏମ୍‌ପିପି), 1990 ଏବଂ ଜାତୀୟ ଜଙ୍ଗଲ ନୀତି (ଏନ୍‌ଏଫ୍‌ପି), 1988;
- ଓଡ଼ିଶା ସାଧାରଣ ଆର୍ଥିକ ନିୟମ (ଓଜିଏଫ୍‌ଆର୍), ଓଡ଼ିଶା ରାଜକୋଷ ସଂହିତା (ଓଟିସି), କ୍ରୟ ମାର୍ଗଦର୍ଶିକା ଏବଂ ଅର୍ଥ ବିଭାଗ (ଏଫ୍‌ଡି) ବିଜ୍ଞପ୍ତିରେ ଥିବା ବ୍ୟବସ୍ଥା;
- ଭାରତର ଜଙ୍ଗଲ ସର୍ବେକ୍ଷଣ (ଏଫ୍‌ଏସ୍‌ଆଇ) ଦ୍ୱାରା ପ୍ରସ୍ତୁତ ଇଣ୍ଡିଆନ୍ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟସ୍ (ଆଇଏସ୍‌ଏଫ୍‌ଆର୍), ପ୍ରକଳ୍ପ ନିୟମାବଳୀ ଏବଂ ବୃକ୍ଷରୋପଣ ମୂଲ୍ୟ ମାନାଦର୍ଶ;
- କାର୍ଯ୍ୟ ଯୋଜନା (ଡବ୍ଲୁପି)/ ପ୍ରକଳ୍ପ ଏବଂ ସିଏଏମ୍‌ପିଏ ବାର୍ଷିକ ପରିଚାଳନା ଯୋଜନା (ଏପିଓ); ଏବଂ
- ସରକାର/ ପିସିସିଏଫ୍ / ମଞ୍ଜୁରୀ ପ୍ରାଧିକରଣ ଦ୍ୱାରା ସ୍ଥିର କରାଯାଇଥିବା ବାସ୍ତବିକ/ ଆର୍ଥିକ ଲକ୍ଷ୍ୟ / ଆଦର୍ଶ ।

## ଅଡିଟ୍ ସିଦ୍ଧାନ୍ତ

## 2.1.3 ଜଙ୍ଗଲ ନୀତି ଏବଂ ଯୋଜନା

### 2.1.3.1 2013-14 ରୁ 2017-18 ଅବଧି ମଧ୍ୟରେ ରାଜ୍ୟରେ ବୃକ୍ଷରୋପଣର ସ୍ଥିତି

2013-14 ରୁ 2017-18 ଅଡିଟ୍ ଅବଧି ପାଇଁ ସିଏଏମ୍‌ପିଏ ଅଧିନରେ କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକଳାପ ବ୍ୟତୀତ, ରାଜ୍ୟରେ ବୃକ୍ଷରୋପଣ କାର୍ଯ୍ୟକଳାପର ବାସ୍ତବିକ ଏବଂ ଆର୍ଥିକ ସ୍ଥିତି **ସାରଣୀ 2.1** ରେ ଦର୍ଶାଯାଇଅଛି ।

**ସାରଣୀ 2.1: ବୃକ୍ଷରୋପଣର ବାସ୍ତବିକ ଏବଂ ଆର୍ଥିକ ସ୍ଥିତି**

| *ବର୍ଷ* | *ଏଆର୍ ବୃକ୍ଷରୋପଣ (ହେକ୍ଟରରେ)* | *ଏଏନ୍‌ଆର୍ ବୃକ୍ଷରୋପଣ (ହେକ୍ଟରରେ)* | *ଆଭେନ୍ୟୁ ବୃକ୍ଷରୋପଣ (ଆର୍‌କେଏମ୍)* | *ସହରୀ ବୃକ୍ଷରୋପଣ (ଚାରା ଲକ୍ଷରେ)* | *ବୃକ୍ଷରୋପଣ ପାଇଁ ଖର୍ଚ୍ଚ (କୋଟିରେ)* |
|---|---|---|---|---|---|
| 2013-14 | 25,086 | 38,050 | 4,506 | 10.57 | 196.63 |
| 2014-15 | 24,600 | 60,253 | 4,755 | 14.90 | 226.75 |
| 2015-16 | 16,576 | 98,540 | 4,607 | 15.65 | 298.87 |
| 2016-17 | 15,322 | 1,27,973 | 5,588 | 13.90 | 349.75 |
| 2017-18 | 5,776 | 20,367 | 3,235 | 11.15 | 104.14 |
| ମୋଟ | **87,360** | **3,45,183** | **22,691** | **66.17** | **1,176.14** |

*(ଏ ଆର : କୃତ୍ରିମ ପୁନରୁତ୍ପାଦନ, ଏ ଏନ ଆର: ସହାୟକ ପ୍ରାକୃତିକ ପୁନରୁତ୍ପାଦନ (ଦ୍ରଷ୍ଟବ୍ୟ- ଏହି ପ୍ରତିବେଦନର ଅନୁଚ୍ଛେଦ -2.1.1.2 – ବୃକ୍ଷରୋପଣର ବର୍ଗୀକରଣ)*

*(ଉତ୍ସ: ଏଫ୍ ଏବଂ ଇ ବିଭାଗ ଏବଂ ପିସିସିଏଫ୍ (ଓ)/ ଡିଏଫ୍‌ଓ ମାନଙ୍କ ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ)*

ଉପରୋକ୍ତ ଅନୁସାରେ ଏଆର୍ ବୃକ୍ଷରୋପଣ ବର୍ଷ ବର୍ଷ ଧରି ସ୍ଥିର ହ୍ରାସ ହୋଇ ଆସୁଥିଲା, କିନ୍ତୁ ଏଏନ୍‌ଆର୍ ଏବଂ ଆଭେନ୍ୟୁ ବୃକ୍ଷରୋପଣ 2013-14 ରୁ 2016-17 ପର୍ଯ୍ୟନ୍ତ ଯଥେଷ୍ଟ ବୃଦ୍ଧି ପାଇଥିଲା । କମ୍ ବ୍ୟୟ ହେତୁ ପୂର୍ବ ବର୍ଷ ତୁଳନାରେ ବର୍ଷ 2017-18 ରେ ସମସ୍ତ ବୃକ୍ଷରୋପଣ କାର୍ଯ୍ୟକଳାପ ହ୍ରାସ ପାଇଥିଲା ।

### 2.1.3.2 ଚୟନ ହୋଇଥିବା ବିଭାଜନ ଗୁଡ଼ିକରେ ବୃକ୍ଷରୋପଣର ସ୍ଥିତି

ରାଜ୍ୟରେ ପାଞ୍ଚ ବର୍ଷ ମଧ୍ୟରେ ହୋଇଥିବା ବୃକ୍ଷରୋପଣ ମଧ୍ୟରୁ ଚୟନ ହୋଇଥିବା 13 ଟି ଜଙ୍ଗଲ ବିଭାଜନର ସ୍ଥିତି **ସାରଣୀ 2.2** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.2: ଚୟନ ହୋଇଥିବା ଜଙ୍ଗଲ ବିଭାଜନରେ ବୃକ୍ଷରୋପଣର ସ୍ଥିତି**

| ବର୍ଷ | ଏଆର୍ ବୃକ୍ଷରୋପଣ (ହେକ୍ଟରରେ) | ଏଏନ୍ଆର୍ ବୃକ୍ଷରୋପଣ (ହେକ୍ଟରରେ) | ଆଭେନ୍ୟୁ ବୃକ୍ଷରୋପଣ (ଆର୍କେଏମ୍) | ସହରୀ ବୃକ୍ଷରୋପଣ (ଚାରା ଲକ୍ଷରେ) | ବୃକ୍ଷରୋପଣ ପାଇଁ ଖର୍ଚ୍ଚ (କୋଟିରେ) |
|---|---|---|---|---|---|
| 2013-14 | 6,752 | 11,965 | 1,040 | 2.03 | 60.55 |
| 2014-15 | 6,068 | 18,835 | 1,292 | 3089 | 81.06 |
| 2015-16 | 7,580 | 31,082 | 1,389 | 4.36 | 107.39 |
| 2016-17 | 5,738 | 46,684 | 1,916 | 2.78 | 150.21 |
| 2017-18 | 2,842 | 8,582 | 1,262 | 1.41 | 41.49 |
| ମୋଟ | **28,980** | **1,17,148** | **6,899** | **14.47** | **440.70** |

*(ଉତ୍ସ: ବିଭାଜନୀୟ ସୂଚନାରୁ ଉଦ୍ଧୃତ ତଥ୍ୟ)*

## 2.1.3.3 ଚୟନ ହୋଇଥିବା ବିଭାଜନଗୁଡ଼ିକରେ ବୃକ୍ଷରୋପଣର ପ୍ରକଳ୍ପ-ଓ୍ୱାରୀ ଲକ୍ଷ୍ୟ ହାସଲ

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ (ଏଫ୍ଇ ଆଣ୍ଡ ସିସି) ବିଭାଗକୁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ସମସ୍ତ ପ୍ରକଳ୍ପ-ଓ୍ୱାରୀ ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟ ଓ ଲକ୍ଷ୍ୟ ହାସଲ, ଉଭୟ ବାସ୍ତବିକ ଓ ଆର୍ଥିକ ହିସାବ ତଥ୍ୟ ଅଡିଟ୍‌କୁ ପ୍ରଦାନ କରିନଥିଲେ । 2013-18 ଅବଧି ମଧ୍ୟରେ ଚୟନ ହୋଇଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କିତ ବାସ୍ତବିକ ଲକ୍ଷ୍ୟ ହାସଲ ତଥ୍ୟ ବିଶ୍ଳେଷଣରୁ ଉଦ୍ଧୃତ ହୋଇ **ସାରଣୀ 2.3** ରେ ଦର୍ଶାଗଲା ।

**ସାରଣୀ 2.3: ଚୟନ ହୋଇଥିବା ବିଭାଜନରେ ପ୍ରକଳ୍ପ-ଓ୍ୱାରୀ ବୃକ୍ଷରୋପଣର ସଫଳତା**

| ବୃକ୍ଷରୋପଣ | ରାଜ୍ୟ ଯୋଜନା | ସିଏଏମ୍ପିଏ | ଏମ୍ଜିଏନ୍ଆର୍ଇଜିଏସ୍ | ଏନ୍ବିଏମ୍ | ଡିଏମ୍ଏଫ୍ | ଏନ୍ଏପି | ଆଇସିଜେଡ୍ଏମ୍ପି (ମାଙ୍ଗ୍ରୋଭ୍ ) | ମୋଟ |
|---|---|---|---|---|---|---|---|---|
| ଏଆର୍(ହେକ୍ଟର) | 10,158 | 4,296 | 8,029 | 1,596 | 47 | 494 | 240 | 24,860 |
| ଏଏନ୍ଆର୍ (ହେକ୍ଟର) | 8,485 | 63,166 | 39,888 | 50 | 0 | 645 | 0 | 112,234 |
| ଆଭେନ୍ୟୁ (ଆର୍କେଏମ୍) | 871 | 50 | 5,488 | 0 | 0 | 0 | 0 | 6,409 |
| ସହରୀ (ଚାରା ଲକ୍ଷରେ) | 12.85 | 0 | 0 | 0 | 0.48 | 0 | 0 | 13.33 |

*(ଉତ୍ସ: ବିଭାଜନୀୟ ସୂଚନାରୁ ଉଦ୍ଧୃତ ତଥ୍ୟ)*

## 2.1.3.4 ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟର ଯୋଜନାରେ ଅଭାବ

ଏନ୍ଏଫ୍ପି, 1988 ର ଅନୁଚ୍ଛେଦ 4.14 ରେ ଧାର୍ଯ୍ୟ କରାଯାଇଛି ଯେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଯନ୍ତ୍ରପାତି ସହିତ ଜଙ୍ଗଲ ପରିଚାଳନାର ପ୍ରାସଙ୍ଗିକ ଦିଗ ଉପରେ ନିର୍ଭରଯୋଗ୍ୟ ତଥ୍ୟର ସାମୟିକ ସଂଗ୍ରହ, ସଂକଳନ ଏବଂ ପ୍ରକାଶନ ଉନ୍ନତ ହେବା ଆବଶ୍ୟକ । ଓଏଫ୍ଡି ସଂହିତା, 1979 ର ନିୟମ 21 ରେ ଦର୍ଶାଯାଇଛି ଯେ ଡିଏଫ୍ଓ, ତାଙ୍କ ଉଚ୍ଚ ପଦାଧିକାରୀଙ୍କ ଠାରୁ ଗ୍ରହଣ କରିବାକୁ ଥିବା ନିର୍ଦ୍ଦେଶକୁ ଧ୍ୟାନରେ ରଖି ନିଜ ବିଭାଜନରେ କରାଯାଇଥିବା ସମସ୍ତ ବୈଷୟିକ କାର୍ଯ୍ୟର ସଠିକତା ପାଇଁ ଦାୟୀ ରହିବେ ।

2013-14 ରୁ 2017-18 ଅବଧି ମଧ୍ୟରେ ସମଗ୍ର ରାଜ୍ୟ ପାଇଁ ବୃକ୍ଷରୋପଣ କାର୍ଯ୍ୟକଳାପ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ବାସ୍ତବିକ ଲକ୍ଷ୍ୟ ସାରଣୀ 2.4 ରେ ଦର୍ଶାଗଲା ।

**ସାରଣୀ 2.4: ବୃକ୍ଷରୋପଣ କାର୍ଯ୍ୟକଳାପର ବାସ୍ତବିକ ଲକ୍ଷ୍ୟ**

| ବର୍ଷ | ଏଆର୍ ବୃକ୍ଷରୋପଣ | | ଏଏନ୍ଆର୍ ବୃକ୍ଷରୋପଣ | | ମୋଟ ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟରରେ) | ମୋଟ ଲକ୍ଷ୍ୟ ହାସଲ (ହେକ୍ଟରରେ) | କମ୍‌ତି (+)/ ଅଧିକ (-) (ହେକ୍ଟରରେ) | ଆଭେନ୍ୟୁ ବୃକ୍ଷରୋପଣ | | କମ୍‌ତି (+)/ଅଧିକ (-) (ଆରକେଏମ୍) |
|---|---|---|---|---|---|---|---|---|---|---|
| | ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟରରେ) | ଲକ୍ଷ୍ୟ ହାସଲ (ହେକ୍ଟରରେ) | ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟରରେ) | ଲକ୍ଷ୍ୟ ହାସଲ (ହେକ୍ଟରରେ) | | | | ଧାର୍ଯ୍ୟ ଲକ୍ଷ୍ୟ (ଆରକେଏମ୍) | ଲକ୍ଷ୍ୟ ସଫଳତା (ଆରକେଏମ୍) | |
| 2013-14 | 40,000 | 25,086 | 40,000 | 38,050 | 80,000 | 63,136 | 16,864 | 4,000 | 4,506 | -506 |
| 2014-15 | 27,252 | 24,600 | 49,196 | 60,253 | 76,448 | 84,853 | -8,405 | 5,015 | 4,755 | 260 |
| 2015-16 | 24,002 | 16,576 | 1,95,584 | 98,540 | 2,19,586 | 1,15,116 | 1,04,470 | 5,440 | 4,607 | 833 |
| 2016-17 | 25,417 | 15,322 | 2,12,529 | 1,27,973 | 2,37,946 | 1,43,295 | 94,651 | 5,941 | 5,588 | 353 |
| 2017-18 | 19,683 | 5,776 | 2,47,042 | 20,367 | 2,66,725 | 26,143 | 2,40,582 | 5,383 | 3,235 | 2,148 |
| ମୋଟ | **1,36,354** | **87,360** | **7,44,351** | **3,45,183** | **8,80,705** | **4,32,543** | **4,48,162** | **25,779** | **22,691** | **3,088** |
| କମ୍‌ତିର ପ୍ରତିଶତ | | | | | | | **50.89** | | | **11.98** |

*(ଉତ୍ସ: ବିଭାଗର ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ)*

2013-14 ରୁ 2017-18 ମଧ୍ୟରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ ଅଧୀନରେ ବୃକ୍ଷରୋପଣ ଲକ୍ଷ୍ୟ ହାସଲ 11.98 ରୁ 50.89 ପ୍ରତିଶତ ମଧ୍ୟରେ ରହିଥିଲା । ବୃକ୍ଷରୋପଣ ଲକ୍ଷ୍ୟ ହାସଲ କରିବାରେ ବିଫଳ ହେବାର ମୁଖ୍ୟ କାରଣଗୁଡ଼ିକ ନିମ୍ନମତେ ଥିଲା:

- ସବୁ ସ୍ତରରେ ଯଥା ରେଞ୍ଜ, ବିଭାଜନ ଏବଂ ଜଙ୍ଗଲ ମୁଖ୍ୟାଳୟରେ ବୃକ୍ଷରୋପଣ ଉଦ୍ଦେଶ୍ୟରେ ଅବକ୍ଷୟ ଜଙ୍ଗଲ ଜମି ଏବଂ ରାଜ୍ୟରେ ଖାଲି ଥିବା ରାଜସ୍ୱ ଜମି ସମ୍ବନ୍ଧରେ କୌଣସି ବିସ୍ତୃତ ଡାଟାବେସ୍ ନଥିଲା । ଯୋଜନା ପ୍ରଣାଳୀ କେବଳ କ୍ଷେତ୍ରୀୟ କର୍ମଚାରୀଙ୍କ ଦ୍ୱାରା ଭାଗ ଭାଗ କରି ପ୍ରଦତ୍ତ ତତ୍‌କ୍ଷଣାତ୍ ତଥ୍ୟରେ ସୀମିତ ଥିଲା ।

- ବୃକ୍ଷରୋପଣ ଉପରେ ବାର୍ଷିକ ଲକ୍ଷ୍ୟଗୁଡ଼ିକ ରେଞ୍ଜ ଏବଂ ବିଭାଜନ ସ୍ତରରେ ସଂକଳନ କରାଯାଇ ନଥିଲା । ଲକ୍ଷ୍ୟଗୁଡ଼ିକ ପିସିସିଏଫ୍‌ଙ୍କ ଦ୍ୱାରା ସ୍ଥିର କରାଯାଇଥିଲା ଏବଂ ସମ୍ପୃକ୍ତ ବିଭାଜନଗୁଡ଼ିକୁ ଜଣାଇ ଦିଆଯାଇଥିଲା । ଏହା ରେଞ୍ଜ, ବିଭାଜନ ଏବଂ ଜଙ୍ଗଲ ମୁଖ୍ୟାଳୟ ମଧ୍ୟରେ ସମନ୍ୱୟର ଅଭାବକୁ ସୂଚିତ କଲା ।

- ଆହୁରି ମଧ୍ୟ, ଲକ୍ଷ୍ୟ ହାସଲ କରିବାରେ ବିଫଳତା ମୁଖ୍ୟତଃ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (ସିଏସ୍‌ପି) ଅଧୀନରେ ଥିଲା । ଉଦାହରଣ ସ୍ୱରୂପ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଏମ୍‌ଜିଏନ୍‌ଆର୍‌ଜିଏସ୍ ଅଧୀନରେ କରାଯାଇଥିଲା, ଯେଉଁଠାରେ ଲକ୍ଷ୍ୟ ହାସଲ କରିବାରେ କମ୍‌ତି 23 ରୁ 68 ପ୍ରତିଶତ ମଧ୍ୟରେ ଥିଲା, ଯାହା **ଅନୁଚ୍ଛେଦ 2.1.4.4** ରେ ଆଲୋଚନା କରାଯାଇଛି । ପ୍ରକଳ୍ପଗୁଡ଼ିକର ଅନୁମୋଦନରେ ବିଳମ୍ବ, ଜବ୍ କାର୍ଡଧାରୀ ଉପଲବ୍ଧ ନଥିବା, ସମୟାନୁଯାୟୀ ପାଣ୍ଠି ପ୍ରଦାନ କରାନଯିବା ଏବଂ କମ୍ ବେତନ ହାର ଇତ୍ୟାଦି ଏହାର କାରଣ ଥିଲା ।

ତେଣୁ, ବୃକ୍ଷରୋପଣ କାର୍ଯ୍ୟକଳାପ ପାଇଁ କୌଣସି ଦୀର୍ଘକାଳୀନ ଯୋଜନା ଏବଂ ବାର୍ଷିକ ଲକ୍ଷ୍ୟ ସ୍ଥିର କରିବା ପାଇଁ ଆବଶ୍ୟକୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜଙ୍ଗଲ ବିଭାଗ ନିକଟରେ ଉପଲବ୍ଧ ନଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ସ୍ୱୀକାର କରି ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ କାର୍ଯ୍ୟ ଯୋଜନା ଏବଂ ଖାଲି ଜମି ତଥା ଅବକ୍ଷୟ ଜମିର ଉପଲବ୍ଧତା ଅନୁଯାୟୀ ବିଭାଜନ ଠାରୁ ବୃକ୍ଷରୋପଣ ଲକ୍ଷ୍ୟର ପ୍ରସ୍ତାବ ଗ୍ରହଣ କରାଯାଇଛି ଏବଂ ଏହାକୁ ଅନୁମୋଦନ କରାଯାଇ ସମସ୍ତଙ୍କୁ ଜଣାଇଦିଆଯାଇଥିଲା । ଯଦିଓ ବିଭାଜନ ଗୁଡ଼ିକ ଠାରୁ ବାର୍ଷିକ ଲକ୍ଷ୍ୟଗୁଡ଼ିକର ସମସ୍ତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା, ଉଭୟ ବିଭାଜନ ଏବଂ ପିସିସିଏଫ୍ (ଓ ଏବଂ ଏଚ୍‌ଓଏଫ୍‌ଏଫ୍), ଅଡିଟ୍‌କୁ ଏଭଳି କୌଣସି ନଥି ପ୍ରଦାନ କରିପାରିନଥିଲେ ।

## 2.1.3.5 ଜଙ୍ଗଲ ସମ୍ପଦର ପରିଚାଳନା ପାଇଁ ରାଜ୍ୟ ଜଙ୍ଗଲ ନୀତି ଉପଲବ୍ଧ ନଥିବା

ଜଙ୍ଗଲ ଏବଂ ବନ୍ୟଜନ୍ତୁ ସମ୍ପଦର ନିରନ୍ତର ପରିଚାଳନା ପାଇଁ ଏନ୍‌ଏଫ୍‌ପି, 1988 ଅନୁଯାୟୀ ରାଜ୍ୟ ଜଙ୍ଗଲ ନୀତି (ଏସ୍‌ଏଫ୍‌ପି) ଗଠନ କରିବା ପାଇଁ ଜାତୀୟ ଜଙ୍ଗଲ କମିଶନ ସୁପାରିଶ କରିଥିଲା (ମାର୍ଚ୍ଚ 2006) ।

ଅଡିଟ୍ ଲକ୍ଷ୍ୟ କଲା ଯେ ବିଭାଗ ଏପର୍ଯ୍ୟନ୍ତ ଏସ୍‌ଏଫ୍‌ପି ଗଠନ କରିନାହିଁ । ଏସ୍‌ଏଫ୍‌ପି ଗଠନ କରିବାରେ ବିଫଳତା ଯୋଗୁଁ ରାଜ୍ୟରେ ସବୁଜ ବଳୟ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ଯୋଜନା କରାଯାଇପାରି ନଥିଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ, ଯଦିଓ ଏସ୍‌ଏଫ୍‌ପି ଉପଲବ୍ଧ ନଥିଲା, ରାଜ୍ୟ ଏହା ବଦଳରେ ଏନ୍‌ଏଫ୍‌ପିକୁ ଅନୁସରଣ କରୁଥିଲେ । ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଏନ୍‌ଏଫ୍‌ପି, ସମସ୍ତ ରାଜ୍ୟ ପାଇଁ ଏକ ଗାଇଡ୍ ଦସ୍ତାବିଜ୍ ଅଟେ । ସ୍ଥାନୀୟ ଭୂ-ଜଳବାୟୁ ପରିସ୍ଥିତିକୁ ଅନୁଧ୍ୟାନ କରି ଏନ୍‌ଏଫ୍‌ପି ଅନୁଯାୟୀ, ରାଜ୍ୟ, ନିଜସ୍ୱ ଏସ୍‌ଏଫ୍‌ପି ଗଠନ କରିବା ଆବଶ୍ୟକ ।

### 2.1.3.6 କାର୍ଯ୍ୟ ଯୋଜନା ପ୍ରସ୍ତୁତିରେ ବିଳମ୍ବ ଏବଂ ଏହିପରି ଯୋଜନା ବିନା କାର୍ଯ୍ୟ କରିବା

ଚାର୍ଟ ସଂଖ୍ୟା.3




ଭାରତ ସରକାରଙ୍କ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରାଳୟ ଦ୍ୱାରା ଜାରି କରାଯାଇଥିବା ଜାତୀୟ କାର୍ଯ୍ୟ ଯୋଜନା (ଏନ୍‌ଡବ୍ଲୁପି) ସଂହିତା 2014 ର ଅଧ୍ୟାୟ 1 ର ଅନୁଚ୍ଛେଦ 3 ଅନୁଯାୟୀ, ସମସ୍ତ ଜଙ୍ଗଲକୁ ଏକ କାର୍ଯ୍ୟ ଯୋଜନା/ ପ୍ରକଳ୍ପର ବ୍ୟବସ୍ଥାପତ୍ର ଅନୁଯାୟୀ ନିରନ୍ତର ଭାବରେ ପରିଚାଳନା କରାଯିବା କଥା । ପୁନଶ୍ଚ, ଏନ୍‌ଏଫ୍‌ପି, 1988 ସ୍ପଷ୍ଟ ଭାବରେ ଦର୍ଶାଇଛି ଯେ ଉଚିତ୍ କର୍ତ୍ତୃପକ୍ଷଙ୍କ ଅନୁମୋଦିତ କାର୍ଯ୍ୟ ଯୋଜନା ବିନା କୌଣସି ଜଙ୍ଗଲକୁ ପରିଚାଳନା କରିବା ପାଇଁ ଅନୁମତି ଦିଆଯିବା ଉଚିତ୍ ନୁହେଁ । କାର୍ଯ୍ୟ ଯୋଜନା (ଡବ୍ଲୁପି) / ପ୍ରକଳ୍ପ ପ୍ରସ୍ତୁତି ନିଶ୍ଚିତ କରିବା ଜଙ୍ଗଲ କ୍ଷେତ୍ରର ପରିଚାଳକ କିମ୍ବା ମାଲିକଙ୍କ କର୍ତ୍ତବ୍ୟ । ପ୍ରତ୍ୟେକ ଡବ୍ଲୁପିରେ ଏକ ନିର୍ଦ୍ଦିଷ୍ଟ ଜଙ୍ଗଲ ବିଭାଜନରେ ଥିବା ଜଙ୍ଗଲର ସଠିକ୍ ପରିଚାଳନା ପାଇଁ କ୍ଷେତ୍ର ନିର୍ଦ୍ଦିଷ୍ଟ ବ୍ୟବସ୍ଥାପତ୍ର ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ଏବଂ ଏହା ପ୍ରତି ଦଶ ବର୍ଷରେ ଥରେ ସଂଶୋଧିତ ହେବ । ବେସରକାରୀ, ଗ୍ରାମ ଇତ୍ୟାଦି ନିୟନ୍ତ୍ରଣ/ ମାଲିକାନା ଅଧିନରେ କ୍ଷୁଦ୍ର ଅଞ୍ଚଳକୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ କିମ୍ବା ଜଙ୍ଗଲ କ୍ଷେତ୍ର ପାଇଁ କାର୍ଯ୍ୟ ଯୋଜନା (ଡବ୍ଲୁଏସ୍) ପ୍ରସ୍ତୁତ କରାଗଲା ।

ଅଡିଟ୍‌କୁ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ 44 ବିଭାଜନ ଯଥା 37 ଟେରିଟୋରିଆଲ୍ ଏବଂ 7 ବନ୍ୟ ପ୍ରାଣୀ ବିଭାଜନ ବିଧିମାନ୍ୟ ଡବ୍ଲୁପି ଅନୁଯାୟୀ କାର୍ଯ୍ୟ କରିବାର ଥିଲା । କିନ୍ତୁ, ଏହା ଲକ୍ଷ୍ୟ କରାଯାଇଥିଲା ଯେ 44 ଟି ବିଭାଜନ ମଧ୍ୟରୁ କେବଳ 13 ଟି ବିଭାଜନ ଅନୁମୋଦିତ ଡବ୍ଲୁପି ଅଧିନରେ କାର୍ଯ୍ୟ କରୁଥିଲା, 27 ଟି ବିଭାଜନ ଅନୁମୋଦିତ ଡବ୍ଲୁଏସ୍ ଅଧିନରେ କାର୍ଯ୍ୟ କରୁଥିଲା ଏବଂ ଚାରିଟି ବିଭାଜନ କୌଣସି ଅନୁମୋଦିତ ଡବ୍ଲୁପି/ ଡବ୍ଲୁଏସ୍ ବିନା କାର୍ଯ୍ୟ କରୁଥିଲା । ଏହା ମଧ୍ୟ ଦେଖାଗଲା ଯେ, 27 ଟି ବିଭାଜନର ଡବ୍ଲୁଏସ୍ ଗୁଡ଼ିକର ଅବଧି ମାର୍ଚ୍ଚ 2021 ସୁଦ୍ଧା ସମାପ୍ତ ହୋଇସାରିଥିଲା । ତେଣୁ, 31 ଟି ବିଭାଜନ ଅନୁମୋଦିତ ଡବ୍ଲୁପି/ ଡବ୍ଲୁଏସ୍ (ଜୁନ୍ 2021) ବିନା କାର୍ଯ୍ୟ କରୁଥିଲା ଯାହା **ପରିଶିଷ୍ଟ-1** ରେ ଦର୍ଶାଯାଇଅଛି । ବିଧିମାନ୍ୟ ଡବ୍ଲୁପି/ ଡବ୍ଲୁଏସ୍ ବିନା ଜଙ୍ଗଲ ବିଭାଜନଗୁଡ଼ିକ କାର୍ଯ୍ୟ କରିବା ଏନ୍‌ଡବ୍ଲୁପି ସଂହିତା, 2014 ର ମୌଳିକ ନୀତିକୁ ଉଲ୍ଲଙ୍ଘନ କରୁଥିଲା ଏବଂ ଏହି ଅଞ୍ଚଳରେ ଜଙ୍ଗଲ ଏବଂ ଜୈବ ବିବିଧତାର ନିରନ୍ତର ପରିଚାଳନାରେ ବାଧା ସୃଷ୍ଟି କଲା ।

ସମୀକ୍ଷା ସିଦ୍ଧାନ୍ତକୁ ସ୍ୱୀକାର କରି ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ 2020-21 ରେ 10 ଟି ଡବ୍ଲୁପି ଅନୁମୋଦିତ ହୋଇଥିଲା ଏବଂ 2021-22 ରେ 20 ଟି ଡବ୍ଲୁପି ଅନୁମୋଦନ ପାଇଁ ଦାଖଲ କରାଯାଇଥିଲା । ସେହିପରି 2021-22 ରେ 10 ଟି ଡବ୍ଲୁଏସ୍ ଅନୁମୋଦନ ପାଇଁ ଦାଖଲ କରାଯାଇଥିଲା ।

### 2.1.3.7 ସର୍ବେକ୍ଷଣ ବିଭାଜନ ଦ୍ୱାରା ଜଙ୍ଗଲ ସମ୍ବଳର ନିର୍ଦ୍ଧାରଣ ନହେବା

ଏନ୍‌ଡବ୍ଲୁପି ସଂହିତା, 2014 ର ଅଧ୍ୟାୟ VI ର ଅନୁଚ୍ଛେଦ 76 ଅନୁଯାୟୀ ବୃକ୍ଷରୋପଣ ବିଷୟରେ ଏକ ଅତ୍ୟାଧୁନିକ ଏବଂ ନିର୍ଭରଯୋଗ୍ୟ ଜ୍ଞାନ ଆବଶ୍ୟକ । ବୃକ୍ଷରୋପଣ ନିର୍ଦ୍ଧାରଣ ପାଇଁ ଏହାର ସର୍ବେକ୍ଷଣ ବ୍ୟବସ୍ଥା କରାଯାଇଛି ଏବଂ ସର୍ବେକ୍ଷଣର ଫଳାଫଳ ବୃକ୍ଷରୋପଣ ପତ୍ରିକାରେ ଲିପିବଦ୍ଧ ହେବା ଆବଶ୍ୟକ । ଓଏଫ୍‌ଡି ସଂହିତା, 1979 ର ନିୟମ 227 ଅନୁଯାୟୀ, ଜଙ୍ଗଲ ସଂପଦର ସର୍ବେକ୍ଷଣ, ଜଙ୍ଗଲ କଞ୍ଚାମାଲ ଯୋଗାଣ ଏବଂ ଚାହିଦା ଆକଳନ କରିବା ପାଇଁ ରାଜ୍ୟରେ ଜଙ୍ଗଲ ସମ୍ବଳ ସର୍ବେକ୍ଷଣ (ଏଫ୍‌ଆର୍‌ଏସ୍) ବିଭାଜନ ପ୍ରତିଷ୍ଠା କରାଯାଇଥିଲା (1970) । ଓଏଫ୍‌ଡି ସଂହିତାର ନିୟମ 228 ଏବଂ ନିୟମ 233 ଅନୁଯାୟୀ, ଉକ୍ତ ସର୍ବେକ୍ଷଣ ପାଇଁ ଯଥାକ୍ରମେ ଏକ ପାଞ୍ଚ ବର୍ଷର କାର୍ଯ୍ୟକ୍ରମ ଏବଂ ବାର୍ଷିକ ସର୍ବେକ୍ଷଣ ଯୋଜନା (ଏଏସ୍‌ପି) ସମ୍ବଳ ସର୍ବେକ୍ଷଣ ଦାୟିତ୍ୱରେ ଥିବା ଡିଏଫ୍‌ଓଙ୍କ ଦ୍ୱାରା ତାଙ୍କ ସଂରକ୍ଷକଙ୍କ ପରାମର୍ଶ କ୍ରମେ ପ୍ରସ୍ତୁତ କରାଯିବା ଉଚିତ୍ । ବାର୍ଷିକ ପ୍ରଶାସନିକ (ଏଏ) ରିପୋର୍ଟରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଭାଜନ ଦ୍ୱାରା ଜଙ୍ଗଲ ସମ୍ବଳ ଉପରେ ଏକ ବାର୍ଷିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରାଯିବା କଥା ।

ଅଡିଟ୍, ସର୍ବେକ୍ଷଣ ବିଭାଜନର ନଥିପତ୍ର ଯାଞ୍ଚ କରି ନିମ୍ନଲିଖିତ ଅନିୟମିତତା ଅବଲୋକନ କଲା:

- ଉପରୋକ୍ତ ବାଧତାମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଏଫ୍ଆର୍ଏସ୍ ବିଭାଜନକୁ ନ୍ୟସ୍ତ କରାଯାଇ ନଥିଲା । 2009-10 ପରେ ଏଏସ୍‌ପି ପ୍ରସ୍ତୁତ ହୋଇନଥିଲା । ବାଧତାମୂଳକ କାର୍ଯ୍ୟ ପରିବର୍ତ୍ତେ ବିଭାଗ ଦ୍ୱାରା 2015-16 ରେ କେନ୍ଦୁଝର ବନ୍ୟପ୍ରାଣୀ ବିଭାଜନର ଡବ୍ଲୁପିକୁ ପୁନରୀକ୍ଷଣ କରିବା ପାଇଁ ଏହି ବିଭାଜନକୁ ଦାୟିତ୍ୱ ଦିଆଯାଇଥିଲା, ଯଦିଓ ଡବ୍ଲୁପି ବିଭାଜନର କାର୍ଯ୍ୟ ଯୋଜନା ଅଧିକାରୀ (ଡବ୍ଲୁପିଓ) ଙ୍କ ଦ୍ୱାରା ଡବ୍ଲୁପି ପ୍ରସ୍ତୁତ କରାଯିବା କଥା ।

- 2013-16 ମଧ୍ୟରେ କାର୍ଯ୍ୟ ଉପରେ ଖର୍ଚ୍ଚ ପାଇଁ କୌଣସି ପାଣ୍ଠି ଆବଣ୍ଟନ ହୋଇନଥିଲା । ବିଭାଜନରେ 38 ରୁ 42 କର୍ମଚାରୀ ଉପଲବ୍ଧ ରହିବା ତୁଳନାରେ 22 ରୁ 31 କର୍ମଚାରୀ ଉପଲବ୍ଧ ଥିଲେ ଏବଂ 2013-18 ମଧ୍ୟରେ ପ୍ରତିଷ୍ଠାନ ଖର୍ଚ୍ଚ ବାବଦରେ 4.89 କୋଟି ଟଙ୍କା ଏବଂ 2016-18 ମଧ୍ୟରେ କାର୍ଯ୍ୟ ଖର୍ଚ୍ଚ ପାଇଁ 11.56 ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ତେଣୁ, ଉପରୋକ୍ତ ବ୍ୟବସ୍ଥା ଅନୁଯାୟୀ ଏହି ବ୍ୟୟ ବିଭାଜନର କାର୍ଯ୍ୟକାରିତା ପାଇଁ ଯଥାର୍ଥ ନୁହେଁ ।

ଅଣ ବାଧ୍ୟତାମୂଳକ କାର୍ଯ୍ୟ ନ୍ୟସ୍ତ କରାଯିବା ଏବଂ କାର୍ଯ୍ୟ ବ୍ୟୟ ପାଇଁ ବଜେଟ୍‌ର ବ୍ୟବସ୍ଥା କରାନଯିବା ଏହି ବିଭାଜନର ଅଣକାର୍ଯ୍ୟକାରିତାର କାରଣ ଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ସ୍ୱୀକାର କରି ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ କେନ୍ଦୁଝର ବନ୍ୟପ୍ରାଣୀ ବିଭାଜନର ଡବ୍ଲୁପି ପ୍ରସ୍ତୁତ ପାଇଁ ଏହି ବିଭାଜନକୁ ଦାୟିତ୍ୱ ଦିଆଯାଇଥିଲା । ବିଭାଜନର ମୂଳ କାର୍ଯ୍ୟ ସମ୍ପନ୍ନ ହୋଇନପାରିଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ । ଡବ୍ଲୁପିର ପ୍ରସ୍ତୁତି ଏବଂ ସଂଶୋଧନ ସରକାରଙ୍କ ଦ୍ୱାରା ଦାୟିତ୍ୱ ଦିଆଯାଇଥିବା ଅନୁସାରେ ଜଙ୍ଗଲ ସମ୍ବଳ ସର୍ବେକ୍ଷଣ ଏବଂ ନିର୍ଦ୍ଧାରଣର ମୂଳ କାର୍ଯ୍ୟ ସହ ଏହା ଏକ ଅତିରିକ୍ତ କାର୍ଯ୍ୟ ଅଟେ ।

**ସୁପାରିଶ (ଜଙ୍ଗଲ ନୀତି ଏବଂ ଯୋଜନା)**

- ***ରାଜ୍ୟରେ ସବୁଜ ବଳୟ ବୃଦ୍ଧି ପାଇଁ ଜଙ୍ଗଲ ଏବଂ ବନ୍ୟଜନ୍ତୁ ସମ୍ବଳର ନିରନ୍ତର ପରିଚାଳନା ନିମନ୍ତେ ସରକାର ରାଜ୍ୟ ଜଙ୍ଗଲ ନୀତି ପ୍ରସ୍ତୁତ କରିପାରନ୍ତି ।***

- ***ସମସ୍ତ ସ୍ତର ଯଥା-ରେଞ୍ଜ, ବିଭାଜନ ଏବଂ ଜଙ୍ଗଲ ମୁଖ୍ୟାଳୟରେ ବୃକ୍ଷରୋପଣ ଉଦ୍ଦେଶ୍ୟରେ ରାଜ୍ୟରେ ଅବକ୍ଷୟ ହୋଇଥିବା ଜଙ୍ଗଲ ଜମି ଏବଂ ଖାଲି ରାଜସ୍ୱ ଜମି ଉପରେ ବିସ୍ତୃତ ଡାଟାବେସ୍‌ର ପ୍ରସ୍ତୁତି କରିବାକୁ ସରକାର ବିଚାର କରିପାରନ୍ତି ।***

- ***ଜଙ୍ଗଲ ବିଭାଗରେ ବୃକ୍ଷରୋପଣ କାର୍ଯ୍ୟକଳାପ ପାଇଁ ବାର୍ଷିକ ଲକ୍ଷ୍ୟ ସ୍ଥିର କରିବା ପୂର୍ବରୁ ସବୁ ସ୍ତରରେ ସମନ୍ୱିତ ଯୋଜନା ସୁନିଶ୍ଚିତ କରାଯାଇପାରେ ।***

- ***ରାଜ୍ୟରେ ଜଙ୍ଗଲର ନିରନ୍ତର ପରିଚାଳନା ଏବଂ ଜୈବ ବିବିଧତା ପାଇଁ ବିଭାଜନର କାର୍ଯ୍ୟ ନିମନ୍ତେ ଜଙ୍ଗଲ ବିଭାଗ ବିଧିମାନ୍ୟ କାର୍ଯ୍ୟଯୋଜନା ଏବଂ କାର୍ଯ୍ୟ ପ୍ରକଳ୍ପ ପ୍ରସ୍ତୁତ କରିପାରନ୍ତି ।***

## 2.1.4 ବୃକ୍ଷରୋପଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ

### 2.1.4.1 ପ୍ରଜାତି ଗୁଡ଼ିକର ଅନିୟମିତ ଚୟନ

ଏକ ଅଞ୍ଚଳରେ ଉଦ୍ଭିଦରାଜିର ମୌଳିକତାକୁ ପ୍ରଭାବିତ ନକରି ସେହି ଅଞ୍ଚଳକୁ ବୃକ୍ଷ ଦ୍ୱାରା ଆଚ୍ଛାଦିତ କରିବା ହେଉଛି ଜଙ୍ଗଲ ବୃକ୍ଷରୋପଣ କାର୍ଯ୍ୟକ୍ରମର ଲକ୍ଷ୍ୟ । ବୃକ୍ଷରୋପଣ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ଯୋଜନା/ ପ୍ରକଳ୍ପ ଗୁଡ଼ିକ ବ୍ୟବସ୍ଥା କରେ ଯେ ସ୍ଥାନୀୟ ପ୍ରଜାତିଗୁଡ଼ିକ ସ୍ଥାନୀୟ ପରିବେଶ ସହିତ ଅଧିକ ଅନୁକୂଳ ହୋଇଥିବାରୁ ସେଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବ । ପୁନଶ୍ଚ, ଅଡିଟ୍ ହୋଇଥିବା ବିଭାଜନଗୁଡ଼ିକର ଡବ୍ଲୁପି/ ଡବ୍ଲୁଏସ୍ ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ଶାଳ

ଗଛ ହେଉଛି ଓଡ଼ିଶାର ମୁଖ୍ୟ ପ୍ରଜାତି । ପିସିସିଏଫ୍ ସର୍କୁଲାର (ଅକ୍ଟୋବର 2018) ମଧ୍ୟମରେ ଏହି ତଥ୍ୟ ପ୍ରମାଣିତ ହୋଇଥିଲା ଯେଉଁଥିରେ କି ଶାଗୁଆନ, ଆକାସିଆ ଏବଂ ଇଉକାଲିପଟାସ ଗଛ ଜଙ୍ଗଲରେ ଲଗାଯିବ ନାହିଁ ବୋଲି ଦର୍ଶାଯାଇଥିଲା କାରଣ ଏହି ପ୍ରଜାତିଗୁଡ଼ିକ ଜୈବ ବିବିଧତାକୁ ହ୍ରାସ କରିଥାଏ ।

- ଅଡିଟ୍, ବୃକ୍ଷରୋପଣ ପତ୍ରିକା, ଡବ୍ଲୁପି/ ଡବ୍ଲୁଏସ୍ ଏବଂ ଚୟନ ହୋଇଥିବା ବିଭାଜନ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ପରି ବୃକ୍ଷରୋପଣ ନଥିପତ୍ରଗୁଡ଼ିକୁ ଯାଞ୍ଚ କରିଥିଲା । ଚୟନ ହୋଇଥିବା 13 ଟି ବିଭାଜନ ମଧ୍ୟରୁ 12 ଟିରେ 2013-18 ଅବଧିରେ ସହାୟକ ପ୍ରାକୃତିକ ପୁନରୁତ୍ପାଦନ (ଏଏନ୍ଆର୍) ଅଧୀନରେ 73,692.46 ହେକ୍ଟର ଜମିରେ ହୋଇଥିବା 926 ଟି ବୃକ୍ଷରୋପଣରେ ଶାଳ ପ୍ରଜାତି ଉପରେ ଶାଗୁଆନ ପ୍ରଜାତିକୁ ପ୍ରାଧାନ୍ୟ ଦିଆଯାଇଥିବା ଲକ୍ଷ୍ୟ କରାଯାଇଥିଲା । ରେଢ଼ାଖୋଲ ବିଭାଜନରେ ସମୁଦାୟ 173.81 ଲକ୍ଷ ବିହନ ମଧ୍ୟରୁ, 67.53 ଲକ୍ଷ ଶାଗୁଆନ୍ (36 ପ୍ରତିଶତ) ଏବଂ କେବଳ 3,000 ଶାଳ (0.02 ପ୍ରତିଶତ) ବୃକ୍ଷରୋପଣ କରାଯାଇଥିଲା । ବଳକା 106.25 ଲକ୍ଷ ବିହନ ଆମଲା, ସିମାରୁବା, ଗମ୍ଭାରୀ, କରଞ୍ଜ, ଶିଶୁ, କାଜୁ, ବାଉଁଶ ଇତ୍ୟାଦି ଥିଲା । କିନ୍ତୁ, ରାଜନଗର (ଏମ୍ଏଫ୍ଡିଡବ୍ଲୁଏଲ୍) ବିଭାଜନ ଅଧୀନରେ ଏଏନ୍ଆର୍ ବୃକ୍ଷରୋପଣ କାର୍ଯ୍ୟକାରୀ କରାଯାଇନଥିଲା । କେବଳ ସ୍ୱଦେଶୀ ପ୍ରଜାତି ଲଗାଇବାକୁ ପ୍ରାଥମିକତା ଦିଆଯାଇଥିବାରୁ ବିଭାଜନ ଗୁଡ଼ିକର ଡବ୍ଲୁପି/ ଡବ୍ଲୁଏସ୍‌ର ଏହା ଏକ ଉଲ୍ଲଙ୍ଘନ ଥିଲା ।

- ବୌଦ୍ଧ ଜଙ୍ଗଲ ବିଭାଜନରେ 2013-14 ଅବଧିରେ ପୁରୁଣା କଟକ ରେଞ୍ଜ ଅଧୀନରେ ଥିବା କାମ୍ପୁନାଥପୁରରେ 10 ହେକ୍ଟର ଜମିରେ ଗୋଟିଏ ବୃକ୍ଷରୋପଣ କରାଯାଇଥିଲା । ଜମିର ବାସ୍ତବିକ ଲକ୍ଷଣ ଯଥା-ବୃଷ୍ଟିପାତ/ ତାପମାତ୍ରା ତଥ୍ୟ, ମୃତ୍ତିକା ବିଶ୍ଳେଷଣ ଇତ୍ୟାଦି ବୃକ୍ଷରୋପଣ ପତ୍ରିକାରେ ଲିପିବଦ୍ଧ କରାଯାଇ ନଥିବା ଅଡିଟ୍ ଲକ୍ଷ୍ୟ କରିଥିଲା । ଏଫ୍ପିଏମ୍‌ର ନିୟମ 207 ଅନୁଯାୟୀ ବୃକ୍ଷରୋପଣର ସ୍ଥିତି, ଅଭିବୃଦ୍ଧି ଏବଂ ବଞ୍ଚିବାର ଶତକଡ଼ା ସମ୍ବଳିତ ଆରଓଙ୍କ ତ୍ରୈମାସିକ ଯାଞ୍ଚ ଉପଲବ୍ଧ ନଥିଲା । ପତ୍ରିକା ଅନୁଯାୟୀ 4,000 ଶାଗୁଆନ, 4,000 ଶିଶୁ ଏବଂ 3,000 ବାଉଁଶ ଏହିପରି ମୋଟ 11,000 ବିହନ ବୁଣାଯାଇଥିଲା । ସ୍ଥାନଗୁଡ଼ିକର ମିଳିତ ବାସ୍ତବିକ ଯାଞ୍ଚ (ଜେପିଭି) ସମୟରେ ଏହା ଦେଖାଗଲା ଯେ ଛଅ ବର୍ଷର ବୃକ୍ଷରୋପଣ ପରେ ହାରାହାରି ଉଚ୍ଚତା 12 ରୁ 15 ଫୁଟ ଉଚ୍ଚତାରେ ହାରାହାରି 80 ପ୍ରତିଶତ ବଞ୍ଚିବା ସହିତ ଦୁଇଟି କ୍ଷୁଦ୍ର ଭୂଖଣ୍ଡରେ ଭଲ ଭାବରେ ବଞ୍ଚି ରହିଥିଲା । ଯେହେତୁ ଜରୁରୀକାଳିନ ପୁନଃସ୍ଥାପନ ସମୟରେ କେବଳ ଶାଗୁଆନ୍ ଲଗାଯାଇଥିଲା, ଉଭୟ ଶିଶୁ ଏବଂ ବାଉଁଶ ଗଛକୁ ଲକ୍ଷ୍ୟ କରାଯାଇପାରିଲା ନାହିଁ । ତେଣୁ, ବୃକ୍ଷର ହାରାହାରି ବଞ୍ଚିବା 37 ପ୍ରତିଶତ ଥିଲା । ଉପରୋକ୍ତ ବିଷୟରୁ ଏହା ସ୍ପଷ୍ଟ ହେଲା ଯେ ମୃତ୍ତିକା, ବୃଷ୍ଟିପାତ, ତାପମାତ୍ରା, ଡ୍ରେନେଜ୍ ସିଷ୍ଟମ ଇତ୍ୟାଦି ଭଳି ଆବଶ୍ୟକୀୟ ପାରାମିଟରଗୁଡ଼ିକର ବୃକ୍ଷରୋପଣ ପୂର୍ବରୁ ବିଶ୍ଳେଷଣ ସହିତ ସ୍ଥାନ ଅନୁଯାୟୀ ପ୍ରଜାତିର ଚୟନ ଅନୁପଯୁକ୍ତ ଥିଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ ବୃକ୍ଷରୋପଣର ମୂଳ ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ସବୁଜ ବଳୟ ବୃଦ୍ଧି କରିବା ଏବଂ ବୃକ୍ଷରୋପଣ ପାଇଁ ପ୍ରଜାତିଗୁଡ଼ିକ ସ୍ଥାନୀୟ ଜଳବାୟୁ ପରିସ୍ଥିତି ଏବଂ ପ୍ରଜାତିର ବଞ୍ଚିବାର ହାରକୁ ଆଧାର କରି ଚୟନ କରାଯାଇଥିଲା । ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଭୂ-ଜଳବାୟୁ ପରିସ୍ଥିତି ଅନୁଯାୟୀ ସମ୍ପୃକ୍ତ ବିଭାଜନଗୁଡ଼ିକର ଡବ୍ଲୁପି/ ଡବ୍ଲୁଏସ୍ ଗୁଡ଼ିକ ପ୍ରସ୍ତୁତ କରାଯାଇଥିଲା ଏବଂ ଜଙ୍ଗଲର ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ସ୍ୱଦେଶୀ ପ୍ରଜାତିଗୁଡ଼ିକୁ ବୃକ୍ଷରୋପଣ ପାଇଁ ପ୍ରାଥମିକତା ଦିଆଯାଇଥିଲା ।

### 2.1.4.2 ବୃକ୍ଷରୋପଣ ନଥିପତ୍ରଗୁଡ଼ିକର ଅନୁପଯୁକ୍ତ ଅନୁରକ୍ଷଣ

ଏଫ୍ପିଏମ୍, 1977 ର ନିୟମ 197 ଏବଂ 201 ଅନୁଯାୟୀ, ବୃକ୍ଷରୋପଣ ରେଜିଷ୍ଟର ଏବଂ ବୃକ୍ଷରୋପଣ ପତ୍ରିକା ଯଥାକ୍ରମେ ପରିଶିଷ୍ଟ-XI ଏବଂ XII ରେ ବିଭାଗ ତଥା ରେଞ୍ଜ ସ୍ତରରେ ଅନୁରକ୍ଷଣ କରାଯିବ । ଏହି ପତ୍ରିକାଗୁଡ଼ିକର ସମସ୍ତ ନକଲ ସର୍ବଦା ଅପ୍‌ଡେଟ୍ ରଖାଯିବ ଏବଂ ଯାଞ୍ଚ ସମୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସର୍ବଦା ଉପସ୍ଥାପନ କରାଯିବ । ବୃକ୍ଷ ଲଗାଯିବ ଦିନ ଠାରୁ ଲଗାତାର ତିନି ବର୍ଷ ପାଇଁ ସର୍ବାଧିକ/ ହାରାହାରି

ଉଚ୍ଚତା, ବଞ୍ଚିବାର ଶତକଡ଼ା, ମୃତ୍ୟୁର କାରଣ ଇତ୍ୟାଦିରେ ବୃକ୍ଷରୋପଣର ଅବସ୍ଥା, ବିଭାଜନ ତଥା ରେଞ୍ଜ ସ୍ତରରେ ସମସ୍ତ ବୃକ୍ଷରୋପଣ ପତ୍ରିକାରେ ଅନ୍ତର୍ଭୁକ୍ତ ହେବ।

ଚୟନ ହୋଇଥିବା 13 ଟି ଜଙ୍ଗଲ ବିଭାଜନରେ ନଥିପତ୍ର ଯାଞ୍ଚ କରି ସମୀକ୍ଷା ଦେଖିଲେ ଯେ ବିଭିନ୍ନ ଯୋଜନା ଅଧିନରେ ସମୁଦାୟ 4,586 ବୃକ୍ଷରୋପଣ କରାଯାଇଥିଲା। ସେଥିମଧ୍ୟରୁ, 2013-14 ରୁ 2017-18 ସମ୍ପର୍କିତ 312 ଟି (07 ପ୍ରତିଶତ) ପତ୍ରିକା ସଂପୃକ୍ତ ବୃକ୍ଷରୋପଣ ସ୍ଥାନ ପାଇଁ ଖୋଲାଯାଇ ନଥିଲା ଯେହେତୁ ଅଡିଟ୍‌କୁ ଯାଞ୍ଚ ପାଇଁ ତାହା ଉପସ୍ଥାପନ କରାଯାଇପାରି ନଥିଲା। 4,586 ବୃକ୍ଷରୋପଣ ପତ୍ରିକା ମଧ୍ୟରୁ 2,373 ପତ୍ରିକା ନମୁନା ଯାଞ୍ଚ ପାଇଁ ଚୟନ କରାଯାଇଥିଲା। ନମୁନା ସଂଗ୍ରହ ଉପରେ ଆଧାର କରି, ମନୋନୀତ ପତ୍ରିକାର 50 ପ୍ରତିଶତ ଅର୍ଥାତ୍ 1,187 ଟି ପତ୍ରିକାକୁ ବିସ୍ତୃତ ଭାବରେ ଯାଞ୍ଚ କରାଯାଇଥିଲା ଏବଂ ଏହା ଲକ୍ଷ୍ୟ କରାଗଲା ଯେ 148 ବୃକ୍ଷରୋପଣ ପତ୍ରିକା (12.47 ପ୍ରତିଶତ ) ସଠିକ୍ ଭାବରେ ଅନୁରକ୍ଷଣ କରାଯାଇ ନଥିଲା ଯାହା **ପରିଶିଷ୍ଟ–2** ରେ ବର୍ଣ୍ଣନା କରାଯାଇଅଛି। ବୃକ୍ଷରୋପଣର ପୂର୍ବ ଏବଂ ପର ବିସ୍ତୃତ ତଥ୍ୟ, ବିତରଣ ସହ ସଂପୂର୍ଣ୍ଣ ବାର୍ଷିକ ବ୍ୟୟ, ରେଞ୍ଜ ଅଫିସରଙ୍କର ତ୍ରୈମାସିକ ଯାଞ୍ଚ, ବୃକ୍ଷରୋପଣ (ଫରେଷ୍ଟର/ ଫରେଷ୍ଟ ଗାର୍ଡ) ଏବଂ ରେଞ୍ଜ ଅଧିକାରୀଙ୍କ ଦ୍ୱାରା ପ୍ରାମାଣିକିକରଣ ବୃକ୍ଷରୋପଣ ପତ୍ରିକାରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା। ଯେହେତୁ ଏକ ବୃକ୍ଷରୋପଣ ହୋଇଥିବା ସ୍ଥାନରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟର ବିବରଣୀ ସଠିକ୍ ଭାବରେ ବୃକ୍ଷରୋପଣ ପତ୍ରିକାଗୁଡ଼ିକରେ ଅନୁରକ୍ଷଣ କରାଯାଇନଥିଲା, ଅଡିଟ୍ ବୃକ୍ଷରୋପଣର ପ୍ରକୃତ କାର୍ଯ୍ୟକାରିତାକୁ ପ୍ରାମାଣିକରଣ କରିପାରି ନଥିଲା।

ଅଡିଟ୍ ସିଦ୍ଧାନ୍ତକୁ ଗ୍ରହଣ କରି ସରକାର ପ୍ରକାଶ କଲେ (ଅକ୍ଟୋବର 2021) ଯେ ଯେହେତୁ ବୃକ୍ଷରୋପଣ କାର୍ଯ୍ୟ ସମୟ ସୀମିତ ଥିଲା ଏବଂ କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟା କମ୍ ଥିଲା, ୟୁନିଟ୍ ଗୁଡ଼ିକରେ ବୃକ୍ଷରୋପଣ ରେକର୍ଡ ପ୍ରସ୍ତୁତି ବାଧାପ୍ରାପ୍ତ ହୋଇଥିଲା। ତେଣୁ, ପତ୍ରିକାଗୁଡ଼ିକ ସଠିକ୍ ଭାବରେ ଅନୁରକ୍ଷଣ କରାଯାଇପାରି ନଥିଲା।

## ବିଭିନ୍ନ ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ ଅଧୀନରେ ବୃକ୍ଷରୋପଣ କାର୍ଯ୍ୟକଳାପ

### 2.1.5 ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ବୃକ୍ଷରୋପଣ

ଆର୍ଥିକ ବର୍ଷରେ ଶହେ ଦିନର ବେତନ ରୋଜଗାରର ଗ୍ୟାରେଣ୍ଟି ଦେଇ ଗ୍ରାମାଞ୍ଚଳରେ ବୟସ୍କ ସଦସ୍ୟମାନେ ଯେଉଁମାନେ ଅଣକୁଶଳୀ ହସ୍ତଚାଳିତ କାମ ସ୍ୱେଚ୍ଛାକୃତ ଭାବେ କରନ୍ତି, ସେମାନଙ୍କ ଜୀବିକା ସୁରକ୍ଷା ବଢାଇବା ହେଉଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଲକ୍ଷ୍ୟ। ଓଡ଼ିଶାରେ 2006 ମସିହା ଠାରୁ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଅନ୍ୟ କାର୍ଯ୍ୟଗୁଡ଼ିକ ସହ ଜଙ୍ଗଲ ନଷ୍ଟ, ମୃତ୍ତିକା କ୍ଷୟ ଭଳି ସମସ୍ୟାର ସମାଧାନ ପାଇଁ ଏହି କାର୍ଯ୍ୟଗୁଡ଼ିକ କରାଯାଇଥାଏ।

ପଞ୍ଚାୟତିରାଜ (ପିଆର୍) ବିଭାଗ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟରେ ଆଲୋଚନା ପରେ 2014-15 ରେ ଅନ୍ୟାନ୍ୟ ଯୋଜନା ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ମିଶ୍ରଣ ପାଇଁ ପ୍ରକ୍ରିୟା ପ୍ରସ୍ତୁତ କରାଯାଇଥିଲା। ଏଫ୍‌ଇ ଏବଂ ସିସି ବିଭାଗ ହେଉଛି ଏକ ମୁଖ୍ୟ ବିଭାଗ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ଥିବା ଅନ୍ୟାନ୍ୟ ପ୍ରକଳ୍ପ ସହ ବୃକ୍ଷରୋପଣ ଏବଂ ଖାଲ ଖୋଳିବା କାର୍ଯ୍ୟ ସମ୍ପାଦନ କରିଥାଏ। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରାଧିକରଣ (ଡିଆର୍‌ଡିଏ) ମାଧ୍ୟମରେ କାର୍ଯ୍ୟକାରୀ ସଂସ୍ଥାକୁ ଜିଲ୍ଲାପାଳ ସିଧାସଳଖ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠି ପ୍ରଦାନ କରିଥାନ୍ତି।

#### 2.1.5.1 ଲକ୍ଷ୍ୟ ହାସଲ ଏବଂ ପାଣ୍ଠି ବିନିଯୋଗରେ କାର୍ଯ୍ୟଦକ୍ଷତାର ଅଭାବ

ପିସିସିଏଫ୍ (ଓ ଏବଂ ଏଚ୍‌ଓଏଫ୍‌ଏଫ୍) ଏବଂ 2013-14 ରୁ 2016-17 ପର୍ଯ୍ୟନ୍ତ ପ୍ରକାଶିତ ବିଭାଗର ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ ଅନୁଯାୟୀ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଅନୁମୋଦିତ ପାଣ୍ଠିର ବିନିଯୋଗ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକଳାପ **ସାରଣୀ 2.5** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। କିନ୍ତୁ, 2017-18 ରେ ଆରମ୍ଭ ହୋଇଥିବା ଏହି ଯୋଜନା ଅନ୍ତର୍ଗତ ବୃକ୍ଷରୋପଣ ସମ୍ବନ୍ଧୀୟ ସୂଚନା ପ୍ରକାଶିତ ହୋଇନଥିଲା କିମ୍ବା ବିଭାଗ ଦ୍ୱାରା ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା।

**ସାରଣୀ 2.5: ଅନୁମୋଦିତ ପାଣ୍ଠିର ବିନିଯୋଗ ଏବଂ ବୃକ୍ଷରୋପଣର ଲକ୍ଷ୍ୟ ହାସଲ**

| ବୃକ୍ଷରୋପଣ ବର୍ଷ | ପାଣ୍ଠି (ଟଙ୍କା ଲକ୍ଷରେ) | | ଏଆର୍ ବୃକ୍ଷରୋପଣ (ହେକ୍ଟର) | | ଏଏନ୍ଆର୍ ବୃକ୍ଷରୋପଣ (ହେକ୍ଟର) | | ଆଭେନ୍ୟୁ ବୃକ୍ଷରୋପଣ (ଆର୍‌କେଏମ୍) | |
|---|---|---|---|---|---|---|---|---|
| | ଅନୁମୋଦିତ | ବିନିଯୋଗ | ଅନୁମୋଦିତ | ବିନିଯୋଗ | ଅନୁମୋଦିତ | ବିନିଯୋଗ | ଅନୁମୋଦିତ | ବିନିଯୋଗ |
| 2013-14 | 13,557.09 | 6,661.12 | 25,782 | 8,313 | 30,757 | 29,774 | 3,000 | 3,506 |
| 2014-15 | 18,181.25 | 6,749.54 | 4,195 | 3,596 | 31,745 | 36,308 | 4,015 | 3,755 |
| 2015-16 | 14,134.99 | 8,056.32 | 10,117 | 2,109 | 29,330 | 26,245 | 4,138 | 3,340 |
| 2016-17 | 14,646.88 | 8,838.92 | 3,000 | 913 | 25,000 | 16,893 | 4,000 | 3,714 |
| ମୋଟ | **60,520.21** | **30,305.9** | **46,094** | **14,931** | **1,41,832** | **1,09,220** | **19,153** | **14,315** |
| *କମ୍‌ତିର ପ୍ରତିଶତ* | *50* | | *68* | | *23* | | *25* | |

*(ଉତ୍ସ: ବିଭାଗର ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ ଏବଂ ପିସିସିଏଫ୍(ଓ)ଙ୍କ ଦ୍ୱାରା ପ୍ରଦତ୍ତ ସୂଚନା)*

ଉପରୋକ୍ତ ସାରଣୀରୁ ଏହା ଲକ୍ଷ୍ୟ କରାଯାଇପାରେ ଯେ 50 ପ୍ରତିଶତ ପାଣ୍ଠି ବିନିଯୋଗ କରାଯାଇ ନଥିଲା ଏବଂ ବୃକ୍ଷରୋପଣ କାର୍ଯ୍ୟକଳାପରେ କମ୍‌ତି 23 ରୁ 68 ପ୍ରତିଶତ ମଧ୍ୟରେ ଥିଲା । ପୁନଶ୍ଚ, ଏଫ୍‌ପିଏମ୍ 1977 ର ନିୟମ 130(b) ଅନୁଯାୟୀ, ନିୟମିତ ମୌସୁମୀ ବର୍ଷା ସମୟରେ ଆରମ୍ଭ କରି ଜୁଲାଇ ସୁଦ୍ଧା ଚାରା ରୋପଣ କାର୍ଯ୍ୟ ଶେଷ ହେବ । ସେହି ଅନୁଯାୟୀ, ଏହି ଯୋଜନା ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବଗୁଡ଼ିକ ଦାଖଲ ଏବଂ ବୃକ୍ଷ ରୋପଣ ଋତୁ ପୂର୍ବରୁ ଅନୁମୋଦନ କରାଯିବା ଉଚିତ୍ । ଚୟନ ହୋଇଥିବା ବିଭାଜନ ଗୁଡ଼ିକରେ ବୃକ୍ଷରୋପଣର ଲକ୍ଷ୍ୟ ଏବଂ ସଫଳତାକୁ ଅଡିଟ୍ ବିଶ୍ଳେଷଣ କରିଥିଲା । ଅଡିଟ୍ ବିଶ୍ଳେଷଣ ନିମ୍ନଲିଖିତ ତଥ୍ୟ ପ୍ରକାଶ କଲା:

- ❖ ଏହା ଦେଖାଗଲା ଯେ ବୃକ୍ଷରୋପଣ ପାଇଁ 527 ଟି ପ୍ରକଳ୍ପ ପ୍ରସ୍ତାବ ପାଞ୍ଚଟି ଡିଏଫ୍‌ଓ[8]ଙ୍କ ଦ୍ୱାରା ବିଳମ୍ବିତ ଭାବରେ ଅର୍ଥାତ୍ ମଇ ରୁ ଜୁଲାଇ ମଧ୍ୟରେ ଅନୁମୋଦନ ପାଇଁ ଦାଖଲ କରାଯାଇଥିଲା ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରାଧୀକରଣଙ୍କ ଦ୍ୱାରା ସେଗୁଡ଼ିକ ସେହି ବର୍ଷର ଜୁଲାଇ/ ଅଗଷ୍ଟରେ ଅନୁମୋଦିତ ହୋଇଥିଲା । କିନ୍ତୁ, ତିନୋଟି[9] ଡିଏଫ୍‌ଓ ଠିକ୍ ସମୟରେ ଯଥା- 2013-14, 2015-16 ଏବଂ 2017-18 ମଧ୍ୟରେ ବୃକ୍ଷରୋପଣ ଋତୁ ପୂର୍ବରୁ 95ଟି ପ୍ରକଳ୍ପ ଦାଖଲ କରିଥିଲେ ଯାହା ଡିଆର୍‌ଡିଏ ଦ୍ୱାରା ଠିକ୍ ସମୟରେ ଅନୁମୋଦିତ ହୋଇଥିଲା । ଡିଏଫ୍‌ଓ ଏବଂ ଡିଆରଡିଏ ମଧ୍ୟରେ ତଥା ବିଭାଗ ସ୍ତରରେ ସମନ୍ୱୟର ଅଭାବ ଏବଂ ଉପରୋକ୍ତ ଅବଧିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଭାଗରେ ଡିଏଫ୍‌ଓଙ୍କ ଦ୍ୱାରା ଜବ୍‌କାର୍ଡଧାରୀଙ୍କ ଉପଲବ୍ଧତାର ନିର୍ଦ୍ଧାରଣ ନହେବା ଏହି କମ୍‌ତିର କାରଣ ଥିଲା । ଏଥିଯୋଗୁଁ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରି ନଥିଲା ।

- ❖ ଡିଆର୍‌ଡିଏ ଦ୍ୱାରା ଯଦିଓ ପାଣ୍ଠି ଠିକ୍ ସମୟରେ ଅନୁମୋଦିତ ହୋଇଥିଲା ଏବଂ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଉପରେ ବିଭାଜନ ଗୁଡ଼ିକୁ ପିଏଫ୍‌ଏମ୍‌ଏସ୍ ମାଧ୍ୟମରେ ଉପଲବ୍ଧ ଥିବା ପାଣ୍ଠି ପ୍ରଦାନ କରାଯାଇଥିଲା, ବୃକ୍ଷରୋପଣ ଲକ୍ଷ୍ୟ ହାସଲ କରିବା ପାଇଁ ଡିଏଫ୍‌ଓମାନେ ଏହି ପାଣ୍ଠିକୁ ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରିପାରି ନଥିଲେ ।

- ❖ ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ଏହି ଯୋଜନା ଅନ୍ତର୍ଗତ ବୃକ୍ଷରୋପଣକୁ ପର୍ଯ୍ୟାଲୋଚନା କରିବା ପାଇଁ ବିଭାଜନ-ୱାରୀ ଜବ୍ କାର୍ଡଧାରୀଙ୍କ ଉପଲବ୍ଧତା, ପିସିସିଏଫ୍ (ଓ ଏବଂ ଏଚ୍‌ଓଏଫ୍‌ଏଫ୍)ଙ୍କ ନିକଟରେ ଉବଲବ୍ଧ ନଥିଲା ।

- ❖ ଡିଏଫ୍‌ଓମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ବିଭିନ୍ନ ଜଙ୍ଗଲ କାର୍ଯ୍ୟ କାର୍ଯ୍ୟକାରୀ କରିବା ପାଇଁ ଡିଆର୍‌ଡିଏ ଦ୍ୱାରା ଅନୁମୋଦିତ ସର୍ବମୋଟ ମ୍ୟାନ୍‌ଡେଜ୍ ବ୍ୟବହାର କରିନଥିଲେ ଯଦିଓ ଜବ୍ କାର୍ଡଧାରୀ ଏବଂ ପାଣ୍ଠି ଉପଲବ୍ଧ ଥିଲା । ଏହି ଯୋଜନା ଅଧିନରେ ବୃକ୍ଷରୋପଣ କାର୍ଯ୍ୟର ଯୋଜନା ଏବଂ କାର୍ଯ୍ୟାନ୍ୱୟନ ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଇଥିଲା । ମ୍ୟାନ୍‌ଡେଜ୍ ଉପଯୋଗ ଉପରେ ସିଦ୍ଧାନ୍ତ ***ଅନୁଚ୍ଛେଦ 2.1.4.5*** ରେ ବର୍ଣ୍ଣନା କରାଯାଇଛି ।

---

[8] ଡିଏଫ୍‌ଓ, ବାମରା (ଡବ୍ଲୁଏଲ୍) (92), ବୌଦ୍ଧ (61), କେନ୍ଦୁଝର (100), ରାୟଗଡ଼ା (215) ଏବଂ ସୁନ୍ଦରଗଡ଼ (159)

[9] ବୌଦ୍ଧ (2015-16 = 12 ଏବଂ 2017-18 = 10), କେନ୍ଦୁଝର (2013-14 = 20) ଏବଂ ରାୟଗଡ଼ା 2017-18 =53)

ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ ଡିଆର୍‌ଡିଏ ଦ୍ୱାରା ପ୍ରସ୍ତାବ ଅନୁମୋଦନରେ ବିଳମ୍ବ, ଜଙ୍ଗଲ ଅଞ୍ଚଳରେ ଜବ୍ କାର୍ଡଧାରୀ ଉପଲବ୍ଧ ନଥିବା ଏବଂ କମ୍ ବେତନ ହାର ପାଇଁ ଶ୍ରମିକମାନେ କାମ କରିବାକୁ ଅନିଚ୍ଛା ପ୍ରକାଶ କରିବା ଯୋଗୁଁ ଏହି ଯୋଜନା ଅନ୍ତର୍ଗତ ଲକ୍ଷ୍ୟ ହାସଲ ପର୍ଯ୍ୟାପ୍ତ ମାତ୍ରାରେ ହୋଇପାରି ନଥିଲା । ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ ଏହା ଉପରୋକ୍ତ ସିଦ୍ଧାନ୍ତ ଗୁଡ଼ିକରୁ ଦେଖାଯାଇପାରେ ଯେ ଜବ୍ କାର୍ଡଧାରୀ ଉପଲବ୍ଧ ଥିବା ସତ୍ତ୍ୱେ ବିଭାଜନଗୁଡ଼ିକ ଅନୁମୋଦିତ ମ୍ୟାନ୍‌ଡେଜଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରିନଥିଲେ । ଆହୁରି ମଧ୍ୟ, ଯେହେତୁ ଡିଏଫ୍‌ଓମାନେ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକ ବିଳମ୍ବରେ ଦାଖଲ କରିଥିଲେ, ଡିଆର୍‌ଡିଏ ଦ୍ୱାରା ଅନୁମୋଦନରେ ମଧ୍ୟ ବିଳମ୍ବ ହୋଇଥିଲା । ଯେହେତୁ ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ଅନୁଯାୟୀ ପାଣ୍ଠି ଉପଲବ୍ଧ ଥିଲା ଏବଂ ପିଏଫ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରକୃତ ଖର୍ଚ୍ଚ ଆଧାରରେ ପାଣ୍ଠି ପ୍ରଦାନ କରାଯାଇଥିଲା, ପାଣ୍ଠି ଆବଣ୍ଟନରେ ବିଳମ୍ବ ଠିକ୍ ମନେ ହେଉନାହିଁ । ଅଧିକନ୍ତୁ, ଏହି ଯୋଜନା ଅନ୍ତର୍ଗତ ମଜୁରୀ ହାର କେନ୍ଦ୍ର ସରକାର ଅନୁମୋଦନ କରିଥିଲେ ଏବଂ ଏହା ରାଜ୍ୟର ଅନ୍ୟ ସମସ୍ତ ମୁଖ୍ୟ ବିଭାଗ ପାଇଁ ପ୍ରଯୁଜ୍ୟ ଅଟେ ।

### 2.1.5.2 ମ୍ୟାନ୍‌ଡେଜ୍ ଉପଯୋଗରେ ଅଭାବ

ଚୟନ କରାଯାଇଥିବା ବିଭାଜନ ଗୁଡ଼ିକରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ଅଧିନରେ ବୃକ୍ଷରୋପଣ କାର୍ଯ୍ୟକଳାପକୁ କାର୍ଯ୍ୟକାରୀ କରିବା ସମ୍ପର୍କିତ ମ୍ୟାନ୍‌ଡେଜ୍‌ର ଅନୁମୋଦନ ଏବଂ ଉପଯୋଗର ସ୍ଥିତି[10]କୁ ଅଡିଟ୍ ବିଶ୍ଳେଷଣ କରିଥିଲା । ଅଡିଟ୍ ସଂପୃକ୍ତ ଡିଆର୍‌ଡିଏ ଗୁଡ଼ିକରୁ ପ୍ରାସଙ୍ଗିକ ମ୍ୟାନ୍‌ଡେଜ୍ ମଞ୍ଜୁର ଏବଂ ଉପଯୋଗ ତଥ୍ୟ ହାସଲ କରିଥିଲା । ଅଡିଟ୍ ଲକ୍ଷ୍ୟ କଲା ଯେ 2013-18 ମଧ୍ୟରେ ବୃକ୍ଷରୋପଣ ସମେତ ବିଭିନ୍ନ କାର୍ଯ୍ୟ କାର୍ଯ୍ୟକାରୀ କରିବା ପାଇଁ ଚୟନ କରାଯାଇଥିବା 13ଟି ବିଭାଜନକୁ ମୋଟ 98.93 ଲକ୍ଷ ମ୍ୟାନ୍‌ଡେଜ୍ ମଞ୍ଜୁର କରାଯାଇଥିଲା । ସେଥିମଧ୍ୟରୁ 2,013 ଟି ବୃକ୍ଷରୋପଣ ଅନ୍ତର୍ଭୁକ୍ତ ଥିବା 5,100 ଜଙ୍ଗଲ ପ୍ରକଳ୍ପ ପାଇଁ କେବଳ 51.04 ଲକ୍ଷ ମ୍ୟାନ୍‌ଡେଜ୍ (51.58 ପ୍ରତିଶତ) ଉପଯୋଗ କରାଯାଇଥିଲା । ବିଭାଜନଗୁଡ଼ିକରେ ମ୍ୟାନ୍‌ଡେଜ୍ ଉପଯୋଗର ପ୍ରତିଶତ 15 ରୁ 96 ପର୍ଯ୍ୟନ୍ତ ଥିଲା ।

13 ଟି ଜଙ୍ଗଲ ବିଭାଜନ ମଧ୍ୟରୁ ସାତଟି ବିଭାଜନରେ ପାଣ୍ଠି ଆବଣ୍ଟନ ଏବଂ ବିନିଯୋଗ ଉପରେ ଉପଲବ୍ଧ ଥିବା ସୂଚନା ଆଧାରରେ ବିଶ୍ଳେଷଣ କରାଯାଇଥିଲା ଯାହା **ସାରଣୀ 2.6** ରେ ବର୍ଣ୍ଣନା କରାଯାଇଅଛି ।

**ସାରଣୀ 2.6: ବିଭାଜନ ୱାରୀ ପାଣ୍ଠି ଏବଂ ମ୍ୟାନ୍‌ଡେଜ୍ ଉପଯୋଗ**

| କ୍ର.ସଂ. | ବିଭାଜନର ନାମ | ବାସ୍ତବିକ ସଫଳତା | | ପରିମାଣ(ଟଙ୍କା ଲକ୍ଷରେ) | | ପାଣ୍ଠିର ବିନିଯୋଗରେ ଅଭାବର ପ୍ରତିଶତ **{(5-6)/5 x 100}** | ମ୍ୟାନଡେଜ୍ (ସଂଖ୍ୟାରେ) | | |
|---|---|---|---|---|---|---|---|---|---|
| | | ହେକ୍ଟର | ଆର୍‌କେଏମ୍ | ଆବଣ୍ଟିତ | ବିନିଯୋଗ | | ସୃଷ୍ଟି | କମ୍‌ତି **{(8/10) x 7}** | ଉପଯୋଗ ମ୍ୟାନଡେଜର ପ୍ରତିଶତ **{100 – (7)}** |
| ***1*** | **2** | **3** | **4** | **5** | ***6*** | ***7*** | **8** | ***9*** | ***10*** |
| 1 | ବାମରା ଡବ୍ଲୁଏଲ୍ | 1,100 | 271 | 483.76 | 305.82 | 36.78 | 1,13,345 | 65,949 | 63.22 |
| 2 | କୋରାପୁଟ | 3,290 | 263 | 1210.13 | 673.07 | 44.38 | 2,29,453 | 1,83,086 | 55.62 |
| 3 | କେନ୍ଦୁଝର | 4,883 | 472 | 1936.96 | 950.30 | 50.94 | 2,90,053 | 3,01,151 | 49.06 |
| 4 | ବୌଦ୍ଧ | 1,941 | 302 | 994.79 | 443.34 | 55.43 | 1,54,385 | 1,92,032 | 45.47 |
| 5 | ସୁନ୍ଦରଗଡ଼ | 5838 | 455 | 2186.24 | 1120.47 | 48.75 | 269254 | 256109 | 51.25 |
| 6 | ମାଲକାନଗିରି | 2020 | 195 | 799.76 | 435.15 | 45.59 | 205249 | 171977 | 54.41 |
| 7 | ରାଉରକେଲା | 7030 | 613 | 2446.43 | 1905.56 | 22.11 | 805183 | 228541 | 77.89 |
| | **ମୋଟ** | **26105** | **2575** | **10063.07** | **5839.71** | | **2066930** | **1398854** | |

*ଉତ୍ସ: ସଂପୃକ୍ତ ଡିଏଫ୍‌ଓ ମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ସୂଚନା*

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ 2013-18 ମଧ୍ୟରେ ଆର୍ଥିକ ବିନିଯୋଗରେ ଅଭାବ 22.11 ରୁ 55.43 ପ୍ରତିଶତ ମଧ୍ୟରେ ଥିଲା । ବୃକ୍ଷରୋପଣ କାର୍ଯ୍ୟକ୍ରମ ସମେତ ସମସ୍ତ କାର୍ଯ୍ୟକଳାପ ପାଇଁ ବିଭାଜନ ଗୁଡ଼ିକ 48,47,471 ମ୍ୟାନ୍‌ଡେଜ୍ ମଞ୍ଜୁର ନେବା ସତ୍ତ୍ୱେ ଡିଏଫ୍‌ଓମାନେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ମ୍ୟାନ୍‌ଡେଜ୍ ଉପଯୋଗ କରିବାରେ ବିଫଳ ହୋଇଥିଲେ ଏବଂ ମୋଟ ମଞ୍ଜୁରୀ ପ୍ରାପ୍ତ ମ୍ୟାନ୍‌ଡେଜର 45.47 ରୁ 77.89 ପ୍ରତିଶତ ମଧ୍ୟରେ ଉପଯୋଗ କରିପାରିଥିଲେ । ଏହା ଡିଏଫ୍‌ଓମାନଙ୍କ ଦ୍ୱାରା ଏହି ଯୋଜନା ଅନ୍ତର୍ଗତ ବୃକ୍ଷରୋପଣ

---

10 ପିସିସିଏଫ୍, ଓଡ଼ିଶା ପରିଶିଷ୍ଟ III ଦ୍ୱାରା ସମୀକ୍ଷା ପାଇଁ ସୂଚନା ପ୍ରଦାନ କରାଯାଇଛି

କାର୍ଯ୍ୟକଳାପ କାର୍ଯ୍ୟକାରୀ କରିବାରେ ଯୋଜନାର ଅଭାବ ଥିବା ଦର୍ଶାଇଲା । ବୃକ୍ଷରୋପଣ କାର୍ଯ୍ୟକ୍ରମର ପ୍ରଭାବୀ କାର୍ଯ୍ୟକାରିତା ପାଇଁ ଜବ୍‌କାର୍ଡଧାରୀ ଏବଂ ମ୍ୟାନ୍‌ଡେଜର ଉପଲବ୍ଧତା ସୁନିଶ୍ଚିତ କରିବା ନିମନ୍ତେ ଡିଏଫ୍‌ଓ ମାନେ ଡିଆର୍‌ଡିଏ ସହିତ ମଧ୍ୟ ସମନ୍ୱୟ ରକ୍ଷା କରିନଥିଲେ ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ, ଜବ୍ କାର୍ଡଧାରୀ ଉପଲବ୍ଧ ନଥିବା, କମ୍ ବେତନ ହାର ଏବଂ ପ୍ରକଳ୍ପ ଅନୁମୋଦନରେ ବିଳମ୍ବ ହେତୁ ମ୍ୟାନ୍‌ଡେଜ୍‌ରେ ଅଭାବ ଥିଲା । ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଡିଆର୍‌ଡିଏ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ ବିଭାଜନରେ ଜବ୍ କାର୍ଡଧାରୀ ଉପଲବ୍ଧ ଥିଲେ କିନ୍ତୁ ବିଭାଜନ ଗୁଡ଼ିକ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ମ୍ୟାନ୍‌ଡେଜ୍ ଉପଯୋଗ କରିପାରିନଥିଲେ । ପ୍ରକଳ୍ପ ଗୁଡ଼ିକର ଠିକ୍ ସମୟରେ ଅନୁମୋଦନ ପାଇଁ ଡିଏଫ୍‌ଓମାନେ ସଂପୃକ୍ତ ଡିଆର୍‌ଡିଏ ସହିତ ସମନ୍ୱୟ ମଧ୍ୟ ରକ୍ଷା କରିନଥିଲେ । ଡିଏଫ୍‌ଓ ଏବଂ ଡିଆର୍‌ଡିଏ ମଧ୍ୟରେ ସମନ୍ୱୟର ଅଭାବ, ଲକ୍ଷ୍ୟ ହାସଲ କରି ନ ପାରିବାର ମୁଖ୍ୟ କାରଣ ଥିଲା ।

### 2.1.5.3 ରକ୍ଷଣାବେକ୍ଷଣ ନହେବା କାରଣରୁ ଅସଫଳ ବୃକ୍ଷରୋପଣ

ଜଙ୍ଗଲ ବୃକ୍ଷରୋପଣ ମାନୁଆଲ, 1977 ର ନିୟମ 35 ଅଧିନରେ ଥିବା "ବୃକ୍ଷରୋପଣ ସମୟ ସାରଣୀ"ରେ ଦର୍ଶାଯାଇଛି ଯେ ବୃକ୍ଷରୋପଣ ସହିତ ଜଡ଼ିତ ସମସ୍ତ କାର୍ଯ୍ୟ ସମୟ ସୀମାବଦ୍ଧ ଅଟେ । ଯଦି ସଂପୃକ୍ତ କୌଣସି କାର୍ଯ୍ୟ ବିଳମ୍ବ ହୁଏ, ତେବେ ପୁରା ବୃକ୍ଷରୋପଣ ସଫଳତା ବିପଦରେ  ପଡ଼ିଥାଏ । ବିଳମ୍ବରେ ଆରମ୍ଭ ହେଲେ ଗମ୍ଭୀର ପରିଣାମ ହେବା ପ୍ରାୟ ନିଶ୍ଚିତ ଥାଏ । ତେଣୁ, ବୃକ୍ଷରୋପଣ ସଂପର୍କରେ ସମସ୍ତ କାର୍ଯ୍ୟକଳାପ ପାଇଁ ଏକ ସବିଶେଷ ସମୟ ସାରଣୀ ପ୍ରସ୍ତୁତ କରିବା ଏବଂ ଏହାକୁ କଠୋର ଭାବରେ ପାଳନ କରିବା ଆବଶ୍ୟକ । ନିୟମ 30 ଅନୁଯାୟୀ, ବୃକ୍ଷରୋପଣ ସ୍ଥଳର ମୃତ୍ତିକା ପ୍ରୋଫାଇଲ୍ ପରୀକ୍ଷା କରାଯିବା ଆବଶ୍ୟକ ଏବଂ ବିଭିନ୍ନ ଭୂଖଣ୍ଡରେ ପ୍ରୟୋଗ କରାଯିବାକୁ ଥିବା ଉପଚାର ଯନ୍ତ୍ର ସହ ଯୋଜନା କରାଯିବା ଉଚିତ୍ । ପୁନଶ୍ଚ, ନିୟମ 130 (b) ଅନୁଯାୟୀ, ନିୟମିତ ମୌସୁମୀ ବର୍ଷା ସମୟରେ ଆରମ୍ଭ କରି ଜୁଲାଇ ସୁଦ୍ଧା ବୃକ୍ଷରୋପଣ ଶେଷ ହେବ । ବୃକ୍ଷରୋପଣ କେବଳ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ କରାଯାଇଥିଲା କିମ୍ବା ରାଜ୍ୟ ଯୋଜନା ଠାରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍[11] ସହିତ ମିଶ୍ରଣ କରି କରାଯାଇଥିଲା । ସମ୍ମିଶ୍ରଣର ବ୍ୟବସ୍ଥା ଅନୁଯାୟୀ, ବୃକ୍ଷରୋପଣର ପରବର୍ତ୍ତୀ ରକ୍ଷଣାବେକ୍ଷଣ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠି ବ୍ୟତୀତ ଅନ୍ୟ ପାଣ୍ଠି ଦ୍ୱାରା ବହନ କରାଯିବ ।

ସେହିଭଳି, ପରିଚାଳନା ଯୋଜନା ପ୍ରଣାଳୀ ସଂହିତା (ସିଏମ୍‌ପିପି), 1990 ର ନିୟମ 2.98 ଅନୁଯାୟୀ, ଉତ୍ତମ ଗୁଣବତ୍ତା ସ୍ଥାନରେ 60 ପ୍ରତିଶତ ଏବଂ ତଦୁର୍ଦ୍ଧ୍ୱ ବଞ୍ଚିଥିବା ବୃକ୍ଷଗୁଡ଼ିକ ଦୀର୍ଘ ମିଆଦି ଫସଲ ପାଇଁ ସଫଳ ବୋଲି କୁହାଯାଇପାରେ । 40 ରୁ 60 ପ୍ରତିଶତ ମଧ୍ୟରେ ବଞ୍ଚିବା ଆଂଶିକ ସଫଳ ଏବଂ 40 ପ୍ରତିଶତରୁ କମ୍ ବଞ୍ଚିବା ବିଫଳ ବୃକ୍ଷରୋପଣ ବୋଲି କୁହାଯାଇପାରେ ।

ବିଭାଗର ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ ଅନୁଯାୟୀ, 2013-17 ମଧ୍ୟରେ 14,315 ଆର୍‌କେଏମ୍ ଆଭେନ୍ୟୁ ବୃକ୍ଷରୋପଣ ବ୍ୟତୀତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ 1,24,151 ହେକ୍ଟର ଜମିରେ 2,013 ବୃକ୍ଷରୋପଣ କରାଯାଇଥିଲା । ଏହା ଲକ୍ଷ୍ୟ କରାଗଲା ଯେ ପ୍ରଥମ 2013 ବୃକ୍ଷରୋପଣ ମଧ୍ୟରୁ 11,296 ହେକ୍ଟର ଜମି ସମ୍ବଳିତ 485 ଟି ବୃକ୍ଷରୋପଣ ଏବଂ 1,035 ଆର୍‌କେଏମ୍ ପାଇଁ ପ୍ରଥମ ବର୍ଷରେ 18.43 କୋଟି ଟଙ୍କା ବ୍ୟୟ ହୋଇ ଥିଲା । 2017-18 ରେ ଆରମ୍ଭ କରାଯାଇଥିବା ବୃକ୍ଷରୋପଣ ସମ୍ବନ୍ଧୀୟ ସୂଚନା ପ୍ରକାଶିତ ହୋଇନଥିଲା କିମ୍ବା ବିଭାଗ ଦ୍ୱାରା ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା । ଅବଶ୍ୟ, ଦ୍ୱିତୀୟ ବର୍ଷରୁ ଏହି ବୃକ୍ଷରୋପଣ ପାଇଁ ଜରୁରୀକାଳିନ ପରିବର୍ତ୍ତନ,  ସମ୍ପୂର୍ଣ୍ଣ ଅନାବନା ବୃକ୍ଷ ବାଛିବା ଏବଂ ଛେଦନ, ମୃତ୍ତିକା କାର୍ଯ୍ୟ ଏବଂ ଖତ, ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା, ସାର ଏବଂ କୀଟନାଶକ, ଅଗ୍ନି ନିର୍ବାହକ ପଥ ଅନୁସନ୍ଧାନ ଏବଂ ଯାଞ୍ଚ ପଥ, ଜଳସେଚନ ଏବଂ ତଦାରଖ ପାଇଁ ଏହି ଯୋଜନା ଅଧିନରେ ପାଣ୍ଠିର ଅଭାବ ହେତୁ ତଥା ସମ୍ମିଶ୍ରଣର ସର୍ତ୍ତ ଅନୁଯାୟୀ ଅନ୍ୟ ଯୋଜନାଗୁଡ଼ିକରୁ କୌଣସି ଖର୍ଚ୍ଚ କରାଯାଇ ନଥିଲା । ଏହିପରି, ଏହି ବୃକ୍ଷରୋପଣରେ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇନଥିଲା ଏବଂ ସେମାନଙ୍କର ବଞ୍ଚିବା ଅନିଶ୍ଚିତତା ମଧ୍ୟରେ ରହିଥିଲା ଯାହା **ପରିଶିଷ୍ଟ -3** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

---

11 ଉତ୍ସ: ପିସିସିଏଫ୍(ଓ) ପତ୍ର ସଂଖ୍ୟା. 8781 ତା- 03.5.2016

ସେହିଭଳି, ଚୟନ କରାଯାଇଥିବା ବିଭାଜନ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ପାଞ୍ଚଟି ବିଭାଜନ[12]ରେ 925 ହେକ୍ଟରରେ 35ଟି ବୃକ୍ଷରୋପଣ ଏବଂ 160 ଆର୍‌କେଏମ୍‌ରେ 2.78 କୋଟି ଟଙ୍କା ବ୍ୟୟ ହୋଇ ମଧ ବୃକ୍ଷରୋପଣ ବିଫଳ ଥିଲା କାରଣ ଉଦ୍ଭିଦଗୁଡ଼ିକର ବଞ୍ଚିବାର ହାର 40 ପ୍ରତିଶତରୁ କମ୍ ଥିଲା । 10ଟି[13] ବିଭାଜନରେ 4,585 ହେକ୍ଟରରେ 146 ଟି ବୃକ୍ଷରୋପଣ ଏବଂ 207 ଆଇକେଏମ୍‌ରେ 9.13 କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ବୃକ୍ଷରୋପଣ ଆଂଶିକ ବିଫଳ ଥିଲା କାରଣ ଉଦ୍ଭିଦଗୁଡ଼ିକର ବଞ୍ଚିବାର ଶତକଡ଼ା 40 ରୁ 60 ମଧ୍ୟରେ ଥିଲା । ଉପଯୁକ୍ତ ସମୟରେ ପାଣ୍ଠି ଉପଲବ୍ଧ ନ ହେବା ଯୋଗୁଁ ବୃକ୍ଷରୋପଣରେ ଭୌତିକ କାର୍ଯ୍ୟକଳାପ ଆରମ୍ଭ ହୋଇପାରି ନଥିଲା ଯାହାଫଳରେ ବୃକ୍ଷ ଗୁଡ଼ିକର ବଞ୍ଚିବାର ଶତକଡ଼ା କମ୍ ଥିଲା । ଏହିପରି, ସର୍ବମୋଟ 11.91 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା । ତେଣୁ, ଏହି ବିଭାଜନଗୁଡ଼ିକରେ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରି ନଥିଲା ।

ଏହିପରି ବୃକ୍ଷରୋପଣର ସ୍ଥିତି ଜାଣିବା ପାଇଁ, କ୍ଷେତ୍ର ଅଡିଟ୍ ସମୟରେ ନିମ୍ନଲିଖିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବୃକ୍ଷରୋପଣ ସ୍ଥଳ ଗୁଡ଼ିକର ଜେପିଭି କରାଯାଇଥିଲା ଯାହା **ସାରଣୀ 2.7** ରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.7: ଦୁଇଟି ବୃକ୍ଷରୋପଣ ସ୍ଥଳରେ ମିଳିତ ବାସ୍ତବିକ ଯାଞ୍ଚର ଫଳାଫଳ**

| କ୍ର.ସଂ. | ବିଭାଜନ | ରେଞ୍ଜ | ବୃକ୍ଷରୋପଣ ବର୍ଷ | ପ୍ରକାର | କ୍ଷେତ୍ର | ପତ୍ରିକା ଅନୁଯାୟୀ ବଞ୍ଚିବାର ପ୍ରତିଶତ | ଜେପିଭି ଅନୁଯାୟୀ ବଞ୍ଚିବାର ପ୍ରତିଶତ |
|---|---|---|---|---|---|---|---|
| 1. | ବାମରା (ବନ୍ୟ ପ୍ରାଣୀ) | ବାମରା (ବନ୍ଧବାର ଆର୍‌ଏଫ୍) | 2013-14 | ଏଏନ୍‌ଆର୍ | 50 ହେକ୍ଟର | ପତ୍ରିକାରେ ଲିପିବଦ୍ଧ କରାଯାଇନଥିଲା | 50 |
| 2. | ମାଲକାନଗିରି | ମାଲକାନଗିରି (ଦାଦୁଗୁଡ଼ା) | 2013-14 | ଏଏନ୍‌ଆର୍ | 50 ହେକ୍ଟର | ପତ୍ରିକାରେ ଲିପିବଦ୍ଧ କରାଯାଇନଥିଲା | 32 |

ବାମରା ବନ୍ୟପ୍ରାଣୀ ବିଭାଜନରେ ଲକ୍ଷ୍ୟ କରାଗଲା ଯେ କେବଳ ଶାଗୁଆନ ଉଦ୍ଭିଦ ବଞ୍ଚିଥିଲା ଏବଂ ଅନ୍ୟ ପ୍ରଜାତି ଯଥା-ଗମ୍ଭାରୀ, ଜାମୁନ୍, ଆକାସିଆ ଇତ୍ୟାଦି ନଷ୍ଟ ହୋଇଯାଇଥିଲା । ବୃକ୍ଷରୋପଣର ଛଅ ବର୍ଷ ପରେ ଉଦ୍ଭିଦଗୁଡ଼ିକର ଉଚ୍ଚତା 3 ରୁ 18 ଫୁଟ ମଧ୍ୟରେ ଥିଲା । ମାଲକାନଗିରି ବିଭାଜନରେ ଦେଖାଯାଇଥିଲା ଯେ ଅଳ୍ପ କିଛି ଶାଗୁଆନ୍, କାଜୁ ଏବଂ ଚାକୁଣ୍ଡା ପ୍ରଜାତି ବଞ୍ଚିଥିଲେ ଏବଂ ବୃକ୍ଷରୋପଣର ଛଅ ବର୍ଷ ପରେ ମଧ ଉଦ୍ଭିଦଗୁଡ଼ିକର ଉଚ୍ଚତା ତିନି ରୁ ଆଠ ଫୁଟ୍ ମଧ୍ୟରେ ଥିଲା । ମୃତ୍ତିକାର ଗୁଣବତ୍ତା ଆକଳନ ପାଇଁ ବୃକ୍ଷରୋପଣ କାର୍ଯ୍ୟ ପୂର୍ବରୁ ବିଭାଜନଗୁଡ଼ିକ ମୃତ୍ତିକା ପରୀକ୍ଷା କରିନଥିଲେ । ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ (ଏସ୍‌ଏମ୍‌ସି) ପଦକ୍ଷେପ କୌଣସି ସ୍ଥଳରେ ମଧ ନିଆଯାଇନଥିଲା ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ କିମ୍ବା ଅନ୍ୟ କୌଣସି ଯୋଜନାରୁ ପାଣ୍ଠି ଆବଣ୍ଟନ ନହେବା ଯୋଗୁଁ ଦ୍ୱିତୀୟ ବର୍ଷ ଠାରୁ ରକ୍ଷଣାବେକ୍ଷଣ କାର୍ଯ୍ୟ ହୋଇପାରି ନଥିଲା । ତେଣୁ, ବୃକ୍ଷରୋପଣର ପ୍ରଥମ ବର୍ଷ ପରେ ଅନାବନା ବୃକ୍ଷ ବାଛିବା, ସିଲଭିକଲଚର, ଏସ୍‌ଏମ୍‌ସି ଇତ୍ୟାଦି ଆବଶ୍ୟକୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇନଥିଲା । ଏହାଦ୍ୱାରା ଅସମାନ ଅଭିବୃଦ୍ଧି ହୋଇଥିଲା ଏବଂ ହାରାହାରି ବଞ୍ଚିବା ପାଇଁ ବୃକ୍ଷରୋପଣ ବିଫଳ ହୋଇଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ସ୍ୱୀକାର କରି ସରକାର ପ୍ରକାଶ କଲେ (ଅକ୍ଟୋବର 2021) ଯେ ଏହି ଯୋଜନା ଅଧିନରେ ପାଣ୍ଠି ଆବଣ୍ଟନ ନ ହୋଇପାରିବାରୁ ଦ୍ୱିତୀୟ ବର୍ଷ ଠାରୁ ବୃକ୍ଷରୋପଣର ରକ୍ଷଣାବେକ୍ଷଣ ହୋଇପାରି ନଥିଲା, ଯାହାଫଳରେ ବୃକ୍ଷ ବଞ୍ଚିବାର ଶତକଡ଼ା କମ୍ ରହିଥିଲା ।

### 2.1.5.4 ସ୍ଥାନ ଚୟନରେ ଅନିୟମିତତା ହେତୁ ଅସଫଳ ବୃକ୍ଷରୋପଣ

ଅନୁର୍ବର, ଅନାବୃତ ଜମି, ନଷ୍ଟ ହୋଇଯାଇଥିବା ଜମି, ଖାଲି ସ୍ଥାନ ଏବଂ ଲାଟେରାଇଟ୍ ବିଖଣ୍ଡ[14] ଏବଂ କାନପିର ଘନତା କିମ୍ବା ମୂଳ ଷ୍ଟକ୍ 10 ପ୍ରତିଶତରୁ କମ୍ ଥିବା ଜଙ୍ଗଲ ଅଞ୍ଚଳରେ କୃତ୍ରିମ ପୁନରୁତ୍ପାଦନ(ଏଆର୍) କରାଯାଇଥାଏ ।

---

[12] ବଲାଙ୍ଗୀର (18), କେନ୍ଦୁଝର (ବନ୍ୟପ୍ରାଣୀ) (01), କେନ୍ଦୁଝର (02), ବାମରା (ବନ୍ୟପ୍ରାଣୀ) (03), ବୌଦ୍ଧ (11)

[13] ବଲାଙ୍ଗୀର (18), ରାଉରକେଲା (48), ରାୟଗଡ଼ା (37), ମାଲକାନଗିରି (7), କେନ୍ଦୁଝର (ବନ୍ୟ ପ୍ରାଣୀ) (03), କେନ୍ଦୁଝର (7), କଳାହାଣ୍ଡି (ଦକ୍ଷିଣ) (02), ବାମରା (ବନ୍ୟପ୍ରାଣୀ) (8), ବୌଦ୍ଧ (10) ଏବଂ କୋରାପୁଟ (6)

[14] ମୃତ୍ତିକା ସ୍ତର ଯାହା ଲୁହା ଅକ୍ସାଇଡରେ ଭରପୁର ଏବଂ ବିଭିନ୍ନ ପ୍ରକାରର ପଥରରୁ ଉତ୍ପନ୍ନ

- ରାଉରକେଲା ବନ ବିଭାଜନ ଅଧୀନରେ ଥିବା ବିଶ୍ରା ରେଞ୍ଜର ନଥିଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ 2013-16 ମଧ୍ୟରେ 710 ହେକ୍ଟର ଏବଂ 10 ଆର୍‌କେଏମ୍ ଅନ୍ତର୍ଭୁକ୍ତ ଥିବା ନଅଟି[15] ବୃକ୍ଷରୋପଣ କାର୍ଯ୍ୟକ୍ରମ ଏହି ଯୋଜନା ଅଧୀନରେ କରାଯାଇଥିଲା । କରାଯାଇଥିବା କାର୍ଯ୍ୟ ଉପରେ ବୃକ୍ଷରୋପଣ ଖର୍ଚ୍ଚ ବିବରଣୀ, ବୃକ୍ଷରୋପଣ ପତ୍ରିକାରେ ଅଡିଟ୍ ପର୍ଯ୍ୟନ୍ତ (ଅଗଷ୍ଟ 2019) ନିର୍ଦ୍ଦିଷ୍ଟ ପଦ୍ଧତିରେ ଲିପିବଦ୍ଧ ହୋଇନଥିଲା । ଅଡିଟ୍‌କୁ ଦିଆଯାଇଥିବା ସୂଚନା ଅନୁଯାୟୀ 1.11 କୋଟି ଟଙ୍କା ବୃକ୍ଷରୋପଣ ପାଇଁ ଖର୍ଚ୍ଚ ହୋଇଥିଲା, କିନ୍ତୁ କାର୍ଯ୍ୟର କାର୍ଯ୍ୟକାରିତା ପାଇଁ ନିୟୋଜିତ ଶ୍ରମିକମାନଙ୍କର ଆବଶ୍ୟକୀୟ ମଷ୍ଟର ରୋଲ୍ ଅନୁରକ୍ଷଣ କରାଯାଇ ନଥିଲା ।

**ଫଟୋଗ୍ରାଫ୍ ସଂଖ୍ୟା.1**



ଉତ୍ତର ଚିରୋବେଡ଼ା ଠାରେ ଥିବା ଏଏନ୍‌ଆର୍ ବୃକ୍ଷରୋପଣ ସ୍ଥଳ

ଉପରୋକ୍ତ ନଅଟି ବୃକ୍ଷରୋପଣ ମଧ୍ୟରୁ, ଉତ୍ତର ଚିରୋବେଡ଼ା ଠାରେ ଗୋଟିଏ ଏଏନ୍‌ଆର୍ ବୃକ୍ଷରୋପଣ ସ୍ଥଳକୁ ଜେପିଭି ପାଇଁ ଚୟନ କରାଯାଇଥିଲା । ପତ୍ରିକା ଅନୁଯାୟୀ, ଶାଗୁଆନ୍, କରଞ୍ଜ, ନିମ୍ବ, ଆକାସିଆ, ସିମାରୁବା ଇତ୍ୟାଦି ପ୍ରଜାତିର ବୃକ୍ଷ ଲଗାଯାଇଥିଲା । କିନ୍ତୁ ଉଦ୍ଭିଦଗୁଡ଼ିକର ଉଚ୍ଚତା ସହିତ ବଞ୍ଚିବାର ଶତକଡ଼ା ଲିପିବଦ୍ଧ କରାଯାଇ ନଥିଲା । ସ୍ତମ୍ଭ ପୋଷ୍ଟିଂ, ସାଇନ୍ ବୋର୍ଡ, ଏସ୍‌ଏମ୍‌ସି ପରି ନିୟମିତ କାର୍ଯ୍ୟ ଲକ୍ଷ୍ୟ କରାଯାଇନଥିଲା । ବୃକ୍ଷରୋପଣର ଛଅ ବର୍ଷ ପରେ ଶାଗୁଆନ୍, ନିମ୍ବ ଏବଂ ଆକାସିଆ ଉଦ୍ଭିଦଗୁଡ଼ିକର ହାରାହାରି ଉଚ୍ଚତା ଦୁଇରୁ ଛଅ ଫୁଟ ସହ ବଞ୍ଚିବାର ଶତକଡ଼ା ମାତ୍ର 15 ପ୍ରତିଶତ ଥିଲା ଯାହା ଏହା ଏକ ବିଫଳ ବୃକ୍ଷରୋପଣ ବୋଲି ସୂଚିତ କରିଥିଲା । ପୁନଶ୍ଚ, ଅଡିଟ୍‌କୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅନ୍ୟ ଆଠଟି ବୃକ୍ଷରୋପଣରେ ବଞ୍ଚିବାର ଶତକଡ଼ା 60 ପ୍ରତିଶତ ଠାରୁ କମ୍ ଥିଲା । ଏହିପରି, ଗୋଟିଏ ବୃକ୍ଷରୋପଣ ବିଫଳ ଥିଲା ଏବଂ ଅନ୍ୟ ଆଠଟି ବୃକ୍ଷରୋପଣ ଆଂଶିକ ଭାବରେ ସଫଳ ଥିଲା ଯାହାର ସବିଶେଷ ବିବରଣୀ **ପରିଶିଷ୍ଟ-4** ରେ ବର୍ଣ୍ଣନା କରାଯାଇଅଛି । ତେଣୁ, ଏହି ନଅଟି ବୃକ୍ଷରୋପଣରେ ଖର୍ଚ୍ଚ ହୋଇଥିବା ମୋଟ 1.11 କୋଟି ଟଙ୍କା ନିଷ୍ଫଳ ବ୍ୟୟ ଥିଲା ।

**(ଫଟୋଗ୍ରାଫ ସଂଖ୍ୟା.2)**



ତାଲାପଡ଼ା ଠାରେ ଖେସାରୀ ଜଙ୍ଗଲରେଥିବା ଏଆର୍ ବୃକ୍ଷରୋପଣ ସ୍ଥଳ

- ସେହିଭଳି, କେନ୍ଦୁଝର ବିଭାଜନରେ ବୃକ୍ଷରୋପଣ ପତ୍ରିକାର ଯାଞ୍ଚରୁ ଜଣାଗଲା ଯେ 2015-16 ରେ ତେଲକୋଇ ରେଞ୍ଜର ତାଲାପଡ଼ା ଖେସାରୀ ଜଙ୍ଗଲ ମଧ୍ୟରେ 14.98 ଲକ୍ଷ ଟଙ୍କା ବ୍ୟୟରେ ଏକ 50 ହେକ୍ଟର ବ୍ଲକ୍ (ଏଆର୍) ଏହି ବୃକ୍ଷରୋପଣ (1600 ଚାରା ପ୍ରତି ହେକ୍ଟର) କରାଯାଇଥିଲା । ବୃକ୍ଷରୋପଣ ସ୍ଥଳର ଜେପିଭି ସମୟରେ, ଏହା ଲକ୍ଷ୍ୟ କରାଯାଇଥିଲା ଯେ ଏହି ସ୍ଥାନଟି 50 ପ୍ରତିଶତ କାନପି ସାନ୍ଦ୍ରତା ଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏବଂ ଶାଳ ସେଠାରେ ମୁଖ୍ୟ ପ୍ରଜାତି ଥିଲା । ଏହି ବୃକ୍ଷରୋପଣ ଏହାର ଚତୁର୍ଥ ବର୍ଷରେ ଥିଲା । ପତ୍ରିକାରେ ଉଲ୍ଲେଖ କରାଯାଇଥିବା ଜାମୁ, ବାଉଁଶ, ଆମ୍ବ ଇତ୍ୟାଦି ଭଳି ଛୋଟ ପ୍ରଜାତି ଲକ୍ଷ୍ୟ କରାଯାଇ ନଥିଲା । ପ୍ରଜାତିର ହାରାହାରି ବଞ୍ଚିବାର ଶତକଡ଼ା 10 ରୁ 20 ଫୁଟ୍ ଉଚ୍ଚତା ସହିତ 35 ପ୍ରତିଶତ ଥିଲା । ଏହିପରି, ସିଏମ୍‌ପିପି, 1990 ର ନିୟମ 2.98 ଅନୁଯାୟୀ ଏହା ଏକ ବିଫଳ ବୃକ୍ଷରୋପଣ ଥିଲା ।

[15] ଏଆର୍ -1, ଏଏନ୍‌ଆର୍ - 7 ଏବଂ ଆଭେନ୍ୟୁ-1

ଉପରୋକ୍ତ ବିଷୟଗୁଡ଼ିକରୁ ଏହା ସ୍ପଷ୍ଟ ହେଲା ଯେ ଉପରୋକ୍ତ ଏଆର୍ ନୀତି ବିରୁଦ୍ଧରେ ସ୍ଥାନ ଚୟନ ଅନୁପଯୁକ୍ତ ଥିଲା କାରଣ ଏହି କ୍ଷେତ୍ରଟି 10 ପ୍ରତିଶତରୁ କମ୍ କାନପି ଥିବା ଅନୁର୍ବର ଅଞ୍ଚଳ ପରିବର୍ତ୍ତେ ଘଞ୍ଚ ଜଙ୍ଗଲ ଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ସ୍ୱୀକାର କରି ସରକାର ପ୍ରକାଶ କଲେ (ଅକ୍ଟୋବର 2021) ଯେ ବୃକ୍ଷରୋପଣ ସ୍ଥାନଗୁଡ଼ିକରେ ଦେଖାଯାଇଥିବା ଅସଙ୍ଗତିକୁ ଲିପିବଦ୍ଧ କରାଗଲା ଏବଂ ଦାୟୀ କର୍ମଚାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### 2.1.6 କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ ଅଧୀନରେ ବୃକ୍ଷରୋପଣ

ରାଜ୍ୟ ସିଏଏମ୍‌ପିଏ 2009 ଉପରେ ଏମ୍‌ଓଇଏଫ୍ ମାର୍ଗଦର୍ଶିକାର ଅନୁଚ୍ଛେଦ 9 (i) ଅନୁଯାୟୀ, ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ (ସିଏଏମ୍‌ପିଏ) ର କାର୍ଯ୍ୟ ହେଉଛି ପାଣ୍ଠି ପ୍ରଦାନ, ତଦାରଖ କରିବା ଏବଂ ଜଙ୍ଗଲ ସଂରକ୍ଷଣ (ଏଫ୍‌ସି) ଅଧିନିୟମ, 1980 ଅନୁଯାୟୀ ଜଙ୍ଗଲ ଜମିକୁ ଅଣଜଙ୍ଗଲ ବ୍ୟବହାର ଉଦ୍ଦେଶ୍ୟରେ ପରିବର୍ତ୍ତନ ପାଇଁ କ୍ଷତିପୂରକ ବନୀକରଣ (ସିଏ) କୁ ପ୍ରୋତ୍ସାହନ ଦେବା । ଏହା ଆଡହକ୍ ସିଏଏମ୍‌ପିଏରେ ପ୍ରାପ୍ତ ପାଣ୍ଠିକୁ ପରିଚାଳନା କରିବ ଏବଂ କ୍ଷତିପୂରକ ବନୀକରଣ, ସହାୟକ ପ୍ରାକୃତିକ ପୁନରୁତ୍ପାଦନ, ଜଙ୍ଗଲର ସଂରକ୍ଷଣ ଏବଂ ସୁରକ୍ଷା, ଭିତ୍ତିଭୂମି ବିକାଶ, ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକଳାପରେ ସଂଗୃହିତ ଅର୍ଥକୁ ବିନିଯୋଗ କରିବ ।

ପୁନଶ୍ଚ, କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପର୍ଯ୍ୟାୟ (ଚୂଡ଼ାନ୍ତ) ଅନୁମୋଦନରେ ଗୋଟିଏ ସର୍ତ୍ତ ରହିଛି ଯେ ଚିହ୍ନିତ ଅଣ-ଜଙ୍ଗଲ ଜମି କିମ୍ବା ଅବନତି ହୋଇଥିବା ଜଙ୍ଗଲ ଜମି ଉପରେ, ରାଜ୍ୟ ବନ ବିଭାଗ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟ ନିକାସ ପ୍ରଦାନ ତାରିଖ ଠାରୁ ତିନି ବର୍ଷ ମଧ୍ୟରେ ସିଏ କରାଯିବ ଏବଂ ତା'ପରେ ବ୍ୟବହାରକାରୀ ସଂସ୍ଥା (ୟୁଏ) ଦ୍ୱାରା ରାଜ୍ୟ ସିଏଏମ୍‌ପିଏ ଆକାଉଣ୍ଟରେ ଜମା ହୋଇଥିବା ପାଣ୍ଠିରୁ ଅନୁମୋଦିତ ଯୋଜନା ଅନୁଯାୟୀ ରକ୍ଷଣାବେକ୍ଷଣ କରାଯିବ ।

#### 2.1.6.1 କ୍ଷତିପୂରକ ବନୀକରଣ କାର୍ଯ୍ୟାନ୍ୱୟନ ଅଧୀନରେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ଲକ୍ଷ୍ୟ ହାସଲ

ଜଙ୍ଗଲ ଜମିର ପରିବର୍ତ୍ତନ ଏବଂ ସିଏର କାର୍ଯ୍ୟକାରିତା ନଥିଗୁଡ଼ିକୁ ଅଡିଟ୍ ଯାଞ୍ଚ କରିଥିଲା । ଏହା ଦେଖାଗଲା ଯେ 2013-18 ମଧ୍ୟରେ ସ୍ଥିର ହୋଇଥିବା ସିଏର ସାଧାରଣ ଏବଂ ବ୍ୟାକ୍ ଲଗ୍ ବୃକ୍ଷରୋପଣ ଲକ୍ଷ୍ୟଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ହାସଲ ହୋଇପାରି ନଥିଲା ଯାହା **ସାରଣୀ 2.8** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.8: କ୍ଷତିପୂରକ ବୃକ୍ଷରୋପଣ ଅଧୀନରେ ଧାର୍ଯ୍ୟ ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲ**

| ସିଏର ବର୍ଗ | ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟରରେ) | ଲକ୍ଷ୍ୟ ହାସଲ(ହେକ୍ଟରରେ) | କମ୍‌ତି(ହେକ୍ଟରରେ) |
|---|---|---|---|
| ସାଧାରଣ | 10,403.116 | 7,106.220 | 3,296.896 |
| ବ୍ୟାକ୍ ଲଗ୍ | 11,525.316 | 10,825.678 | 699.638[16] |
| **ମୋଟ** | **21,928.432** | **17,931.898** | **3,996.534** |

ଉପରୋକ୍ତ ସାରଣୀରୁ ଏହା ଦେଖାଯାଇପାରେ ଯେ ସାଧାରଣ (31.69 ପ୍ରତିଶତ) ଏବଂ ବ୍ୟାକ୍ ଲଗ୍ (6.07 ପ୍ରତିଶତ) ସିଏ, ଧାର୍ଯ୍ୟ ସମୟ ଯଥାକ୍ରମେ ତିନି ଏବଂ ପାଞ୍ଚ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରି ନଥିଲା । ଜିଲ୍ଲା ପ୍ରଶାସନ ସହ ସମନ୍ୱୟର ଅଭାବ ହେତୁ, ଅବକ୍ଷୟ ଜଙ୍ଗଲ ଜମି ଏବଂ ଅଣ-ଜଙ୍ଗଲ ଜମି ସମ୍ପର୍କରେ ସୂଚନା ବିଭାଗ ନିକଟରେ ଉପଲବ୍ଧ ନଥିଲା । ସିଏର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇନଥିବା ହେତୁ ପରିବର୍ତ୍ତନ କରାଯାଇଥିବା ଜମି ବଦଳରେ ଅବକ୍ଷୟ ହୋଇଥିବା ଜମିରେ ବୃକ୍ଷରୋପଣକୁ ସୁନିଶ୍ଚିତ କରିପାରି ନଥିଲା । ଏହା ମଧ୍ୟ ଏଫ୍‌ସି ଅଧିନିୟମ ଏବଂ ସିଏଏମ୍‌ପିଏ ମାର୍ଗଦର୍ଶିକାର ଏକ ଉଲ୍ଲଙ୍ଘନ ଥିଲା ।

[16] କେନ୍ଦୁଝର (ବନ୍ୟପ୍ରାଣୀ) - 259.178 ହେକ୍ଟର 2015-16 ପାଇଁ , କେନ୍ଦୁଝର – 3 ହେକ୍ଟର 2015-16 ପାଇଁ , କଟକ (ସହର) -377.244 ହେକ୍ଟର 2017-18ପାଇଁ , ଘୁମୁସୁର (ଦକ୍ଷିଣ) – 11.966 ହେକ୍ଟର 2017-18ପାଇଁ , କଳାହାଣ୍ଡି(ଦକ୍ଷିଣ) – 48.25 ହେକ୍ଟର 2017-18 ପାଇଁ

ଅଡିଟ୍ ସିଦ୍ଧାନ୍ତକୁ ଗ୍ରହଣ କରି ସରକାର ପ୍ରକାଶ କଲେ (ଅକ୍ଟୋବର 2021) ଯେ କିଛି ମାମଲା ବ୍ୟତୀତ ସିଏ ପାଇଁ ଅଧିକାଂଶ ଲକ୍ଷ୍ୟ ଧାର୍ଯ୍ୟ ତିନି ବର୍ଷ ମଧ୍ୟରେ ହାସଲ କରାଯାଇଥିଲା ଏବଂ ଆଗାମୀ ବର୍ଷରେ ଅବଶିଷ୍ଟ ସିଏ ସମାପ୍ତ କରିବାକୁ ପଦକ୍ଷେପ ନିଆଯାଉଛି ।

### 2.1.6.2 ସିଏଏମ୍ପିଏ ଅଧିନରେ ହୋଇଥିବା ବୃକ୍ଷରୋପଣର ମିଳିତ ବାସ୍ତବିକ୍ ଯାଞ୍ଚ

ସିଏମ୍ପିପି, 1990 ର ନିୟମ 2.98 ଅନୁଯାୟୀ ଉତ୍ତମ ଗୁଣବତ୍ତା ଜମିରେ ଦୀର୍ଘ ମିଆଦୀ ଫସଲ ପାଇଁ ବୃକ୍ଷଗୁଡ଼ିକ 60 ପ୍ରତିଶତ ତଥା ତଦୁର୍ଦ୍ଧ୍ୱ ବଞ୍ଚିଲେ ସଫଳ ବୃକ୍ଷରୋପଣ ବୋଲି କୁହାଯାଇପାରେ । ସେହିଭଳି, 40 ରୁ 60 ପ୍ରତିଶତ ମଧ୍ୟରେ ବଞ୍ଚିଲେ ଆଂଶିକ ସଫଳ ଏବଂ 40 ପ୍ରତିଶତରୁ କମ୍ ବଞ୍ଚିଲେ ବିଫଳ ବୃକ୍ଷ ରୋପଣ ବୋଲି କୁହାଯାଇପାରେ । ପୁନଶ୍ଚ, ଉପରୋକ୍ତ ସଂହିତାର ନିୟମ 2.97 ଅନୁଯାୟୀ, ବୃକ୍ଷରୋପଣ ସର୍ବେକ୍ଷଣରେ, ତିନି ବର୍ଷରୁ ଅଧିକ ବୃକ୍ଷରୋପଣକୁ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ।

ଅଡିଟ୍ ପାଇଁ ମନୋନୀତ ମୋଟ 1,187 ବୃକ୍ଷରୋପଣ ପତ୍ରିକା ମଧ୍ୟରୁ ସିଏଏମ୍ପିଏ ଅଧିନରେ 491 ଟି ପତ୍ରିକା ଯାଞ୍ଚ କରାଯାଇଥିଲା । ଏହା ଦେଖାଗଲା ଯେ 820 ହେକ୍ଟରରେ ତିନିଟି ବୃକ୍ଷରୋପଣ 1.78 କୋଟି ଟଙ୍କା ବ୍ୟୟ ହୋଇ ଆଂଶିକ ବିଫଳ ଥିଲା କାରଣ ଉଦ୍ଭିଦଗୁଡ଼ିକର ବଞ୍ଚିବା ପ୍ରତିଶତ 40 ରୁ 60 ମଧ୍ୟରେ ଥିଲା । ଅବଶିଷ୍ଟ 488 ବୃକ୍ଷ ରୋପଣରେ ବଞ୍ଚିବା ଶତକଡ଼ା 60 ରୁ ଅଧିକ ଥିବା ଦର୍ଶାଯାଇଥିଲା । କିନ୍ତୁ, ବିଭାଜନର ଉପରୋକ୍ତ ଦାବିଗୁଡ଼ିକୁ ଯାଞ୍ଚ କରିବା ପାଇଁ ସିଏଏମ୍ପିଏ ବୃକ୍ଷରୋପଣ ସ୍ଥଳ ଗୁଡ଼ିକରେ ତିନୋଟି ଜେପିଭି କରାଯାଇଥିଲା, ଯାହାକି **ସାରଣୀ 2.9** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.9: ତିନୋଟି ବୃକ୍ଷରୋପଣ ସ୍ଥାନର ମିଳିତ ବାସ୍ତବିକ ଯାଞ୍ଚର ଫଳାଫଳ**

| *କ୍ରମିକ ସଂଖ୍ୟା* | *ବୃକ୍ଷରୋପଣ ସ୍ଥଳର ନାମ* | *ପତ୍ରିକା ଅନୁଯାୟୀ ବଞ୍ଚିବାର ଶତକଡ଼ା (ଶତକଡ଼ାରେ)* | *ଜେପିଭି ଅନୁଯାୟୀ ବଞ୍ଚିବାର ଶତକଡ଼ା (ଶତକଡ଼ା)* |
|---|---|---|---|
| 1 | ରାଜପୁର 1 (ନିୟମିତ) | 85 | 38 |
| 2 | ରାଜପୁର 2(ଅତିରିକ୍ତ) | 85 | 21 |
| 3 | ସାଗରପାଲି | 55 | 29 |

ଉପରୋକ୍ତ ସାରଣୀରୁ ଏହା ଦେଖାଯାଇପାରେ ଯେ ଜେପିଭି ଅନୁଯାୟୀ, ଉପରୋକ୍ତ ବୃକ୍ଷରୋପଣର ବଞ୍ଚିବାର ଶତକଡ଼ା 21 ରୁ 38 ମଧ୍ୟରେ ଥିଲାବେଳେ ଡିଏଫ୍ଓ ମାନେ ବଞ୍ଚିବାର ଶତକଡ଼ାକୁ 55 ରୁ 85 ପର୍ଯ୍ୟନ୍ତ ଅଧିକ ଦର୍ଶାଇଥିଲେ ।

ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ବୃକ୍ଷରୋପଣରେ ଯେଉଁଠାରେ ଉଚ୍ଚ ମୃତ୍ୟୁ ହାର ରିପୋର୍ଟ କରାଯାଇଛି, ବିଭାଗ ଏହାର ନିର୍ଦ୍ଧାରଣ କରିବ ଏବଂ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

ଜେପିଭିରେ ଅନେକ ପ୍ରତିବନ୍ଧକ ଥିଲା ଏବଂ ଫଳାଫଳ ସର୍ବଦା ସଠିକ୍ ନଥିଲା । ତେଣୁ, ବୃକ୍ଷରୋପଣର ସଠିକ୍ ନିର୍ଦ୍ଧାରଣ ନିମନ୍ତେ ଅଡିଟ୍ ରିମୋଟ୍ ସେନ୍ସିଂ ଟେକ୍ନୋଲୋଜି ଯଥା ସାଟେଲାଇଟ୍ ପ୍ରତିଛବି ଏବଂ ୟୁଏଭି ବ୍ୟବହାର କରିଥିଲା, ଯାହାର ବିବରଣୀ ପରବର୍ତ୍ତୀ ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଛି ।

### 2.1.6.3 ୟୁଏଭି/ ଡ୍ରୋନ୍ ଦ୍ୱାରା ବୃକ୍ଷରୋପଣର ନିର୍ଦ୍ଧାରଣ

ପ୍ରତ୍ୟେକ 20 ବର୍ଗ ମିଟର ଥିବା 5-6 କ୍ୱାଡ୍ରାଟ୍ ଚୟନ କରି ଅଡିଟ୍ ଜେପିଭି ପରିଚାଳନା କରିଥିଲା । ଅଡିଟ୍ ଲକ୍ଷ୍ୟ କଲା ଯେ ଏହି ଜେପିଭି ଦ୍ୱାରା ହିସାବ କରାଯାଇଥିବା ବଞ୍ଚିବାର ଶତକଡ଼ା 100 ପ୍ରତିଶତ ସଠିକ୍ ନଥିଲା । ଆହୁରି ମଧ୍ୟ ଅନେକ କ୍ଷେତ୍ରରେ, ଘଞ୍ଚ ଜଙ୍ଗଲ, ବନ୍ୟଜନ୍ତୁଙ୍କ ଭୟ ଇତ୍ୟାଦି କାରଣରୁ ଜେପିଭି ଦଳ ସମ୍ପୂର୍ଣ୍ଣ ଭାବେ ସ୍ଥଳକୁ ପ୍ରବେଶ କରିପାରି ନଥିଲେ । ପ୍ରତ୍ୟେକ ସ୍ଥଳର ଆକାରକୁ ବିଚାର କଲେ ଜେପିଭି ଦଳ ସମଗ୍ର ସ୍ଥଳକୁ ପରିସରଭୁକ୍ତ କରିପାରି ନଥିଲେ । ତେଣୁ, ଉପରୋକ୍ତ ସମସ୍ୟାଗୁଡ଼ିକୁ ଦୂର କରି ବୃକ୍ଷରୋପଣକୁ ସଠିକ୍ ନିର୍ଦ୍ଧାରଣ କରିବା ପାଇଁ ଅଡିଟ୍, ରିମୋଟ୍ ସେନ୍ସିଂ ଟେକ୍ନୋଲୋଜି ଯଥା ଉପଗ୍ରହ ଚିତ୍ର ଏବଂ ୟୁଏଭି/ ଡ୍ରୋନ୍ ବ୍ୟବହାର କରିଥିଲା ।

ସାଟେଲାଇଟ୍ ପ୍ରତିଛବି ମାଧ୍ୟମରେ ବୃକ୍ଷରୋପଣର ନିର୍ଦ୍ଧାରଣ କରିବା ପାଇଁ ଗୁଗୁଲ୍ ଆର୍ଥ (ଜିଇ) ସଫ୍ଟୱେର୍ ବ୍ୟବହାର କରାଯାଇଥିଲା । ଜିଇରେ ସାଇଟ୍‌ର ଜିପିଏସ୍ କୋର୍ଡିନେଟ୍ ପ୍ଲଟ୍ କରାଯାଇଥିଲା ଏବଂ ସାଇଟ୍‌ରେ ପରିବର୍ତ୍ତନ ଯାଞ୍ଚ କରିବା ପାଇଁ ଜିଇରେ ଉପଲବ୍ଧ ଥିବା ଐତିହାସିକ ଚିତ୍ର ଉପକରଣ ମାଧ୍ୟମରେ ସାଇଟ୍ ବିଶ୍ଳେଷଣ କରାଯାଇଥିଲା । ଯଦି ଜଙ୍ଗଲ/ ସବୁଜ ବଳୟ ପରିବର୍ତ୍ତନ ଦୃଶ୍ୟମାନ ନହେଲା, ତେବେ ସେହି ନିର୍ଦ୍ଦିଷ୍ଟ ବୃକ୍ଷରୋପଣ ସ୍ଥାନ ୟୁଏଭି ମାଧ୍ୟମରେ ଅଧିକ ବିସ୍ତୃତ ଅଧ୍ୟୟନ ପାଇଁ ଚୟନ କରାଯାଇଥିଲା । ଚିତ୍ରଗୁଡ଼ିକରେ ଉତ୍ତମ ସ୍ଥାନ ରିଜୋଲୁସନ୍ ଏବଂ କ୍ଲାଉଡ୍ କଭର ଅଭାବ ହେତୁ ସାଟେଲାଇଟ୍ ପ୍ରତିଛବି ବ୍ୟବହାର କରି ବିସ୍ତୃତ ବିଶ୍ଳେଷଣ ସମ୍ଭବ ନଥିଲା । ଏହିସବୁ କାରଣ ହେତୁ, ମାଇକ୍ରୋ ସ୍ତରର ବିଶ୍ଳେଷଣ ସମ୍ଭବ ନଥିଲା । ତେଣୁ, ବୃକ୍ଷରୋପଣର ବିସ୍ତୃତ ସଠିକ୍ ନିର୍ଦ୍ଧାରଣ ପାଇଁ ୟୁଏଭିକୁ ଚୟନ କରାଯାଇଥିଲା ।

**ଫଟୋଗ୍ରାଫ୍ ସଂଖ୍ୟା.3**




**ଉପଗ୍ରହ ଚିତ୍ର ତାରିଖ – 14/11/2015**

**ଫଟୋଗ୍ରାଫ ସଂଖ୍ୟା.4**




**ଉପଗ୍ରହ ଚିତ୍ର ତାରିଖ – 15/11/2018**

ଏହି ଅଧ୍ୟୟନରେ, ବିଭିନ୍ନ ତଥ୍ୟ ଯଥା ଗଣନା, ବୃକ୍ଷ ପ୍ରଜାତିର ଚିହ୍ନଟ, ବୃକ୍ଷର ଉଚ୍ଚତା, ବ୍ୟବଧାନ, ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ ପାଇଁ ନିଆଯାଇଥିବା ପଦକ୍ଷେପ ଇତ୍ୟାଦିର ନିର୍ଦ୍ଧାରଣ ପାଇଁ ତିନୋଟି ଏଏନ୍‌ଆର୍ ସ୍ଥଳ ଏବଂ ଗୋଟିଏ ମାଙ୍ଗ୍ରୋଭ୍ ବୃକ୍ଷରୋପଣ ସ୍ଥଳରେ 265 ହେକ୍ଟର ପରିମିତ ଜମିରେ ୟୁଏଭି ନିୟୋଜିତ କରାଯାଇଥିଲା । ବୃକ୍ଷରୋପଣ କ୍ଷେତ୍ରଗୁଡ଼ିକର ୟୁଏଭି ପ୍ରତିଛବିଗୁଡ଼ିକ ପ୍ରକ୍ରିୟାକରଣ, ବିଶ୍ଳେଷଣ କରାଯାଇଥିଲା ଏବଂ ସଂପୃକ୍ତ ବୃକ୍ଷରୋପଣ ପତ୍ରିକାରେ ପଞ୍ଜିକୃତ ବିବରଣୀ ସହିତ ତୁଳନା କରାଯାଇଥିଲା । ବୃକ୍ଷରୋପଣ କାର୍ଯ୍ୟକଳାପର ନିର୍ଦ୍ଧାରଣ ଏବଂ ପର୍ଯ୍ୟାଲୋଚନାକୁ ଏକ ଉତ୍ତମ ଉପାୟରେ ଉନ୍ନତ କରିବାକୁ ତ୍ରୁଟିଗୁଡ଼ିକୁ ରିପୋର୍ଟ କରାଯାଇଥିଲା ।

ଡ୍ରୋନ୍ ଅଧ୍ୟୟନ ପାଇଁ ଚାରୋଟି ବୃକ୍ଷରୋପଣ ସ୍ଥଳ ଚୟନ କରାଯାଇଥିଲା ଯାହାକି **ସାରଣୀ 2.10** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି ।

**ସାରଣୀ 2.10: ବୃକ୍ଷରୋପଣର ମାନବ ବିହୀନ ଯାନ ଦ୍ୱାରା କରାଯାଇଥିବା ନିର୍ଦ୍ଧାରଣର ଫଳାଫଳ**

| କ୍ର.ସଂ. | ବୃକ୍ଷରୋପଣର ନାମ | ସମୁଦାୟ ବୃକ୍ଷରୋପଣ କ୍ଷେତ୍ର (ହେକ୍ଟରରେ) | ଡ୍ରୋନ୍ ଅଧ୍ୟୟନ ଅଧିନରେ ଅନ୍ତର୍ଭୁକ୍ତ ବୃକ୍ଷରୋପଣ କ୍ଷେତ୍ର (ହେକ୍ଟରରେ) | ପ୍ରକଳ୍ପ | କାର୍ଯ୍ୟକାରିତା ବର୍ଷ | ବ୍ୟୟ (ଟଙ୍କାରେ) |
|---|---|---|---|---|---|---|
| 1 | ରାଜପୁର-1 (ନିୟମିତ) | 50 | 50 | ସିଏଏମ୍‌ପିଏ | 2015-16 | 10,49,825 |
| 2 | ରାଜପୁର 2(ଅତିରିକ୍ତ) | 50 | 50 | ସିଏଏମ୍‌ପିଏ | 2015-16 | 10,49,825 |
| 3 | ସାଗରପାଲି | 100 | 100 | ସିଏଏମ୍‌ପିଏ | 2015-16 | 23,37,800 |
| 4 | ସାନଟୁବି | 65 | 65 | ଆଇସିଜେଡ୍‌ଏମ୍‌ପି | 2014-15 | 23,98,500 |
| ମୋଟ | | **265** | **265** | | | **68,35,950** |

ବୃକ୍ଷରୋପଣର ସ୍ଥଳ ଅନୁସାରେ ବିଶ୍ଳେଷଣ ନିମ୍ନରେ ବର୍ଣ୍ଣନା କରାଯାଇଛି:

- ସୁନ୍ଦରଗଡ଼ ଜଙ୍ଗଲ ବିଭାଜନ ଅଧିନରେ ଥିବା ରାଜପୁର 1 ଏବଂ 2 (ନିୟମିତ ଏବଂ ଅତିରିକ୍ତ)ର ବୃକ୍ଷରୋପଣ ସ୍ଥାନଗୁଡ଼ିକ ଚୟନ କରାଯାଇଥିଲା ଏବଂ ଗୁଗୁଲ ଆର୍ଥ ସଫ୍ଟୱେୟାରରେ ଏହାର ମାନଚିତ୍ର ନିମ୍ନରେ ପ୍ରଦର୍ଶିତ କରାଯାଇଛି:

**ଫଟୋଗ୍ରାଫ୍ ସଂଖ୍ୟା.5**




**ରାଜପୁର - 1 (ନିୟମିତ)** ବୃକ୍ଷରୋପଣ ସ୍ଥାନ: ଗଣନା କରାଯାଇଥିବା ପ୍ରଜାତିର ସଂଖ୍ୟା/ ପ୍ରକାର **ସାରଣୀ 2.11** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.11: ରାଜପୁର-1 ରେ ବୃକ୍ଷରୋପଣର ମାନବ ବିହୀନ ଯାନଦ୍ୱାରା ନିର୍ଦ୍ଧାରଣ**

| ଜଙ୍ଗଲ ବିଭାଜନ | ରେଞ୍ଜ/ ବୃକ୍ଷରୋପଣ ସ୍ଥାନ | ଯୋଜନା/ ବୃକ୍ଷରୋପଣର ବର୍ଷ ହେକ୍ଟରରେ କ୍ଷେତ୍ର | ବୃକ୍ଷର ପ୍ରକାର | ବୃକ୍ଷରୋପଣ ପତ୍ରିକା ଅନୁଯାୟୀ 2015-16 ମଧ୍ୟରେ ଲଗାଯାଇଥିବା ବୃକ୍ଷ ସଂଖ୍ୟା | ଫେବୃଆରୀ 2021ରେ କରାଯାଇଥିବା ୟୁଏଭି ଅଧ୍ୟୟନ ଅନୁସାରେ ବୃକ୍ଷ ସଂଖ୍ୟା | ବଞ୍ଚିବା ପ୍ରତିଶତ | ମୋଟ ଖର୍ଚ୍ଚ (ଟଙ୍କାରେ) |
|---|---|---|---|---|---|---|---|
| ସୁନ୍ଦରଗଡ଼ | ଉଜଳପୁର/ ରାଜପୁର (ନିୟମିତ) | ସିଏଏମ୍‌ପିଏ / 2015-16/ 50 | ଶାଗୁଆନ୍ | 4,000 | 1,835 | | 10,49,825 |
| | | | *କରଞ୍ଜ* | 2,000 | 0 | | |
| | | | *ଶିଶୁ* | 1,000 | 0 | | |
| | | | *ସାମାରୁବା* | 1,000 | 2 | | |
| | | | ନିମ | 2,000 | 0 | | |
| ମୋଟ | | | | **10,000** | **1,837** | **18.37** | **10,49,825** |

ଏହା ଦେଖାଗଲା ଯେ ବୃକ୍ଷରୋପଣ ପତ୍ରିକା ଅନୁଯାୟୀ ପାଞ୍ଚ ପ୍ରଜାତିର 10,000 ଉଦ୍ଭିଦ ରୋପଣ କରାଯାଇଥିଲା କିନ୍ତୁ ୟୁଏଭି ନିର୍ଦ୍ଧାରଣ ଅନୁଯାୟୀ କେବଳ 1,837 ଉଦ୍ଭିଦ ବଞ୍ଚି ଥିଲା । ତେଣୁ, ବଞ୍ଚିବା ପ୍ରତିଶତ 18.37 ଥିଲା ଯାହା ଏକ ବିଫଳ ବୃକ୍ଷରୋପଣ ଭାବରେ ପରିଗଣିତ ହୋଇପାରିବ । ଆହୁରି ମଧ୍ୟ, ଶାଗୁଆନ୍ ବୃକ୍ଷ ଗୁଡ଼ିକର ଉଚ୍ଚତା ଚାର୍ଟରୁ ଦେଖାଯାଇପାରେ ଯେ ବଞ୍ଚିଥିବା 1,835 ଶାଗୁଆନ୍ ବୃକ୍ଷ ମଧ୍ୟରୁ 1,329 ଶାଗୁଆନ୍ ବୃକ୍ଷ (73 ପ୍ରତିଶତ), ବୃକ୍ଷରୋପଣର ପାଞ୍ଚ ବର୍ଷ ପରେ ମଧ୍ୟ ପାଞ୍ଚ ଫୁଟ ଉଚ୍ଚତା ମଧ୍ୟରେ ଥିଲା ।

ଫଟୋଗ୍ରାଫ୍ ସଂଖ୍ୟା.6




ରାଜପୁରର ବୃକ୍ଷରୋପଣ ସ୍ଥଳ - 1 (ନିୟମିତ)

ଚାର୍ଟ ସଂଖ୍ୟା.4




**ରାଜପୁର - 2** (ଅତିରିକ୍ତ) ବୃକ୍ଷରୋପଣ ସ୍ଥାନ: ୟୁଏଭି ମାଧ୍ୟମରେ ଗଣନା କରାଯାଇଥିବା ପ୍ରଜାତିର ସଂଖ୍ୟା/ ପ୍ରକାର ସାରଣୀ 2.12 ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.12: ରାଜପୁର-2 ରେ ବୃକ୍ଷରୋପଣର ମାନବ ବିହୀନ ବିମାନ ଯାନ ଦ୍ୱାରା କରାଯାଇଥିବା ମୂଲ୍ୟାଙ୍କନର ଫଳାଫଳ**

| ଜଙ୍ଗଲ ବିଭାଗର ନାମ | ରେଞ୍ଜ/ ବୃକ୍ଷରୋପଣ ସ୍ଥାନ | ଯୋଜନା/ ବୃକ୍ଷରୋପଣର ବର୍ଷ/ ହେକ୍ଟରରେ କ୍ଷେତ୍ର | ବୃକ୍ଷର ପ୍ରକାର | ବୃକ୍ଷରୋପଣ ପତ୍ରିକା ଅନୁଯାୟୀ ବୃକ୍ଷଗୁଡ଼ିକ | ୟୁଏଭି ଅନୁସାରେ ବୃକ୍ଷ ସଂଖ୍ୟା | ମୋଟ ଉପରେ ବଞ୍ଚିବା ଶତକଡ଼ା | ମୋଟ ଖର୍ଚ୍ଚ (ଟଙ୍କାରେ) |
|---|---|---|---|---|---|---|---|
| ସୁନ୍ଦରଗଡ଼ | ଉଜଳପୁର/ ରାଜପୁର (ଅତିରିକ୍ତ) | ସିଏଏମ୍‌ପିଏ/2015-16/ 50 | ଶାଗୁଆନ | 4,000 | 341 | | 10,49,825 |
| | | | କରଞ୍ଜ | 500 | 0 | | |
| | | | ଶିଶୁ | 1,000 | 3 | | |
| | | | ବାଉଁଶ | 1,500 | 0 | | |
| | | | ସିମାରୁବା | 1,000 | 36 | | |
| | | | ଗମ୍ଭାରୀ | 1,000 | 0 | | |
| | | | ଶିରିଶ | 500 | 8 | | |
| | | | ନିମ୍ବ | 500 | 2 | | |
| | | | **ମୋଟ** | **10,000** | **390** | **3.9** | **10,49,825** |

ଉପରୋକ୍ତ ବିଷୟରୁ ଦେଖାଯାଏ ଯେ ବଞ୍ଚିବାର ପ୍ରତିଶତ ମାତ୍ର 3.9 ଥିଲା । ଆହୁରି ମଧ୍ୟ, ବଞ୍ଚିଥିବା 341 ଟି ମଧ୍ୟରୁ 311 ଟି ର ଉଚ୍ଚତା କେବଳ ଏକରୁ ତିନି ଫୁଟ ମଧ୍ୟରେ ଥିଲା । ସେହିଭଳି, ବଞ୍ଚିଥିବା 36 ଟି ସିମାରୁବା ବୃକ୍ଷର ଉଚ୍ଚତା କେବଳ ତିନି ଫୁଟ୍ ପର୍ଯ୍ୟନ୍ତ ଥିଲା ।

ଫଟୋଗ୍ରାଫ ସଂଖ୍ୟା.7




ରାଜପୁରର ବୃକ୍ଷରୋପଣ ସ୍ଥାନ- 2 (ଅତିରିକ୍ତ)

ଚାର୍ଟ ସଂଖ୍ୟା.5




ଚାର୍ଟ ସଂଖ୍ୟା.6




ଉପରୋକ୍ତ ବାର୍ ଚିତ୍ରଗୁଡ଼ିକରୁ ଏହା ଜଣାଗଲା ଯେ ରାଜପୁର-1 ଏବଂ 2 ଠାରେ ବୃକ୍ଷରୋପଣ ସ୍ଥାନଗୁଡ଼ିକରେ ବିଭିନ୍ନ ପ୍ରଜାତିର ଉଚ୍ଚତା 0.5 ରୁ 20 ଫୁଟରୁ ଅଧିକ ଥିଲା ।

- **ବୃକ୍ଷ କାନପି ପରିସର ଗଣନା**




କାନପି ପରିସର ପ୍ରତ୍ୟେକ ଗଛ ପାଇଁ ଭିନ୍ନ ହୋଇଥାଏ ଏବଂ ଏହା ଗଛର ପ୍ରଜାତି ଉପରେ ନିର୍ଭର କରେ, କାରଣ ସେମାନଙ୍କର ଭିନ୍ନଭିନ୍ନ କ୍ରାଉନ୍ ଆକାର, ଆକୃତି ଏବଂ ଉଚ୍ଚତା ଥାଏ । ବିଭିନ୍ନ କାରଣରୁ କାନପି ପରିସର ମାପ ଅଧିକ ଗୁରୁତ୍ୱପୂର୍ଣ୍ଣ । ଯଦି କୌଣସି ଗଛ ପୁଷ୍ଟିକର ଖାଦ୍ୟ, ଜଳ ପ୍ରବେଶ, ରୋଗ, କୀଟ ଏବଂ ଚାପ ଦ୍ୱାରା ପ୍ରଭାବିତ ହୁଏ, ତେବେ ତାହା କାନପି ପରିସରରେ ପ୍ରତିଫଳିତ ହେବ । ଜଙ୍ଗଲ ନଷ୍ଟ, ଅବନତି, ପତଳା କିମ୍ବା ବନୀକରଣ କ୍ଷେତ୍ରରେ ଜଙ୍ଗଲର ବ୍ୟବହାରକୁ ନିର୍ଦ୍ଧାରଣ କରିବା ନିମନ୍ତେ ମଧ୍ୟ ଏହା ବ୍ୟବହାର କରାଯାଇପାରିବ । ଏହି ପ୍ରକଳ୍ପରେ, ବୃକ୍ଷର ବ୍ୟାସ ହିସାବ ପାଇଁ ଏକ ବୃକ୍ଷର କାନପି ପରିସର ନିର୍ଦ୍ଧାରଣ କରିବା ନିମନ୍ତେ ଏକ ଅର୍ଦ୍ଧ ସ୍ୱୟଂଚାଳିତ ପ୍ରକ୍ରିମିଟି ପ୍ରକ୍ରିୟା ଗ୍ରହଣ କରାଯାଇଥିଲା । ରାଜପୁର ଅଞ୍ଚଳର ବୃକ୍ଷର ବ୍ୟାସ ବଫର୍ ଉପର ଚିତ୍ରରେ ଦର୍ଶାଯାଇଛି ।

ଚାର୍ଟ ସଂଖ୍ୟା 7




ଚାର୍ଟ ସଂଖ୍ୟା 8




ଉପରୋକ୍ତ ବାର୍ ଚାର୍ଟରୁ ଲକ୍ଷ୍ୟ କରାଯାଇପାରେ ଯେ ରାଜପୁର-1 (ନିୟମିତ) ସାଇଟରେ, 1,735 ବୃକ୍ଷର କାନପି ପରିସର ଏକରୁ ପାଞ୍ଚ ବର୍ଗ ମିଟର ଏବଂ 102 ବୃକ୍ଷର କାନପି ପରିସର ପାଞ୍ଚରୁ 15 ବର୍ଗ ମିଟର ମଧ୍ୟରେ ଥିଲା । ସେହିପରି, ରାଜପୁର-2(ଅତିରିକ୍ତ)ରେ, 384 ବୃକ୍ଷରେ କାନପି ପରିସର 0.5 ରୁ 1 ବର୍ଗ ମିଟର ମଧ୍ୟରେ

ରହିଥିଲା ଏବଂ ଛଅଟି ବୃକ୍ଷରେ କାନପି ପରିସର ଏକରୁ ତିନି ବର୍ଗ ମିଟର ମଧ୍ୟରେ ରହିଥିଲା । ଏହା ସୂଚାଇଲା ଯେ, ଯଦିଓ ଗଛଗୁଡ଼ିକ ବଞ୍ଚିଥିଲା, ବଞ୍ଚିବାର ଗୁଣବତ୍ତା ସନ୍ତୋଷଜନକ ନଥିଲା ।

- **ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ-ଜଳ ଟ୍ରେଞ୍ଚ**

ଏଫ୍‌ପିଏମ୍, 1977 ର ନିୟମ 123 (b) ଅନୁଯାୟୀ, ଯେତେବେଳେ ସ୍ଲୋପଟି ଖାଲୁଆ ହୋଇଥାଏ, ମୂଳରେ 45 ଇଞ୍ଚ ଚଉଡ଼ା ଏବଂ ତଳ ପାର୍ଶ୍ୱରେ 45 ଇଞ୍ଚ ଗଭୀର ସମୁଚ ଖାତରେ ବୃକ୍ଷରୋପଣ କରାଯିବ । ପ୍ରତ୍ୟେକ ଖାତ 7 ମିଟର ଲମ୍ବ ହେବ ଏବଂ କାର୍ଯ୍ୟ କରାଯାଇନଥିବା 3 ମିଟର ଲମ୍ବ ଦ୍ୱାରା ଭଙ୍ଗ କରାଯିବ । ଡ୍ରେନେଜ୍ ନେଟ୍‌ୱାର୍କ କିମ୍ବା ଖାଲ ଅଞ୍ଚଳରେ ନିର୍ମିତ ଜଳବନ୍ଧ/ ଅଙ୍କା ବଙ୍କା ଖାତ ଲମ୍ବ ଭାବରେ ଅବସ୍ଥିତ କି ନାହିଁ ଯାଞ୍ଚ କରିବା ପାଇଁ ଏବଂ ଚିହ୍ନଟ ଏବଂ ବୈଧ କରିବା ପାଇଁ ସମୁଚ ଏବଂ ଡ୍ରେନେଜ୍ ନେଟ୍‌ୱାର୍କ ବ୍ୟବହାର କରାଯାଇଥିଲା । ୟୁଏଭି ବ୍ୟବହାର କରି ବୃକ୍ଷରୋପଣ ସ୍ଥଳଗୁଡ଼ିକର ନିର୍ଦ୍ଧାରଣ ଅନୁଯାୟୀ, ରାଜପୁର-1 ଏବଂ ରାଜପୁର-2 ବୃକ୍ଷରୋପଣ କ୍ଷେତ୍ରରେ ଯଥାକ୍ରମେ 215 ଏବଂ 703 ଷ୍ଟାଗର୍ଡ ଟ୍ରେଞ୍ଚ ସୃଷ୍ଟି ହୋଇଥିବା ଜଣାପଡିଥିଲା । ଏଥିମଧ୍ୟରୁ, 70 ଏବଂ 211 ଟି ଟ୍ରେଞ୍ଚ ସ୍ଲୋପ୍ ସହ ଲମ୍ବ ଭାବରେ ଅବସ୍ଥିତ ନଥିଲା । ଏହା ଟ୍ରେଞ୍ଚ ନିର୍ମାଣ କରିବାର ଉଦ୍ଦେଶ୍ୟ ଯଥା ବର୍ଷା ଜଳକୁ ସଂରକ୍ଷଣ ଏଭଂ ଗଚ୍ଛିତ କରି ଲଗାଯାଇଥିବା ଗଛଗୁଡ଼ିକର ବଞ୍ଚିବାରେ ଉନ୍ନତି ଆଣିବାକୁ ବିଫଳ କରିଥିଲା । ବୃକ୍ଷରୋପଣ କ୍ଷେତ୍ର ଭିତରେ ଏକ ଷ୍ଟାଗର୍ଡ ଟ୍ରେଞ୍ଚର ନମୁନା ନିମ୍ନରେ ଦର୍ଶାଯାଇଛି ।

**ଫଟୋଗ୍ରାଫ ସଂଖ୍ୟା.9 – ବୃକ୍ଷରୋପଣ କ୍ଷେତ୍ର ଭିତରେ ଥିବା ଅଙ୍କାବଙ୍କା ଖାତ**



**ସାରଣୀ 2.13: ଦୁଇଟି ବୃକ୍ଷରୋପଣ ସ୍ଥାନରେ ଡ୍ରେନେଜ୍ ସହ ଲମ୍ବ ଭାବରେ ନଥିବା ଟ୍ରେଞ୍ଚ**

| *କ୍ରମିକ ସଂଖ୍ୟା* | *କ୍ଷେତ୍ର* | *ମୋଟ ଖାତ ସଂଖ୍ୟା* | *ଡ୍ରେନେଜ୍ ସହ ଲମ୍ବ ଭାବରେ ନଥିବା* | *ବୃକ୍ଷରୋପଣ କ୍ଷେତ୍ର ବାହାରେ* |
|---|---|---|---|---|
| 1 | ରାଜପୁର (ନିୟମିତ) | 215 | 70 | 55 |
| 2 | ରାଜପୁର (ଅତିରିକ୍ତ) | 703 | 211 | 55 |

ଏହା ମଧ୍ୟ ଅଡିଟ୍ ଜାଣିବାକୁ ପାଇଲା ଯେ ରାଜପୁର (ଅତିରିକ୍ତ) ବୃକ୍ଷରୋପଣ ଅଞ୍ଚଳରେ କିଛି ଡ୍ରେନେଜ୍ ଡିସେମ୍ବର 2018 ପରେ ନିର୍ମାଣ କରାଯାଇଥିଲା । ତେଣୁ ଏହା ସିଦ୍ଧାନ୍ତ ନିଆଯାଇପାରେ ଯେ ବୃକ୍ଷରୋପଣ ଅବଧି (ଅପ୍ରେଲ 2015 ରୁ ମାର୍ଚ୍ଚ 2019)ରେ ଟ୍ରେଞ୍ଚ ଖୋଳି ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ ଉପଯୁକ୍ତ ମାତ୍ରାରେ ନିଆଯାଇ ନଥିଲା । ଗୁଗୁଲ୍ ଆର୍ଥର ଐତିହାସିକ ଚିତ୍ର ଉପକରଣ ବ୍ୟବହାର କରି ମଧ୍ୟ ଏହା ସନ୍ଧାନ କରାଯାଇଥିଲା ଯାହା ନିମ୍ନରେ ଦର୍ଶାଯାଇଅଛି:

**ଫଟୋଗ୍ରାଫ ସଂଖ୍ୟା.10**

ରାଜପୁର 2 ରେ ଜଳ ଟ୍ରେଞ୍ଚ ନଥିଲା (ଡିସେମ୍ବର, 2018)



**ଫଟୋଗ୍ରାଫ ସଂଖ୍ୟା.11**

ରାଜପୁର 2 ରେ ଥିବା ଜଳ ଟ୍ରେଞ୍ଚ (ମଇ, 2020)



- ବଲାଙ୍ଗୀର ଜଙ୍ଗଲ ବିଭାଜନ ଅଧିନରେ ଥିବା ସାଗରପାଲୀ ବୃକ୍ଷରୋପଣ ସ୍ଥଳର ବୃକ୍ଷରୋପଣ କ୍ଷେତ୍ରର ମାନଚିତ୍ର ନିମ୍ନରେ ଦର୍ଶାଯାଇଛି ।

**ଫଟୋଗ୍ରାଫ୍ ସଂଖ୍ୟା.12**




**ସାଗରପାଲୀ ବୃକ୍ଷରୋପଣ ସ୍ଥାନ-** ୟୁଏଭି ମାଧ୍ୟମରେ ଗଣନା କରାଯାଇଥିବା ପ୍ରଜାତିର ସଂଖ୍ୟା/ ପ୍ରକାର **ସାରଣୀ 2.14** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.14: ସାଗରପାଲିରେ ବୃକ୍ଷରୋପଣର ମାନବ ବିହୀନ ବିମାନ ଯାନ ଦ୍ୱାରା ନିର୍ଦ୍ଧାରଣର ଫଳାଫଳ**

| ବିଭାଜନର ନାମ | ରେଞ୍ଜ/ ବୃକ୍ଷରୋପଣ ସ୍ଥାନ | ଯୋଜନା/ ବର୍ଷ/ ବୃକ୍ଷରୋପଣ ଅଞ୍ଚଳ ହେକ୍ଟରରେ | ଗଛର ପ୍ରକାର | ବୃକ୍ଷରୋପଣ ପତ୍ରିକା ଅନୁଯାୟୀ ବୃକ୍ଷ ସଂଖ୍ୟା | ୟୁ ଏଭି ଅନୁସାରେ ବୃକ୍ଷ ସଂଖ୍ୟା | ବଞ୍ଚିବା ପ୍ରତିଶତ | ମୋଟ ଖର୍ଚ୍ଚ (ଟଙ୍କାରେ) |
|---|---|---|---|---|---|---|---|
| ବଲାଙ୍ଗୀର | ଦେଗାଁ/ ସାଗରପାଲୀ | ସିଏଏମ୍‌ପିଏ/ 2015-16/ 100 | ଶିରିସ | 2,000 | 0 | | 23,37,800 |
| | | | ଶାଗୁଆନ | 9,300 | 1,196 | | |
| | | | ଚାକୁଣ୍ଡା | 1,500 | 0 | | |
| | | | ବଡ଼ ଚାକୁଣ୍ଡା | 1,200 | 0 | | |
| | | | ଖଇର | 2,000 | 3 | | |
| | | | ବାଉଁଶ | 2,000 | 19 | | |
| | | | ଶିଶୁ | 1,000 | 0 | | |
| | | | କ୍ଷୀର | 1,000 | 0 | | |
| ମୋଟ | | | | **20,000** | **1,218** | **6.09** | **23,37,800** |

ନିମ୍ନଲିଖିତ ତଥ୍ୟ ଲକ୍ଷ୍ୟ କରାଯାଇଥିଲା:

ଉପରୋକ୍ତ ସାରଣୀରୁ ଏହା ଲକ୍ଷ୍ୟ କରାଯାଇପାରେ ଯେ, ବୃକ୍ଷରୋପଣ ପତ୍ରିକା ଅନୁଯାୟୀ ଆଠ ପ୍ରକାରର 20,000 ବୃକ୍ଷ ଲଗାଯାଇଥିଲା, କିନ୍ତୁ ୟୁଏଭି ଗଣନା ଅନୁଯାୟୀ କେବଳ 1,218 ବୃକ୍ଷ ଜୀବିତ ଥିଲେ । ତେଣୁ ଏହି କ୍ଷେତ୍ରଟି 6.09 ପ୍ରତିଶତ ବଞ୍ଚିବାର ହାର ସହିତ ଏକ ବିଫଳ ବୃକ୍ଷରୋପଣ ସ୍ଥାନ ଅଟେ ।

ଫଟୋଗ୍ରାଫ ସଂଖ୍ୟା.13



ସାଗରପାଲୀ ଠାରେ ବୃକ୍ଷରୋପଣ

ଫଟୋଗ୍ରାଫ ସଂଖ୍ୟା .14



ଡ୍ରୋନ ଦ୍ୱାରା ସାଗରପାଲୀ ଠାରେ ଥିବା ବୃକ୍ଷରୋପଣର ଉଠାଯାଇଥିବା ଫଟୋ

ବୃକ୍ଷରୋପଣ ସାଇଟ୍ କ୍ଷେତ୍ର (ଟର୍କୁଇଜ୍ ପଲିଗନ) ମଧ୍ୟରେ ଖାଲି ଥିବା ଅବକ୍ଷୟ ଭୂଖଣ୍ଡକୁ ଅଡିଟ୍ ପ୍ଲଟ୍ କରିଥିଲା ଏବଂ ଏହାକୁ ପ୍ରକୃତ ରୋପିତ କ୍ଷେତ୍ର (ସବୁଜ ବିନ୍ଦୁ) ସହିତ ତୁଳନା କରିଥିଲା । ଏହା ଲକ୍ଷ୍ୟ କରାଯାଇଥିଲା ଯେ ସହଜରେ ପ୍ରବେଶ କରି ହେଉଥିବା ଅଞ୍ଚଳ ଯଥା-ପଥ ରାସ୍ତା (ନୀଳ ରେଖା)ରେ ସର୍ବାଧିକ ସଂଖ୍ୟକ ଗଛ ଲଗାଯାଇଥିଲା, କିନ୍ତୁ ଜଙ୍ଗଲ କ୍ଷେତ୍ର (ଲାଲ ପଲିଗନ) ଭିତରେ ଥିବା ଅବକ୍ଷୟ ଭୂଖଣ୍ଡ ଯାହା ପ୍ରବେଶ କରିବା କଷ୍ଟସାଧ ଥିଲା, ସେହି ସ୍ଥାନକୁ ବୃକ୍ଷରୋପଣ କାର୍ଯ୍ୟକଳାପ ପାଇଁ ନିଆଯାଇ ନଥିଲା । ତେଣୁ, ଚିହ୍ନିତ ବୃକ୍ଷରୋପଣ ସ୍ଥାନ ମଧ୍ୟରେ ଅବକ୍ଷୟ ହୋଇଥିବା ଜଙ୍ଗଲ ଜମିର ସଠିକ୍ ନିର୍ଦ୍ଧାରଣ କରାଯାଇ ନଥିଲା ଯେଉଁଥିପାଇଁ ଏଏନ୍ଆର୍ ବୃକ୍ଷରୋପଣର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ହାସଲ ହୋଇ ପାରିନଥିଲା ।

ବାର ଚାର୍ଟରୁ ମଧ ଦେଖାଯାଇପାରେ ଯେ, 1,218 ଟି ଗଛ ମଧ୍ୟରୁ 976 ଟି (80 ପ୍ରତିଶତ) ବୃକ୍ଷ ରୋପଣର ପାଞ୍ଚ ବର୍ଷ ପରେ ମଧ 10 ଫୁଟ ଉଚ୍ଚତା ତଳେ ଥିଲା । ଏହା ସୂଚିତ କରେ ଯେ ସ୍ଥାନଗୁଡ଼ିକର ରକ୍ଷଣାବେକ୍ଷଣ ନହେବା, ଅନୁପଯୁକ୍ତ ଏସ୍ଏମ୍ସି ପଦକ୍ଷେପ ଏବଂ ସିଲଭିକଲଚର କାର୍ଯ୍ୟକାରୀ ନହେବା ହେତୁ ବଞ୍ଚିଥିବା ଗଛର ଗୁଣବତ୍ତା ସୁନିଶ୍ଚିତ କରାଯାଇପାରି ନଥିଲା ।

ଚାର୍ଟ ସଂଖ୍ୟା.9




ବାର ଚାର୍ଟରୁ ଦେଖାଯାଇପାରେ ଯେ, ସାଗରପାଲୀରେ 1,029 ବୃକ୍ଷର କାନପି ପରିସର ଶୂନରୁ ଦୁଇ ବର୍ଗ ମିଟର ଏବଂ 162 ଟି ବୃକ୍ଷର କାନପି ପରିସର ଦୁଇରୁ ଦଶ ବର୍ଗ ମିଟର ମଧ୍ୟରେ ରହିଥିଲା । ସେହିଭଳି 27 ଟି ବୃକ୍ଷର କାନପି ପରିସର 10 ରୁ 20 ବର୍ଗ ମିଟରରୁ ଅଧିକ ଥିଲା । ଏହା ସୂଚାଇଲା ଯେ ଯଦିଓ ବୃକ୍ଷଗୁଡ଼ିକ ବଞ୍ଚିଥିଲା, ବଞ୍ଚିବାର ଗୁଣବତ୍ତା ସନ୍ତୋଷଜନକ ନଥିଲା ।

ଚାର୍ଟ ସଂଖ୍ୟା.10



- **ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ-ଜଳ ଟ୍ରେଞ୍ଚ**

ୟୁଏଭି ବ୍ୟବହାର କରି ବୃକ୍ଷରୋପଣ ସ୍ଥଳର ନିର୍ଦ୍ଧାରଣ କରି ଏହା ଦେଖାଗଲା ଯେ କେବଳ 121 ଟି ଷ୍ଟାଗର୍ଡ ଟ୍ରେଞ୍ଚ ନିର୍ମାଣ କରାଯାଇଥିଲା । ଏଥିମଧ୍ୟରୁ 34 ଟି ଟ୍ରେଞ୍ଚ ସ୍ଲୋପ୍ ସହ ଲମ୍ବ ଭାବରେ ଅବସ୍ଥିତ ନଥିଲା ଏବଂ ଦୁଇଟି ଟ୍ରେଞ୍ଚ ବୃକ୍ଷରୋପଣ ଅଞ୍ଚଳ ବାହାରେ ଥିଲା । ଏହା ଟ୍ରେଞ୍ଚ ନିର୍ମାଣ କରିବାର ଉଦ୍ଦେଶ୍ୟ ଯଥା ବର୍ଷା ଜଳକୁ ସଂରକ୍ଷଣ ଓ ଗଚ୍ଛିତ କରି ଲଗାଯାଇଥିବା ବୃକ୍ଷଗୁଡ଼ିକର ବଞ୍ଚିବାରେ ଉନ୍ନତି ଆଣିବାକୁ ବିଫଳ କରିଥିଲା । ତେଣୁ, 200 ହେକ୍ଟର ଜମିରେ କରାଯାଇଥିବା ତିନୋଟି ବୃକ୍ଷରୋପଣ ବିଫଳ ଥିଲା ଏବଂ 44.37 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ, ସୁନ୍ଦରଗଡ଼ ଏବଂ ବଲାଙ୍ଗୀର ବିଭାଜନରେ ଏଏନ୍ଆର୍ ବୃକ୍ଷରୋପଣ 2015-16 ଆରମ୍ଭ କରାଯାଇଥିଲା ଏବଂ ରାଜ୍ୟର ହାରାହାରି ବୃଷ୍ଟିପାତ ତୁଳନାରେ ଏହି ଜିଲ୍ଲା ଗୁଡ଼ିକରେ କମ୍ ବୃଷ୍ଟିପାତ ହୁଏ । କିନ୍ତୁ, ଫ୍ଲାଇଙ୍ଗ୍ ସ୍କ୍ୱାଡ ଦ୍ୱାରା ବୃକ୍ଷରୋପଣ ସ୍ଥାନର ଯାଞ୍ଚ ପରେ ସଂପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## 2.1.7 ଜାତୀୟ ବାଉଁଶ ମିଶନ

ଭାରତରେ ବାଉଁଶ କ୍ଷେତ୍ରକୁ ସମର୍ଥନ କରିବା ପାଇଁ ଭାରତ ସରକାର ଅନେକ ନୀତି ପ୍ରଣୟନ କରିଛନ୍ତି । ଏହି ନୀତି ଗୁଡ଼ିକରେ ବାଉଁଶ ବୃକ୍ଷ ରୋପଣକୁ ପ୍ରୋତ୍ସାହିତ କରିବା, ବାଉଁଶ ଭିତ୍ତିକ ହସ୍ତତନ୍ତକୁ ସୁଦୃଢ଼ କରିବା ଏବଂ ବାଉଁଶ ଭିତ୍ତିକ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗର ବିକାଶ ଅନ୍ତର୍ଭୁକ୍ତ । ଗରିବ ଦୁର୍ବଳ ବର୍ଗ, କାରିଗର, କୃଷକ ତଥା ନିର୍ଦ୍ଦିଷ୍ଟ ଭାବେ ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ପାଇଁ ବାଉଁଶ କ୍ଷେତ୍ରରେ ବିକାଶ, ଜୀବିକା ପ୍ରକଳ୍ପ ଭାବରେ ବିବେଚନା କରାଯାଏ । ଏହି ଉଦ୍ଦେଶ୍ୟ ଗୁଡ଼ିକ ସହିତ, ଭାରତ ସରକାର (ଜିଓଆଇ) 2006-07 ରୁ କେନ୍ଦ୍ରୀୟ ସହାୟତା ସହିତ ଜାତୀୟ ବାଉଁଶ ମିଶନ (ଏନ୍‌ବିଏମ୍) ଆରମ୍ଭ କରିଥିଲେ । 2014-15 ପର୍ଯ୍ୟନ୍ତ ଶତ ପ୍ରତିଶତ ସହାୟକ ଅନୁଦାନ (ଜିଆଇଏ) ଭାବରେ ଭାରତ ସରକାରଙ୍କ ଦ୍ୱାରା ପାଣ୍ଠି ମଞ୍ଜୁର କରାଯାଇଥିଲା ଏବଂ 2015-16 ଠାରୁ ଅର୍ଥ ପଦ୍ଧତିକୁ ଯଥାକ୍ରମେ ଭାରତ ସରକାର ଏବଂ ରାଜ୍ୟରୁ 60:40 ଅଂଶ ଆଧାରରେ ପରିବର୍ତ୍ତନ କରାଯାଇଥିଲା ।

### 2.1.7.1 ଜାତୀୟ ବାଉଁଶ ମିଶନ ଅଧିନରେ ବୃକ୍ଷରୋପଣ

ସିଏମ୍‌ପିପି, 1990 ର ନିୟମ 2.98 ଅନୁଯାୟୀ, ଉତ୍ତମ ଗୁଣବତ୍ତା ସ୍ଥାନରେ ଦୀର୍ଘମିଆଦି ଫସଲ ପାଇଁ 60 ପ୍ରତିଶତ ଏବଂ ତଦୁର୍ଦ୍ଧ୍ୱ ବଞ୍ଚିଥିବା ବୃକ୍ଷଗୁଡ଼ିକୁ ସଫଳ ବୃକ୍ଷରୋପଣ ବୋଲି କୁହାଯାଇପାରେ । ସେହିଭଳି, 40 ରୁ 60 ପ୍ରତିଶତ ମଧ୍ୟରେ ବଞ୍ଚିବା ଆଂଶିକ ସଫଳ ଏବଂ 40 ପ୍ରତିଶତରୁ କମ୍ ବଞ୍ଚିବା ବିଫଳ ବୃକ୍ଷରୋପଣ ବୋଲି କୁହାଯାଇପାରେ । ପୁନଶ୍ଚ, ଉପରୋକ୍ତ ସଂହିତାର ନିୟମ 2.97 ଅନୁଯାୟୀ, ତିନି ବର୍ଷରୁ ଅଧିକ ଅବଧିର ବୃକ୍ଷରୋପଣକୁ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ।

ଅଡିଟ୍ ପାଇଁ ଚୟନ ହୋଇଥିବା ମୋଟ 1,187 ବୃକ୍ଷରୋପଣ ପତ୍ରିକା ମଧ୍ୟରୁ 41 ଟି ପତ୍ରିକା ଏନ୍‌ବିଏମ୍ ଅଧିନରେ ଯାଞ୍ଚ କରାଯାଇଥିଲା । ଏହା ଦେଖାଗଲା ଯେ 40 ହେକ୍ଟର ପରିମିତ ଜମିରେ 8.38 ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା ତିନୋଟି ବୃକ୍ଷରୋପଣ ବିଫଳ ଥିଲା କାରଣ ଉଦ୍ଭିଦ ଗୁଡ଼ିକର ବଞ୍ଚିବା ପ୍ରତିଶତ 40 ପ୍ରତିଶତରୁ କମ୍ ରେକର୍ଡ କରାଯାଇଥିଲା । ସେହିଭଳି, 116 ହେକ୍ଟର ପରିମିତ ଜମିରେ 26.37 ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା 10 ଟି ବୃକ୍ଷରୋପଣ ଆଂଶିକ ବିଫଳ ଥିଲା କାରଣ ଉଦ୍ଭିଦ ଗୁଡ଼ିକର ବଞ୍ଚିବା ପ୍ରତିଶତ 40 ରୁ 60 ମଧ୍ୟରେ ରେକର୍ଡ କରାଯାଇଥିଲା । କିନ୍ତୁ 28 ଟି ବୃକ୍ଷରୋପଣ ସ୍ଥଳରେ ଉଦ୍ଭିଦ ଗୁଡ଼ିକର ବଞ୍ଚିବା ପ୍ରତିଶତ 60 ରୁ ଅଧିକ ଥିବାରୁ ତାହା ସଫଳ ବୋଲି ଦର୍ଶାଯାଇଥିଲା । ବିଭାଜନଗୁଡ଼ିକର ଉପରୋକ୍ତ ଦାବି ଗୁଡ଼ିକୁ ଯାଞ୍ଚ କରିବା ପାଇଁ 38 ଟି ବାଉଁଶ ବୃକ୍ଷରୋପଣ ସ୍ଥଳ ମଧ୍ୟରୁ ପାଞ୍ଚଟିରେ ଜେପିଭି କରାଯାଇଥିଲା, ଯାହାର ବିଶଦ ବିବରଣୀ **ସାରଣୀ 2.15** ରେ ଦର୍ଶାଯାଇଅଛି ।

**ସାରଣୀ 2.15: ବାଉଁଶ ବୃକ୍ଷରୋପଣର ମିଳିତ ବାସ୍ତବିକ ଯାଞ୍ଚର ଫଳାଫଳ**

| କ୍ରମିକ ସଂଖ୍ୟା | ବୃକ୍ଷରୋପଣ ସ୍ଥଳର ନାମ | ପତ୍ରିକା ଅନୁଯାୟୀ ବଞ୍ଚିବାର ଶତକଡ଼ା (ଶତକଡ଼ା) | ଜେପିଭି ଅନୁଯାୟୀ ବଞ୍ଚିବାର ଶତକଡ଼ା (ଶତକଡ଼ା) |
|---|---|---|---|
| 1 | ବେରଡାବାରି | 55 | 52 |
| 2 | ବନମହୁଲଡିହା | 82 | 35 |
| 3 | କାଲାପାଟ ଆର୍‌ଏଫ୍ | 90 | 94 |
| 4 | ଜୋଗିଡଙ୍ଗର | ପତ୍ରିକାରେ ଉଲ୍ଲେଖ କରାଯାଇ ନଥିଲା | 65 |
| 5 | ସାପରଙ୍ଗିଗୁଡ଼ା | ପତ୍ରିକାରେ ଉଲ୍ଲେଖ କରାଯାଇ ନଥିଲା | 12 |

ଉପରୋକ୍ତ ସାରଣୀରୁ ଲକ୍ଷ୍ୟ କରାଯାଇପାରେ (ଜେପିଭି ଅନୁଯାୟୀ) ଯେ ଉପରୋକ୍ତ ବୃକ୍ଷରୋପଣରେ ବୃକ୍ଷ ବଞ୍ଚିବାର ପ୍ରକୃତ ପ୍ରତିଶତ 12 ରୁ 94 ଥିଲାବେଳେ ତିନୋଟି ବୃକ୍ଷରୋପଣରେ ଡିଏଫ୍‌ଓମାନେ ବୃକ୍ଷ ବଞ୍ଚିବାର ଶତକଡ଼ାକୁ 55 ରୁ 90 ପର୍ଯ୍ୟନ୍ତ ଦର୍ଶାଇଥିଲେ । ତେଣୁ ଏହି ତିନୋଟି ବୃକ୍ଷରୋପଣରେ ନିଷ୍ଫଳ ବ୍ୟୟ ହୋଇଥିଲା । କିନ୍ତୁ, ତିନୋଟି ବୃକ୍ଷରୋପଣରେ ଡିଏଫ୍‌ଓମାନେ ପତ୍ରିକାରେ ବୃକ୍ଷ ବଞ୍ଚିବାର ଶତକଡ଼ା ଉଲ୍ଲେଖ କରିନଥିଲେ ।

### 2.1.7.2 ବାଉଁଶ ବୃକ୍ଷରୋପଣର ବିଜ୍ଞାନ ସମ୍ମତ ନିର୍ଦ୍ଧାରଣ

ବୌଦ୍ଧ, କେନ୍ଦୁଝର ଏବଂ କୋରାପୁଟ ଜଙ୍ଗଲ ବିଭାଜନରେ ଅବସ୍ଥିତ ଛଅଟି ବୃକ୍ଷରୋପଣ ସ୍ଥଳର ମିଳିତ ନିର୍ଦ୍ଧାରଣ କରାଯାଇଥିଲା ଯାହା ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର ବାଉଁଶ ବିଶେଷଜ୍ଞ, ଅଡିଟ୍ ଦଳ ଏବଂ ସମ୍ପୃକ୍ତ ଜଙ୍ଗଲ ବିଭାଜନର କ୍ଷେତ୍ର ସ୍ତରର ଅଧିକାରୀଙ୍କ ଦ୍ୱାରା ମିଳିତ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ମାର୍ଚ୍ଚ 2020 ରୁ ଫେବୃଆରୀ 2021 ମଧ୍ୟରେ ନମୁନା ନିର୍ଦ୍ଧାରଣ କରାଯାଇଥିଲା ।

**ମାନଚିତ୍ର ସଂଖ୍ୟା.1**




- ***ସାଇଟ୍ ଚୟନ ପାଇଁ ବ୍ୟବହୃତ ପଦ୍ଧତି ଏବଂ ଉପକରଣ***

13 ଟି ଜଙ୍ଗଲ ବିଭାଜନ ମଧ୍ୟରୁ ତିନୋଟି ଯଥା ବୌଦ୍ଧ, କେନ୍ଦୁଝର ଏବଂ କୋରାପୁଟ ବିଭାଜନକୁ ନମୁନା ଭାବରେ ଚୟନ କରାଯାଇଥିଲା । ରାଜ୍ୟର କୃଷି-ଜଳବାୟୁ ସ୍ଥିତି ମଧ୍ୟରୁ ପାଖାପାଖି ମୁଖ୍ୟ ଥିବାରୁ ଏହି ତିନୋଟି ବିଭାଜନକୁ କୃଷି-ଜଳବାୟୁ ସ୍ଥିତି ଭାବରେ ଚୟନ କରାଯାଇଥିଲା । କ୍ଲମ୍ପଗୁଡ଼ିକର ବଞ୍ଚିବାର ଶତକଡ଼ା, କ୍ଲମ୍ପ ପ୍ରତି ବିକଶିତ କଲ୍ମର ସଂଖ୍ୟା, କ୍ଲମ୍ପରେ ପ୍ରାଧାନ୍ୟ କଲ୍ମର ଉଚ୍ଚତା ଏବଂ ବ୍ୟାସ ଉପରେ ସିଦ୍ଧାନ୍ତ ଗୁଡ଼ିକ ରେକର୍ଡ କରାଯାଇଥିଲା । ପ୍ରତିଷ୍ଠା ସମୟରେ ମୃତ୍ତିକାରେ ଥିବା ମୃତ୍ତିକା ପଦାର୍ଥ ରାସାୟନିକ ବୈଶିଷ୍ଟ୍ୟ, ଉପର କାନପି ଉଦ୍ଭିଦରାଜି ଏବଂ ସ୍ଥାନୀୟ ଅଞ୍ଚଳରେ ହୋଇଥିବା ବୃଷ୍ଟିପାତ ପରିପ୍ରେକ୍ଷୀରେ ସାଇଟ୍ ସ୍ଥିତି ରେକର୍ଡ କରାଯାଇଥିଲା । ମୃତ୍ତାକାର ବୈଶିଷ୍ଟ୍ୟ ଜାଣିବା ପାଇଁ ପ୍ରତ୍ୟେକ ସ୍ଥାନରୁ 0-30 ସେ.ମି ଗଭୀରତାରୁ ମାଟିର ନମୁନା ସଂଗ୍ରହ କରାଯାଇ ଓୟୁଏଟିର ମୃତ୍ତିକା ବିଜ୍ଞାନ ଲାବୋରେଟୋରୀରେ ପରୀକ୍ଷା କରାଯାଇଥିଲା ।

- ***ନିର୍ଦ୍ଧାରଣର ଫଳାଫଳ***

ବାଉଁଶ ବିଶେଷତଃ ପ୍ରଥମ ତିନି ବର୍ଷରେ ଅତ୍ୟଧିକ ସଂବେଦନଶୀଳ ଏବଂ ଗୋଚାରଣ ଯୋଗ୍ୟ । ପ୍ରତମ ତିନି ବର୍ଷରେ ପ୍ରତ୍ୟେକ କ୍ଲମ୍ପ ସମ୍ପୂର୍ଣ୍ଣ ଅବଧି ପାଇଁ ସୁରକ୍ଷା ଆବଶ୍ୟକ କରେ । ତିନୋଟି ଜଙ୍ଗଲ ବିଭାଜନରେ ବାଉଁଶ ବୃକ୍ଷରୋପଣ କାର୍ଯ୍ୟକାରିତା ନିର୍ଦ୍ଧାରଣ କରାଯାଇ **ସାରଣୀ 2.16** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.16: ବାଉଁଶ ବୃକ୍ଷରୋପଣର ମିଳିତ ବାସ୍ତବିକ ଯାଞ୍ଚର ଫଳାଫଳ**

| କ୍ର: ସଂ. | ଜଙ୍ଗଲ ବିଭାଜନର ନାମ | ବୃକ୍ଷରୋପଣ ସ୍ଥାନର ନାମ | ବୃକ୍ଷରୋପଣର ବର୍ଷ | ପ୍ରକଳ୍ପ/ ହେକ୍ଟରରେ ଅଞ୍ଚଳ | ପ୍ରଜାତିର ନାମ | କରାଯାଇଥିବା ଖର୍ଚ୍ଚ (ଟଙ୍କାରେ) | ଜେପିଭି ଅନୁଯାୟୀ ବଞ୍ଚିବା ଶତକଡ଼ା |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | ବୌଦ୍ଧ | ବେରେଡ଼ାବାଡି (ବୌଦ୍ଧ ରେଞ୍ଜ) | 2014-15 | ଏନ୍‌ବିଏମ୍/ 25 | ବାମ୍ବୁସା ବାମ୍ବୋସ୍ ଏବଂ ଡେଣ୍ଡ୍ରୋକାଲାମସ୍ ଷ୍ଟ୍ରିକ୍ଟସ୍ | 5,60,234 | 52 (ଆଂଶିକ ସଫଳ) |
| 2 | | ମୁଣ୍ଡେଶ୍ୱର (ମଧୁପୁର ରେଞ୍ଜ) | 2015-16 | ଏନ୍‌ବିଏମ୍/10 | ବାମ୍ବୁସା ବାମ୍ବୋସ୍ ଏବଂ ଡେଣ୍ଡ୍ରୋକାଲାମସ୍ ଷ୍ଟ୍ରିକ୍ଟସ୍ | 1,33,180 | 58 (ଆଂଶିକ ସଫଳ) |
| 3 | କେନ୍ଦୁଝର | ବନମହୁଲଡିହା (ପାଟଣା ରେଞ୍ଜ) | 2013-14 | ଏନ୍‌ବିଏମ୍/ 20 | ବାମ୍ବୁସା ବାମ୍ବୋସ୍ ଏବଂ ଡେଣ୍ଡ୍ରୋକାଲାମସ୍ ଷ୍ଟ୍ରିକ୍ଟସ୍ | 4,60,754 | 35 (ବିଫଳ) |
| 4 | | କଳାପାଟ ଆର୍‌ଏଫ୍ (ତେଲକୋଇ ରେଞ୍ଜ) | 2016-17 | ଏନ୍‌ବିଏମ୍/ 60 | ବାମ୍ବୁସା ବାମ୍ବୋସ୍ ଏବଂ ଡେଣ୍ଡ୍ରୋକାଲାମସ୍ ଷ୍ଟ୍ରିକ୍ଟସ୍ | 13,10,100 | 94 (ଉତ୍ତମ) |
| 5 | କୋରାପୁଟ | ଜୋଗିଡେଙ୍ଗର(ସେମିଲୁ ଗୁଡ଼ା ରେଞ୍ଜ) | 2013-14 | ଏନ୍‌ବିଏମ୍/ 20 | ବାମ୍ବୁସା ବାମ୍ବୋସ୍ | 4,07,260 | 65 (ଉତ୍ତମ) |
| 6 | | ସାପରଙ୍ଗିଗୁଡ଼ା (ଲମତାପୁଟ ରେଞ୍ଜ) | 2014-15 | ଓବିଡିପି/25 | ଡେଣ୍ଡ୍ରୋକାଲାମସ୍ ଷ୍ଟ୍ରିକ୍ଟସ୍ | 5,13,926 | 12 (ବିଫଳ) |

| ମୃତ୍ତିକା ସ୍ଥିତି | ହାରାହାରି ବୃଷ୍ଟିପାତ | ଜାନପି ପରିସର ଶତକଡ଼ା | ସମୁଦାୟ କଲ୍ମସ୍/ କ୍ଲମ୍ପ ସଂଖ୍ୟା | ପ୍ରାଧାନ୍ୟ କୁଲ୍ମର ଉଚ୍ଚତା (ମି) | ପ୍ରାଧାନ୍ୟ କୁଲ୍ମର କୋଲାର ବ୍ୟାସ (ସେମି) | ବିଶେଷଜ୍ଞଙ୍କ ଟିପ୍ପଣୀ |
|---|---|---|---|---|---|---|
| 9 | 10 | 11 | 12 | 13 | 14 | 15 |
| ମୃତ୍ତିକା କିଞ୍ଚିତ ଅବକ୍ଷୟ ଅଟେ | ଉତ୍ତମ | 40 ରୁ 50 | 6.6 | 6.6 | 2.1 | ଉଦ୍ଭିଦଗୁଡ଼ିକର ଅଭିବୃଦ୍ଧି ଖରାପ ଅଟେ |
| ଭଲ | ଉତ୍ତମ | 50 ରୁ 60 | 5.9 | 5.5 | 1.9 | ଅଭିବୃଦ୍ଧି ସର୍ବୋତ୍କୃଷ୍ଟ ଠାରୁ କମ୍ ଅଟେ |
| ମଧ୍ୟମ ଭାବରେ ଖରାପ | ଉତ୍ତମ | 45 ରୁ 55 | 3.9 | 4.0 | 1.8 | ବୃକ୍ଷରୋପଣର ପ୍ରଦର୍ଶନ ଖରାପ ଅଟେ |
| ଭଲ | ଉତ୍ତମ | 0 ରୁ 40 | 6.6 | 7.8 | 3.1 | ଉତ୍ତମ |
| ଅବକ୍ଷୟ ମୁରାମ, ପଥର | ଉତ୍ତମ | 0 ରୁ 10 | 8.4 | 8.6 | 3.9 | ଉତ୍ତମ |
| ଡିଗ୍ରେଡ୍ ଏବଂ ପଥର | ଉତ୍ତମ | 0 ରୁ 5 | 2 | 0.3 | 0.5 | ବାଉଁଶ ବୃକ୍ଷ ଦୃଶ୍ୟମାନ ନାହିଁ |

**ଫଟୋଗ୍ରାଫ୍ ସଂଖ୍ୟା.15**



**ଫଟୋଗ୍ରାଫ୍ ସଂଖ୍ୟା.16**



ପାଟନା ରଞ୍ଜେ ଅନ୍ତର୍ଗତ ବନାମାହୁଲଡିହା ଠାରେ ବାଉଁଶ ବୃକ୍ଷର ସ୍ଥିତି

- ଏହା ଦେଖାଗଲା ଯେ ଛଅଟି ବୃକ୍ଷରୋପଣ ସ୍ଥାନ ମଧ୍ୟରୁ ଦୁଇଟି ବୃକ୍ଷରୋପଣ ଆଂଶିକ ସଫଳ ଥିଲା, ଦୁଇଟି ସ୍ଥାନ ସମ୍ପୂର୍ଣ୍ଣ ବିଫଳ ଥିଲା ଏବଂ ଦୁଇଟି ସ୍ଥାନ ଯଥେଷ୍ଟ ସଫଳ ଥିଲା । ବଞ୍ଚିବାର ଶତକଡ଼ା ସାପରଙ୍ଗିଗୁଡ଼ା (ଲାମାଟାପୁଟ ରେଞ୍ଜ, କୋରାପୁଟ ବିଭାଜନ) ରେ 12 ପ୍ରତିଶତରୁ ପଙ୍ଗା-ବାଟାଖାମନରେ (ଟେଲକୋଇ ରେଞ୍ଜ, କେନ୍ଦୁଝର ବିଭାଜନ) 94 ପ୍ରତିଶତ ମଧ୍ୟରେ ଥିଲା ।

- ସ୍ଥାନର ଗୁଣବତ୍ତା, ନିଆଯାଇଥିବା ପ୍ରଜାତି ଏବଂ ପରିଚାଳନା ସ୍ତରରେ ପରିବର୍ତ୍ତନ ହେତୁ ବିଭିନ୍ନ ବୃକ୍ଷରୋପଣର କାର୍ଯ୍ୟକାରିତାରେ ବିଭିନ୍ନତା ଥିଲା । ଭୁଲ ସାଇଟ୍ ଚୟନ ଏବଂ ଖରାପ ପରିଚାଳନା ଯୋଗୁଁ ସାପରାଙ୍ଗିଗୁଡ଼ା ଠାରେ ଥିବା ବୃକ୍ଷରୋପଣ ବିଫଳ ହୋଇଥିଲା । ପାଟନା ରେଞ୍ଜର ବନାମାହୁଲଡିହା ଠାରେ ଥିବା ବୃକ୍ଷରୋପଣରେ ବଞ୍ଚିବାର ହାର 35 ପ୍ରତିଶତ ଥିଲା ଯାହା ଖରାପ ପରିଚାଳନା ଯୋଗୁଁ ହୋଇଥିଲା ।

- ଛଅଟି ବୃକ୍ଷରୋପଣ ମଧ୍ୟରୁ ଚାରିଟି ବୃକ୍ଷରୋପଣ 40 ପ୍ରତିଶତରୁ ଅଧିକ କାନପି ପରିସର ଥିବା ବିଦ୍ୟମାନ ଜଙ୍ଗଲ ମଧ୍ୟରେ କରାଯାଇଥିଲା । ଆଲୋକ ପର୍ଯ୍ୟାପ୍ତ ମାତ୍ରାରେ ଉପଲବ୍ଧ ନହେବା ଯୋଗୁଁ ବୃକ୍ଷଗୁଡ଼ିକର ଅଭିବୃଦ୍ଧି ସର୍ବୋତ୍ତମ ନଥିଲା ।

- ବାଞ୍ଛିତ ଅବଧିରେ ବୃକ୍ଷରୋପଣ ପତ୍ରିକା ଅନୁରକ୍ଷଣ କରାଯାଇ ନଥିଲା । ଏହା ସୂଚାଇଲା ଯେ ସଂପୃକ୍ତ ଜଙ୍ଗଲ ଅଧିକାରୀମାନେ ପରାମର୍ଶିତ ସମୟରେ ବୃକ୍ଷରୋପଣ ସ୍ଥାନ ସହ ଜଡ଼ିତ ନଥିଲେ ଏବଂ ସମୟ ପୂର୍ବରୁ ରକ୍ଷଣାବେକ୍ଷଣ କାର୍ଯ୍ୟ ଛାଡ଼ିଦେଇଥିଲେ ।

- ଦୃଢ଼ ଭାବରେ ଏହା ଅନୁଭବ କରାଯାଇଥିଲା ଯେ ପ୍ରାରମ୍ଭିକ ତିନି ବର୍ଷ ପାଇଁ ଅଧିକାଂଶ ସ୍ଥାନଗୁଡ଼ିକରେ ତଦାରଖ ନିମନ୍ତେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇନଥିଲା, ଯଦିଓ ବୃକ୍ଷରୋପଣରେ ପଞ୍ଚମ ବର୍ଷ ପର୍ଯ୍ୟନ୍ତ ସମସ୍ତ ବର୍ଷ ପାଇଁ ତଦାରଖ କରିବାର ବ୍ୟବସ୍ଥା ଥିଲା ।

ତେଣୁ, ଚାରୋଟି ବୃକ୍ଷରୋପଣ ବିଫଳ ଥିଲା । ନିର୍ଦ୍ଦିଷ୍ଟ ସ୍ଥାନ ପାଇଁ ବାଉଁଶ ପ୍ରଜାତିକୁ ସଠିକ୍ ଭାବରେ ଚୟନ କରାଯିବା ଉଚିତ୍ । ପ୍ରଚୁର ଜୈବ ପ୍ରତିବନ୍ଧକ ଥିବା ସ୍ଥାନଗୁଡ଼ିକର ବମ୍ବୁସା ବାମ୍ବୋସ୍ ଭଳି ପ୍ରଜାତିକୁ ଅଗ୍ରାଧିକାର ଦିଆଯିବା ଉଚିତ୍ । ଖର୍ଚ୍ଚ ହୋଇଥିବା 16.68 ଲକ୍ଷ ଟଙ୍କା ନିଷ୍ଫଳ ଥିଲା । ବୃକ୍ଷଗୁଡ଼ିକର ବଞ୍ଚିବା ସ୍ଥିତି ସୁନିଶ୍ଚିତ କରିବା ପାଇଁ ଭାରନ୍ୟସ୍ତ ଥିବା ଅଧିକାରୀଙ୍କ ବିରୁଦ୍ଧରେ ପଦକ୍ଷେପ ନିଆଯିବା ଉଚିତ୍ ।

ଉପରୋକ୍ତ ସମୀକ୍ଷା ସିଦ୍ଧାନ୍ତ ପାଇଁ ସରକାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ପ୍ରଦାନ କରିନଥିଲେ ।

## 2.1.8 ବର୍ଦ୍ଧିତ ସବୁଜ ବଳୟ/ରାଜ୍ୟ ଯୋଜନା ପ୍ରକଳ୍ପ ଅନ୍ତର୍ଗତ ବୃକ୍ଷରୋପଣ

ଜଙ୍ଗଲ ବିଭାଗ, ରାଜ୍ୟ ଯୋଜନା (ଏସ୍‌ପି) ଅଧିନରେ ବିଭିନ୍ନ ଯୋଜନା ଯଥା-ଏଆର୍,ଏଏନ୍‌ଆର୍, ଆଭେନ୍ୟୁ ବୃକ୍ଷରୋପଣ, ବ୍ଲକ୍ ବୃକ୍ଷରୋପଣ, ସହରୀ ବୃକ୍ଷରୋପଣ, ବାଉଁଶ ବୃକ୍ଷରୋପଣ, ଲଣ୍ଡା ପାହାଡ଼ ବୃକ୍ଷରୋପଣ ଇତ୍ୟାଦି ପାଇଁ ପାଣ୍ଠି ପ୍ରାପ୍ତି କରିଥିଲା । ବନୀକରଣ କାର୍ଯ୍ୟକଳାପ ପାଇଁ ଜାରି ରହିଥିବା 11 ଟି ଯୋଜନା[17]କୁ ମିଳିତ କରି 2013-14 ରେ ବର୍ଦ୍ଧିତ ସବୁଜ ବଳୟ (ଆଇଜିସି) ଯୋଜନା ଆରମ୍ଭ କରାଯାଇଥିଲା ।

### 2.1.8.1 ବାଉଁଶ ବୃକ୍ଷରୋପଣ ଆଦୌ ନଥିବା

ଓଏଫ୍‌ଡି ସଂହିତା, 1979 ର ନିୟମ 28(i) ଅନୁସାରେ ରେଞ୍ଜ ଅଫିସର(ଆର୍‌ଓ) ଙ୍କ କର୍ତ୍ତବ୍ୟ ହେଉଛି ସେ ତାଙ୍କ ଦାୟିତ୍ୱରେ ଥିବା ଜଙ୍ଗଲ ସମ୍ପତ୍ତିର ପ୍ରକୃତି, ମୂଲ୍ୟ ଏବଂ ପରିମାଣ ଜାଣିବା ଆବଶ୍ୟକ ଏବଂ ଏହି ସମ୍ପତ୍ତି ଯାହା କେବଳ ପ୍ରାକୃତିକ ଜଙ୍ଗଲ ଏବଂ ବନ୍ୟଜନ୍ତୁ ନୁହଁନ୍ତି, ବରଂ ବୃକ୍ଷରୋପଣ, ରାସ୍ତା, କୋଠା, କୂଅ ଇତ୍ୟାଦିର ମଧ୍ୟ ସୁରକ୍ଷା ଏବଂ ପରିଚାଳନା ପାଇଁ ନିର୍ଦ୍ଧାରିତ ଯୋଜନା ଜାଣି ରଖିବା ଆବଶ୍ୟକ । ପୁନଶ୍ଚ, ଏଫ୍‌ପିଏମ୍, 1977 ର ନିୟମ 26 ଅନୁଯାୟୀ, ଏକ ପ୍ରଜାତି ଯାହା ଗୋଚାରଣ ଏବଂ ବ୍ରାଉଜିଙ୍ଗ୍ ହୋଇପାରିବ, ଯେ ପର୍ଯ୍ୟନ୍ତ ବ୍ରାଉଜିଂ

[17] ସହରୀ ବୃକ୍ଷରୋପଣ, ଔଷଧୀୟ ବୃକ୍ଷରୋପଣ, ଆର୍ଥିକ ବୃକ୍ଷରୋପଣ, ଓଡ଼ିଶା ବାଉଁଶ ବିକାଶ କାର୍ଯ୍ୟକ୍ରମ, ଲଣ୍ଡାପାହାଡ଼ ବୃକ୍ଷରୋପଣ, ଆଭେନ୍ୟୁ ବୃକ୍ଷରୋପଣ, ଜାଳେଣୀ ଦକ୍ଷ ଚୁଲ୍ହା ଲୋକାଭିମୁଖୀ, ଜୈବ-ଜଙ୍ଗଲ, ସ୍ଥାୟୀ ନର୍ସରୀ, ଆମ ଜଙ୍ଗଲ ଯୋଜନା ଏବଂ ପବିତ୍ର ବଗିଚାର ସଂରକ୍ଷଣ

ବିଲୋପ ହୋଇନପାରିବ ଏବଂ ଏହା ନିଶ୍ଚିତ କରିବାକୁ ପଦକ୍ଷେପ ନିଆନଯିବ ସେପର୍ଯ୍ୟନ୍ତ ସେଗୁଡ଼ିକୁ ରୋପଣ କରାଯିବ ନାହିଁ ।

➢ କୋରାପୁଟ ବିଭାଜନରେ ବୃକ୍ଷରୋପଣ ନଥି (ପତ୍ରିକା) ଯାଞ୍ଚରୁ ଜଣାଗଲା ଯେ 2013-14ରେ ଲମଟାପୁଟ ରେଞ୍ଜରେ ପ୍ରକୃତ ସ୍ଥାନକୁ ସଂଯୋଜନା ନକରି 5.51 ଲକ୍ଷ ଟଙ୍କା ବ୍ୟୟରେ 566.65 ହେକ୍ଟର ପରିମିତ ବାଗଡଙ୍ଗର ସଂରକ୍ଷିତ ଜଙ୍ଗଲ (ପିଆର୍‌ଏଫ୍)ରେ ଏକ 40 ହେକ୍ଟର ବାଉଁଶ ବୃକ୍ଷରୋପଣ କରାଯାଇଥିଲା ଏହି ପରିପ୍ରେକ୍ଷୀରେ, ଅଡିଟ୍ ସମୟରେ ନିମ୍ନଲିଖିତ ତଥ୍ୟ ପରିଲକ୍ଷିତ ହୋଇଥିଲା :

- ଖର୍ଚ୍ଚ ଉପରେ କିଛି ତଥ୍ୟ ବ୍ୟତୀତ, ଅନ୍ୟ କୌଣସି ସୂଚନା ଯେପରିକି ସର୍ବେକ୍ଷଣ ବିବରଣୀ, ସାଇଟ୍ ଅବସ୍ଥାନ ବିବରଣୀ, ଜଳବାୟୁ ତଥ୍ୟ, ପୂର୍ବ ବୃକ୍ଷରୋପଣ କାର୍ଯ୍ୟ ସମ୍ବନ୍ଧୀୟ ବିବରଣୀ ଇତ୍ୟାଦି ଲିପିବଦ୍ଧ କରାଯାଇ ନଥିଲା । 5.51 ଲକ୍ଷ ଟଙ୍କାର ମୋଟ ଖର୍ଚ୍ଚ ମଧ୍ୟ ସମ୍ପୂର୍ଣ୍ଣ ଲିପିବଦ୍ଧ କରାଯାଇନଥିଲା ଯେହେତୁ କେବଳ 4.18 ଲକ୍ଷ ଟଙ୍କା ବ୍ୟୟ ପତ୍ରିକାରେ ଲିପିବଦ୍ଧ କରାଯାଇଥିଲା ।

- ଏହାର ଅସ୍ତିତ୍ୱ ନିଶ୍ଚିତ କରିବା ଏବଂ ବାଉଁଶ ବୃକ୍ଷର ବଞ୍ଚିବାର ଶତକଡ଼ା ଆକଳନ କରିବା ପାଇଁ ଜଙ୍ଗଲ ବିଭାଜନର ପ୍ରତିନିଧି ଦଳ ଉପସ୍ଥିତିରେ ଏକ ଜେପିଭି କରାଯାଇଥିଲା । ଯେହେତୁ ବୃକ୍ଷରୋପଣ ସାଇଟ୍ ଗ୍ଲୋବାଲ୍ ପୋଜିସନିଙ୍ଗ ସାଷ୍ଟମ୍ (ଜିପିଏସ୍) ସଂଯୋଜନା ବୃକ୍ଷରୋପଣ ପତ୍ରିକାରେ ଲିପିବଦ୍ଧ ହୋଇନଥିଲା, ପିଆର୍‌ଏଫ୍ ଅଞ୍ଚଳରେ ସାଇଟର ଅବସ୍ଥିତି ଚିହ୍ନଟ ହୋଇପାରିନଥିଲା । ବିଭାଜନର ଅଧିକାରୀମାନେ ମଧ୍ୟ ଅଡିଟ୍‌କୁ ଗୋଟିଏ ବି ଲଗାଯାଇଥିବା ବାଉଁଶ ଚିହ୍ନଟ କରାଇପାରିନଥିଲେ । ତେଣୁ, 5.51 ଲକ୍ଷ ଟଙ୍କାର ସମ୍ପୂର୍ଣ୍ଣ ଖର୍ଚ୍ଚ ସନ୍ଦେହଜନକ ଥିଲା ଏବଂ ଏହି ସ୍ଥାନରେ ବୃକ୍ଷରୋପଣ ବିଫଳ ଥିଲା । ଏଥିସହ, ଏହି ପରିପ୍ରେକ୍ଷୀରେ ଦର୍ଶାଯାଇଥିବା ଖର୍ଚ୍ଚର ଅପବ୍ୟବହାର ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ।

  ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ବୃକ୍ଷରୋପଣର ନିମ୍ନ ବଞ୍ଚିବା ପ୍ରତିଶତ ପାଇଁ କର୍ମଚାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

➢ କେନ୍ଦୁଝର (ବନ୍ୟପ୍ରାଣୀ) ବିଭାଜନର ବୃକ୍ଷରୋପଣ ନଥି ଯାଞ୍ଚ କରି ଅଡିଟ୍ ଲକ୍ଷ୍ୟ କଲା ଯେ ହଦଗଡ଼ ଅଭୟାରଣ୍ୟରେ 10 ହେକ୍ଟର ଜମିରେ ଏକ ବାଉଁଶ ବୃକ୍ଷରୋପଣ 2.02 ଲକ୍ଷ ଟଙ୍କା ବ୍ୟୟରେ



ଫଟୋଗ୍ରାଫ୍ ସଂଖ୍ୟା.17-ହଦଗଡ଼ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲରେ ଲଗାଯାଇଥିବା ବାଉଁଶ ଗଛର ଅସ୍ତିତ୍ୱ ନଥିବା

କରାଯାଇଥିଲା । ସମୁଦାୟ ଖର୍ଚ୍ଚ ମଧ୍ୟରୁ ତଦାରଖ କାର୍ଯ୍ୟ ପାଇଁ 0.68 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା । ଜେପିଭି ଦଳ ଉକ୍ତ ସ୍ଥାନ ପରିଦର୍ଶନ କରି ଜାଣିବାକୁ ପାଇଲେ ଯେ ବୃକ୍ଷରୋପଣ ସ୍ଥାନ ଏକ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିଲା ଏବଂ ସେଠାରେ କୌଣସି ସାଇନ୍ ବୋର୍ଡ ଏବଂ ସ୍ତମ୍ଭ ପୋଷ୍ଟିଂ ନଥିଲା । ଯଦିଓ

ବୃକ୍ଷରୋପଣ ସ୍ଥାନ ପତ୍ରିକାରେ ଲିପିବଦ୍ଧ କରାଯାଇଥିବା ମତେ ଜିପିଏସ୍ ସଂଯୋଜନା ସହିତ ମେଳ ଖାଉଥିଲା, ଜେପିଭି ଦଳ ବୃକ୍ଷରୋପଣ ସ୍ଥଳରେ ଗୋଟିଏ ମଧ୍ୟ ବାଉଁଶ ବୃକ୍ଷ ଚିହ୍ନଟ କରିପାରି ନଥିଲା । ବାଉଁଶ ବୃକ୍ଷରୋପଣ ପାଇଁ ସ୍ଥାନ ଚୟନ ସଂପୂର୍ଣ୍ଣ ଭୁଲ ଥିଲା କାରଣ ଏକ ଘଞ୍ଚ ଜଙ୍ଗଲ ମଧ୍ୟରେ ବୃକ୍ଷରୋପଣ କାର୍ଯ୍ୟ କରାଯାଇଥିଲା । ଏହାଦ୍ୱାରା 2.02 ଲକ୍ଷ ଟଙ୍କାର ସନ୍ଦେହଜନକ ବ୍ୟୟ ହୋଇଥିଲା ।

ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ବୃକ୍ଷରୋପଣର ନିମ୍ନ ବଞ୍ଚିବା ପ୍ରତିଶତ ପାଇଁ କର୍ମଚାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### 2.1.9 ମାଙ୍ଗ୍ରୋଭ ବୃକ୍ଷରୋପଣ

ମାଙ୍ଗ୍ରୋଭ୍ ଜଙ୍ଗଲ[18] ଅତ୍ୟନ୍ତ ଉତ୍ପାଦନକାରୀ ଇକୋସିଷ୍ଟମ ଯାହା ଉଭୟ ସାମୁଦ୍ରିକ ପରିବେଶ ଏବଂ ଲୋକଙ୍କୁ ଅନେକ ସାମଗ୍ରୀ ଏବଂ ସେବା ଯୋଗାଇଥାଏ । ମାଙ୍ଗ୍ରୋଭ୍ ଜଙ୍ଗଲରେ ବିଭିନ୍ନ ପ୍ରକାରର ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଏବଂ ମେରୁଦଣ୍ଡ ବିହୀନ ନରମ ପ୍ରଜାତିର ପ୍ରାଣୀ ବାସ କରନ୍ତି । ଏହି ମତ୍ସ୍ୟ ଧରିବା ସ୍ଥାନ ସମଗ୍ର ବିଶ୍ୱରେ ହଜାର ହଜାର ଉପକୂଳ ସମ୍ପ୍ରଦାୟ ପାଇଁ ଖାଦ୍ୟର ଏକ ଅତ୍ୟାବଶ୍ୟକ ଉତ୍ସ । ଏହି ଜଙ୍ଗଲଗୁଡ଼ିକ କୋରାଲ ରିଫ୍ ମାଛ ସମେତ ଅନେକ ମାଛ ପ୍ରଜାତି ପାଇଁ ନର୍ସରୀ ଭାବରେ ମଧ୍ୟ କାର୍ଯ୍ୟ କରେ । ଏହା ଉପକୂଳକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ ଏବଂ ଏହାର କ୍ଷୟକୁ ସମୁଦ୍ରଲହଡ଼ି ଏବଂ ଝଡ଼ ଠାରୁ ରୋକିଥାଏ । ମାଙ୍ଗ୍ରୋଭ୍ ବୃକ୍ଷରୋପଣ, ଏକୀକୃତ ଉପକୂଳବର୍ତ୍ତୀ ଅଞ୍ଚଳ ପରିଚାଳନା ପ୍ରକଳ୍ପ (ଆଇସିଜେଡ୍ଏମ୍ପି), ସିଏ ଅଧୀନରେ କରାଯାଇଥିଲା ଏବଂ ଭିତରକନିକାରେ ମାଙ୍ଗ୍ରୋଭ୍ ସଂରକ୍ଷଣ ଏବଂ ପରିଚାଳନା ପାଇଁ ପରିଚାଳନା କାର୍ଯ୍ୟଯୋଜନା (ଏମ୍ଏପି)

ଫଟୋଗ୍ରାଫ୍ ସଂଖ୍ୟା.18 – ଭିତରକନିକାରେ ମାଙ୍ଗ୍ରୋଭ ବୃକ୍ଷରୋପଣ




କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରୀୟ ସହାୟତା ପ୍ରାପ୍ତ ହୋଇଥିଲା ।

#### 2.1.9.1 ମାଙ୍ଗ୍ରୋଭ୍ ବୃକ୍ଷରୋପଣର ନିର୍ଦ୍ଧାରଣ

ରାଜନଗର ମାଙ୍ଗ୍ରୋଭ୍ ଜଙ୍ଗଲ ବିଭାଜନ ଅଧୀନରେ ଥିବା ମାଙ୍ଗ୍ରୋଭ୍ ବୃକ୍ଷରୋପଣ ସ୍ଥଳର ଜେପିଭି ସମୟରେ, ଗଭୀର କାଦୁଅ ଅଞ୍ଚଳ ଏବଂ ପ୍ରବଳ ଜଳବନ୍ଦିତା ହେତୁ ଜେପିଭି ଦଳ ମାଙ୍ଗ୍ରୋଭ୍ ବୃକ୍ଷରୋପଣ ସ୍ଥାନକୁ ପ୍ରବେଶ କରିପାରି ନଥିଲେ । ମାଙ୍ଗ୍ରୋଭ୍ ବୃକ୍ଷରୋପଣକୁ ବିଶ୍ଳେଷଣ କରିବାର ଏକମାତ୍ର ଉପାୟ ଥିଲା ରିମୋଟ ସେନ୍ସିଂ ପଦ୍ଧତି । ସାନଟୁବିରେ ମାଙ୍ଗ୍ରୋଭ୍ ବୃକ୍ଷରୋପଣକୁ ବିଶ୍ଳେଷଣ କରିବା ପାଇଁ ସାଟେଲାଇଟ୍ ପ୍ରତିଛବି ଏବଂ ୟୁଏଭି ବ୍ୟବହାର କରାଯାଇଥିଲା ଏବଂ ଫଳାଫଳଗୁଡ଼ିକ ନିମ୍ନରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି:

---

[18] ଉତ୍ସ:- ଡବ୍ଲୁଡବ୍ଲୁଏଫ୍ ମାଙ୍ଗ୍ରୋଭ୍ ପ୍ଲାଣ୍ଟେସନ୍ସ

ରାଜନଗର ମାଙ୍ଗ୍ରୋଭ୍ ଜଙ୍ଗଲ ବିଭାଜନ ଅଧୀନରେ ଥିବା ସାନଟୁବି ବୃକ୍ଷରୋପଣ କ୍ଷେତ୍ରର ମାନଚିତ୍ର ନିମ୍ନରେ ପ୍ରଦାନ କରାଯାଇଅଛି ।

**ଫଟୋଗ୍ରାଫ୍ ସଂଖ୍ୟା.19**




ମହାକାଳପଡ଼ା ଜଙ୍ଗଲ ରେଞ୍ଜ ଅଧୀନସ୍ଥ ସାନଟୁବିଠାରେ ଥିବା ମାଙ୍ଗ୍ରୋଭ ବୃକ୍ଷରୋପଣ

ୟୁଏଭି ବ୍ୟବହାରକାରୀ ସ୍ଥଳର ନିର୍ଦ୍ଧାରଣ କରାଯାଇଥିଲା ଯାହାକି **ସାରଣୀ 2.17** ରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.17: ୟୁଏଭି ଦ୍ୱାରା ମାଙ୍ଗ୍ରୋଭ୍ ବୃକ୍ଷର ନିର୍ଦ୍ଧାରଣର ଫଳାଫଳ**

| ଜଙ୍ଗଲ ବିଭାଜନର ନାମ | ରେଞ୍ଜ/ ବୃକ୍ଷରୋପଣ ସ୍ଥାନ | ଯୋଜନା/ ବୃକ୍ଷରୋପଣ ବର୍ଷ/ କ୍ଷେତ୍ର ହେକ୍ଟରରେ | ଗଛର ପ୍ରକାର | ବୃକ୍ଷରୋପଣ ପତ୍ରିକା ଅନୁଯାୟୀ ବୃକ୍ଷ | ୟୁଏଭି ଅନୁସାରେ ବୃକ୍ଷ | ମୋଟ ଖର୍ଚ୍ଚ (ଟଙ୍କାରେ) | ବୃକ୍ଷରୋପଣରେ ହୋଇଥିବା ବ୍ୟୟ (ଟଙ୍କାରେ) |
|---|---|---|---|---|---|---|---|
| ରାଜନଗର | ମହାକାଳପଡ଼ା/ ସାନଟୁବୀ | ଆଇସିଜେଡ୍ଏମ୍‌ପି/ 2014-15/ 65 | *ସିନ୍ଧୁକା/ ଏବଂ ରାଇ* | 288925 | 105333 | 23,98,500 | 36.46 |
| *ମୋଟ* | | | | ***288925*** | ***105333*** | ***2398500*** | ***36.46*** |

ବୃକ୍ଷର ବଞ୍ଚିବା ଶତକଡ଼ା ସାନାଟୁବିରେ 36.46 ଥିଲା, ଯାହାକୁ ଏକ ବିଫଳ ବୃକ୍ଷରୋପଣ ଭାବରେ ବିବେଚନା କରାଯିବ ।

### 2.1.9.2 ସାଗର ଶାଖା ଏବଂ ଚ୍ୟାନେଲଗୁଡ଼ିକର ନବୀକରଣ ନହେବା

ସାଗର ଶାଖା ହେଉଛି ମାଙ୍ଗ୍ରୋଭ୍ ଜଙ୍ଗଲର ଜୀବନ ରେଖା । ସେମାନେ ସଂଲଗ୍ନ ଅଞ୍ଚଳରେ ମଧୁର ଏବଂ ଜୁଆର ଜଳ ବହନ କରନ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ଯୋଗାନ୍ତି । ସତେଜ ପଙ୍କ ମାଟିକୁ ପୁନର୍ବାର ଶକ୍ତି ପ୍ରଦାନ ମଧ କରେ । କିନ୍ତୁ, ନଦୀର ଗତିପଥ ପରିବର୍ତ୍ତନ, ଜୈବିକ ହସ୍ତକ୍ଷେପ ଏବଂ ଜଳ ଚ୍ୟାନେଲର ପରିବର୍ତ୍ତନ ଭଳି ଅନେକ କାରଣ ହେତୁ ଉପରମୁଣ୍ଡରେ ଶାଖା ଗୁଡ଼ିକ ପୋତି ହୋଇଯାଏ । ସମୟ ସମୟରେ ଶାଖା ଗୁଡ଼ିକର ନବୀକରଣ କରିବା ଆବଶ୍ୟକ । ଶାଖାଗୁଡ଼ିକର ନବୀକରଣରେ ଶାଖା ଗୁଡ଼ିକର ପର୍ଯ୍ୟାପ୍ତ ଗଭୀରତାର ରକ୍ଷଣାବେକ୍ଷଣ ଅନ୍ତର୍ଭୁକ୍ତ । ନବୀକରଣ ଏକ ପାଞ୍ଚ ବର୍ଷିଆ ଚକ୍ରରେ କରାଯିବାର ଥିଲା । ପୁନଶ୍ଚ, ମାଙ୍ଗ୍ରୋଭ୍ ବୃକ୍ଷରୋପଣ ପାଇଁ ବୃକ୍ଷରୋପଣ କୌଶଳ ଭିନ୍ନ ଅଟେ । ମାଙ୍ଗ୍ରୋଭ୍ ବୃକ୍ଷରୋପଣର ଦୁଇ ପ୍ରକାର ପଦ୍ଧତି ଅଛି ଯଥା-ବିହନ ଏବଂ ହାଇପୋକୋଟାଇଲ୍ । ଯେଉଁ ସ୍ଥାନଗୁଡ଼ିକ ଜଳମଗ୍ନ ହୁଏ ନାହିଁ ସେହି ସ୍ଥାନରେ ମାଛ ଅସ୍ଥି ଚ୍ୟାନେଲ ଖୋଳିବା ଆବଶ୍ୟକ । ଯେଉଁଠାରେ ମାଙ୍ଗ୍ରୋଭ୍ ଉଦ୍ଭିଦଗୁଡ଼ିକ ନୂତନ ଭାବରେ ଆସିଥିବ, ସେହି ଅଞ୍ଚଳରେ ନୂତନ ମାଛ ଅସ୍ଥି ଚ୍ୟାନେଲ ସୁପାରିଶ କରାଯାଇଥିଲା । ଏହା ଡିଏଫ୍ଏଙ୍କ ଦ୍ୱାରା ସ୍ଥିର ହେବାର ଥିଲା । ଏହିପରି, ପରିଚାଳନା ହସ୍ତକ୍ଷେପଗୁଡ଼ିକ ସାଗର ଶାଖା ନବୀକରଣ ଏବଂ ପର୍ଯ୍ୟାପ୍ତ ଲବଣତା ରକ୍ଷଣାବେକ୍ଷଣକୁ ଲକ୍ଷ୍ୟ ରଖେ ।

ଏହି ପରିପ୍ରେକ୍ଷୀରେ, ଗୁରୁତ୍ୱପୂର୍ଣ୍ଣ ସାଗର ଶାଖା ଏବଂ ଦୈର୍ଘ୍ୟ ସହ ବିଦ୍ୟମାନ ଚ୍ୟାନେଲ ସଂଖ୍ୟା ସମ୍ବନ୍ଧୀୟ ସୂଚନା, ଶେଷ ନିର୍ଦ୍ଧାରଣ ବର୍ଷ, 2013-18 ଅବଧି ମଧ୍ୟରେ ଏହି ଶାଖା ଏବଂ ଚ୍ୟାନେଲଗୁଡ଼ିକର ନବୀକରଣ ପାଇଁ ପାଞ୍ଚ

ବର୍ଷୀୟ ଯୋଜନା ଦସ୍ତାବିଜ ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା । ପୁନଶ୍ଚ, ଏହି ସମୟ ମଧ୍ୟରେ ସାଗର ଶାଖା, ଜୁଆର ଚ୍ୟାନେଲ ଏବଂ ମାଛ ଅସ୍ଥି ଚ୍ୟାନେଲରେ ନବୀକରଣର ତଥ୍ୟ ମଧ୍ୟ ବିଭାଜନ ନିକଟରେ ଉପଲବ୍ଧ ନଥିଲା ।

ତେଣୁ, ଏଥିରୁ ସ୍ୱଚ୍ଛ ଜଣାପଡୁଥିଲା ଯେ ସାଗର ଶାଖା ଏବଂ ଚ୍ୟାନେଲଗୁଡ଼ିକୁ ସମୟାନୁସାରେ ନବୀକରଣ କରାଯାଇନଥିଲା ଯଦିଓ ଭିତରକନିକା ମାଙ୍ଗ୍ରୋଭ୍ ସଂରକ୍ଷଣ ତଥା ପରିଚାଳନା ପାଇଁ ପରିଚାଳନା କାର୍ଯ୍ୟ ଯୋଜନା (ଏମ୍‌ଏପି) କାର୍ଯ୍ୟକାରୀ କରିବା ଦିଗରେ କେନ୍ଦ୍ରୀୟ ସହାୟତା ପ୍ରାପ୍ତ ହୋଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ 2013-18 ମଧ୍ୟରେ 72.56 ଲକ୍ଷ ଟଙ୍କା ବ୍ୟୟରେ ଏମ୍‌ଏପି ଅଧିନରେ 70.94 ହେକ୍ଟର ଚ୍ୟାନେଲ ଖୋଳା ଯାଇଥିଲା ଏବଂ ଏପିଓ ଅଧିନରେ 16.40 ଲକ୍ଷ ଟଙ୍କା ବ୍ୟୟରେ 21 କିଲୋମିଟର ସାଗର ଶାଖା ଏବଂ ଚ୍ୟାନେଲ ନବୀକରଣ କରାଯାଇଥିଲା । କିନ୍ତୁ, ସାଗର ଶାଖା ଏବଂ ଚ୍ୟାନେଲଗୁଡ଼ିକର ନବୀକରଣ ସମ୍ବନ୍ଧିତ ଦସ୍ତାବିଜ୍ ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା ।

### 2.1.10 ମିଳିତ ବାସ୍ତବିକ ପରିଦର୍ଶନ ମାଧ୍ୟମରେ ବୃକ୍ଷରୋପଣ ସ୍ଥାନଗୁଡ଼ିକର ନିର୍ଦ୍ଧାରଣ

କ୍ଷେତ୍ରୀୟ ଅଡିଟ୍ ସମୟରେ, ଅଡିଟ୍ ଦଳ ଏବଂ ଜଙ୍ଗଲ ଅଧିକାରୀଙ୍କୁ ନେଇ ଗଠିତ ଜେପିଭି ଦଳ 34 ଟି ବୃକ୍ଷରୋପଣ ସ୍ଥଳରେ ବୃକ୍ଷର ବଞ୍ଚିବା ଆକଳନ କରିବା ନିମନ୍ତେ ମନୋନୀତ ବିଭାଜନ ଗୁଡ଼ିକରେ ମନୋନୀତ ହୋଇଥିବା ସମସ୍ତ ଯୋଜନାକୁ ଅନ୍ତର୍ଭୁକ୍ତ କରିଥିଲେ । ଏହା ଦେଖାଗଲା ଯେ ମୁଖ୍ୟତଃ ଶାଗୁଆନ୍ ବୃକ୍ଷ ଗୁଡ଼ିକ ବଞ୍ଚିଥିଲେ ଏବଂ ଆମଳା, ବାଉଁଶ, ନିମ୍ବ, ଚାକୁଣ୍ଡା ଏବଂ କାଜୁ ପରି ଅନ୍ୟ ପ୍ରଜାତିର ବଞ୍ଚିବାର ସ୍ଥିତି ଖରାପ ଥିଲା । ସଂହିତା ଅନୁଯାୟୀ, 35 ଟି ବୃକ୍ଷରୋପଣ ମଧ୍ୟରୁ 985 ହେକ୍ଟର ପରିମିତ 18 ଟି ବୃକ୍ଷରୋପଣ ସମ୍ପୂର୍ଣ୍ଣ ବିଫଳ ଥିଲା, 305 ହେକ୍ଟର ପରିମିତ ଛଅଟି ବୃକ୍ଷରୋପଣ ଆଂଶିକ ସଫଳ ଥିଲା ଏବଂ 11 ଟି ବୃକ୍ଷରୋପଣ ସଫଳ ଥିଲା । 24 ଟି ସ୍ଥାନ ମଧ୍ୟରୁ (ବିଫଳ ଏବଂ ଆଂଶିକ ସଫଳ ଥିବା ବୃକ୍ଷରୋପଣ ଅନ୍ତର୍ଭୁକ୍ତ କରି) ଏସ୍‌ପି ଅଧିନରେ ପାଞ୍ଚଟି ସ୍ଥାନ, ସିଏଏମ୍‌ପିଏ ଅଧିନରେ ଆଠଟି ସ୍ଥାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ନଅଟି ସ୍ଥାନ ଏବଂ ଏନ୍‌ବିଏମ୍ ଏବଂ ଏନ୍‌ଏପି ଅଧିନରେ ଗୋଟିଏ ଗୋଟିଏ ସ୍ଥାନରେ କାର୍ଯ୍ୟକାରୀ କରାଯାଇଥିଲା । କିନ୍ତୁ, ଏହି ବୃକ୍ଷରୋପଣର ବଞ୍ଚିବାର ଶତକଡ଼ା ଜେପିଭି ନିର୍ଦ୍ଧାରଣ ଫଳାଫଳ ଅନୁଯାୟୀ ଶୂନରୁ 53 ପ୍ରତିଶତ ମଧ୍ୟରେ ରହିଥିବା ବେଳେ ଡିଏଫ୍‌ଓଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ 10 ରୁ 95 ପ୍ରତିଶତ ମଧ୍ୟରେ ଥିଲା । ତେଣୁ, ଏହି 24 ଟି ବୃକ୍ଷରୋପଣ ପାଇଁ 2.51 କୋଟି ଟଙ୍କାର ବ୍ୟୟ ନିଷ୍ଫଳ ଥିଲା ଯାହାକି **ପରିଶିଷ୍ଟ -5** ରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଅଛି ।

ଉପରୋକ୍ତ ଅଡିଟ୍ ସିଦ୍ଧାନ୍ତକୁ ସରକାର ଗ୍ରହଣ କରିଥିଲେ (ଅକ୍ଟୋବର 2021) ।

**ସୁପାରିଶ (ବିଭିନ୍ନ ବୃକ୍ଷରୋପଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ)**

- ***ବିଭାଗ, ସ୍ୱଦେଶୀ ପ୍ରଜାତିକୁ ରୋପଣ କରିବା ପାଇଁ ଅଗ୍ରାଧିକାର ଦେଇପାରନ୍ତି। ବୃକ୍ଷରୋପଣ ପାଇଁ ପ୍ରଜାତିର ଚୟନ ମୃତ୍ତିକା, ବୃଷ୍ଟିପାତ, ତାପମାତ୍ରା, ଡ୍ରେନେଜ ଇତ୍ୟାଦି ଭଳି ଆବଶ୍ୟକୀୟ ପାରାମିଟର ଗୁଡ଼ିକର ପୂର୍ବ ବୃକ୍ଷରୋପଣ ବିଶ୍ଳେଷଣ ସହିତ ସ୍ଥାନ ଅନୁଯାୟୀ ହେବା ଉଚିତ୍ ।***
- ***ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ବୃକ୍ଷରୋପଣ ପ୍ରକଳ୍ପର ଠିକ୍ ସମୟରେ ଅନୁମୋଦନ ଏବଂ ସଫଳ ବୃକ୍ଷରୋପଣ ପାଇଁ ଉପଲବ୍ଧ ଜବ୍ କାର୍ଡଧାରୀଙ୍କ ଉପଯୋଗ ସହିତ ପାଣ୍ଠି ପ୍ରଦାନ କରିବା ନିମନ୍ତେ ବିଭାଗ ସ୍ତରୀୟ ସମନ୍ୱୟ ଏବଂ ଡିଏଫ୍‌ଓମାନଙ୍କ ସ୍ଥାନୀୟ ସ୍ତରୀୟ ସମନ୍ୱୟ ଏବଂ ସେମାନଙ୍କ ସଂପୃକ୍ତ ଡିଆର୍‌ଡିଏଙ୍କ ସମନ୍ୱୟ ରକ୍ଷା କରାଯାଇପାରେ ।***
- ***ଯେକୌଣସି ପ୍ରକଳ୍ପ ଅନ୍ତର୍ଗତ ବୃକ୍ଷରୋପଣ ପ୍ରକଳ୍ପ କାର୍ଯ୍ୟାରମ୍ଭ କରିବା ପୂର୍ବରୁ ବିଭାଗ ସଠିକ୍ ଯୋଜନା ଯଥା 10 ପ୍ରତିଶତରୁ କମ୍ କାନପି ସାନ୍ଦ୍ରତା ଥିବା ଉପଯୁକ୍ତ ସ୍ଥାନଗୁଡ଼ିକର ଚୟନ ଇତ୍ୟାଦି ସୁନିଶ୍ଚିତ କରିପାରନ୍ତି ।***
- ***ବୃକ୍ଷରୋପଣର ପ୍ରଭାବୀ ତଥା ଦକ୍ଷ ପର୍ଯ୍ୟାଲୋଚନା ଏବଂ ନିର୍ଦ୍ଧାରଣ ପାଇଁ ବିଭାଗ, ରିମୋଟ୍ ସେନ୍ସିଂ ଟେକ୍‌ନୋଲୋଜି ଯଥା ସାଟେଲାଇଟ୍ ପ୍ରତିଛବି ଏବଂ ୟୁଏଭି / ଡ୍ରୋନ୍ ପରି ସେବା ବ୍ୟବହାର କରିପାରନ୍ତି ।***

## ଆର୍ଥିକ ପରିଚାଳନା

## 2.1.11 ବୃକ୍ଷରୋପଣ କାର୍ଯ୍ୟାନ୍ୱୟନରେ ଆର୍ଥିକ ଅନିୟମିତତା

### 2.1.11.1 ତଦାରଖର ଅନୁପଯୁକ୍ତ ବ୍ୟବସ୍ଥା ଯୋଗୁଁ ପରିହାର୍ଯ୍ୟ ବ୍ୟୟ

ବର୍ଷ 2016 ର ମୂଲ୍ୟ ମାର୍ଗଦର୍ଶିକାରେ ଗ୍ୟାପ୍ ମଡ୍ୟୁଲ୍[19] ବିନା ସହାୟକ ପ୍ରାକୃତିକ ପୁନରୁତ୍ପାଦନକୁ କାର୍ଯ୍ୟକାରୀ କରାଯାଇଥିଲା । ଏହି ମଡ୍ୟୁଲରେ ପ୍ରକୃତ ଚାରା ରୋପଣ ବିନା କେବଳ ପୁନରୁତ୍ପାଦନ କାର୍ଯ୍ୟ କରାଯାଏ । ଏହି ମୂଲ୍ୟ ମାର୍ଗଦର୍ଶିକା ଅନୁସାରେ ଶୂନରୁ ଚାରି ବର୍ଷ ମଧ୍ୟରେ ସର୍ବେକ୍ଷଣ, ଡିମାର୍କେସନ୍, ସାଇଟ୍ ପ୍ରସ୍ତୁତି, ସିଲଭିକଲ୍‌ଚରାଲ୍ ଅପରେସନ୍, ମୃତ୍ତିକା ସଂରକ୍ଷଣ ପଦକ୍ଷେପ, ଫାୟାର ଲାଇନ୍ ଟ୍ରେସିଂ, ତଦାରଖ ଇତ୍ୟାଦି କାର୍ଯ୍ୟ ଅନ୍ତର୍ଭୁକ୍ତ କରେ । ଓଏଫ୍‌ଡି ସଂହିତା, 1979 ର ନିୟମ 29 ଏବଂ 30 ଅନୁଯାୟୀ ଫରେଷ୍ଟରଙ୍କୁ, ଦାୟିତ୍ୱ ଦିଆଯାଇଥିବା ଜଙ୍ଗଲ ଏବଂ ସରକାରୀ ସମ୍ପତ୍ତିର ଉପଯୁକ୍ତ ସୁରକ୍ଷା ଦେବା ଆବଶ୍ୟକ । ସେହିଭଳି ଭଲ ଅବସ୍ଥାରେ ବାଡ଼ର ରକ୍ଷଣାବେକ୍ଷଣ ଏବଂ ପୁନରୁତ୍ପାଦନ ଅଧିନରେ ଥିବା ଅଞ୍ଚଳର ଯତ୍ନ ନେବା ଏବଂ ଆବଶ୍ୟକ ମତେ ଅନାବନା ଗଛ ସଫା କରିବା ପାଇଁ ଫରେଷ୍ଟଗାର୍ଡ ଦାୟୀ ରହିବେ । ପୁନଶ୍ଚ, ଏଫ୍‌ପିଏମ୍, 1977 ର ନିୟମ 179 ଅନୁଯାୟୀ ପ୍ରତ୍ୟେକ 25 ହେକ୍ଟର ପରିମିତ ନୂତନ ବୃକ୍ଷରୋପଣ ପାଇଁ ତଦାରଖ ବ୍ୟବସ୍ଥା କରାଯାଇପାରେ ।

ଏହି ମୂଲ୍ୟ ମାର୍ଗଦର୍ଶିକା ମଡ୍ୟୁଲର ବିଭିନ୍ନ ଉପାଦାନଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ଯଦିଓ ପ୍ରକୃତରେ ବିହନ ବୁଣାଯାଇ ନଥିଲା, ଏହା ସମ୍ପୂର୍ଣ୍ଣ ଚାରି ବର୍ଷ ଅବଧିର ପୁନରୁତ୍ପାଦନ ସମୟ ନିମନ୍ତେ ହେକ୍ଟର ପ୍ରତି ତଦାରଖ ପାଇଁ 21 ମ୍ୟାଣ୍ଡେଜ୍[20] (ଦିନକୁ 200 ଟଙ୍କା ମୂଲ୍ୟରେ 4,200 ଟଙ୍କା)ର ବ୍ୟବସ୍ଥା କରାଯାଇଥିଲା । ନୂତନ ଉଦ୍ଭିଦ ବୃକ୍ଷରୋପଣ ହୋଇନଥିବା ହେତୁ ତଦାରଖ କାର୍ଯ୍ୟ ଅନାବଶ୍ୟକ ଏବଂ ପରିହାର୍ଯ୍ୟ ଥିଲା କାରଣ ପୁନଃଉତ୍ପାଦନ ଜଙ୍ଗଲର ସୁରକ୍ଷା ଏବଂ ବାଡ଼ ପାଇଁ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡମାନେ ଦାୟୀ ଅଟନ୍ତି । 2016-18 ମଧ୍ୟରେ ରାଜ୍ୟରେ 63.19 କୋଟି ଟଙ୍କା ବ୍ୟୟରେ 4,06,640 ହେକ୍ଟର[21] ଗ୍ୟାପ୍ ବୃକ୍ଷରୋପଣ ବିନା ଏଏନ୍‌ଆର୍ କାର୍ଯ୍ୟକାରୀ କରାଯାଇଥିଲା ଯାହା ପରିହାର୍ଯ୍ୟ ଥିଲା ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ପ୍ରାକୃତିକ ପୁନରୁତ୍ପାଦନକୁ ଜୈବିକ ହସ୍ତକ୍ଷେପ ଏବଂ ଜଙ୍ଗଲକୁ ଅଗ୍ନିକାଣ୍ଡରୁ ରକ୍ଷା କରିବା ପାଇଁ ୱାଚରମାନଙ୍କୁ ନିୟୋଜିତ କରିବା ଆବଶ୍ୟକ ଥିଲା । କିନ୍ତୁ, ଉତ୍ତର ଗ୍ରହଣୀୟ ନଥିଲା କାରଣ ପ୍ରକୃତରେ ବୃକ୍ଷରୋପଣ କାର୍ଯ୍ୟକାରୀ ହୋଇନଥିଲା ଏବଂ ତଦାରଖ ପାଇଁ ପୃଥକ ବ୍ୟବସ୍ଥା କରିବା ନିମନ୍ତେ କୌଣସି ଜଙ୍ଗଲ ସମ୍ପତ୍ତି ସୃଷ୍ଟି କରାଯାଇନଥିଲା । ମୂଲ୍ୟମାର୍ଗଦର୍ଶିକା ମଡ୍ୟୁଲ୍ ଅନୁଯାୟୀ କେବଳ ସିଲ୍‌ଭିକଲ୍‌ଚରାଲ୍ ଅପରେସନ ଏବଂ ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟ କରାଯାଇଥିଲା । ଏତଦ୍ ବ୍ୟତୀତ, ଯାଞ୍ଚ ପଥ ଏବଂ ଫାୟାର ଲାଇନ୍ ଟ୍ରେସିଂ ପାଇଁ ଅଲଗା ବ୍ୟବସ୍ଥା ମୂଲ୍ୟ ମାର୍ଗଦର୍ଶିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

### 2.1.11.2 ବୃକ୍ଷରୋପଣର ମୂଲ୍ୟ ମାନାଦର୍ଶରେ ଅସଙ୍ଗତି ହେତୁ ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ

ଯେଉଁ ଅଞ୍ଚଳରେ ଅଳ୍ପ ଉଦ୍ଭିଦ କିମ୍ବା ଖାଲି ମାଟି ଅଛି ଏବଂ ପ୍ରାକୃତିକ ପୁନଉତ୍ପାଦନ ହୋଇପାରିବ ନାହିଁ, କୃତ୍ରିମ ପୁନରୁତ୍ପାଦନ(ଏଆର୍) ମାଧ୍ୟମ ହେଉଛି ସେହି ଅଞ୍ଚଳରେ ଉଦ୍ଭିଦ ରୋପଣର ଏକମାତ୍ର ପଦ୍ଧତି । ଏହି ପଦ୍ଧତି ବିଭାଗ ଦ୍ୱାରା ବ୍ଲକ୍ ବୃକ୍ଷରୋପଣ ଭାବେ ଗ୍ରହଣ କରାଯାଇଥିଲା । ସହରୀ ବନୀକରଣ ହେଉଛି ସହରୀ ପରିବେଶରେ ଏକକ ବୃକ୍ଷ ଏବଂ ଉପଲବ୍ଧ ଥିବା ବୃକ୍ଷ ଗୁଡ଼ିକର ଯତ୍ନ ଏବଂ ପରିଚାଳନା । ଜନଗହଳିପୂର୍ଣ୍ଣ ସହରାଞ୍ଚଳରେ ସବୁଜ ପୁଲ ସୃଷ୍ଟି କରିବା ଲକ୍ଷ୍ୟରେ ବିଭାଗ ଏହି ପଦ୍ଧତିକୁ ସହରୀ ବୃକ୍ଷରୋପଣ ଭାବରେ କାର୍ଯ୍ୟକାରୀ କରିଥିଲା । 2016-18 ଅବଧି ମଧ୍ୟରେ 2016 ର ମୂଲ୍ୟ ମାନାଦର୍ଶ ଅନୁଯାୟୀ ବୃକ୍ଷରୋପଣ

---

[19] ଗ୍ୟାପ୍ ମଡ୍ୟୁଲ୍ ବିନା ଏଏନ୍‌ଆର୍ ର ଅର୍ଥ ହେଉଛି ଜଙ୍ଗଲରେ ବିଭିନ୍ନ ପ୍ରକାରର ସ୍ଥାନୀୟ ଦେଶୀ ପ୍ରଜାତି ଅଛନ୍ତି ଏବଂ ଏହି କ୍ଷେତ୍ରଟି କେବଳ ରକ୍ଷଣାବେକ୍ଷଣ/ ସୁରକ୍ଷା କରାଯିବ । ମଡ୍ୟୁଲରେ ଆଉ କୌଣସି ନୂତନ ବୃକ୍ଷରୋପଣ କରାଯିବ ନାହିଁ ଏବଂ ବିଦ୍ୟମାନ ଗଛଗୁଡ଼ିକୁ ରକ୍ଷଣାବେକ୍ଷଣ କରାଯିବ ।

[20] ପ୍ରଥମ ବର୍ଷରେ ପାଞ୍ଚଟି ମ୍ୟାଣ୍ଡେଜ୍, ଦ୍ୱିତୀୟ ବର୍ଷରେ ସାତଟି ମ୍ୟାଣ୍ଡେଜ୍, ତୃତୀୟ ବର୍ଷରେ ସାତଟି ମ୍ୟାଣ୍ଡେଜ୍ ଏବଂ ଚତୁର୍ଥ ବର୍ଷରେ ଦୁଇଟି ମ୍ୟାଣ୍ଡେଜ୍

[21] ଉତ୍ସ: ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ 2016-17-160,880 ହେକ୍ଟର, 2017-18-245,760 ହେକ୍ଟର

କାର୍ଯ୍ୟକଳାପ କରାଯାଇଥିଲା । ଅନ୍ୟ ସମସ୍ତ ଉପାଦାନକୁ ଯଥୋପରି ରଖି ପ୍ରଚଳିତ ମଜୁରୀ ହାର ଯଥା 150 ରୁ 200 ଟଙ୍କା ଧାର୍ଯ୍ୟ କରି ମୂଲ୍ୟ ମାନାଦର୍ଶ 2016 କୁ ରୂପାନ୍ତରିତ କରାଯାଇଥିଲା ।

ଉଭୟ ବ୍ଲକ୍ ଏବଂ ସହରାଞ୍ଚଳ ବୃକ୍ଷରୋପଣ ପାଇଁ ମୂଲ୍ୟ ମାନାଦର୍ଶର ଉପାଦାନଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ, ବ୍ଲକ୍ ବୃକ୍ଷରୋପଣରେ, ଗୋଟିଏ ହେକ୍ଟରରେ ଛଅ ମାସର 1600 ବିହନକୁ 2.5 ମିଟର x 2.5 ମିଟର ବ୍ୟବଧାନରେ ଲଗାଯାଇଥିଲା । କିନ୍ତୁ, ସହରୀ ବୃକ୍ଷରୋପଣରେ, 0.625 ହେକ୍ଟର ଅଞ୍ଚଳରେ ଛଅ ମାସର 1000 ଗଛକୁ 2.5 ମିଟର x 2.5 ମିଟର ବ୍ୟବଧାନରେ ରୋପଣ କରାଯାଇଥିଲା । ପ୍ରଥମ ଏବଂ ଦ୍ୱିତୀୟ ଉଇଡିଙ୍ଗ, ମୃତ୍ତିକା କାର୍ଯ୍ୟ ଏବଂ ତଦାରଖ ପରି ସମାନ ଉପାଦାନଗୁଡ଼ିକର ମୂଲ୍ୟ ମଧ୍ୟରେ ବ୍ୟାପକ ଅସଙ୍ଗତି ଥିବା ଅଡିଟ୍ ଲକ୍ଷ୍ୟ କରିଥିଲା । 2016 ର ବୃକ୍ଷରୋପଣ ମୂଲ୍ୟ ମାନାଦର୍ଶ ଅନୁଯାୟୀ ଚାରୋଟି ସମାନ ଉପାଦାନର ତୁଳନା **ସାରଣୀ 2.18** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.18: ବ୍ଲକ ଏବଂ ସହରୀ ବୃକ୍ଷରୋପଣର ମୂଲ୍ୟ ମାନାଦର୍ଶର ତୁଳନା**

| କାର୍ଯ୍ୟ ଉପାଦାନ | ମ୍ୟାଣ୍ଡେଜ ବ୍ୟବସ୍ଥା (ସଂଖ୍ୟାରେ) | | ସହରୀ ବୃକ୍ଷରୋପଣରେ 1600 ଗଛ ପାଇଁ ଅତ୍ୟଧିକ ବ୍ୟବସ୍ଥା | 1600 ଗଛ ପାଇଁ ଅଧିକ ମୂଲ୍ୟ (ସ୍ତମ୍ଭ.4 x 200ଟଙ୍କା) | ଗଛ ପ୍ରତି ମୂଲ୍ୟ (ସ୍ତମ୍ଭ.5/1600) (ଟଙ୍କାରେ) | ସହରୀ ବୃକ୍ଷରୋପଣରେ 1000 ଗଛ ପାଇଁ ଅଧିକ ମୂଲ୍ୟ (ଟଙ୍କାରେ) |
|---|---|---|---|---|---|---|
| | ବ୍ଲକ୍ ବୃକ୍ଷରୋପଣ (1600 ଗଛ) | ସହରୀ ବୃକ୍ଷରୋପଣ (1600 ଗଛ*) | | | | |
| 1 | 2 | 3 | 4 | 5 | 6 | 7 |
| ପ୍ରଥମ ବର୍ଷ-ପ୍ରଥମ ଏବଂ ଦ୍ୱିତୀୟ ଉଇଡିଙ୍ଗ୍, ମାଟି କାର୍ଯ୍ୟ ଏବଂ ତଦାରଖ | 26 | 347 | 321 | 64,200 | 40.13 | 40,130 |
| ଦ୍ୱିତୀୟ ବର୍ଷ-ପ୍ରଥମ ଏବଂ ଦ୍ୱିତୀୟ ଉଇଡିଙ୍ଗ୍, ମାଟି କାର୍ଯ୍ୟ ଏବଂ ତଦାରଖ | 28 | 394 | 366 | 73,200 | 45.75 | 45,750 |
| ତୃତୀୟ ବର୍ଷ- ସାର ପ୍ରୟୋଗ ଏବଂ ଉଇଡିଙ୍ଗ୍ ସହିତ ତଦାରଖ | 29 | 330 | 301 | 60,200 | 37.63 | 37,630 |
| ଚତୁର୍ଥ ବର୍ଷ- ତଦାରଖ | 15 | 298 | 283 | 56,600 | 35.37 | 35,370 |
| ମୋଟ | **98** | **1369** | **1271** | **2,54,200** | **158.88** | **1,58,880** |

*ଉତ୍ସ: ବୃକ୍ଷରୋପଣ ମୂଲ୍ୟ ମାନାଦର୍ଶ 2016. * ତୁଳନା ପାଇଁ ସହରୀ ବୃକ୍ଷରୋପଣର 1000 ଉଦ୍ଭିଦ ତୁଳନାରେ 1600 ଉଦ୍ଭିଦ ନିଆଯାଇଛି*

ଉପରୋକ୍ତ ସାରଣୀରେ ଏହା ଦେଖାଯାଇପାରେ ଯେ ସହରୀ ବୃକ୍ଷରୋପଣର ମୂଲ୍ୟ ମାନାଦର୍ଶରେ ପ୍ରଦାନ କରାଯାଇଥିବା ଶ୍ରମ ଉପାଦାନ, ବ୍ଲକ୍ ବୃକ୍ଷରୋପଣ ତୁଳନାରେ ବହୁତ ଅଧିକ (14 ଗୁଣ) ଥିଲା । ଏହା ଫଳରେ ସହରାଞ୍ଚଳ ବୃକ୍ଷରୋପଣରେ 1000 ଗଛ ପାଇଁ 1.59 ଲକ୍ଷ ଟଙ୍କାର ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ ହୋଇଥିଲା । ନିର୍ଦ୍ଦିଷ୍ଟ ଭାବରେ, ଖର୍ଚ୍ଚ ମାନାଦର୍ଶରେ ଗାବିଅନ୍/ ବାଡ଼ ନିର୍ମାଣ ଖର୍ଚ୍ଚ ଥିବା ସତ୍ତ୍ୱେ ତଦାରଖ କାର୍ଯ୍ୟରେ ଶ୍ରମ ଉପାଦାନର ବ୍ୟବସ୍ଥା ଅନୁପଯୁକ୍ତ ଥିଲା । 2016-18 ଅବଧି ମଧ୍ୟରେ ରାଜ୍ୟର ସହରାଞ୍ଚଳରେ 25.05 ଲକ୍ଷ ଚାରା ରୋପଣ କରାଯାଇଥିଲା ଏବଂ ଏଥିପାଇଁ ଗଛ ପ୍ରତି 158.89 ଟଙ୍କା ହିସାବରେ 39.80 କୋଟି ଟଙ୍କାର ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ବିଭିନ୍ନ ବୃକ୍ଷରୋପଣ ମଡ୍ୟୁଲ୍ ପାଇଁ ମୂଲ୍ୟ ମାନାଦର୍ଶ, ମୂଲ୍ୟ ମାନାଦର୍ଶ କମିଟି ଦ୍ୱାରା ପ୍ରସ୍ତୁତ କରାଯାଇଥିଲା । ସହରାଞ୍ଚଳରେ ସହରୀ ବୃକ୍ଷରୋପଣର ମହତ୍ତ୍ୱକୁ ଅନୁଭବ କରି ଏବଂ ତୀବ୍ର ପରିଚାଳନା ନିମନ୍ତେ, ଜୈବିକ ଚାପରୁ ଅଧିକ ଯତ୍ନ ଏବଂ ସୁରକ୍ଷା ପ୍ରଦାନକରିବା ପାଇଁ ଏହି ମୂଲ୍ୟ ମାନାଦର୍ଶ ପ୍ରସ୍ତୁତ କରାଯାଇଥିଲା । ଉପରୋକ୍ତ ସମସ୍ତ କାରଣ ପ୍ରଦାନ କରିବା ସତ୍ତ୍ୱେ ସହରୀ ବୃକ୍ଷରୋପଣରେ 14 ଗୁଣ ଶ୍ରମ ଆବଶ୍ୟକତା କିପରି ଥିଲା, ବିଭାଗ ବ୍ୟାଖ୍ୟା କରିପାରି ନଥିଲା । ଏହା ରେକର୍ଡ ହୋଇନଥିଲା କିମ୍ବା ନିର୍ଦ୍ଧାରଣ ପାଇଁ କୌଣସି ବିଜ୍ଞାନ ସମ୍ମତ ବିଶ୍ଳେଷଣ କରାଯାଇ ନଥିଲା ।

### 2.1.11.3 ବୃକ୍ଷରୋପଣ ଉପାଦାନଗୁଡ଼ିକରେ ଖର୍ଚ୍ଚ ମାନାଦର୍ଶଠାରୁ ଅଧିକ ପରିହାର୍ଯ୍ୟ/ ନିଷ୍ଫଳ ବ୍ୟୟ

ଏଫ୍‌ପିଏମ୍, 1977 ର ନିୟମ 187 ରେ ବ୍ୟବସ୍ଥା କରାଯାଇଛି ଯେ ଡିଏଫ୍‌ଓ ମାନେ ତାଙ୍କ ବିଭାଜନରେ ବୃକ୍ଷରୋପଣ ପାଇଁ ଏକ ବିସ୍ତୃତ ଆଇଟମ୍ ଅନୁଯାୟୀ ମୂଲ୍ୟର ଆକଳନ ପ୍ରସ୍ତୁତ କରିବେ ଏବଂ ଏହାକୁ ତାଙ୍କ ବନ ସଂରକ୍ଷକ (ସିଓଏଫ୍)ଙ୍କୁ ଦାଖଲ କରିବେ, ଯିଏ ପରବର୍ତ୍ତୀ ସମୟରେ ଏହି ଆକଳନଗୁଡ଼ିକୁ ବିସ୍ତୃତ ଭାବରେ ଯାଞ୍ଚ କରିବେ ଏବଂ ସବିଶେଷ ତଥ୍ୟ ଏବଂ ତାଙ୍କର ପ୍ରତ୍ୟେକ ବିଭାଗ ପାଇଁ ୟୁନିଟ୍ ପିଛା ମୋଟ ମୂଲ୍ୟକୁ ଅନୁମୋଦନ କରିବେ । କିନ୍ତୁ, ତାଙ୍କ ସର୍କଲ ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇଥିବା ଆକଳନ ଠାରୁ ତାହା ଅଧିକ ହେବ ନାହିଁ ।

- ଚୟନ ହୋଇଥିବା 12 ଟି ବିଭାଜନରେ ବୃକ୍ଷରୋପଣ ଏବଂ ନଗଦ ଆକାଉଣ୍ଟ୍ ଇତ୍ୟାଦିର ନଥି ଯାଞ୍ଚ କରି ଅଡିଟ୍ ଲକ୍ଷ୍ୟ କଲା ଯେ 47 ରେଞ୍ଜର 112 ଟି ବୃକ୍ଷରୋପଣରେ ବିଭିନ୍ନ ଉପାଦାନରେ କିମ୍ବା ମୂଲ୍ୟ ମାନାଦର୍ଶ ବାହାରେ 93.60 ଲକ୍ଷ ଟଙ୍କା ଅନିୟମିତ ଅତିରିକ୍ତ ଖର୍ଚ୍ଚ କରାଯାଇଥିଲା ଯାହା **ପରିଶିଷ୍ଟ -6** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଏହି ଖର୍ଚ୍ଚଗୁଡ଼ିକ ସ୍ଥାୟୀ ଉପାଦାନଗୁଡ଼ିକର ମୂଲ୍ୟ ବଦଳାଇବା ପରେ ସଞ୍ଚୟକୁ ବ୍ୟବହାର କରିବା ପାଇଁ କରାଯାଇଥିଲା ଯାହା ସମ୍ପୂର୍ଣ୍ଣ ରୂପେ ଏଡ଼ାଯାଇ ପରିଥାନ୍ତା ।

  ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ କ୍ଷେତ୍ରର ଆବଶ୍ୟକତା ଏବଂ ମୋଟାମୋଟି ମୂଲ୍ୟ ମାନାଦର୍ଶ ଅନୁଯାୟୀ ବୃକ୍ଷରୋପଣ ଖର୍ଚ୍ଚ କରାଯାଇଥିଲା । ଏହି ଦୃଷ୍ଟିକୋଣରୁ ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ଶ୍ରମ ଏବଂ ସାମଗ୍ରୀକ ମୂଲ୍ୟ ସହିତ କାର୍ଯ୍ୟର ପ୍ରତ୍ୟେକ ଆଇଟମ୍ ଏବଂ ଏହାର କାର୍ଯ୍ୟକଳାପର ଅବଧି ସ୍ପଷ୍ଟ ଭାବରେ ଅନୁମୋଦିତ ମୂଲ୍ୟ ମାନାଦର୍ଶରେ ଧାର୍ଯ୍ୟ କରାଯାଇଛି ଯାହା କ୍ଷେତ୍ରୀୟ କର୍ମଚାରୀଙ୍କ ଦ୍ୱାରା ଅନୁସରଣ କରାଯିବା କଥା ।

- ଗୋଟିଏ ବିଭାଜନ[22] ରେ ବୃକ୍ଷରୋପଣ ପତ୍ରିକା ଏବଂ ନଗଦ ଆକାଉଣ୍ଟ ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ 2014-15 ରେ 800 ହେକ୍ଟର (200 ଉଦ୍ଭିଦ/ ହେକ୍ଟର) ପରିମିତ ପାନପୋଷ ରେଞ୍ଜର ଚିରୋବେଡ଼ା ଆର୍‌ଏଫ୍‌ରେ ଗ୍ୟାପ୍ ବୃକ୍ଷରୋପଣ ସହିତ ଏଏନ୍‌ଆର୍ କାର୍ଯ୍ୟକାରୀ କରାଯିବାର ଥିଲା । ଜାନୁଆରୀରୁ ମାର୍ଚ୍ଚ 2014 ମଧ୍ୟରେ ଗାତ ଖୋଳିବା ବ୍ୟତୀତ ବୃକ୍ଷରୋପଣ ପୂର୍ବ କାର୍ଯ୍ୟ ଯଥା- ସର୍ବେକ୍ଷଣ, ଡିମାର୍କେସନ୍, ସାଇଟ୍ ପ୍ରସ୍ତୁତି ଇତ୍ୟାଦିରେ 10.80 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା । ପରବର୍ତ୍ତୀ ସମୟରେ, ଉକ୍ତ ଏଏନ୍‌ଆର୍ ବୃକ୍ଷରୋପଣକୁ 400 ହେକ୍ଟରରେ ରୂପାନ୍ତରିତ କରାଯାଇଥିଲା ଯାହା ଦ୍ୱାରା 5.40 ଲକ୍ଷ ଟଙ୍କାର ନିଷ୍ଫଳ ଖର୍ଚ୍ଚ ହୋଇଥିଲା ।

  ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ 800 ହେକ୍ଟର ପରିବର୍ତ୍ତେ 400 ହେକ୍ଟର ଜମିରେ 16,000 ବିହନ ରୋପଣ କରାଯାଇଥିଲା । ଉତ୍ତର ଗ୍ରହଣୀୟ ନଥିଲା କାରଣ 400 ହେକ୍ଟର ଉପରେ ବୃକ୍ଷରୋପଣ ପୂର୍ବ କାର୍ଯ୍ୟରେ ନିଷ୍ଫଳ ଖର୍ଚ୍ଚ କରାଯାଇଥିଲା ।

### 2.1.11.4 ସିଏଏମ୍‌ପିଏ ବୃକ୍ଷରୋପଣ ଅଧୀନରେ ସିଲଭିକଲଚରାଲ୍ ଅପରେସନ୍ ଉପରେ ଅନିୟମିତ ଖର୍ଚ୍ଚ

ବୃକ୍ଷରୋପଣ ମୂଲ୍ୟ ମାନାଦର୍ଶ 2016 ଅନୁଯାୟୀ, ଏଏନ୍‌ଆର୍ ବୃକ୍ଷରୋପଣ (200 ଉଦ୍ଭିଦ/ ହେକ୍ଟର)ରେ ପୂର୍ବ-ରୋପଣ (ଶୂନ ତମ ବର୍ଷ) ସିଲଭିକଲଚରାଲ୍ ଅପରେସନ୍ (ଏସ୍‌ଓ), ଜାନୁଆରୀ-ଫେବୃଆରୀ ମାସରେ 1,000 ଟଙ୍କା ହାରରେ ଅର୍ଥାତ୍ ହେକ୍ଟର ପିଛା 200 ଟଙ୍କା ମୂଲ୍ୟର ପାଞ୍ଚଟି ମ୍ୟାଣ୍ଡେଜ୍ ସାଇଟ୍ ପ୍ରସ୍ତୁତି ପରେ କରାଯିବ । ଜୁଲାଇ-ଅଗଷ୍ଟ ମାସରେ ବୃକ୍ଷରୋପଣ ପରେ ହେକ୍ଟର ପିଛା 3,000 ଟଙ୍କା (15 ମ୍ୟାଣ୍ଡେଜ୍) ଦରରେ, ସେପ୍ଟେମ୍ବର-ଅକ୍ଟୋବରରେ ପ୍ରଥମ ବର୍ଷ ଏସ୍‌ଓ କରାଯିବ । ଏହି ଏସ୍‌ଓରେ ଅନାବନା ଗଛ ସଫା କରିବା, କ୍ଲାଇମ୍ବର କାଟିବା, ଉଚ୍ଚ ଷ୍ଟମ୍ପ କଟିଙ୍ଗ୍, ସୁଟ୍‌ର ସିଙ୍ଗଲିଙ୍ଗ୍ ଇତ୍ୟାଦି ଅନ୍ତର୍ଭୁକ୍ତ ।

[22] ଡିଏଫ୍‌ଓ, ରାଉରକେଲା

ବଲାଙ୍ଗୀର ବିଭାଜନରେ ଅଡିଟ୍, ବୃକ୍ଷରୋପଣ ପତ୍ରିକା ଏବଂ କ୍ୟାସ୍ ବୁକ୍, ରିପୋର୍ଟ ରିଟର୍ଣ୍ଣ ଇତ୍ୟାଦି ଯାଞ୍ଚ କରିଥିଲା । ଅଡିଟ୍‌ରେ ଏହା ଜଣାଗଲା ଯେ 11 ରେଞ୍ଜରେ ସିଏଏମ୍‌ପିଏ ଏପିଓ 2015-16 ଅଧିନରେ 6,000 ହେକ୍ଟର ଏଏନ୍‌ଆର୍ ବୃକ୍ଷରୋପଣ (200 ପ୍ଲାଣ୍ଟ/ ହେକ୍ଟର) କାର୍ଯ୍ୟକାରୀ କରାଯାଇଥିଲା । ଜାନୁଆରୀ-ଫେବୃଆରୀ ମଧ୍ୟରେ ବୃକ୍ଷରୋପଣ ପୂର୍ବରୁ ପୂର୍ବ-ରୋପଣ ଏସ୍‌ଓ କରାଯାଇନଥିଲା କାରଣ ସେପରି କୌଣସି ଖର୍ଚ୍ଚ ହୋଇନଥିଲା କିମ୍ବା ସମ୍ପୃକ୍ତ ପତ୍ରିକାରେ ଦର୍ଶାଯାଇନଥିଲା । ଜୁଲାଇ-ଅଗଷ୍ଟ ମଧ୍ୟରେ ସମସ୍ତ ସ୍ଥାନରେ ରୋପଣ କାର୍ଯ୍ୟ ଶେଷ ହୋଇଥିଲା । ଡିସେମ୍ବର 2016 ରୁ ମାର୍ଚ୍ଚ 2017 ମଧ୍ୟରେ ପୋଷ୍ଟ ରୋପଣ ଏସ୍‌ଓ (ପ୍ରଥମ ବର୍ଷ)ର ମୂଲ୍ୟ ହେକ୍ଟର ପିଛା 3,000 ଟଙ୍କା ବଦଳରେ ହେକ୍ଟର ପିଛା 4,000 ଟଙ୍କା ହାରରେ 2.40 କୋଟି ଟଙ୍କା ଲିପିବଦ୍ଧ କରାଯାଇଥିଲା । ପୋଷ୍ଟ ରୋପଣ ଖର୍ଚ୍ଚ ସହିତ ପୂର୍ବ ବୃକ୍ଷରୋପଣ ଖର୍ଚ୍ଚ ଅନ୍ତର୍ଭୁକ୍ତ କରାଯାଇଥିଲା ଯାହା ଦ୍ୱାରା ମୂଲ୍ୟ ମାନାଦର୍ଶକୁ ଉଲ୍ଲଂଘନ କରି 60 ଲକ୍ଷ ଟଙ୍କାର ଅନିୟମିତ ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ ବୃକ୍ଷରୋପଣ ପାଇଁ ଠିକ୍ ସମୟରେ ପୂର୍ବ ବୃକ୍ଷରୋପଣ କାର୍ଯ୍ୟ କରାଯାଇଥିଲା । ପାଣ୍ଠି ପ୍ରଦାନ ହେବା ପରେ ଉଭୟ ପୂର୍ବ ଏବଂ ପର ରୋପଣ ଖର୍ଚ୍ଚ ପାଇଁ ଖର୍ଚ୍ଚ ବୁକ୍ କରାଯାଇଥିଲା । ଏହି ଉତ୍ତର ଗ୍ରହଣୀୟ ନଥିଲା କାରଣ ମୂଲ୍ୟ ମାନାଦର୍ଶରେ ଧାର୍ଯ୍ୟ ସମୟାନୁସାରେ ବୃକ୍ଷରୋପଣ ପୂର୍ବରୁ ଏବଂ ପରେ ଏହି ଏସ୍‌ଓ କାର୍ଯ୍ୟଗୁଡ଼ିକ ପୃଥକ ଭାବରେ କାର୍ଯ୍ୟକାରୀ କରାଯିବାର ଥିଲା ।

### 2.1.11.5 ଆଭେନ୍ୟୁ ବୃକ୍ଷରୋପଣର କ୍ଷତି ପାଇଁ କ୍ଷତିପୂରକ ପାଣ୍ଠି ସଂଗ୍ରହ କରାନଯିବା

ଓଡ଼ିଶା ସରକାର(ଜିଓଓ) ଦ୍ୱାରା ଜାରି କରାଯାଇଥିବା ସର୍କୁଲାର (ଜୁନ୍ 2018) ଅନୁଯାୟୀ, ଜଙ୍ଗଲ କିମ୍ବା ଅଣଜଙ୍ଗଲ ଜମିରେ ରାସ୍ତା ପ୍ରଶସ୍ତିକରଣରେ କଟାଯିବାକୁ ଥିବା ଗଛ ସଂଖ୍ୟାର ଦୁଇଗୁଣ, ସିଏ ମାଧ୍ୟମରେ ଲଗାଯିବା ଆବଶ୍ୟକ । ଜଙ୍ଗଲ ନଷ୍ଟ ହେବାର କ୍ଷତିକାରକ ପ୍ରଭାବରୁ ପରିବେଶକୁ ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଏହି ସର୍ତ୍ତ ରଖାଯାଇଛି ।

ଚାରିଟି ଜଙ୍ଗଲ ବିଭାଜନ[23]ରେ ବୃକ୍ଷରୋପଣ ନଥିଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ 2013-18 ମଧ୍ୟରେ 131 ଆର୍‌କେଏମ୍‌ରେ 32,750 ଚାରା ସହିତ 13 ଟି ଆଭେନ୍ୟୁ ବୃକ୍ଷରୋପଣ କାର୍ଯ୍ୟ କରାଯାଇଥିଲା ଯାହାକି **ପରିଶିଷ୍ଟ-7** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି । ପୂର୍ତ୍ତ ବିଭାଗ (ପିଡବ୍ଲୁଡି)/ ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଦ୍ୱାରା 2017-18 ରେ ରାସ୍ତା ପ୍ରଶସ୍ତିକରଣ ହେତୁ ଏଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । କ୍ଷତିଗ୍ରସ୍ତ ବୃକ୍ଷରୋପଣର କ୍ଷତିପୂରଣ ପାଇଁ ଡିଏଫ୍‌ଓ ଏବଂ ଉପଭୋକ୍ତା ବିଭାଗ ମଧ୍ୟରେ କୌଣସି ଆଲୋଚନା କରାଯାଇ ନଥିଲା । କ୍ଷତିପୂରଣ ଦାବି ଉପସ୍ଥାପନ ନିମନ୍ତେ କ୍ଷୟକ୍ଷତିର ଆକଳନ ପାଇଁ ଡିଏଫ୍‌ଓମାନେ କୌଣସି ପଦକ୍ଷେପ ନେଇନଥିଲେ କିମ୍ବା ସଂପୃକ୍ତ ଡିଏଫ୍‌ଓମାନଙ୍କର ଅନୁମୋଦନ ପାଇଁ ଉପଭୋକ୍ତା ଏଜେନ୍ସି(ୟୁଏ) (ପିଡବ୍ଲୁଡି/ ଏନ୍‌ଏଚ୍‌ଏଆଇ) କୌଣସି ବୃକ୍ଷରୋପଣ ଯୋଜନାର ପ୍ରସ୍ତାବ ଦେଇନଥିଲେ । ଏହାଦ୍ୱାରା ଉପରୋକ୍ତ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ନିର୍ଦ୍ଧାରିତ ମୂଲ୍ୟ ମାନାଦର୍ଶ ଅନୁଯାୟୀ 3.92 କୋଟି ଟଙ୍କାର କ୍ଷତିପୂରକ ପାଣ୍ଠି ସଂଗ୍ରହ କରାଯାଇନଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ସରକାର ଗ୍ରହଣ କରିଥିଲେ (ଅକ୍ଟୋବର 2021) ।

### 2.1.11.6 ସିଏଏମ୍‌ପିଏ ପାଣ୍ଠିକୁ ଅନିୟମିତ ଭାବେ ରାଜ୍ୟ ଯୋଜନା ପ୍ରକଳ୍ପକୁ ପରିବର୍ତ୍ତନ

ସିଏ ପାଣ୍ଠି ନିୟମାବଳୀ, 2018 ର ଉପନିୟମ 5 ଏବଂ ବ୍ୟାଖ୍ୟା 2 ଅନୁଯାୟୀ, ରାଜ୍ୟ ପାଣ୍ଠିରେ ଜମା ହୋଇଥିବା ନେଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ପାଇଁ ପ୍ରାପ୍ତ ଅର୍ଥ ଉପ-ନିୟମ(2) ଏବଂ ଉପ-ନିୟମ(3) ରେ ପ୍ରଦତ୍ତ ପଦ୍ଧତିରେ ଉପଯୋଗ କରାଯିବ ଏବଂ ଏନ୍‌ପିଭି ପାଇଁ ପ୍ରାପ୍ତ ଅର୍ଥକୁ କାର୍ଯ୍ୟକାରୀ ହେଉଥିବା ଅନ୍ୟ ରାଜ୍ୟ ଯୋଜନାଗୁଡ଼ିକର କୌଣସି ବଜେଟ୍ ସହିତ ମିଶ୍ରଣ ପାଇଁ ଅନୁମତି ଦିଆଯିବ ନାହିଁ । ପୁନଶ୍ଚ, ଆମ ଜଙ୍ଗଲ ଯୋଜନା (ଏଜେଓ୍ୱାଇ) ହେଉଛି ଓଡ଼ିଶା ସରକାରଙ୍କ ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ, ଯାହା 7,000 ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) ଏବଂ ଇକୋ ବିକାଶ କମିଟି ମାଧ୍ୟମରେ ରାଜ୍ୟର 30 ଟି ଟେରିଟୋରାଲ୍ ଏବଂ ବନ୍ୟପ୍ରାଣୀ ବିଭାଜନରେ ଓଡ଼ିଶା ବନ ବିଭାଗ ବିକାଶ ସୋସାଇଟି (ଓଏଫ୍‌ଏସ୍‌ଡିଏସ୍) ମାଧ୍ୟମରେ କାର୍ଯ୍ୟକାରୀ ହେଉଛି ।

[23] ବଲାଙ୍ଗୀର, କେନ୍ଦୁଝର ବନ୍ୟ ପ୍ରାଣୀ, ରେଢାଖୋଲ ଏବଂ ରାଉରକେଲା

ଏଜେନ୍ସିଗୁଡ଼ିକର ନଥିଗୁଡ଼ିକର ଯାଞ୍ଚ ଏବଂ ପିସିସିଏଫ୍ (ଓ) ଙ୍କ ଦ୍ୱାରା ପ୍ରଦତ୍ତ ସୂଚନାରୁ ଜଣାଗଲା ଯେ ସିଏଏମ୍‌ପିଏ ନିୟମ ଉଲ୍ଲଙ୍ଘନ କରି ସିଏଏମ୍‌ପିଏ ଏପିଓ 2014-18 ରୁ 225.84[24] କୋଟି ଟଙ୍କାକୁ ଉପରୋକ୍ତ ରାଜ୍ୟ ଯୋଜନାରେ ବିନିଯୋଗ କରାଯାଇଥିଲା । ଏହି ଅନ୍ୟତ୍ର ବିନିଯୋଗର କାରଣ ଲିପିବଦ୍ଧ ନଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ ରାଜ୍ୟ ଯୋଜନା ଏବଂ ସିଏଏମ୍‌ପିଏ ଅଧୀନରେ ପାଣ୍ଠି ପ୍ରଦାନ କରାଯିବାକୁ ଥିବା ଏଜେନ୍ସିଗୁଡ଼ିକର ଉପାଦାନ ଗୁଡ଼ିକୁ କ୍ଷମତା ପ୍ରାପ୍ତ ଥିବା ଅର୍ଥ କମିଟି ଅନୁମୋଦନ କରିଥିଲେ । ଏହାକୁ ରାଜ୍ୟ ସ୍ତରୀୟ ପରିଚାଳନା କମିଟି ମଧ୍ୟ ଅନୁମୋଦନ କରିଥିଲା । କିନ୍ତୁ, ସିଏଏମ୍‌ପିଏ ବୃକ୍ଷରୋପଣ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଓଡ଼ିଶା ସରକାରଙ୍କ ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଏଜେନ୍ସିଗୁଡ଼ିକରେ ବିନିଯୋଗ କରିବା ସିଏଏମ୍‌ପିଏ ନିୟମର ଉଲ୍ଲଙ୍ଘନ ଥିଲା ।

### 2.1.11.7 ବୃକ୍ଷରୋପଣ ରକ୍ଷଣାବେକ୍ଷଣ ନିମନ୍ତେ ପ୍ରତିବଦ୍ଧ ଦାୟିତ୍ୱ ପାଇଁ ଅନିୟମିତ ଦେୟ

ଜଙ୍ଗଲ ବୃକ୍ଷରୋପଣ ମାନୁଆଲ୍, 1977 ର ନିୟମ 35 ଅନୁଯାୟୀ, ବୃକ୍ଷରୋପଣ ସହ ଜଡ଼ିତ ସମସ୍ତ କାର୍ଯ୍ୟ ସମୟ ଆବଦ୍ଧ । ଯଦି ସମ୍ପୃକ୍ତ କୌଣସି କାର୍ଯ୍ୟ ବିଳମ୍ବ ହୁଏ, ତେବେ ସମ୍ପୂର୍ଣ୍ଣ ବୃକ୍ଷରୋପଣ କାର୍ଯ୍ୟର ସଫଳତା ବିପଦରେ ପଡ଼ିଥାଏ । ଏକ ବିଳମ୍ବ ଆରମ୍ଭ ପ୍ରାୟତଃ ଗମ୍ଭୀର ପରିଣାମ ନିଶ୍ଚିତ କରିବ । ଏହି ପରିପ୍ରେକ୍ଷୀରେ, ପିସିସିଏଫ୍ (ଓ) ଦ୍ୱାରା ସୂଚିତ ବୃକ୍ଷରୋପଣ ମୂଲ୍ୟ ମାନାଦର୍ଶ 2016 ରେ ଦର୍ଶାଯାଇଛି ଯେ ବିଭିନ୍ନ ବୃକ୍ଷରୋପଣ ପାଇଁ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ ନିମନ୍ତେ କାର୍ଯ୍ୟକଳାପ ଯଥା ମୃତ୍ତିକା କାର୍ଯ୍ୟ, ଖତ, ଉଇଡିଙ୍ଗ୍ ଇତ୍ୟାଦି ସହ ସମଗ୍ର ବର୍ଷ ପାଇଁ ଏସ୍ଏମ୍‌ସି/ ତଦାରଖ କରିବାର ଉପଯୁକ୍ତ ସମୟ ହେଉଛି ଅଗଷ୍ଟରୁ ନଭେମ୍ବର ।

ଅଡିଟ୍, ବର୍ଷ 2017-18 ପାଇଁ ବଜେଟ୍ ନଥି, କାର୍ଯ୍ୟକ୍ରମ ବ୍ୟୟ (ରାଜ୍ୟ ଯୋଜନା) ଅଧୀନରେ "ବର୍ଦ୍ଧିତ ଗ୍ରୀନ୍ କଭର୍ (ଆଇଜିସି)" ପାଇଁ ପାଣ୍ଠି ଆବଣ୍ଟନ ଏବଂ ବିତରଣର ଯାଞ୍ଚ କରିଥିଲା । ଏହା ଜଣାଗଲା ଯେ ବର୍ଷ 2017-18 ରେ 4,300 ହେକ୍ଟର ଜମିରେ 2015-16 ବୃକ୍ଷରୋପଣର ତୃତୀୟ ବର୍ଷର ଅର୍ଥନୈତିକ ବୃକ୍ଷରୋପଣ, ଲଣ୍ଡା ପାହାଡ଼ ବୃକ୍ଷରୋପଣ ଏବଂ ଓବିଡିପି ଏବଂ ଆଭେନ୍ୟୁ ବୃକ୍ଷରୋପଣ ଅଧୀନରେ 1,000 ଆରକେଏମ୍ ପାଇଁ ରକ୍ଷଣାବେକ୍ଷଣ ନିମନ୍ତେ କୌଣସି ପାଣ୍ଠି ପ୍ରଦାନ କରାଯାଇନଥିଲା । ଏଥିପାଇଁ 6.15 କୋଟି ଟଙ୍କାକୁ ବର୍ଷ 2018-19 ର ଦାବି ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ 2017-18 ରେ ସିଏଏମ୍‌ପିଏ ସୁଧ ପାଣ୍ଠି ଅଧୀନରେ ପାଣ୍ଠି ପ୍ରଦାନ ହୋଇନଥିବାରୁ "2017-18 ର ପ୍ରତିବଦ୍ଧ ଦାୟିତ୍ୱ" ଭାବରେ ବିତରଣ କରାଯାଇଥିଲା ।

ଯେହେତୁ କୌଣସି ବୃକ୍ଷରୋପଣ/ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଋଣ ଆଧାରରେ ଖର୍ଚ୍ଚ ବହନ କରିବାକୁ ସେପରି କୌଣସି ବ୍ୟବସ୍ଥା ନଥିଲା, ଡିଏଫ୍‌ଓମାନଙ୍କୁ ପ୍ରତିବଦ୍ଧ ଦାୟିତ୍ୱ ଭାବରେ ଉକ୍ତ ପାଣ୍ଠିର ଆବଣ୍ଟନ ଅନିୟମିତ ଥିଲା । ପୁନଶ୍ଚ, ବୃକ୍ଷରୋପଣ କାର୍ଯ୍ୟର ରକ୍ଷଣାବେକ୍ଷଣକୁ ଋଣ ଆଧାରରେ କାର୍ଯ୍ୟକାରୀ କରିବା ପାଇଁ, ଡିଏଫ୍‌ଓ ମାନଙ୍କ ଦ୍ୱାରା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପ୍ରାପ୍ତ ହୋଇନଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ 2017-18 ର ପ୍ରତିବଦ୍ଧ ଦାୟିତ୍ୱ ଆକାରରେ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ 2018-19 ରେ ପାଣ୍ଠି ପ୍ରଦାନ କରାଯାଇଥିଲା । ଋଣ ଆଧାରରେ କାର୍ଯ୍ୟ କରିବା ପାଇଁ ସେପରି କୌଣସି ବ୍ୟବସ୍ଥା ନଥିବାରୁ ସରକାରଙ୍କ ଉତ୍ତର ଗ୍ରହଣୀୟ ନଥିଲା ।

### 2.1.11.8 ଖର୍ଚ୍ଚ ମାନାଦର୍ଶରେ ବ୍ୟବସ୍ଥା ନଥାଇ ସହରୀ ବୃକ୍ଷରୋପଣରେ ଅନିୟମିତ ବ୍ୟୟ

ଆଠ ମାସର ବିହନ ସହିତ 1,000 ଚାରାର ସହରୀ ବୃକ୍ଷରୋପଣ (ବ୍ଲକ ମଡ୍ୟୁଲ) ନିମନ୍ତେ ବାଡ଼ ଏବଂ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ମାନାଦର୍ଶ 2014 ରେ କୌଣସି ବ୍ୟବସ୍ଥା ନାହିଁ ।

ନଥିଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ 2014-15 ରୁ 2017-18 ମଧ୍ୟରେ ସହରୀ ବୃକ୍ଷରୋପଣ କାର୍ଯ୍ୟାନ୍ୱୟନ ପାଇଁ ପିସିସିଏଫ୍ (ଓ) ଙ୍କ ଦ୍ୱାରା ବାଡ଼ (କଂକ୍ରିଟ୍ ଏବଂ ସିମେଣ୍ଟ ସ୍ତମ୍ଭ ସହିତ କଣ୍ଟା ତାର ଇତ୍ୟାଦି) ଏବଂ ତୃତୀୟ

[24] ଏପିଓ - 2014-15 (1862 ଲକ୍ଷ ଟଙ୍କା), 2015-16 (2241 ଲକ୍ଷ ଟଙ୍କା), 2016-17 (11710 ଲକ୍ଷ ଟଙ୍କା) ଏବଂ 2017-18 (6771 ଲକ୍ଷ ଟଙ୍କା)

ବର୍ଷର ରକ୍ଷଣାବେକ୍ଷଣ ପାଇଁ ପାଣ୍ଠି ଅନିୟମିତତା ଭାବରେ ଆବଣ୍ଟିତ ହୋଇଥିଲା । ପ୍ରଯୁଜ୍ୟ ମୂଲ୍ୟ ମାନାଦର୍ଶକୁ ଉଲ୍ଲଙ୍ଘନ କରି 13 ଟି ବିଭାଜନରେ ଥିବା 29 ଟି ସାଇଟ୍‌ରେ ବାଡ଼ ଏବଂ ତୃତୀୟ ବର୍ଷର ବର୍ଷର ରକ୍ଷଣାବେକ୍ଷଣ (ଉପରୋକ୍ତ ସମୟ ମଧ୍ୟରେ ଯଥାକ୍ରମେ 6.32 କୋଟି ଏବଂ 8.50 କୋଟି ଟଙ୍କା) ପାଇଁ 14.82 କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା ଯାହା ***ପରିଶିଷ୍ଟ-8*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ ସହରୀ ବୃକ୍ଷରୋପଣର ତୃତୀୟ ବର୍ଷର ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ ମୂଲ୍ୟ ମାନାଦର୍ଶ, ମାନାଦର୍ଶ 2014 ପାଇଁ ପ୍ରସ୍ତୁତ ହୋଇଥିଲା, କିନ୍ତୁ ମୁଦ୍ରଣ ସମୟରେ ମୂଲ୍ୟର ମାନାଦର୍ଶରେ ଏହାକୁ ଅଜାଣତରେ ଛାଡ଼ି ଦିଆଯାଇଥିଲା । ଏହା ମଧ୍ୟ ବ୍ୟକ୍ତ କଲେ ଯେ ନିର୍ଦ୍ଧାରିତ ଗାବିଆନ୍ ମୂଲ୍ୟ ମାନାଦର୍ଶ ଅନୁଯାୟୀ ପ୍ରଥମ ବର୍ଷର ବୃକ୍ଷରୋପଣ ସମୟରେ ବାଡ଼ କାର୍ଯ୍ୟାରମ୍ଭ କରାଯାଇଥିଲା । ବାଡ଼ ପାଇଁ ଏବଂ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ ନିମନ୍ତେ ଅନୁମୋଦିତ ବୃକ୍ଷରୋପଣ ମୂଲ୍ୟ ମାନାଦର୍ଶ 2014 ରେ କୌଣସି ବ୍ୟବସ୍ଥା ନଥିବାରୁ ଏହି ଉତ୍ତର ଗ୍ରହଣୀୟ ନଥିଲା ।

### 2.1.11.9 ବ୍ୟୟ ନକରି ବିନିଯୋଗ ପ୍ରମାଣପତ୍ରର ଅନିୟମିତ ଦାଖଲ

ଜିଓଆଇ ଦ୍ୱାରା ଜାରି କରାଯାଇଥିବା (ଅକ୍ଟୋବର 2013) ମଞ୍ଜୁରୀ ଆଦେଶର ଅନୁଚ୍ଛେଦ 2 (b) ଅନୁଯାୟୀ, କାର୍ଯ୍ୟକାରୀ ସଂସ୍ଥା, ଆର୍ଥିକ ବର୍ଷ ସମାପ୍ତ ହେବା ପରେ ଯଥାଶୀଘ୍ର ବିଭାଗ ନିକଟରେ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବେ । ପୁନଶ୍ଚ, ଉପ-ଅନୁଚ୍ଛେଦ (h) ଧାର୍ଯ୍ୟ କରେ ଯେ କୌଣସି ବଳକା ରାଶି ଯାହା ଆର୍ଥିକ ବର୍ଷରେ ଅନୁମୋଦିତ ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇନପାରେ, ଉକ୍ତ ଆର୍ଥିକ ବର୍ଷ ଶେଷ ହେବା ପରେ ଜିଓଆଇକୁ ଫେରସ୍ତ କରାଯିବ । ସଂପୃକ୍ତ କାର୍ଯ୍ୟକାରୀ ସଂସ୍ଥାକୁ ପାଣ୍ଠି ପ୍ରଦାନ କରାଯିବ ।

ଓଡ଼ିଶା ବାଉଁଶ ବିକାଶ ଏଜେନ୍ସି (ଓବିଡିଏ) ରେ ଆବଣ୍ଟନ ଏବଂ ବ୍ୟୟ ସମ୍ବନ୍ଧୀୟ ନଥିଗୁଡ଼ିକୁ ଯାଞ୍ଚ କରି ଅଡିଟ୍ ଲକ୍ଷ୍ୟ କଲା ଯେ ସମସ୍ତ ୟୁସି ଗୁଡ଼ିକ ବିଭାଜନଗୁଡ଼ିକୁ ପାଣ୍ଠି ଆବଣ୍ଟନ କରିବା ପରେ ଜିଓଆଇ ନିକଟରେ ଦାଖଲ କରାଯାଇଥିଲା, ଯଦିଓ ଅନୁମୋଦିତ ବାର୍ଷିକ କାର୍ଯ୍ୟ ଯୋଜନା (ଏଏପି) ଅନୁଯାୟୀ ସେହି ବର୍ଷରେ ପ୍ରକୃତରେ ଏହି ଅର୍ଥ ବିନିଯୋଗ କରାଯାଇନଥିଲା ।

ଏହା ଦେଖାଗଲା ଯେ, 2013-18 ମଧ୍ୟରେ ମୋଟ ଆବଣ୍ଟନ / ପାଣ୍ଠି ପ୍ରଦାନ ହୋଇଥିବା 25.84 କୋଟି ଟଙ୍କା ମଧ୍ୟରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ 18.14 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ଏବଂ 7.70 କୋଟି ଟଙ୍କା ବ୍ୟୟ ନହୋଇ ପଡ଼ିରହିଥିଲା । ସମୁଦାୟ ଆବଣ୍ଟିତ ରାଶି ପାଇଁ ବିନିଯୋଗ ପ୍ରମାଣ ପତ୍ର (ୟୁସି) ଜିଓଆଇକୁ ପ୍ରଦାନ କରାଯାଇଥିଲା । ଏହିପରି, ଖର୍ଚ୍ଚ ହୋଇନଥିବା ବଳକା ରାଶି ସହିତ ସମୁଦାୟ ରାଶି ପାଇଁ ୟୁସି ଦାଖଲ କରିବା ଅନୁପଯୁକ୍ତ ଥିଲା । ଅନୁମୋଦନର ସର୍ତ୍ତ ଅନୁଯାୟୀ ଏହି ପାଣ୍ଠି ଜିଓଆଇକୁ ଫେରସ୍ତ କରାଯିବା ଉଚିତ୍ ଥିଲା । ଅଧିକନ୍ତୁ, ଅକ୍ଟୋବର 2018 ରେ ଅନୁଷ୍ଠିତ ପ୍ରଥମ ରାଜ୍ୟ ସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି (ଏସ୍‌ଏଲ୍‌ଇସି) ବୈଠକରେ ଏହା ଆଲୋଚନା କରାଯାଇଥିଲା ଯେ ଉପରୋକ୍ତ ବଳାକ ରାଶି ସହିତ ସମୁଦାୟ 12.12 କୋଟି ଟଙ୍କାର ବଳାକ ରାଶି (ଆରମ୍ଭରୁ) ଓବିଡିଏ ନିକଟରେ ପଡ଼ି ରହିଥିଲା, ଯଦିଓ ଜିଓଆଇକୁ ସମୁଦାୟ ରାଶି ପାଇଁ ୟୁସି ଦାଖଲ କରାଯାଇଥିଲା । ଏହି ସଞ୍ଚୟ ମୁଖ୍ୟତଃ ବିଫଳ ବୃକ୍ଷରୋପଣ ପାଇଁ ତୃତୀୟ ଏବଂ ଚତୁର୍ଥ ବର୍ଷର ରକ୍ଷଣାବେକ୍ଷଣ ନିମନ୍ତେ ପାଣ୍ଠିର ଉପଯୋଗ ନହେବା ହେତୁ ହୋଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ, ଓବିଡିଏର ବାର୍ଷିକ କାର୍ଯ୍ୟ ଯୋଜନା (ଏଏପି) ଅନୁମୋଦନ ପରେ ଏହି ପାଣ୍ଠି ପ୍ରଦାନ କରାଯାଇଥିଲା । ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥାକୁ ପାଣ୍ଠି ପ୍ରଦାନ ପରେ, ୟୁସି ଗୁଡ଼ିକୁ ଜିଓଆଇ ନିକଟରେ ଦାଖଲ କରାଯାଇଥିଲା । ଏହାର ଉତ୍ତର ଗ୍ରହଣୀୟ ନଥିଲା କାରଣ ଏହି ବୃକ୍ଷରୋପଣ ପାଇଁ ଅନୁମୋଦିତ ଉଦ୍ଦେଶ୍ୟରେ ପାଣ୍ଠି ସମ୍ପୂର୍ଣ୍ଣ ଭାବରେ ବିନିଯୋଗ ହୋଇନଥିଲା ଏବଂ ପରବର୍ତ୍ତୀ ଏଏପିରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଖର୍ଚ୍ଚ ହୋଇନଥିବା ବଳକା ଭାବରେ ମଧ୍ୟ ଦର୍ଶାଯାଇନଥିଲା ।

### 2.1.11.10 ବୃକ୍ଷ ବଞ୍ଚିବାର ଶତକଡ଼ା ସୁନିଶ୍ଚିତ ନକରି ପାଣ୍ଠିର ଅନିୟମିତ ପ୍ରଦାନ

ଏନ୍‌ବିଏମ୍ କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ, 2006 ର ପାରା 6.4.5 ଅନୁଯାୟୀ, ଜଙ୍ଗଲ ଅଞ୍ଚଳରେ ବାଉଁଶ ବୃକ୍ଷରୋପଣର ବିସ୍ତାର ପାଇଁ ଆନୁମାନିକ ମୂଲ୍ୟ 2013-14 ପର୍ଯ୍ୟନ୍ତ ହେକ୍ଟର ପିଛା 25,000 ଟଙ୍କା ଥିଲା ଯାହା

ଦୁଇଟି ସମାନ କିସ୍ତିରେ ପ୍ରଦାନ କରାଯିବାର ଥିଲା । 2014-15 ରୁ ହେକ୍ଟର ପିଛା ମୂଲ୍ୟ 42,000 ଟଙ୍କାକୁ ସଂଶୋଧିତ କରାଯାଇଥିଲା, ଯାହା ତିନୋଟି ବାର୍ଷିକ କିସ୍ତିରେ 50:25:25 ଅନୁପାତରେ ପ୍ରଦାନ କରାଯିବ । ପୁନଶ୍ଚ, ନିର୍ଦ୍ଦେଶାବଳୀରେ ଧାର୍ଯ୍ୟ ମତେ ଉଦ୍ଭିଦଗୁଡ଼ିକର 90 ପ୍ରତିଶତ ବଞ୍ଚିବାକୁ ଆଧାର କରି ଦ୍ୱିତୀୟ ବର୍ଷ ପାଇଁ ସହାୟତା ପ୍ରଦାନ କରାଯିବ ।

ଅଡିଟ୍, ବୃକ୍ଷରୋପଣ ନଥି ଯାଞ୍ଚ କରି ଏବଂ ପ୍ରଦାନ କରାଯାଇଥିବା ସୂଚନାରୁ ଏହା ଦେଖିଲା ଯେ 13 ଟି ଚୟନ କରାଯାଇଥିବା ବିଭାଜନ ମଧ୍ୟରୁ 10[25] ଟି ଜଙ୍ଗଲ ବିଭାଜନ ଅଧିନରେ 73 ଟି ସ୍ଥାନରେ ମୋଟ 1,580 ହେକ୍ଟର ଅଞ୍ଚଳରେ ବୃକ୍ଷରୋପଣ କରାଯାଇଥିଲା ଏବଂ 2013-17 ମଧ୍ୟରେ ବୃକ୍ଷରୋପଣ ଆରମ୍ଭ ହୋଇଥିଲା । ବୃକ୍ଷରୋପଣର ପ୍ରଥମ ବର୍ଷରେ ସଂପୃକ୍ତ ଡିଏଫ୍ଓ ମାନଙ୍କୁ ଆବଣ୍ଟିତ ହେବାକୁ ଥିବା 5.25 କୋଟି ଟଙ୍କା ଗୋଟିଏ କିସ୍ତିରେ ପ୍ରଦାନ କରାଯାଇଥିଲା ଯାହାଦ୍ୱାରା ଉପରୋକ୍ତ ବ୍ୟବସ୍ଥାର ଉଲ୍ଲଙ୍ଘନ କରି ପ୍ରଥମ ବର୍ଷ ବଞ୍ଚିବାର ଶତକଡ଼ା ସୁନିଶ୍ଚିତ ନକରି ଅନିୟମିତ ଭାବରେ ପାଣ୍ଠି ପ୍ରଦାନ କରାଯାଇଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ଗ୍ରହଣ କରି ସରକାର ପ୍ରକାଶ କଲେ (ଅକ୍ଟୋବର 2021) ଯେ ଜିଓଆଇ ରୁ ପ୍ରାପ୍ତ ହେବା ପରେ ଏବଂ ଏନ୍‌ବିଏମ୍ କାର୍ଯ୍ୟକରୀ ମାର୍ଗଦର୍ଶିକା ଅନୁଯାୟୀ 2013-17 ପାଇଁ ପର୍ଯ୍ୟାୟ କ୍ରମେ ଡିଏଫ୍ଓ ମାନଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇଥିଲା । କିନ୍ତୁ ବିଭାଜନ ସ୍ତରରେ କ୍ଷେତ୍ର ଅଧିକାରୀଙ୍କ ଉତ୍କଟ ଅଭାବ ହେତୁ ପ୍ରଥମ ବର୍ଷର ବୃକ୍ଷଗୁଡ଼ିକର ବଞ୍ଚିବାର ଶତକଡ଼ା ତଦାରଖ ହୋଇପାରି ନଥିଲା । ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଡିଏଫ୍ଓମାନେ କାର୍ଯ୍ୟାନ୍ୱୟନ ସଂସ୍ଥା ଅଟନ୍ତି ଏବଂ ଦ୍ୱିତୀୟ କିସ୍ତି ପ୍ରଦାନ ପୂର୍ବରୁ ଓବିଡିଏ ପାଳନୀୟ ସର୍ତ୍ତଗୁଡ଼ିକୁ ପୂର୍ଣ୍ଣ କରାଯାଇଥିବା ସୁନିଶ୍ଚିତ କରିବାର ଥିଲା ।

### 2.1.11.11 ବିନା ଟେଣ୍ଡରରେ ବୃକ୍ଷରୋପଣରେ ଜଳ ସିଞ୍ଚନ ପାଇଁ ଯାନବାହାନର ଚୟନ

ଜିଓଓ ଦ୍ୱାରା ଜାରି କରାଯାଇଥିବା (ସେପ୍ଟେମ୍ବର 2011) ସର୍କୁଲାରର ଅନୁଚ୍ଛେଦ 5(b) ଅନୁଯାୟୀ ଯଦି କାର୍ଯ୍ୟ କିମ୍ବା ସେବାର ଆନୁମାନିକ ମୂଲ୍ୟ ଦୁଇ ଲକ୍ଷ ରୁ ଅଧିକ ହୋଇଥିବ, ତେବେ ପ୍ରାଧିକୃତ କର୍ତ୍ତୃପକ୍ଷ ଗୋଟିଏ ସ୍ଥାନୀୟ ଦୈନିକ ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ତାରିଖ ଏବଂ ସମୟ ମଧ୍ୟରେ ଏକ ସଂକ୍ଷିପ୍ତ ଟେଣ୍ଡର ଆହ୍ୱାନ କରି ଅଫର ମାଗିବା ଉଚିତ୍ ଏବଂ ସବିଶେଷ ତଥ୍ୟ ପ୍ରାଧୀକୃତ କର୍ତ୍ତୃପକ୍ଷଙ୍କ ୱେବ୍ ସାଇଟ୍‌ରେ ଉପଲବ୍ଧ କରାଯିବ । କାର୍ଯ୍ୟ/ ସେବାର ଆନୁମାନିକ ମୂଲ୍ୟ ଦଶ ଲକ୍ଷରୁ ଅଧିକ ହେଲେ ଅନ୍ତତଃ ପକ୍ଷେ ଏକ ବହୁଳ ଭାବରେ ପ୍ରଚାରିତ ଜାତୀୟ ଖବର କାଗଜରେ ଟେଣ୍ଡର ପାଇଁ ବିଜ୍ଞାପନ ଦିଆଯିବା ଉଚିତ୍ । ସହରୀ ବୃକ୍ଷରୋପଣ ପାଇଁ ଖର୍ଚ୍ଚ ମାନାଦର୍ଶରେ ଜଳ ସିଞ୍ଚନ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଯେଉଁଥିରେ ଟ୍ରାକ୍ଟର / ଟ୍ୟାଙ୍କର ମାଧ୍ୟମରେ ଜଳ, ଶ୍ରମ ଓ ପରିବହନ ମୂଲ୍ୟ ଅନ୍ତର୍ଭୁକ୍ତ ।

ରାଉରକେଲା ଜଙ୍ଗଲ ବିଭାଜନରେ ନଗଦ ଆକାଉଣ୍ଟଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ନଭେମ୍ବର 2015 ରୁ ମାର୍ଚ୍ଚ 2016 ମଧ୍ୟରେ ତିନିଟି ରେଞ୍ଜ ଯଥା ପାନପୋଷ, କୁଆଁରମୁଣ୍ଡା, ରାଜଗାଙ୍ଗପୁରରେ ସହରୀ ବୃକ୍ଷରୋପଣରେ ଟେଣ୍ଡର ଆହ୍ୱାନ ନକରି ଜଳସିଞ୍ଚନ ବାବଦରେ 69.12 ଲକ୍ଷ ଟଙ୍କା ବ୍ୟକ୍ତିବିଶେଷ ତଥା ଫାର୍ମକୁ ଅନିୟମିତ ଭାବରେ ପ୍ରଦାନ କରାଯାଇଥିଲା ଯାହା **ପରିଶିଷ୍ଟ-9** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ ଖର୍ଚ୍ଚ ମାନାଦର୍ଶରେ ଜଳସିଞ୍ଚନ ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ସହରାଞ୍ଚଳ ବୃକ୍ଷରୋପଣରେ ଜଳସେଚନ କାର୍ଯ୍ୟକୁ ଭାଗ ଭାଗ କରି ଚୁକ୍ତି ଭିତିରେ ଗାଡ଼ି ନିୟୋଜିତ କରାଯାଇଥିଲା । ରେଞ୍ଜ ସ୍ତରରେ ଚୁକ୍ତିନାମା ମାଧ୍ୟମରେ ଏହି ଗାଡ଼ି ଗୁଡ଼ିକୁ ନିୟୋଜିତ କରାଯାଇଥିଲା । କିନ୍ତୁ, ବୃକ୍ଷରୋପଣ ପାଇଁ ଟେଣ୍ଡର ଆହ୍ୱାନ କରାନଯିବା ନେଇ କୌଣସି ଉତ୍ତର ଦେଇନଥିଲେ । ଯଦିଓ ଯାନଗୁଡ଼ିକ ଚୁକ୍ତି ଭିତ୍ତିରେ ନିୟୋଜିତ ହୋଇଥିଲା

[25] ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି(ଏସ୍), କୋରାପୁଟ, କେନ୍ଦୁଝର, ମାଲକାନଗିରି, ରେଢାଖୋଲ, ରାୟଗଡ଼ା ଏବଂ ସୁନ୍ଦରଗଡ଼

### ସୁପାରିଶ (ବୃକ୍ଷରୋପଣ କାର୍ଯ୍ୟାନ୍ୱୟନରେ ଆର୍ଥିକ ପରିଚାଳନା)

- *କୌଣସି ବୃକ୍ଷରୋପଣ ବିନା ପୁନରୁତ୍ପାଦନ କାର୍ଯ୍ୟ ଚାଲିଥିବାରୁ ଗ୍ୟାପ୍ ବିନା ଏଏନ୍ଆର୍ ଅଧିନ ମୂଲ୍ୟ ମାନାଦର୍ଶରେ ତଦାରଖ ପାଇଁ ଖର୍ଚ୍ଚକୁ ଅନ୍ତର୍ଭୁକ୍ତ ନକରିବା ନିମନ୍ତେ ବିଭାଗ ବିଚାର କରିପାରନ୍ତି ।*
- *ଦୁଇଟି ବୃକ୍ଷରୋପଣରେ ସମାନ ଉପାଦାନ ଯଥା ଶ୍ରମିକ ଇତ୍ୟାଦିର ସମାନ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ବିଭାଗ ବିଚାର କରିପାରନ୍ତି ।*
- *ସିଏ ପାଣ୍ଠି ନିୟମାବଳୀ, 2018 କୁ ଉଲ୍ଲଂଘନ କରି, ବିଭାଗ ସିଏଏମ୍ପିଏ ପାଣ୍ଠିକୁ ଅନ୍ୟ ରାଜ୍ୟ ଯୋଜନା ପ୍ରକଳ୍ପରେ ବିନିଯୋଗ ନ କରିବା ନିମନ୍ତେ ବିଚାର କରିପାରନ୍ତି ।*
- *ପାଣ୍ଠି ପ୍ରଦାନ ଓ ବିନିଯୋଗରେ ଏମ୍‌ଜିଏନଆରଇଜିଏସ୍, ସିଏଏମପିଏ, ଏଜେୱାଇ, ଏନ୍‌ବିଏମ୍ ଇତ୍ୟାଦି ଭଳି ଯୋଜନାରେ ଥିବା ନିୟମାବଳୀ ଏବଂ ମୂଲ୍ୟ ମାନାଦର୍ଶକୁ ଅନୁପାଳନ କରାଯାଇଥିବା ବିଭାଗ ସୁନିଶ୍ଚିତ କରି ପାରନ୍ତି ।*
- *ବୃକ୍ଷରୋପଣର ପ୍ରଥମ ବର୍ଷରେ ଗୋଟିଏ କିସ୍ତିରେ ଡିଏଫ୍‌ଓମାନଙ୍କୁ ଏନ୍‌ବିଏମ୍ ଅଧିନରେ ଥିବା ନିୟମ ଉଲଙ୍ଘନ କରି ପ୍ରଥମ ବର୍ଷ ବୃକ୍ଷ ବଞ୍ଚିବାର ଶତକଡ଼ା ସୁନିଶ୍ଚିତ ନକରି ପାଣ୍ଠି ପ୍ରଦାନ କରିବା ଅନୁଚିତ୍ ।*

## ପର୍ଯ୍ୟାଲୋଚନ ଏବଂ ନିର୍ଦ୍ଧାରଣ

### 2.1.12 ବୃକ୍ଷରୋପଣ ସ୍ଥଳର ପର୍ଯ୍ୟାଲୋଚନା

#### 2.1.12.1 ବୃକ୍ଷରୋପଣର ନିରୀକ୍ଷଣ ଏବଂ ପର୍ଯ୍ୟାଲୋଚନା ପର୍ଯ୍ୟାପ୍ତ ନ ହେବା

ଏଫ୍‌ପିଏମ୍, 1977 ର ନିୟମ 207 ରେ ଧାର୍ଯ୍ୟ କରାଯାଇଛି ଯେ ରେଞ୍ଜ ଅଧିକାରୀ (ଆର୍‌ଓ) ପ୍ରତ୍ୟେକ ବୃକ୍ଷରୋପଣକୁ ଅକ୍ଟୋବର ମାସରେ ଥରେ ପରେ ଜାନୁଆରୀରେ ଏବଂ ପୁନର୍ବାର ଜୁନ୍ ମାସରେ ଗଠନ ବର୍ଷ ଠାରୁ ଆରମ୍ଭ କରି ଲଗାତାର ତିନି ବର୍ଷ ପାଇଁ ପରିଦର୍ଶନ କରିବେ । ପ୍ରତ୍ୟେକ ନିରୀକ୍ଷଣ ପରେ (କ) ସର୍ବାଧିକ ଉଚ୍ଚତା, (ଖ) ହାରାହାରି ଉଚ୍ଚତା, (ଗ) ସମୁଦାୟ ବଞ୍ଚିଥିବା ଉଦ୍ଭିଦ ସଂଖ୍ୟା, (ଘ) ବଞ୍ଚିବାର ପ୍ରତିଶତ, (ଙ) ମୃତ୍ୟୁର କାରଣ ଏବଂ (ଚ) ଅନାବନା ଗଛ ବୃଦ୍ଧିର ସ୍ଥିତି ଉପରେ ଆର ଓ ପ୍ରତିବର୍ଷ 5 ନଭେମ୍ବର 5 ଫେବୃଆରୀ ଏବଂ 5 ଜୁଲାଇରେ ଏକ ରିପୋର୍ଟ ଦାଖଲ କରିବେ । ପ୍ରତ୍ୟେକ ବୃକ୍ଷରୋପଣ ସମ୍ବନ୍ଧରେ ଡିଏଫ୍‌ଓଙ୍କୁ ଏକ ପୃଥକ ରିପୋର୍ଟ ଦାଖଲ କରାଯିବ ।

ଚୟନ କରାଯାଇଥିବା ସମସ୍ତ ବିଭାଗରେ ବୃକ୍ଷରୋପଣ ପତ୍ରିକାର ଯାଞ୍ଚରୁ ଜଣାଗଲା ଯେ 1,187 ଟି ବୃକ୍ଷରୋପଣ ମଧ୍ୟରୁ 148 ଟିରେ ରେଞ୍ଜ ଅଧିକାରୀଙ୍କ ଦ୍ୱାରା ତ୍ରୈମାସିକ ନିରୀକ୍ଷଣ କରାଯାଇ ନଥିଲା କିମ୍ବା ଆବଶ୍ୟକ ଥିବା ରିପୋର୍ଟ ଦାଖଲ ପାଇଁ ଡିଏଫ୍‌ଓମାନଙ୍କ ଦ୍ୱାରା ପଦକ୍ଷେପ ନିଆଯାଇନଥିଲା । ଏହାଦ୍ୱାରା ବର୍ଷୱାରୀ ବୃଦ୍ଧି ଏବଂ ବଞ୍ଚିବାର ଶତକଡ଼ା ସୁନିଶ୍ଚିତ ହୋଇପାରି ନଥିଲା ଯାହା ବୃକ୍ଷରୋପଣର ସଫଳତାକୁ ଆକଳନ କରିବାର ଏକ ମାତ୍ର ପନ୍ଥା ଥିଲା । ପୁନଶ୍ଚ, ଉଚ୍ଚ ପଦାଧୀକାରୀଙ୍କ ନିରୀକ୍ଷଣ ରିପୋର୍ଟ ଗୁଡ଼ିକୁ ଅଧିକାଂଶ ପତ୍ରିକାରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା । ବୃକ୍ଷରୋପଣର ପର୍ଯ୍ୟାଲୋଚନା ଏବଂ ନିରୀକ୍ଷଣରେ ଥିବା ଅଭାବକୁ ସୂଚିତି କଲା ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ଅଡିଟ୍ ସିଦ୍ଧାନ୍ତକୁ ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଲିପିବଦ୍ଧ କରାଗଲା ।

### 2.1.12.2 ପରିଚାଳନା ସୂଚନା ବ୍ୟବସ୍ଥାରେ ଅଭାବ

ଏଏଫ୍‌ପି, 1988 ର ଅନୁଚ୍ଛେଦ 4.14 ଅନୁଯାୟୀ ଜଙ୍ଗଲ ସମ୍ବଳ ସମ୍ବନ୍ଧୀୟ ତଥ୍ୟର ଅଭାବ ଏକ ଚିନ୍ତାର ବିଷୟ କାରଣ ଏହା ଏକ ମିଥ୍ୟା ଆତ୍ମସନ୍ତୋଷ ସୃଷ୍ଟି କରେ । ବୈଜ୍ଞାନିକ ଉପାୟରେ ଦେଶର ଜଙ୍ଗଲ ସମ୍ବଳର ସର୍ବେକ୍ଷଣ ସମାପ୍ତ କରିବା ଏବଂ ସୂଚନା ଅପ୍‌ଡେଟ୍ କରିବା ପାଇଁ ପ୍ରାଥମିକତା ଦିଆଯିବା ଆବଶ୍ୟକ । ଏହି ଉଦ୍ଦେଶ୍ୟ ପାଇଁ ଆଧୁନିକ ବୈଷୟିକ ବୈଜ୍ଞାନିକ କୌଶଳ ଏବଂ ଯନ୍ତ୍ରପାତି ସହିତ ଜଙ୍ଗଲ ପରିଚାଳନାର ପ୍ରାସଙ୍ଗିକ ଦିଗ ଉପରେ ନିର୍ଭରଯୋଗ୍ୟ ତଥ୍ୟର ସମୟାନୁଯାୟୀ ସଂଗ୍ରହ, ସଂକଳନ ଏବଂ ପ୍ରକାଶନକୁ ଉନ୍ନତ କରିବା ଆବଶ୍ୟକ ।

ଅଡିଟ୍‌କୁ ପ୍ରଦାନ କରାଯାଇଥିବା ନଥି ଗୁଡ଼ିକର ଯାଞ୍ଚରୁ ନିମ୍ନଲିଖିତ ଅସଙ୍ଗତି ଗୁଡ଼ିକ ଦେଖିବାକୁ ମିଳିଥିଲା:

- ***ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ନଥି/ ତଥ୍ୟର ଅନୁରକ୍ଷଣ କରାନଯିବା***

ବୃକ୍ଷରୋପଣ କାର୍ଯ୍ୟକଳାପ, ବୃକ୍ଷରୋପଣ ସୂଚକାଙ୍କ ସଂଖ୍ୟା, ଉପଲବ୍ଧ ଅବକ୍ଷୟ ଜଙ୍ଗଲ ଏବଂ ଖାଲି ଥିବା ରାଜସ୍ୱ ଜମି ସମ୍ବନ୍ଧୀୟ ମୌଳିକ ସୂଚନା ସଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଇ ନଥିଲା ଯେହେତୁ ପିସିସିଏଫ୍ ତଥା ଚୟନ କରାଯାଇଥିବା ସମସ୍ତ ଡିଏଫ୍‌ଓଙ୍କ ଦ୍ୱାରା ଅଡିଟ୍‌କୁ କୌଣସି ସୂଚନା ପ୍ରଦାନ କରାଯାଇପାରି ନଥିଲା । କିନ୍ତୁ, ଭୌତିକ / ଆର୍ଥିକ ଲକ୍ଷ୍ୟ ଏବଂ ସଫଳତା ବିଷୟରେ କିଛି ସୂଚନା, ପିସିସିଏଫ୍ ଦ୍ୱାରା ବିଭାଜନଠାରୁ ପ୍ରାପ୍ତ ହେବା ପରେ ପ୍ରଦାନ କରାଯାଇଥିଲା । ତେଣୁ, ବିଭାଗ ଦ୍ୱାରା କୌଣସି କେନ୍ଦ୍ରୀୟ ତଥ୍ୟ/ ସୂଚନା ଅନୁରକ୍ଷଣ କରାଯାଇନଥିଲା ।

ବୃକ୍ଷରୋପଣ କାର୍ଯ୍ୟକ୍ରମର ସୂଚନା ଅନୁରକ୍ଷଣ ଏକ ଦୀର୍ଘକାଳିନ ବୃକ୍ଷରୋପଣ କାର୍ଯ୍ୟକଳାପ ଏବଂ ଏହାର ଏକକାଳିନ ପର୍ଯ୍ୟାଲୋଚନା ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହିପରି ବୈଧ ସୂଚନା ଉପଲବ୍ଧ ନଥିବା ଏନ୍‌ଏଫ୍‌ପିର ଲକ୍ଷ୍ୟ ହାସଲ କରିବାରେ ଉଚ୍ଚ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଯୋଜନା, ନିଷ୍ପତ୍ତି ନେବା, ନିୟନ୍ତ୍ରଣ ଏବଂ ସମନ୍ୱୟ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ ।

- ***ବୃକ୍ଷରୋପଣ ସୂଚନାରେ ତଥ୍ୟର ସତ୍ୟତା ନଥିବା***

2013-18 ଅବଧିର ଭୌତିକ/ ଆର୍ଥିକ ଲକ୍ଷ୍ୟହାସଲ ଏବଂ ମ୍ୟାନ୍‌ଡେଜ୍ ବିଷୟରେ ଉଲ୍ଲେଖ ଥିବା ବିଭାଜନୀୟ ବୃକ୍ଷରୋପଣ ସୂଚନାର ଯାଞ୍ଚରୁ ଜଣାଗଲା ଯେ ସୂଚନା କିମ୍ବା ତଥ୍ୟର ଅନୁରକ୍ଷଣରେ ସମାନତା ନଥିଲା । ବର୍ଷୱାରୀ, ପ୍ରକଳ୍ପୱାରୀ ଏବଂ ବଞ୍ଚିବାର ଶତକଡ଼ା ସହିତ ବୃକ୍ଷରୋପଣୱାରୀ ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିବା ବୃକ୍ଷରୋପଣ ନଥିପତ୍ର ଉଭୟ ବିଭାଗ ଏବଂ ବିଭାଜନ ସ୍ତରରେ ସମାନ ଭାବରେ ରକ୍ଷଣାବେକ୍ଷଣ କରାଯାଇ ନଥିଲା ।

ତେଣୁ, ଉପଲବ୍ଧ ଥିବା ତଥ୍ୟରେ ସତ୍ୟତା ନଥିଲା ଏବଂ ଅଡିଟ୍ ବିଶ୍ଳେଷଣ ପାଇଁ ବର୍ଷୱାରୀ, ରେଞ୍ଜୱାରୀ ଏବଂ ଯୋଜନାୱାରୀ ତଥ୍ୟ ବାହାର କରିବା କଷ୍ଟକର ଥିଲା ।

- ***ଓଡ଼ିଶା ୱେବ୍ ଆଧାରିତ ପର୍ଯ୍ୟାଲୋଚନା ପୋର୍ଟାଲ୍ ଇ-ଗ୍ରୀନ୍ ୱାଚ୍‌ରେ ସଠିକ ତଥ୍ୟ ନଥିବା***

ସିଏଏମ୍‌ପିଏ ପାଣ୍ଠିର କେତେ ଉପଯୋଗ ହେଉଛି ତାହା ଉପରେ ନଜର ରଖିବା ଏବଂ ଟ୍ରାକ୍ କରିବା ପାଇଁ ସୂଚନା ସଂଗ୍ରହ ଏବଂ ଉପସ୍ଥାପନ କରିବାର ଏକ ଉଦ୍ଦେଶ୍ୟ ସହିତ ଇ-ଗ୍ରୀନ୍ ୱାଚ୍ ଏକ ସମନ୍ୱିତ ଅନ୍‌ଲାଇନ୍ ସିଷ୍ଟମ ଭାବରେ ବିକଶିତ ହୋଇଥିଲା । ଏହାଦ୍ୱାରା ପର୍ଯ୍ୟାଲୋଚନା ପାଇଁ ପ୍ରକୃତ ସମୟରେ ତଥ୍ୟ ଉପଲବ୍ଧ ହେବ ଏବଂ ସମସ୍ତ ହିତାଧିକାରୀ ଏବଂ ଜନସାଧାରଣଙ୍କ ନିକଟରେ ସୂଚନା ଉପଲବ୍ଧ କରିପାରିବ ।

ଅଡିଟ୍ ଅବଲୋକନ କଲା ଯେ ଏଫ୍‌ଏସ୍‌ଆଇ ଲିଙ୍କରେ ଜଙ୍ଗଲ କାର୍ଯ୍ୟକଳାପ ଉପରେ ତଥ୍ୟ ପ୍ରକୃତ ସମୟରେ ନଥିବା ଯେହେତୁ 503 ସିଏ ବୃକ୍ଷରୋପଣ ମଧ୍ୟରୁ କେବଳ 288 ସିଏ ସ୍ଥାନର (57 ପ୍ରତିଶତ) ତଥ୍ୟ ବହୁଭୁଜ[26] ସହିତ ଅପ୍‌ଲୋଡ୍ ହୋଇଥିଲା ଏବଂ 2010 ଠାରୁ ଅବଶିଷ୍ଟ 2015 ସ୍ଥାନର ତଥ୍ୟ ଅପ୍‌ଲୋଡ୍ ପାଇଁ ପଡ଼ିରହିଥିଲା ।

---

[26] ବହୁଭୁଜ ହେଉଛି କିଛି ନିର୍ଦ୍ଦିଷ୍ଟ ସଂଖ୍ୟାର ସମରେଖା ଦ୍ୱାରା ଏକ ଆବଦ୍ଧ ବହୁଭୁଜାକାର ଚେନ୍ । ବୃକ୍ଷରୋପଣ ସ୍ଥଳର ପ୍ରାଚୀରର କୋଅର୍ଡିନେଟ୍‌କୁ ଗୁଗୁଲ୍ ଆପ୍ ସଫ୍ଟୱେୟାରରେ ପ୍ଲଟ୍ କରି ଏକ ବହୁଭୁଜ ପ୍ରସ୍ତୁତ କରାଯାଇଥିଲା

ଏହି ପରିପ୍ରେକ୍ଷୀରେ ଆଡ୍‌ହକ୍ ସିଏଏମ୍‌ପିଏ ପାଣ୍ଠି ପ୍ରଦାନ ବେଳେ (ଜାନୁଆରୀ 2017) ଦେଖିଲେ ଯେ ଅଧିକାଂଶ ପର୍ଯ୍ୟାଲୋଚନା ପାରାମିଟର ଉପରେ ରାଜ୍ୟର ରିପୋର୍ଟ ସନ୍ତୋଷଜନକ ନଥିଲା । 12.79 ବହୁଭୁଜ ଭୁଲ୍ ଏବଂ 76.12 ପ୍ରତିଶତ ଅନିର୍ଦ୍ଦିଷ୍ଟ ସହ ଇ-ଗ୍ରୀନ୍ ୱାଚରେ 11.09 ପ୍ରତିଶତ ଭୁଲ ଥିଲା । ଇ-ଗ୍ରୀନ୍ ୱାଚ୍ ପୋର୍ଟାଲରେ ଲୋଡ୍ ହେବା ପୂର୍ବରୁ ବହୁଭୁଜ ଗୁଡ଼ିକର କେନ୍ଦ୍ରୀୟ ସ୍କ୍ରିନିଂ ଉପରେ କୌଣସି ରିପୋର୍ଟ ନଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ସରକାର ଗ୍ରହଣ କରିଥିଲେ (ଅକ୍ଟୋବର 2021) ।

### 2.1.12.3 ଆଇଜିସି ଅଧିନରେ କାର୍ଯ୍ୟକାରୀ ହୋଇଥିବା ବୃକ୍ଷରୋପଣ ନିର୍ଦ୍ଧାରଣ ନହେବା

ଆଇଜିସିର ପ୍ରକଳ୍ପ ମାର୍ଗଦର୍ଶିକାର ଅନୁଚ୍ଛେଦ 12 ଅନୁଯାୟୀ ଆଭ୍ୟନ୍ତରୀଣ ଏବଂ ତୃତୀୟ ପକ୍ଷ ଦ୍ୱାରା ନିର୍ଦ୍ଧାରଣ କରାଯିବାର ଥିଲା । ରୋପଣ ହୋଇଥିବା ଚାରା ବଞ୍ଚିବା, ଚାରାର ଅଭିବୃଦ୍ଧି, ମାନଚିତ୍ର ପ୍ରସ୍ତୁତି ଏବଂ ନଥି ଅନୁରକ୍ଷଣ, ସ୍ଥାନୀୟ ଲୋକ ଏବଂ ଅନ୍ୟାନ୍ୟ ଲାଇନ୍ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଅନ୍ତର୍ଭୁକ୍ତିକୁ ଆଧାର କରି ନିର୍ଦ୍ଧାରଣ କରାଯିବା ଉଚିତ୍ । ଚାରି ବର୍ଷ ପରେ ଲଗାଯାଇଥିବା ଚାରା ରୋପଣର 60 ଭାଗ ବଞ୍ଚିବାକୁ ସଫଳ ବୃକ୍ଷରୋପଣ ଭାବରେ ବିବେଚନା କରାଯିବା ଉଚିତ୍ । ନିର୍ଦ୍ଧାରଣ ରିପୋର୍ଟକୁ ଆଧାର କରି କ୍ଷେତ୍ର କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବିଚାର କରାଯିବାର ଥିଲା ।

ତୃତୀୟ ପକ୍ଷ ନିର୍ଦ୍ଧାରଣ ନଥି ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ଆଇଜିସି କାର୍ଯ୍ୟକ୍ରମ ବନ୍ଦ ହେବାର ପ୍ରାୟ ଏକ ବର୍ଷ ପରେ ଅର୍ଥାତ୍ 2018 ରେ ଏହି କାର୍ଯ୍ୟକ୍ରମର ନିର୍ଦ୍ଧାରଣ ପାଇଁ ବିଭାଗ, ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଥିଲା । ଏମ୍‌ଓଇଏଫ୍ ଏବଂ ସିସିର ଏକ ସ୍ୱୟଂଶାସିତ ପ୍ରତିଷ୍ଠାନ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫରେଷ୍ଟ ମ୍ୟାନେଜମେଣ୍ଟ (ଆଇଆଇଏଫ୍‌ଏମ୍), ଭୋପାଳ ଟେଣ୍ଡର ପ୍ରକ୍ରିୟା ମାଧମରେ ମନୋନୀତ ହୋଇଥିଲା ଏବଂ 76.12 ଲକ୍ଷ ଟଙ୍କା ବ୍ୟୟରେ ଏହି କାର୍ଯ୍ୟ କରିବାକୁ କାର୍ଯ୍ୟ ନିର୍ଦ୍ଦେଶ ଜାରି କରାଯାଇଥିଲା ( ମାର୍ଚ୍ଚ 2018) । କିନ୍ତୁ, ସମୟ ଏବଂ ଦେୟ ସୂଚୀରେ ମତ ଭେଦ ହେତୁ ଏହି ପ୍ରସ୍ତାବ ବାତିଲ୍ ହୋଇଥିଲା (ଅପ୍ରେଲ 2018) । କିନ୍ତୁ, ଆଇଆଇଏଫ୍‌ଏମ୍, ବିନା ଅତିରିକ୍ତ ମୂଲ୍ୟରେ ଦୁଇ ମାସ ସ୍ଥାନରେ ଛଅ ମାସ ପାଇଁ ସମୟ ଏବଂ 50 ପ୍ରତିଶତ ଅଗ୍ରୀମ ଦେୟ ପାଇଁ ଅନୁରୋଧ କରିଥିଲା ଯାହା ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିଲା । ପରିଶେଷରେ ଏହି ସମ୍ବନ୍ଧରେ ଚୁକ୍ତିନାମା ମାର୍ଚ୍ଚ 2019 ରେ ସ୍ୱାକ୍ଷରିତ ହୋଇଥିଲା । ଯଦିଓ 38 ଲକ୍ଷ ଟଙ୍କାର ଅଗ୍ରୀମ ଦେୟ ପ୍ରଦାନ କରାଯାଇଥିଲା (ମାର୍ଚ୍ଚ 2019), ଆଇଆଇଏଫ୍‌ଏମ୍ ଦ୍ୱାରା ନିର୍ଦ୍ଧାରଣ ପାଇଁ କ୍ଷେତ୍ର କାର୍ଯ୍ୟ ଆରମ୍ଭ ହୋଇନଥିଲା । ଏହିପରି, ବୃକ୍ଷରୋପଣର ଏକକାଳୀନ ନିର୍ଦ୍ଧାରଣ ପ୍ରାୟ 48 ମାସ ବିଳମ୍ବିତ ହୋଇଥିଲା ।

ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ଆଇଆଇଏଫ୍‌ଏମ୍, ପିସିସିଏଫ୍ (ଓ ଏବଂ ଏଚ୍‌ଓଏଫ୍‌ଏଫ୍) କାର୍ଯ୍ୟାଳୟରେ ଅନ୍ତିମ ରିପୋର୍ଟ ଦାଖଲ କରିଥିଲା । କିନ୍ତୁ, ସେହି ନିର୍ଦ୍ଧାରଣ ରିପୋର୍ଟର କୌଣସି ନକଲ ଅଡିଟ୍‌କୁ ପ୍ରଦାନ କରାଯାଇନଥିଲା ।

### 2.1.12.4 କ୍ଷେତ୍ର କର୍ମଚାରୀଙ୍କ ଅଭାବ

ପିସିସିଏଫ୍ କାର୍ଯ୍ୟାଳୟ ଏବଂ ଚୟନ କରାଯାଇଥିବା 13 ଟି ବିଭାଜନ ସହ ଏଫ୍‌ଆର୍‌ଏସ୍ ବିଭାଜନରେ ମଞ୍ଜୁରୀ ପ୍ରାପ୍ତ କର୍ମଚାରୀ ସଂଖ୍ୟା ଏବଂ ଉପଲବ୍ଧ ଥିବା କର୍ମଚାରୀ ସଂଖ୍ୟାର ସମୀକ୍ଷାରୁ ଜଣାଗଲା ଯେ 31 ମାର୍ଚ୍ଚ 2018 ସୁଦ୍ଧା ମଞ୍ଜୁରୀପ୍ରାପ୍ତ କର୍ମଚାରୀ ସଂଖ୍ୟା ସାମଗ୍ରୀକ ଭାବେ 16 ରୁ 38 ପ୍ରତିଶତ ପର୍ଯ୍ୟନ୍ତ ଖାଲି ଥିଲା ଯାହା ପରିଶିଷ୍ଟ-10 ରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଅଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଥିଲା, ତୃଣମୂଳ ସ୍ତରରେ ବୃକ୍ଷରୋପଣ କାର୍ଯ୍ୟକଳାପକୁ କାର୍ଯ୍ୟକାରୀ କରିବା ପାଇଁ ଦାୟୀ ଥିବା ଅଣଗେଜେଟେଡ୍ କ୍ଷେତ୍ର କର୍ମଚାରୀଙ୍କ ଖାଲି ଥିବା ପଦବୀ 15 ରୁ 38 ପ୍ରତିଶତ ମଧ୍ୟରେ ରହିଥିଲା । ଏହି ଖାଲି ପଦବୀ 2013-18 ମଧ୍ୟରେ ସମାନ ଢାଞ୍ଚାରେ ରହିଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ କ୍ଷେତ୍ରୀୟ ସ୍ତରରେ ମାନବ ସମ୍ବଳର ଅଭାବରୁ ଆଇଜିସି ଅଧିନରେ ଆରମ୍ଭ କରାଯାଇଥିବା ବୃକ୍ଷରୋପଣ ଗୁଡ଼ିକୁ ନିରୀକ୍ଷଣ ଏବଂ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଧାରଣ କରାଯାଇପାରିଲା ନାହିଁ ।

**ସୁପାରିଶ (ବୃକ୍ଷରୋପଣର ପର୍ଯ୍ୟାଲୋଚନା ଏବଂ ନିର୍ଦ୍ଧାରଣ)**

- ***ଆରଓ ଙ୍କ ଦ୍ୱାରା ବୃକ୍ଷରୋପଣର ତ୍ରୈମାସିକ ନିରୀକ୍ଷଣ କରାଯିବା ଏବଂ ଡିଏଫ୍ଓ ମାନଙ୍କ ଦ୍ୱାରା କାର୍ଯ୍ୟ ତଦାରଖ କରାଯିବା ବିଭାଗ ସୁନିଶ୍ଚିତ କରିପାରନ୍ତି ।***
- ***ବୃକ୍ଷରୋପଣ କାର୍ଯ୍ୟକ୍ରମ ଉପରେ ବିଭାଗ ଡାଟାବେସ୍ ପ୍ରସ୍ତୁତ କରିପାରନ୍ତି, ଯାହା ଦୀର୍ଘକାଳୀନ ବୃକ୍ଷରୋପଣ କାର୍ଯ୍ୟକଳାପ ଏବଂ ଏହାର ଏକକାଳୀନ ପର୍ଯ୍ୟାଲୋଚନା ପାଇଁ ଉପଯୋଗୀ ହେବ ।***
- ***ଜଙ୍ଗଲ ସମ୍ବଳର ଉତ୍ତମ ପରିଚାଳନା ପାଇଁ ବିଭାଗ ପ୍ରତ୍ୟେକ ବୃକ୍ଷରୋପଣ ସ୍ଥାନଗୁଡ଼ିକର ଜିପିଏସ୍ ଟ୍ୟାଗ୍ଡ୍ ପ୍ରତିଛବି ଗୁଡ଼ିକର ଏକ ଡାଟାବେସ୍ ପ୍ରସ୍ତୁତ କରିପାରନ୍ତି ।***

## 2.1.13 ଉପସଂହାର

- ଧାର୍ଯ୍ୟ ଅବଧି ମଧ୍ୟରେ ବୃକ୍ଷରୋପଣ ଲକ୍ଷ୍ୟ ହାସଲ ଅଯୌକ୍ତିକ ଅଭାବ ସହିତ ସମାପିତ ହେଲା, ଯାହା ଲକ୍ଷ୍ୟଗୁଡ଼ିକୁ ଅବାସ୍ତବ ଭାବେ ଧାର୍ଯ୍ୟ କରାଯାଇଥିବା ସୂଚାଇଲା । ଅବକ୍ଷୟ ଜଙ୍ଗଲ ଜମି ଏବଂ ଖାଲି ଥିବା ରାଜସ୍ୱ ଜମି ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ନଥିବା କାରଣରୁ ବୃକ୍ଷରୋପଣ ପାଇଁ ଯୋଜନା ପ୍ରଣାଳୀ କେବଳ କ୍ଷେତ୍ରୀୟ କର୍ମଚାରୀଙ୍କ ଦ୍ୱାରା ଭାଗ ଭାଗ କରି ପ୍ରଦାନ କରାଯାଇଥିବା ତତ୍କ୍ଷଣାତ୍ ତଥ୍ୟ ମଧ୍ୟରେ ସୀମିତ ଥିଲା । ରେଞ୍ଜ, ବିଭାଗ ଏବଂ ବନ ମୁଖ୍ୟାଳୟ ମଧ୍ୟରେ ସମନ୍ୱୟର ଅଭାବ ହେତୁ ଲକ୍ଷ୍ୟର ଦୀର୍ଘକାଳୀନ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇ ପାରିଲା ନାହିଁ । ବିଭିନ୍ନ ବାର୍ଷିକ ବୃକ୍ଷରୋପଣ ଯୋଜନା ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ ଯେପରିକି ଯୋଜନାଓ୍ୱାରୀ ବାର୍ଷିକ ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲ, ଆବଣ୍ଟନ ଏବଂ ବ୍ୟୟ, ଜୀବିତ ଥିବା ବୃକ୍ଷଗୁଡ଼ିକର ପ୍ରତିଶତ ଇତ୍ୟାଦି ସରକାର କିମ୍ବା ପ୍ରମୁଖ ମୁଖ୍ୟ ଜଙ୍ଗଲ ସଂରକ୍ଷକ (ଓ ଏବଂ ଏଚ୍ଓଏଫ୍ଏଫ୍) ସ୍ତରରେ ଅନୁରକ୍ଷଣ କରାଯାଇ ନଥିଲା ।

  ସ୍ଥାନୀୟ ଭୂ-ଜଳବାୟୁ ପରିସ୍ଥିତିକୁ ଅନୁଧ୍ୟାନ କରି ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ ରାଜ୍ୟ, ନିଜସ୍ୱ ରାଜ୍ୟ ଜଙ୍ଗଲ ନୀତି(ଏସ୍ଏଫ୍ପି) ଗଠନ କରିବା ଆବଶ୍ୟକ ଥିଲା । ଏସ୍ଏଫ୍ପି ପ୍ରସ୍ତୁତ ନ ହେବା ଯୋଗୁଁ ରାଜ୍ୟରେ ସବୁଜ ବଳୟ ବୃଦ୍ଧିର ପର୍ଯ୍ୟାପ୍ତ ଯୋଜନା ହୋଇପାରିନଥିଲା । ଅନୁମୋଦିତ କାର୍ଯ୍ୟକାରୀ ଯୋଜନା/ କାର୍ଯ୍ୟକାରୀ ପରିକଳ୍ପନା ବିନା ଜଙ୍ଗଲ ବିଭାଜନଗୁଡ଼ିକ କାର୍ଯ୍ୟ କରୁଥିଲା । ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟ, ଉପଯୁକ୍ତ ଯୋଜନା ସହ କରାଯାଇ ନଥିଲା । ବୃକ୍ଷରୋପଣ ସ୍ଥଳଗୁଡ଼ିକ ଉପଯୁକ୍ତ ଭାବରେ ଚୟନ କରାଯାଇ ନଥିଲା ଏବଂ ବୃକ୍ଷରୋପଣ ପୂର୍ବରୁ ପ୍ରସ୍ତୁତ କରାଯାଇ ନଥିଲା ।

- ଅବନତି ଜଙ୍ଗଲ ଏବଂ ଅଣଜଙ୍ଗଲ ଜମି ସମ୍ବନ୍ଧୀୟ ତଥ୍ୟ ବିଭାଗ ନିକଟରେ ଉପଲବ୍ଧ ନଥିବା ଯୋଗୁଁ ସିଏମ୍ପିଏ ଅଧିନରେ କ୍ଷତିପୂରକ ବନୀକରଣ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ସମୟ ତିନି ବର୍ଷ ମଧ୍ୟରେ ହୋଇପାରିଲା ନାହିଁ । ଯାହାଫଳରେ ଜଙ୍ଗଲ ଜମିର ପରିବର୍ତ୍ତନ ତୁଳନାରେ ଜଙ୍ଗଲ ପରିସରକୁ କ୍ଷତିପୂରଣ ଦେଇ ପାରିଲା ନାହିଁ ।

- ବୃକ୍ଷରୋପଣ କାର୍ଯ୍ୟର କାର୍ଯ୍ୟକାରିତା ମଧ୍ୟ ଖରାପ ଥିଲା କାରଣ ବିଭାଗ ସ୍ୱଦେଶୀ ପ୍ରଜାତି ରୋପଣ କରିବାରେ ବିଫଳ ହୋଇଥିଲା ଏବଂ ଏହା ବଦଳରେ ଶାଗୁଆନ୍ ମୁଖ୍ୟ ପ୍ରଜାତି ଭାବରେ ଲଗାଯାଇଥିଲା । ପ୍ରଜାତିଗୁଡ଼ିକର ଉଚ୍ଚ ଏବଂ କାନପି ପରିସର ବୃକ୍ଷରୋପଣ ଅବଧି ସହିତ ଅନୁରୂପ ନଥିଲା । ବିଭାଗ ଦ୍ୱାରା ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ ପାଇଁ ଦକ୍ଷ ପଦକ୍ଷେପ ଗ୍ରହଣ କରାଯାଇ ନଥିଲା କାରଣ ଷ୍ଟାଗର୍ଡ ଟ୍ରେଞ୍ଚ ଗୁଡ଼ିକ ବୃକ୍ଷରୋପଣ କ୍ଷେତ୍ର ବାହାରେ ଖୋଳା ଯାଇଥିଲା କିମ୍ବା ଆଦୌ କାର୍ଯ୍ୟକାରୀ କରାଯାଇ ନଥିଲା । ନିର୍ବାହ ହୋଇଥିବା ଟ୍ରେଞ୍ଚ ଗୁଡ଼ିକ ମଧ୍ୟ ଭୂଖଣ୍ଡ ସହିତ ଲମ୍ବ ଭାବରେ ଅବସ୍ଥିତ ନଥିଲା ଯାହା ଟ୍ରେଞ୍ଚର ଜଳ ଧାରଣ କ୍ଷମତାକୁ ଆହୁରି ହ୍ରାସ କରିଥିଲା । ବୃକ୍ଷରୋପଣ ସ୍ଥାନ ଭିତରେ ଥିବା ଅବନତି ଭୂଖଣ୍ଡ ଗୁଡ଼ିକୁ ସଠିକ୍ ଭାବେ ନିର୍ଦ୍ଧାରଣ କରାଯାଇ ନଥିଲା ଏବଂ ସହଜରେ ପ୍ରବେଶ କରାଯାଇପାରୁଥିବା ଅଞ୍ଚଳରେ ବୃକ୍ଷ ରୋପଣ କରାଯାଇଥିଲା । ତେଣୁ, 3.36 କୋଟି ଟଙ୍କାର ବ୍ୟୟ ଫଳପ୍ରଦ ହେଲା ନାହିଁ ।

➢ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ନିଷ୍ଫଳ ଥିଲା ଏବଂ ଘଞ୍ଚ ଜଙ୍ଗଲ ମଧ୍ୟରେ ବୃକ୍ଷରୋପଣ ସ୍ଥାନ ଚୟନ କରାଯାଇ ଥିବା ଯୋଗୁଁ ବିଫଳ ହୋଇଥିଲା । ଏକ ବିଭାଜନରେ ବୃକ୍ଷରୋପଣ ପ୍ରକଳ୍ପର ଯୋଜନା କରିବାରେ ଡିଏଫ୍‌ଓ ଏବଂ ଡିଆର୍‌ଡିଏ ସ୍ତରରେ କୌଣସି ସମନ୍ୱୟ ନଥିଲା । ଏକ ବିଭାଜନରେ ଉପଲବ୍ଧ ଥିବା କୁଶଳୀ ଶ୍ରମିକ ସମ୍ପର୍କିତ ସୂଚନା ଡିଏଫ୍‌ଓ କିମ୍ବା ବିଭାଗ ସ୍ତରରେ ନଥିଲା ଏବଂ ପ୍ରକଳ୍ପ ପ୍ରସ୍ତାବ ଗୁଡ଼ିକୁ ଡିଆର୍‌ଡିଏ ନିକଟକୁ ବିଳମ୍ବରେ ପ୍ରେରଣ କରାଯାଇଥିଲା ଯାହାଫଳରେ ବୃକ୍ଷରୋପଣ କାର୍ଯ୍ୟକାରିତା ପ୍ରଭାବିତ ହେଲା । ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଦ୍ୱିତୀୟ ବର୍ଷ ଠାରୁ ପାଣ୍ଠି ମଧ୍ୟ ପ୍ରଦାନ କରାଯାଇ ନଥିଲା । ଏହିସବୁ କାରଣ ଯୋଗୁଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ବୃକ୍ଷରୋପଣ ବିଫଳ ହେଲା ଏବଂ 13.17 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହେଲା ।

➢ ଏନ୍‌ବିଏମ୍ ଅଧିନରେ ବାଉଁଶ ବୃକ୍ଷରୋପଣର ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ବିଭାଗ, ମାତ୍ର 51.74 ପ୍ରତିଶତ ହାସଲ କରିପାରିଥିଲା । ସ୍ଥାନଗୁଡ଼ିକର ଭୁଲ ଚୟନ ଏବଂ ଖରାପ ପରିଚାଳନା ଯୋଗୁଁ କାର୍ଯ୍ୟକାରୀ ହୋଇଥିବା ବାଉଁଶ ବୃକ୍ଷରୋପଣରେ ବୃକ୍ଷ ବଞ୍ଚିବାର ଶତକଡ଼ା ଖରାପ ଥିଲା । 40 ପ୍ରତିଶତରୁ ଅଧିକ କାନପି ଘନତା ଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ଏହି ସ୍ଥାନଗୁଡ଼ିକର ଚୟନ କରାଯାଇଥିଲା ଯେଉଁଥିପାଇଁ ଖରାପ ଆଲୋକ ଉପଲବ୍ଧତା ହେଲା ଏବଂ କ୍ଲମ୍ପଗୁଡ଼ିକର ବହୁତ କମ୍ ଅଭିବୃଦ୍ଧି ହୋଇଥିଲା ।

ବୃକ୍ଷ ବଞ୍ଚିବାର ପ୍ରତିଶତ ସୁନିଶ୍ଚିତ ନକରି ବାଉଁଶ ବୃକ୍ଷରୋପଣର ପ୍ରଥମ ବର୍ଷରେ ମଞ୍ଜୁରୀ ପ୍ରାପ୍ତ ସଂପୂର୍ଣ୍ଣ 5.25 କୋଟି ଟଙ୍କାକୁ ଗୋଟିଏ କିସ୍ତିରେ ଓବିଡିଏ ଦ୍ୱାରା ଅନିୟମିତ ଭାବେ ପ୍ରଦାନ କରାଯାଇଥିଲା ଯାହା ପ୍ରକଳ୍ପ ମାର୍ଗଦର୍ଶିକାର ଉଲ୍ଲଙ୍ଘନ ଥିଲା ।

➢ ଯେହେତୁ କୌଣସି ପ୍ରକୃତ ଜଙ୍ଗଲ ସମ୍ବଳ ଅର୍ଥାତ୍ ଗ୍ୟାପ୍ ବୃକ୍ଷରୋପଣ ବିନା ସହାୟକ ପ୍ରାକୃତିକ ପୁନରୁତ୍ପାଦନ (ଏଏନ୍‌ଆର୍) ରେ କୌଣସି ଗଛ ପ୍ରକୃତରେ ଲଗା ନଯାଇ ଚାରି ବର୍ଷର ସମଗ୍ର ପୁନରୁତ୍ପାଦନ ଅବଧି ପାଇଁ ତଦାରଖ ନିମନ୍ତେ ମୂଲ୍ୟ ମାନାଦର୍ଶରେ ବ୍ୟବସ୍ଥା ହୋଇଥିବାରୁ 63.19 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା । ଆହୁରି ମଧ୍ୟ, ସହରାଞ୍ଚଳ ବୃକ୍ଷରୋପଣରେ କୌଣସି ବିଜ୍ଞାନ ସମ୍ମତ ବିଶ୍ଳେଷଣ ନକରି ମ୍ୟାନ୍‌ଡେଜ୍ ବ୍ୟବସ୍ଥା କରାଯାଇଥିଲା ଯାହାଫଳରେ 39.80 କୋଟି ଟଙ୍କାର ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ ହୋଇଥିଲା । ତେଣୁ, ମୂଲ୍ୟ ମାନାଦର୍ଶକୁ ବିଜ୍ଞାନ ସମ୍ମତ ଏବଂ ଯୁକ୍ତିଯୁକ୍ତ କରିବାରେ ବିଭାଗ ବିଫଳ ହୋଇଥିଲା ।

ବିଭିନ୍ନ ଉପାଦାନ ଅଧିନରେ କିମ୍ବା ଖର୍ଚ୍ଚ ମାନାଦର୍ଶରେ ଥିବା ନିୟମ ବାହରେ ଅଧିକ ଖର୍ଚ୍ଚ ହୋଇଥିଲା ଯାହା ଦ୍ୱାରା 99 ଲକ୍ଷ ଟଙ୍କାର ପରିହାର୍ଯ୍ୟ / ନିଷ୍ଫଳ ଖର୍ଚ୍ଚ ହୋଇଥିଲା । ବାଡ଼ ଏବଂ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ ପାଇଁ 14.82 କୋଟି ଟଙ୍କା ଅନିୟମିତ ଭାବରେ ଆବଣ୍ଟନ କରାଯାଇଥିଲା ଏବଂ ସହରୀ ବୃକ୍ଷରୋପଣ ଅଧିନରେ ଖର୍ଚ୍ଚ କରାଯାଇଥିଲା ଯାହା ପ୍ରଯୁଜ୍ୟ ମୂଲ୍ୟ ମାନାଦର୍ଶରେ ଉଲ୍ଲଙ୍ଘନ ଥିଲା । ସଡ଼କ ପ୍ରଶସ୍ତିକରଣ ହେତୁ ଆଭେନ୍ୟୁ ବୃକ୍ଷରୋପଣ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଏବଂ ସମନ୍ୱୟ ଅଭାବ ଏବଂ ଅପ୍ରଭାବୀ ପର୍ଯ୍ୟାଲୋଚନା ହେତୁ କ୍ଷତିଗ୍ରସ୍ତ ବୃକ୍ଷରୋପଣ ପାଇଁ ବ୍ୟବହାରକାରୀ ସଂସ୍ଥା ଠାରୁ ଏହିପରି କ୍ଷତି ପାଇଁ ପାଣ୍ଠି ସଂଗ୍ରହ କରାଯାଇ ନଥିଲା । ତେଣୁ ବିଭାଗ ସମ୍ପୃକ୍ତ ମୂଲ୍ୟ ମାନାଦର୍ଶ ଏବଂ ଆର୍ଥିକ ନିୟମ ପାଳନ କରିବାରେ ବିଫଳ ହୋଇଥିଲା ।

➢ ବୃକ୍ଷରୋପଣ ପତ୍ରିକାଗୁଡ଼ିକ ସଠିକ୍ ଭାବରେ ଅନୁରକ୍ଷଣ କରାଯାଇ ନଥିଲା ଏବଂ କ୍ଷେତ୍ର ସ୍ତରର ଅଧିକାରୀ, ନିର୍ଦ୍ଦିଷ୍ଟ ଭାବରେ ରେଞ୍ଜ ଅଧିକାରୀଙ୍କ ଦ୍ୱାରା ନିରୀକ୍ଷଣ/ ପର୍ଯ୍ୟାଲୋଚନାର ଅଭାବ ଥିଲା । ବର୍ଷଓ୍ୱାରୀ ଅଭିବୃଦ୍ଧି ଏବଂ ବୃକ୍ଷ ବଞ୍ଚିବାର ଶତକଡ଼ା ନିଶ୍ଚିତ କରାଯାଇପାରି ନଥିଲା ଯାହା ଜଙ୍ଗଲ ସମ୍ବଳ ସୃଷ୍ଟି ଏବଂ ରକ୍ଷଣାବେକ୍ଷଣରେ ବିଭାଗର ମୂଳ ଉଦ୍ଦେଶ୍ୟଗୁଡ଼ିକର ନିର୍ଦ୍ଧାରଣରେ ବିଫଳତା ସୃଷ୍ଟି କଲା ।

➢ ତେଣୁ, ଓଡ଼ିଶା ରାଜ୍ୟ ଦ୍ୱାରା ଆରମ୍ଭ କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକଳାପ ଅବକ୍ଷୟ ଜଙ୍ଗଲ କ୍ଷେତ୍ରର ଉନ୍ନତି ଆଣିପାରି ନଥିଲା କିମ୍ବା ପୂର୍ଣ୍ଣ ସାମର୍ଥ୍ୟରେ ଜଙ୍ଗଲ ବଳୟ ବୃଦ୍ଧି କରିପାରି ନଥିଲା ।

# ଅଧ୍ୟାୟ III

# ଅନୁପାଳନ ସମୀକ୍ଷା

# ଅଧ୍ୟାୟ III

## ଅନୁପାଳନ ସମୀକ୍ଷା

ସରକାରଙ୍କ ବିଭିନ୍ନ ବିଭାଗ ତଥା ସେମାନଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ମାନଙ୍କର ଅନୁପାଳନ ସମୀକ୍ଷାରୁ ସଂସାଧନ ପରିଚାଳନାରେ ବିଭିନ୍ନ ପ୍ରକାରର ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଥିଲା । ଏଗୁଡ଼ିକ ନିମ୍ନ ଅନୁଚ୍ଛେଦ ମାନଙ୍କରେ ଆଲୋଚିତ ହୋଇଅଛି ।

## ଜଳସମ୍ପଦ ବିଭାଗ

### *3.1 ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟରେ ନିଷ୍ଫଳ ଅର୍ଥବ୍ୟୟ*

**ନଦୀର ସ୍ଲୁଇସ୍ ଗେଟ୍ ନିର୍ମାଣ କାର୍ଯ୍ୟ ରେ ଅନୁପଯୁକ୍ତ ଯୋଜନା ଯୋଗୁଁ ସାତ ଗୋଟି ଗ୍ରାମ ବନ୍ୟା ଜଳ ପ୍ରବେଶ ସୁରକ୍ଷାରୁ ବଞ୍ଚିତ ହେଲେ ଓ ଫସଲ ହାନିର ସମ୍ମୁଖୀନ ହେଲେ । ତେଣୁ ପାଣ୍ଠି ପରିବର୍ତ୍ତନ ଦ୍ୱାରା 1.91 କୋଟି ଟଙ୍କା ବିଶିଷ୍ଟ ଆଡ଼ିବନ୍ଧର ପ୍ରଶସ୍ତୀକରଣ ପାଇଁ କାର୍ଯ୍ୟ ଅନିୟୋଜିତ ବ୍ୟୟ ସହିତ 17.40 କୋଟି ଟଙ୍କାର ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ନିଷ୍ଫଳ ସାବ୍ୟସ୍ତ ହେଲା ।**

ସାତ ଗୋଟି ଗ୍ରାମକୁ ବନ୍ୟା ପ୍ରକୋପ ଏବଂ ଫସଲ ହାନିରୁ ରକ୍ଷା କରିବା ଖପ୍ରାଖାଇ ଠାରୁ ପଞ୍ଚୁପଲ୍ଲୀ ପର୍ଯ୍ୟନ୍ତ ବୈତରଣୀ ଦକ୍ଷିଣ ଆଡ଼ିବନ୍ଧର ଉଦ୍ଦେଶ୍ୟ ଥିଲା । ସାପୁଆ ନଳା, ଯାହାକି ବୈତରଣୀ ନଦୀର ଏକ ଉପନଦୀ ଅଟେ, ତାହାର ଆଡ଼ିବନ୍ଧର ଆର.ଡ଼ି. 13,500 ମି. ଠାରେ 1.60 ମିଟର ଉଚ୍ଚତା ବିଶିଷ୍ଟ ବ୍ୟାରେଲ୍ କାନ୍ଥ ସହିତ ଏକ ନିଷ୍କାସନ




ବୈତରଣୀ ଏବଂ କୁସେଇ ନଦୀ



ଆଂଶିକ ନିର୍ମିତ ସ୍ଲୁଇସ୍‌ର ବ୍ୟାରେଲ୍ କାନ୍ଥ (1987)

ସ୍ଲୁଇସ୍ ଆଂଶିକ ଭାବେ ନିର୍ମିତ ହୋଇଥିଲା । ଆଂଶିକ ଭାବେ1987 ମସିହାରେ ନିର୍ମିତ ଏହି ସ୍ଲୁଇସ୍‌ଟି ବୈତରଣୀ ନଦୀ ଡ଼ାହାଣ ଆଡ଼ିବନ୍ଧର ଶେଷ ଅଂଶରେ ଏବଂ କୁସେଇ ନଦୀ ବାମ ଆଡ଼ିବନ୍ଧ ମଧ୍ୟରେ ଅବସ୍ଥିତ ଥିଲା କିନ୍ତୁ ଏହା ଉଭୟ ଆଡ଼ିବନ୍ଧକୁ ସଂଯୋଗ କରୁନଥିଲା । ଏହି ଭାବରେ ଉଭୟ ଆଡ଼ିବନ୍ଧ ମଧ୍ୟରେ ଥିବା ଫାଙ୍କ 34 ବର୍ଷ ଧରି ନିରନ୍ତର ରହିଥିଲା, ଯେଉଁ ଫାଙ୍କ ଦେଇ ବନ୍ୟା ଜଳ ଗ୍ରାମ ଗୁଡ଼ିକ ଏବଂ ଚାଷ ଜମି ମଧ୍ୟକୁ ପ୍ରବେଶ କରୁଥିଲା । ସ୍ଥାନୀୟ ଜନତା ତଥା ଲୋକ ପ୍ରତିନିଧି ଆୟାକଟ୍ ମଧ୍ୟକୁ ବନ୍ୟାଜଳ ପ୍ରବେଶ ରୋକିବା ନିମନ୍ତେ ଉକ୍ତ ସ୍ଲୁଇସ ଫାଟକର ନିର୍ମାଣ ଦାବୀ କରିଥିଲେ ।

ତଦନୁଯାୟୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ (ସି.ସି.ଇ.), ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ (ଏ.ବି.ପି.), ଶାଳପଡ଼ା କାର୍ଯ୍ୟସ୍ଥଳୀ ଠାରେ ଏକ ସର୍ବେକ୍ଷଣ ଓ ଅନୁସନ୍ଧାନ ସମ୍ପନ୍ନ କରିଥିଲେ ଏବଂ "ନଦୀ କୂଳର ସୁରକ୍ଷା ସହିତ ଖପ୍ରାଖାଇ ଠାରୁ ପଞ୍ଚୁପଲ୍ଲୀ ପର୍ଯ୍ୟନ୍ତ ବୈତରଣୀ ନଦୀର ଡ଼ାହାଣ ପାର୍ଶ୍ୱର ଉତ୍ଥାନ ଓ ସୁଦୃଢ଼ୀକରଣ କାର୍ଯ୍ୟ" ପାଇଁ 16.35 କୋଟି ଟଙ୍କାର ଅଟକଳ

ମଞ୍ଜୁର କରିଥିଲେ (ସେପ୍ଟେମ୍ବର 2015) । ବିଦ୍ୟମାନ ଥିବା ପୁରୁଣା ସ୍ଲୁଇସ୍‌କୁ ସିଲ୍ ସ୍ତର[27] ପର୍ଯ୍ୟନ୍ତ ଭଙ୍ଗା ଯାଇ 1.91 କୋଟି ଟଙ୍କା ବ୍ୟୟ ସହିତ ଏକ ନୂତନ ସ୍ଲୁଇସ୍‌ର ନିର୍ମାଣ କାର୍ଯ୍ୟ ଏହି ଅଟକଳରେ ଅନ୍ତର୍ଭୁକ୍ତ ଥିଲା । ଜୁନ୍ 2016 ରେ 15.79 କୋଟି ଟଙ୍କା ମୂଲ୍ୟରେ ଏହାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ଯାହା ଡ଼ିସେମ୍ବର 2017 ସୁଦ୍ଧା ସମାପ୍ତ ହେବାର ଥିଲା । ମାର୍ଚ୍ଚ 2021 ସୁଦ୍ଧା 17.40 କୋଟି ଟଙ୍କା ବ୍ୟୟ ସହିତ କାର୍ଯ୍ୟଟି ଚାଲୁ ରହିଥିଲା ।

ଏହି କାର୍ଯ୍ୟର ନିଷ୍ପାଦନ ସମୟରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଏ.ବି.ପି. କାର୍ଯ୍ୟସ୍ଥଳୀ ନିରୀକ୍ଷଣ କରିଥିଲେ (ଡ଼ିସେମ୍ବର 2017) ଏବଂ ମତାମତ ଦେଇଥିଲେ ଯେ ପୂର୍ବ ଅନୁମୋଦିତ (1987) ନକ୍ସା ଅନୁଯାୟୀ ନିର୍ମିତ ପୁରୁଣା ସ୍ଲୁଇସ୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇସାରିଥିବାରୁ ପୁନର୍ବାର ମୁଖ୍ୟ ଯନ୍ତ୍ରୀ (ନକ୍ସା)ଙ୍କ ନୂତନ ଅନୁମୋଦନ ଆବଶ୍ୟକ ଅଟେ । ତେଣୁ, ସିଲ୍ ସ୍ତର ଉପରକୁ ଭଙ୍ଗାଯାଇ ପୁରୁଣା ସ୍ଲୁଇସ୍‌ର ଅଂଶ ଉପରେ ନୂତନ ସ୍ଲୁଇସ୍‌ର ନିର୍ମାଣ କରାଯିବା ଅନୁଚିତ୍ । ସେ ଏହି ପ୍ରକଳ୍ପରୁ ସ୍ଲୁଇସ୍‌ର ନିର୍ମାଣକୁ ବାଦ୍ ଦେବା ପାଇଁ ନିର୍ଦ୍ଦେଶ ଦେଲେ । ଇତି ମଧ୍ୟରେ, ନିର୍ବାହୀ ଯନ୍ତ୍ରୀ (ଇ.ଇ.), ବୈତରଣୀ ବିଭାଜନ, ଶାଳପଡ଼ା ଆଡ଼ିବନ୍ଧ ଠାରେ ଅତ୍ୟଧିକ ଟ୍ରାଫିକ୍ ଭିଡ଼ ଯୋଗୁ ସ୍ଥାନୀୟ ଲୋକଙ୍କ ଦାବୀକୁ ଦୃଷ୍ଟିରେ ରଖି ଆଡ଼ିବନ୍ଧର ଉପର ପୃଷ୍ଠର 5.5 ମି. ରୁ 6.5 ମି. ପର୍ଯ୍ୟନ୍ତ ପ୍ରଶସ୍ତୀକରଣ ନିମନ୍ତେ ଅଟକଳ ପାଇଁ ପ୍ରସ୍ତାବ ଦେଲେ । ଜାନୁଆରୀ 2017 ରେ ସ୍ଲୁଇସ୍ ନିର୍ମାଣ କାର୍ଯ୍ୟ ନିମିତ୍ତ ଆବଣ୍ଟିତ 1.91 କୋଟି ଟଙ୍କାର ପାଣ୍ଠିକୁ ଅନ୍ୟତ୍ର ବ୍ୟୟ ହେବା ନିମିତ୍ତ ଏହି ପ୍ରସ୍ତାବକୁ ସି.ସି.ଇ. ଅନୁମୋଦନ ଦେଲେ ।

ଏହି ପରିପ୍ରେକ୍ଷୀରେ, ସମୀକ୍ଷା ଅବଲୋକନ କଲା ଯେ :

- ଯେହେତୁ ଆଡ଼ିବନ୍ଧର ଉପର ପୃଷ୍ଠର 5.5 ମି. ରୁ 6.5 ମି. ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କାର୍ଯ୍ୟ ସମ୍ପନ୍ନ କରାଯିବା ଲାଗି ପୂର୍ବରୁ କୌଣସି ଅର୍ଥର ଆବଣ୍ଟନ ହୋଇ ନଥିଲା, ତେଣୁ ସ୍ଲୁଇସ୍ ନିର୍ମାଣ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଏହି କାର୍ଯ୍ୟରେ ନିୟୋଜିତ କରାଯିବା ଅନିୟମିତ ଥିଲା ।
- ପୁରୁଣା ସ୍ଲୁଇସ୍‌ର ନିର୍ମାଣ ବର୍ଷର ତଥ୍ୟ ସି.ସି.ଇ ଙ୍କ ଠାରେ ଉପଲବ୍ଧ ଥିଲା । ଅଟକଳର ମଞ୍ଜୁରୀ ପୂର୍ବରୁ ଉପଯୁକ୍ତ ସର୍ବେକ୍ଷଣ କରାଯାଇ ପୁରୁଣା ସ୍ଲୁଇସ୍‌ର ସିଲ୍ ସ୍ତର ପର୍ଯ୍ୟନ୍ତ ଭଙ୍ଗାଯାଇ ଏହା ଉପରେ ନୂଆ ସ୍ଲୁଇସ୍‌ର ନିର୍ମାଣର ଯଥାର୍ଥତା ସୁନିଶ୍ଚିତ କରିବା ଆବଶ୍ୟକ ଥିଲା । କିନ୍ତୁ ଏଥିରୁ ଏହା ସ୍ପଷ୍ଟ ହେଲା ଯେ ଏହି ପ୍ରକଳ୍ପର ସମ୍ପାଦନ ବେଳେ ନୂତନ ସ୍ଲୁଇସ୍‌ର ନିର୍ମାଣ କାର୍ଯ୍ୟକୁ ଏଥିରେ ନିଷ୍ପାଦନ କରାଯାଇ ନ ଥିଲା, କାରଣ ସି.ସି.ଇ ଅନୁମୋଦିତ ଅଟକଳଟି ନିଷ୍ପାଦନ ଯୋଗ୍ୟ ନକ୍ସା ଓ ଚିତ୍ର ଉପରେ ଆଧାରିତ ନ ଥିଲା ।
- ଉଭୟ ଆଡ଼ିବନ୍ଧ ମଧ୍ୟରେ ଥିବା ଖାଲି ସ୍ଥାନ ଦେଇ ଗ୍ରାମଗୁଡ଼ିକୁ ଓ ଚାଷ ଜମି ଭିତରକୁ ବନ୍ୟା ଜଳର ପ୍ରବେଶ ରୋକିବା ନିମନ୍ତେ ନୂତନ ସ୍ଲୁଇସ୍ ନିର୍ମାଣର ଯୋଜନା କରାଯାଇଥିଲା । ଯେହେତୁ ନୂତନ ସ୍ଲୁଇସ୍ ନିର୍ମାଣ ସମ୍ପନ୍ନ ହୋଇପାରିଲା ନାହିଁ, ଏହି ବ୍ୟବଧାନ ଅପରିବର୍ତ୍ତିତ ରହିଲା । ଏହି ଭାବରେ, ଗ୍ରାମଗୁଡ଼ିକୁ ଓ ଚାଷ ଜମି ମଧ୍ୟକୁ ବନ୍ୟା ଜଳ ମାଡ଼ି ଆସିବାର ଯଥେଷ୍ଟ ଆଶଙ୍କା ରହିଲା ।

ଏହିପରି, ସାତ ଗୋଟି ଗ୍ରାମର ଆୟାକଟ୍‌କୁ ବନ୍ୟା ଦାଉରୁ ସୁରକ୍ଷା ଯୋଗାଇ ଦେବାର ମୂଳ ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ ଏବଂ 1.91 କୋଟି ଟଙ୍କାରେ ଆଡ଼ିବନ୍ଧର ପ୍ରଶସ୍ତୀକରଣ କାର୍ଯ୍ୟରେ ଅନିୟମିତ ବ୍ୟୟ ସହିତ 17.40 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହେଲା ।

ସରକାର ଜଣାଇଲେ (ସେପ୍ଟେମ୍ବର 2021) ଯେ, ଯେହେତୁ ନିଷ୍କାସନ ସ୍ଲୁଇସ୍‌ଟି 30 ବର୍ଷ ପୂର୍ବରୁ ନିର୍ମିତ ହୋଇଥିଲା ଏବଂ ଏହି ନିର୍ମିତ ଆକୃତିଟି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ବୈଷୟିକ ଦୃଷ୍ଟିକୋଣରୁ ସ୍ଲୁଇସ୍ ନିର୍ମାଣ ଯଥାର୍ଥ ନୁହେଁ, ନୂତନ ହାଇଡ୍ରୋଲିକ୍ ତଥ୍ୟ ଆଧାରରେ ଅନ୍ୟ ଏକ ନକ୍ସାକୁ ଅନୁମୋଦନ ମିଳିସାରିଛି ଏବଂ ସ୍ଲୁଇସ୍ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରାଯିବ । ଏହି ଉତ୍ତରଟି ହିଁ ଯୋଜନାର ଅଭାବକୁ ଦର୍ଶାଉଥିଲା, ଯେହେତୁ, ଅଟକଳ ପ୍ରସ୍ତୁତି ଏବଂ ସ୍ଲୁଇସ ର ନିର୍ମାଣ ପାଇଁ 1.91 କୋଟି ଟଙ୍କାର ମଞ୍ଜୁରି ସମୟରେ ନିଷ୍କାସନ ସ୍ଲୁଇସ ର ଆୟୁ, ନୂତନ ହାଇଡ୍ରୋଲିକ୍ ତଥ୍ୟ ଇତ୍ୟାଦି କାରଣ କୁ ବିଚାର କରାଯାଇନଥିଲା । ଏହି ଅନୁପଯୁକ୍ତ ଯୋଜନା ଲାଗି ଆଡିବନ୍ଧର ପ୍ରଶସ୍ତୀକରଣ କାର୍ଯରେ ଅନାବଶ୍ୟକ ଅର୍ଥବ୍ୟୟ ହେଲା ।

---

[27] ସିଲ ସ୍ତର କେନାଲ ସ୍ଲୁଇସ୍ (ଗୁଡ଼ିକ)ର ନିମ୍ନ ଭାଗକୁ ସୂଚାଇ ଥାଏ ଏବଂ ଏହା ସେହି ସ୍ତର ଯେଉଁଠାରୁ ଗଚ୍ଛିତ ଜଳ ମାଧ୍ୟାକର୍ଷଣ ବଳ ଦ୍ୱାରା ଜଳ ପ୍ରବାହିତ ହୋଇ ନିଷ୍କାସିତ ହୋଇ ପାରିବ । ସିଲ ସ୍ତରର ଉପରେ ଜମା ହେଉଥିବା ଅଂଶକୁ ଜୀବନ୍ତ ସଂଗ୍ରହ ଏବଂ ନିମ୍ନ ଅଂଶକୁ ମୃତ ସଂଗ୍ରହ କୁହାଯାଏ ।

## 3.2 ଠିକାଦାର ମାନଙ୍କୁ ଅଗ୍ରାହ୍ୟ ବର୍ଦ୍ଧିତ ଦରରେ ଅର୍ଥ ପ୍ରଦାନ

**ସାମଗ୍ରୀ, ଶ୍ରମ ଏବଂ ପି.ଓ.ଏଲ. ର ଦର ବୃଦ୍ଧିର ଦେୟ ପ୍ରଦାନ / ବ୍ୟବସ୍ଥାପନ ସମ୍ବନ୍ଧୀୟ ଦର ପରିବର୍ତ୍ତନ/ ବୃଦ୍ଧି ଆଦେଶ କୁ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନାକଚ କରିଥିଲେ । ଏହି ଆଦେଶକୁ ଉଲ୍ଲଂଘନ କରି, ଦୁଇ ନିର୍ବାହୀ ଯନ୍ତ୍ରୀ ଦର ବୃଦ୍ଧି ବାବଦରେ 90.12 କୋଟି ଟଙ୍କା ପ୍ରଦାନ କରିଥିଲେ ।**

ବିଭିନ୍ନ ନିବେଶ ଦ୍ରବ୍ୟ ଯଥା ସର୍ବନିମ୍ନ ମଜୁରୀ ଦର, ସାମଗ୍ରୀ, ପେଟ୍ରାଲ୍, ତୈଳ, ଲୁବ୍ରିକାଣ୍ଟ (ପି.ଓ.ଏଲ.) ଇତ୍ୟାଦିର ମୂଲ୍ୟ ବୃଦ୍ଧି/ ହ୍ରାସ ଘଟିଲେ, ଦର ବୃଦ୍ଧି ସମୟରେ ଠିକାଦାରଙ୍କୁ କ୍ଷତି ପୂରଣ କିମ୍ବା ସରକାରଙ୍କୁ ରିହାତି ବ୍ୟବସ୍ଥା ପାଇଁ ଓଡ଼ିଶା ସରକାର (ଜି.ଓ.ଓ.) ମୂଲ୍ୟର ସମାଯୋଜନ ପାଇଁ ସମୟାନୁଯାୟୀ ଆଦେଶ ଜାରୀ କରିଥାନ୍ତି ଯାହାକି ଚୁକ୍ତିନାମା ପରିସର ନିୟମାବଳୀ/ ସର୍ତ୍ତାବଳୀର ଅଂଶ ବିଶେଷ ଅଟେ ।

କାର୍ଯ୍ୟ ଚୁକ୍ତିନାମାରେ ସିମେଣ୍ଟ, ଇସ୍ପାତ୍ ଏବଂ ବିଟୁମେନ୍ ଅଂଶର ମୂଲ୍ୟ ବିବିଧତା ହେତୁ ଅର୍ଥ ପ୍ରଦାନ/ ଅର୍ଥ ଅସୁଲି ସମ୍ବନ୍ଧରେ ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର ଏକ ପରିପତ୍ର ଜାରୀ କରିଥିଲେ (ଏପ୍ରିଲ୍ 2007), ଯେଉଁଥିରେ ବିଶେଷତଃ ଦର୍ଶାଯାଇଛି ଯେ ମୂଲ୍ୟ ହ୍ରାସ କ୍ଷେତ୍ରରେ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଠିକାଦାରଙ୍କ ଠାରୁ ତ୍ୱରିତ୍ ଭାବରେ ଅର୍ଥର ଅସୁଲି କରାଯିବ ଏବଂ 50,000 ଟଙ୍କାରୁ ଅଧିକ ମୂଲ୍ୟର ଅର୍ଥ ପ୍ରଦାନ ପାଇଁ ସରକାର ତଥା 50,000 ଟଙ୍କାରୁ କମ୍ ମୂଲ୍ୟର ଅର୍ଥ ପ୍ରଦାନ ପାଇଁ ସର୍ବୋଚ୍ଚ ଯନ୍ତ୍ରୀ/ ମୁଖ୍ୟ ଯନ୍ତ୍ରୀଙ୍କ ଠାରୁ ପୂର୍ବ ଅନୁମୋଦନ ପ୍ରାପ୍ତ କରାଯିବ ।

ଅଖିଳ ଓଡ଼ିଶା ଠିକାଦାର ସଂଘ ଉପରୋକ୍ତ ମୂଲ୍ୟ ବିବିଧତା ପରିପତ୍ର ବିରୋଧରେ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଠାରେ ଅପିଲ୍ କରିଥିଲେ । ଇସ୍ପାତ୍, ସିମେଣ୍ଟ, ବିଟୁମେନ୍, ଶ୍ରମ ଏବଂ ପି.ଓ.ଏଲ୍. ଇତ୍ୟାଦିର ମୂଲ୍ୟ ବୃଦ୍ଧି କ୍ଷେତ୍ରରେ ଠିକାଦାର/ କାର୍ଯ୍ୟ ନିର୍ବାହୀ ସଂସ୍ଥା ମାନଙ୍କୁ ବିଭେଦାତ୍ମକ ମୂଲ୍ୟର ଦେୟ ପ୍ରଦାନ କରାଯିବା ପାଇଁ ହୋଇଥିବା ପରିପତ୍ରକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପକ୍ଷପାତ ପୂର୍ଣ୍ଣ ଏବଂ ଅଯୌକ୍ତିକ ଆଧାରରେ ଜୁଲାଇ 2012 ରେ ନାକଚ କଲେ । ଏହା ମଧ ପରିଲକ୍ଷିତ ହୋଇଥିଲା ଯେ, ଏହି ଦର ବିବିଧତା ପରିପତ୍ର ଯୋଗୁ କାର୍ଯ୍ୟର ନିଷ୍ପାଦନରେ ଠିକାଦାର ମାନେ ଆର୍ଥିକ କ୍ଷତି ସହିଥିଲେ । ଏହାପରେ, ସମାନ ଧାରାରେ, ଦର ବିବିଧତା କାରଣରୁ ଦେୟ ପ୍ରଦାନ/ ବିଭେଦାତ୍ମକ ମୂଲ୍ୟର ଅସୁଲି ସମ୍ବନ୍ଧରେ ବିସ୍ତୃତ ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି (ଡ଼ି.ଟି.ସି.ଏନ୍.)/ ଚୁକ୍ତିନାମାର ସର୍ତ୍ତାବଳୀରେ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇ ଓଡ଼ିଶା ସରକାର ଅନ୍ୟ ଏକ କାର୍ଯ୍ୟାଳୟ ସ୍ମାରକ (ଓ.ଏମ୍.) ଜାରୀ କରିଥିଲେ (ଡ଼ିସେମ୍ବର 2012) ।

ଡିସେମ୍ବର 2012 ର କାର୍ଯ୍ୟାଳୟ ସ୍ମାରକ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରେ ଚ୍ୟାଲେଞ୍ଜ ହେଲା (ସେପ୍ଟେମ୍ବର 2016) । ମାନ୍ୟବର ଉଚ୍ଚ ନ୍ୟାୟାଳୟ ତାଙ୍କର ରାୟରେ ଏହି କାର୍ଯ୍ୟାଳୟ ସ୍ମାରକକୁ ନାକଚ କଲେ (ମଇ 2018) ଏବଂ ଦର୍ଶାଇଲେ ଯେ ଏହା ପୂର୍ବବର୍ତ୍ତୀ ପରିପତ୍ର (ଏପ୍ରିଲ୍ 2007) ର କେବଳ ସଂଶୋଧନ ଅଟେ ଯାହା ପୂର୍ବରୁ ନାକଚ ହୋଇସାରିଛି । ଡ଼ିସେମ୍ବର 2012 ରେ ଜାରୀ ହୋଇଥିବା କାର୍ଯ୍ୟାଳୟ ସ୍ମାରକ ଆଧାରରେ ଠିକାଦାର ମାନଙ୍କ ବିଲ୍‌ରୁ ହୋଇଥିବା କୌଣସି ବିଯୁକ୍ତି କିମ୍ବା ଠିକାଦାରମାନଙ୍କୁ ପ୍ରଦାନ କରାଯାଇଥିବା ଅତିରିକ୍ତ ଅର୍ଥର ପରିସ୍ଥିତି ମୁତାବକ ଫେରସ୍ତ/ ବ୍ୟବସ୍ଥାପନ କରାଯିବା ସମ୍ବନ୍ଧୀୟ ଅନୁଦେଶ ଯୋଗ କରାଯିବା ସହିତ ଏକ ନୂତନ ପରିପତ୍ର ଜାରୀ କରାଯିବା ନିମନ୍ତେ ମଧ ମାନ୍ୟବର ଅଦାଲତ୍ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ, ପୂର୍ତ୍ତ ବିଭାଗ ନଭେମ୍ବର 2019 ରେ ଏକ ନୂତନ କାର୍ଯ୍ୟାଳୟ ସ୍ମାରକ ଜାରୀ କରିଥିଲେ ।

ମେଗା ଲିଫ୍‌ଟ ପ୍ରକଳ୍ପର ବିଭାଜନ ଗୁଡ଼ିକର ନିର୍ବାହୀ ଯନ୍ତ୍ରୀ ମାନେ ଚାରିଗୋଟି କ୍ଲଷ୍ଟର ଅଧୀନରେ ଡ଼ିସେମ୍ବର 2015 ରୁ ଡ଼ିସେମ୍ବର 2016 ମଧ୍ୟରେ 48 ଗୋଟି ମେଗା ଲିଫ୍‌ଟ ପ୍ରକଳ୍ପ ନିମନ୍ତେ 1,631.65 କୋଟି ଟଙ୍କାର କାର୍ଯ୍ୟ ପ୍ରଦାନ କରିଥିଲେ ଏବଂ ଏହା ଜୁନ 2018 ଏବଂ ଜୁନ 2019 ମଧ୍ୟରେ ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା । ଜାନୁଆରୀ 2020 ସୁଦ୍ଧା ଏହି କାର୍ଯ୍ୟଗୁଡ଼ିକ ଚାଲୁ ରହିଥିଲା ଏବଂ ଠିକାଦାର ମାନଙ୍କୁ ଏଥିପାଇଁ 1,431.88 କୋଟି ଟଙ୍କା ପ୍ରଦାନ କରାଯାଇ ସାରିଥିଲା । ଉପରୋକ୍ତ କାର୍ଯ୍ୟ ଗୁଡିକର ଟେଣ୍ଡର ସମୀକ୍ଷା ଦ୍ୱାରା ଯାଞ୍ଚ କରାଯାଇଥିଲା । ଏହା ଦେଖାଗଲା ଯେ, ଉପରୋକ୍ତ ଚାରୋଟି କ୍ଲଷ୍ଟର ମଧ୍ୟରୁ ଦୁଇଟି କ୍ଲଷ୍ଟରର ମେଗାଲିଫ୍ଟ ପ୍ରକଳ୍ପ ଡିସେମ୍ବର 2016 ରେ ପ୍ରଦାନ କରାଯାଇଥିଲା ଯାହା ଡିସେମ୍ବର 2012 ର କାର୍ଯ୍ୟାଳୟ ସ୍ମାରକ ସେପ୍ଟେମ୍ବର 2016 ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ ପରେ ପ୍ରଦାନ ହୋଇଥିଲା । ଚ୍ୟାଲେଞ୍ଜ ହେବା ସତ୍ତ୍ୱେ ଦର ବିବିଧତା ଧାରା ଗୁଡ଼ିକ ବିଭାଗ ଦ୍ୱାରା ଟେଣ୍ଡର/ ଚୁକ୍ତିନାମାରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ସମୀକ୍ଷା ଯାଞ୍ଚରୁ ଜଣାଗଲା ଯେ, ଡ଼ିସେମ୍ବର 2012 ରେ ଜାରୀ ହୋଇଥିବା କାର୍ଯ୍ୟାଳୟ ସ୍ମାରକ ଆଧାରରେ ଦର ବିବିଧତା ବାବଦରେ ଠିକାଦାର ମାନଙ୍କୁ 90.12 କୋଟି ଟଙ୍କା ପ୍ରଦାନ କରାଯାଇ ସାରିଥିଲା । ଯେହେତୁ ସେହି ସମସ୍ତ କାର୍ଯ୍ୟ ଗୁଡ଼ିକ ନଭେମ୍ବର 2019 ର ସାନି କାର୍ଯ୍ୟାଳୟ ସ୍ମାରକ ଜାରୀ ହେବା ପୂର୍ବରୁ ସମ୍ପନ୍ନ ହୋଇଥିଲା, ଡ଼ିସେମ୍ବର 2012 ର କାର୍ଯ୍ୟାଳୟ ସ୍ମାରକ ଯାହା ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ନାକଚ ହୋଇ ଯାଇଥିଲା, ସେହି ସ୍ମାରକ ଅନୁଯାୟୀ ମୂଲ୍ୟ ବୃଦ୍ଧି ବାବଦରେ 90.12 କୋଟି ଟଙ୍କାର ଅର୍ଥ ପ୍ରଦାନ ଅଦାଲତ ଆଦେଶର ଅବମାନନା ଅଟେ ଏବଂ ଏହାର ଅସୁଲି ଆବଶ୍ୟକ ।

ସରକାର ଜଣାଇଲେ (ଅଗଷ୍ଟ 2021) ଯେ 7 ମଇ 2018 ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ରାୟ ଘୋଷଣା ହେବା ପୂର୍ବରୁ ସଂପୃକ୍ତ ବିଭାଗ ଚୁକ୍ତିନାମା ସର୍ତ୍ତାନୁଯାୟୀ ବର୍ଦ୍ଧିତ ମୂଲ୍ୟ ପ୍ରଦାନ କରିଥିଲେ । କିନ୍ତୁ ସରକାରଙ୍କ ଏହି ଉତ୍ତର ତଥ୍ୟ ଉପରେ ଆଧାରିତ ନୁହେଁ ଯେହେତୁ ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା 90.12 କୋଟି ଟଙ୍କା ଅର୍ଥ ମଧ୍ୟରୁ, 13.37 କୋଟି ଟଙ୍କା ମୂଲ୍ୟ ବିବିଧତା ବାବଦରେ ମଇ 2018 ପୂର୍ବରୁ ଯେତେବେଳେ ଓ.ଏମ୍. ଡ଼ିସେମ୍ବର 2012 ଟି ଚ୍ୟାଲେଞ୍ଜରେ ଥିଲା ସେତେବେଳେ ପ୍ରଦାନ କରାଯାଇଥିଲା ଏବଂ 76.75 କୋଟି ଟଙ୍କା ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ରାୟ (ମଇ 2018) ପରେ ମାନ୍ୟବର ଉଚ୍ଚ ନ୍ୟାୟଳୟଙ୍କ ରାୟକୁ ଉଲ୍ଲଂଘନ କରି ପ୍ରଦାନ କରାଯାଇଥିଲା । ଯାହାହେଉ, ସମୀକ୍ଷା ଅବଲୋକନ କଲା ଯେ, କାର୍ଯ୍ୟାଳୟ ଜ୍ଞାପକ ଜାରୀ ହେବା ଦିନ ଠାରୁ ଡ଼ି.ଟି.ସି.ଏନ୍./ ଚୁକ୍ତିନାମା ଅନୁଯାୟୀ ମୂଲ୍ୟ ସମାଯୋଜନ ଦାବୀଗୁଡ଼ିକୁ ବ୍ୟବସ୍ଥିତ କରିବା ଲାଗି, ସରକାର 19.11.2019 ରେ ଏକ କାର୍ଯ୍ୟାଳୟ ଜ୍ଞାପକ ଜାରୀ କରିଥିଲେ, ଯାହା 07.07.2012 ରୁ 18.11.2019 ପର୍ଯ୍ୟନ୍ତ ଅବଧିକୁ ପୂର୍ବବର୍ତ୍ତୀ ଭାବେ ଲାଗୁ କରାଯିବା ପାଇଁ, 07.06.2021 ରେ ପୁନର୍ବାର ସଂଶୋଧିତ ହୋଇଥିଲା, ଯାହା ମଇ 2018 ରେ ଜାରୀ ହୋଇଥିବା କୋର୍ଟ ଆଦେଶର ଉଲଘଂନ କରୁଥିଲା ।

## 3.3 ଏକ ନିଗମକୁ ଅନୁଚିତ୍ ଲାଭ ପ୍ରଦାନ

**ତତ୍ତ୍ୱାବଧାନ ଖର୍ଚ୍ଚ ବାବଦରେ ଗ୍ରହଣ ଯୋଗ୍ୟ 10 ପ୍ରତିଶତ ପରିବର୍ତ୍ତେ 15 ପ୍ରତିଶତ ହାରରେ ଅର୍ଥ ପ୍ରଦାନ କରାଯିବାରୁ ଏକ ନିଗମକୁ 18.57 କୋଟି ଟଙ୍କାର ଅତିରିକ୍ତ ଦେୟ ପ୍ରଦାନ କରାଗଲା ।**

ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର କାର୍ଯ୍ୟ ନିଷ୍ପାଦନ ପଦ୍ଧତି ସମ୍ବନ୍ଧୀୟ ବିଜ୍ଞପ୍ତି ଜାରୀ କରିଥିଲେ (ସେପ୍ଟେମ୍ବର 2012 ଏବଂ ମଇ 2016), ଯେଉଁଥିରେ ବିଶେଷ ଭାବେ ଦର୍ଶାଯାଇଛି ଯେ ସରକାରୀ ଉଦ୍ୟୋଗ (ପି.ଏସ୍.ୟୁ.) ମାନଙ୍କ ଦ୍ୱାରା କୌଣସି କାର୍ଯ୍ୟର ସମ୍ପାଦନ ପାଇଁ ସମସ୍ତ ସରକାରୀ ପ୍ରକଳ୍ପ ଗୁଡ଼ିକର ଅଟକଳର ପ୍ରସ୍ତୁତି ପି.ଏସ୍.ୟୁ ମାନଙ୍କ ଦ୍ୱାରା ପୂର୍ତ୍ତ ବିଭାଗ (ପି.ଡ଼ବଲ୍ୟୁ.ଡ଼ି.) ପ୍ରଚଳିତ ଦର ଖସଡ଼ା (ଏସ.ଓ.ଆର.) ଆଧାରରେ କରାଯିବ । ଅର୍ଥ ବିଭାଗ, ଓଡ଼ିଶା ସରକାର ମଧ୍ୟ ନିର୍ଦ୍ଦେଶ ଦେଇଥିଲେ (ଫେବୃଆରୀ 2011) ଯେ ରାଜ୍ୟର ସରକାରୀ କାର୍ଯ୍ୟରେ ତତ୍ତ୍ୱାବଧାନ ଖର୍ଚ୍ଚ ବାବଦରେ ପି.ଏସ୍.ୟୁ. ଙ୍କୁ ଦିଆଯାଉଥିବା ଅର୍ଥ 10 ପ୍ରତିଶତରେ ସୀମିତ ରଖାଯିବ ।

ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ଼୍ (ଓ.ସି.ସି.ଏଲ.) ଯାହାକି ଏକ ରାଜ୍ୟ ପି.ଏସ.ୟୁ., “ମହାନଦୀ ବ୍ୟାରେଜର ଉପରି ଭାଗରେ ଶୋଲ୍‌ର ଅପସାରଣ” କାର୍ଯ୍ୟ ନିମନ୍ତେ 256.94 କୋଟି ଟଙ୍କାର ବୈଷୟିକ ମଞ୍ଜୁରୀ ପ୍ରଦାନ କରିଥିଲେ (ଫେବୃଆରୀ 2016) । ଏହି କାର୍ଯ୍ୟଟି ଏମ୍.ଓ.ୟୁ. ର ବ୍ୟବସ୍ଥା ସହିତ, 15 ପ୍ରତିଶତ ତତ୍ତ୍ୱାବଧାନ ଖର୍ଚ୍ଚ (38.93 କୋଟି ଟଙ୍କା) ଏବଂ 2.57 କୋଟି ଟଙ୍କାର ଜରୁରୀ କାଳୀନ ଦେୟ (ଏକ ପ୍ରତିଶତ) ସହିତ 298.44 କୋଟି ଟଙ୍କାରେ ଓ.ସି.ସି.ଏଲ.ଙ୍କୁ ଆବଣ୍ଟିତ କରାଗଲା (ଜୁଲାଇ 2016) । କାର୍ଯ୍ୟ ସମାପ୍ତିର ସମୟ ଜାନୁଆରୀ 2019 ଭାବେ ଧାର୍ଯ୍ୟ ହୋଇଥିଲା । ଜୁଲାଇ 2017 ଠାରୁ ସମସ୍ତ କାର୍ଯ୍ୟ ଚୁକ୍ତିନାମାରେ ଜି.ଏସ୍.ଟି. ଲାଗୁ ହେବା ପରେ, ପୂର୍ତ୍ତ ବିଭାଗ ଏସ.ଓ.ଆର. ର ସଂଶୋଧନ କରିଥିଲେ ଯାହା ଦ୍ୱାରା ମୂଳ ଅଟକଳର ମୂଲ୍ୟ 235.75 କୋଟି ଟଙ୍କାକୁ ପରିବର୍ତ୍ତିତ ହୋଇଥିଲା । ଓ.ସି.ସି.ଏଲ. ଅଟକଳର ମୂଲ୍ୟ 323.12 କୋଟି ଟଙ୍କାକୁ ପରିବର୍ତ୍ତିତ କରିଥଲେ ଯେଉଁଥିରେ ଜି.ଏସ୍.ଟି. 42.86 କୋଟି ଟଙ୍କା, ତତ୍ତ୍ୱାବଧାନ ଖର୍ଚ୍ଚ ବାବଦରେ 15 ପ୍ରତିଶତ ହାରରେ 42.15 କୋଟି ଟଙ୍କା ଏବଂ ଜରୁରୀକାଳୀନ ଖର୍ଚ୍ଚ ବାବଦରେ 2.36 କୋଟି ଟଙ୍କାର ବ୍ୟବସ୍ଥା ହୋଇଥିଲା । ନଭେମ୍ବର 2020 ସୁଦ୍ଧା ଅଦ୍ୟାବଧି 271.31 କୋଟି ଟଙ୍କାର ଅର୍ଥବ୍ୟୟ ସହିତ କାର୍ଯ୍ୟଟି ଚାଲୁ ରହିଥିଲା ।

ସମୀକ୍ଷା ଯାଞ୍ଚରୁ ଜଣାଗଲା ଯେ, ଅର୍ଥ ବିଭାଗ ଆଦେଶର ବିରୋଧରେ, ସମ୍ପୃକ୍ତ ବିଭାଗ ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ ଉପରେ ତତ୍ତ୍ୱାବଧାନ ଖର୍ଚ୍ଚ ବାବଦରେ ଗ୍ରାହ୍ୟ 10 ପ୍ରତିଶତ ହାର (23.58 କୋଟି ଟଙ୍କା) ପରିବର୍ତ୍ତେ 15 ପ୍ରତିଶତ ହାରରେ 42.15 କୋଟି ଟଙ୍କା ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ, ଯାହା ଯୋଗୁ 18.57 କୋଟି ଟଙ୍କାର ଅତିରିକ୍ତ ଅର୍ଥପ୍ରଦାନ କରିବାର ଦାୟିତ୍ୱ ପଡ଼ିଥିଲା । ଏଥି ମଧ୍ୟରୁ, ନିଗମକୁ ଏପର୍ଯ୍ୟନ୍ତ 4.28 କୋଟି ଟଙ୍କା ପ୍ରଦାନ କରାଯାଇ ସାରିଅଛି ଯାହା ନିଗମର ବିନିଯୋଗ ପ୍ରମାଣପତ୍ରରୁ ଜଣାପଡ଼ିଲା ।

ସମୀକ୍ଷା ଏହା ଦର୍ଶାଇବାରୁ (ସେପ୍ଟେମ୍ବର 2020) ସରକାର ଏହାର ତଥ୍ୟାତ୍ମକ ସତ୍ୟତାକୁ ସ୍ୱୀକାର କଲେ ଏବଂ ଅକ୍ଟୋବର 2020 ରେ ଜଣାଇଲେ ଯେ , ନିଗମକୁ ପ୍ରଦାନ କରାଯାଇଥିବା ଅତିରିକ୍ତ ଅର୍ଥ ରାଶି ପରବର୍ତ୍ତୀ ବିଲ୍ ଗୁଡ଼ିକ ପ୍ରଦାନ କରିବା ସମୟରେ ବ୍ୟବସ୍ଥିତ କରାଯିବ ।

## *3.4 ନିଷ୍ଫଳ ଅର୍ଥବ୍ୟୟ*

**ଜମିର ଉପଲବ୍ଧତା ସୁନିଶ୍ଚିତ କରା ନ ଯାଇ ନଦୀ ଆଡ଼ିବନ୍ଧର ଉନ୍ନତିକରଣ କାର୍ଯ୍ୟର ନିଷ୍ପାଦନ କରାଯିବାରୁ କାର୍ଯ୍ୟଟିକୁ ଅଧାରୁ ବନ୍ଦ କରିବାକୁ ପଡ଼ିଲା ଏବଂ ଏଥି ପାଇଁ 9.87 କୋଟି ଟଙ୍କାର ନିଷ୍ଫଳ ଅର୍ଥବ୍ୟୟ ହେଲା ।**

ଓ.ପି.ଡ଼ବ୍ଲ୍ୟୁ.ଡ଼ି. ସଂହିତାର ଅନୁଚ୍ଛେଦ 3.7.4 ରେ ଦର୍ଶାଯାଇଛି ଯେ କୌଣସି ଜମି ଯାହା ଦାୟିତ୍ୱ ସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ହସ୍ତାନ୍ତର କରାଯାଇ ନାହିଁ ସେଠାରେ କୌଣସି ନିର୍ମାଣ କାର୍ଯ୍ୟର ପ୍ରାରମ୍ଭ କରାଯିବା ଉଚିତ୍ ନୁହେଁ । ପୁନଶ୍ଚ, ଜାତୀୟ କୃଷି ଏବଂ ଗ୍ରାମୀଣ ଉନ୍ନୟନ ବ୍ୟାଙ୍କ (ନାବାର୍ଡ଼) ସହାୟତା ଅଧୀନସ୍ଥ ପ୍ରକଳ୍ପ ଗୁଡ଼ିକର ମଞ୍ଜୁରୀ ନିମନ୍ତେ, ସଂପୃକ୍ତ ବିଭାଗ ପ୍ରକଳ୍ପ ସମ୍ବନ୍ଧରେ ଏକ ବିସ୍ତୃତ ସର୍ବେକ୍ଷଣ କରିସାରିବା ପରେ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡ଼ି.ପି.ଆର.) ଦାଖଲ କରିବା ଉଚିତ୍ ।

ଯେହେତୁ ମହାନଦୀ ବାମ ପାର୍ଶ୍ୱରେ ବାଲିପୁଟ ଠାରୁ ଓଡ଼ସିଂଘ ପର୍ଯ୍ୟନ୍ତ 8.50 କି.ମି. ଦୈର୍ଘ୍ୟରେ କୌଣସି ଆଡ଼ିବନ୍ଧ ନ ଥିଲା, ପ୍ରାୟତଃ ପ୍ରତି ଥର ବନ୍ୟାରେ ବନ୍ୟାଜଳ ନିକଟ ବର୍ତ୍ତୀ ଚାଷ ଜମି ଏବଂ ଗ୍ରାମଗୁଡ଼ିକ ମଧ୍ୟକୁ କ୍ଷିପ୍ର ଗତିରେ ମାଡ଼ି ଆସୁଥିଲା । ଏହି ସମସ୍ତ ଗ୍ରାମ ଗୁଡ଼ିକୁ ମହାନଦୀ ଅବବାହିକାରେ ଆସୁଥିବା ବନ୍ୟା ଦାଉରୁ ରକ୍ଷା କରିବା ପାଇଁ, ନାବାର୍ଡ଼ ଏହି କାର୍ଯ୍ୟ ପାଇଁ ଋଣ ସହାୟତା ମଞ୍ଜୁର କରିଥିଲେ । ତଦନୁଯାୟୀ, ମୁଖ୍ୟ ଯନ୍ତ୍ରୀ, ବନ୍ୟା ନିୟନ୍ତ୍ରଣ ଏବଂ ବେସିନ୍ ପ୍ରବନ୍ଧକ, ନିମ୍ନ ମହାନଦୀ ବେସିନ୍, "କ୍ଷୟ ହୋଇଯାଇଥିବା ନଦୀ କୂଳର ସୁରକ୍ଷା ସହିତ ବାଲିପୁଟ ଠାରୁ ଓଡ଼ସିଂଘ ପର୍ଯ୍ୟନ୍ତ ମହାନଦୀ ବାମ ଆଡ଼ିବନ୍ଧର ଉନ୍ନତିକରଣ" କାର୍ଯ୍ୟ ଲାଗି ଜୁଲାଇ 2015 ରେ 20.28 କୋଟି ଟଙ୍କା ଅଟକଳ ମୂଲ୍ୟର ବୈଷୟିକ ମଞ୍ଜୁରୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟ ଲାଗି ନଭେମ୍ବର 2016 ରେ 17.07 କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ଯାହା ନଭେମ୍ବର 2018 ସୁଦ୍ଧା ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା ।

ଅଟକଳ ପ୍ରସ୍ତୁତି ସମୟରେ ବିଭାଜନ ଅଧିକାରୀ ଏହା ଅନୁପ୍ରମାଣିତ କରିଥିଲେ ଯେ କାର୍ଯ୍ୟର ସମ୍ପାଦନ ନିମନ୍ତେ ସରକାରୀ ଜମି ଉପଲବ୍ଧ ଥିଲା ଏବଂ ଜମି ଅଧି ଗ୍ରହଣର ଆବଶ୍ୟକତା ନ ଥିଲା । ଯାହାହେଉ, ତଥ୍ୟା ବଳୀର ଯାଞ୍ଚରୁ ଜଣାଗଲା ଯେ, ସରକାରୀ ଜମି ଉପଲବ୍ଧ ନ ଥବାରୁ ଠିକାଦାର ଆର.ଡ଼ି. 3626 ମି. ଠାରୁ 5490 ମି. ଏବଂ 7270 ମି. ଠାରୁ 8100 ମି. ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦିତ କରି ପାରି ନ ଥିଲେ । ଏହା ବ୍ୟତୀତ, ଘରୋଇ ଜମି ମାଲିକ ମାନେ ମଧ୍ୟ ସେମାନଙ୍କ ନିଜ ଜମିରେ ଆଡ଼ି ବନ୍ଧ ନିର୍ମାଣର ବିରୋଧ କରୁଥିଲେ । ସେଥିପାଇଁ, 9.87 କୋଟି ଟଙ୍କାର କାର୍ଯ୍ୟ ନିଷ୍ପାଦନ ପରେ ଏହି ଚୁକ୍ତିନାମାକୁ ବନ୍ଦ କରିବା ନିମନ୍ତେ ରାଜ୍ୟ ସରକାର ଫେବୃଆରୀ 2019 ରେ ନିଷ୍ପତ୍ତି ନେଲେ ଯେଉଁଥିରେ 2.69 କି.ମି. ର ଦୈର୍ଘ୍ୟ ନିଷ୍ପାଦିତ ହୋଇପାରି ନ ଥିଲା ।

ଯେହେତୁ ନିର୍ବାହୀ ଯନ୍ତ୍ରୀ ଡ଼ି.ପି.ଆର. ପ୍ରସ୍ତୁତି ସମୟରେ ଉପଯୁକ୍ତ ସର୍ବେକ୍ଷଣ ଦ୍ୱାରା ଜମିର ଉପଲବ୍ଧତା ସୁନିଶ୍ଚିତ କରିନଥିଲେ ଏବଂ ଡ଼ି.ପି.ଆର. ପ୍ରସୁତି ସମୟରେ ଅଧିଗ୍ରହଣ ହେବାକୁ ଥିବା ଘରୋଇ ଜମିର ପରିମାଣ ଆକଳନ କରିବାରେ ବିଫଳ ହୋଇଥିଲେ, ତେଣୁ କାର୍ଯ୍ୟଟିକୁ ଅଧାରୁ ବନ୍ଦ କରିବାକୁ ପଡ଼ିଥିଲା ଏବଂ 9.87 କୋଟି ଟଙ୍କା ର ଅର୍ଥ ବ୍ୟୟ ସତ୍ତ୍ୱେ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକୁ ବନ୍ୟା ଦାଉରୁ ରକ୍ଷା କରାଯିବା ସୁନିଶ୍ଚିତ କରାଯାଇ ପାରିଲା ନାହିଁ । ତେଣୁ, ଉକ୍ତ ଅର୍ଥବ୍ୟୟ ନିଷ୍ଫଳ ସାବ୍ୟସ୍ତ ହେଲା ।

ସମୀକ୍ଷା ଏହା ଦର୍ଶାଇବାରୁ, ସରକାର ଜଣାଇଲେ (ଜୁଲାଇ 2021) ଯେ, କାର୍ଯ୍ୟର ନିଷ୍ପାଦନ ସମୟରେ, ଜଙ୍ଗଲ ଏବଂ ପରିବେଶ ବିଭାଗ ବାଲିପୁଟ ଠାରେ ଇକୋ-ପର୍ଯ୍ୟଟନ ରିଟ୍ରିଟ୍ ପ୍ରକଳ୍ପ ପ୍ରାରମ୍ଭ କଲେ, ଯାହା ଫଳରେ ଜମିର ଚାହିଦା

ଦ୍ରୁତ ଗତିରେ ବଢ଼ିବାରେ ଲାଗିଲା ଏବଂ ଲୋକେ ଆଡ଼ିବନ୍ଧ କାର୍ଯ୍ୟ ଲାଗି କ୍ଷତି ପୂରଣ ଦାବୀ କରିବା ଆରମ୍ଭ କଲେ ଏବଂ ଏହାଦ୍ୱାରା ନିଜର ଜମି ନ ଯୋଗାଇବା ସହିତ ଅସହଯୋଗ ପ୍ରଦର୍ଶନ କଲେ ।

ଏହି ଉତ୍ତରଟି ଗ୍ରହଣୀୟ ନ ଥିଲା ଯେହେତୁ ବିଭାଜନ ଅଧିକାରୀ ଆଡ଼ିବନ୍ଧର ନିର୍ମାଣ ପୂର୍ବରୁ ଏହି ପ୍ରକଳ୍ପ ନିମନ୍ତେ କୌଣସି ଘରୋଇ ଜମି ଅଧିଗ୍ରହଣର ଆବଶ୍ୟକତା ନାହିଁ ବୋଲି ମିଥ୍ୟା ଅନୁପ୍ରମାଣ ପ୍ରଦାନ କରିଥିଲେ, ତେଣୁ ସରକାର ଅଧିଗ୍ରହଣ ପ୍ରକ୍ରିୟା ନିମନ୍ତେ କୌଣସି ପଦକ୍ଷେପ ନେଇ ନ ଥିଲେ । କିନ୍ତୁ ପ୍ରକଳ୍ପର ନିଷ୍ପାଦନ ସମୟରେ ଯେତେବେଳେ ଘରୋଇ ଜମିରେ ଏହାର ନିର୍ମାଣ କରିବାକୁ ପଡ଼ିଲା, ଜମି ମାଲିକମାନେ ଏହି ପ୍ରକଳ୍ପର ବିରୋଧ କଲେ, ଯାହା ଫଳରେ ଏହି ପ୍ରକଳ୍ପକୁ ବନ୍ଦ କରିବାକୁ ପଡ଼ିଲା ଏବଂ କରାଯାଇଥିବା ଅର୍ଥ ବ୍ୟୟ ନିଷ୍ଫଳ ସାବ୍ୟସ୍ତ ହେଲା । ସେହି ଭାବରେ, ଉକ୍ତ ମିଥ୍ୟାରୋପଣ ପାଇଁ ଦୋଷୀ ଅଧିକାରୀ ମାନଙ୍କ ବିରୋଧରେ ଯଥା ଯଥ ଦାୟିତ୍ୱ ଆରୋପଣ କରାଯିବା ଉଚିତ୍ ।

## 3.5 *ଅଟକଳର ମୂଲ୍ୟବୃଦ୍ଧି ହେତୁ ଠିକାଦାର ମାନଙ୍କୁ ଅନୁଚିତ୍ ଲାଭ ପ୍ରଦାନ*

**10ଟି କାର୍ଯ୍ୟରେ ଆର୍ମୋରୀ ଶିଳା ବୋଲ୍ଡ଼ରର ଉତ୍ତାନ ପାଇଁ ପ୍ରକୃତ ଆବଶ୍ୟକୀୟ 35 ଟନ୍ କ୍ଷମତା ବିଶିଷ୍ଟ କ୍ରେନ ପରିବର୍ତ୍ତେ 80 ଟନ୍‌ର ଉଚ୍ଚ କ୍ଷମତା ଯୁକ୍ତ କ୍ରେନ୍ ବ୍ୟବହାରର ବ୍ୟବସ୍ଥା କରାଯିବାରୁ ଅଟକଳର ମୂଲ୍ୟବୃଦ୍ଧି ହେବା ସହିତ ଠିକାଦାର ମାନଙ୍କୁ 7.72 କୋଟି ଟଙ୍କାର ଅନୁଚିତ୍ ଲାଭ ମିଳିଲା ।**

ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା (ଓ.ପି.ଡ଼ବ୍ଲ୍ୟୁ.ଡ଼ି.) ର ଅନୁଚ୍ଛେଦ 3.4.10 ରେ ଦର୍ଶାଯାଇଛି ଯେ, ଦର ଖସଡ଼ା (ଏସ.ଓ.ଆର.) ଏବଂ ଦର ବିଶ୍ଳେଷଣ (ଏ.ଓ.ଆର.) ଆଧାରରେ ତଥା ସବୁଠାରୁ ମିତବ୍ୟୟୀ ଉପାୟରେ ଅଟକଳ ପ୍ରସ୍ତୁତ କରାଯିବା ଉଚିତ୍ । ଯଦି ସାମଗ୍ରୀ ଦର ଏସ.ଓ.ଆର./ ଏ.ଓ.ଆର. ରେ ଉପଲବ୍ଧ ନ ଥିବ, ତେବେ ବିଭାଜନ ଅଧିକାରୀ ଏହା ସୁନିଶ୍ଚିତ କରିବେ ଯେ ବଜାର ଦର ଅନୁସାରେ ଅଟକଳ ପ୍ରସ୍ତୁତ କରାଯାଇଅଛି ।

ଦୁଇଟି[28] ଜଳ ସେଚନ ବିଭାଜନରେ, ନିର୍ବାହୀ ଯନ୍ତ୍ରୀ (ଇ.ଇ.) ମାନେ ନଦୀ କୂଳର ପୁନରୁଦ୍ଧାର ଏବଂ ସୁରକ୍ଷା ପାଇଁ 10 ଟି କାର୍ଯ୍ୟ ଲାଗି ଡ଼ିସେମ୍ବର 2016 ଏବଂ ଜୁଲାଇ 2018 ମଧ୍ୟରେ 85.16 କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ, ଯାହା ସେପ୍ଟେମ୍ବର 2017 ଏବଂ ଜାନୁଆରୀ 2020 ମଧ୍ୟରେ ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା । ମାର୍ଚ୍ଚ 2020 ସୁଦ୍ଧା 75.63 କୋଟି ଟଙ୍କା ପ୍ରଦାନ ସହିତ ଏହି କାର୍ଯ୍ୟ ଗୁଡ଼ିକ ଚାଲୁ ରହିଥିଲା । ଏହି କାର୍ଯ୍ୟ ଗୁଡ଼ିକରେ ଅନ୍ୟାନ୍ୟ ମଧ୍ୟରେ ଏକ ମେଟ୍ରିକ୍ ଟନ୍ ଠାରୁ କମ୍ ହୋଇନଥିବା 3.24 ଲକ୍ଷ ଘନ ମିଟର ପରିମାଣର ଆର୍ମୋରୀ ଶିଳା ବୋଲ୍ଡ଼ର ର ପରିବହନ ଏବଂ ପୋତିବା କାର୍ଯ୍ୟ ରିପ୍-ର୍ୟାପ୍, ସ୍ପର୍ ଏବଂ ଗଡ଼ାଣି ସୁରକ୍ଷା କାର୍ଯ୍ୟରେ କରାଯିବାର ଥିଲା । ଉକ୍ତ ଆଇଟମ୍ ରାଜ୍ୟ ଏସ.ଓ.ଆର.ରେ ଅନ୍ତର୍ଭୁକ୍ତ ନ ଥିଲା ।

ସମୀକ୍ଷା ଅବଲୋକନ କଲା ଯେ, 2.5 ମେଟ୍ରିକ୍ ଟନ୍‌ରୁ ଅଧିକ ଓଜନ ବିଶିଷ୍ଟ ଆର୍ମୋରୀ ଶିଳାର ପରିବହନ ଏବଂ କୁଢେଇବା ପାଇଁ 35 ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍‌ର ଭଡ଼ାଦର ଅନୁସରଣ କରିବା ନିମନ୍ତେ ସର୍ବୋଚ୍ଚ ଯନ୍ତ୍ରୀ ସଂହିତା ବ୍ୟବସ୍ଥାପକ କମିଟୀଙ୍କ ନିକଟରେ ଜୁଲାଇ 2018 ରେ ସୁପାରିଶ କରିଥିଲେ । ତେଣୁ, ଏ ପ୍ରକାର ଆଇଟମ୍‌ର ଦରରେ ପହଞ୍ଚିବା ପାଇଁ, ବିଭାଜନ ଅଧିକାରୀ ମାନେ 35 ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍‌ର ଭଡ଼ା ଦର ଅନୁସରଣ କରିବା ଯଥାର୍ଥ ଥିଲା ଯେଉଁଥିରେ ପି.ଓ.ଏଲ୍ , ଡ୍ରାଇଭରଙ୍କ ଖାଇବା ଖର୍ଚ୍ଚ ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ଅଟେ ।

ଏସ.ଓ.ଆର. 2014 ଅନୁଯାୟୀ ଆର୍ମୋରୀ ଶିଳାର ଲୋଡ଼ିଂ, ପରିବହନ ଏବଂ କୁଢେଇବା ପାଇଁ 35 ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍ ପାଇଁ ଭଡ଼ା ଦର ଘଣ୍ଟା ପ୍ରତି 550 ଟଙ୍କା ଏବଂ 80-ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍ ପାଇଁ ଭଡ଼ା ଦର ଘଣ୍ଟା ପ୍ରତି 825 ଟଙ୍କା ଅଟେ ଯେଉଁଥିରେ ପି.ଓ.ଏଲ୍, ଡ୍ରାଇଭରଙ୍କ ଖାଇବା ଖର୍ଚ୍ଚ ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ । କାର୍ଯ୍ୟଗୁଡ଼ିକର ଅଟକଳର ପରୀକ୍ଷାରୁ ଏହ ଜଣା ପଡ଼ିଲା ଯେ, ସମସ୍ତ 10 ଟି କାର୍ଯ୍ୟରେ ନିର୍ବାହୀ ଯନ୍ତ୍ରୀ ମାନେ ଏକ ମେଟ୍ରିକ୍ ଟନ୍‌ରୁ କମ୍ ହୋଇନଥିବା ଆର୍ମୋରୀ ଶିଳାର ଲୋଡ଼ିଂ/ ରି-ହ୍ୟାଣ୍ଡଲିଙ୍ଗ୍ ଏବଂ ଅନ୍ ଲୋଡ଼ିଂ ପାଇଁ ପି.ଓ.ଏଲ୍, ଡ୍ରାଇଭରଙ୍କ ଖାଇବା ଖର୍ଚ୍ଚ ଇତ୍ୟାଦି ସମେତ ଘଣ୍ଟା ପ୍ରତି 550 ଟଙ୍କା ଭଡ଼ା ଦର ଧାର୍ଯ୍ୟ ଥିବା 35-ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍ ପରିବର୍ତ୍ତେ ଘଣ୍ଟା ପ୍ରତି 825 ଟଙ୍କା ଭଡ଼ା ଦର ଧାର୍ଯ୍ୟ ଥିବା 80-ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍‌ର ବ୍ୟବସ୍ଥା କରିବା ସହିତ ପି.ଓ.ଏଲ୍, ଡ୍ରାଇଭରଙ୍କ ଖାଇବା ଖର୍ଚ୍ଚ ଇତ୍ୟାଦିକୁ ଭଡ଼ା ଦର ସହିତ ଅତିରିକ୍ତ ଭାବେ ଯୋଗ କରିଥିଲେ । ତଦନୁଯାୟୀ, ସେହି 10

[28] ବାଲେଶ୍ୱର ଜଳସେଚନ ବିଭାଜନ ଏବଂ ଆଳି ନଦୀବନ୍ଧ ବିଭାଜନ

ଟି କାର୍ଯ୍ୟର ଅଟକଳରେ ଆଇଟମ ପାଇଁ ଘନ ମିଟର ପ୍ରତି 1,779.75 ଟଙ୍କା ରୁ 2,405.10 ଟଙ୍କା ମଧ୍ୟରେ ମୂଲ୍ୟ ସ୍ଥିର ହୋଇଥିଲା ।

ଏକ ମେଟ୍ରିକ୍ ଟନ୍‌ରୁ କମ୍ ହୋଇନଥିବା ଆର୍ମୋରୀ ଶିଳାର ଲୋଡ଼ିଂ, ପରିବହନ ଏବଂ ଅନ୍ ଲୋଡ଼ିଂ କାର୍ଯ୍ୟ ପାଇଁ ଘଣ୍ଟା ପ୍ରତି 550 ଟଙ୍କା ଭଡ଼ା ଦରରେ 35-ମେଟ୍ରିକ୍ ଟନ୍ କ୍ରେନ୍‌ର ବ୍ୟବହାର ଆଧାରରେ ସମୀକ୍ଷା ଆକଳନ କଲେ ଯେ ଘନ ମିଟର ପ୍ରତି ଗ୍ରାହ୍ୟ ଦର 1,566.44 ଟଙ୍କା ରୁ 2,021.13 ଟଙ୍କା ମଧ୍ୟରେ ହେବା ଉଚିତ୍ । ଏହି ଭାବରେ ଆର୍ମୋରୀ ଶିଳାର ଲୋଡ଼ିଂ/ ଅନଲୋଡ଼ିଂ ନିମନ୍ତେ ଉଚ୍ଚତର କ୍ଷମତା ବିଶିଷ୍ଟ କ୍ରେନ୍‌ର ବ୍ୟବସ୍ଥା କରାଯିବାରୁ 10 ଟି କାର୍ଯ୍ୟର ଅଟକଳ ମୂଲ୍ୟରେ 7.72 କୋଟି ଟଙ୍କାର ବୃଦ୍ଧି ଘଟିଲା । ମାର୍ଚ୍ଚ 2020 ସୁଦ୍ଧା, ଠିକାଦାରମାନେ 3.24 ଲକ୍ଷ ଘନ ମିଟର ପରିମାଣର ଆର୍ମୋରୀ ଶିଳା କାର୍ଯ୍ୟ ନିଷ୍ପାଦନ କରିଥିଲେ ଏବଂ ତାଙ୍କୁ 6.99 କୋଟି ଟଙ୍କା ଅତିରିକ୍ତ ଭାବେ ପ୍ରଦାନ କରାଯାଇଥିଲା ଯାହା **ପରିଶିଷ୍ଟ-11** ରେ ବିଶଦ୍ ଭାବରେ ଦର୍ଶାଯାଇଛି ଯାହା ଦ୍ୱାରା ଠିକାଦାର ମାନଙ୍କୁ ଅନୁଚିତ ଲାଭ ମିଳିଲା ।

ସରକାର ଜଣାଇଲେ (ସେପ୍ଟେମ୍ବର 2020) ଯେ, ବିଭିନ୍ନ ଉପକରଣ ଏବଂ ଯନ୍ତ୍ରପାତି ସମେତ ବିବିଧ ଡ଼ିଜାଇନ୍ ଏବଂ ଭୂମିର ଅବସ୍ଥିତି ଅନୁଯାୟୀ କାର୍ଯ୍ୟସ୍ଥଳୀର ବିଶେଷତା ଅନୁସାରେ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କ୍ଷମତା ବିଶିଷ୍ଟ କ୍ରେନ୍‌ର ବ୍ୟବହାର ଆବଶ୍ୟକ ହୋଇପାରେ । ଏହି ଉତ୍ତରଟି ଗ୍ରହଣୀୟ ନ ଥିଲା, ଯେହେତୁ ସମାନ ଧରଣର କାର୍ଯ୍ୟ ଲାଗି 2.5 ମେଟ୍ରିକ୍ ଟନ୍‌ରୁ ଅଧିକ ଓଜନ ବିଶିଷ୍ଟ ଆର୍ମୋରୀ ଶିଳା ବୋଲ୍ଡ଼ର ଲାଗି ମଧ୍ୟ ସର୍ବୋଚ୍ଚ ଯନ୍ତ୍ରୀ 35 ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍‌ର ଭଡ଼ାଦରକୁ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହା ବ୍ୟତୀତ, ଅଟକଳରେ ପି.ଓ.ଏଲ., ଡ୍ରାଇଭରଙ୍କ ଖାଇବା ଖର୍ଚ୍ଚ ଇତ୍ୟାଦିକୁ ଯୋଗ କରାଯାଇଥିଲା, ଯାହାକି କ୍ରେନ୍ ଭଡ଼ା ଦରରେ ଅନ୍ତର୍ଭୁକ୍ତ ଥିଲା, ଏବଂ ଏହାଯୋଗୁ ଅଟକଳର ମୂଲ୍ୟରେ ବୃଦ୍ଧି ଘଟିଲା ।

## ପୂର୍ତ୍ତ ବିଭାଗ

### 3.6 *ପକ୍କା ରାସ୍ତା ଚଟାଣର ଅତ୍ୟଧିକ ମୋଟେଇ କରାଯିବା ହେତୁ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ*

**ଭାରତୀୟ ସଡ଼କ କଂଗ୍ରେସ୍‌ରେ ବିହିତ ବିନିର୍ଦ୍ଦେଶ ଠାରୁ ଅଧିକ ଯାନ ନଷ୍ଟ ହେବା କାରକ ଅବଲମ୍ବନ କରାଯିବାରୁ ରାସ୍ତାର ମିଲିୟନ ଷ୍ଟାଣ୍ଡାର୍ଡ଼ ଆକ୍ସିଲ୍ ମୂଲ୍ୟରେ ବୃଦ୍ଧି ହେଲା ଏବଂ ଏହାଦ୍ୱାରା 8.11 କୋଟି ଟଙ୍କାର ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ ହେଲା ।**

ଓଡ଼ିଶା ଲୋକ ନିର୍ମାଣ ବିଭାଗ (ଓ.ପି.ଡ଼ବ୍ଲ୍ୟୁ.ଡ଼ି.) ସଂହିତାର ଧାରା 3.4.10 ରେ ଦର୍ଶାଯାଇଛି ଯେ ସବୁଠାରୁ ମିତବ୍ୟୟୀ ଉପାୟରେ ଅଟକଳ ପ୍ରସ୍ତୁତ କରାଯିବା ଉଚିତ୍ । ଭାରତୀୟ ସଡ଼କ କଂଗ୍ରେସ୍ (ଆଇ.ଆର.ସି.-37:2012) ରାସ୍ତାର ସବ୍ ଗ୍ରେଡ଼ କାଲିଫର୍ଣ୍ଣିଆ ବିଅରିଂ ଅନୁପାତ (ସି.ବି.ଆର.)[29] ରେ ପ୍ରକାଶ କରାଯାଇଥିବା ମାଟିର ଦୃଢ଼ତା ଏବଂ ରାସ୍ତାରେ ଯାତାୟତ କରୁଥିବା ଆକଳିତ ବାଣିଜ୍ୟିକ ଯାନର ସଂଖ୍ୟା ଆଧାରରେ ହିସାବ କରାଯାଇଥିବା ମିଲିୟନ୍ ଷ୍ଟାଣ୍ଡାର୍ଡ଼ ଆକ୍ସିଲ୍ (ଏମ.ଏସ.ଏ.) ଅନୁସାରେ ରାସ୍ତା ଚଟାଣର ମୋଟେଇ ବିନିର୍ଦ୍ଦିଷ୍ଟ କରେ । ପ୍ରତ୍ୟାଶିତ ଟ୍ରାଫିକ୍ ଅନୁଯାୟୀ ରାସ୍ତାର ଯଥେଷ୍ଟ ଭାର ବହନ କ୍ଷମତା ସୁନିଶ୍ଚିତ କରାଯାଇ ରାସ୍ତା ଚଟାଣର ମୋଟେଇ ନିର୍ଦ୍ଧାରଣ କରାଯାଇଥାଏ । ଏହି ଭାବରେ, ଯଦି ଏମ.ଏସ.ଏ. ରେ ବୃଦ୍ଧି ଘଟେ, ତେବେ ରାସ୍ତା ଚଟାଣର ମୋଟେଇରେ ମଧ୍ୟ ବୃଦ୍ଧି ଘଟିବ । ଏମ.ଏସ.ଏ.ର ଆକଳନ, ଯାନ ନଷ୍ଟ ହେବା କାରକ (ଭି.ଡ଼ି.ଏଫ୍.) ଏବଂ ରାସ୍ତାରେ ପ୍ରତିଦିନ ଯାତାୟତ କରୁଥିବା ବାଣିଜ୍ୟିକ ଯାନର ସଂଖ୍ୟା (ସି.ଭି.ପି.ଡ଼ି.) ଉପରେ ନିର୍ଭର କରେ । ପାହାଡ଼ିଆ ଅଞ୍ଚଳରେ 150 ରୁ 1500 ଏବଂ ସମତଳ ଅଞ୍ଚଳରେ 0-150 ସି.ଭି.ପି.ଡ଼ି. ପାଇଁ ଭି.ଡ଼ି.ଏଫ୍. 1.5 ବୋଲି ଆଇ.ଆର.ସି. 37-2012 ର ଅନୁଚ୍ଛେଦ 4.4.6 ରେ ଦର୍ଶାଯାଇଅଛି ।

---

[29] ସି.ବି.ଆର. ପରୀକ୍ଷା ହେଉଛି ଏକ ପ୍ରକାରର ମାଟିତଳେ ପ୍ରବେଶ କରାଯାଉଥିବା ପରୀକ୍ଷା ଯାହା ଦ୍ୱାରା ରାସ୍ତାର ଉପ-ଗ୍ରେଡ୍ ଏବଂ ଚଟାଣର ସାମର୍ଥ୍ୟ ନିର୍ଣ୍ଣୟ କରାଯାଏ । ରାସ୍ତାର ଚଟାଣ ଏବଂ ଏହାର ଅଂଶବିଶେଷର ସ୍ତର ଗୁଡ଼ିକର ମୋଟେଇ ନିର୍ଣ୍ଣୟ ଲାଗି ଏହି ପରୀକ୍ଷାର ଫଳାଫଳ ଗୁଡ଼ିକ ବକ୍ର ରେଖା ଭାବରେ ବ୍ୟବହୃତ ହୋଇଥାଏ । ଏହା ନମନୀୟ ରାସ୍ତା ଚଟାଣ ନକ୍ସା ପ୍ରସ୍ତୁତି ପାଇଁ ସର୍ବାଧିକ ଆଦୃତ ପଦ୍ଧତି ।

ମୁଖ୍ୟ ଯନ୍ତ୍ରୀ (ଡ଼ି.ପି.ଆଇ. ଏବଂ ରାସ୍ତା) 44.07 କୋଟି ଟଙ୍କା ମୂଲ୍ୟ ବିଶିଷ୍ଟ ତିନି ଗୋଟି ରାସ୍ତା ପ୍ରକଳ୍ପ[30] ର ଅଟକଳକୁ ମଞ୍ଜୁରୀ ପ୍ରଦାନ କଲେ ଏବଂ ଏହି କାର୍ଯ୍ୟଗୁଡ଼ିକୁ ଟେଣ୍ଡର ମାଧମରେ ଜାନୁୟାରୀ 2018 ରୁ ଜାନୁୟାରୀ 2019 ମଧ୍ୟରେ ତିନି ଜଣ ଠିକାଦାରଙ୍କୁ 38.38 କୋଟି ଟଙ୍କା ମୂଲ୍ୟରେ ନ୍ୟସ୍ତ କଲେ ଯାହା ଜାନୁୟାରୀ 2019 ରୁ ନଭେମ୍ବର 2019 ମଧ୍ୟରେ ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା । ମାର୍ଚ୍ଚ 2020 ସୁଦ୍ଧା ଏହି ସମସ୍ତ କାର୍ଯ୍ୟଗୁଡ଼ିକ ଚାଲୁ ରହିଥିଲା ଏବଂ ଠିକାଦାରମାନଙ୍କୁ 29.28 କୋଟି ଟଙ୍କା ପ୍ରଦାନ କରାଯାଇ ସାରିଥିଲା । ଏହି ସମସ୍ତ ରାସ୍ତା କାର୍ଯ୍ୟ ଲାଗି ଏମ୍.ଏସ୍.ଏ. ଦୁଇ ଏବଂ ସି.ବି.ଆର ଛଅ ରୁ ସାତ ମଧ୍ୟରେ ରହିଥିଲା ।

ରାସ୍ତା ଚଟାଣର ନକ୍ସା ହିସାବ ଯାଞ୍ଚବେଳେ ଜଣାଗଲା ଯେ, ତିନିଟି ରାସ୍ତା ମଧ୍ୟରୁ ଗୋଟିଏ ରାସ୍ତା ପାହାଡ଼ିଆ ଅଞ୍ଚଳ ଏବଂ ଅନ୍ୟ ଦୁଇଟି ରାସ୍ତା ସମତଳ ଅଞ୍ଚଳ ଦେଇ ଅତିକ୍ରମ କରୁଥିଲେ । ଡ଼ିସେମ୍ବର 2015 ଏବଂ ଜୁଲାଇ 2017 ମଧ୍ୟରେ ଅନୁଷ୍ଠିତ ହୋଇଥିବା ଟ୍ରାଫିକ୍ ସର୍ବେକ୍ଷଣରୁ ଜଣାପଡ଼ିଲା ଯେ ପାହାଡ଼ିଆ ଅଞ୍ଚଳ ଦେଇ ଗତି କରୁଥିବା ରାସ୍ତାଟିର ସି.ଭି.ପି.ଡ଼ି. 204 ଥିଲା ଏବଂ ସମତଳ ଅଞ୍ଚଳ ଦେଇ ଗତି କରୁଥିବା ଅନ୍ୟ ଦୁଇଟି ରାସ୍ତାର ସି.ଭି.ପି.ଡ଼ି. 89 ଏବଂ 115 ମଧ୍ୟରେ ଥିଲା । ଆଇ.ଆର.ସି.-37:2012 ଅନୁଯାୟୀ, ଏହି ସମସ୍ତ ପ୍ରକଳ୍ପ ନିମନ୍ତେ ଭି.ଡ଼ି.ଏଫ୍. ମୂଲ୍ୟ 1.5 ହେବା ଉଚିତ୍ । କିନ୍ତୁ, ସଂପୃକ୍ତ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ (ଇ.ଇ.) ଭି.ଡ଼ି.ଏଫ୍. କୁ 3.5 ହିସାବରେ ଅନୁସରଣ କରିଥିଲେ । ଅଧିକ ମୂଲ୍ୟର ଭି.ଡ଼ି.ଏଫ୍. ଅନୁସରଣ କରାଯିବାରୁ, ଏହି ସବୁ ରାସ୍ତାର ପ୍ରକୃତ ଏମ୍.ଏସ୍.ଏ. ଏକ ପରିବର୍ତ୍ତେ ଦୁଇ ହିସାବରେ ନିଆଯାଇଥିଲା । ଏହି ଭାବରେ, ନିର୍ବାହୀ ଯନ୍ତ୍ରୀ ମାନେ ସମସ୍ତ ତିନି ଗୋଟି ରାସ୍ତା ଚଟାଣର ନକ୍ସାର ପରିକଳ୍ପନା ବେଳେ 60 ମି.ମି. ରୁ 205 ମି.ମି. ପର୍ଯ୍ୟନ୍ତ ଅତିରିକ୍ତ ମୋଟେଇ ଅନୁସରଣ କରିଥିଲେ ଯାହା ଫଳରେ 0.21 ଲକ୍ଷ ଘନ ମିଟରର ଅଯୁକ୍ତିଯୁକ୍ତ ଅତ୍ୟଧିକ ରାସ୍ତା ଚଟାଣ ସ୍ତର ଯଥା- ଗ୍ରାନୁଲାର ସବ୍ ବେସ୍, ୱେଟ୍ ମିକ୍ସ ମାକାଡ଼ାମ୍, ବିଟୁମିନସ୍ ମାକାଡ଼ାମ୍ ଏବଂ ମଧ୍ୟମ ଘନ ବିଟୁମିନସ୍ କଂକ୍ରିଟ୍ ଇତ୍ୟାଦି ରାସ୍ତା ପୃଷ୍ଠ ଭାଗରେ ବ୍ୟବହୃତ ହୋଇଥିଲା । ଏହା ଫଳରେ 8.11 କୋଟି ଟଙ୍କାର ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହେଲା, ଯାହାର ବିସ୍ତୃତ ବିବରଣୀ **ପରିଶିଷ୍ଟ- 12** ରେ ସଂଲଗ୍ନ କରାଯାଇଛି ।

ସମୀକ୍ଷା ଦ୍ୱାରା ଏହା ଦର୍ଶାଇବାରୁ, ସରକାର ଜଣାଇଲେ (ଅଗଷ୍ଟ 2020) ଯେ ଶଙ୍କରଖୋଲ-କାଇଁଝର-ପବୁରିଆ-ମଣ୍ଡାକିଆ ରାସ୍ତାର କିଛି ଅଂଶ ପାହାଡ଼ିଆ ଅଞ୍ଚଳ ଏବଂ କିଛି ଅଂଶ ସମତଳ ଅଞ୍ଚଳ ଦେଇ ଗତି କରେ, ତଦନୁଯାୟୀ ଏମ୍.ଏସ୍.ଏ. ନିର୍ଦ୍ଧାରିତ ହୋଇଥିଲା । ଅନ୍ୟ ଦୁଇଟି ରାସ୍ତା କାର୍ଯ୍ୟ ସମ୍ବନ୍ଧରେ, ଏହା କୁହା ଯାଇଥିଲା ଯେ ଜାତୀୟ ରାଜପଥ ସହିତ ସଂଯୁକ୍ତ ଥିବା ଏହି ଦୁଇଟି ରାସ୍ତା ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ଏହି ରାସ୍ତା ଗୁଡ଼ିକର ଏମ୍.ଏସ୍.ଏ. କୁ ଦୁଇ ଭାବେ ଗଣନା କରାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନ ଥିଲା ଯେହେତୁ ନିର୍ବାହୀ ଯନ୍ତ୍ରୀ ଅଟକଳର ଯାଞ୍ଚ ତାଲିକାରେ ବିସ୍ତୃତ ସର୍ବେକ୍ଷଣ ଏବଂ ଅନୁସନ୍ଧାନ କରାଯିବା ପରେ ଏହି ରାସ୍ତାଗୁଡ଼ିକୁ ପାହାଡ଼ିଆ ଅଞ୍ଚଳ ହିସାବରେ ଦର୍ଶାଇଥିଲେ । ଏହାବ୍ୟତୀତ, ରାସ୍ତାଟି ସମତଳ ଅଞ୍ଚଳ/ ପାହାଡ଼ିଆ ଅଞ୍ଚଳ ଦେଇ ଗତି କରୁଥବା ଇତିହାସ ଦର୍ଶାଉଥିବା କୌଣସି ସମର୍ଥିତ ଦସ୍ତାବିଜ୍ ଯଥା ସମ୍ପଦ ପରିଚାଳନା ତଥ୍ୟ ଦାଖଲ କରାଯାଇନଥିଲା । ଏହାବ୍ୟତୀତ, ସି.ଭି.ପି.ଡ଼ି.କୁ ବିଚାରକୁ ନେଇ ଆଗାମୀ 15 ବର୍ଷ ପାଇଁ ଆକଳିତ ଟ୍ରାଫିକ୍‌ର ବୃଦ୍ଧିକୁ ଦୃଷ୍ଟିରେ ରଖି ଯେହେତୁ ଏମ୍.ଏସ୍.ଏ. ମୂଲ୍ୟ ନିର୍ଦ୍ଧାରିତ ହୋଇଥିଲା, ତେଣୁ ଉଚ୍ଚତର ମୂଲ୍ୟ ବିଶିଷ୍ଟ ଭି.ଡ଼ି.ଏଫ୍. ଗ୍ରହଣ କରିବାର କୌଣସି ଆବଶ୍ୟକତା ନ ଥିଲା ଏବଂ ଏହି ଭାବରେ 8.11 କୋଟି ଟଙ୍କାର ପରିହାର୍ଯ୍ୟ ଅର୍ଥ ବ୍ୟୟ କରିବା ସରକାରୀ ରାଜକୋଷ ଉପରେ ଅତିରିକ୍ତ ବୋଝ ସାବ୍ୟସ୍ତ ହେଲା ।

## 3.7 ବ୍ୟର୍ଥ ଅର୍ଥବ୍ୟୟ

**ଜାତୀୟ ରାଜପଥ ମାର୍ଗ ଦର୍ଶିକାର ବିରୋଧରେ ଟୋଲ ପ୍ଲାଜାର ନିର୍ମାଣ ସ୍ଥଳୀ ଚୟନ କରାଯିବାରୁ 2.98 କୋଟି ଟଙ୍କାର ବ୍ୟର୍ଥ ଅର୍ଥବ୍ୟୟ ସହିତ ସମ୍ଭାବ୍ୟ ବାର୍ଷିକ ଆଦାୟ କ୍ଷମତା ବାବଦରେ 0.99 କୋଟି ଟଙ୍କାର ପୌନଃପୁନିକ କ୍ଷତି ହେଲା ।**

ଜାତୀୟ ରାଜପଥ (ଏନ.ଏଚ୍.) ଦେୟ (ଦର ନିର୍ଦ୍ଧାରଣ ଏବଂ ଆଦାୟ) ନିୟମାବଳୀ 2008 ରେ ଅନୁଚ୍ଛେଦ 8 (1) ରେ ଦର୍ଶାଯାଇଛି ଯେ କାର୍ଯ୍ୟ ନିର୍ବାହୀ ସଂସ୍ଥା ଦ୍ୱାରା କୌଣସି ରେକର୍ଡ଼ ଭୁକ୍ତ କାରଣ ବ୍ୟତୀତ ସାଧାରଣ ଭାବେ

[30] (i) 20/000 ଠାରୁ 29/700 କି.ମି. ପର୍ଯ୍ୟନ୍ତ ଶଙ୍କରଖୋଲ-କାଇଁଝର-ପବୁରିଆ-ମଣ୍ଡାକିଆ ରୋଡ଼୍ ର ପ୍ରଶସ୍ତୀକରଣ ଓ ସୁଦୃଢୀକରଣ, (ii) ଆର.ଡ଼ି. 0/0 ଠାରୁ 19 କି.ମି. ପର୍ଯ୍ୟନ୍ତ ଲାଡ଼-ଫାସିମାଲ-ସାନ୍ଦପଥର ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢୀକରଣ ଏବଂ (iii) 0/0 ଠାରୁ 15/820 କି.ମି. ଝିଙ୍କିରା-ବେଣ୍ଟକାର-ଚାନ୍ଦୁଲି ରୋଡ଼ ର ଉନ୍ନତିକରଣ

ପୌରାଞ୍ଚଳ କିମ୍ବା ସ୍ଥାନୀୟ ସହରାଞ୍ଚଳ ସୀମା ଠାରୁ 10 କିଲୋମିଟରରୁ ଅଧିକ ଦୂରତା ବ୍ୟବଧାନରେ ଟୋଲ୍/ ଦେୟ ପ୍ଲାଜାର ନିର୍ମାଣ କରାଯାଇ ପାରେ । କିନ୍ତୁ କୌଣସି ପରିସ୍ଥିତିରେ, ଟୋଲ୍/ ଦେୟ ପ୍ଲାଜାର ନିର୍ମାଣ ପୌରାଞ୍ଚଳ କିମ୍ବା ସ୍ଥାନୀୟ ସହରାଞ୍ଚଳ ସୀମାଠାରୁ ପାଞ୍ଚ କିଲୋ ମିଟରରୁ କମ୍ ବ୍ୟବଧାନରେ ହେବା ଅନୁଚିତ୍ । ପୁନଶ୍ଚ ଏହା ଦର୍ଶାଯାଇଛି ଯେ ଜାତୀୟ ରାଜପଥର କୌଣସି ଅଂଶ, ସ୍ଥାୟୀ ପୋଲ, ବାଇ ପାସ୍ କିମ୍ବା ଟନେଲ୍ ଇତ୍ୟାଦିର ନିର୍ମାଣ ପୌରାଞ୍ଚଳ କିମ୍ବା ସ୍ଥାନୀୟ ସହରାଞ୍ଚଳ ସୀମା ଠାରୁ ପାଞ୍ଚ କିଲୋ ମିଟର ମଧ୍ୟରେ ପ୍ରାଥମିକ ଭାବେ ପୌରାଞ୍ଚଳ କିମ୍ବା ସହରାଞ୍ଚଳ ବାସିନ୍ଦାଙ୍କ ବ୍ୟବହାର ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥାଏ, ସେହି ଉଦ୍ଦେଶ୍ୟରେ ପୌରାଞ୍ଚଳ କିମ୍ବା ସହରାଞ୍ଚଳ ସୀମା ମଧ୍ୟରେ ଅଥବା ସୀମା ଠାରୁ ପାଞ୍ଚ କିଲୋମିଟର ଦୂରତ୍ୱ ମଧ୍ୟରେ ଟୋଲ୍ ପ୍ଲାଜାର ନିର୍ମାଣ କରାଯାଇପାରେ ।

ଓଡ଼ିଶା ରାଜ୍ୟରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରାଳୟ (ମୋର୍ଥ), ଭାରତ ସରକାର (ଜି.ଓ.ଆଇ.) ଙ୍କ ଦ୍ୱାରା ଅନୁମୋଦିତ ହେବା ପରେ ରାଜ୍ୟ ସରକାର (ମୁଖ୍ୟ ଯନ୍ତ୍ରୀ, ଜାତୀୟ ରାଜପଥ)ଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥାଏ । ଏହି ସବୁ କାର୍ଯ୍ୟର ଅଟକଳ ରାଜ୍ୟ ଦର ଖସଡ଼ା ଏବଂ ମୋର୍ଥ ତଥ୍ୟ ପୁସ୍ତିକାକୁ ଅନୁସରଣ କରି ପ୍ରସ୍ତୁତ କରାଯାଇଥାଏ । ରାଜ୍ୟ ପ୍ରାଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯିବା ପରେ ଏହି ସବୁ କାର୍ଯ୍ୟର ନିର୍ମାଣ ଦେୟ ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ ।



ବିଦ୍ୟମାନ ଥିବା ଜାତୀୟ ରାଜପଥ-59 ର ଆର.ଡ଼ି. 256.880 ଠାରୁ ଆର.ଡ଼ି. 296.515 କି.ମି. ପର୍ଯ୍ୟନ୍ତ ଏକ/ଦୁଇ ଲେନ୍ ବିଶିଷ୍ଟ ରାସ୍ତା (ପୂର୍ବତଃ ଜାତୀୟ ରାଜପଥ-217 ର ଆର.ଡ଼ି. 400 କି.ମି. ରୁ 439.635 କି.ମି. ଗଞ୍ଜାମ ଜିଲ୍ଲାର ପିପଲପଙ୍କ ଠାରୁ ମୁଣ୍ଡମାରେଇ ପର୍ଯ୍ୟନ୍ତ) ର ପେଭଡ଼୍ ସୋଲ୍ଡ଼ର ସହିତ ପ୍ରଶସ୍ତିକରଣ ନିମନ୍ତେ, ଅଧୀକ୍ଷଣ ଯନ୍ତ୍ରୀ (ଏସ୍.ଇ.) ମୋର୍ଥ 132.47 କୋଟି ଟଙ୍କା ମୂଲ୍ୟର ଅଟକଳ ମଞ୍ଜୁର କରିଥିଲେ (ମାର୍ଚ୍ଚ 2014) । ଏହି ଅଟକଳରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ରାସ୍ତାରେ (ଆର.ଡ଼ି. 272/600 କି.ମି. ଠାରେ) 3.27 କୋଟି ଟଙ୍କା ମୂଲ୍ୟ ବିଶିଷ୍ଟ ଏକ ଟୋଲ୍ ପ୍ଲାଜା ନିର୍ମାଣ କରାଯିବା ପାଇଁ ବ୍ୟବସ୍ଥା ହୋଇଥିଲା । ଟୋଲ୍ ପ୍ଲାଜା ଭିତ୍ତିଭୂମି ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ଦାଖଲ କରିବା ସମୟରେ, ପ୍ରକଳ୍ପ ନିର୍ଦ୍ଦେଶକ ଟ୍ରାଫିକ୍ ତଥ୍ୟ ଆଧାରରେ ବାର୍ଷିକ ଆଦାୟ କ୍ଷମତା (ଏ.ପି.ସି.) 99.10 ଲକ୍ଷ ଟଙ୍କା ଭାବେ ଆକଳନ କରିଥିଲେ ।

ଏହି କାର୍ଯ୍ୟ ଲାଗି 120.55 କୋଟି ଟଙ୍କା ମୂଲ୍ୟର କାର୍ଯ୍ୟାଦେଶ ପ୍ରଦାନ କରାଗଲା (ସେପ୍ଟେମ୍ବର 2014) ଯାହା ଏପ୍ରିଲ୍ 2016 ସୁଦ୍ଧା ସମ୍ପନ୍ନ ହେବା ପାଇଁ ଧାର୍ଯ୍ୟ ହୋଇଥିଲା । ଏହି କାର୍ଯ୍ୟଟି ବାସ୍ତବରେ ସବୁ ଦୃଷ୍ଟିରୁ ଅଗଷ୍ଟ 2018 ରେ ସମ୍ପନ୍ନ ହୋଇଥିଲା କିନ୍ତୁ ଟୋଲ୍ ପ୍ଲାଜାର ନିର୍ମାଣ ସେପ୍ଟେମ୍ବର 2017 ରେ ସମାପ୍ତ ହୋଇ ସାରିଥିଲା । ଠିକାଦାରଙ୍କୁ 123.30 କୋଟି ଟଙ୍କା ପ୍ରଦାନ କରା ଯାଇଥିଲା, ସେଥି ମଧ୍ୟରେ ଟୋଲ୍ ପ୍ଲାଜାର ନିର୍ମାଣ ପାଇଁ 2.98 କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା ।

ସମୀକ୍ଷାକୁ ପ୍ରାପ୍ତ ହୋଇଥିବା ରେକର୍ଡ଼ ନମୂନା ଯାଞ୍ଚରୁ ଜଣାଗଲା ଯେ, ମୁଖ୍ୟ ଯନ୍ତ୍ରୀ (ଜାତୀୟ ରାଜପଥ), ଓଡ଼ିଶା ସରକାର ଟୋଲ୍ ପ୍ଲାଜାର ନିର୍ମାଣ ପାଇଁ ସ୍ଥାନର ଚୟନ କରିଥିଲେ ଏବଂ ରାସ୍ତାର ଆର.ଡ଼ି. 272/600 କି.ମି. ଠାରେ ଏହାର ନିର୍ମାଣ କରିଥିଲେ ଯାହାକି ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ (ସହରାଞ୍ଚଳ) ଠାରୁ ମାତ୍ର 2.5 କି.ମି. ଦୂରରେ ଅବସ୍ଥିତ ଥିଲା ଏବଂ ଏହା ଜାତୀୟ ରାଜପଥ ମାର୍ଗଦର୍ଶିକାର ଉଲ୍ଲଂଘନ କରୁଥିଲା । ଯେହେତୁ ଟୋଲ୍ ପ୍ଲାଜାଟି ସହରାଞ୍ଚଳର ନିକଟରେ ଅବସ୍ଥିତ ଥିଲା, ଅଦ୍ୟାବଧି (ମାର୍ଚ୍ଚ 2020) ମୋର୍ଥ ଙ୍କ ଦ୍ୱାରା କୌଣସି ଦେୟ ଆଦାୟ କରାଯାଇ ପାରିନଥିଲା । ମୁଖ୍ୟ ଯନ୍ତ୍ରୀ (ଜାତୀୟ ରାଜପଥ), ଓଡ଼ିଶା ସରକାର ଏହି ବିଷୟରେ ମୋର୍ଥଙ୍କୁ ଅବଗତ କଲେ (ଅଗଷ୍ଟ 2018) ଏବଂ ଟୋଲ୍ ପ୍ଲାଜାର ପୁନଃସ୍ଥାପନ ନିମନ୍ତେ ଅନୁରୋଧ କରିଥିଲେ କିନ୍ତୁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ।

ଏହି ଭାବରେ, ମୁଖ୍ୟ ଯନ୍ତ୍ରୀ (ଜାତୀୟ ରାଜପଥ), ଓଡ଼ିଶା ଉକ୍ତ ନିୟମକୁ ଅନୁସରଣ ନ କରି ଟୋଲ ପ୍ଲାଜାର ନିର୍ମାଣ ସ୍ଥଳୀ ଚୟନ କଲେ ଏବଂ ମୋର୍ଥଙ୍କୁ ସୁପାରିଶ କଲେ, ଫଳ ସ୍ୱରୂପ ନିର୍ମାଣ ହୋଇଥିବା ଟୋଲ୍ ପ୍ଲାଜାରୁ ଦେୟ ଆଦାୟର ମୂଳ ଉଦ୍ଦେଶ୍ୟ ବିଫଳ ହେବା ସହିତ 2.89 କୋଟି ଟଙ୍କାର ସମୁଦାୟ ଅର୍ଥ ବ୍ୟୟ ବ୍ୟର୍ଥ ସାବ୍ୟସ୍ତ ହେଲା । ଏହା ବ୍ୟତୀତ, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆକଳନ ଅନୁଯାୟୀ ବାର୍ଷିକ ଆଦାୟ କ୍ଷମତା ବାବଦରେ ପ୍ରତି ବର୍ଷ 99.10 ଲକ୍ଷ ଟଙ୍କା ହାରରେ ସେପ୍ଟେମ୍ବର 2018 ଠାରୁ ଜୁଲାଇ 2021 ପର୍ଯ୍ୟନ୍ତ 2.89 କୋଟି ଟଙ୍କାର ଆର୍ଥିକ କ୍ଷତି ହେଲା ।

ସମୀକ୍ଷା ଏହା ଦର୍ଶାଇବାରୁ, ରାଜ୍ୟ ସରକାର ଏହାର ତଥ୍ୟାତ୍ମକ ସତ୍ୟତାକୁ ସ୍ୱୀକାର କରି ଜଣାଇଲେ (ଜୁଲାଇ 2021) ଯେ ଉପଲବ୍ଧ ଥିବା ଜମିରେ ହିଁ ଟୋଲ୍ ପ୍ଲାଜାର ନିର୍ମାଣ ସ୍ଥଳୀର ଚୟନ କରାଯାଇଥିଲା । ଟୋଲ୍ ଫାଟକର ନିର୍ମାଣର ସମାପ୍ତି ପରେ ସ୍ଥାନୀୟ ସହରାଞ୍ଚଳ ସଂସ୍ଥା ଠାରୁ 5 କି.ମି. କିମ୍ବା 10 କି.ମି. ଦୂରତ୍ୱ ର ପ୍ରତିବନ୍ଧକ ସମ୍ବନ୍ଧରେ ମୋର୍ଥ ଆପତ୍ତି ଉଠାଇଥିଲେ । ତେଣୁ ଫେବୃଆରୀ 2018 ରେ ରାସ୍ତାର 283.400 କି.ମି. ଠାରେ ଟୋଲ୍ ପ୍ଲାଜାର ପୁନଃସ୍ଥାପନ ପାଇଁ ମୋର୍ଥଙ୍କୁ ପ୍ରସ୍ତାବ ଦିଆଯାଇଥିଲା ଯାହାକି ନିକଟବର୍ତ୍ତୀ ସହର ଠାରୁ 10 କି.ମି. ରୁ ଉର୍ଦ୍ଧ୍ୱ ଦୂରତ୍ୱରେ ଅବସ୍ଥିତ । ତେବେବି, ଟୋଲ୍ ପ୍ଲାଜାର ନିର୍ମାଣ ପାଇଁ ସରକାରୀ ଜମି ଉପଲବ୍ଧ ନ ଥିଲା ଏବଂ ସେହି ସ୍ଥାନରେ ଜମି ଅଧିଗ୍ରହଣ ଆବଶ୍ୟକ ହେବ । ଏହି ଉତ୍ତରଟି ଗ୍ରହଣୀୟ ନ ଥିଲା, ଯେହେତୁ ମୁଖ୍ୟ ଯନ୍ତ୍ରୀ, ଜାତୀୟ ରାଜପଥ, ପି.ଡ଼ବ୍ଲ୍ୟୁ.ଡ଼ି, ଓଡ଼ିଶା ଜାତୀୟ ରାଜପଥ (ଦର ନିର୍ଦ୍ଧାରଣ ଏବଂ ଆଦାୟ) ନିୟମାବଳୀ 2008 ର ବ୍ୟବସ୍ଥା ବିରୋଧରେ ଟୋଲ୍ ପ୍ଲାଜା ନିର୍ମାଣସ୍ଥଳୀର ଚୟନ କରିଥିଲେ, ଯାହା ଯୋଗୁ ଅବ୍ୟବହୃତ ଟୋଲ୍ ପ୍ଲାଜା ଲାଗି 2.98 କୋଟି ଟଙ୍କାର ବ୍ୟର୍ଥ ଅର୍ଥ ବ୍ୟୟ ସହିତ, ବାର୍ଷିକ ଆଦାୟ କ୍ଷମତା ବାବଦରେ ପ୍ରତି ବର୍ଷ 99 ଲକ୍ଷ ଟଙ୍କା ହାରରେ ଆର୍ଥିକ କ୍ଷତି ହେଲା ।

## *3.8 ସବ୍-ବେସ୍ ରେ ଧାତୁମଳ ପରିବର୍ତ୍ତେ ଜି.ଏସ୍.ବି. ସାମଗ୍ରୀର ଉପଯୋଗ ହେତୁ ଅତିରିକ୍ତ ଅର୍ଥ ବ୍ୟୟ*

**ସ୍ୱଳ୍ପ ମୂଲ୍ୟ ବିଶିଷ୍ଟ ଧାତୁମଳ ଉପଲବ୍ଧ ଥିବା ସତ୍ତ୍ୱେ ରାସ୍ତା ଚଟାଣ ନିର୍ମାଣ କାର୍ଯ୍ୟରେ ଉଚ୍ଚ ମୂଲ୍ୟ ବିଶିଷ୍ଟ ସବ୍-ବେସ୍ ସାମଗ୍ରୀ ଉପଯୋଗ କରାଯିବାରୁ 2.12 କୋଟି ଟଙ୍କାର ଅତିରିକ୍ତ ଅର୍ଥବ୍ୟୟ ହେଲା ।**

ଓ.ପି.ଡ଼ବ୍ଲ୍ୟୁ.ଡ଼ି. ସଂହିତା ର ଧାରା 3.4.10 ରେ ଦର୍ଶାଯାଇଛି ଯେ ସବୁଠାରୁ ମିତବ୍ୟୟୀ ଉପାୟରେ ଅଟକଳ ପ୍ରସ୍ତୁତ କରାଯିବା ଉଚିତ୍ । ଆଇ.ଆର.ସି.:37-2012 ର ଅନୁଚ୍ଛେଦ 7.2.1.1 ରେ ଦର୍ଶାଯାଇଛି ଯେ ପ୍ରାକୃତିକ ବାଲି, ମୋରମ୍, ବଜୁରି, ମାଙ୍କଡ଼ାପଥର, କଙ୍କର, ଇଟା, ପ୍ରସ୍ତର ଚୂର୍ଣ୍ଣ, ଧାତୁମଳ ଚୂର୍ଣ୍ଣ ଏବଂ କଂକ୍ରିଟ ଅବଶେଷାଂଶ ଚୂର୍ଣ୍ଣ / ଆସ୍ଫାଲ୍ଟ ଚଟାଣ ଅବଶେଷାଂଶ କିମ୍ବା ଏସବୁର ମିଶ୍ରଣ କୁ ପ୍ରସ୍ତାବିତ ଗ୍ରେଡ଼ିଂ ଏବଂ ଭୌତିକ ଆବଶ୍ୟକତା ଅନୁସାରେ ସବ୍-ବେସ୍ ସାମଗ୍ରୀରେ ଅନ୍ତର୍ଭୁକ୍ତ କରାଯାଇପାରେ ।

ନିର୍ବାହୀ ଯନ୍ତ୍ରୀ, ରାଉରକେଲା (ରାସ୍ତା ଏବଂ କୋଠାବାଡ଼ି) ବିଭାଜନ ଡ଼ିସେମ୍ବର 2016 ରୁ ଫେବୃଆରୀ 2019 ମଧ୍ୟରେ 20 କୋଟି ଟଙ୍କା ମୂଲ୍ୟ ବିଶିଷ୍ଟ ତିନୋଟି ରାସ୍ତା ପ୍ରକଳ୍ପ[31] କାର୍ଯ୍ୟ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ ଯାହା ସେପ୍ଟେମ୍ବର 2017 ରୁ ଫେବୃଆରୀ 2020 ମଧ୍ୟରେ ସମ୍ପନ୍ନ ହେବା ପାଇଁ ଧାର୍ଯ୍ୟ ହୋଇଥିଲା । ମାର୍ଚ୍ଚ 2020 ସୁଦ୍ଧା ଏହି କାର୍ଯ୍ୟ ଗୁଡ଼ିକ ଚାଲୁ ରହିଥିଲା ଏବଂ ଠିକାଦାର ମାନଙ୍କୁ 11.76 କୋଟି ଟଙ୍କା ପ୍ରଦାନ କରାଯାଇ ସାରିଥିଲା । ଏହି ସମୁଦାୟ ପ୍ରଦତ୍ତ ଅର୍ଥ ମଧ୍ୟରେ, ସମସ୍ତ ରାସ୍ତାର ସବ୍-ବେସ୍ କାର୍ଯ୍ୟରେ 19,376 ଘନ ମିଟର ଗ୍ରାନୁଲାର ସବ୍ ବେସ୍ ସାମଗ୍ରୀ (ଜି.ଏସ୍.ବି.) ର ବ୍ୟବହାର ପାଇଁ 3.79 କୋଟି ଟଙ୍କାର ପ୍ରଦାନ ଅନ୍ତର୍ଭୁକ୍ତ ।

ଏହି ତିନୋଟି କାର୍ଯ୍ୟର ଅଟକଳ, ଦର ବିଶ୍ଳେଷଣ ଏବଂ ଚାଲୁ ରହିଥିବା ହିସାବ (ଆର.ଏ.) ବିଲ୍‌ର ଯାଞ୍ଚରୁ ଏହା ଜଣାଗଲା ଯେ ଜି.ଏସ୍.ବି. (ପ୍ରସ୍ତର ଜାତ ଦ୍ରବ୍ୟ) ନିମନ୍ତେ 15 କି.ମି. ରୁ 107 କି.ମି. ଦୂରତ୍ୱକୁ ଗ୍ରହଣ କରାଯାଇ ଅଟକଳ ପ୍ରସ୍ତୁତ କରାଯାଇଥିଲା ଏବଂ ଏଥିପାଇଁ ଘନ ମିଟର ପ୍ରତି 1,404.35 ଟଙ୍କା ରୁ 2,229.09 ଟଙ୍କା ହାରରେ ଅର୍ଥ ପ୍ରଦାନ କରାଯାଇଥିଲା ।

---

[31] *(i)* ଖୁଟଗାଁ-ଫୁଲଝର-କେନ୍ଦୁଝର ସୀମାନ୍ତ ରାସ୍ତାର ଉନ୍ନତିକରଣ *(ii)* ୟୁ.ଏଲ୍.ବି. ଅଧୀନସ୍ଥ ରାଜ୍ୟ ରାଜପଥ-10 ଠାରୁ ବେଦବ୍ୟାସ ଶେଷ ପର୍ଯ୍ୟନ୍ତ ଆର୍.ଡ଼ି. 0/0 ଠାରୁ 2 କି.ମି. ଚାରି ଲେନ୍ ରାସ୍ତା (ଓ.ଡ଼ି.ଆର୍.) ଏବଂ *(iii)* ରାଜ୍ୟ ରାଜପଥ-10 A ଠାରୁ ଦେଓଗାଁ ଛକ ପର୍ଯ୍ୟନ୍ତ 0/0 ଠାରୁ 1/600 କି.ମି. ରାସ୍ତାର ଉନ୍ନତିକରଣ

ଧାତୁମଳ ଏକ କାଚ ଭଳି ଉପଜାତ ପଦାର୍ଥ ଯାହା ଅଶୁଦ୍ଧ ଧାତୁ ପିଣ୍ଡରୁ ଦରକାରୀ ଧାତୁର ନିଷ୍କାସନ ସରିବା ପରେ ରହିଯାଇଥିବା ଅବଶେଷାଂଶ । ପୂର୍ବରୁ ସମୀକ୍ଷା ଦ୍ୱାରା ଏହା ଅବଲୋକନ କରାଯାଇଥିଲା ଯେ ରାଉରକେଲା ଇସ୍ପାତ କାରଖାନାଠାରେ ଧାତୁମଳ ବିନା ମୂଲ୍ୟରେ ଉପଲବ୍ଧ ହେଉ ଥିଲା ଏବଂ ନିର୍ବାହୀ ଯନ୍ତ୍ରୀ, ରାଉରକେଲା (ରାସ୍ତା ଏବଂ କୋଠାବାଡ଼ି) ବିଭାଜନ, ଅଟକଳରେ ଉକ୍ତ ଧାତୁମଳକୁ ଅନ୍ତର୍ଭୁକ୍ତ କରି ସମାନ ଧରଣର କାର୍ଯ୍ୟରେ ଏହାର ଉପଯୋଗ କରିଥିଲେ । ଧାତୁମଳ ନିମନ୍ତେ ଲିଡ୍ ଦୂରତ୍ୱକୁ ପାଞ୍ଚରୁ 96 କି.ମି. ପର୍ଯ୍ୟନ୍ତ ନିଆଯାଇଥିଲା । ଦରର ବିଶ୍ଳେଷଣ ଅନୁଯାୟୀ ସବ୍-ବେସ୍ କାର୍ଯ୍ୟରେ ଧାତୁମଳ ଉପଯୋଗ କରାଗଲେ, ଧାତୁମଳ ଏବଂ ପଥର ଖଣି ଗୁଣ୍ଡର ଅନୁପାତ ଯଥାକ୍ରମେ 90 ପ୍ରତିଶତ ଏବଂ 10 ପ୍ରତିଶତ ରହିବା ଉଚିତ୍ । ଉପରୋକ୍ତ ଅନୁପାତ ଆଧାରରେ, କାର୍ଯ୍ୟରେ ଧାତୁମଳର ଉପଯୋଗ କରା ଯାଇଥିଲେ ସବ୍-ବେସ୍ ର ମୂଲ୍ୟ ଘନ ମିଟର ପ୍ରତି 296.20 ଟଙ୍କା ରୁ 1,167.84 ଟଙ୍କା ହୋଇଥାନ୍ତା ।

ନିର୍ବାହୀ ଯନ୍ତ୍ରୀ, ଓ.ପି.ଡ଼ବ୍ଲ୍ୟୁ.ଡ଼ି. ସଂହିତା ଓ ଆଇ.ଆର.ସି.-37 ର ବିଚ୍ୟୁତି କରି ଧାତୁମଳ ମିତବ୍ୟୟୀ ମୂଲ୍ୟରେ ଉପଲବ୍ଧ ହେଉଥିବା ସତ୍ତ୍ୱେ ଅଟକଳରେ ଏହାକୁ ବିଚାରକୁ ନ ନେଇ ପ୍ରସ୍ତର ଜାତ ଦ୍ରବ୍ୟକୁ ଅନ୍ତର୍ଭୁକ୍ତ କରିଥିଲେ ।ଏହା ଯୋଗୁ 2.12 କୋଟି ଟଙ୍କାର ଅତିରିକ୍ତ ଅର୍ଥ ବ୍ୟୟ ହେଲା ଯାହାର ବିସ୍ତୃତ ବିବରଣୀ **ପରିଶିଷ୍ଟ- 13** ରେ ସଂଲଗ୍ନ କରାଯାଇଛି ।

ସମୀକ୍ଷା ଏହା ଦର୍ଶାଇବାରୁ, ସଂପୃକ୍ତ ବିଭାଗ ଜଣାଇଲେ (ଜୁଲାଇ 2021) ଯେ 2012 ରେ ସଂପୃକ୍ତ ବିଭାଜନ ପାଞ୍ଚ ଗୋଟି ରାସ୍ତା ନିର୍ମାଣ କାର୍ଯ୍ୟରେ ପରୀକ୍ଷାମୂଳକ ଭାବରେ ଧାତୁମଳର ବ୍ୟବସ୍ଥା କରିଥିଲେ । ରାସ୍ତା ସବ୍-ବେସ୍ ନିର୍ମାଣ କାର୍ଯ୍ୟରେ ଧାତୁମଳର ବ୍ୟବହାର ଯୋଗ୍ୟତା ନିର୍ଣ୍ଣୟ କରିବା ପାଇଁ ଏନ୍.ଆଇ.ଟି, ରାଉରକେଲାଙ୍କୁ ଅନୁରୋଧ କରାଯାଇଥିଲା । ଯେହେତୁ ଏହି ତିନୋଟି କାର୍ଯ୍ୟର ଅଟକଳ ପ୍ରସ୍ତୁତି ସମୟରେ ଏନ୍.ଆଇ.ଟି, ରାଉରକେଲାଙ୍କ ରିପୋର୍ଟ ହସ୍ତଗତ ହୋଇନଥିଲା, ସବ୍-ବେସ୍ ଭାବେ ଧାତୁମଳର ବ୍ୟବହାରକୁ ବିବେଚନା କରାଯାଇ ନ ଥିଲା । ପୁନଶ୍ଚ ଏହା କୁହାଗଲା ଯେ ଆବଶ୍ୟକୀୟ ଗ୍ରେଡ୍ ବିଶିଷ୍ଟ ଧାତୁମଳ ମଧ ଉପଲବ୍ଧ ନ ଥିଲା । ତଦନୁଯାୟୀ, ଏବେ ରାସ୍ତା ନିର୍ମାଣ କାର୍ଯ୍ୟରେ ଧାତୁମଳକୁ ଅନ୍ତର୍ଭୁକ୍ତ କରାଯାଉଅଛି ।

ବିଭାଗର ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ଆଇ.ଆର.ସି.-37 ଅନୁଯାୟୀ ରାସ୍ତାର ସବ୍-ବେସ୍ ଲାଗି ଧାତୁମଳ ଏକ ଗ୍ରହଣୀୟ ସାମଗ୍ରୀ ଅଟେ ଏବଂ ଯାହାକି ପ୍ରସ୍ତର ଜାତ ଦ୍ରବ୍ୟ ଠାରୁ ଶସ୍ତା ଅଟେ, ତେଣୁ ଏହାର ବ୍ୟବହାର ଯୋଗ୍ୟତା ନିର୍ଣ୍ଣୟ ଯାଞ୍ଚ କରିବାର କୌଣସି ଆବଶ୍ୟକତା ନ ଥିଲା । ପୁନଶ୍ଚ, ଏନ୍.ଆଇ.ଟି, ରାଉରକେଲା ରାସ୍ତା ନିର୍ମାଣ କାର୍ଯ୍ୟରେ ଧାତୁମଳର ଉପଯୁକ୍ତତା ସମ୍ବନ୍ଧରେ ଇତି ମଧ୍ୟରେ ସୁନିଶ୍ଚିତ କରି ସାରିଛନ୍ତି । ଏହି ଭାବରେ, ଆଇ.ଆର.ସି.-37 ର ବ୍ୟବସ୍ଥାକୁ ଉପେକ୍ଷା କରି ଧାତୁମଳର ଉପଯୋଗ କରା ନ ଯିବାରୁ 2.12 କୋଟି ଟଙ୍କାର ଅତିରିକ୍ତ ଅର୍ଥବ୍ୟୟ ହେଲା ।

## *3.9 ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରଣାଳୀରେ ବିଫଳତା ଯୋଗୁ ଅଗ୍ରୀମ ଅସୁଲି ବିଫଳ ହେଲା*

**ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା ମୋବିଲାଇଜେସନ୍ ଅଗ୍ରୀମ ର ଅସୁଲିରେ ପର୍ଯ୍ୟବେକ୍ଷଣର ଢିଲାପଣ କାରଣରୁ ସୁଧ ସମେତ 2.16 କୋଟି ଟଙ୍କା ଅବ୍ୟବସ୍ଥିତ ରହିଲା ।**

ଓ.ପି.ଡ଼ବ୍ଲ୍ୟୁ.ଡ଼ି. ସଂହିତାର ଅନୁଚ୍ଛେଦ 3.7.21(ସି) ରେ ଦର୍ଶାଯାଇଛି ଯେ କେବଳ ଅସାମାନ୍ୟ ପରିସ୍ଥିତିରେ ଠିକାଦାରଙ୍କୁ ଅଗ୍ରୀମ ପ୍ରଦାନ ମଞ୍ଜୁର କରାଯାଇପାରିବ, ଯେଉଁ ପରିପ୍ରେକ୍ଷୀରେ ଏହି ଅଗ୍ରୀମ ପ୍ରଦାନ କରାଯିବା ଅପରିହାର୍ଯ୍ୟ ବିବେଚିତ ହେବ । ସରକାରଙ୍କ କ୍ଷତିକୁ ରୋକିବା ପାଇଁ ଆବଶ୍ୟକୀୟ ସାବଧାନତା ଅବଲମ୍ବନ କରାଯିବା ଉଚିତ୍ ।

ଅଭିଯାନ୍ତ୍ରିକ ଅଧିଗ୍ରହଣ ନିର୍ମାଣ (ଇ.ପି.ସି.) ଚୁକ୍ତିନାମା ସର୍ତ୍ତାବଳୀ 19.2.1 ଅନୁଯାୟୀ ମୋବିଲାଇଜେସନ୍ ଏବଂ ଉପକରଣର ଅଧିଗ୍ରହଣ ପାଇଁ ପ୍ରାଧିକାରୀ ଚୁକ୍ତିନାମାର 10 *ପ୍ରତି ଶତ* ଅର୍ଥ ଅଗ୍ରୀମ ଆକାରରେ ଠିକାଦାରଙ୍କୁ ପ୍ରଦାନ କରିବେ । ଏକ ଜାତୀୟ ବ୍ୟାଙ୍କ୍ ଠାରୁ ନିଃସର୍ତ୍ତ ପ୍ରତ୍ୟାଭୂତି ପ୍ରାପ୍ତି ସହିତ ଯାହାକି ଏହାର ଭୁବନେଶ୍ୱର ଶାଖା ଦ୍ୱାରା ପ୍ରତି-ପ୍ରତ୍ୟାଭୂତ ହୋଇଥିବ, ଉକ୍ତ କିସ୍ତିର 110 *ପ୍ରତି ଶତ* ପରିମାଣ ଠିକାଦାରଙ୍କୁ ଅଗ୍ରୀମ ଆକାରରେ ପ୍ରଦାନ କରାଯିବ । ଅଗ୍ରୀମ ଅର୍ଥର ପ୍ରତ୍ୟେକ କିସ୍ତି ଠିକାଦାରମାନେ ପ୍ରାଧିକାରୀ ମାନଙ୍କୁ 365 ଦିନରୁ କମ୍ ଅବଧି ମଧ୍ୟରେ ସୁଝିବା ଉଚିତ୍ । ଯଦି ଠିକାଦାର ଏହି ପରିମାଣର ଅର୍ଥକୁ ସୁଝିବାରେ ବିଫଳ ହୁଅନ୍ତି, ତେବେ ପ୍ରାଧିକାରୀ ଉକ୍ତ ବ୍ୟାଙ୍କ୍ ପ୍ରତ୍ୟାଭୂତି

(ବି.ଜି.) ର ନଗଦୀ କରଣ କରିନେବେ ଏବଂ ଠିକାଦାର ପ୍ରାଧିକାରୀଙ୍କୁ ପ୍ରତ୍ୟେକ ବିଳମ୍ବିତ ଦିବସର ସୁଧ ପ୍ରଦାନ କରିବେ, ସେହି ସୁଧର ହାର ବାର୍ଷିକ 18 ପ୍ରତିଶତ[32] ହାରରେ ଗଣନା କରାଯିବ ।

ନିର୍ବାହୀ ଯନ୍ତ୍ରୀ (ଇ.ଇ.), ରାସ୍ତା ଓ କୋଠାବାଡ଼ି ବିଭାଜନ, ଝାରସୁଗୁଡ଼ା, ଇବ୍ ନଦୀର ଉଭୟ ପାର୍ଶ୍ୱରେ 500 ମିଟର ଦୈର୍ଘ୍ୟ ବିଶିଷ୍ଟ କ୍ଷୁଦ୍ର ପ୍ରବେଶ ମାର୍ଗ ସହିତ ଏକ ସୁ-ଉଚ୍ଚ ପୋଲ (ଏଚ୍.ଏଲ୍.ବି.) ର ନିର୍ମାଣ ପାଇଁ ଠିକାଦାରଙ୍କୁ ଇ.ପି.ସି. ଚୁକ୍ତିନାମା ମାଧ୍ୟମରେ 117.49 କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ (ମାର୍ଚ୍ଚ 2014) ଯାହା ସେପ୍ଟେମ୍ବର 2016 ସୁଦ୍ଧା ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା । ଝାରସୁଗୁଡ଼ା ଜିଲ୍ଲା ଅର୍ନ୍ତଗତ ବେଲ ପାହାଡ଼ ନିକଟସ୍ଥ ଏମ.ସି.ଏଲ. କୋଇଲା ଫିଲ୍ଡ଼ ଅଞ୍ଚଳ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ନିକଟସ୍ଥ ରାଜ୍ୟ ରାଜପଥ-10 ସହିତ ନୂତନ ସଂଯୋଗ ପଥର ପ୍ରତିଷ୍ଠା କରାଯିବା ଏହି ଏଚ୍.ଏଲ୍.ବି. ର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟଟି 20 ଡ଼ିସେମ୍ବର 2017 ରେ ସମାପ୍ତ ହୋଇଥିଲା ଏବଂ ଠିକାଦାର ମାନଙ୍କୁ 118.11 କୋଟି ଟଙ୍କା ପ୍ରଦାନ କରାଯାଇ ସାରିଥିଲା (ମାର୍ଚ୍ଚ 2019) କିନ୍ତୁ ଅନ୍ତିମ ବିଲ୍‌ଟି ପ୍ରଦାନ କରାଯିବା ସେପର୍ଯ୍ୟନ୍ତ ବାକି ଥିଲା (ଡ଼ିସେମ୍ବର 2020) ।

ସମୀକ୍ଷା ଅବଲୋକନରୁ ଜଣାଗଲା ଯେ, ଉପକରଣର ମୋବିଲାଇଜେସନ୍ ନିମନ୍ତେ ନିର୍ବାହୀ ଯନ୍ତ୍ରୀ ଜୁନ୍ 2014 ଏବଂ ଜୁନ୍ 2015 ମଧ୍ୟରେ ଚାରିଗୋଟି କିସ୍ତିରେ ଠିକାଦାରଙ୍କୁ 8.22 କୋଟି ଟଙ୍କା ପ୍ରଦାନ କରିଥିଲେ । ଜାନୁଆରୀ 2021ସୁଦ୍ଧା ମୂଳଧନ ଏବଂ ସୁଧ ସହିତ 11.21 କୋଟି ଟଙ୍କା ଠିକାଦାରଙ୍କ ଠାରୁ ଅସୁଲି ହେବା ବାକି ଥିଲା । ଯଦିଓ ନିର୍ବାହୀ ଯନ୍ତ୍ରୀ ମୋଟ ପ୍ରଦତ୍ତ ଅଗ୍ରୀମ ଏବଂ ସେଥିରେ ଏକତ୍ରିତ ସୁଧର ପରିମାଣ ମଧ୍ୟରୁ 9.05 କୋଟି ଟଙ୍କାର ପ୍ରଭାବୀ ଅସୁଲି କରିଥିଲେ, ବକେୟା ଅଗ୍ରୀମ ସହିତ ଅସୁଲିରେ ବିଳମ୍ବ ହେତୁ ଏହାର ସୁଧ ବାବଦରେ ମୋଟ 2.16 କୋଟି ଟଙ୍କା ସଂପୃକ୍ତ ଚଳନ୍ତି ହିସାବ ଲେଖା (ଆର.ଏ.) ବିଲ୍ ଗୁଡ଼ିକରୁ ଅସୁଲି କରାଯାଇ ପାରିନଥିଲା । ଠିକାଦାରଙ୍କୁ ଦିଆଯାଇଥିବା ଅଗ୍ରୀମର ପରିମାଣ, ସୁଧ ସହିତ ପ୍ରଭାବୀ ଅସୁଲିର ପରିମାଣ ଏବଂ ଅସୁଲି ହେବାକୁ ବକେୟା ରାଶିର ପରିମାଣ (ଅକ୍ଟୋବର, 2020 ସୁଦ୍ଧା) ନିମ୍ନ ସାରଣୀରେ ଦିଆଯାଇଛି ।

**ସାରଣୀ: ପ୍ରଦତ୍ତ ଅଗ୍ରୀମ, ଅସୁଲି ହୋଇଥିବା ଅର୍ଥ ଏବଂ ବକେୟା ଦେୟର ପରିମାଣର ବିସ୍ତୃତ ବିବରଣୀ**

| କ୍ରମ ସଂଖ୍ୟା | କିସ୍ତି | ମଞ୍ଜୁର ହୋଇଥିବା ତାରିଖ | ମଞ୍ଜୁର ହୋଇଥିବା ପରିମାଣ | ଅସୁଲି ନିମନ୍ତେ ବିଳମ୍ବିତ ଦିବସର ସଂଖ୍ୟା | ବକେୟା ସୁଧ ପ୍ରଥମ ବର୍ଷ ପାଇଁ **10** *ପ୍ରତି ଶତ* ଏବଂ ତାହା ପରେ **18** *ପ୍ରତି ଶତ* ଜାନୁଆରୀ **2021** ପର୍ଯ୍ୟନ୍ତ | ଅସୁଲି ଯୋଗ୍ୟ ମୋଟ ଦେୟ (ଟଙ୍କାରେ) | ଅସୁଲି ହୋଇଥିବା ପରିମାଣ (ଟଙ୍କାରେ) | ଅସୁଲି ହୋଇନଥିବା ପରିମାଣ (ଟଙ୍କାରେ) |
|---|---|---|---|---|---|---|---|---|
| 1 | 1ମ | 18/6/2014 | 2,34,98,000 | 344 | 22,14,606 | 2,57,12,606 | 2,57,12,606 | 0 |
| 2 | 2ୟ | 30/9/2014 | 1,17,49,000 | 365+274 | 60,21,926 | 4,12,68,926 | 4,12,68,926 | 0 |
| 3 | 3ୟ | 14/4/2015 | 2,34,98,000 | 365+78 | | | | |
| 4 | 4ର୍ଥ | 17/6/2015 | 2,34,98,000 | 365+1,659 +16 | 2,15,74,383 +35,890 | 4,50,72,383 +35,890 | 1,89,49,422* 45,48,578** | 2,61,22,961 (-)45,12,688 |
| ମୋଟ | | | **8,22,43,000** | | **2,98,46,805** | **11,20,89,805** | **9,04,79,532** | **2,16,10,273** |

*(ଉତ୍ସ: - ସମୀକ୍ଷା କରାଯାଇଥିବା ସଂସ୍ଥାମାନଙ୍କ ତଥ୍ୟାବଳୀରୁ ସମୀକ୍ଷା ଦ୍ୱାରା ସଂକଳିତ)*

ସମୀକ୍ଷା ଅବଲୋକନରୁ ଜଣାଗଲା ଯେ ନିମ୍ନ ଲିଖିତ ଆଭ୍ୟନ୍ତରୀଣ ବିଫଳତା ଗୁଡ଼ିକ ଯୋଗୁ ଦେୟ ଅସୁଲି ବିଫଳ ହୋଇଥିଲା :

- ଓ.ପି.ଡ଼ବ୍ଲ୍ୟୁ.ଡ଼ି.ର ବିହିତ ବ୍ୟବସ୍ଥାର ଉଲ୍ଲଂଘନରେ, ନିର୍ବାହୀ ଯନ୍ତ୍ରୀ ଠିକାଦାରଙ୍କୁ ପ୍ରଦତ୍ତ ଅଗ୍ରୀମ ଏବଂ ଚଳନ୍ତି ହିସାବ ବିଲ୍ ପ୍ରଦାନ ପୂର୍ବରୁ ପ୍ରଭାବୀ ଅସୁଲିର ପରିମାଣ ସମ୍ବନ୍ଧରେ ଠିକାଦାରଙ୍କ ଲେଜରର ତନଖି କରି ନ ଥିଲେ । ଏହି ଭାବରେ, ନିର୍ବାହୀ ଯନ୍ତ୍ରୀ ନିଷ୍ପାଦିତ କାର୍ଯ୍ୟ ପାଇଁ ଆର.ଏ. ବିଲ୍ କୁ ମଞ୍ଜୁରୀ ପ୍ରଦାନ କରିଥିଲେ କିନ୍ତୁ ଠିକାଦାରଙ୍କୁ ଦିଆଯାଇଥିବା ଅଗ୍ରୀମ ଅର୍ଥକୁ ବିଯୁକ୍ତ କରି ନଥିଲେ ।
- ବିଭାଜନ ଲେଖା ଅଧିକାରୀ ମଧ୍ୟ ଆର.ଏ. ବିଲ୍ ଗୁଡ଼ିକର ମଞ୍ଜୁରୀ ପୂର୍ବରୁ ଅଗ୍ରୀମକୁ ବିଯୁକ୍ତ କରିବା ଲାଗି ନିର୍ବାହୀ ଯନ୍ତ୍ରୀଙ୍କୁ ସୁପାରିଶ କରିବାରେ ମଧ୍ୟ ବିଫଳ ହୋଇଥିଲେ ।

[32] ପ୍ରଥମ ବର୍ଷର 10 ପ୍ରତିଶତ

- ଏପରିକି ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟର ସମାପ୍ତି ଏବଂ ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା ମୋବିଲାଇଜେସନ୍ ଅଗ୍ରୀମର ର ଆଦାୟ (ଡ଼ିସେମ୍ବର 2017) ପୂର୍ବରୁ ସୁରକ୍ଷା ଜମା ରାଶିକୁ ଫେରସ୍ତ କରିଥିଲେ (ନଭେମ୍ବର 2017)।
- ବିଭାଜନ ଅଧିକାରୀ ବି.ଜି. ରେଜିଷ୍ଟରର ଅନୁରକ୍ଷଣ ଏବଂ ଅଦ୍ୟତନ କରିବାରେ ବିଫଳ ହୋଇଥିଲେ ଯାହା ଦ୍ୱାରା ବି.ଜି.ର ନବୀ କରଣ ଏବଂ ବୈଧ ସମୟ ସୀମାର ସମାପ୍ତି ଯାଞ୍ଚ ମଧ୍ୟ ବିଫଳ ହେଲା । ଏହି ଭାବରେ, ବିଭାଜନ ଅଧିକାରୀ, ଠିକାଦାରଙ୍କୁ ପ୍ରଦତ୍ତ ଅର୍ଥର ବ୍ୟବସ୍ଥାପନ ନିମନ୍ତେ ବ୍ୟାଙ୍କ୍ ପ୍ରତ୍ୟାଭୂତିର ନଗଦୀ କରଣ କରିପାରି ନ ଥିଲେ ଏବଂ,
- ଚୁକ୍ତିନାମାର ସର୍ତ୍ତାବଳୀର ବିପରୀତ ଭାବରେ, ବ୍ୟାଙ୍କ୍ ପ୍ରତ୍ୟାଭୂତି ଗୁଡ଼ିକ ଏହାର ଭୁବନେଶ୍ୱର ଶାଖା ଠାରେ ପ୍ରତି-ପ୍ରତ୍ୟାଭୂତ ହୋଇଛି କି ନାହିଁ ତାହା ନିର୍ବାହୀ ଯନ୍ତ୍ରୀ ସୁନିଶ୍ଚିତ କରିନଥିଲେ ।

ଉପରୋକ୍ତ ସ୍ପଷ୍ଟୀକରଣ ଅନୁଯାୟୀ, ନିର୍ବାହୀ ଯନ୍ତ୍ରୀଙ୍କ ନିଷ୍କ୍ରିୟତା ଯୋଗୁ ରାଜ କୋଷକୁ 2.16 କୋଟି ଟଙ୍କା ପରିମାଣର ଆର୍ଥିକ କ୍ଷତି ସହିବାକୁ ପଡ଼ିଲା । ତେଣୁ, କର୍ତ୍ତବ୍ୟ ପାଳନରେ ଅବହେଳା ପ୍ରଦର୍ଶନ ଯୋଗୁ ଆର୍ଥିକ କ୍ଷତି ଘଟି ଥିବାରୁ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ପ୍ରାରମ୍ଭ କରାଯିବା ଉଚିତ୍ ଏବଂ ଠିକାଦାରଙ୍କ ଠାରୁ ମୂଳ ଧନ ଏବଂ ସୁଧ ସହିତ ବକେୟା ଅର୍ଥ ଅସୁଲି ନିମନ୍ତେ ପଦକ୍ଷେପ ନିଆଯିବା ଉଚିତ୍ ।

ଏହା ଦର୍ଶାଇବାରୁ, ସରକାର ଜଣାଇଲେ (ଅଗଷ୍ଟ 2021) ଯେ ଅସାବଧାନତା ଜନିତ ତ୍ରୁଟି ଯୋଗୁ ଇ.ପି.ସି. ଠିକାଦାର ଙ୍କୁ ପ୍ରଦାନ କରାଯାଇଥିବା ମୋବିଲାଇଜେସନ୍ ଅଗ୍ରୀମର ଅସୁଲି ହୋଇପାରି ନ ଥିଲା ଏବଂ ଇ.ପି.ସି. ସଂସ୍ଥା ଠାରୁ ସୁଧର ଅସୁଲି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉଅଛି ।

## ଅର୍ଥ ବିଭାଗ

### *3.10 ସମୀକ୍ଷା ପ୍ରତି ପ୍ରତିକ୍ରିୟା*

ସମୀକ୍ଷା ଫଳାଫଳ ଗୁଡିକର ସମୟାନୁଯାୟୀ ପ୍ରତିକ୍ରିୟା ହେଉଛି ଉତ୍ତମ ଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଯେହେତୁ ଏହା ସୁନିଶ୍ଚିତ କରାଏ ଯେ ସରକାର ତାଙ୍କର ତତ୍ତ୍ୱାବଧାନ ଭୂମିକାକୁ ଗମ୍ଭୀରତାର ସହ ନେଇଛନ୍ତି ।

ପ୍ରଧାନ ମହାଲେଖାକାର (ସମୀକ୍ଷା- II), ଓଡିଶା ନିୟମିତ ସମୟ ବ୍ୟବଧାନରେ ପ୍ରସ୍ତାବିତ ନିୟମାବଳୀ ଏବଂ ପଦ୍ଧତି ଅନୁଯାୟୀ ସରାକାରୀ ବିଭାଗ ଗୁଡିକ ଏବଂ ସେମାନଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ଗୁଡିକର ଦେଣ ନେଣ ଏବଂ ଗୁରୁତ୍ୱପୂର୍ଣ୍ଣ ଲେଖା ତଥା ଅନ୍ୟ ନଥିପତ୍ର ରକ୍ଷଣା ବେକ୍ଷଣ ସତ୍ୟାପନ କରିବା ପାଇଁ ନିରୀକ୍ଷଣ କରିଥାନ୍ତି । ଏହି ନିରୀକ୍ଷଣ ଗୁଡିକ ସମ୍ପାଦିତ ହେଲା ପରେ ନିରୀକ୍ଷଣ ରିପୋର୍ଟ (ଆଇ.ଆର.) ଗୁଡିକ କାର୍ଯ୍ୟାଳୟ ମୁଖ୍ୟ ଏବଂ ପରବର୍ତ୍ତୀ ଉପରସ୍ଥ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଥାଏ । ତ୍ରୁଟି ଓ ବିଚ୍ୟୁତିଗୁଡିକୁ ତ୍ୱରିତ ଭାବରେ ଧ୍ୟାନ ଦିଆଯିବା ଏବଂ ତାହାର ଅନୁପାଳନ ପ୍ରଧାନ ମହାଲେଖାକାରଙ୍କୁ ପ୍ରେରଣ କରିବା ଆଶା କରାଯାଏ । ସମୀକ୍ଷା ଅବଲୋକନ ଗୁଡିକର ବିଭାଗମାନଙ୍କର ଦ୍ୱାରା ଅନୁପାଳନ ସମ୍ବନ୍ଧୀୟ ତଦାରଖକୁ ସୁବିଧାଜନକ କରିବା ପାଇଁ ବାକି ଥିବା ନିରୀକ୍ଷଣ ରିପୋର୍ଟ ଗୁଡିକର ଏକ ଅର୍ଦ୍ଧ ବାର୍ଷିକ ବିବରଣୀ ପ୍ରତି ବିଭାଗର ସଚିବମାନଙ୍କୁ ପ୍ରେରଣ କରାଯାଇଥାଏ । ଉପରୋକ୍ତ ସ୍ଥାୟୀ ପ୍ରକ୍ରିୟା ବ୍ୟତୀତ, ପ୍ରଶାସନିକ ବିଭାଗମାନଙ୍କର ପ୍ରତିନିଧି, ପ୍ରଧାନ ମହାଲେଖାକାର (ସମୀକ୍ଷା- II) ଏବଂ ଅର୍ଥ ବିଭାଗର ପ୍ରତିନିଧିମାନଙ୍କୁ ନେଇ ଗଠିତ ସମୀକ୍ଷା କମିଟୀ ବୈଠକରେ ତଥ୍ୟାବଳୀର ଯାଞ୍ଚ କରାଯିବା ସହିତ ବାକିଥିବା ନିରୀକ୍ଷଣ ରିପୋର୍ଟ ଏବଂ ଅନୁଚ୍ଛେଦ ଗୁଡିକର ବିସ୍ତୃତ ବିଚାର ବିମର୍ଷ ଓ ସତ୍ୟାସତ୍ୟ ପ୍ରମାଣ ଦ୍ୱାରା ମୀମାଂସା କରାଯାଇଥାଏ ।

ଏକ ଅନୁଧ୍ୟାନରୁ ଜଣାଗଲା ଯେ ମାର୍ଚ୍ଚ 2020 ସୁଦ୍ଧା ଜାରୀ ହୋଇଥିବା 12 ଟି ବିଭାଗ ଅନ୍ତର୍ଗତ 3,473 ଟି ନିରୀକ୍ଷଣ ରିପୋର୍ଟର 12,530 ଟି ଅନୁଚ୍ଛେଦ ଜୁନ 2020 ଶେଷ ସୁଦ୍ଧା ବାକି ରହିଥିଲା। ଏଥିମଧ୍ୟରୁ, 1,328 ଟି ନିରୀକ୍ଷଣ ରିପୋର୍ଟର 3,050 ଟି ଅନୁଚ୍ଛେଦ 10 ବର୍ଷରୁ ଅଧିକ ଅବଧି ଧରି ବାକି ରହିଥଲା **(ପରିଶିଷ୍ଟ- 14)**। ଏପରିକି କାର୍ଯ୍ୟାଳୟ ମୁଖ୍ୟଙ୍କ ଠାରୁ ପ୍ରଥମ ଉତ୍ତର ଯାହାକି ଏକ ମାସ ଭିତରେ ଦାଖଲ କରାଯିବା କଥା, ଜାରୀ ହୋଇଥିବା 1,222 ଟି ନିରୀକ୍ଷଣ ରିପୋର୍ଟ ସମ୍ବନ୍ଧରେ ଏହି ଉତ୍ତର ମାର୍ଚ୍ଚ 2020 ସୁଦ୍ଧା ପ୍ରାପ୍ତ ହୋଇନଥିଲା ଯଦିଓ ଏହା ଆପେକ୍ସ କମିଟି ବୈଠକ ଏବଂ ବିଭାଗୀୟ ତଦାରଖ କମିଟି ବୈଠକ ଦ୍ୱାରା ନିର୍ଦ୍ଦେଶ ଦିଆଯାଇଥିଲା। ବର୍ଷ-ଓ୍ୱାରୀ ବାକି ଥିବା ନିରୀକ୍ଷଣ ରିପୋର୍ଟ ଏବଂ ଅନୁଚ୍ଛେଦ ଗୁଡିକର ବିବରଣୀ **ପରିଶିଷ୍ଟ – 15** ରେ ପ୍ରଦାନ କରାଯାଇଛି ।

ଏହି ନିରୀକ୍ଷଣ ରିପୋର୍ଟଗୁଡିକରେ ଦର୍ଶାଯାଇଥିବା ଗୁରୁତର ଅନିୟମିତତା ଗୁଡିକର ମୀମାଂସା ଜୁନ୍ 2020 ସୁଦ୍ଧା ହୋଇନାହିଁ **(ପରିଶିଷ୍ଟ - 16)** । ଅନୁଚ୍ଛେଦ ସଂଖ୍ୟା ଏବଂ ଏହିସବୁ ଅନିୟମିତତାରେ ଜଡିତ ଅର୍ଥର ପରିମାଣ ନିମ୍ନ ସାରଣୀ ରେ ଶ୍ରେଣୀ ଭୂକ୍ତ କରାଯାଇଛି ।

**ସାରଣୀ – 3.2 - ଅନିୟମିତତାର ଶ୍ରେଣୀ, ଅନୁଚ୍ଛେଦ ସଂଖ୍ୟା ଏବଂ ପରିମାଣ**

**(ଟଙ୍କା କୋଟିରେ)**

| *କ୍ରମିକ ସଂଖ୍ୟା* | *ଅନିୟମିତତାର ଶ୍ରେଣୀ* | *ଅନୁଚ୍ଛେଦ ସଂଖ୍ୟା* | *ପରିମାଣ* |
|---|---|---|---|
| 1 | ନିୟମ ଓ ବିନିୟମାବଳୀର ଅନୁପାଳନ ନ କରିବା | 136 | 1,237.72 |
| 2 | ଔଚିତ୍ୟ ବିରୋଧୀ ର ସମୀକ୍ଷା/ ଯଥାର୍ଥତା ନ ଥାଇ ଅର୍ଥବ୍ୟୟ | 29 | 114.89 |
| 3 | ଲଗାତାର ଭାବେ/ ବ୍ୟାପକ ଅନିୟମିତତା | 11 | 250.43 |
| 4 | ପର୍ଯ୍ୟବେକ୍ଷଣ/ ଶାସକୀୟ ବିଫଳତା | 4 | 7 |
| | | **180** | **1,610.04** |
| | ମୋଟ | | |

ସମୀକ୍ଷା ବର୍ଷାନୁବର୍ଷ ଧରି ଲାଗି ରହିଥିବା ଅନିୟମିତତା ଉପରେ ଆପତ୍ତି ଉଠାଇଥିଲେ ଏବଂ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ ମାଧମରେ ଏହାର ପୁନରାବୃତ୍ତି ରୋକିବା ପାଇଁ ପ୍ରତିକାର ମୂଳକ ପଦକ୍ଷେପର ପ୍ରାରମ୍ଭ କରିବା ନିମନ୍ତେ ସୂଚିତ କରିଥିଲେ । ସମୀକ୍ଷା ଅବଲୋକନ କଲା ଯେ, ରାଜ୍ୟ ସରକାର ସଂଶୋଧନମୂଳକ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ସେହି ସବୁ ସ୍ଥାୟୀ ଅନିୟମିତତା ଗୁଡ଼ିକ ନିରନ୍ତର ରହିଥିଲା । ସେହି ସବୁ ଅନିୟମିତତା ଗୁଡ଼ିକ ମଧ୍ୟରୁ କିଛିର ବିସ୍ତୃତ ବିବରଣୀ **ପରିଶିଷ୍ଟ- 17** ରେ ପ୍ରଦାନ କରାଯାଇଛି ।

# ଭାଗ-ଖ

# ସରକାରୀ ଉଦ୍ୟୋଗ

# ଅଧ୍ୟାୟ IV

# ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ଆର୍ଥିକ ପ୍ରଦର୍ଶନର ସାରାଂଶ

# ଅଧ୍ୟାୟ IV

## ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକର ଆର୍ଥିକ ପ୍ରଦର୍ଶନର ସାରାଂଶ

## 4.1 ଉପକ୍ରମ

ଏହି ପ୍ରତିବେଦନ ସରକାରୀ କମ୍ପାନୀ, ବୈଧାନିକ ନିଗମ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକର ଆର୍ଥିକ କାର୍ଯ୍ୟଦକ୍ଷତାର ସାରାଂଶ ଉପସ୍ଥାପନ କରେ। ପ୍ରତିବେଦନରେ, ରାଜ୍ୟ ସରକାରୀ ଉଦ୍ୟୋଗ (ଏସ୍‌ପିଏସ୍‌ଇ) ଶବ୍ଦ ସେହି ସରକାରୀ କମ୍ପାନୀଗୁଡ଼ିକୁ ଅନ୍ତର୍ଭୁକ୍ତ କରେ ଯେଉଁଥିରେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ଅଂଶଧନ 51 ପ୍ରତିଶତ କିମ୍ବା ଅଧିକ ଏବଂ ସରକାରୀ କମ୍ପାନୀଗୁଡ଼ିକର ସହାୟକ କମ୍ପାନୀ ଅଟେ। ବିଧାନସଭା ଦ୍ୱାରା ପ୍ରଣୀତ ବୈଧାନିକ ନିଗମ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ମାଲିକାନା କିମ୍ବା ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ଏସ୍‌ପିଏସ୍‌ଇ ଭାବରେ ବର୍ଗୀକୃତ ହୋଇଛନ୍ତି।

କମ୍ପାନୀ ଅଧିନିୟମ, 2013ର ଧାରା 2(45)ରେ ବ୍ୟାଖ୍ୟା କରାଯାଇଛି ଯେ କୌଣସି କମ୍ପାନୀରେ ସମାଦତ୍ତ ପୁଞ୍ଜିର ଅନ୍ୟୁନ୍ୟ 51 ପ୍ରତିଶତ ଯଦି କେନ୍ଦ୍ର ସରକାରଙ୍କ ଦ୍ୱାରା ନତୁବା ରାଜ୍ୟ ସରକାର/ ସରକାରମାନଙ୍କ ଦ୍ୱାରା ବା କିଛି ଅଂଶ କେନ୍ଦ୍ର ସରକାରଙ୍କ ଦ୍ୱାରା ଏବଂ କିଛି ଅଂଶ ଗୋଟିଏ କିମ୍ବା ଅଧିକ ରାଜ୍ୟ ସରକାରମାନଙ୍କ ଦ୍ୱାରା ନିବେଶିତ ହୋଇଥାଏ, ତେବେ ସେହି କମ୍ପାନୀକୁ ସରକାରୀ କମ୍ପାନୀ କୁହାଯାଏ ଏବଂ ଏହି କମ୍ପାନୀଗୁଡ଼ିକର ସହାୟକ କମ୍ପାନୀ ମଧ୍ୟ ସରକାରୀ କମ୍ପାନୀ ଅଟେ।

ଏହା ବ୍ୟତୀତ, ଅନ୍ୟ କୌଣସି କମ୍ପାନୀର ମାଲିକାନା କିମ୍ବା ନିୟନ୍ତ୍ରଣ ଯଦି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କେନ୍ଦ୍ର ସରକାର କିମ୍ବା କୌଣସି ରାଜ୍ୟ ସରକାର/ ସରକାରମାନଙ୍କ କିମ୍ବା ଆଂଶିକ କେନ୍ଦ୍ର ସରକାର ଏବଂ ଆଂଶିକ ଗୋଟିଏ କିମ୍ବା ଅଧିକ ରାଜ୍ୟ ସରକାରମାନଙ୍କ ନିକଟରେ ଥାଏ, ଏହି ପ୍ରତିବେଦନରେ ସେଗୁଡ଼ିକୁ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଭାବରେ ଉଲ୍ଲେଖ କରାଯାଇଛି।

### 4.1.1 ଆଦେଶ

ସିଏଜିଙ୍କ ଦ୍ୱାରା ସରକାରୀ କମ୍ପାନୀ ଏବଂ ସରକାରୀ  ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକର ସମୀକ୍ଷା କମ୍ପାନୀ ଅଧିନିୟମ 2013ର ଧାରା 143(5)ରୁ 143(7), ସିଏଜିଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବାସର୍ତ୍ତ) ଅଧିନିୟମ 1971ର ଧାରା 19 ଏବଂ ସେଥିରେ ପ୍ରସ୍ତୁତ ନିୟମାବଳୀ ଦ୍ୱାରା ପରିଚାଳିତ ହୁଏ। କମ୍ପାନୀ ଅଧିନିୟମ, 2013 ଅନୁଯାୟୀ, ସିଏଜି ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ କମ୍ପାନୀଗୁଡ଼ିକ ପାଇଁ ବୈଧାନିକ ସମୀକ୍ଷକ ଭାବରେ ନିଯୁକ୍ତ କରନ୍ତି ଏବଂ ହିସାବଗୁଡ଼ିକ କିପରି ସମୀକ୍ଷା କରାଯିବ ସେ ସମ୍ବନ୍ଧରେ ନିର୍ଦ୍ଦେଶ ଦେଇଥାନ୍ତି । ଏଥି ସହିତ ଏକ ଅନୁପୂରକ ସମୀକ୍ଷା କରିବାକୁ ସିଏଜିଙ୍କର ଅଧିକାର ଅଛି। କେତେକ ବୈଧାନିକ ନିଗମକୁ ନିୟନ୍ତ୍ରଣ କରୁଥିବା ନିୟମଗୁଡ଼ିକ ସେମାନଙ୍କ ସମୀକ୍ଷା କେବଳ ମହାସମୀକ୍ଷକଙ୍କ ଦ୍ୱାରା ହେବା ଆବଶ୍ୟକ କରନ୍ତି।

### 4.1.2 ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ

ଏହି ପ୍ରତିବେଦନ ରାଜ୍ୟ ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକର ବାର୍ଷିକ ହିସାବର ଆର୍ଥିକ ପ୍ରଦର୍ଶନର ଏକ ସାମଗ୍ରୀକ ଚିତ୍ର ପ୍ରଦାନ କରିଥାଏ।

ବାର୍ଷିକ ହିସାବଗୁଡ଼ିକର ସଂଶୋଧନ ଏବଂ ସିଏଜିଙ୍କ ଦ୍ୱାରା ଏସ୍‌ପିଏସ୍‌ଇଗୁଡ଼ିକର 2019-20 ବର୍ଷ କିମ୍ବା ପୂର୍ବ ବର୍ଷମାନଙ୍କ ପାଇଁ ଚଳିତ ବର୍ଷ ଚୂଡାନ୍ତ ହୋଇଥିବା ଆର୍ଥିକ ବିବରଣୀଗୁଡ଼ିକର ଅନୁପୂରକ ସମୀକ୍ଷା ଫଳାଫଳ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟଗୁଡ଼ିକର ପ୍ରଭାବ ଏହି ପ୍ରତିବେଦନରେ ଦିଆଯାଇଛି। ପ୍ରତିବେଦନରେ ସିଏଜିଙ୍କ ଦ୍ୱାରା ସେହି ବୈଧାନିକ ନିଗମଗୁଡ଼ିକର ଆର୍ଥିକ ବିବରଣୀ ଉପରେ ଦିଆଯାଇଥିବା ମନ୍ତବ୍ୟର ପ୍ରଭାବ ମଧ୍ୟ ରହିଛି, ଯେଉଁ ବୈଧାନିକ ନିଗମଗୁଡ଼ିକରେ ସିଏଜି ଏକମାତ୍ର ସମୀକ୍ଷକ ଅଟନ୍ତି।

### 4.1.3 ଏସ୍‌ପିଏସ୍‌ଇଗୁଡ଼ିକର ସଂଖ୍ୟା

31 ମାର୍ଚ୍ଚ 2020 ସୁଦ୍ଧା, (**ପରିଶିଷ୍ଟ-**18 ରେ ବିସ୍ତୃତ ଭାବରେ) ସିଏଜିଙ୍କ ସମୀକ୍ଷା ଅଧୀନରେ 82ଟି ଏସ୍‌ପିଏସ୍‌ଇ ଥିଲା ଯାହା ଦିଆଗଲା। ଏଥିମଧ୍ୟରେ 63ଟି ସରକାରୀ କମ୍ପାନୀ[33], 03ଟି ବୈଧାନିକ ନିଗମ ଏବଂ 16ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଅନ୍ତର୍ଭୁକ୍ତ। ଏଥିମଧ୍ୟରୁ, 46ଟି ଏସ୍‌ପିଏସ୍‌ଇର ଆର୍ଥିକ କାର୍ଯ୍ୟଦକ୍ଷତାର ସାରାଂଶ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ଏହି ଏସ୍‌ପିଏସ୍‌ଇଗୁଡ଼ିକର ପ୍ରକାର ନିମ୍ନ ସାରଣୀରେ ସୂଚିତ କରାଯାଇଛି:

**ସାରଣୀ 4.1: ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ଏସ୍‌ପିଏସ୍‌ଇ ଗୁଡ଼ିକର ଅନ୍ତର୍ଭୁକ୍ତି ଏବଂ ପ୍ରକାର**

| ଏସ୍‌ପିଏସ୍‌ଇର ପ୍ରକାର | ମୋଟ ଏସ୍‌ପିଏସ୍‌ଇ ସଂଖ୍ୟା | ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ଏସ୍‌ପିଏସ୍‌ଇଗୁଡ଼ିକର ସଂଖ୍ୟା | | | | ବାର୍ଷିକ ହିସାବ ତିନି ବର୍ଷ ବା ତଦୂର୍ଦ୍ଧ ବକେୟା ଥିବା ଏସ୍‌ପିଏସ୍‌ଇ ଗୁଡ଼ିକର ସଂଖ୍ୟା ଯାହାକି ଅନ୍ତର୍ଭୁକ୍ତ କରାଯାଇନାହିଁ |
|---|---|---|---|---|---|---|
| | | ପର୍ଯ୍ୟନ୍ତ ହିସାବ | | | ମୋଟ | |
| | | **2019-20** | **2018-19** | **2017-18** | | |
| ସରକାରୀ କମ୍ପାନୀ ସମୂହ | 63 | 7 | 20 | 3 | 30 | 33 |
| ବୈଧାନିକ ନିଗମ ସମୂହ | 3 | 0 | 2 | 1 | 3 | 0 |
| ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ସମୂହ | 16 | 4 | 7 | 2 | 13 | 3 |
| **ମୋଟ** | **82** | **11** | **29** | **6** | **46** | **36** |

କୌଣସି ସରକାରୀ କମ୍ପାନୀ/ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ 2019-20 ମଧ୍ୟରେ ସିଏଜିଙ୍କ ସମୀକ୍ଷା ପରିସରରୁ ଆସିନଥିଲେ କିମ୍ବା ସମୀକ୍ଷା ପରିସରରୁ ବାଦ ପଡିନଥିଲେ।

ଏହି ପ୍ରତିବେଦନରେ 36ଟି ଏସ୍‌ପିଏସ୍‌ଇ ଅନ୍ତର୍ଭୁକ୍ତ କରାଯାଇ ନାହିଁ (03ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକୁ ଅନ୍ତର୍ଭୁକ୍ତ କରି) ଯାହାର ବାର୍ଷିକ ହିସାବ ତିନି ବର୍ଷ କିମ୍ବା ତା ଠାରୁ ଅଧିକ ବକେୟା ରହିଥିଲା କିମ୍ବା ଅଚଳ କିମ୍ବା ସମାପନ ପ୍ରକ୍ରିୟାରେ ଏଗୁଡ଼ିକୁ **ପରିଶିଷ୍ଟ-19କ** ଏବଂ **ପରିଶିଷ୍ଟ-19ଖ**ରେ ଦର୍ଶାଯାଇଅଛି।

### 4.1.4 ରାଜ୍ୟ ଅର୍ଥନୀତିରେ ଯୋଗଦାନ

ନିମ୍ନଲିଖିତ ସାରଣୀରେ ମାର୍ଚ୍ଚ 2020ରେ ଶେଷ ହେବାକୁ ଥିବା ତିନିବର୍ଷ ପାଇଁ 33ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 13ଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ଗୁଡ଼ିକର କାରବାର ଏବଂ ଓଡ଼ିଶାର ଜିଏସ୍‌ଡିପିର ସବିଶେଷ ବିବରଣୀ ପ୍ରଦାନ କରାଯାଇଛି:

**ସାରଣୀ 4.2: ଓଡ଼ିଶାର ଜିଏସ୍‌ଡିପି ତଥା ରାଜ୍ୟ ପିଏସ୍‌ଇଗୁଡ଼ିକର କାରବାରର ବିବରଣୀ**

*(ଟଙ୍କା କୋଟିରେ)*

| ବିଷଦ ବିବରଣୀ | **2017-18** | **2018-19** | **2019-20** |
|---|---|---|---|
| କାରବାର | 23375.77 | 25561.39 | 24850.36 |
| ପୂର୍ବ ବର୍ଷ ତୁଳନାରେ କାରବାରର ଶତକଡା ପରିବର୍ତ୍ତନ | 17.59 | 9.35 | -2.78 |
| ଓଡ଼ିଶାର ଜିଏସ୍‌ଡିପି | 415981.68 | 486003.80 | 533822.46 |
| ପୂର୍ବ ବର୍ଷ ତୁଳନାରେ ଜିଏସ୍‌ଡିପିର ଶତକଡା ପରିବର୍ତ୍ତନ | 32.32 | 16.83 | 9.84 |
| ଓଡ଼ିଶାରର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 5.62 | 5.26 | 4.66 |

2019-20 ରେ ଜିଏସ୍‌ଡିପି ଉପରେ ଏସ୍‌ପିଏସ୍‌ଇର କାରବାରର ହାର 4.66 ପ୍ରତିଶତ ଥିଲା ଏବଂ ପୂର୍ବ ବର୍ଷର

---

33 କମ୍ପାନୀ ଅଧିନିୟମରେ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀମାନଙ୍କର ସଂଜ୍ଞା ନିରୂପଣ କରାଯାଇନାହିଁ। ଏହି କମ୍ପାନୀଗୁଡ଼ିକରେ ସରକାରଙ୍କ ଅଂଶଧନ 51 ପ୍ରତିଶତ ବା ତା'ଠାରୁ କମ ଯେଉଁଗୁଡ଼ିକର ସମୀକ୍ଷା ପାଇଁ ସିଏଜିଙ୍କୁ ନ୍ୟସ୍ତ କରାଯାଇଥିଲା।

5.26 ପ୍ରତିଶତରୁ ହ୍ରାସ ପାଇଥିଲା । **ପରିଶିଷ୍ଟ-20** ରେ ବିଭାଗ-ୱାରୀ ସ୍ଥିତି ଦିଆଯାଇଛି । ଗତ ତିନିବର୍ଷ ମଧ୍ୟରେ ଜିଏସ୍‌ଡିପିର ବାର୍ଷିକ ଅଭିବୃଦ୍ଧି[34] 19.30 ପ୍ରତିଶତ ହୋଇଥିବା ବେଳେ, ସମାନ ସମୟରେ ଶକ୍ତିକ୍ଷେତ୍ର ଉଦ୍ୟୋଗ ଏବଂ ଅଣ-ଶକ୍ତିକ୍ଷେତ୍ର ଉଦ୍ୟୋଗର କାରବାର ଯଥାକ୍ରମେ ବାର୍ଷିକ 5.35 ପ୍ରତିଶତ ଏବଂ 9.44 ପ୍ରତିଶତ ବୃଦ୍ଧି ହୋଇଛି । ଏହା ଦ୍ୱାରା ଜିଏସ୍‌ଡିପି ଉପରେ ଏହି ରାଜ୍ୟ ପିଏସ୍‌ଇଗୁଡିକର କାରବାରର ହାର 2017-18 ରେ 5.62 ପ୍ରତିଶତରୁ 2019-20 ରେ 4.66 ପ୍ରତିଶତକୁ ହ୍ରାସ ପାଇଥିଲା ।

### 4.1.5 ରାଜ୍ୟ ପିଏସ୍‌ଇଗୁଡିକୁ ବଜେଟ ସହାୟତା

ଓଡିଶା ସରକାର (ଜିଓଓ) ବାର୍ଷିକ ଅଟକଳ ମାଧ୍ୟମରେ ବିଭିନ୍ନ ରୂପରେ ରାଜ୍ୟ ପିଏସ୍‌ଇମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି । ମାର୍ଚ୍ଚ 2020ରେ ସମାପ୍ତ ହେଉଥିବା ତିନି ବର୍ଷରେ 46ଟି ରାଜ୍ୟ ପିଏସ୍‌ଇଙ୍କୁ ଅଂଶଧନ, ଋଣ, ଅନୁଦାନ/ସବ୍‌ସିଡି, ଋଣଛାଡ ଏବଂ ଅଂଶଧନରେ ରୂପାନ୍ତରିତ ଋଣ ବାବଦ ବଜେଟ ସହାୟତାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଯାଇଛି ।

**ସାରଣୀ 4.3: ରାଜ୍ୟ ପିଏସ୍‌ଇଗୁଡିକୁ ବଜେଟ୍ ସହାୟତା ସମ୍ବନ୍ଧୀୟ ବିବରଣୀ**

*(ଟଙ୍କା କୋଟିରେ)*

| ବିଷଦ ବିବରଣୀ[35] | 2017-18 | | 2018-19 | | 2019-20 | |
|---|---|---|---|---|---|---|
| | ପିଏସ୍‌ୟୁ ସଂଖ୍ୟା | ପରିମାଣ | ପିଏସ୍‌ୟୁ ସଂଖ୍ୟା | ପରିମାଣ | ପିଏସ୍‌ୟୁ ସଂଖ୍ୟା | ପରିମାଣ |
| ପ୍ରଦତ୍ତ ସାଧାରଣ ଅଂଶଧନ (i) | 4 | 597.69 | 3 | 272.42 | 2 | 118.70 |
| ପ୍ରଦତ୍ତ ଋଣ (ii) | 1 | 20.00 | 1 | 45.48 | 1 | 100.05 |
| ପ୍ରଦତ୍ତ ଅନୁଦାନ/ସବ୍‌ସିଡି (iii) | 12 | 826.43 | 9 | 1157.05 | 8 | 2460.36 |
| **ମୋଟ ପ୍ରଦତ୍ତ ଅର୍ଥ (i+ii+iii)** | **16$** | **1444.12** | **12$** | **1474.95** | **8*** | **2679.11** |
| ପ୍ରତିଭୂତି ପ୍ରଦାନ | 0 | 0 | 1@ | 2350.00 | 1@ | 600.00 |
| ପ୍ରତିଭୂତି ପ୍ରତିଶ୍ରୁତି[36] | 1@ | 2836.00 | 1@ | 4186.00 | 1@ | 4913.50 |

$ *ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ 2017-18 ଏବଂ 2018-19ରେ ଉଭୟ ସାଧାରଣ ଅଂଶଧନ ଏବଂ ଋଣ ଗ୍ରହଣ କରିଥିଲା ।*

* *ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ 2019-20ରେ ସାଧାରଣ ଅଂଶଧନ, ଋଣ ଏବଂ ଅନୁଦାନ ଗ୍ରହଣ କରିଥିଲା ଏବଂ ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ 2019-20ରେ ଉଭୟ ସାଧାରଣ ଅଂଶଧନ ଏବଂ ଅନୁଦାନ ଗ୍ରହଣ କରିଥିଲା ।*

@ *ଗ୍ରୀଡକୋ ଲିମିଟେଡ୍.*

2019-20 ବର୍ଷରେ ଦିଆଯାଇଥିବା 2,679.11 କୋଟି ଟଙ୍କାର ବଜେଟୀୟ ସହାୟତା ସାଧାରଣ ଅଂଶଧନ, ଋଣ ଏବଂ ଅନୁଦାନ/ସବ୍‌ସିଡି ଆକାରରେ ଥିଲା । ରାଜ୍ୟ ସରକାର 2019-20 ମଧ୍ୟରେ ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍(ଓପିଟିସିଏଲ୍)କୁ 100.05 କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି, ଯାହାର ବାର୍ଷିକ ହିସାବ 2019-20 ଆର୍ଥିକ ବର୍ଷ ପାଇଁ 30 ସେପ୍ଟେମ୍ବର 2020 ପର୍ଯ୍ୟନ୍ତ ଗ୍ରହଣ କରାଯାଇ ନଥିଲା । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅନୁଦାନ/ସବ୍‌ସିଡି ମୁଖ୍ୟତଃ ଖାଦ୍ୟ ସୁରକ୍ଷା ଯୋଗାଇବା ପାଇଁ ଉଦ୍ଦିଷ୍ଟ ଥିଲା । 2019-20 ବର୍ଷ ମଧ୍ୟରେ ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ (1,324.33 କୋଟି ଟଙ୍କା) ଏବଂ ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (853.69 କୋଟି ଟଙ୍କା)କୁ ସର୍ବାଧିକ ଅନୁଦାନ/ ସବ୍‌ସିଡି ପ୍ରଦାନ କରାଯାଇଥିଲା ।

ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡିକରୁ ଆର୍ଥିକ ସହାୟତା ମାଗିବା ପାଇଁ ଭାରତର ସମ୍ବିଧାନରେ ଧାର୍ଯ୍ୟ କରାଯାଇଥିବା ସୀମା ଅନୁଯାୟୀ ସରକାରଙ୍କ ଦ୍ୱାରା ଜାରି (ନଭେମ୍ବର 2002) କରାଯାଇଥିବା ମାନଦଣ୍ଡ ଏବଂ ନିର୍ଦ୍ଦେଶାବଳୀ

---

34 ବାର୍ଷିକ ଚକ୍ରବୃଦ୍ଧି ହାର [[{(2019-20 ର ମୂଲ୍ୟ/ 2016-17 ର ମୂଲ୍ୟ)^(1/3 ବର୍ଷ)}- 1]*100] ଯେଉଁଠାରେ 2016-17 ବର୍ଷ ପାଇଁ କାରବାର ଏବଂ ଜିଏସ୍‌ଡିପି ଯଥାକ୍ରମେ 19879.27 କୋଟି ଟଙ୍କା ଏବଂ 314363.78 କୋଟି ଟଙ୍କା ଥିଲା ।

35 ପରିମାଣ କେବଳ ରାଜ୍ୟ ବଜେଟ୍‌ରୁ ପ୍ରଦତ୍ତ ରାଶିକୁ ସୂଚାଏ ।

36 ଏକ ନିର୍ଦ୍ଦିଷ୍ଟ ବର୍ଷ ଶେଷରେ ଏସ୍‌ପିଏସ୍‌ଗୁଡିକ ଉପରେ ସରକାରୀ ପ୍ରତିଭୂତିର ଅନ୍ତିମ ଅବଶେଷ ।

ଅନୁଯାୟୀ ଜିଓଓ ପ୍ରତିଭୂତ ପ୍ରଦାନ କରିଥାଏ, ଯେଉଁଥିପାଇଁ ପ୍ରତିଭୂତ କମିଶନ ଚାର୍ଜ କରାଯାଉଛି। ସର୍ବାଧିକ ଅନୁମୋଦିତ ପ୍ରତିଭୂତି ଉପରେ ଏହି ହାର ହେଉଛି 0.50 ପ୍ରତିଶତ। ବ୍ୟାଙ୍କ/ ଆର୍ଥିକ ପ୍ରତିଷ୍ଠାନରୁ ଋଣ ପାଇବା ପାଇଁ ଗ୍ରୀଡ୍‌କୋ ଲିମିଟେଡ୍ ଜିଓଓରୁ ଅତିରିକ୍ତ ପ୍ରତିଭୂତି ପ୍ରତିଶ୍ରୁତି ଲୋଡିବାରୁ ଜିଓଓର ବକେୟା ପ୍ରତିଭୂତି ପ୍ରତିଶ୍ରୁତି 2018-19ରେ 4,186.00 କୋଟି ଟଙ୍କାରୁ 2019-20 ରେ 4,913.50 କୋଟି ଟଙ୍କାକୁ 17.38 ପ୍ରତିଶତ ବୃଦ୍ଧି ପାଇଥିଲା। ଗ୍ରୀଡ୍‌କୋ ଲିମିଟେଡ୍ 2019-20 ମଧ୍ୟରେ 32.16 କୋଟି ଟଙ୍କାର ପ୍ରତିଭୂତି କମିଶନ ଦେଇନଥିଲା।

**ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 2019-20 ପାଇଁ ଏସ୍‌ପିଏସ୍‌ଇର ଆର୍ଥିକ କାର୍ଯ୍ୟଦକ୍ଷତାର ସାରାଂଶ ( ସରକାରୀ କମ୍ପାନୀ ସମୂହ ଏବଂ ବୈଧାନିକ ନିଗମ ସମୂହ)**

| | |
|---|---|
| ଏସ୍‌ପିଏସ୍‌ଇ ସଂଖ୍ୟା | 66 |
| ଅନ୍ତର୍ଭୁକ୍ତ ହୋଇଥିବା ଏସ୍‌ପିଏସ୍‌ଇ | 33 |
| ସମାଦତ୍ତ ପୁଞ୍ଜି (33 ଏସ୍‌ପିଏସ୍‌ଇ) | 5,519.79 କୋଟି ଟଙ୍କା |
| ଦୀର୍ଘକାଳୀନ ଋଣ (33 ଏସ୍‌ପିଏସ୍‌ଇ) | 13,182.57 କୋଟି ଟଙ୍କା |
| ନିଟ୍ ଲାଭ (24 ଏସ୍‌ପିଏସ୍‌ଇ) | 1,686.08 କୋଟି ଟଙ୍କା |
| ନିଟ୍ କ୍ଷତି (07 ଏସ୍‌ପିଏସ୍‌ଇ) ଶୂନ୍ୟ ଲାଭ / କ୍ଷତି (02 ଏସ୍‌ପିଏସ୍‌ଇ)[37] | 304.52 କୋଟି ଟଙ୍କା |
| ଘୋଷିତ ଲାଭାଂଶ (06 ଏସ୍‌ପିଏସ୍‌ଇ) | 270.00 କୋଟି ଟଙ୍କା |
| ମୋଟ୍ ସମ୍ପତ୍ତି (33 ଏସ୍‌ପିଏସ୍‌ଇ) | 69681.45 କୋଟି ଟଙ୍କା |
| ଉତ୍ପାଦନର ମୂଲ୍ୟ (7 ଏସ୍‌ପିଏସ୍‌ଇ) | 6589.81 କୋଟି ଟଙ୍କା |
| ନିଟ୍ ମୂଲ୍ୟ (33 ସିପିଏସ୍‌ଇ) | 9621.32 କୋଟି ଟଙ୍କା |

## 4.2 ସରକାରୀ କମ୍ପାନୀ ଓ ନିଗମ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବିନିଯୋଗ

31 ମାର୍ଚ୍ଚ 2020 ଶେଷ ସୁଦ୍ଧା 33[38]ଟି ସରକାରୀ କମ୍ପାନୀ ଏବଂ ନିଗମରେ ସାଧାରଣ ଅଂଶଧନ ଏବଂ ଋଣର ପରିମାଣ ନିମ୍ନ ସାରଣୀରେ ଦିଆଯାଇଛି।

**ସାରଣୀ 4.4: ସରକାରୀ କମ୍ପାନୀ ଏବଂ ନିଗମଗୁଡିକରେ ସାଧାରଣ ଅଂଶଧନ ଏବଂ ଋଣ**

*(ଟଙ୍କା କୋଟିରେ)*

| ବିନିଯୋଗର ଉତ୍ସ | 31.03.2020 ତାରିଖରେ | | | 31.03.2019 ତାରିଖରେ | | |
|---|---|---|---|---|---|---|
| | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ୍ | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ୍ |
| 1. ରାଜ୍ୟ ସରକାର | 3970.29 | 1277.21 | 5247.50 | 3898.26 | 1283.70 | 5181.96 |
| 2. ରାଜ୍ୟ ସରକାରୀ କମ୍ପାନୀ / ନିଗମ/ସ୍ୱୟଂ ଶାସିତ ସଂସ୍ଥା | 534.78 | 798.98 | 1333.76 | 534.78 | 810.13 | 1344.91 |
| 3. କେନ୍ଦ୍ର ସରକାର / କେନ୍ଦ୍ର ସରକାରୀ କମ୍ପାନୀ /ନିଗମ | 45.70 | 6882.83 | 6928.53 | 45.70 | 6882.83 | 6928.53 |
| 4. ଆର୍ଥିକ ପ୍ରତିଷ୍ଠାନ ଏବଂ ଅନ୍ୟମାନେ | 969.02 | 4223.55 | 5192.57 | 969.02 | 4240.85 | 5209.87 |
| **ମୋଟ୍** | **5519.79** | **13182.57** | **18702.36** | **5447.76** | **13217.51** | **18665.27** |
| ମୋଟ୍ ବିନିଯୋଗ ଉପରେ ରାଜ୍ୟ ସରକାରଙ୍କ ବିନିଯୋଗର ଶତକଡା ହାର | 71.93 | 9.69 | 28.06 | 71.56 | 9.71 | 27.76 |

31 ମାର୍ଚ୍ଚ 2020 ଶେଷ ସୁଦ୍ଧା 13ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଗୁଡିକରେ ସାଧାରଣ ଅଂଶଧନ ଏବଂ ଋଣର ପରିମାଣ ନିମ୍ନ ସାରଣୀରେ ଦିଆଯାଇଛି।

[37] ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ ଏବଂ ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍

[38] 66 ଏସ୍‌ପିଏସ୍‌ଇ-33 ଏସ୍‌ପିଏସ୍‌ଇ ଯାହାର ହିସାବ ତିନି ବର୍ଷ କିମ୍ବା ତା ଠାରୁ ଅଧିକ ବକେୟା ଥିଲା କିମ୍ବା ଅଚଳ/ସମାପନ ପ୍ରକ୍ରିୟାରେ ଥିଲା।

**ସାରଣୀ 4.5: ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ସାଧାରଣ ଅଂଶଧନ ଏବଂ ଋଣ**

*(ଟଙ୍କା କୋଟିରେ)*

| ବିନିଯୋଗର ଉତ୍ସ | 31.03.2020 ତାରିଖରେ | | | 31.03.2019 ତାରିଖରେ | | |
|---|---|---|---|---|---|---|
| | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ୍ | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ |
| ରାଜ୍ୟ ସରକାର | 1774.38 | 46.58 | 1820.96 | 1774.17 | 46.58 | 1820.75 |

### 4.2.1 ସାଧାରଣ ଅଂଶଧନର ପରିମାଣ

ଗୋଟିଏ ଏସ୍‌ପିଏସ୍‌ଇ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଦ୍ୱାରା ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ଥିବା 72.03 କୋଟି ଟଙ୍କା ଦେୟକୁ ସାଧାରଣ ଅଂଶଧନରେ ରୂପାନ୍ତର କରାଯିବାରୁ 2019-20 ମଧ୍ୟରେ, ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 33ଟି ଏସ୍‌ପିଏସ୍‌ଇର ମୋଟ ସାଧାରଣ ଅଂଶଧନ ପରିମାଣର ଅଙ୍କିତ ମୂଲ୍ୟ 72.03 କୋଟି ଟଙ୍କା ବୃଦ୍ଧି ପାଇଥିଲା।

ସରକାରୀ କମ୍ପାନୀ ଏବଂ ନିଗମରେ 31 ମାର୍ଚ୍ଚ 2020ରେ ଶେଷ ହୋଇଥିବା ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଏବଂ ଅନ୍ୟମାନଙ୍କ ନିକଟରେ ଥିବା ସାଧାରଣ ଅଂଶଧନର ପରିମାଣ ନିମ୍ନରେ ଥିବା ଚାର୍ଟରେ ଚିତ୍ରିତ ହୋଇଛି:

**ଚାର୍ଟ-I: ସରକାରୀ କମ୍ପାନୀ ଏବଂ ନିଗମ ଗୁଡିକରେ ସାଧାରଣ ଅଂଶଧନର ପରିମାଣ**




2019-20 ମଧ୍ୟରେ ଏସ୍‌ପିଏସ୍‌ଇର ସମାଦତ୍ତ ପୁଞ୍ଜିରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ହୋଲ୍ଡିଂ (200 କୋଟି ଟଙ୍କାରୁ ଅଧିକ ହୋଲ୍ଡିଂ)ର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 4.6: ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ହୋଲ୍ଡିଂ**

*(ଟଙ୍କା କୋଟିରେ)*

| ଏସ୍‌ପିଏସ୍‌ଇର ନାମ | ବିଭାଗର ନାମ | ପରିମାଣ | ରାଜ୍ୟ ସରକାରଙ୍କ ମୋଟ ହୋଲ୍ଡିଂ ତୁଳନାରେ ଏହି ଏସ୍‌ପିଏସ୍‌ଇରେ ରାଜ୍ୟ ସରକାରଙ୍କ ହୋଲ୍ଡିଂର ଶତକଡା ହାର |
|---|---|---|---|
| **ବୈଧାନିକ ନିଗମ** | | | |
| ଓଡିଶା ରାଜ୍ୟ ଅର୍ଥ ନିଗମ | ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | 342.72 | 8.63 |
| ଓଡିଶା ରାଜ୍ୟ ସଡକ ପରିବହନ ନିଗମ | ବାଣିଜ୍ୟ ଓ ପରିବହନ | 278.54 | 7.02 |
| **ସରକାରୀ କମ୍ପାନୀ ସମୂହ** | | | |
| ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ | ଶକ୍ତି | 929.47 | 23.41 |
| ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ | ଶକ୍ତି | 790.07 | 19.90 |
| ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ | ଶକ୍ତି | 761.65 | 19.18 |
| ଗ୍ରୀଡ୍‌କୋ ଲିମିଟେଡ୍ | ଶକ୍ତି | 576.71 | 14.53 |

### 4.2.2 ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକୁ ଦିଆଯାଇଥିବା ଋଣ

#### 4.2.2.1 31 ମାର୍ଚ୍ଚ 2020 ସୁଦ୍ଧା ବକେୟା ଥିବା ଦୀର୍ଘକାଳୀନ ଋଣର ଗଣନା

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 33ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକ ମଧ୍ୟରୁ 10ଟି ଏସ୍‌ପିଏସ୍‌ଇର 31 ମାର୍ଚ୍ଚ 2020 ସୁଦ୍ଧା ସମସ୍ତ ଉତ୍ସରୁ 13,182.57 କୋଟି ଟଙ୍କା ବକେୟା ଦୀର୍ଘକାଳୀନ ଋଣ ରହିଥିଲା। 2019-20 ମଧ୍ୟରେ ଏସ୍‌ପିଏସ୍‌ଇମାନଙ୍କର ଦୀର୍ଘକାଳୀନ ଋଣରେ 34.94 କୋଟି ଟଙ୍କା ହ୍ରାସ ହୋଇଥିଲା। 31 ମାର୍ଚ୍ଚ 2020 ସୁଦ୍ଧା 10ଟି ଏସ୍‌ପିଏସ୍‌ଇର ମୋଟ ଋଣ ମଧ୍ୟରୁ ରାଜ୍ୟ ସରକାରଙ୍କ କରଜ 1,277.29 କୋଟି ଟଙ୍କା ଥିଲା ଯେଉଁଥିରେ କୋଣାର୍କ ଝୋଟ ଲିମିଟେଡ୍ (କେଜେଏଲ୍) ନାମକ ଏକ ଏସ୍‌ପିଏସ୍‌ଇର 2019-20 ସମ୍ବନ୍ଧୀୟ 12.13 କୋଟି ଟଙ୍କା ଋଣ ଅନ୍ତର୍ଭୁକ୍ତ ଥିଲା।

ଓଡ଼ିଶା ସରକାରଙ୍କୁ ବିକ୍ରୟ କର ଋଣ[39] ଉପରେ ଦିଆଯିବାକୁ ଥିବା ସୁଧରେ ବୃଦ୍ଧି ହେତୁ 2018-19 ଏବଂ 2019-20ରେ କେଜେଏଲ୍‌ର ଦୀର୍ଘକାଳୀନ ଋଣ ବୃଦ୍ଧି ପାଇଥିଲା।

2019-20 ଆର୍ଥିକ ବର୍ଷ ପାଇଁ କେଜେଏଲ୍ ବାର୍ଷିକ ହିସାବରୁ ଏହା ଲକ୍ଷ୍ୟ କରାଯାଇଥିଲା ଯେ, ଏହା 2019-20 ମଧ୍ୟରେ ଋଣର ମୂଳଧନ କିମ୍ବା ସୁଧ ପରିଶୋଧ କରିନାହିଁ।

10ଟି ଏସ୍‌ପିଏସ୍‌ଇ ମଧ୍ୟରୁ, ଗୋଟିଏ ଏସ୍‌ପିଏସ୍‌ଇ ଯଥା କେଜେଏଲ୍ ସମ୍ବନ୍ଧରେ ମୋଟ ସମ୍ପତ୍ତିର ମୂଲ୍ୟ ହେଉଛି 5.00 କୋଟି ଟଙ୍କା ଯାହା 12.13 କୋଟି ଟଙ୍କା ବକେୟା କରଜଠାରୁ କମ୍ ଥିଲା।

ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକର ବକେୟା ଦୀର୍ଘକାଳୀନ ଋଣର ବର୍ଷ-ୱାରୀ ବିବରଣୀଗୁଡ଼ିକ ନିମ୍ନ ଚାର୍ଟରେ ଚିତ୍ରିତ ହୋଇଛି:

**ଚାର୍ଟ II: ସରକାରୀ କମ୍ପାନୀ ସମୂହ ଏବଂ ନିଗମ ସମୂହରେ ବକେୟା ଦୀର୍ଘକାଳୀନ ଋଣ**




[39] କୋଣାର୍କ ଝୋଟ ଲିମିଟେଡ୍ ବିକ୍ରୟ କର ଦେୟ ପ୍ରଦାନ କରିବାରେ ବିଫଳ ହୋଇଥିଲା ଯାହା ଫଳରେ ରାଜ୍ୟ ସରକାର ଦେୟକୁ ଋଣରେ ରୂପାନ୍ତର କରିଥିଲେ।

### 4.2.2.2 ଋଣ ଦେୟକୁ ପୂରଣ ପାଇଁ ସମ୍ପତ୍ତିର ପର୍ଯ୍ୟାପ୍ତତା

ସମୁଦାୟ ସମ୍ପତ୍ତି ସହିତ ମୋଟ କରଜର ଅନୁପାତ ହେଉଛି ଏକ କମ୍ପାନୀ ଋଣ ପରିଶୋଧକ୍ଷମ ରହିପାରିବ କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ପଦ୍ଧତି ମଧ୍ୟରୁ ଗୋଟିଏ। ଋଣ ପରିଶୋଧକ୍ଷମ ଭାବରେ ବିବେଚନା କରିବାକୁ, ଏକ ସଂସ୍ଥାର ସମ୍ପତ୍ତିର ମୂଲ୍ୟ ଏହାର କରଜ/ଋଣ ପରିମାଣଠାରୁ ଅଧିକ ହେବା ଜରୁରୀ। 31 ମାର୍ଚ୍ଚ 2020 ସୁଦ୍ଧା 10ଟି ସରକାରୀ ଏସ୍‌ପିଏସ୍‌ଇରେ ମୋଟ ସମ୍ପତ୍ତିର ମୂଲ୍ୟ ଏବଂ ଦୀର୍ଘକାଳୀନ କରଜର ମୂଲ୍ୟର ତୁଳନାତ୍ମକ ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 4.7: ମୋଟ ସମ୍ପତ୍ତି ସହିତ ଦୀର୍ଘକାଳୀନ ଋଣର ତୁଳନା**

| | ଧନାତ୍ମକ ତୁଳନା | | | | ଋଣାତ୍ମକ ତୁଳନା | | | |
|---|---|---|---|---|---|---|---|---|
| | ଏସ୍‌ପିଏସ୍‌ଇ ଗୁଡ଼ିକର ସଂଖ୍ୟା | ଦୀର୍ଘକାଳୀନ ଋଣ (ଟଙ୍କା କୋଟିରେ) | ସମ୍ପତ୍ତି (ଟଙ୍କା କୋଟିରେ) | ସମ୍ପତ୍ତି ତୁଳନାରେ ଋଣର ଶତକଡା ହାର | ଏସ୍‌ପିଏସ୍‌ଇ ଗୁଡ଼ିକର ସଂଖ୍ୟା | ଦୀର୍ଘକାଳୀନ ଋଣ (ଟଙ୍କା କୋଟିରେ) | ସମ୍ପତ୍ତି (ଟଙ୍କା କୋଟିରେ) | ସମ୍ପତ୍ତି ତୁଳନାରେ ଋଣର ଶତକଡା ହାର |
| ବୈଧାନିକ ନିଗମ ସମୂହ | 2 | 99.91 | 250.94 | 251.17 | - | - | - | - |
| ସରକାରୀ କମ୍ପାନୀ ସମୂହ | 7 | 13070.53 | 30218.93 | 231.20 | 1* | 12.13 | 5.00 | 41.22 |
| **ମୋଟ** | **9** | **13170.44** | **30469.87** | | **1** | **12.13** | **5.00** | |

* କୋଣାର୍କ ଜ୍ୟୋଟ ଲିମିଟେଡ, ମୋଟ ସମ୍ପତ୍ତିର ମୂଲ୍ୟ ବକେୟା ଋଣଠାରୁ କମ୍ ଥିଲା

### 4.2.2.3 ସୁଧ ଭରଣା

ସୁଧ ଭରଣା ଅନୁପାତ (ଆଇସିଆର୍) ବକେୟା ଋଣ ଉପରେ କମ୍ପାନୀର ସୁଧ ଦେବାର କ୍ଷମତା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ହୁଏ ଏବଂ ସେହି ସମୟର ସୁଧ ଖର୍ଚ୍ଚ ଦ୍ୱାରା ଏକ କମ୍ପାନୀର ସୁଧ ଏବଂ ଟିକସ ପୂର୍ବର ଆୟ (ଇବିଆଇଟି)କୁ ଭାଗ କରି ଗଣନା କରାଯାଏ। ଅନୁପାତ କମ୍ ହେଲେ କମ୍ପାନୀର କରଜ ଉପରେ ସୁଧ ଦେବାର କ୍ଷମତା କମ୍ ହୋଇଥାଏ। ଏକରୁ କମ୍ ଥିବା ଆଇସିଆର୍ ସୂଚାଇ ଦିଏ ଯେ ସୁଧ ଖର୍ଚ୍ଚ ପ୍ରଦାନ କରିବା ପାଇଁ କମ୍ପାନୀ ପର୍ଯ୍ୟାପ୍ତ ପରିମାଣର ଆୟ କରୁନାହିଁ। 2017-18ରୁ 2019-20 ମଧ୍ୟରେ ଋଣ ଥିବା, ଏସ୍‌ପିଏସ୍‌ଇଗୁଡ଼ିକର ଧନାତ୍ମକ ଏବଂ ଋଣାତ୍ମକ ସୁଧ ଭରଣା ଅନୁପାତର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 4.8: ସୁଧ ଭରଣା ଅନୁପାତ**

| ବର୍ଷ | ସୁଧ (ଟଙ୍କା କୋଟିରେ) | ସୁଧ ଏବଂ ଟିକସ ପୂର୍ବରୁ ଆୟ (ଇବିଆଇଟି) (ଟଙ୍କା କୋଟିରେ) | ଏସ୍‌ପିଏସ୍‌ଇ ଗୁଡ଼ିକର ସଂଖ୍ୟା | ଆଇସିଆର୍ >= 1 ଥିବା ଏସ୍‌ପିଏସ୍‌ଇ ଗୁଡ଼ିକର ସଂଖ୍ୟା | ଆଇସିଆର୍ <1 ଥିବା ଏସ୍‌ପିଏସ୍‌ଇ ଗୁଡ଼ିକର ସଂଖ୍ୟା |
|---|---|---|---|---|---|
| **ବୈଧାନିକ ନିଗମ ସମୂହ** | | | | | |
| 2017-18 | 1.62 | 6.04 | 2 | 2 | - |
| 2018-19 | 1.58 | 9.53 | 2 | 2 | - |
| 2019-20 | 0.47 | 5.73 | 1 | 1 | - |
| **ସରକାରୀ କମ୍ପାନୀ ସମୂହ** | | | | | |
| 2017-18 | 648.81 | 662.52 | 7 | 7 | - |
| 2018-19 | 653.60 | 625.87 | 6 | 4 | 2# |
| 2019-20 | 662.75 | 911.48 | 6 | 4 | 2# |

# ଗ୍ରୀଡ୍‌କୋ ଲିମିଟେଡ୍ ଏବଂ ଓଡ଼ିଶା ଶିକ୍ଷା ଉନ୍ନୟନ ନିଗମ ଲିମିଟେଡ୍

ଏହା ଦେଖାଯାଇପାରେ ଯେ, ଦୁଇଟି ଏସ୍‌ପିଏସ୍‌ଇ ଆଇସିଆର ଉଭୟ 2018-19 ଓ 2019-20 ରେ ଏକରୁ କମ୍ ଥିଲା।

### 4.2.2.4 ରାଜ୍ୟ ସରକାରୀ ଋଣ ଉପରେ ବକେୟା ସୁଧର ବର୍ଷ ୱାରୀ ବିଶ୍ଳେଷଣ

31 ମାର୍ଚ୍ଚ 2020 ସୁଦ୍ଧା, ରାଜ୍ୟ ସରକାରଙ୍କ ଦ୍ୱାରା ତିନୋଟି ଏସ୍‌ପିଏସ୍‌ଇକୁ ପ୍ରଦାନ କରାଯାଇଥିବା ଦୀର୍ଘକାଳୀନ ଋଣ ଉପରେ 1,315.73 କୋଟି ଟଙ୍କା ସୁଧ ବକେୟା ଥିଲା। ଏସ୍‌ପିଏସ୍‌ଇଗୁଡିକରେ ରାଜ୍ୟ ସରକାରୀ ଋଣ ଉପରେ ବକେୟା ସୁଧର ବର୍ଷ-ୱାରୀ ବିଶ୍ଳେଷଣ ନିମ୍ନ ସାରଣୀରେ ଚିତ୍ରିତ ହୋଇଅଛି:

**ସାରଣୀ 4.9: ରାଜ୍ୟ ସରକାରୀ ଋଣ ଉପରେ ସୁଧ ବକେୟା**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | ରାଜ୍ୟ ସରକାରୀ ଋଣ ଉପରେ ସୁଧ ବକେୟା | ରାଜ୍ୟ ସରକାରୀ ଋଣ ଉପରେ ସୁଧ 1 ବର୍ଷରୁ କମ୍ ବକେୟା | ରାଜ୍ୟ ସରକାରୀ ଋଣ ଉପରେ ସୁଧ 1ରୁ 3 ବର୍ଷ ପର୍ଯ୍ୟନ୍ତ ବକେୟା | ରାଜ୍ୟ ସରକାରୀ ଋଣ ଉପରେ ସୁଧ 3 ବର୍ଷରୁ ଅଧିକା ବକେୟା |
|---|---|---|---|---|---|
| 1 | ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ | 234.00 | 26.00 | 52.00 | 156.00 |
| 2 | ଗ୍ରୀଡ୍‌କୋ ଲିମିଟେଡ୍ | 1079.75 | 106.04 | 212.08 | 761.63 |
| 3 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 1.98 | - | - | 1.98 |
| | **ମୋଟ** | **1315.73** | **132.04** | **264.08** | **919.61** |

ଏହି ସାରଣୀରୁ ଦେଖାଯାଇପାରେ ଯେ, ତିନି ବର୍ଷରୁ ଅଧିକ ବକେୟା ଥିବା 919.61 କୋଟି ଟଙ୍କା ମୋଟ ବକେୟାର 69.89 ପ୍ରତିଶତ ଥିଲା।

### 4.2.3 ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବିନିଯୋଗ

ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ସେମାନଙ୍କ ଦ୍ୱାରା ନିୟନ୍ତ୍ରିତ କମ୍ପାନୀ ଏବଂ ବୈଧାନିକ ନିଗମ ଦ୍ୱାରା 2019-20 ବର୍ଷ ମଧ୍ୟରେ 13ଟି[40] ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀରେ ବିନିଯୋଗ ହୋଇଥିବା ପୁଞ୍ଜି ନିମ୍ନ ଚର୍ଟରେ ଚିତ୍ରତ ହୋଇଅଛି:

**ଚର୍ଟ III: ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ଅଂଶଧନ ପୁଞ୍ଜି ରଚନା**




ରାଜ୍ୟ ସରକାର, ରାଜ୍ୟ ସରକାରୀ କମ୍ପାନୀ ସମୂହ ଏବଂ ନିଗମ ସମୂହ – 850.84 କୋଟି ଟଙ୍କା

କେନ୍ଦ୍ର ସରକାର, କେନ୍ଦ୍ର ସରକାରୀ କମ୍ପାନୀ ସମୂହ ଏବଂ ନିଗମ ସମୂହ – 16.22 କୋଟି ଟଙ୍କା

ଅନ୍ୟାନ୍ୟ– 20.03 କୋଟି ଟଙ୍କା

31 ମାର୍ଚ୍ଚ 2020 ସୁଦ୍ଧା, ଏହି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ 887.09 କୋଟି ଟଙ୍କାର ସାଧାରଣ ଅଂଶଧନ ଥିଲା। 2018-19ରେ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ସାଧାରଣ ଅଂଶଧନ ଚଳିତ ବର୍ଷ ସହିତ ସମାନ ଥିଲା।

[40] 16ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ସମୂହ – 3 ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀସମୂହ ଯାହାର ହିସାବ ତିନି ବର୍ଷ କିମ୍ବା ଅଧିକ ବକେୟା ଥିଲା କିମ୍ବା ଅଚଳ/ସମାପନ ପ୍ରକ୍ରିୟାରେ ଥିଲା।

## 4.3 ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମରୁ ପ୍ରତିଦାନ

### 4.3.1 ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ଦ୍ୱାରା ପ୍ରାପ୍ତ ଲାଭ

ଲାଭ ହାସଲ କରିଥିବା ଏସ୍‌ପିଏସ୍‌ଇ ସଂଖ୍ୟା 2019-20ରେ 24 ଥିଲା ବେଳେ 2018-19ରେ 22 ଥିଲା (ଦୁଇଟି ଏସ୍‌ପିଏସ୍‌ଇ ଯୋଡି ହୋଇଛି ଯଥା ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ (ଓଏମ୍‌ବିଏଡିସି) ଏବଂ ଜେଟ୍‌କଲ ସେଲ୍ ଶକ୍ତି ନିଗମ ଲିମିଟେଡ୍ (ଜିଏସ୍‌ପିସିଏଲ୍) )। ଏହି ଦୁଇଟି ଏସ୍‌ପିଏସ୍‌ଇ ମଧ୍ୟରୁ ଓଏମ୍‌ବିଏଡିସି 2018-19 ବର୍ଷର ବାର୍ଷିକ ହିସାବରେ ବ୍ୟାଙ୍କ ଜମା ଉପରେ ମିଳିଥିବା ସୁଧ ହେତୁ ଲାଭ ବିଷୟରେ ରିପୋର୍ଟ କରିଥିଲା ଏବଂ ପୂର୍ବ ବାର୍ଷିକ ହିସାବରେ କୌଣସି ଲାଭ କିମ୍ବା କ୍ଷତି ହୋଇନଥିବା ରିପୋର୍ଟ କରିଥିଲା। ଅନ୍ୟ ଏସ୍‌ପିଏସ୍‌ଇ, ଜିଏସ୍‌ପିସିଏଲ୍ ପୂର୍ବ ବର୍ଷରେ ହୋଇଥିବା କ୍ଷତି ତୁଳନାରେ 2019-20 ବର୍ଷ ପାଇଁ ବାର୍ଷିକ ହିସାବରେ ଲାଭ ରିପୋର୍ଟ କରିଥିଲା। 2019-20ରେ ଜିଏସ୍‌ପିସିଏଲ୍‌ର ଲାଭ ମୁଖ୍ୟତଃ ବ୍ୟାଙ୍କ ଜମା ଉପରେ ମିଳିଥିବା ସୁଧ ଯୋଗୁ ହୋଇଥିଲା।

2018-19ରେ 22 ଟି ସରକାରୀ କମ୍ପାନୀ ଏବଂ ନିଗମମାନଙ୍କର ହୋଇଥିବା ଅର୍ଜିତ ଲାଭ 1,174.30 କୋଟି ଟଙ୍କାରୁ ବୃଦ୍ଧି ପାଇ 2019-20 ରେ 24 ଟି ସରକାରୀ କମ୍ପାନୀ ଏବଂ ନିଗମମାନଙ୍କର 1,686.08 କୋଟି ଟଙ୍କା ହୋଇଥିଲା। 2019-20ରେ 24ଟି ଏସ୍‌ପିଏସ୍‌ଇର ସାଧାରଣ ଅଂଶଧନ ଉପରେ ଲାଭ (ଆର୍‌ଓଇ) 12.51 ପ୍ରତିଶତ ଥିଲା, ଯାହା 2018-19ରେ 22 ଏସ୍‌ପିଏସ୍‌ଇରେ 9.77 ପ୍ରତିଶତ ଥିଲା। 2017-18ରୁ 2019-20 ମଧ୍ୟରେ ଲାଭ ଅର୍ଜନ କରିଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା ନିମ୍ନ ଚାର୍ଟରେ ଚିତ୍ରିତ ହୋଇଅଛି:

**ଚାର୍ଟ IV : ଲାଭ ଅର୍ଜନ କରିଥିବା ଏସ୍‌ପିଏସ୍‌ଇଗୁଡିକର**




2019-20ରେ ସର୍ବାଧିକ ଲାଭ ଅର୍ଜନ କରିଥିବା ଶ୍ରେଷ୍ଠ ତିନୋଟି ବିଭାଗର ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଅଛି:

**ସାରଣୀ 4.10: 2018-19 ଏବଂ 2019-20ରେ ସର୍ବାଧିକ ଲାଭ ଅର୍ଜନ କରିଥିବା ଶ୍ରେଷ୍ଠ ତିନୋଟି ବିଭାଗ**

| ବିଭାଗର ନାମ | 2019-20 | | | 2018-19 | | |
|---|---|---|---|---|---|---|
| | ଲାଭ କରୁଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ନିଟ୍ ଅର୍ଜିତ ଲାଭ (ଟଙ୍କା କୋଟିରେ) | ମୋଟ ଏସ୍‌ପିଏସ୍‌ଇ ଲାଭ ଉପରେ ଲାଭର ଶତକଡା ହାର | ଲାଭ କରୁଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ନିଟ୍ ଅର୍ଜିତ ଲାଭ (ଟଙ୍କା କୋଟିରେ) | ମୋଟ ଏସ୍‌ପିଏସ୍‌ଇ ଲାଭ ଉପରେ ଲାଭର ଶତକଡା ହାର |
| **ଖଣି ଏବଂ ଇସ୍ପାତ** | | | | | | |
| ସରକାରୀ କମ୍ପାନୀସମୂହ | 2 | 1155.92 | 68.56 | 1 | 789.88 | 91.74 |
| **ଶକ୍ତି** | | | | | | |
| ସରକାରୀ କମ୍ପାନୀସମୂହ | 5 | 359.94 | 21.35 | 6 | -19.51 | 0 |
| **ଜଳ ସମ୍ପଦ** | | | | | | |
| ସରକାରୀ କମ୍ପାନୀସମୂହ | 2 | 50.63 | 3.00 | 2 | 67.04 | 7.79 |
| ମୋଟ | **9** | **1566.49** | **92.91** | **9** | **837.41** | **97.26** |

2019-20 ବର୍ଷ ମଧ୍ୟରେ, 24ଟି ଲାଭ ଅର୍ଜନ କରିଥିବା ସରକାରୀ କମ୍ପାନୀ ଏବଂ ନିଗମର ସମୁଦାୟ ଲାଭର 92.91 ପ୍ରତିଶତ ଯାହା 1,566.49 କୋଟି ଟଙ୍କା ତାହା ତିନୋଟି ବିଭାଗର ନଅଟି ଏସ୍‌ପିଏସ୍‌ଇ ଦ୍ୱାରା ଅର୍ଜନ କରାଯାଇଥିଲା ଯାହାର ଶତକଡା ହାର 2018-19 ବର୍ଷ ମଧ୍ୟରେ 88.36 ପ୍ରତିଶତ ଥିଲା।

2019-20 ବର୍ଷ ମଧ୍ୟରେ 50 କୋଟି ଟଙ୍କାରୁ ଅଧିକ ଲାଭ ହାସଲ କରିଥିବା ସରକାରୀ କମ୍ପାନୀଗୁଡିକର ତାଲିକା ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 4.11: 50 କୋଟି ଟଙ୍କାରୁ ଅଧିକ ଲାଭ ଅର୍ଜନ କରିଥିବା ଏସ୍‌ପିଏସ୍‌ଇଗୁଡିକର ତାଲିକା**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | ନିଟ୍ ଲାଭ |
|---|---|---|
| 1 | ଓଡିଶା ଖଣି ନିଗମ ଲିମିଟେଡ୍ | 728.72 |
| 2 | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | 427.20 |
| 3 | ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ | 171.48 |
| 4 | ଓଡିଶା ଜଳ ବିଦ୍ୟୁତ ନିମଗ ଲିମିଟେଡ୍ | 144.39 |
| 5 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | 50.13 |
| ମୋଟ | | **1521.92** |

ଏହା ଦେଖାଯାଇପାରେ ଯେ ଏହି ପାଞ୍ଚଟି ଏସ୍‌ପିଏସ୍‌ଇ 2019-20 ମଧ୍ୟରେ 24ଟି ଏସ୍‌ପିଏସ୍‌ଇ ଦ୍ୱାରା ଅର୍ଜିତ ମୋଟ ଲାଭରେ 90.26 ପ୍ରତିଶତ ଯୋଗଦାନ ଦେଇଥିଲେ।

13ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ମଧ୍ୟରୁ, ଆଠଟି କମ୍ପାନୀ 31 ମାର୍ଚ୍ଚ 2020 ବର୍ଷ ଶେଷ ସୁଦ୍ଧା 4.65 କୋଟି ଟଙ୍କା ଲାଭ କରିଥିଲେ। ଏହି ଆଠଟି ଏସ୍‌ପିଏସ୍‌ଇର ଆର୍‌ଓଇ 2019-20 ବର୍ଷରେ 1.10 ପ୍ରତିଶତ ଥିଲା। 13ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଆର୍‌ଓଇ (-) 2.19 ପ୍ରତିଶତ ଥିଲା।

### 4.3.2 ରାଜ୍ୟ ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା ହୋଇଥିବା କ୍ଷତି

2019-20 ବର୍ଷ ମଧ୍ୟରେ ସାତଟି ସରକାରୀ କମ୍ପାନୀ କ୍ଷତି ସହିଥିଲେ। ଏହି ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା 2018-19 ରେ 313.26 କୋଟି ଟଙ୍କାର କ୍ଷତି ହୋଇଥିଲା ଯାହା 2019-20ରେ ହ୍ରାସ ପାଇ 304.52 କୋଟି ଟଙ୍କା ହୋଇଥିଲା ଯାହାକି ନିମ୍ନ ସାରଣୀରେ ଦର୍ଶାଗଲା:

**ସାରଣୀ 4.12: 2017-18ରୁ 2019-20 ଅବଧିରେ କ୍ଷତି ସହିଥିବା ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା**

| ବର୍ଷ | କ୍ଷତି ସହିଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ବର୍ଷକ ପାଇଁ ନିଟ୍ କ୍ଷତି (ଟଙ୍କା କୋଟିରେ) | ଏକତ୍ରୀକୃତ କ୍ଷତି (ଟଙ୍କା କୋଟିରେ) | ନିଟ୍ ମୂଲ୍ୟ[41] (ଟଙ୍କା କୋଟିରେ) |
|---|---|---|---|---|
| **ସରକାରୀ କମ୍ପାନୀ** | | | | |
| 2017-18 | 6 | 666.65 | 1348.82 | 1574.14 |
| 2018-19 | 8 | 313.26 | 4686.92 | -3576.24 |
| 2019-20 | 7 | 304.52 | 4982.95 | -3873.27 |

ସାତଟି ସରକାରୀ ଏସ୍‌ପିଏସ୍‌ଇ ଦ୍ୱାରା ହୋଇଥିବା 304.52 କୋଟି ଟଙ୍କା କ୍ଷତି ମଧ୍ୟରୁ 281.05 କୋଟି ଟଙ୍କା କ୍ଷତି ଶକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗୋଟିଏ ଏସ୍‌ପିଏସ୍‌ଇ (ଗ୍ରୀଡ୍‌କୋ ଲିମିଟେଡ୍) ଦ୍ୱାରା ହୋଇଥିଲା।

13ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀମାନଙ୍କ ମଧ୍ୟରୁ, ତିନୋଟି କମ୍ପାନୀ 2019-20 ବର୍ଷ ମଧ୍ୟରେ 24.41 କୋଟି ଟଙ୍କା କ୍ଷତି କରିଥିଲେ।

---

41 ନିଟ୍ ମୂଲ୍ୟର ଅର୍ଥ ହେଉଛି ସମାଦତ୍ତ ପୁଞ୍ଜି ଏବଂ ମୁକ୍ତ ଆରକ୍ଷଣ ଓ ବଳକାର ସମଷ୍ଟି ବିଯୁକ୍ତ ଏକତ୍ରୀକୃତ କ୍ଷତି ଏବଂ ବିଳମ୍ବିତ ରାଜସ୍ୱ ଖର୍ଚ୍ଚ। ମୁକ୍ତ ଆରକ୍ଷଣ ଅର୍ଥ ହେଉଛି ଲାଭ ଏବଂ ଅଂଶ ପ୍ରିମିୟମ ଖାତାରୁ ସୃଷ୍ଟି ହୋଇଥିବା ସମସ୍ତ ଆରକ୍ଷଣ, କିନ୍ତୁ ସମ୍ପତ୍ତିର ପୁନଃ ମୂଲ୍ୟାଙ୍କନରୁ ସୃଷ୍ଟି ହୋଇଥିବା ଆରକ୍ଷଣ ଓ ଅବକ୍ଷୟଣ ପ୍ରାବଧାନର ପୁନଃଲେଖନକୁ ଅନ୍ତର୍ଭୁକ୍ତ କରେ ନାହିଁ।

### 4.3.3 ସରକାରୀ କମ୍ପାନୀ ଏବଂ ନିଗମ ଗୁଡିକରେ ପୁଞ୍ଜି କ୍ଷୟ

31 ମାର୍ଚ୍ଚ 2020 ସୁଦ୍ଧା, 33ଟି ମଧ୍ୟରୁ 11ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡିକ 5,778.34 କୋଟି ଟଙ୍କାର ଏକତ୍ରିକୃତ କ୍ଷତି ସହିଛନ୍ତି। 2019-20 ବର୍ଷରେ 11ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଛଅଟି ଏସ୍‌ପିଏସ୍‌ଇର 296.09 କୋଟି ଟଙ୍କା କ୍ଷତି ଅଟେ, ପାଞ୍ଚଟି ଏସ୍‌ପିଏସ୍‌ଇ 2019-20 ବର୍ଷରେ କ୍ଷତି କରିନାହାନ୍ତି ଯଦିଓ ସେମାନଙ୍କର 785.45 କୋଟି ଟଙ୍କାର ସଂଗୃହିତ କ୍ଷତି ରହିଛି।

11 ଟି ଏସ୍‌ପିଏସ୍‌ଇ ମଧ୍ୟରୁ ସାତଟିର ନିଟ୍ ମୂଲ୍ୟ କ୍ଷତି ଦ୍ୱାରା ସମ୍ପୂର୍ଣ୍ଣ କ୍ଷୟ ହୋଇଯାଇଥିଲା ଏବଂ ସେମାନଙ୍କର ନିଟ୍ ମୂଲ୍ୟ ନକରାତ୍ମକ ଥିଲା। ଏହି ସାତଟି ଏସ୍‌ପିଏସ୍‌ଇର ମୋଟ୍ ଇକ୍ୱିଟି ବିନିଯୋଗ 31 ମାର୍ଚ୍ଚ 2020 ସୁଦ୍ଧା 1,216.11 କୋଟି ଟଙ୍କା ଥିଲା ବେଳେ ସେମାନଙ୍କ ନିଟ୍ ମୂଲ୍ୟ (-)4,301.47 କୋଟି ଟଙ୍କା ନକରାତ୍ମକ ଥିଲା। ସାତଟି ଏସ୍‌ପିଏସ୍‌ଇ ମଧ୍ୟରୁ ଯାହାର ପୁଞ୍ଜି କ୍ଷୟ ହୋଇଯାଇଥିଲା (ନକରାତ୍ମକ ନିଟ୍ ମୂଲ୍ୟ), ତିନୋଟି ଏସ୍‌ପିଏସ୍‌ଇ 2019-20 ବର୍ଷ ମଧ୍ୟରେ 20.78 କୋଟି ଟଙ୍କା ଲାଭ କରିଥିଲେ **(ପରିଶିଷ୍ଟ-21)**।

ସାତଟି ଏସ୍‌ପିଏସ୍‌ଇ ମଧ୍ୟରୁ ତିନୋଟିରେ ଯାହାର ପୁଞ୍ଜି କ୍ଷୟ ହୋଇଯାଇଥିଲା, 31 ମାର୍ଚ୍ଚ 2020 ସୁଦ୍ଧା ବକେୟା ଥିବା ରାଜ୍ୟ ସରକାରୀ ଋଣ ପରିମାଣ 90.69 କୋଟି ଟଙ୍କା ଥିଲା।

22ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଦୁଇଟି[42] ଏସ୍‌ପିଏସ୍‌ଇର ନିଟ୍ ମୂଲ୍ୟ ସେମାନଙ୍କ ପୁଞ୍ଜି ବିନିଯୋଗର ଅଧାରୁ କମ୍ ଥିଲା ଯାହାର ନିଟ୍ ମୂଲ୍ୟ 31 ମାର୍ଚ୍ଚ 2020 ଶେଷରେ ସକରାତ୍ମକ ଥିଲା, ଯାହା ସେମାନଙ୍କର ସମ୍ଭାବ୍ୟ ଆର୍ଥିକ ଅସୁସ୍ଥତାକୁ ସୂଚାଉଛି। ମୋଟ୍ ଉପରେ, ସମସ୍ତ 33 ଟି ସରକାରୀ କମ୍ପାନୀ ଏବଂ ନିଗମର ନିଟ୍ ମୂଲ୍ୟ 9,621.32 କୋଟି ଟଙ୍କା ଥିଲା ଏବଂ ସେମାନଙ୍କର ମୋଟ୍ ପୁଞ୍ଜି ବିନିଯୋଗ 5,519.79 କୋଟି ଟଙ୍କା ଥିଲା।

### 4.3.4 ଏସ୍‌ପିଏସ୍‌ଇ ଦ୍ୱାରା ଡିଭିଡେଣ୍ଡ ଦେୟ

ସରକାରୀ କମ୍ପାନୀ ଏବଂ ନିଗମଗୁଡିକ ଦ୍ୱାରା ଅର୍ଜିତ ଲାଭ ଏବଂ ଘୋଷିତ ଡେଭିଡେଣ୍ଡର ବିବରଣୀ ନିମ୍ନରେ ଥିବା ସାରଣୀରେ ଦିଆଯାଇଛି:

**ସାରଣୀ 4.13: ଅର୍ଜିତ ଲାଭ ଏବଂ ଘୋଷିତ ଡିଭିଡେଣ୍ଡ**

| ବର୍ଗ | ଏସ୍‌ପିଏସ୍‌ଇ ସଂଖ୍ୟା | ମୋଟ୍ ସମାଦତ୍ତ ପୁଞ୍ଜି (ଟଙ୍କା କୋଟିରେ) | ନିଟ୍ ଲାଭ (ଟଙ୍କା କୋଟିରେ) | ଘୋଷିତ ଡିଭିଡେଣ୍ଡ (ଟଙ୍କା କୋଟିରେ) |
|---|---|---|---|---|
| ସରକାରୀ କମ୍ପାନୀ | 6 | 68.72 | 818.75 | 270.00 |

33ଟି ସରକାରୀ କମ୍ପାନୀ ଏବଂ ନିଗମ ମଧ୍ୟରୁ ଛଅଟି ଏସ୍‌ପିଏସ୍‌ଇ 2019-20 ରେ ଡିଭିଡେଣ୍ଡ ଘୋଷଣା କରିଥିଲେ। ଏହି ଛଅଟି ଲାଭ କରିଥିବା ଏସ୍‌ପିଏସ୍‌ଇର ନିଟ୍ ଲାଭର ଶତକଡା ଘୋଷିତ ଡିଭିଡେଣ୍ଡ 2018-19 ରେ 51.28 ପ୍ରତିଶତରୁ 2019-20 ରେ 32.98 ପ୍ରତିଶତକୁ ହ୍ରାସ ପାଇଥିଲା। ସମ୍ପୂର୍ଣ୍ଣ ଶବ୍ଦ ଅନୁଯାୟୀ, 2019-20 ରେ ଏସ୍‌ପିଏସ୍‌ଇ ଦ୍ୱାରା ଘୋଷିତ ଡିଭିଡେଣ୍ଡ ପୂର୍ବ ବର୍ଷ ତୁଳନାରେ 289.25 କୋଟି ଟଙ୍କା ହ୍ରାସ ପାଇଛି। ନିମ୍ନ ଚାର୍ଟରେ ଗତ ତିନି ବର୍ଷ ମଧ୍ୟରେ ଏସ୍‌ପିଏସ୍‌ଇ ଗୁଡିକ ଦ୍ୱାରା ଘୋଷିତ ହୋଇଥିବା ଡିଭିଡେଣ୍ଡ, ନିଟ୍ ଲାଭ ଅର୍ଜନ ଏବଂ ପୁଞ୍ଜି ବିନିଯୋଗକୁ ଚିତ୍ରଣ କରାଯାଇଛି।

[42] ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଏବଂ ଓଡିଶାର ଜଳ ନିଗମ ଲିମିଟେଡ୍

ଚାର୍ଟ V: ଘୋଷିତ ଡେଭିଡେଣ୍ଡ ଯଥା ନିଟ୍ ଲାଭ ଆୟ ଏବଂ ସମାଦତ୍ତ ପୁଞ୍ଜି

*(ଟଙ୍କା/ କୋଟିରେ)*




2019-20 ବର୍ଷ ପାଇଁ ଛଅଟି ଏସ୍‌ପିଏସ୍‌ଇ ଦ୍ୱାରା ଘୋଷିତ ହୋଇଥିବା 270.00 କୋଟି ଟଙ୍କାର ମୋଟ୍ ଡିଭିଡେଣ୍ଡ ମଧ୍ୟରୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାପ୍ତ/ ଗ୍ରହଣଯୋଗ୍ୟ ଡିଭିଡେଣ୍ଡ ହେଉଛି 269.45 କୋଟି ଟଙ୍କା (ଘୋଷିତ ମୋଟ୍ ଡିଭିଡେଣ୍ଡର 99.80 ପ୍ରତିଶତ) । ଏହି ଛଅଟି ଏସ୍‌ପିଏସ୍‌ଇରେ ସମୁଦାୟ ଇକ୍ୱିଟି ନିବେଶ ହେଉଛି 68.72 କୋଟି ଟଙ୍କା (ରାଜ୍ୟ ସରକାର ଇକ୍ୱିଟି ବିନିଯୋଗ ହେଉଛି 66.92 କୋଟି ଟଙ୍କା)।

ରାଜ୍ୟ ସରକାର (ଡିସେମ୍ବର 2011)ରେ ଲାଭାଂଶ ନୀତି ପ୍ରସ୍ତୁତ କରିଥିଲେ ଯେଉଁଥିରେ ସମସ୍ତ ଲାଭ କରୁଥିବା ପିଏସ୍‌ୟୁଗୁଡିକ ରାଜ୍ୟ ସରକାରଙ୍କ ସାଧାରଣ ଅଂଶଧନର 20 ପ୍ରତିଶତ କିମ୍ବା ଟିକସ ପରବର୍ତ୍ତୀ ଲାଭର 20 ପ୍ରତିଶତ ମଧ୍ୟରୁ ଯାହା ଅଧିକ ତାହା ବାର୍ଷିକ ଲାଭାଂଶ ଦେବାର ଥିଲା। ଶକ୍ତି ଉତ୍ପାଦନ କ୍ଷେତ୍ରରେ ଥିବା ପିଏସ୍‌ୟୁଗୁଡିକ ପାଇଁ ସର୍ବନିମ୍ନ ଲାଭାଂଶ ପ୍ରଦାନ ଟିକସ ପରବର୍ତ୍ତୀ ଲାଭର 30 ପ୍ରତିଶତ ଥିଲା। ପରବର୍ତ୍ତୀ ସମୟରେ, ଜିଓଓ ସମସ୍ତ ପିଏସ୍‌ୟୁ ପାଇଁ 30 ପ୍ରତିଶତ ହାରରେ ଲାଭାଂଶ ପ୍ରଦାନ କରିବା ପାଇଁ ସଂଶୋଧିତ (ଫେବୃୟାରୀ 2016) ନୀତି ଜାରି କରିଥିଲେ। ଅଧିକନ୍ତୁ, ଚରୋଟି ଏସ୍ ପିଏସ୍‌ଇ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଆଧାରରେ ଡେଭିଡେଣ୍ଡ ଘୋଷଣା କରି ନଥିଲେ ଯାହା **ପରିଶିଷ୍ଟ-22**ରେ ଦିଆଗଲା। ଏହି ହିସାବରେ ମୋଟ୍ ଅଭାବ 2019-20 ରେ 8.86 କୋଟି ଟଙ୍କା ଥିଲା।

13ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ମଧ୍ୟରୁ ଆଠଟି କମ୍ପାନୀ 31 ମାର୍ଚ୍ଚ 2020 ରେ ଶେଷ ହୋଇଥିବା ବର୍ଷରେ 4.65 କୋଟି ଟଙ୍କା ଲାଭ କରିଥିଲେ। ଏହି ଆଠଟି କମ୍ପାନୀ ମଧ୍ୟରୁ 2019-20 ମଧ୍ୟରେ କୌଣସି କମ୍ପାନୀ ଲାଭାଂଶ ଘୋଷଣା କରି ନଥିଲେ।

## 4.4 ସରକାରୀ କମ୍ପାନୀ ଏବଂ ନିଗମର ପରିଚାଳନା ଦକ୍ଷତା

### 4.4.1 ଉତ୍ପାଦନର ମୂଲ୍ୟ

ତିନି ବର୍ଷ ମଧ୍ୟରେ ସାତଟି ସରକାରୀ କମ୍ପାନୀ ଏବଂ ନିଗମରେ ଉତ୍ପାଦନର ମୂଲ୍ୟ, ମୋଟ୍ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି ସୂଚୀତ କରୁଥିବା ସାରାଂଶ ନିମ୍ନରେ ଦିଆଯାଇଥିବା ଚାର୍ଟରେ ଚିତ୍ରିତ ହୋଇଅଛି:

**ଚାର୍ଟ VI: ଉତ୍ପାଦନର ମୂଲ୍ୟ, ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି**

*(ଟଙ୍କା କୋଟିରେ)*




ପୂର୍ବ ବର୍ଷ ତୁଳନାରେ 2019-20 ବର୍ଷରେ ଉତ୍ପାଦନର ମୂଲ୍ୟ, ମୋଟ୍ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି ବୃଦ୍ଧି ପାଇଥିଲା। **ପରିଶିଷ୍ଟ-23**ରେ ଏସ୍‌ପିଏସ୍‌ଇ ଗୁଡିକର ଉତ୍ପାଦନର ମୂଲ୍ୟ, ମୋଟ୍ ସମ୍ପତ୍ତି ଏବଂ ପୁଞ୍ଜି ବିନିଯୁକ୍ତର ବିବରଣୀ ଦିଆଗଲା।

### 4.4.2 ନିୟୋଜିତ ପୁଞ୍ଜି ଉପରେ ଫେରସ୍ତ (ଆର୍‌ଓସିଇ)

ଆର୍‌ଓସିଇ ହେଉଛି ଏକ ଅନୁପାତ ଯାହା ଏକ କମ୍ପାନୀର ଲାଭଦାୟକତା ଏବଂ ଦକ୍ଷତାକୁ ମାପିଥାଏ ଯେଉଁଥିରେ ପୁଞ୍ଜି ନିୟୋଜିତ ହୋଇଥାଏ। ନିୟୋଜିତ ପୁଞ୍ଜି[43] ଦ୍ୱାରା ସୁଧ ଏବଂ ଟିକସ ପୂର୍ବରୁ କମ୍ପାନୀର ଆୟକୁ (ଇବିଆଇଟି) ଭାଗ କରି ଆର୍‌ଓସିଇ ଗଣନା କରାଯାଏ। **ପରିଶିଷ୍ଟ-24** ରେ ଏସ୍‌ପିଏସ୍‌ଇ ଗୁଡିକର ଆର୍‌ଓସିଇର ବିବରଣୀ ଦିଆଯାଇଛି। 2017-18 ରୁ 2019-20 ମଧ୍ୟରେ 33ଟି ସରକାରୀ କମ୍ପାନୀ ଏବଂ ନିଗମର ଏକତ୍ରିତ ଆର୍‌ଓସିଇ ସାରଣୀ 4.14 ରେ ଦିଆଯାଇଛି।

**ସାରଣୀ 4.14: ବିନିଯୁକ୍ତ ପୁଞ୍ଜି ଉପରେ ଫେରସ୍ତ**

| ବର୍ଷ | ଇବିଆଇଟି (ଟଙ୍କା କୋଟିରେ) | ବିନିଯୁକ୍ତ ପୁଞ୍ଜି (ଟଙ୍କା କୋଟିରେ) | ଆର୍‌ଓସିଇ (ଶତକଡାରେ) |
|---|---|---|---|
| 2017-18 | 41.02 | 20257.92 | 0.20 |
| 2018-19 | 1889.56 | 20200.17 | 9.35 |
| 2019-20 | 2755.75 | 23796.28 | 11.58 |

ଏହା ଦେଖାଗଲା ଯେ 2018-19 ବର୍ଷ ତୁଳନାରେ 2019-20 ବର୍ଷରେ 33ଟି ସରକାରୀ କମ୍ପାନୀ ଏବଂ ନିଗମର ଆର୍‌ଓସିଇ ଅଧିକ ଥିଲା।

---

[43] ନିୟୋଜିତ ପୁଞ୍ଜି = ପେଡ୍ ଅପ୍ ସେୟାର କ୍ୟାପିଟାଲ + ମାଗଣା ସଂରକ୍ଷଣ ଏବଂ ଅତିରିକ୍ତ + ଦୀର୍ଘକାଳୀନ ଋଣ – ସଂଗୃହିତ କ୍ଷତି – ବିଳମ୍ବିତ ରାଜସ୍ୱ ବ୍ୟୟ

### 4.4.3 ଏସ୍‌ପିଏସ୍‌ଇ ଗୁଡିକର ଇକ୍ୱିଟି ଉପରେ ଆୟ (ଆର୍‌ଓଇ)

ଆର୍‌ଓଇ[44] ହେଉଛି କମ୍ପାନୀ ଗୁଡିକର ଆର୍ଥିକ କାର୍ଯ୍ୟଦକ୍ଷତାର ଏକ ମାପ ଯାହାକି ଅଂଶୀଦାରମାନଙ୍କ ଇକ୍ୱିଟି ଦ୍ୱାରା ନିଟ୍ ଆୟ ବଣ୍ଟନ କରି ଗଣନା କରାଯାଏ। ଏସ୍‌ପିଏସ୍‌ଇ ଗୁଡିକର ଆର୍‌ଓଇ **ପରିଶିଷ୍ଟ-25**ରେ ଦିଆଯାଇଛି। 2017-18 ରୁ 2019-20 ମଧ୍ୟରେ 33ଟି ସରକାରୀ କମ୍ପାନୀ ଏବଂ ନିଗମର ଏକତ୍ରିତ ଆର୍‌ଓଇ ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 4.15: ଇକ୍ୱିଟି ଉପରେ ଫେରସ୍ତ**

| ବର୍ଷ | କର ପରେ ନିଟ୍ ଲାଭ ଏବଂ ପସନ୍ଦଯୋଗ୍ୟ ଡିଭିଡେଣ୍ଡ (ଟଙ୍କା କୋଟିରେ) | ଇକ୍ୱିଟି (ଟଙ୍କା କୋଟିରେ) | ଆର୍‌ଓଇ **(ଶତକଡାରେ)** |
|---|---|---|---|
| 2017-18 | -343.78 | 7057.33 | -4.87 |
| 2018-19 | 861.04 | 8453.37 | 10.19 |
| 2019-20 | 1381.56 | 9621.32 | 14.36 |

ଏହା ଦେଖାଗଲା ଯେ 2018-19 ବର୍ଷ ତୁଳନାରେ 2019-20 ବର୍ଷ ମଧ୍ୟରେ 33ଟି ସରକାରୀ କମ୍ପାନୀ ଏବଂ ନିଗମର ଆର୍ ଓଇ ଅଧିକ ଥିଲା।

2018-19 ବର୍ଷ ମଧ୍ୟରେ ଯେଉଁ ସରକାରୀ କମ୍ପାନୀ ଏବଂ ନିଗମର ମୋଟ୍ ଇକ୍ୱିଟି 50 କୋଟି ଟଙ୍କାରୁ ଅଧିକ ଥିଲା ସେମାନଙ୍କ କ୍ଷେତ୍ର-ୱାରୀ ଆର୍‌ଓଇ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 4.16: ସମୁଦାୟ ଇକ୍ୱିଟି 50 କୋଟି ଟଙ୍କା ଏବଂ ଅଧିକ ଥିବା କ୍ଷେତ୍ରଗୁଡିକର ଆର୍‌ଓଇ**

*(ଶତକଡାରେ)*

| କ୍ରମିକ ସଂଖ୍ୟା | ବିଭାଗର ନାମ | **2017-18 ରେ ଆର୍‌ଓଇ** | **2018-19 ରେ ଆର୍‌ଓଇ** | **2019-20 ରେ ଆର୍‌ଓଇ** |
|---|---|---|---|---|
| 1 | ଶିଳ୍ପ[45] | 5.27 | -66.94 | -15.42 |
| 2 | ବାଣିଜ୍ୟ ଏବଂ ପରିବହନ | 19.67 | 3.97 | 2.57 |
| 3 | ଶକ୍ତି | -14.25 | -1.26 | 3.64 |
| 4 | ଇସ୍ପାତ ଏବଂ ଖଣି | -7.45 | 14.05 | 18.00 |
| 5 | ଗୃହ | 16.42 | 13.82 | 13.82 |
| 6 | ଜଳ ସମ୍ପଦ | 46.94 | 56.89 | 33.30 |
| 7 | ଅବକାରୀ | 5.17 | 9.37 | 9.37 |
| 8 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | 16.54 | 15.59 | 15.59 |
| 9 | ସମବାୟ | 16.34 | 16.34 | 9.75 |

### 4.4.4 ସରକାରୀ ବିନିଯୋଗ ଉପରେ ପ୍ରକୃତ ଲାଭର ହାର (ଆର୍‌ଓଆର୍‌ଆର୍)

ଆର୍‌ଓଆର୍‌ଆର୍ ଲାଭ ଏବଂ ଦକ୍ଷତା ମାପ କରେ ଯେଉଁଥିରେ ଇକ୍ୱିଟି ଏବଂ ସମାନ ଅଣ-ସୁଧ ବହନ କରୁଥିବା ପୁଞ୍ଜିଗୁଡିକ ସେମାନଙ୍କ ସମୟ ମୂଲ୍ୟ ପାଇଁ ସଜାଡିବା ପରେ ନିୟୋଜିତ ହୋଇଛି, ଏବଂ ପାରମ୍ପାରିକ ଆର୍‌ଓଆର୍ ସହିତ ତୁଳନା କଲେ ତାହାର ମହତ୍ୱ ଜଣାଯାଏ, ଯାହା ଐତିହାସିକ ମୂଲ୍ୟ ଆଧାରରେ ସେପରି ସମସ୍ତ ବିନିଯୋଗର ରାଶି ଦ୍ୱାରା ପିଏଟି ଭାଗ କରି ଗଣନା କରାଯାଏ।

---

44 ଇକ୍ୱିଟି ଉପରେ ଫେରସ୍ତ = (ଟ୍ୟାକ୍ସ ଏବଂ ପ୍ରିଫରେନ୍ସ ଡିଭିଡେଣ୍ଡ ପରେ ନିଟ୍ ଲାଭ /ଇକ୍ୱିଟି)*100 ଯେଉଁଠାରେ ଇକ୍ୱିଟି = ସମାଦତ୍ତ ପୁଞ୍ଜି + ମାଗଣା ସଂରକ୍ଷଣ ଏବଂ ସରପ୍ଲସ୍ – ସଂଗୃହିତ କ୍ଷତି – ବିଳମ୍ବିତ ରାଜସ୍ୱ ବ୍ୟୟ

45 2018-19 ବର୍ଷରେ ଶିଳ୍ପ ବିଭାଗ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ, ମୁଖ୍ୟତଃ ଓଡିଶା ଲିମିଟେଡ୍‌ର ଶିଳ୍ପ ଉନ୍ନୟନ ନିଗମ ଦ୍ୱାରା 2017-18 ରେ 1.55 କୋଟି ଟଙ୍କା ଲାଭ ହେତୁ 89.50 କୋଟି ଟଙ୍କା କ୍ଷତି ହୋଇଛି। ତାହା ପୁଣି ବେଆଇନ ଖଣି ପାଇଁ ଦିଶାଯାଇଥିବା କ୍ଷତିପୂରଣ ଏବଂ ଭିଆର୍ ଦେୟ ପ୍ରଦାନ ପାଇଁ ନିଆଯାଇଥିବା ଋଣ ଉପରେ ଅତିରିକ୍ତ ସୁଧ ଯୋଗୁ ହୋଇଥିଲା।

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 46ଟି ଏସ୍‌ପିଏସ୍‌ଇ ମଧ୍ୟରୁ 28ଟି ଏସ୍‌ପିଏସ୍‌ଇରେ ରାଜ୍ୟ ସରକାର ପ୍ରତ୍ୟକ୍ଷ ବିନିଯୋଗ କରିଛନ୍ତି।

ଏହି ଏସ୍‌ପିଏସ୍‌ଇ ଗୁଡିକରେ କେନ୍ଦ୍ର ସରକାରଙ୍କ ବିନିଯୋଗର ଆର୍‌ଓଆର୍‌ଆର୍ ନିମ୍ନଲିଖିତ ଅନୁମାନ ଆଧାରରେ ଗଣନା କରାଯାଇଥିଲା:

- ସରକାରୀ ଉଦ୍ୟୋଗ ଗୁଡିକର କାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ଖର୍ଚ୍ଚ ପାଇଁ ରାଜ୍ୟ ସରକାର ଇକ୍ୱିଟି ଆକାରରେ ରାଜ୍ୟ ସରକାରଙ୍କ ବାସ୍ତବ ବିନିଯୋଗ ବ୍ୟତୀତ, ସୁଧମୁକ୍ତ ଋଣ ଏବଂ ଅନୁଦାନ/ସବ୍‌ସିଡି ଦେଇଥିଲେ ଯାହାକି ରାଜ୍ୟ ସରକାରଙ୍କ ନିବେଶ ଭାବେ ବିବେଚନା କରାଯାଇଛି।

- ଯେଉଁ କ୍ଷେତ୍ରରେ ଏସ୍‌ପିଏସ୍‌ଇକୁ ଦିଆଯାଇଥିବା ସୁଧମୁକ୍ତ ଋଣ ପରେ ଇକ୍ୱିଟିରେ ରୂପାନ୍ତରିତ ହୋଇଥିଲା, ଇକ୍ୱିଟିରେ ରୂପାନ୍ତରିତ ଋଣ ପରିମାଣ ସୁଧମୁକ୍ତ ଋଣ ପରିମାଣରୁ କଟାଯାଇ ସେହି ବର୍ଷର ଇକ୍ୱିଟିରେ ଯୋଡି ଦିଆଗଲା।

- ସମ୍ପୃକ୍ତ ଆର୍ଥିକ ବର୍ଷ[46] ପାଇଁ ରାଜ୍ୟ ସରକାରୀ ସିକ୍ୟୁରିଟି ଉପରେ ହାରାହାରି ସୁଧ ହାର ବର୍ତ୍ତମାନର ମୂଲ୍ୟ (ପିଭି)ରେ ପହଞ୍ଚିବା ପାଇଁ ଯୌଗିକ ହାର ଭାବରେ ଗ୍ରହଣ କରାଯାଇଥିଲା କାରଣ ସେମାନେ ବର୍ଷ ପାଇଁ ପାଣ୍ଠି ବିନିଯୋଗରେ ସରକାରଙ୍କ ଖର୍ଚ୍ଚକୁ ପ୍ରତିନିଧିତ୍ୱ କରନ୍ତି ଏବଂ ସେଥିପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ପୁଞ୍ଜି ବିନିଯୋଗରେ ଆଶା କରାଯାଉଥିବା ରିଟର୍ଣ୍ଣ ହାର ସର୍ବନିମ୍ନ ଭାବରେ ବିବେଚନା କରାଯାଏ।

- ରାଜ୍ୟ ସରକାରଙ୍କ ପୁଞ୍ଜି ବିନିଯୋଗର ଆର୍‌ଓଆର୍‌ଆର୍ ହିସାବରେ ଉଦ୍ଦେଶ୍ୟ ପାଇଁ, 2000-01 ରୁ 2019-20 ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ଅବଧି ଏହି 28ଟି ଏସ୍‌ପିଏସ୍‌ଇରେ ରାଜ୍ୟ ସରକାରଙ୍କ ପୁଞ୍ଜି ବିନିଯୋଗକୁ 31 ମାର୍ଚ୍ଚ 2000 ରେ ରାଜ୍ୟ ସରକାରଙ୍କ ପୁଞ୍ଜି ବିନିଯୋଗର ପିଭି ଭାବରେ ଗ୍ରହଣ କରାଯାଇଛି।

- 28ଟି ଏସ୍‌ପିଏସ୍‌ଇ ବିଷୟରେ ଆର୍‌ଓଆର୍‌ଆର୍‌ର ଗଣନା କରାଯାଇଛି ଯାହା **ପରିଶିଷ୍ଟ-26** ରେ ବିସ୍ତୃତ ଭାବରେ ଦିଆଯାଇଛି।

**ପରିଶିଷ୍ଟ-26** ରେ କରାଯାଇଥିବା ବିଶ୍ଳେଷଣରୁ ଦେଖାଯାଏ ଯେ, 2000-01 ରୁ 2019-20 ମଧ୍ୟରେ ଆର୍‌ଓଆର୍‌ଆର୍‌କୁ ଏକ ପରିବର୍ତ୍ତନଶୀଳ ଧାରା ଭାବରେ ଦେଖାଯାଇଛି ଯାହା 7.24 ରୁ 23.32 ପ୍ରତିଶତ ମଧ୍ୟରେ ଥିଲା।

**ସାରଣୀ 4.17: 2019-20 ବର୍ଷ ପାଇଁ ସରକାରଙ୍କ ବିନିଯୋଗ ଉପରେ ଏକତ୍ରିତ ଆର୍‌ଓଆର୍‌ଆର୍**

| 2019-20 ରେ ମୋଟ ଆୟ/ କ୍ଷତି (ଟଙ୍କା କୋଟିରେ) | ଆରମ୍ଭରୁ 2019-20 ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ବିନିଯୋଗ (ଟଙ୍କା କୋଟିରେ) | ଐତିହାସିକ ମୂଲ୍ୟ ଆଧାରରେ ରାଜ୍ୟ ସରକାରଙ୍କ ବିନିଯୋଗ ଉପରେ ଫେରସ୍ତ (ଶତକଡାରେ) | 2019-20 ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ବିନିଯୋଗର ବର୍ତ୍ତମାନ ମୂଲ୍ୟ (ଟଙ୍କା କୋଟିରେ) | ଇନିଯୋଗର ବର୍ତ୍ତମାନ ମୂଲ୍ୟକୁ ବିଚାର କରି ରାଜ୍ୟ ସରକାରଙ୍କ ବିନିଯୋଗ ଉପରେ ଆର୍‌ଓଆର୍‌ଆର୍ (ଶତକଡାରେ) |
|---|---|---|---|---|
| ଏ | ବି | ସି | ଡି | ଇ |
| ଉପରିସ୍ଥ ସାରଣୀର ସ୍ତମ୍ଭ ଏମ୍ ର ମୂଲ୍ୟ | ଉପରିସ୍ଥ ସ୍ତମ୍ଭ ଏଚ୍ ର ମୋଟ୍ + 2000-01 ଆରମ୍ଭରେ ସରକାରୀ ବିନିଯୋଗ | ଏ*100/ବି | ଉପରିସ୍ଥ ସାରଣୀର ସ୍ତମ୍ଭ କେ ର ମୂଲ୍ୟ | ଏ *100/ ଡି |
| 1347.47 | 22150.76(16213.95+5936.81) | 6.08 | 24445.82 | 5.51 |

[46] ସରକାରୀ ଋଣ ଉପରେ ହାରାହାରି ସୁଧ ହାର ସମ୍ପୃକ୍ତ ବର୍ଷ ପାଇଁ ରାଜ୍ୟ ଆର୍ଥିକ ହିସାବ (ଓଡିଶା ସରକାର)ର ଭାରତର ସିଏଜିଙ୍କ ପ୍ରତିବେଦନରୁ ଗ୍ରହଣ କରାଯାଇଥିଲା ଯେଉଁଥିରେ ହାରାହାରି ସୁଧ ହାର ପ୍ରଦାନ କରାଯାଇଥିଲା = ସୁଧ ଦେୟ /[(ପୂର୍ବ ବର୍ଷର ଆର୍ଥିକ ଦାୟିତ୍ୱର ପରିମାଣ + ଚଳିତ ବର୍ଷର ଆର୍ଥିକ ଦାୟିତ୍ୱ)/2]*100 ।

### 4.4.5 ବିକ୍ରୟ ଏବଂ ମାର୍କେଟିଂ

2019-20 ବର୍ଷରେ, 33ଟି ସରକାରୀ କମ୍ପାନୀ ମଧ୍ୟରୁ 18ଟିର ମୋଟ୍ ବିକ୍ରି 27,293.56 କୋଟି ଟଙ୍କା ଥିଲା, ଯାହା 2018-19 ରେ 24,770.49 କୋଟି ଟଙ୍କା ଥିଲା। 18ଟି ଏସ୍‌ପିଏସ୍‌ଇ ମଧ୍ୟରୁ 10ଟି ଏସ୍‌ପିଏସ୍‌ଇ ସରକାରୀ କ୍ଷେତ୍ରକୁ 2,811.60 କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ବିକ୍ରି/ ସେବା ବିକ୍ରି କରିଥିଲା। ଏହି 10ଟି ଏସ୍‌ପିଏସ୍‌ଇ ଗୁଡିକର ସରକାରୀ କ୍ଷେତ୍ରକୁ ସାମଗ୍ରୀ ବିକ୍ରୟ ସେମାନଙ୍କ ମୋଟ୍ ବିକ୍ରୟର ସାମଗ୍ରିକ ଶତକଡା ହେଉଛି 10.30 ପ୍ରତିଶତ।

ଏହି ଅବଧି ମଧ୍ୟରେ କୌଣସି ଏସ୍‌ପିଏସ୍‌ଇରେ ସାମଗ୍ରୀ/ ସେବାର ରପ୍ତାନି କିମ୍ବା ଆମଦାନୀ ହୋଇ ନଥିଲା।

ତିନି ବର୍ଷ ପାଇଁ 18ଟି ଏସ୍‌ପିଏସ୍‌ଇ ସମ୍ବନ୍ଧରେ ସମୁଦାୟ ବିକ୍ରୟ, ସରକାରୀ କ୍ଷେତ୍ରକୁ ଓ ଅନ୍ୟାନ୍ୟ ବିକ୍ରୟ ବିଷୟରେ ନିମ୍ନରେ ଦିଆଯାଇଛି:

**ସାରଣୀ 4.18: 19ଟି ଏସ୍‌ପିଏସ୍‌ଇର ବିକ୍ରୟ ବିବରଣୀ**

*(ଟଙ୍କା କୋଟିରେ)*

| ବର୍ଷ | ମୋଟ୍ ବିକ୍ରୟ | ସରକାରୀ କ୍ଷେତ୍ରକୁ ବିକ୍ରୟ | ଅନ୍ୟକୁ ବିକ୍ରୟ |
|---|---|---|---|
| 2017-18 | 23062.73 | 2629.83 | 20432.90 |
| 2018-19 | 24770.49 | 2804.23 | 21966.26 |
| 2019-20 | 27293.56 | 2811.60 | 24481.96 |

ମୋଟ୍ ବିକ୍ରି 27,293.56 କୋଟି ଟଙ୍କା ତୁଳନାରେ, 13 ଟି ସରକାରୀ କମ୍ପାନୀରେ ଅନ୍ୟ କ୍ଷେତ୍ରକୁ ବିକ୍ରି ହେଉଛି 24,481.96 କୋଟି ଟଙ୍କା (89.70 ପ୍ରତିଶତ)।

# ଅଧ୍ୟାୟ V

# ସିଏଜିଙ୍କର ତଦାରଖ ଭୂମିକା

# ଅଧ୍ୟାୟ V

## ସିଏଜିଙ୍କର ତଦାରଖ ଭୂମିକା

## 5.1 ସରକାରୀ ଉଦ୍ୟୋଗଗୁଡ଼ିକର ସମୀକ୍ଷା

କମ୍ପାନୀ ଅଧିନିୟମ, 2013ର ଧାରା 139(5) ଏବଂ (7) ଅନୁଯାୟୀ ଭାରତର ନିୟନ୍ତ୍ରକ ଏବଂ ମହାସମୀକ୍ଷକ ଏକ ସରକାରୀ କମ୍ପାନୀ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀର ବୈଧାନିକ ସମୀକ୍ଷକଙ୍କୁ ନିଯୁକ୍ତି କରନ୍ତି । ଅନୁପୂରକ ସମୀକ୍ଷା କରିବା ତଥା ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନ ଉପରେ ମନ୍ତବ୍ୟ ଜାରି କରିବାର ଅଧିକାର ସିଏଜିଙ୍କର ଅଛି । କେତେକ ନିଗମକୁ ପରିଚାଳନା କରୁଥିବା ବିଧାନ ଅନୁସାରେ ସେମାନଙ୍କର ବିବରଣୀକୁ ସିଏଜି ସମୀକ୍ଷା କରି ପ୍ରତିବେଦନ ରାଜ୍ୟ ବିଧାନସଭାରେ ଦାଖଲ କରାଯାଏ ।

## 5.2. ସିଏଜିଙ୍କ ଦ୍ଵାରା ସରକାରୀ ଉଦ୍ୟୋଗଗୁଡ଼ିକରେ ବୈଧାନିକ ସମୀକ୍ଷକଙ୍କ ନିଯୁକ୍ତି

କମ୍ପାନୀ ଅଧିନିୟମ, 2013 ର ଧାରା 139(5) ଅନୁସାରେ ଏକ ସରକାରୀ କମ୍ପାନୀ କିମ୍ବା ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀମାନଙ୍କର ବୈଧାନିକ ସମୀକ୍ଷକମାନଙ୍କୁ ଆର୍ଥିକ ବର୍ଷ ଆରମ୍ଭରୁ 180 ଦିନ ମଧ୍ୟରେ ସିଏଜି ଦ୍ଵାରା ନିଯୁକ୍ତି କରାଯାଏ ।

> 2019-20 ବର୍ଷ ପାଇଁ କମ୍ପାନୀଗୁଡ଼ିକର ବୈଧାନିକ ସମୀକ୍ଷକ ଅଗଷ୍ଟ 2020 ରେ ନିଯୁକ୍ତ ହୋଇଥିଲେ ।

2019-20 ଆର୍ଥିକ ବର୍ଷ ପାଇଁ ସରକାରୀ ଉଦ୍ୟୋଗ ଗୁଡ଼ିକର ବୈଧାନିକ ସମୀକ୍ଷକମାନଙ୍କୁ ଅଗଷ୍ଟ 2020 ରେ ସିଏଜି ଦ୍ଵାରା ନିଯୁକ୍ତ ହୋଇଥିଲେ ।

## 5.3 ଏସ୍‌ପିଏସ୍‌ଇ ମାନଙ୍କ ଦ୍ଵାରା ହିସାବ ଦାଖଲ

### 5.3.1 ଧାର୍ଯ୍ୟ ସମୟରେ ଦାଖଲର ଆବଶ୍ୟକତା

କମ୍ପାନୀ ଅଧିନିୟମ 2013ର ଧାରା 394 ଅନୁଯାୟୀ ଏକ ସରକାରୀ କମ୍ପାନୀର କାର୍ଯ୍ୟ ଏବଂ ବ୍ୟାପାର ଉପରେ ଏକ ବାର୍ଷିକ ପ୍ରତିବେଦନ ଏହାର ବାର୍ଷିକ ସାଧାରଣ ସଭା(ଏଜିଏମ୍)ର ତିନିମାସ ମଧ୍ୟରେ ପ୍ରସ୍ତୁତ କରାଯାଏ। ଏହିପରି ପ୍ରସ୍ତୁତି ପରେ ଯେତେ ଶୀଘ୍ର ହୋଇପାରେ, ବାର୍ଷିକ ବିବରଣୀ ସହିତ ସମୀକ୍ଷା ପ୍ରତିବେଦନ ଉପରେ ସିଏଜିଙ୍କ ମନ୍ତବ୍ୟକୁ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯାଏ। ବୈଧାନିକ ନିଗମମାନଙ୍କୁ ନିୟନ୍ତ୍ରଣ କରୁଥିବା ବିଧାନ ଗୁଡ଼ିକରେ ପ୍ରାୟ ସମାନ ବ୍ୟବସ୍ଥା ରହିଛି। ଏହି ପ୍ରକ୍ରିୟା ରାଜ୍ୟର ଏକତ୍ରିତ ପାଣ୍ଠିରୁ କମ୍ପାନୀଗୁଡ଼ିକରେ ବିନିଯୋଗ ହୋଇଥିବା ଜନସାଧାରଣ ପାଣ୍ଠିର ଉପଯୋଗ ଉପରେ ବୈଧାନିକ ନିୟନ୍ତ୍ରଣ କରିଥାଏ।

କମ୍ପାନୀ ଅଧିନିୟମ 2013ର ଧାରା 96 ପ୍ରତ୍ୟେକ କମ୍ପାନୀକୁ ବର୍ଷରେ ଥରେ ଅଂଶୀଦାରମାନଙ୍କ ଏଜିଏମ୍ କରିବାକୁ ଆବଶ୍ୟକ କରେ। ଏହା ମଧ୍ୟ କୁହାଯାଇଛି ଯେ ଗୋଟିଏ ଏଜିଏମ୍‌ର ତାରିଖ ଏବଂ ପରବର୍ତ୍ତୀ ତାରିଖ ମଧ୍ୟରେ 15 ମାସରୁ ଅଧିକ ହେବ ନାହିଁ। ପୁନଶ୍ଚ, କମ୍ପାନୀ ଅଧିନିୟମ 2013ର ଧାରା 129 ଧାର୍ଯ୍ୟ କରିଛି ଯେ ଆର୍ଥିକ ବର୍ଷ ପାଇଁ ସମୀକ୍ଷିତ ବିତ୍ତୀୟ ବିବରଣୀକୁ ବିଚାର ପାଇଁ ଉକ୍ତ ଏଜିଏମ୍‌ରେ ରଖିବାକୁ ହେବ।

କମ୍ପାନୀ ଅଧିନିୟମ 2013ର ଧାରା 129(7) ଅନୁଯାୟୀ ଯଦି ଧାରା 129 ର ନିୟମାବଳୀକୁ ପାଳନ କରାନଯାଏ ତେବେ ଦାୟୀ ଥିବା ବ୍ୟକ୍ତିମାନଙ୍କ ସମେତ କମ୍ପାନୀର ନିର୍ଦ୍ଦେଶକଙ୍କଠାରୁ ଜୋରିମାନା ଆଦାୟ ଏବଂ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି ।

ଉପରୋକ୍ତ ସତ୍ତ୍ୱେ, ବିଭିନ୍ନ ସରକାରୀ ଉଦ୍ୟୋଗଗୁଡ଼ିକର ବାର୍ଷିକ ହିସାବ 30 ସେପ୍ଟେମ୍ବର 2020 ପର୍ଯ୍ୟନ୍ତ ପଡ଼ିରହିଥିଲା ଯାହା ନିମ୍ନ ଅନୁଚ୍ଛେଦମାନଙ୍କରେ ବିସ୍ତୃତ ଭାବରେ ଦିଆଗଲା।

### 5.3.2 ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇମାନଙ୍କ ଦ୍ୱାରା ହିସାବ ଗୁଡିକର ସମୟୋଚିତ ପ୍ରସ୍ତୁତି

31 ମାର୍ଚ୍ଚ 2020 ସୁଦ୍ଧା, 66ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 16ଟି ସରକାରୀ ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସିଏଜିଙ୍କ ସମୀକ୍ଷା ଅଧିନରେ ଥିଲା । ଏହି 66ଟି ସରକାରୀ ଏସ୍‌ପିଏସ୍‌ଇ ମଧ୍ୟରୁ ତିନୋଟି ବୈଧାନିକ ନିଗମ ଅଟେ ।

82ଟି ଏସ୍‌ପିଏସ୍‌ଇ ମଧ୍ୟରୁ 71ଟି ଏସ୍‌ପିଏସ୍‌ଇର ହିସାବ ବକେୟା ଥିଲା ।

2019-20 ବର୍ଷ ପାଇଁ ସମସ୍ତ 66ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 16ଟି ସରକାରୀ ନିୟନ୍ତ୍ରିତ ଅନ୍ୟାନ୍ୟ ଏସ୍‌ପିଏସ୍‌ଇ ଗୁଡିକର ହିସାବ ଦାଖଲ କରିବାର ଥିଲା । ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବକେୟା ଥିବା ହିସାବର ବିବରଣୀ ପୃଥକ ଭାବେ **ପରିଶିଷ୍ଟ 19କ** ଏବଂ **19ଖ**ରେ ସୂଚିତ କରାଯାଇଛି । ଉପରୋକ୍ତ ଦୁଇଟି ବର୍ଗ ପାଇଁ ବକେୟା ଥିବା ହିସାବ ସଂଖ୍ୟା ନିମ୍ନରେ ଦିଆଗଲା:

**ସାରଣୀ 5.1: ସରକାରୀ କମ୍ପାନୀ ମାନଙ୍କର ହିସାବ ଦାଖଲର ବିବରଣୀ**

| ସବିଶେଷ | | ସରକାରୀ ଏସ୍‌ପିଏସ୍‌ଇ /ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସମୂହ | | |
|---|---|---|---|---|
| | | ସରକାରୀ ଏସ୍‌ପିଏସ୍‌ଇ | ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସମୂହ | ମୋଟ୍ |
| 31.03.2020 ସୁଦ୍ଧା ସିଏଜିଙ୍କ ସମୀକ୍ଷା ଅଧିନରେ ଥିବା ସମୁଦାୟ ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | | 66 | 16 | 82 |
| ତାଲିକାଭୁକ୍ତ ନଥିବା | | 66 | 16 | 82 |
| କମ୍: ନୂତନ ଏସ୍‌ପିଏସ୍‌ଇ ଗୁଡିକ ଯେଉଁଥିରୁ 2019-20 ପାଇଁ ହିସାବ ଧାର୍ଯ୍ୟ ହୋଇନଥିଲା | | - | - | - |
| ନୂତନ ଏସ୍‌ପିଏସ୍‌ଇ ଗୁଡିକ ଯେଉଁଥିରୁ 2019-20 ପାଇଁ ହିସାବ ଧାର୍ଯ୍ୟ ହୋଇଥିଲା | | 66 | 16 | 82 |
| 30 ସେପ୍ଟେମ୍ବର 2020 ସୁଦ୍ଧା ସିଏଜିଙ୍କ ସମୀକ୍ଷା ପାଇଁ ଖାତା ଉପସ୍ଥାପନ କରୁଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | | 7 | 4 | 11 |
| ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା ଯାହାର ହିସାବ ବକେୟା ଥିଲା | | 59 | 12 | 71 |
| ବକେୟାର ବର୍ଗୀକରଣ | (i) ସମାପନ ପ୍ରକ୍ରିୟାରେ | 16 | 1 | 17 |
| | (ii) ଅଚଳ | 10 | 0 | 10 |
| | (iii) ପ୍ରଥମ ହିସାବ ଦାଖଲ ହୋଇନାହିଁ | 0 | 0 | 0 |
| | (iv) ଅନ୍ୟାନ୍ୟ | 33 | 11 | 44 |
| ବକେୟା ଥିବା ହିସାବ ଗୁଡିକର ସଂଖ୍ୟା | | 852 | 23 | 875 |
| ବୟସ ଓ୍ୱାରୀ ବକେୟାର ବିଶ୍ଲେଷଣ | ଏକ ବର୍ଷ (2019-20) | 22* | 7 | 29 |
| | ଦୁଇ ବର୍ଷ (2018-19 ଏବଂ 2019-20) | 8** | 4 | 12 |
| | ତିନି ବର୍ଷ ଏବଂ ତଦୁର୍ଦ୍ଧ | 822 | 12 | 834 |

* ଦୁଇଟି ବୈଧାନିକ ନିଗମ ଅନ୍ତର୍ଭୁକ୍ତ ଯଥା ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଏବଂ ଓଡିଶା ରାଜ୍ୟ ଆର୍ଥିକ ନିଗମ ।

** ଗୋଟିଏ ବୈଧାନିକ ନିଗମ ଯଥା ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ।

## 5.4 ସିଏଜିଙ୍କ ତଦାରଖ – ହିସାବଗୁଡିକର ସମୀକ୍ଷା ଏବଂ ଅନୁପୂରଖ ସମୀକ୍ଷା

### 5.4.1 ବିତ୍ତୀୟ ରିପୋର୍ଟ ଢ଼ାଞ୍ଚା

କମ୍ପାନୀ ଅଧିନିୟମ 2013ର ଅନୁସୂଚୀ III ରେ ଦର୍ଶାଯାଇଥିବା ଫର୍ମାଟରେ ଏବଂ କେନ୍ଦ୍ର ସରକାରଙ୍କ ବିହିତ ହିସାବ ମାନଦଣ୍ଡ ଯାହାକି ଜାତୀୟ ହିସାବ ମାନଦଣ୍ଡ ପରାମର୍ଶଦାତା କମିଟିର ପରାମର୍ଶ ନିର୍ଦ୍ଧାରିତ ଅନୁଯାୟୀ କମ୍ପାନୀଗୁଡିକ ଆର୍ଥିକ ବିବୃତ୍ତି ପ୍ରସ୍ତୁତ କରିବା ଆବଶ୍ୟକ କରନ୍ତି। ସିଏଜିଙ୍କ ପରାମର୍ଶ କ୍ରମେ ଏବଂ ନିଗମଗୁଡିକୁ ପରିଚାଳନା କରୁଥିବା ବିଧାନର ବିନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନୁଯାୟୀ ବୈଧାନିକ ନିଗମଗୁଡିକ ନିୟମରେ ବିହିତ ଫର୍ମାଟ ଅନୁସାରେ ହିସାବ ପ୍ରସ୍ତୁତ ରିଥାନ୍ତି।

### 5.4.2 ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ସରକାରୀ ଉଦ୍ୟୋଗଗୁଡିକର ହିସାବ ସମୀକ୍ଷା

କମ୍ପାନୀ ଅଧିନିୟମ 2013ର ଧାରା 139 ଅନୁଯାୟୀ ସିଏଜିଙ୍କ ଦ୍ୱାରା ନିଯୁକ୍ତ ବୈଧାନିକ ସମୀକ୍ଷକ ସରକାରୀ କମ୍ପାନୀଗୁଡିକର ହିସାବକୁ ସମୀକ୍ଷା କରନ୍ତି ଏବଂ କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ସେମାନଙ୍କ ପ୍ରତିବେଦନ ଦାଖଲ କରନ୍ତି।

ବୈଧାନିକ ସମୀକ୍ଷକମାନଙ୍କୁ ଦିଆଯାଇଥିବା କାର୍ଯ୍ୟଗୁଡିକ ସଠିକ ଏବଂ ପ୍ରଭାବଶାଳୀ ଭାବରେ ନିର୍ବାହ କରୁଛନ୍ତି ବୋଲି ସିଏଜି ସରକାରୀ ଉଦ୍ୟୋଗ ଗୁଡିକର ବୈଧାନିକ ସମୀକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ଏକ ତଦାରଖ ଭୂମିକା ଗ୍ରହଣ କରେ। କ୍ଷମତା ବ୍ୟବହାର କରି କରାଯାଉଥିବା କାର୍ଯ୍ୟଗୁଡିକ:

- କମ୍ପାନୀ ଅଧିନିୟମ 2013ର ଧାରା 143(5) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବା; ଏବଂ
- କମ୍ପାନୀ ଅଧିନିୟମ 2013ର ଧାରା 143(6) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କ ପ୍ରତିବେଦନ ଉପରେ ଅନୁପୂରକ ବା ମନ୍ତବ୍ୟ ଜାରି କରିବା।

### 5.4.3 ସରକାରୀ କମ୍ପାନୀଗୁଡିକର ହିସାବର ଅନୁପୂରକ ସମୀକ୍ଷା

କମ୍ପାନୀ ଅଧିନିୟମ 2013 କିମ୍ବା ଅନ୍ୟାନ୍ୟ ପ୍ରଯୁଜ୍ୟ ଅଧିନିୟମ ଅନୁଯାୟୀ ଧାର୍ଯ୍ୟ ହୋଇଥିବା ଆର୍ଥିକ ପ୍ରତିବେଦନ ଢ଼ାଞ୍ଚା ଅନୁଯାୟୀ ଆର୍ଥିକ ବିବରଣୀ ପ୍ରସ୍ତୁତ କରିବାର ମୁଖ୍ୟ ଦାୟିତ୍ୱ ହେଉଛି ସଂସ୍ଥାର ପରିଚାଳନା।

କମ୍ପାନୀ ଅଧିନିୟମ 2013ର ଧାରା 139 ଅନୁଯାୟୀ ସିଏଜି ଦ୍ୱାରା ନିଯୁକ୍ତ ହୋଇଥିବା ବୈଧାନିକ ସମୀକ୍ଷକମାନେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର (ଆଇସିଏଆଇ)ର ମାନକ ସମୀକ୍ଷା ପ୍ରଥା ଏବଂ ସିଏଜି ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଆର୍ଥିକ ବିବରଣୀ ଉପରେ ଏକ ସ୍ୱାଧୀନ ସମୀକ୍ଷା କରି କମ୍ପାନୀ ଅଧିନିୟମ 2013ର ଧାରା 143 ଅନୁଯାୟୀ ମନ୍ତବ୍ୟ ଜାରି କରିବା ପାଇଁ ଦାୟୀ ଅଟନ୍ତି। କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ବୈଧାନିକ ସମୀକ୍ଷକମାନେ ସମୀକ୍ଷା ପ୍ରତିବେଦନକୁ ସିଏଜିଙ୍କୁ ଦାଖଲ କରିବା ଆବଶ୍ୟକ। .

ମନୋନୀତ ସରକାରୀ କମ୍ପାନୀଗୁଡିକର ପ୍ରମାଣୀକୃତ ହିସାବଗୁଡିକ ସହିତ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନକୁ ସିଏଜି ଏକ ଅନୁପୂରକ ସମୀକ୍ଷା ଦ୍ୱାରା ପୁନର୍ବିଲୋକନ କରିଥାନ୍ତି। ଏହି ସମୀକ୍ଷା ଅନୁସାରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ପର୍ଯ୍ୟବେକ୍ଷଣଗୁଡିକୁ କମ୍ପାନୀ ଅଧିନିୟମର ଧାରା 143(6) ଅନୁଯାୟୀ ବାର୍ଷିକ ସାଧାରଣ ସଭାରେ ସ୍ଥାନିତ କରାଯାଇଥାଏ।

## 5.5 ସିଏଜିଙ୍କ ତଦାରଖ ଭୂମିକାର ଫଳାଫଳ

### 5.5.1 କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ସରକାରୀ କମ୍ପାନୀ/ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ହିସାବର ସମୀକ୍ଷା

30 ସେପ୍ଟେମ୍ବର 2020 ସୁଦ୍ଧା ସାତଟି ସରକାରୀ କମ୍ପାନୀ ଏବଂ ଚାରୋଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକ ଠାରୁ 2019-20 ବର୍ଷ ପାଇଁ ସେମାନଙ୍କର ଆର୍ଥିକ ବିବରଣୀ ଗ୍ରହଣ କରାଯାଇଥିଲା। ଏଥି ମଧ୍ୟରୁ ଚାରୋଟି ସରକାରୀ କମ୍ପାନୀ ଏବଂ ତିନୋଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀର ହିସାବକୁ ସିଏଜିଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା।

> ସିଏଜି 2019-20 ବର୍ଷ ପାଇଁ ସାତଟି କମ୍ପାନୀର ହିସାବ ସମୀକ୍ଷା କଲେ।

### 5.5.1.1 ସରକାରୀ କମ୍ପାନୀ/ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକ ଉପରେ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନ ଉପରେ ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଅନୁପୂରକ ମନ୍ତବ୍ୟ

ବୈଧାନିକ ସମୀକ୍ଷକଙ୍କ ଦ୍ୱାରା 2019-20 ବର୍ଷ ପାଇଁ ଆର୍ଥିକ ବିବରଣୀଗୁଡିକର ସମୀକ୍ଷା ପରେ, ସିଏଜି ମନୋନୀତ ସରକାରୀ କମ୍ପାନୀଗୁଡିକ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଅନୁପୂରକ ସମୀକ୍ଷା କରିଥିଲେ। ମନ୍ତବ୍ୟ ଜାରି କରାଯାଇଥିବା ଏସ୍‌ପିଏସ୍‌ଇଗୁଡିକର ତାଲିକା **ପରିଶିଷ୍ଟ-27**ରେ ଦିଆଯାଇଛି। ସରକାରୀ କମ୍ପାନୀ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଆର୍ଥିକ ବିବରଣୀ ଉପରେ ଜାରି କରାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ, ଯାହାର ଆର୍ଥିକ ପ୍ରଭାବ ଏହାର ଲାଭ ଉପରେ 7.65 କୋଟି ଟଙ୍କା, ସମ୍ପତ୍ତି ହ୍ରାସ 443.52 କୋଟି ଟଙ୍କା ଏବଂ ଦାୟିତ୍ୱ ବୃଦ୍ଧିରେ 31.59 କୋଟି ଟଙ୍କା ଥିଲା, ଯାହା ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 5.2: ସରକାରୀ କମ୍ପାନୀ ଗୁଡିକର ଲାଭ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1 | ଗ୍ରୀଡ୍‌କୋ ଲିମିଟେଡ୍ (ପୃଥକ ଆର୍ଥିକ ବିବୃତ୍ତି) | (i) ଓଡିଶାର ପଶ୍ଚିମ ବିଦ୍ୟୁତ କମ୍ପାନୀ (ୱେସ୍କୋ) ୟୁଟିଲିଟି, ଉତ୍ତର ପୂର୍ବାଞ୍ଚଳ ବିଦ୍ୟୁତ ଯୋଗାଣ କମ୍ପାନୀ (ନେସ୍କୋ) ୟୁଟିଲିଟି ଏବଂ ଦକ୍ଷିଣାଞ୍ଚଳ ବିଦ୍ୟୁତ ଯୋଗାଣ କମ୍ପାନୀ (ସାଉଥକୋ) ୟୁଟିଲିଟି ମାନଙ୍କରୁ ଅଣନିର୍ଦ୍ଧାରିତ ଅଦଳବଦଳ (ୟୁଆଇ) କାର୍ଯ୍ୟର ହିସାବ ନହେବା ହେତୁ ପରିଚାଳନା ଆୟ (ୟୁଆଇ ଚାର୍ଜ) 42.94 କୋଟି ଟଙ୍କା ହ୍ରାସ ପାଇଥିଲା। ଏହାଦ୍ୱାରା ବାଣିଜ୍ୟ ପ୍ରାପ୍ତବ୍ୟାରେ ଅବନତି ଏବଂ ସମାନ ପରିମାଣରେ କ୍ଷତିରେ ବୃଦ୍ଧି ହୋଇଥିଲା।<br>(ii) ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ଙ୍କ ନିର୍ଦ୍ଦେଶ କ୍ରମେ ୱେସ୍କୋକୁ ଦିଆଯାଇଥିବା ରିହାତିର ବ୍ୟବସ୍ଥାପନ ନହେବା ଦ୍ୱାରା ଅନ୍ୟାନ୍ୟ ଖର୍ଚ୍ଚ (ଛାଡ ଏବଂ ଡିପିଏସ୍) 4.58 କୋଟି ଟଙ୍କା ହ୍ରାସ ପାଇଥିଲା। ଏହା ଦ୍ୱାରା ବାଣିଜ୍ୟ ପ୍ରାପ୍ତବ୍ୟର ବୃଦ୍ଧି ହୋଇଥିଲା ଏବଂ ସମାନ ପରିମାଣର କ୍ଷତି କମ୍ ହୋଇଥିଲା।<br>(iii) ଓଇଆରସିର 28 ମାର୍ଚ୍ଚ 2019 ନିର୍ଦ୍ଦେଶ ଅନୁଯାୟୀ 2017-18 ବର୍ଷ ପାଇଁ ଅନୁପୂରକ ବିଦ୍ୟୁତ ବିଲ୍‌ର ବ୍ୟବସ୍ଥାକୁ ହ୍ରାସ ନକରିବା ଦ୍ୱାରା ଖର୍ଚ୍ଚ (ଶକ୍ତି ମୂଲ୍ୟ) 2.09 କୋଟି ଟଙ୍କା ଅଧିକ ହୋଇଯାଇଥିଲା। ଏହାଦ୍ୱାରା ଚଳନ୍ତି ଦାୟିତ୍ୱ ଏବଂ କ୍ଷତିରେ ସମାନ ପରିମାଣରେ 2.09 କୋଟି ଟଙ୍କା ବୃଦ୍ଧି ହୋଇଥିଲା। |
| 2 | ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ (ପୃଥକ ଆର୍ଥିକ ବିବୃତ୍ତି) | ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ଗେଜେଟ୍ ବିଜ୍ଞପ୍ତି 18 ମଇ 2015 ଅନୁଯାୟୀ ଜଳ ସଂରକ୍ଷଣ ପାଣିକୁ ଦିଆଯିବାକୁ ଥିବା ଅର୍ଥର ହିସାବ ନକରିବା ହେତୁ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ 18.39 କୋଟି ଟଙ୍କା ହ୍ରାସ ପାଇଥିଲା। ଏହାଦ୍ୱାରା ସମାନ ପରିମାଣରେ ଲାଭରେ ବୃଦ୍ଧି ଏବଂ ଚଳନ୍ତି ଦାୟିତ୍ୱରେ ହ୍ରାସ ପାଇଥିଲା। |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 3. | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ | କର୍ମଚାରୀଙ୍କ ଦ୍ୱାରା ଦୁଇଟି ଗୋଦାମରେ ଯଥା ଦୁର୍ଗାପଲ୍ଲୀ ଏବଂ ବାଲେଶ୍ୱରରେ ଆତ୍ମସାତ କରାଯାଇଥିବା ଖାଦ୍ୟଶସ୍ୟର ହିସାବ ନହେବା କାରଣରୁ "ଜମାକାରୀଙ୍କ ଦ୍ୱାରା ନାମଞ୍ଜୁର କରିବା ପାଇଁ ବ୍ୟବସ୍ଥାରେ" 1.22 କୋଟି ଟଙ୍କା ହ୍ରାସ ପାଇଥିଲା। ଏହାଦ୍ୱାରା ସମାନ ପରିମାଣରେ ପ୍ରତ୍ୟେକ 1.22 କୋଟି ଟଙ୍କାର ଚଳନ୍ତି ଦାୟିତ୍ୱରେ ହ୍ରାସ ଏବଂ ଲାଭରେ ବୃଦ୍ଧି ହୋଇଥିଲା। |
| 4 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | କର୍ମଚାରୀ ହିତ ଖର୍ଚ୍ଚରେ କମ୍ପାନୀ ଛୁଟି ଦରମା ପ୍ରଦାନ ପାଇଁ ଏଲ୍ଆଇସିର ବିମାଗଣନା ମୂଲ୍ୟାୟନ ପ୍ରତିବେଦନ ଅନୁଯାୟୀ ସମୂହ ଛୁଟି ଅର୍ଥାୟନ ଯୋଜନା (ଜିଏଲ୍ଇଏସ୍)ର ନବିକରଣ ପାଇଁ ବୀମାକିସ୍ତି ବାବଦରେ 1.12 କୋଟି ଟଙ୍କା ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଏହାଦ୍ୱାରା "ସ୍ୱଳ୍ପ ମିଆଦୀ ଋଣ ଏବଂ ଅଗ୍ରିମରେ" 0.60 କୋଟି ଟଙ୍କା ବୃଦ୍ଧି, "ଅନ୍ୟ ଚଳନ୍ତି ଦାଇତ୍ୱରେ" 0.52 କୋଟି ଟଙ୍କା ହ୍ରାସ ଏବଂ 1.12 କୋଟି ଟଙ୍କା ଲାଭ ଅଧିକ ହୋଇଥିଲା। |
| 5. | ଓଡିଶା କୋଇଲା ଏବଂ ଶକ୍ତି ଲିମିଟେଡ୍ | ପୁଞ୍ଜିକୃତ ହେବା ପରେ ଜମି ଅଧିଗ୍ରହଣ କରିବା ପାଇଁ ଧାର କରାଯାଇଥିବା ପୁଞ୍ଜି ଉପରେ ସୁଧ ବାବଦରେ ଖର୍ଚ୍ଚକୁ ହିସାବ ନକରିବା କାରଣରୁ ଖର୍ଚ୍ଚ (ଆର୍ଥିକ ଖର୍ଚ୍ଚ) 14.14 କୋଟି ଟଙ୍କା ହ୍ରାସ ପାଇଥିଲା। ଏହାଦ୍ୱାରା ସମାନ ପରିମାଣରେ କ୍ଷତିର ହ୍ରାସ ଏବଂ ପୁଞ୍ଜି କାର୍ଯ୍ୟ ଅଗ୍ରଗତିର ବୃଦ୍ଧି ହୋଇଥିଲା। |
| 6. | ଓଡିଶା ଖଣି ନିଗମ ଲିମିଟେଡ୍ | (i) ମାନ୍ୟବର ଜେଏମ୍ଏଫ୍ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ 80,000 ଏମ୍ଟି ଜବତ ହୋଇଥିବା କ୍ରୋମ ଖଣିର ବିକ୍ରୟ ଆୟ ମଧ୍ୟରୁ 96.61 କୋଟି ଟଙ୍କାରେ ଦୁଇଟି ମିଆଦୀ ଜମା ଉପରେ ଉପାର୍ଜିତ ସୁଧର ଭୁଲ ହିସାବ ହେତୁ ଅନ୍ୟାନ୍ୟ ଆୟ 4.14 କୋଟି ଟଙ୍କା ବୃଦ୍ଧି ପାଇଥିଲା। ଏହାଦ୍ୱାରା ସେହି ବର୍ଷ ଲାଭ ଏବଂ ଚଳନ୍ତି ପୁଞ୍ଜି ପ୍ରତ୍ୟେକ 4.14 କୋଟି ଟଙ୍କା ବୃଦ୍ଧି ପାଇଥିଲା।<br>(ii) 31 ମାର୍ଚ୍ଚ 2020 ରେ ଆୟକର ହାରକୁ 25.168 ପ୍ରତିଶତ ଏବଂ ସ୍ଥାୟୀ ପୁଞ୍ଜି ଅଧିନରେ ବିଳମ୍ବିତ ପୁଞ୍ଜି କର (ନିଟ୍) ବାବଦରେ 77.00 କୋଟି ଟଙ୍କା ହିସାବକୁ ନେଇ ନିଗମ 2019-20 ରେ 23.19 କୋଟି ଟଙ୍କାର ଅତିରିକ୍ତ ବିଳମ୍ବିତ କରର ବ୍ୟବସ୍ଥା କରିଥିଲା। ଅଧିକନ୍ତୁ, ବିଳମ୍ବିତ ସମ୍ପତ୍ତି କର (ନିଟ୍) ଯାହାକି ଶତକଡା 34.94 ପ୍ରତିଶତରେ ହିସାବ ହୋଇଥିଲା ତାହା 25.168 ପ୍ରତିଶତକୁ ପୁନଃବିବୃତି ହୋଇନାହିଁ। 2019-20 ବର୍ଷ ପାଇଁ ପୁନଃବିବୃତି ପ୍ରାରମ୍ଭିକ ରୋକଡ 25.168 ପ୍ରତିଶତ ହାରରେ 38.76 କୋଟି ଟଙ୍କା (₹5380.92x25.168/34.94) ହେବାର ଥିଲା ଯାହାକି ଭୁଲରେ 53.81 କୋଟି ଟଙ୍କା ହିସାବ ହୋଇଥିଲା। ଏହାଦ୍ୱାରା ସମାନ ପରିମାଣରେ 'ସ୍ଥାୟୀ ସମ୍ପତ୍ତିରେ' ହ୍ରାସ ଏବଂ କର ଖର୍ଚ୍ଚରେ (ବିଳମ୍ବିତ କର) ହ୍ରାସ ହୋଇଥିଲା ତତ୍ସହିତ 'ଜାରି ରହିଥିବା କାର୍ଯ୍ୟରୁ ଲାଭ/କ୍ଷତିରେ' ମଧ 15.05 କୋଟି ଟଙ୍କା ବୃଦ୍ଧି ହୋଇଥିଲା। |
| 7. | ରାଉରକେଲା ସ୍ମାର୍ଟ ସିଟି ଲିମିଟଡ୍ | ସରକାରୀ ପାଣ୍ଠିରୁ ଅର୍ଜିତ ସୁଧକୁ ଜିଏଫ୍ଆର 2017 ନିୟମ 230(8) ଏବଂ ସାଧାରଣରେ ଗୃହୀତ ହିସାବ ନୀତିର ବିରୋଧରେ ଚଳନ୍ତି ଦାୟିତ୍ୱ ଭାବରେ ବିବେଚନା ନକରି ଅନ୍ୟ ଆୟ ଭାବରେ ହିସାବ କରିବା ଦ୍ୱାରା ଅନ୍ୟ ଆୟ 1.45 କୋଟି ଟଙ୍କା ବୃଦ୍ଧି ହୋଇଥିଲା। ଏହାଦ୍ୱାରା ସମାନ ପରିମାଣରେ ଅନ୍ୟ ଆୟରେ ବୃଦ୍ଧି ଏବଂ ଦାୟିତ୍ୱରେ 1.45 କୋଟିଟଙ୍କା ହ୍ରାସ ହୋଇଥିଲା। |
| 8. | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | ବଲାଙ୍ଗୀର ଜିଲ୍ଲାର ପ୍ରାଥମିକ କୃଷି ସମାବାୟ ସମିତି (ପିଏସିଏସ୍)କୁ ପ୍ରଦାନ କରାଯିବାକୁ ଥିବା ମଣ୍ଡି ଶ୍ରମିକ ଚାର୍ଜ (ଏମ୍ଏଲ୍ସି)ରେ ଅଣ-ବ୍ୟବସ୍ଥା ହେତୁ ଏମ୍ଏଲ୍ସି ସମ୍ବନ୍ଧୀୟ କ୍ରୟ ଖର୍ଚ୍ଚ 1.22 କୋଟି ଟଙ୍କା ହ୍ରାସ ପାଇଥିଲା। ଏହାଦ୍ୱାରା ଉଭୟ କ୍ଷତି ପୂର୍ବରୁ ସାହାଯ୍ୟ ଏବଂ ଚଳନ୍ତି ଦାୟିତ୍ୱ (ପିଏସିଏସ୍ ପାଇଁ) ବାବଦରେ ସମାନ ପରିମାଣରେ 1.22 କୋଟି ଟଙ୍କା ହ୍ରାସ ହୋଇଥିଲା। |

## ସାରଣୀ 5.3: ସରକାରୀ କମ୍ପାନୀ ଗୁଡିକର ଆର୍ଥିକ ସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1 | ଇଡକଲ୍ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ | 2008 ରୁ ନିକାସ ନହୋଇ ପଡିରହିଥିବା ଦୁଇଟି ସେଡ୍ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଇଣ୍ଡଏଏସ୍-28 ଅନୁସାରେ ମୂଲ୍ୟ ହ୍ରାସ କ୍ଷତିର ହିସାବ ନହେବା କାରଣରୁ ସ୍ଥାୟୀ ସମ୍ପତ୍ତି (କାର୍ଯ୍ୟ ଚାଲୁଥିବା ପୁଞ୍ଜି)ରେ 3.58 କୋଟି ଟଙ୍କା ବୃଦ୍ଧି ହୋଇଥିଲା। ଏହାଦ୍ୱାରା ସମାନ ପରିମାଣରେ କ୍ଷତିରେ ହ୍ରାସ ଦର୍ଶାଯାଇଥିଲା। |
| 2. | ଓଡିଶା ରାଜ୍ୟ ପଣ୍ୟାଗାର ଲିମିଟେଡ୍ | (i) ଚୁକ୍ତିର ବର୍ଦ୍ଧିତ ଅବଧି 2015-17 ମଧ୍ୟରେ ଏଚ୍ଆଣ୍ଡଟି ଚୁକ୍ତିକୁ ଚୂଡାନ୍ତ ନକରିବା ଦ୍ୱାରା ଭାରତର ଖାଦ୍ୟ ନିଗମ (ଏଫ୍‌ସିଆଇ) ହୋଲଡିଂ ଏବଂ ପରିବହନ (ଏଚ୍ଆଣ୍ଡଟି) ଦେୟ ବାବଦରେ ସନ୍ଦେହଜନକ ଭାବେ ଆଦାୟ କରିଥିବା ରାଶିର ବ୍ୟବସ୍ଥା ନକରିବା ଦ୍ୱାରା ବିଭିନ୍ନ ପ୍ରକାର ଋଣ(ଏଫ୍‌ସିଆଇ ଦ୍ୱାରା କଟାଯାଇଥିବା ଭିନ୍ନ ଏଚ୍ଆଣ୍ଡଟି ହାର)ରେ 8.78 କୋଟିଟଙ୍କା ବୃଦ୍ଧି ପାଇଥିଲା। ଏହାଦ୍ୱାରା ସମାନ ପରିମାଣରେ ହୋଲଡିଂ ଏବଂ ପରିବହନ ଦେୟ ହ୍ରାସ ଏବଂ ଲାଭ ବାବଦରେ 8.78 କୋଟି ଟଙ୍କା ବୃଦ୍ଧି ହୋଇଥିଲା।<br><br>(ii) ବେସରକାରୀ ଉଦ୍ୟୋଗୀ ଗ୍ୟାରେଣ୍ଟି (ପିଇଜି) ପରିକଳ୍ପନା ଅଧିନରେ ଫେବୃୟାରୀ 2011 ରୁ ମାର୍ଚ୍ଚ 2017 ମଧ୍ୟରେ 15 ଟି ଡିପୋର ଭଣ୍ଡାର କ୍ଷତି ବାବଦରେ ସନ୍ଦେହଜନକ ଭାବେ ଆଦାୟ ଭାବେ ରାଶିର ଅଣବ୍ୟବସ୍ଥା ହେତୁ ଅନ୍ୟ ଦାୟିତ୍ୱରେ 1.57 କୋଟି ଟଙ୍କା ହ୍ରାସ ପାଇଥିଲା। ଏହାଦ୍ୱାରା ସମାନ ପରିମାଣରେ ଜମାକାରୀଙ୍କ ଦ୍ୱାରା ନାମଞ୍ଜୁର ହୋଇଥିବା ବ୍ୟବସ୍ଥାରେ ହ୍ରାସ ଏବଂ ଲାଭରେ ବୃଦ୍ଧି ହୋଇଥିଲା। |
| 3. | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | ତିନୋଟି ବିଭାଗ ଯଥାକ୍ରମେ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ), ଜଙ୍ଗଲ ଏବଂ ପରିବେଶ ବିଭାଗ (ଏଫ୍ଆଣ୍ଡଇ ବିଭାଗ) ଏବଂ ପଞ୍ଚାୟତି ରାଜ ଏବଂ ପାନୀୟଜଳ ବିଭାଗ (ପିଆର ବିଭାଗ) ମାନଙ୍କୁ ଦିଆଯାଇଥିବା ଅବ୍ୟବହୃତ ଅଗ୍ରୀମ ରାଶି ଉପରେ ଅର୍ଜିତ ସୁଧର ହିସାବ ନହେତୁ ଚଳନ୍ତି ସମ୍ପତ୍ତି (ଉପାର୍ଜିତ ସୁଧ)ରେ 13.05 କୋଟି ଟଙ୍କା ହ୍ରାସ ପାଇଥିଲା। ଏହାଦ୍ୱାରା ଅନ୍ୟ ଆୟ, ରିଜର୍ଭ ଏବଂ ବଳକା ଏବଂ ଆୟରେ ପ୍ରତ୍ୟେକ 13.05 କୋଟି ଟଙ୍କା ହ୍ରାସ ହୋଇଥିଲା। |
| 4. | ଓଡିଶା କୋଇଲା ଏବଂ ଶକ୍ତି ଲିମିଟେଡ୍ | ବର୍ଷରେ ପୁଞ୍ଜିଭୁତ ହୋଇଥିବା ଜମିକୁ ଅଧିକୃତ କରିବା ପାଇଁ ହୋଇଥିବା କରଜ ମୂଲ୍ୟକୁ ଅଣ-ପୁଞ୍ଜିଭୁତ କରିବା ଦ୍ୱାରା ଅନ୍ୟ ଚଳନ୍ତି ସମ୍ପତ୍ତିରେ 42.05 କୋଟି ଟଙ୍କା ହ୍ରାସ ହୋଇଥିଲା। ଏହାଦ୍ୱାରା କାର୍ଯ୍ୟ ଚାଲୁରହିଥିବା ପୁଞ୍ଜିରେ ସମପରିମାଣରେ ବୃଦ୍ଧି ହୋଇଥିଲା। ଅଧିକନ୍ତୁ, ଜମିର ଅବକ୍ଷୟତା ମୂଲ୍ୟକୁ ହିସାବ ନକରିବା ଦ୍ୱାରା ଅନ୍ୟ ଖର୍ଚ୍ଚ ଏବଂ କ୍ଷତିରେ ସମପରିମାଣରେ 1.40 କୋଟି ଟଙ୍କା ହ୍ରାସ ହୋଇଥିଲା। |
| 5. | ଓଡିଶା ଖଣି ନିଗମ ଲିମିଟେଡ୍ | (i) ମେସର୍ସ ବେଦାନ୍ତ ଲିମିଟେଡ୍ ଉତ୍ତୋଳନ କରିଥିବା ବକ୍ସାଇଟ୍‌ର ବିଭିନ୍ନ ବିକ୍ରୟ ମୂଲ୍ୟର ଭୁଲ ହିସାବ ହେତୁ ଚଳନ୍ତି ସମ୍ପତ୍ତି (ବ୍ୟବସାୟୀକ ପ୍ରାପ୍ୟ) 103.19 କୋଟି ଟଙ୍କା ବୃଦ୍ଧି ହୋଇଥିଲା। ସମ୍ପୃକ୍ତପକ୍ଷ ସହିତ ଆଇନଗତ ବିବାଦ ଉପୁଜିଥିବାରୁ ଘଟଣାଟି ବିଚାରଧିନ ଥିଲା। ଏହାଦ୍ୱାରା ବ୍ୟବସାୟୀକ ରାଜସ୍ୱ ସମପରିମାଣରେ ବୃଦ୍ଧି ହୋଇଥିଲା।<br><br>(ii) ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପୂର୍ବବର୍ଷ ମାନଙ୍କରେ ଜବତ ହୋଇଥିବା ଗନ୍ଧମାର୍ଦ୍ଦନ ଏବଂ କାଳିଆପାଣି ଖାଦାନର ଷ୍ଟକ୍ ସଂଗୃହିତ ବିକ୍ରୟ ମୂଲ୍ୟର ଭୁଲ ବିଚାର ହେତୁ ଅନ୍ୟ ସ୍ଥାୟୀ ସମ୍ପତ୍ତି (ନିଟ୍ ଖଣିଜ ଷ୍ଟକ୍)ରେ 428.36 କୋଟି ଟଙ୍କା ବୃଦ୍ଧି ହୋଇଥିଲା। ଏହାକୁ ସମ୍ଭାବ୍ୟ ଦାୟିତ୍ୱ ଭାବରେ ଦର୍ଶାଯାଇ ପାରିଥାନ୍ତା। ଅନୁପଯୁକ୍ତ ହିସାବ ଦ୍ୱାରା ଉପରୋକ୍ତ ହେଡ୍‌ରେ ଏବଂ ଉପାର୍ଜନରେ 428.36 କୋଟି ଟଙ୍କା ବୃଦ୍ଧି ହୋଇଥିଲା। |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 6. | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ | (i) ଭାରତ ସରକାରଙ୍କଠାରୁ ପ୍ରାପ୍ତ ଅନୁଦାନ ଉପରେ ଅର୍ଜିତ ସୁଧକୁ ଜିଏଫ୍ଆର 2005/ଏସ୍ସିଏମ୍ ନିର୍ଦ୍ଦେଶାବଳୀ ଏବଂ ପରବର୍ତ୍ତୀ ସମୟରେ ଜିଏଫ୍ଆର 2017 ରେ ସଂଶୋଧିତ ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରି ଭୁଲ ହିସାବ କରିବା ଦ୍ୱାରା ସ୍ଥାୟୀ ଦାୟିତ୍ୱ 39.15 କୋଟି ଟଙ୍କା ବୃଦ୍ଧି ହୋଇଥିଲା। ଏହାଦ୍ୱାରା ଚଳନ୍ତି ଦାୟିତ୍ୱ ସମାନପରିମାଣରେ ହ୍ରାସ ପାଇଥିଲା।<br>(ii) ସ୍ମାର୍ଟ ସମାଧାନ ପ୍ରକଳ୍ପର ଏକାନ୍ତ ପ୍ରକଳ୍ପ କାର୍ଯ୍ୟ ଯଥା ଡିପିଆର ପ୍ରସ୍ତୁତି କରିବା, ସର୍ବେକ୍ଷଣ କରିବା ଇତ୍ୟାଦି ପାଇଁ ମେସର୍ସ ଟାଟା ପରାମର୍ଶଦାତା ଇଞ୍ଜିନିୟର୍ସ ଲିମିଟେଡ୍ (ଟିସିଇଏଲ୍)କୁ ଦିଆଯାଇଥିବା ପରାମର୍ଶ ଖର୍ଚ୍ଚକୁ ଭୁଲରେ ରାଜସ୍ୱ ଖର୍ଚ୍ଚ ଭାବରେ ହିସାବ କରିବା ଦ୍ୱାରା କାର୍ଯ୍ୟ ଚାଲୁଥିବା ପୁଞ୍ଜି (ସିଡବ୍ଲ୍ୟୁଆଇପି)ରେ 5.34 କୋଟି ଟଙ୍କାରେ ହ୍ରାସ ହୋଇଥିଲା। ଏହାଦ୍ୱାରା ସମାନ ପରିମାଣରେ ଅନ୍ୟାନ୍ୟ ଖର୍ଚ୍ଚରେ ବୃଦ୍ଧି ଏବଂ ସିଡବଲ୍ୟୁଆଇପିରେ 5.34 କୋଟି ଟଙ୍କା ହ୍ରାସ ହୋଇଥିଲା। |
| 7. | ଓଡିଶାର ଜଳ ନିଗମ ଲିମିଟେଡ୍ | ଠିକାଦାରଙ୍କଠାରୁ ଓଡିଶା ଜଳ ଯୋଗାଣ ଏବଂ ପରିମଳ ବୋର୍ଡ (ଓଡବ୍ଲ୍ୟୁଏସ୍ଏସ୍ବି) କାଟିଥିବା(ଡିସେମ୍ବର 2019) ସିକ୍ୟୁରିଟି ଜମାଗୁଡିକୁ ହିସାବ ନହେବା ହେତୁ ସ୍ୱଳ୍ପମିଆଦ ଧାରଗୁଡିକ 6.72 କୋଟି ଟଙ୍କା ହ୍ରାସ ହୋଇଥିଲା ଏବଂ ହିସାବ ପ୍ରମାଣୀକରଣ ପୂର୍ବରୁ ନିଗମକୁ ଅବଗତ କରାଯାଇଥିଲା (ଜୁନ୍ 2020)। ଏହାଦ୍ୱାରା ସମପରିମାଣରେ ଚଳନ୍ତି ସମ୍ପତ୍ତିରେ ହ୍ରାସ ହୋଇଥିଲା। |
| 8. | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ | (i) ଜିଏଫ୍ଆର 2017 ର ନିବନ୍ଧନ ଓ ସର୍ତ୍ତଗୁଡିକୁ ଉଲ୍ଲଙ୍ଘନ କରି ଭାରତ ସରକାରଙ୍କଠାରୁ ପ୍ରାପ୍ତ ଅନୁଦାନ ଉପରେ ଅର୍ଜିତ ସୁଧର ଭୁଲ ହିସାବ ଯୋଗୁ ଅନ୍ୟାନ୍ୟ ଇକ୍ୱିଟି 5.81 କୋଟି ଟଙ୍କା ବୃଦ୍ଧି ହୋଇଥିଲା। ଏହାଦ୍ୱାରା ସମାନ ପରିମାଣରେ ଚଳନ୍ତି ଦାଇତ୍ୱଗୁଡିକ ହ୍ରାସ ପାଇଲା।<br>(ii) ବସ୍ କ୍ୟୁ ଆଶ୍ରାସ୍ଥଳର ନିର୍ମାଣ କାର୍ଯ୍ୟ ସମାପ୍ତି ହୋଇ ତାହା କମ୍ପାନୀ ଦ୍ୱାରା ବ୍ୟବହୃତ କରାଯାଉଥିଲେ ମଧ ତାହାକୁ ହିସାବ ନହେବା କାରଣରୁ 'ସମ୍ପତ୍ତି, ସଂଯନ୍ତ୍ର ଏବଂ ସାଜସଜ୍ଜା'ରେ 29.32 କୋଟି ଟଙ୍କା ହ୍ରାସ ହୋଇଥିଲା। ଏହାଦ୍ୱାରା ସମପରିମାଣରେ କାର୍ଯ୍ୟ ଚାଲୁଥିବା ପୁଞ୍ଜିରେ ବୃଦ୍ଧି, ଅବକ୍ଷୟତା ଖର୍ଚ୍ଚରେ ହ୍ରାସ ଏବଂ ଅନ୍ୟାନ୍ୟ ଆୟରେ (ବିଳମ୍ବ ଆୟ-ପୁଞ୍ଜି ଅନୁଦାନ) 13.21 କୋଟି ଟଙ୍କା ହ୍ରାସ ପାଇଥିଲା।<br>(iii) ସ୍ମାର୍ଟ ସଲ୍ୟୁସନ ପ୍ରକଳ୍ପ, କ୍ଷେତ୍ର ଭିତ୍ତିକ ଉନ୍ନୟନ ଏବଂ ପ୍ରକଳ୍ପ ଆରମ୍ଭ ଓ ଅବଧାରଣା, ଡିପିଆର ପରାମର୍ଶଦାତା, ଠିକାଦାର ଇତ୍ୟାଦି ଯୋଗାଡ କରିବା ନିମିତ୍ତ ତିନି କାର୍ଯ୍ୟ ପରିଚାଳନା ପରାମର୍ଶଦାତାଙ୍କୁ ପ୍ରଦତ୍ତ ପରାମର୍ଶ ଦେୟ ରାଜସ୍ୱ ଖର୍ଚ୍ଚ ଭାବରେ ଭୁଲ ହିସାବ କରିବାରୁ ପୁଞ୍ଜି କାର୍ଯ୍ୟ ପ୍ରଗତି 23.84 କୋଟି ଟଙ୍କା କମ୍‌ରେ ହିସାବ କରାଯାଇଥିଲା। ଏହାଫଳରେ ଅନ୍ୟାନ୍ୟ ଖର୍ଚ୍ଚଏବଂ କ୍ଷତି 23.84 କୋଟି ଟଙ୍କା (5.16 କୋଟି ଟଙ୍କା 2019-20 ପାଇଁ ଓ 18.68 କୋଟି ଟଙ୍କା ପୂର୍ବ ଅବଧିପାଇଁ ଥିଲା) ଅଧିକ ହିସାବ କରାଯାଇଥିଲା। |
| 9. | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | (i) ଚଳନ୍ତି ଦାୟିତ୍ୱ (ବାଣିଜ୍ୟ ଦେୟ)ରେ 2017-18 ବର୍ଷ ପାଇଁ କମ୍ପାନୀ ଦ୍ୱାରା ଭଡାରେ ନିଆଯାଇଥିବା ଗୋଦାମ ଘରର ଭଡା 2.59 କୋଟି ଟଙ୍କା ଅନ୍ତର୍ଭୁକ୍ତ ନଥିଲା। ଏହାଫଳରେ ଉଭୟ ବାଣିଜ୍ୟ ଦେୟ (ଗୋଦାମ ଘର ଭଡା) ଏବଂ ସବ୍‌ସିଡି ପୂର୍ବ କ୍ଷତି 2.59 କୋଟି ଟଙ୍କା କମ୍‌ରେ ହିସାବ କରାଯାଇଥିଲା।<br>(ii) ସ୍ଥାୟୀ ସମ୍ପତ୍ତି (ଦୃଶ୍ୟମାନ ସମ୍ପତ୍ତି)ରେ ଉଦ୍ୟୋଗ ସମ୍ବଳ ଯୋଜନା (ଇଆରପି)/ଏସ୍ଏପି ବାବଦ ଖର୍ଚ୍ଚ 4.96 କୋଟି ଟଙ୍କା ଅନ୍ତର୍ଭୁକ୍ତ ନଥିଲା। 31 ମାର୍ଚ୍ଚ 2018 ସୁଦ୍ଧା କମ୍ପାନୀ ଇଆରପି/ଏସ୍ଏପି କାର୍ଯ୍ୟାନ୍ୱୟନ ପାଇଁ 7.14 କୋଟି ଟଙ୍କା ଖର୍ଚ୍ଚ କରିଥିଲା, କିନ୍ତୁ ଏହା 2017-18 ର ବାର୍ଷିକ ହିସାବରେ |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | କେବଳ 2.18 କୋଟି ଟଙ୍କା ପୁଞ୍ଜି ବ୍ୟୟ ବାବଦକୁ ନିଆଯାଇଥିଲା। ପୁନଶ୍ଚ, ମୋଟ ବ୍ୟୟ 7.14 କୋଟି ଟଙ୍କାରୁ 0.29 କୋଟି ଟଙ୍କା, 2.43 କୋଟି ଟଙ୍କା ଏବଂ 1.65 କୋଟି ଟଙ୍କା ପୁଞ୍ଜି ଖର୍ଚ୍ଚ ବଦଳରେ ରାଜସ୍ୱ ଖର୍ଚ୍ଚ ଭାବେ ଯଥାକ୍ରମେ 2015-16, 2016-17 ଓ 2017-18 ବାର୍ଷିକ ହିସାବରେ ନିଆଯାଇଥିଲା ଏବଂ ବଳକା 0.59 କୋଟି ଟଙ୍କା 2017-18 ରେ ହିସାବକୁ ନିଆଯାଇ ନଥିଲା। ଯେହେତୁ ଇଆରପି ବାବଦ ଖର୍ଚ୍ଚ ସ୍ଥାୟୀ ଲାଭ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଉକ୍ତ ଲାଭ ଅନ୍ୟୁନ୍ୟ ଛଅ ବର୍ଷ ଅବଧିରେ ମିଳିବାକୁ ଥିଲା, ଏଣୁ ଇଆରପି ପ୍ରଣାଳୀ ବାବଦ ଖର୍ଚ୍ଚ ରାଜସ୍ୱ ପରିବର୍ତ୍ତେ ପୁଞ୍ଜିବ୍ୟୟ ହିସାବରେ ନିଆଯିବା ଉଚିତ ଥିଲା।<br>ଏହାଫଳରେ ଦୃଶ୍ୟମାନ ସମ୍ପତ୍ତି 4.96 କୋଟି ଟଙ୍କା କମ୍ ନିଆଯାଇଥିଲା ଏବଂ ସବ୍‌ସିଡି ପୂର୍ବ କ୍ଷତି 4.96 କୋଟି ଟଙ୍କା ଅଧିକ ହୋଇଯାଇଥିଲା। |

**ସାରଣୀ 5.4: ଡିସକ୍ଲୋଜର ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1 | ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ | 2016-17 ରୁ 2018-19 ମଧ୍ୟରେ କମ୍ପାନୀ ଉଡାନ୍ତା ପାଉଁଶ ବିକ୍ରୟରୁ ପ୍ରାପ୍ତ ମୂଲ୍ୟ 0.57 କୋଟି ଟଙ୍କା ହିସାବକୁ ନେଇଥିଲା। ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ (ଏମ୍ଓଇଏଫ୍) ଦ୍ୱାରା ଜାରି କରାଯାଇଥିବା 3 ନଭେମ୍ବର 2009 ର ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ତାପଜ ବିଦ୍ୟୁତ କେନ୍ଦ୍ର ଦ୍ୱାରା ଉଡନ୍ତା ପାଉଁଶ ବିକ୍ରୟରୁ ସଂଗ୍ରହ କରାଯାଇଥିବା ଅର୍ଥକୁ "ଉଡନ୍ତା ପାଉଁଶ ଉପଯୋଗୀକରଣ ରିଜର୍ଭ ପାଣ୍ଠି" ଭାବରେ ଏକ ପୃଥକ ଖାତା ନାମରେ ରଖିବା ଉଚିତ ଥିଲା ଏବଂ ଏହାକୁ ଭିତ୍ତିଭୂମି କିମ୍ବା ସୁବିଧାଗୁଡିକର ବିକାଶ, ଶତପ୍ରତିଶତ ଉଡନ୍ତା ପାଉଁଶ ବ୍ୟବହାର ନହେବା ପର୍ଯ୍ୟନ୍ତ ଉଡନ୍ତା ପାଉଁଶର ବ୍ୟବହାର ପାଇଁ ପ୍ରୋତ୍ସାହନ ଓ ସୌଗମ୍ୟ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯିବା ଉଚିତ। କମ୍ପାନୀ ପୃଥକ ନାମରେ ଖାତା ବା 0.57 କୋଟି ଟଙ୍କାର ଉଡନ୍ତା ପାଉଁଶ ଉପଯୋଗୀକରଣ ପାଣ୍ଠି କରିନଥିଲା କିମ୍ବା ପୃଥକ ନାମରେ ଖାତା ନକରିବାର କାରଣ ହିସାବ ଟିପ୍ପଣୀରେ ଉପଯୁକ୍ତ ଭାବରେ ଦର୍ଶାଇ ନଥିଲା। |
| 2. | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | କମ୍ପାନୀ ଚଳିତ ବର୍ଷ ଅବକ୍ଷୟଣ ହିସାବ କରିବାର ପଦ୍ଧତି ଷ୍ଟ୍ରେଟ୍ ଲାଇନରୁ ଡବ୍ଲ୍ୟୁଡିଭିକୁ ପରିବର୍ତ୍ତନ କରିଥିଲା ଏବଂ ଏହା ହିସାବ ଟିପ୍ପଣୀରେ ମଧ୍ୟ ଉଲ୍ଲେଖ କରିଥିଲା। ତେବେ, ଆକାଉଣ୍ଟିଙ୍ଗ ଷ୍ଟାଣ୍ଡାଡ୍-5 ର ଆବଶ୍ୟକତା ଅନୁଯାୟୀ କମ୍ପାନୀ ନୀତିରେ ପରିବର୍ତ୍ତନର ପ୍ରଭାବ ହିସାବରେ ଉଲ୍ଲେଖ କରିନଥିଲା। |
| 3. | ଓଡିଶାର ସବୁଜ ଶକ୍ତି ବିକାଶ ନିଗମ (ପୃଥକ ଆର୍ଥିକ ବିବୃତ୍ତି) | ଭାରତ ସରକାରଙ୍କ ନୂତନ ଓ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ (ଏମ୍ଏନ୍ଆରଇ)ର ଅତି ବୃହତ ସୌରଶକ୍ତି ଉଦ୍ୟାନ ଯୋଜନା ଅଧିନରେ ସୌରଶକ୍ତି ଉଦ୍ୟାନ ପ୍ରକଳ୍ପର ପର୍ଯ୍ୟାୟ-I (275 ମେଗାୱାଟ୍) ପାଇଁ ଜମି ଅଧିଗ୍ରହଣ ବାବଦକୁ କମ୍ପାନୀ ଦ୍ୱାରା ଜମା କରାଯାଇଥିବା 9.40 କୋଟି ଟଙ୍କାକୁ ପୁଞ୍ଜି କାର୍ଯ୍ୟ ପ୍ରଗତିରେ ଅନ୍ତର୍ଭୁକ୍ତ କରାଯାଇଥିଲା। ମୋଟ 1,000 ମେଗାୱାଟ୍ ପ୍ରକଳ୍ପ ମଧ୍ୟରୁ ପର୍ଯ୍ୟାୟ-I 275 ମେଗାୱାଟ୍ ପ୍ରକଳ୍ପର ସବିଶେଷ ପ୍ରକଳ୍ପ ପ୍ରତିବେଦନ (ଡିପିଆର) 28 ଜାନୁଆରୀ 2019 ରେ ଏମ୍ଏନ୍ଆରଇ ଦ୍ୱାରା ଅନୁମୋଦିତ ହୋଇଥିଲା ଏବଂ ପର୍ଯ୍ୟାୟ-II (725 ମେଗାୱାଟ୍) ପ୍ରକଳ୍ପର ଧିମା ପ୍ରଗତି ଓ ଜମି ଚିହ୍ନଟ କରାଯାଇନଥିବା ହେତୁ ବାତିଲ କରିଦିଆଗଲା। ପ୍ରସ୍ତାବିତ ସୌରଶକ୍ତି ପ୍ରକଳ୍ପ ଉଦ୍ୟାନ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ଏବଂ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ମନ୍ଥର ଗତି ହେତୁ ଅଗଷ୍ଟ 2020 ରେ ଏମ୍ଏନ୍ଆରଇ ପର୍ଯ୍ୟାୟ-I (275 ମେଗାୱାଟ୍) ପ୍ରକଳ୍ପ ମଧ୍ୟ ବାତିଲ କରିଦେଇଥିଲା। |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | ଇଣ୍ଡଏଏସ୍‌ର ଧାରା 3(ଖ) ଅନୁଯାୟୀ, ଏହି ଘଟଣାଟି ରିପୋଟିଂ ଅବଧି ପରେ ସୃଷ୍ଟି ହୋଇଥିଲା ଯାହାକି ହିସାବରେ ସମାୟୋଜନ ହୋଇପାରିବ ନାହିଁ। ଅଧିକନ୍ତୁ, ଇଣ୍ଡଏଏସ୍-10 ର ଧାରା 21 ଅନୁଯାୟୀ, ଯଦି ଏହିପରି ଅଣ-ସମାୟୋଜକ ଘଟଣାଗୁଡିକ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ଉଲ୍ଲେଖ ନକରିବା ଦ୍ୱାରା ଉପଭୋକ୍ତାମାନେ ବିତ୍ତୀୟ ବିବରଣୀ ଆଧାରରେ ନେଉଥିବା ଅର୍ଥନୈତିକ ନିଷ୍ପତ୍ତି ଉପରେ ପ୍ରଭାବ ପକାଇବାର ଥିଲା, ତେବେ ସଂସ୍ଥା ଏହାକୁ ହିସାବ ଟିପ୍ପଣୀରେ ଉଲ୍ଲେଖ କରିବା ଉଚିତ ଥିଲା। ତେଣୁ, ନବୀକରଣ ଯୋଗ୍ୟ ଶକ୍ତି ସମ୍ପଦଗୁଡିକର ସଂସ୍ଥାପନା, କମ୍ପାନୀର ମୂଳ ଉଦ୍ଦେଶ୍ୟ ହୋଇଥିବାରୁ ଭାରତୀୟ ଏଏସ୍-10 ଅନୁଯାୟୀ ପ୍ରକଳ୍ପ ବାତିଲ ହେବା ପ୍ରସଙ୍ଗଟି ବାର୍ଷିକ ହିସାବରେ ଉପଯୁକ୍ତ ଭାବରେ ଉଲ୍ଲେଖ କରାଯିବାର ଥିଲା। |
| 4 | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ | ସ୍ମାର୍ଟ ସିଟି ପ୍ରକଳ୍ପ କାର୍ଯ୍ୟକାରି କରିବା ପାଇଁ ରାଉରକେଲା ପୌର ନିଗମ (ଆର୍‌ଏମ୍‌ସି) ଅଧିନରେ ଆସୁଥିବା ଏନ୍‌ଏସ୍‌ସିବି ଉଦ୍ୟାନ, ଉଦିତନଗର ଏବଂ ରୋଟାରୀ-I ଓ II ଉଦ୍ୟାନରେ ନୂତନ ଆଲୋକ ବ୍ୟବସ୍ଥା ସ୍ଥାପନ, ଚଲାପଥ ଏବଂ ମୁକ୍ତାକାଶ ରଙ୍ଗମଞ୍ଚ ନିର୍ମାଣରେ 1.91 କୋଟି ଟଙ୍କା ପୁଞ୍ଜି ବ୍ୟୟ ହୋଇଥିଲା। ପ୍ରକଳ୍ପଗୁଡିକ ବର୍ଷ 2019-20 ରେ ସମ୍ପୂର୍ଣ୍ଣ ହୋଇଥିଲା। ସୃଷ୍ଟି ହୋଇଥିବା ନୂତନ ସମ୍ପତ୍ତିର ମାଲିକାନା ନିଶ୍ଚିତ ହେବା ଉଚିତ ଏବଂ ସଠିକ ହିସାବ ପାଇଁ ବିତ୍ତୀୟ ବିବରଣୀର ଅଂଶ ଭାବରେ ବାର୍ଷିକ ହିସାବରେ ଟିପ୍ପଣୀରେ ଉଲ୍ଲେଖ ହେବା ଉଚିତ। ତେଣୁ ବାର୍ଷିକ ହିସାବ ଟିପ୍ପଣୀରେ ସେହି ପରିମାଣରେ ଅଭାବ ଥିଲା। |
| 5 | ଓଡିଶାର ଜଳ ନିଗମ ଲିମିଟେଡ୍ | ଭୁବନେଶ୍ୱର ସହରର ନର୍ଦ୍ଦମା ଦ୍ୱାରା ମଇଳା ନିଷ୍କାସନ ପ୍ରକଳ୍ପ ଓଡିଶା ସରକାରଙ୍କ ରିଜୋଲ୍ୟୁସନ (ସେପ୍ଟେମ୍ବର 2019) ଏବଂ ନୂତନ ଚୁକ୍ତିନାମାର ନିଷ୍ପାଦନ (ନଭେମ୍ବର 2019) ଅନୁଯାୟୀ ପ୍ରକଳ୍ପର ସମସ୍ତ ଦେୟ ଓ ଦାୟିତ୍ୱ ସହିତ ଓଡିଶା ଜଳ ଯୋଗାଣ ଓ ମଇଳା ନିଷ୍କାସନ ମଣ୍ଡଳୀ (ଓଡବ୍ଲ୍ୟୁଏସ୍‌ଏସ୍‌ବି) ଠାରୁ ନିଗମକୁ ହସ୍ତାନ୍ତର ହୋଇଥିଲା। ଫଳସ୍ୱରୂପ ଚାଲୁଥିବା ପ୍ରକଳ୍ପର ମାଲିକାନା ନିଗମ ପାଖରେ ରହିଥିଲା। ତେଣୁ, ବାର୍ଷିକ ହିସାବ ଟିପ୍ପଣୀରେ ଏପରି ସ୍ଥାନାନ୍ତର ପୂର୍ବରୁ ପ୍ରଦାନ କରାଯାଇଥିବା ଦେୟ ସମ୍ବନ୍ଧରେ ନିଗମ ଉପଯୁକ୍ତ ଭାବରେ ଉଲ୍ଲେଖ କରିବାର ଆବଶ୍ୟକତା ଥିଲା। |
| 6 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ | (i) ସ୍ମାର୍ଟ ସିଟି ମିଶନର କାର୍ଯ୍ୟକାରିତା ପାଇଁ ବିଏସ୍‌ସିଏଲ୍ ଦ୍ୱାରା ପ୍ରାପ୍ତ ଅନୁଦାନ ମଧ୍ୟରୁ କିଛି ଅର୍ଥ ରାଶି ଅନ୍ୟାନ୍ୟ କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ଯଥା-ବିଏମ୍‌ସି, କୁଟ୍, ବିଡିଏ, ପିଏଚ୍‌ଇଡି ଇତ୍ୟାଦିଙ୍କୁ ସୁବିଧା ବା ସେବା ଯୋଗାଇ ଦେବାକୁ ପ୍ରଦାନ କରାଯାଇଥିଲା (କିମ୍ବା ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା)। ସେହି ସଂସ୍ଥାମାନଙ୍କୁ ପ୍ରଦତ୍ତ ଅର୍ଥରାଶି ଓ ଅନୁଦାନର ଉପଯୁକ୍ତ ହିସାବ ପାଇଁ ସେହି ସଂସ୍ଥାମାନଙ୍କ ଦ୍ୱାରା ସୃଷ୍ଟିହେବାକୁ ଥିବା ସମ୍ପତ୍ତିଗୁଡିକର ମାଲିକାନା ପୂର୍ବରୁ ନିଶ୍ଚିତ କରିବାର ଥିଲା। ଏହା ବିତ୍ତୀୟ ବିବରଣୀର ଅଂଶ ହୋଇଥିବା ବାର୍ଷିକ ହିସାବର ଟିପ୍ପଣୀରେ ଉଲ୍ଲେଖ କରାଯିବା ଉଚିତ ଥିଲା। ତେଣୁ, ବାର୍ଷିକ ହିସାବରେ ଟିପ୍ପଣୀ ସେହି ପରିମାଣରେ ଅଭାବ ଥିଲା।<br><br>(ii) ବିତ୍ତୀୟ ବିବରଣୀର ଅଂଶ ବାର୍ଷିକ ହିସାବ ଟିପ୍ପଣୀର ସଂଖ୍ୟା 3.10.3 ରେ ଏହା ଦର୍ଶାଯାଇଥିଲା ଯେ, ସହ-ହିତାଧିକାରୀଙ୍କ ସ୍ୱତନ୍ତ୍ର ବ୍ୟବହାର ସହିତ ଭବିଷ୍ୟତ ଅର୍ଥନୈତିକ ମୂଲ୍ୟ ଥିବା ଗୋଟିଏ କ୍ଲଷ୍ଟର ପ୍ରକଳ୍ପରେ ହୋଇଥିବା ଖର୍ଚ୍ଚକୁ ଉପଭୋକ୍ତା ଅଧିକାର ଭାବରେ ପୁଞ୍ଜିଭୂତ କରାଯାଇଥିଲା ଯାହାକି ସମ୍ପତ୍ତି ଉପରେ କୌଣସି ଭୌତିକ ନିୟନ୍ତ୍ରଣ ବିନା କରାଯାଇଥିଲା। ପୁନଶ୍ଚ, ଟିପ୍ପଣୀ 3.10.4 ଅନୁଯାୟୀ, ପୃଥକ ଭାବରେ କ୍ରୟ କରାଯାଇଥିବା ଅପରେଟିଂ ସଫ୍ଟୱେୟାରକୁ ଅଦୃଶ୍ୟମାନ ସମ୍ପତ୍ତି ଭାବରେ ପୁଞ୍ଜିଭୂତ |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | କରାଯାଇଥିଲା। ଯେଉଁଠାରେ କି ସେଗୁଡିକ କମ୍ପାନୀ ପାଇଁ ଦୀର୍ଘକାଳୀନ ଅର୍ଥନୈତିକ ଲାଭ ସହିତ ସ୍ପଷ୍ଟ ଭାବରେ ସଂଯୁକ୍ତ ଥିଲେ। |

**ସାରଣୀ 5.5: ସମୀକ୍ଷକଙ୍କ ପ୍ରତିବେଦନ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1. | ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ | 31 ମାର୍ଚ୍ଚ 2017 ରେ ଶେଷ ହୋଇଥିବା ବର୍ଷ ପାଇଁ ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ ର ଆର୍ଥିକ ବିବରଣୀ ଉପରେ ସାଧୀନ ସମୀକ୍ଷକଙ୍କ ପ୍ରତିବେଦନର ସମୀକ୍ଷକଙ୍କ ଦାୟିତ୍ୱବୋଧ ଅଧିନରେ ବୈଧାନିକ ସମୀକ୍ଷକ ଦର୍ଶାଇଛନ୍ତି ଯେ, ବିପଦର ମୂଲ୍ୟାଙ୍କନ କରିବା ସମୟରେ ସମୀକ୍ଷକ ଆଭ୍ୟନ୍ତରୀଣ ଆର୍ଥିକ ନିୟନ୍ତ୍ରଣକୁ କମ୍ପାନୀର ଆର୍ଥିକ ବିବରଣୀଗୁଡିକର ପ୍ରସ୍ତୁତି ସହିତ ଜଡିତ ବୋଲି ବିବେଚନା କରନ୍ତି ଯାହା ସମୀକ୍ଷା ପ୍ରଣାଳୀକୁ ଡିଜାଇନ୍ କରିବା ପାଇଁ ଏକ ସତ୍ୟ ଓ ଯଥାର୍ଥ ମତ ପ୍ରଦାନ କରେ ଯାହାକି ଉକ୍ତ ପରିସ୍ଥିତିରେ ଉପଯୁକ୍ତ କିନ୍ତୁ ଆର୍ଥିକ ରିପୋଟିଂ ଏବଂ ଏହିପରି ନିୟନ୍ତ୍ରଣଗୁଡିକର କାର୍ଯ୍ୟକାରିତା ଉପରେ କମ୍ପାନୀ ପର୍ଯ୍ୟାପ୍ତ ଆଭ୍ୟନ୍ତରୀଣ ଆର୍ଥିକ ନିୟନ୍ତ୍ରଣ ବ୍ୟବସ୍ଥା ରଖିଛି କି ନାହିଁ ସେ ସମ୍ବନ୍ଧରେ ଏକ ମତ ପ୍ରକାଶ କରିବା ଉଦ୍ଦେଶ୍ୟରେ ନୁହେଁ।<br><br>ଏହା କମ୍ପାନୀ ଅଧିନିୟମ ଧାରା 143(3) ର ନିୟମ 10(କ) ଓ କମ୍ପାନୀ (ସମୀକ୍ଷା ଓ ସମୀକ୍ଷକ) ନିୟମ, 2014 ର ବିରୋଧାଭାଷ କରୁଛି ଯେଉଁଥିରେ ଏହା ଉଲ୍ଲେଖ ରହିଛି ଯେ, ପର୍ଯ୍ୟାପ୍ତ ଆଭ୍ୟନ୍ତରୀଣ ଆର୍ଥିକ ନିୟନ୍ତ୍ରଣ ବ୍ୟବସ୍ଥାର ଅସ୍ତିତ୍ୱ ଏବଂ ଏହାର କାର୍ଯ୍ୟକାରିତା ବିଷୟରେ ସମୀକ୍ଷକ ଦର୍ଶାଇଥିବା ଦରକାର। |
| 2. | ଓଡିଶା କୋଇଲା ଏବଂ ଶକ୍ତି ଲିମିଟେଡ୍ | ସାଧୀନ ସମୀକ୍ଷକଙ୍କ ପ୍ରତିବେଦନର ଅନୁଚ୍ଛେଦ-3 ଅନୁଯାୟୀ ବାର୍ଷିକ ହିସାବ ଟିପ୍ପଣୀ ସଂଖ୍ୟା 8(ii) ଉପରେ ଗୁରୁତ୍ୱ ଦିଆଯାଇଥିଲା ଯେଉଁଥିରେ ଦର୍ଶାଯାଇଥିଲା ଯେ, ପଟ୍ଟାଦାରି ଜମିର ମୂଲ୍ୟରେ ପଞ୍ଜିକରଣ ମୂଲ୍ୟ କିମ୍ବା ଅନ୍ୟ କୌଣସି ଦସ୍ତାବିଜ ସମ୍ବନ୍ଧୀୟ ଦେୟ ମିଶିନଥିଲା। ଏହି ପଞ୍ଜିକରଣ ଓ ଅନ୍ୟ ଦସ୍ତାବିଜ ସମ୍ବନ୍ଧୀୟ ଦେୟ ପଞ୍ଜିକରଣ ପରେ ଇଡ୍‌କୋକୁ ବହନ କରିବାକୁ ପଡିବ। ପଟ୍ଟା ଦସ୍ତାବିଜର ନିଷ୍ପାଦନ ପୂର୍ବରୁ ପଟ୍ଟା ଦସ୍ତାବିଜ ସେହିଭଳି ଉଲ୍ଲେଖ ହେବ ଯେଉଁଭଳି କମ୍ପାନୀ ଦ୍ୱାରା ଦେୟ ପ୍ରଦାନ କରାଯିବ ଏବଂ ଏହାକୁ ଉପଯୋଗୀ ଜୀବନର ଅବଶିଷ୍ଟ ସମୟ ମଧ୍ୟରେ ଅବକ୍ଷୟଣ କରାଯିବ ଯାହାକି ବୈକଳ୍ପିକ ଭାବରେ ଯୁକ୍ତିଯୁକ୍ତ ଆକଳନ ସହିତ ମୂଳ ଧନରେ ପରିଣତ କରାଯାଇପାରିଥାନ୍ତା। ଏହି ପରିପ୍ରେକ୍ଷୀରେ, ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା ଯେ, ଜମି ପଟ୍ଟା ସଂକ୍ରାନ୍ତିୟ ଚୁକ୍ତିନାମା ଓସିପିଏଲ୍ ଓ ଇଡ୍‌କୋ ମଧ୍ୟରେ ଏପର୍ଯ୍ୟନ୍ତ ନିଷ୍ପାଦିତ ହୋଇପାରି ନଥିଲା। ଜମି ପଟ୍ଟା ଚୁକ୍ତିନାମା କରିବା ସମୟରେ ଷ୍ଟାମ୍ପ ଦେୟ ଓ ପଞ୍ଜିକରଣ ଦେୟ ବାବଦକୁ ଖର୍ଚ୍ଚ ପ୍ରଦାନ କରିବାକୁ ପଡିଥାଏ। ତେଣୁ, 31 ମାର୍ଚ୍ଚ 2019 ରେ ଶେଷ ହୋଇଥିବା ବର୍ଷ ପାଇଁ ଓସିପିଏଲ୍‌ର ବାର୍ଷିକ ହିସାବରେ ପଞ୍ଜିକରଣ ଖର୍ଚ୍ଚ ଓ ଅନ୍ୟାନ୍ୟ ଦସ୍ତାବିଜ ଜନିତ ଦେୟର ପୁଞ୍ଜିକରଣରେ ସାମିଲ କରିବାର ପ୍ରଶ୍ନ ଉଠୁନଥିଲା। ଏହି ପରିପ୍ରେକ୍ଷୀରେ ମନ୍ତବ୍ୟର ଅଭାବ ଥିଲା। |
| 3 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | 31 ମାର୍ଚ୍ଚ 2018 ରେ ସମାପ୍ତ ବର୍ଷ ପାଇଁ ଓଏସ୍‌ସିଏସ୍‌ସିଏଲ୍‌ର ବାର୍ଷିକ ହିସାବ ଉପରେ ସାଧୀନ ସମୀକ୍ଷକଙ୍କ ପ୍ରତିବେଦନର ପରିଶିଷ୍ଟ-ଖ ର ପଏଣ୍ଟ ସଂଖ୍ୟା VII(C) ଅନୁଯାୟୀ, କମ୍ପାନୀ ଦ୍ୱାରା 31 ମାର୍ଚ୍ଚ 2017 ରେ ସମାପ୍ତ ହେଉଥିବା ବର୍ଷ ପାଇଁ ପ୍ରଦତ୍ତ 0.33 କୋଟି ଟଙ୍କା ହସ୍ତାନ୍ତର ଦେୟ ପାଇଁ ପ୍ରାବଧାନ କରାଯାଇନଥିଲା। ସେଗୁଡିକୁ ଭୁଲବଶତଃ କମ୍ପ୍ୟୁଟର ନେଟୱାର୍କ, ସର୍ଭର ଓ ସଫ୍ଟୱେୟାର ବାବଦରେ ପୁଞ୍ଜିକରଣ କରାଯାଇ ତାହା ଉପରେ 0.04 କୋଟି ଟଙ୍କାର ଅବକ୍ଷୟଣ 2017-18 ବର୍ଷରେ ଦେଖାଇ ଦିଆଯାଇଥିଲା। ଏହି |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | ପରିପ୍ରେକ୍ଷୀରେ, 2016-17 ବର୍ଷ ପାଇଁ କମ୍ପାନୀର ବାର୍ଷିକ ହିସାବ ଉପରେ ସିଏଜିଙ୍କର ମନ୍ତବ୍ୟ ସଂଖ୍ୟା 2 କୁ ରେଫରାନ୍ସ କରାଯାଉଛି ଯେଉଁଥିରେ ଦର୍ଶାଯାଇଥିଲା ଯେ, ଅକ୍ଟୋବର 2016 ରୁ ମାର୍ଚ୍ଚ 2017 ପର୍ଯ୍ୟନ୍ତ ଅବଧି ପାଇଁ ଇଆରପି/ଏସ୍ଏପି ହସ୍ତାନ୍ତର ବାବଦକୁ ପ୍ରଦତ୍ତ 0.46 କୋଟିକୁ ପୁଞ୍ଜିକରଣ କରିବା ଉଚିତ ଥିଲା । ସେହି ଅନୁଯାୟୀ, କମ୍ପାନୀ 0.30 କୋଟି ଟଙ୍କାକୁ ବାର୍ଷିକ ହିସାବରେ ପୁଞ୍ଜିକରଣ କରିଥିଲା । ତେଣୁ, ସ୍ୱାଧୀନ ସମୀକ୍ଷକଙ୍କ ଉପର୍ଯ୍ୟୁକ୍ତ ମନ୍ତବ୍ୟଗୁଡିକ ସେହି ପରିମାଣରେ ସଠିକ ନଥିଲା । |

**ସାରଣୀ 5.6: ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଗୁଡିକର ଆର୍ଥିକ ସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| | |
|---|---|
| ଲାଞ୍ଜିଗଡ ପରିଯୋଜନା ଅଞ୍ଚଳ ଉନ୍ନୟନ ପ୍ରତିଷ୍ଠାନ | ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ତା 08.08.2008 ରିଖର ନିର୍ଦ୍ଦେଶ ଅନୁଯାୟୀ କଳାହାଣ୍ଡି ଓ ରାୟଗଡା ଜିଲ୍ଲାର ନିର୍ଦ୍ଧାରିତ ଅଞ୍ଚଳର ବିକାଶ ପାଇଁ ବେଦାନ୍ତ ଲିମିଟେଡ୍ (ପୂର୍ବତନ ଷ୍ଟେରଲାଇଟ୍ ଇଣ୍ଡିଆ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍) ଠାରୁ ପ୍ରାପ୍ତ ଅର୍ଥରାଶିକୁ କମ୍ କରି ହିସାବକୁ ନେବାରୁ ରିଜର୍ଭ ଓ ବଳକା (ଚିହ୍ନିତ ପାଣ୍ଠି) 2.30 କୋଟି ଟଙ୍କା କମ୍ ହୋଇଯାଇଥିଲା । ଫଳସ୍ୱରୂପ, ରିଜର୍ଭ ଓ ବଳକା ସମାନ ପରିମାଣରେ ଅଧିକ ହୋଇଯାଇଥିଲା । |

## 5.5.2 ସିଏଜି କେବଳମାତ୍ର ସମୀକ୍ଷକ ଥିବା ବୈଧାନିକ ନିଗମ

ସିଏଜି କେବଳମାତ୍ର ସମୀକ୍ଷକ ଥିବା ବୈଧାନିକ ନିଗମଗୁଡିକର ବାର୍ଷିକ ହିସାବ ଉପରେ ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟଗୁଡିକ ନିମ୍ନରେ ବିସ୍ତୃତ ଭାବରେ ଦିଆଯାଇଛି:

**ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍ଆର୍‌ଟିସି)**

(i) ଅବସର/ ମୃତ୍ୟୁକାଳୀନ ଆନୁତୋଷିକ ବାବଦକୁ କର୍ମଚାରୀଙ୍କୁ 2018-19 ଆର୍ଥିକ ବର୍ଷ ପାଇଁ ଦିଆଯିବାକୁ ଥିବା 0.61 କୋଟି ଟଙ୍କା କର୍ମଚାରୀ ଉପକାର ବ୍ୟୟ (ଆନୁତୋଷିକ)ରେ ଅନ୍ତର୍ଭୁକ୍ତ କରାଯାଇନଥିଲା । କର୍ମଚାରୀମାନଙ୍କୁ ଦିଆଯାଉଥିବା ଅନୁତୋଷିକକୁ ହିସାବକୁ ନନେବା ଦ୍ୱାରା କର୍ମଚାରୀ ଉପକାର ବ୍ୟୟ କମ୍ ହୋଇଯାଇଥିଲା ଓ ଲାଭ 0.61 କୋଟି ଟଙ୍କା ଅଧିକ ହୋଇଯାଇଥିଲା ଏବଂ ଅନୁରୂପ ଭାବରେ ସେହି ବର୍ଷ ପାଇଁ ଚଳନ୍ତି ଦାୟିତ୍ୱ ସେହି ପରିମାଣରେ କମ୍ ହୋଇଯାଇଥିଲା । ଅଧିକନ୍ତୁ, ନିଗମ ହିସାବ ମାନଦଣ୍ଡ-15 ଅଧିନରେ ଆବଶ୍ୟକ ଅବସରପ୍ରାପ୍ତ କର୍ମଚାରୀଙ୍କ ସୁବିଧାଗୁଡିକର ମୂଲ୍ୟ ନିରୂପଣ କରିନଥିଲା ।

(ii) 2018-19 ଆର୍ଥିକ ବର୍ଷ ପାଇଁ ହିସାବର ପ୍ରମାଣୀକରଣ ପୂର୍ବରୁ କର୍ମଚାରୀ ଭବିଷ୍ୟନିଧି ସଂସ୍ଥା (ଇପିଏଫ୍ଓ)ର ଅସୁଲି ଅଧିକାରୀଙ୍କ ଦ୍ୱାରା 1997 ରୁ 2017 ପର୍ଯ୍ୟନ୍ତ ଅବଧି ପାଇଁ ସମାପନ ପ୍ରମାଣପତ୍ର ଦେୟ ବାବଦ 0.35 କୋଟି ଟଙ୍କା ଦାବି ଅନ୍ୟାନ୍ୟ ଖର୍ଚ୍ଚରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା । ଏହାଫଳରେ ଅନ୍ୟାନ୍ୟ ଖର୍ଚ୍ଚ କମ୍ ହୋଇଯାଇଥିଲା ଏବଂ ଲାଭ 0.35 କୋଟି ଟଙ୍କା ଅଧିକ ହେବା ସହ ଅନୁରୂପ ଭାବରେ ବର୍ଷ ପାଇଁ ଚଳନ୍ତି ଦାୟିତ୍ୱ ସମାନ ପରିମାଣରେ କମ୍ ହୋଇଯାଇଥିଲା ।

(iii) ବାଦାମବାଡି ବସଷ୍ଟାଣ୍ଡର ସମ୍ପୂର୍ଣ୍ଣ ହୋଇଥିବା ମରାମତି ଓ ନବୀକରଣ ଖର୍ଚ୍ଚକୁ ପୁଞ୍ଜିଭୁତ କରିବା ପରିବର୍ତ୍ତେ ପୁଞ୍ଜି କାର୍ଯ୍ୟ ପ୍ରଗତି ଭାବରେ ହିସାବରେ ଦର୍ଶାଇବାରୁ ଅଣ-ସାମ୍ପ୍ରତିକ ସମ୍ପତ୍ତି (ସ୍ଥାୟୀ ସମ୍ପତ୍ତି-ପୁଞ୍ଜି କାର୍ଯ୍ୟ ପ୍ରଗତି) 1.06 କୋଟି ଟଙ୍କା ଅଧିକ ହୋଇଯାଇଥିଲା । ଏହା ଫଳରେ ସ୍ଥାୟୀ ସମ୍ପତ୍ତି 2.58 କୋଟି ଟଙ୍କା, ଅନ୍ୟାନ୍ୟ ଦାୟିତ୍ୱ 1.53 କୋଟି ଟଙ୍କା ଏବଂ ଅବକ୍ଷୟଣ 0.01 କୋଟି ଟଙ୍କା କମ୍ ହେବା ସହ ଲାଭ 0.01 କୋଟି ଟଙ୍କା ଅଧିକ ହୋଇଯାଇଥିଲା ।

(iv) ମାର୍ଚ୍ଚ 2019 ପର୍ଯ୍ୟନ୍ତ 1,214 ଟି ମାମଲାରେ ମଟରଗାଡି ଦୁର୍ଘଟଣା ଦାବି ବିଚାରାଳୟ ଦେୟ ବାବଦ 25.70 କୋଟି ଟଙ୍କାକୁ ନିଗମ ବାର୍ଷିକ ହିସାବରେ ଉଲ୍ଲେଖ କରିନଥିଲା। ଯେହେତୁ ମାମଲାଗୁଡିକ ଆପୋଷ ବୁଝାମଣା ଓ ଚୂଡାନ୍ତ ସମାଧାନ ପାଇଁ ବିଚାରାଧିନ ଥିଲା, ଏହାକୁ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ 29 ଅନୁଯାୟୀ ବାର୍ଷିକ ହିସାବର ଏକ ଅଂଶ ହୋଇଥିବା ଟିପ୍ପଣୀରେ ସମ୍ଭାବ୍ୟ ଦାୟିତ୍ୱ (ଟିପ୍ପଣୀ-22.25) ଭାବରେ ଉଲ୍ଲେଖ କରିବା ଉଚିତ ଥିଲା।

(v) ଓଆର୍‌ଟି କୋ ଲିମିଟେଡ୍‌ର ମିଶ୍ରଣ ବାବଦକୁ 28.55 କୋଟି ଟଙ୍କା ଛାଡ କରିବାକୁ ଓଡିଶା ସରକାର 29 ଅଗଷ୍ଟ 2019 ରେ ନିଷ୍ପତ୍ତି ନେଇଥିଲେ। ଉଭୟ ଓଏସ୍‌ଆର୍‌ଟିସିର 28.55 କୋଟି ଟଙ୍କା ଦାବିକୁ ଛାଡ କରିବାକୁ ରାଜି ହୋଇଥିବାରୁ ଆର୍ଥିକ ବିବରଣୀର ଅଂଶ ହୋଇଥିବା ଟିପ୍ପଣୀ (ଟିପ୍ପଣୀ-22.19) ରେ ଗ୍ରହଣଯୋଗ୍ୟ ବୋଲି ଉଲ୍ଲେଖ କରିବା ସଠିକ ନଥିଲା।

## 5.6 ହିସାବ ମାନଦଣ୍ଡ/ ଇଣ୍ଡ ଏଏସ୍ ବ୍ୟବସ୍ଥାର ଅନୁପାଳନ ନକରିବା

କମ୍ପାନୀ ଅଧିନିୟମ, 2013 ର ଧାରା 469 ଏବଂ ଧାରା 129(1), 132, 133 ରେ ପ୍ରଦାନ କରାଯାଇଥିବା କ୍ଷମତାର ପ୍ରୟୋଗରେ କେନ୍ଦ୍ର ସରକାର ହିସାବ ମାନଦଣ୍ଡ 1 ରୁ 7 ଏବଂ 9 ରୁ 29 ବିହିତ କରିଥିଲେ। ଏତଦ୍‌ବ୍ୟତୀତ କେନ୍ଦ୍ର ସରକାର କମ୍ପାନୀଗୁଡିକ (ଭାରତୀୟ ହିସାବ ମାନଦଣ୍ଡ) ନିୟମ 2015 ଏବଂ କମ୍ପାନୀଗୁଡିକ (ଭାରତୀୟ ହିସାବ ମାନଦଣ୍ଡ) (ସଂଶୋଧନ) ନିୟମ, 2016 ମାଧ୍ୟମରେ 41 ଭାରତୀୟ ହିସାବ ମାନଦଣ୍ଡ (ଇଣ୍ଡଏଏସ୍) ଜାରି କରିଥିଲେ।

ବୈଧାନିକ ସମୀକ୍ଷକ ତାଙ୍କ ପ୍ରତିବେଦନରେ ଦର୍ଶାଇଛନ୍ତି ଯେ ସାତଟି କମ୍ପାନୀ ବାଧ୍ୟତାମୂଳକ ହିସାବ ମାନଦଣ୍ଡ/ଇଣ୍ଡଏଏସ୍‌କୁ ପାଳନ କରୁନାହାନ୍ତି ଯାହା **ପରିଶିଷ୍ଟ-28** ରେ ବିସ୍ତୃତ ଭାବରେ ଦିଆଯାଇଛି।

ଅନୁପୂରକ ସମୀକ୍ଷା ପ୍ରକ୍ରିୟାରେ ସିଏଜି ନିରିକ୍ଷଣ କଲେ ଯେ ନିମ୍ନଲିଖିତ କମ୍ପାନୀଗୁଡିକ ମଧ୍ୟ ହିସାବ ମାନଦଣ୍ଡ/ଇଣ୍ଡଏଏସ୍ କୁ ଅନୁପାଳନ କରିନଥିଲେ ଯାହାକି ସେମାନଙ୍କ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ପ୍ରତିବେଦିତ କରାଯାଇ ନାହିଁ:

**ସାରଣୀ 5.7: ଅନୁପୂରକ ସମୀକ୍ଷା ସମୟରେ ଦେଖାଯାଇଥିବା ଆକାଉଣ୍ଟିଂ ଷ୍ଟାଣ୍ଡାଡ/ ଇଣ୍ଡ ଏଏସ୍‌କୁ ପାଳନ ନକରିବା**

| ଆକାଉଣ୍ଟିଂ ଷ୍ଟାଣ୍ଡାଡ/ ଇଣ୍ଡ ଏଏସ୍ | | କମ୍ପାନୀର ନାମ | ବ୍ୟତିକ୍ରମ |
|---|---|---|---|
| ଏଏସ୍ 5 | ଆକାଉଣ୍ଟିଂ ନୀତିରେ ପରିବର୍ତ୍ତନର ପ୍ରଭାବ ପ୍ରକାଶ | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | ଏଏସ୍ 5 ର ଆବଶ୍ୟକତା ଅନୁଯାୟୀ 2018-19 ବର୍ଷରେ ସରଳରେଖା ଅବକ୍ଷୟଣରୁ ରିଟେନ୍ ଡାଉନ୍ ମୂଲ୍ୟ ପଦ୍ଧତିରେ ପରିବର୍ତ୍ତନର ପ୍ରଭାବ କମ୍ପାନୀ ପ୍ରକାଶ କରିନାହିଁ। |
| ଏଏସ୍ 2 | ଭଣ୍ଡାରର ଆକାଉଣ୍ଟିଂ | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | ସୁଧାର ଭୁଲ ହିସାବରେ ତା ସହିତ କଷ୍ଟମ୍ ମିଲ୍ଡ ରାଇସ୍ (ଦ୍ରବ୍ୟ ତାଲିକା)ର ମୂଲ୍ୟାୟନର ବଣ୍ଟନ ମୂଲ୍ୟ। |
| ଏଏସ୍ 12 | ସ୍ଥଗିତ କର ସମ୍ପତ୍ତି ପ୍ରତି ଭିନ୍ନ ଭିନ୍ନ ପରିମାଣର ସଂକ୍ଷିପ୍ତ ହିସାବ | ଓଡିଶା ଖଣି ନିଗମ ଲିମିଟେଡ୍ | ଇଣ୍ଡ ଏଏସ୍ 12 ର ନୀତି ଏବଂ ନିୟମାବଳୀ ଅନୁଯାୟୀ ନିଗମ ବିଳମ୍ବ ସମ୍ପତ୍ତି କର ବାବଦରେ 17.52 କୋଟି ହିସାବ କରିବା ପରିବର୍ତ୍ତେ 12.67 କୋଟି ଟଙ୍କାକୁ ହିସାବ କରିବାର ଥିଲା ଯେହେତୁ ବଳକା ରାଶି 4.85 କୋଟି ଟଙ୍କା 2018-19 ବର୍ଷରେ |

| ଆକାଉଣ୍ଟିଂ ଷ୍ଟାଣ୍ଡାଡ/ ଇଣ୍ଡ ଏଏସ୍ | | କମ୍ପାନୀର ନାମ | ବ୍ୟତିକ୍ରମ |
|---|---|---|---|
| | | | ହିସାବକୁ ନିଆଯାଇ ସାରିଥିଲା। |
| ଇଣ୍ଡ ଏଏସ୍ 10 | ବସ୍ତୁ ପ୍ରକୃତିର ରିପୋର୍ଟ ସମୟରେ ଅଣ-ଆଡଜଷ୍ଟ ଇଭେଣ୍ଟ ଗୁଡ଼ିକର ପ୍ରକାଶ | ଓଡ଼ିଶା ଲିମିଟେଡ୍‌ର ସବୁଜ ଶକ୍ତି ବିକାଶ ନିଗମ | ରିପୋଟିଂ ଅବଧି ପରେ 275 ମେଗାୱାଟ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନବୀକରଣ ଯୋଗ୍ୟ ଶକ୍ତି ଉତ୍ସଗୁଡ଼ିକର ସଂସ୍ଥାପନ ବାତିଲ କରାଯାଇଥିଲା। ଯଦିଓ ଏହା ଅବ୍ୟବସ୍ଥାପନ ଘଟଣା ଏବଂ ସାରବାନ ପ୍ରକୃତିର ଥିଲା ତାହା ହିସାବରେ ଦର୍ଶାଯାଇ ନଥିଲା। |
| ଏଏସ୍ 15 | ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟଗୁଡ଼ିକର ପ୍ରକୃତ ମୂଲ୍ୟାଙ୍କନ | ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ | ହିସାବ ମାନଦଣ୍ଡ-15 ଅନୁଯାୟୀ ନିଗମ ତାହାର ଅବସରପ୍ରାପ୍ତ କର୍ମଚାରୀଙ୍କର ଲାଭର ବିମାଗଣନା ମୂଲ୍ୟାୟନ କରିନଥିଲା। |
| ଏଏସ୍ 29 | କଣ୍ଟିଜେଣ୍ଟ ଦାୟିତ୍ୱର ପ୍ରକାଶ ନକରିବା | ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ | ମାର୍ଚ୍ଚ 2019 ପର୍ଯ୍ୟନ୍ତ ନିଗମ ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ (ଏମ୍‌ଏସିଟି) 1,214 ଟି ମାମଲାର ଦେୟ ବାବଦରେ 25.70 କୋଟି ଟଙ୍କା ଖାତାରେ ପ୍ରକାଶ କରିନଥିଲା ଯେଉଁଗୁଡ଼ିକ ଆଲୋଚନା ଏବଂ ଚୂଡାନ୍ତ ସମାଧାନ ପାଇଁ ବିଚାରାଧିନ ଥିଲା। |

## 5.7 ପରିଚାଳନା କର୍ତ୍ତୃପକ୍ଷଙ୍କୁ ଚିଠି

ଆର୍ଥିକ ସମୀକ୍ଷାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ସମୀକ୍ଷକ ଏବଂ ନିଗମଗୁଡ଼ିକର ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଆର୍ଥିକ ବିବରଣୀଗୁଡ଼ିକର ସମୀକ୍ଷାରୁ ଉତ୍ପନ୍ନ ସମୀକ୍ଷା ପ୍ରସଙ୍ଗରେ ଯୋଗାଯୋଗ ସ୍ଥାପନ କରିବା।

ସରକାରୀ ଉଦ୍ୟୋଗଗୁଡ଼ିକର ଆର୍ଥିକ ବିବରଣୀ ଉପରେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ ଗୁଡ଼ିକ କମ୍ପାନୀ ଅଧିନିୟମ, 2013 ର ଧାରା 143(5) ଅନୁଯାୟୀ ସିଏଜିଙ୍କ ମନ୍ତବ୍ୟ ଭାବରେ ରିପୋର୍ଟ କରାଯାଇଥିଲା। ଏହି ମନ୍ତବ୍ୟ ବ୍ୟତୀତ, ଆର୍ଥିକ ବିବରଣୀ କିମ୍ବା ରିପୋଟିଂ ପ୍ରକ୍ରିୟାରେ ସିଏଜିଙ୍କ ଦ୍ୱାରା ଦର୍ଶାଯାଇଥିବା ଅନିୟମିତତା କିମ୍ବା ତ୍ରୁଟିଗୁଡ଼ିକର ସଂଶୋଧନ ପାଇଁ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଏକ ଚିଠି ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା। ଏହି ଅଭାବଗୁଡ଼ିକ ସାଧାରଣତଃ ନିମ୍ନ ସମ୍ବନ୍ଧୀୟ:

- ହିସାବ ନୀତି ଏବଂ ପ୍ରଥାର ପ୍ରୟୋଗ ଓ ବ୍ୟାଖ୍ୟା;
- ସମୀକ୍ଷାରୁ ଉତ୍ପନ୍ନ ସଂଶୋଧନ ଯାହା ଆର୍ଥିକ ବିବରଣୀ ଉପରେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ; ଏବଂ
- ସମ୍ପୃକ୍ତ ସରକାରୀ ଉଦ୍ୟୋଗର ପରିଚାଳନା କର୍ତ୍ତୃପକ୍ଷ ପରବର୍ତ୍ତୀ ବର୍ଷଗୁଡ଼ିକରେ ନିର୍ଦ୍ଦିଷ୍ଟ ସୂଚନା ଉପରେ ସଂଶୋଧିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦେଇଥିବା ଆଶ୍ୱାସନା ବିଷୟରେ ପର୍ଯ୍ୟାପ୍ତ କିମ୍ବା ଆଦୌ ଉଲ୍ଲେଖ ନକରିବା।

ବର୍ଷ ମଧ୍ୟରେ, ସିଏଜି 16 ଟି ରାଜ୍ୟ ସରକାରୀ ଉଦ୍ୟୋଗରୁ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଚିଠି ଜାରି କରିଥିଲେ ଯାହାର ତାଲିକା **ପରିଶିଷ୍ଟ-29** ରେ ଦିଆଯାଇଛି।

# ଅଧ୍ୟାୟ VI

# ଅନୁପାଳନ ସମୀକ୍ଷା ମନ୍ତବ୍ୟ

# ଅଧ୍ୟାୟ VI

## 6. ଅନୁପାଳନ ସମୀକ୍ଷା ମନ୍ତବ୍ୟ

ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର କାରବାରର ନମୁନା ସମୀକ୍ଷାରୁ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଅଛି ।

## ଓଡିଶା ଖଣି ନିଗମ ଲିମିଟେଡ୍

### *6.1 ରାଜସ୍ୱ କ୍ଷତି*

**ବକ୍ସାଇଟର ସର୍ବନିମ୍ନ ମୂଲ୍ୟର ଅନୁପଯୁକ୍ତ ନିର୍ଦ୍ଧାରଣ କାରଣରୁ 61.06 କୋଟି ଟଙ୍କା କ୍ଷତି**

ଓଡିଶା ସରକାର ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି)କୁ 428.075 ହେକ୍ଟରର ଓଡିଶାର କୋରାପୁଟ ଓ ରାୟଗଡା ଜିଲ୍ଲା ସ୍ଥିତ କୋଡିଙ୍ଗମାଳି ବକ୍ସାଇଟ ବ୍ଲକର ଖଣି ପଟ୍ଟା 50 ବର୍ଷ ଅବଧି ପାଇଁ ପ୍ରଦାନ କରିଥିଲେ। ବକ୍ସାଇଟ ଖନନ କରି ଆଲୁମିନିୟମ ଶିଳ୍ପ ସଂସ୍ଥାମାନଙ୍କୁ ବିକ୍ରୟ ନିମିତ୍ତ ଓଡିଶା ସରକାର ଓଏମ୍‌ସି ସହ ପଟ୍ଟା ଚୁକ୍ତି ଜାନୁଆରୀ 2017ରେ କରିଥିଲେ। ଭାରତୀୟ ଖଣି ସଂସ୍ଥା (ଆଇବିଏମ୍) ଆନୁମାନିକ 611 ଲକ୍ଷ ଟନ୍ ବକ୍ସାଇଟ ଗଚ୍ଛିତ ଥିବା ପଟ୍ଟା ଅଞ୍ଚଳ ପାଇଁ ଖଣି ଖନନ ଯୋଜନା ଅନୁମୋଦନ କରିଥିଲେ। ପ୍ରଥମ ବର୍ଷ 15 ଲକ୍ଷ ଟନ୍ ଓ ପରବର୍ତ୍ତୀ ସମୟରେ ବାର୍ଷିକ 30 ଲକ୍ଷ ଟନ୍ ସହ 21 ବର୍ଷ ପାଇଁ ଖଣି ଖନନ ନିମନ୍ତେ ଆଇବିଏମ୍ ଅନୁମୋଦନ କରିଥିଲେ।

କଞ୍ଚାମାଲର ଦୀର୍ଘମିଆଦି ସଂଯୋଗ (ଏଲ୍‌ଟିଏଲ୍)[47] ଦ୍ୱାରା ଅବିରତ ଯୋଗାଣ ନିମିତ୍ତ ଓଡିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ବକ୍ସାଇଟ ଖଣିଜପଥର ବିକ୍ରୟ ପାଇଁ ଫେବୃୟାରୀ 2018ରେ କ୍ରିୟାବିଧି ନିର୍ଦ୍ଧାରଣ କରିଥିଲେ। କ୍ରିୟାବିଧି ଅନୁଯାୟୀ, ବିକ୍ରୟଯୋଗ୍ୟ ବକ୍ସାଇଟ ଜମାର 70 ପ୍ରତିଶତ ରାଜ୍ୟ ଭିତ୍ତିକ ଶେଷ ଉପଭୋକ୍ତାଙ୍କୁ ଏଲ୍‌ଟିଏଲ୍ ଜରିଆରେ ଉପଲବ୍ଧ କରାଯିବ ଏବଂ ଅବଶିଷ୍ଟ 30 ପ୍ରତିଶତ ଜାତୀୟ ବୈଦ୍ୟୁତିକ ନିଲାମ ମାଧ୍ୟମରେ ପ୍ରତି ଛଅ ମାସରେ ମୂଲ୍ୟ ନିର୍ଦ୍ଧାରଣ ପାଇଁ ବିକ୍ରୟ କରାଯିବ। ଜାତୀୟ ବୈଦ୍ୟୁତିକ ନିଲାମର ସର୍ବନିମ୍ନ ମୂଲ୍ୟ ଉତ୍ପାଦନ ଖର୍ଚ୍ଚରେ 50 ପ୍ରତିଶତ ଲାଭ ମିଶାଇ ସ୍ଥିର କରାଯିବ।

ଓଏମ୍‌ସି ବକ୍ସାଇଟ ଖଣି ଖନନ କାର୍ଯ୍ୟ ଜନୈକ ଠିକାଦାରଙ୍କୁ ସେପ୍ଟେମ୍ବର 2017ରେ ପ୍ରଦାନ କରିଥିଲେ। ଖୋଦିତ ଖଣି ଅଞ୍ଚଳକୁ ପୂରଣ[48] କରିବା ପାଇଁ ଘନ ମିଟର ପିଛା ବର୍ଦ୍ଧିତ ବା ହ୍ରାସ ହୋଇଥିବା ଦରର 61 ପ୍ରତିଶତ ଖଣି ଖନନ ଠିକାଦାରଙ୍କୁ ପ୍ରଦାନ କରିବାକୁ ଓଏମ୍‌ସି ଓ ଠିକାଦାର ମଧ୍ୟରେ ହୋଇଥିବା ଚୁକ୍ତିରେ ଉଲ୍ଲେଖ ରହିଥିଲା। ସେହିପରି, ବିନିଯୁକ୍ତ ପୁଞ୍ଜି ଉପରେ ସୁଧ ବାବଦକୁ ଓଏମ୍‌ସି ଲୌହପଥର ଉତ୍ତୋଳନର ଅଟକଳ ମୂଲ୍ୟରେ ବିନିଯୁକ୍ତ ପୁଞ୍ଜିର 10 ପ୍ରତିଶତ ଅନ୍ତର୍ଭୁକ୍ତ କରୁଥିଲା। ଓଏମ୍‌ସି ସହନୀୟ ଉନ୍ନୟନ ଢ଼ାଞ୍ଚା (ଏସ୍‌ଡିଏଫ୍)ର ପରିବ୍ୟୟ ତୃତୀୟ ନିଲାମରେ ମଧ୍ୟ ଅନ୍ତର୍ଭୁକ୍ତ କରୁଥିଲା ଯାହାକି ରାଜଭାଗର 10 ପ୍ରତିଶତ ଥିଲା। ଏଣୁ, ଏହିପରି ସ୍ଥିତିରେ ଉତ୍ପାଦନ ଖର୍ଚ୍ଚର ଅଟକଳରେ ପରିବ୍ୟୟର ସମସ୍ତ ଉପାଦାନ ଯଥା ଖୋଦିତ ଖଣି ଅଞ୍ଚଳକୁ ପୂରଣ କରିବା ଖର୍ଚ୍ଚ, ବିନିଯୁକ୍ତ ପୁଞ୍ଜି ଉପରେ ସୁଧ, ଏସ୍‌ଡିଏଫ୍, ବକ୍ସାଇଟ ଉତ୍ତୋଳନ ଓ ଆଲୁମିନିୟମ ଶିଳ୍ପ ସଂସ୍ଥାକୁ ବିକ୍ରି ବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିଶ୍ଚିତ ଅନ୍ତର୍ଭୁକ୍ତ କରିବାର ଥିଲା।

---

47 *ଦୀର୍ଘମିଆଦି ସଂଯୋଗର ଅର୍ଥ ହେଉଛି ଜଣେ ନିର୍ଦ୍ଦିଷ୍ଟ କ୍ରେତାଙ୍କର ଆବଶ୍ୟକତାକୁ ଏକ ନିର୍ଦ୍ଦିଷ୍ଟ ଖଣିର ଉତ୍ପାଦନରୁ ଦୀର୍ଘମିଆଦି ଭିତ୍ତିରେ ଯୋଗାଣ*

48 *ଖଣି ଖନନ ଦ୍ୱାରା ସୃଷ୍ଟି ହେଉଥିବା ଗର୍ତ୍ତକୁ ପୂର୍ଣ୍ଣ କରିବାକୁ ଖୋଦିତ ଖଣି ଅଞ୍ଚଳର ପୂରଣ କୁହାଯାଏ*

ସରକାରଙ୍କ ଅଧିସୂଚନା ଅନୁଯାୟୀ, ଗତ ତିନୋଟି ବୈଦ୍ୟୁତିକ ନିଲାମ[49] ପାଇଁ ଓଏମ୍‌ସି ବକ୍ସାଇଟର ସର୍ବନିମ୍ନ ମୂଲ୍ୟ ଟନ୍ ପିଛା 462 ଟଙ୍କା, 547 ଟଙ୍କା 50 ପଇସା ଓ 672 ଟଙ୍କା 65 ପଇସା ନିର୍ଦ୍ଧାରଣ କରିଥିଲା। ବୈଦ୍ୟୁତିକ ନିଲାମ ପରବର୍ତ୍ତୀ ଚୂଡାନ୍ତ ମୂଲ୍ୟ ଟନ୍ ପ୍ରତି ଯଥାକ୍ରମେ 465 ଟଙ୍କା, 553 ଟଙ୍କା ଓ 673 ଟଙ୍କା ହୋଇଥିଲା। ତିନୋଟି ବୈଦ୍ୟୁତିକ ନିଲାମରେ ଅପ୍ରେଲ 2018ରୁ ଜୁଲାଇ 2019 ମଧ୍ୟରେ ଓଏମ୍‌ସି 31,86,277[50] ଟନ୍ ବକ୍ସାଇଟ ବିକ୍ରୟ କରିଥିଲା।

ସମୀକ୍ଷାରେ ଦେଖାଗଲା ଯେ, ଓଏମ୍‌ସି ଏହାର ମୂଲ୍ୟ ସଠିକ ଭାବରେ ହିସାବ କରିବାରେ ବିଫଳ ହେବାରୁ ମୂଲ୍ୟ ନିର୍ଦ୍ଧାରଣ କମ୍ ହୋଇଯାଇଥିଲା ଯାହାକି ନିମ୍ନରେ ସବିଶେଷ ଦିଆଗଲା:

- ବାର୍ଷିକ ଆମୋରଟାଇଜେସନ ଖର୍ଚ୍ଚ ବକ୍ସାଇଟ୍ ଉତ୍ପାଦନର ଖର୍ଚ୍ଚର ଏକ ଉପାଦାନ ଥିଲା। ଖଣି ଖନନ ଯୋଜନା ଅନୁସାରେ ଖନନଯୋଗ୍ୟ ଗଚ୍ଛିତ ବକ୍ସାଇଟକୁ ବିଚାରକୁ ନେଲେ ଖଣିର ଜୀବନକାଳ 21 ବର୍ଷ ଥିଲା। ଅପ୍ରେଲ 2018ରୁ ଅପ୍ରେଲ 2019 ମଧ୍ୟରେ ବୈଦ୍ୟୁତିକ ନିଲାମ ନିମିତ୍ତ ଓଏମ୍‌ସି ଖଣି ଜୀବନକାଳ 50 ବର୍ଷ ହିସାବ କରିବାରୁ ବାର୍ଷିକ ଆମୋରଟାଇଜେସନ ଖର୍ଚ୍ଚ କମ୍ ହୋଇଯାଇଥିଲା। ସେହିପରି ସମୁଦାୟ ପୂର୍ତ୍ତକାର୍ଯ୍ୟ ଖର୍ଚ୍ଚର କେବଳ ଏକ ଅଂଶ ଅବମୂଲ୍ୟନ ହିସାବ କରିବା ପାଇଁ ନିଆଯାଇଥିଲା ଏବଂ ଅବମୂଲ୍ୟନ ହିସାବ ପାଇଁ ବିଭିନ୍ନ ପୂର୍ତ୍ତକାର୍ଯ୍ୟର ଜୀବନକାଳ 21 ବର୍ଷ ବଦଳରେ 30ରୁ 60 ବର୍ଷ ନିଆଯାଇଥିଲା।

- ପୁନଶ୍ଚ, ବକ୍ସାଇଟର ଉତ୍ପାଦନ ମୂଲ୍ୟ ଚୂଡାନ୍ତ କରିବା ସମୟରେ ଓଏମ୍‌ସି ଖୋଦିତ ଖଣି ଅଞ୍ଚଳ ପୂରଣ କରିବାର ଖର୍ଚ୍ଚ ଏବଂ ବିନିଯୁକ୍ତ ପୁଞ୍ଜି ଉପରେ ସୁଧକୁ ବିଚାରକୁ ନେଇନଥିଲା ଯାହା ଫଳରେ ବକ୍ସାଇଟର ସର୍ବନିମ୍ନ ମୂଲ୍ୟ କମ୍‌ରେ ମୂଲ୍ୟାଙ୍କନ ହୋଇଥିଲା।

- ଅଧିକନ୍ତୁ, ଏସ୍‌ଡିଏଫ୍ ଖର୍ଚ୍ଚ ପ୍ରଥମ ଓ ଦ୍ୱିତୀୟ ବୈଦ୍ୟୁତିକ ନିଲାମ ସମୟରେ ବିଚାରକୁ ନିଆଯାଇ ନଥିଲା ଯାହାକି ତୃତୀୟ ବୈଦ୍ୟୁତିକ ନିଲାମର ସର୍ବନିମ୍ନ ମୂଲ୍ୟ ଚୂଡାନ୍ତ ସମୟରେ ଓ ଲୌହପଥର ବିକ୍ରୟ ମୂଲ୍ୟ ହିସାବ କରିବା ସମୟରେ ବିଚାରକୁ ନିଆଯାଇଥିଲା।

ଉପର୍ଯ୍ୟୁକ୍ତ ଉପାଦାନଗୁଡିକୁ ବିଚାରକୁ ନେଲେ, ବୈଦ୍ୟୁତିକ ନିଲାମର ସର୍ବନିମ୍ନ ମୂଲ୍ୟ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବୈଦ୍ୟୁତିକ ନିଲାମ ନିମିତ୍ତ ଟନ୍ ପିଛା 563 ଟଙ୍କା 13 ପଇସା, 778 ଟଙ୍କା 33 ପଇସା ଓ 867 ଟଙ୍କା 67 ପଇସା ଟଙ୍କା ହେବା ଉଚିତ ଯାହାକି ଓଏମ୍‌ସି ଦ୍ୱାରା ଟନ୍ ପିଛା ଯଥାକ୍ରମେ 462 ଟଙ୍କା, 547 ଟଙ୍କା 50 ପଇସା ଓ 672 ଟଙ୍କା 65 ପଇସା ନିର୍ଦ୍ଧାରଣ କରାଯାଇଥିଲା। ଏହିପରି, ବକ୍ସାଇଟ ସର୍ବନିମ୍ନ ମୂଲ୍ୟର ଅସମୁଚିତ ହିସାବ ଯୋଗୁ ବିକ୍ରୟ ମୂଲ୍ୟ କମ୍‌ରେ ଚୂଡାନ୍ତ ହୋଇଥିଲା। ଏହା ଫଳରେ ଓଏମ୍‌ସି 61.07 କୋଟି ଟଙ୍କା[51] କ୍ଷତି ସହିଥିଲା।

ସରକାର ପ୍ରତ୍ୟୁତ୍ତରରେ କହିଲେ (ସେପ୍ଟେମ୍ବର 2021) ଯେ, ଉପର ସ୍ତରର ମୃତ୍ତିକା ଦ୍ୱାରା ସମବର୍ତ୍ତୀ ସମୟରେ ଗର୍ତ୍ତ ପୂରଣ କରାଯାଉଥିଲା ଏବଂ ଯେହେତୁ ଗର୍ତ୍ତ ପୂରଣ କାର୍ଯ୍ୟ ଠିକାଦାରଙ୍କ କାର୍ଯ୍ୟ ପରିସରରେ ଥିଲା, ଠିକାଦାରଙ୍କୁ ଗର୍ତ୍ତ ପୂରଣ ପାଇଁ କୌଣସି ପୃଥକ ରାଶି ପ୍ରଦାନ କରାଯାଇ ନଥିଲା। ପ୍ରଥମ ତିନିବର୍ଷ ଓ ତିନିମାସ ମଧ୍ୟରେ, ଗର୍ତ୍ତ ପୂରଣ ପାଇଁ କେବଳ 7,92,954 ଘନ ମିଟର ଉପର ସ୍ତର ମୃତ୍ତିକା ପୁନଃ ବ୍ୟବହୃତ ହୋଇଥିଲା। ସରକାର ପୁନଶ୍ଚ କହିଲେ ଯେ, ଏସ୍‌ଡିଏଫ୍ ବ୍ୟୟ ପ୍ରଥମ ତିନିବର୍ଷ ପାଇଁ ବାଧ୍ୟତାମୂଳକ ନଥିଲା ଏବଂ ଅର୍ଥ ଯୋଗାଣ ଖର୍ଚ୍ଚ ଉତ୍ପାଦନ ଖର୍ଚ୍ଚର ଅଂଶବିଶେଷ ନଥିଲା।

---

49 *ଛଅ ମାସ ଅନ୍ତରାଳ ଥାଇ ପ୍ରଥମ ବୈଦ୍ୟୁତିକ ନିଲାମ 04 ଅପ୍ରେଲ 2018ରେ, ଦ୍ୱିତୀୟ ବୈଦ୍ୟୁତିକ ନିଲାମ ୦୩ ଅକ୍ଟୋବର 2018ରେ ଏବଂ ତୃତୀୟ ବୈଦ୍ୟୁତିକ ନିଲାମ 03 ଅପ୍ରେଲ 2019ରେ ହୋଇଥିଲା*

50 *ପ୍ରଥମ ବୈଦ୍ୟୁତିକ ନିଲାମରେ 5,48,795 ଟନ୍, ଦ୍ୱିତୀୟ ବୈଦ୍ୟୁତିକ ନିଲାମରେ 11,41,037 ଟନ୍ ଏବଂ ତୃତୀୟ ବୈଦ୍ୟୁତିକ ନିଲାମରେ 14,96,445 ଟନ୍*

51 *ପ୍ରଥମ ବୈଦ୍ୟୁତିକ ନିଲାମରେ 5.55 କୋଟି ଟଙ୍କା, ଦ୍ୱିତୀୟ ବୈଦ୍ୟୁତିକ ନିଲାମରେ 26.34 କୋଟି ଟଙ୍କା ଏବଂ ତୃତୀୟ ବୈଦ୍ୟୁତିକ ନିଲାମରେ 29.18 କୋଟି ଟଙ୍କା ବିକ୍ରୟ*

ଗର୍ତ୍ତ ପୂରଣ ପାଇଁ ଠିକାଦାରଙ୍କୁ କୌଣସି ପୃଥକ ଦେୟ ପ୍ରଦାନ କରିବାକୁ ନଥିଲା ବୋଲି ସରକାରଙ୍କ ଉତ୍ତରଟି ସଠିକ ନଥିଲା କାରଣ ଗର୍ତ୍ତ ପୂରଣ ଘନମିଟର ପିଛା ବର୍ଦ୍ଧିତ ବା ହ୍ରାସ ହୋଇଥିବା ଦରର 61 ପ୍ରତିଶତ ପ୍ରଦାନ କରିବାକୁ ଚୁକ୍ତି ସର୍ତ୍ତରେ ନିର୍ଦ୍ଧାରିତ ହୋଇଥିଲା। ପୁନଶ୍ଚ ଡିସେମ୍ବର 2017ରୁ ମାର୍ଚ୍ଚ 2021 ମଧ୍ୟରେ ଗର୍ତ୍ତ ପୂରଣ ପାଇଁ 7,92,954 ଘନ ମିଟର ଉପର ସ୍ତର ମୃତ୍ତିକାରେ ହୋଇଯିବ ବୋଲି ସେମାନଙ୍କର ଯୁକ୍ତି ମଧ୍ୟ ଗ୍ରହଣୀୟ ନୁହେଁ କାରଣ ସେହି ସମୟ ମଧ୍ୟରେ 87,52,500 ଟନ୍ ଉତ୍ପାଦନ ପାଇଁ ଅନୁରୂପ ଖୋଦିତ ଅଞ୍ଚଳ 43,76,250 ଘନ ମିଟର ହେବ। ଖଣିର ସର୍ବନିମ୍ନ ତିନି ତାରକା ମାନ ହାସଲ କରିବା ପାଇଁ ଥିବା ପରିମାପ ମଧ୍ୟରୁ ଏସ୍‌ଡିଏଫ୍ ଅନ୍ୟତମ। ଏହି ମାନ ହାସଲ ନକଲେ ଆଇବିଏମ୍ ଖଣି ଖନନ କାର୍ଯ୍ୟ ସ୍ଥଗିତ ରଖିବ। ଓଏମ୍‌ସି ତୃତୀୟ ବୈଦ୍ୟୁତିକ ନିଲାମର ସର୍ବନିମ୍ନ ମୂଲ୍ୟ ଚୂଡାନ୍ତ କରିବା ସମୟରେ ଉତ୍ପାଦନ ଖର୍ଚ୍ଚରେ ଏସ୍‌ଡିଏଫ୍‌କୁ ବିଚାରକୁ ନେଇଥିଲା। ଅର୍ଥ ଯୋଗାଣ ଖର୍ଚ୍ଚ ଉତ୍ପାଦନ ଖର୍ଚ୍ଚର ଏକ ଅବିଚ୍ଛେଦ୍ୟ ଅଂଶ ଥିଲା କାରଣ ବିନିଯୋଗ ହୋଇଥିବା ଅର୍ଥରାଶି ଯଦି ଅନ୍ୟତ୍ର ବିନିଯୋଗ କରାଯାଇଥାଆନ୍ତା, ତେବେ ଏହା ଉପରେ ଏକ ସ୍ଥାୟୀ ଆୟ ହାସଲର ସୁଯୋଗ ରହିଥିଲା। ଏଣୁ, ଓଏମ୍‌ସି ଅର୍ଥ ଯୋଗାଣ ଖର୍ଚ୍ଚ ସମେତ ଏହି ସମସ୍ତ ପ୍ରାସଙ୍ଗିକ ଖର୍ଚ୍ଚକୁ ଦୂରଦର୍ଶିତାର ସହ ବିଚାରକୁ ନେଇ ଅଟକଳ ମୂଲ୍ୟ ପ୍ରସ୍ତୁତ କରିବା ଉଚିତ ଥିଲା।

ଏହିପରି, ଅସମୁଚିତ ପରିବ୍ୟୟ ଗଣନା ଓ ନିମ୍ନ ସ୍ତରରେ ବକ୍ସାଇଟର ସର୍ବନିମ୍ନ ମୂଲ୍ୟ ସ୍ଥିର କରିବାରୁ ଓଏମ୍‌ସି ଏହାର ଆର୍ଥିକ ସ୍ୱାର୍ଥକୁ ରକ୍ଷା କରିବାରେ ବିଫଳ ହୋଇଥିଲା ଓ 61.07 କୋଟି ଟଙ୍କା କ୍ଷତି ସହିଥିଲା ଏବଂ ଫଳସ୍ୱରୂପ ସରକାରଙ୍କ ଦ୍ୱାରା ଅବିରତ ଭାବରେ ବକ୍ସାଇଟ ଯୋଗାଣ କରିବାର କଳ୍ପନାକୁ ମଧ୍ୟ ବିଫଳ କରିଦେଇଥିଲା।

## 6.2 *ଅତିରିକ୍ତ ବ୍ୟୟ*

**ଆନୁତୋଷିକ, ଛୁଟି ଦରମାର ଅନୁପଯୁକ୍ତ ଗଣନା ଏବଂ ସାପ୍ତାହିକ ବିଶ୍ରାମ ଦିବସ ପାଇଁ ମଜୁରି ପ୍ରଦାନ କରିବାରୁ 5.31 କୋଟି ଟଙ୍କା ଅତିରିକ୍ତ ବ୍ୟୟ ହୋଇଥିଲା**

ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି) ଏହାର ଖଣି ତଥା କାର୍ଯ୍ୟାଳୟରେ ନିରାପତ୍ତା କର୍ମଚାରୀ ନିଯୁକ୍ତ କରିବା ପାଇଁ ନିରାପତ୍ତା ସଂସ୍ଥାମାନଙ୍କଠାରୁ ସେପ୍ଟେମ୍ବର 2015ରେ ଖୋଲା ଟେଣ୍ଡର ଆହ୍ୱାନ କରିଥିଲା। ଟେଣ୍ଡରର ଜବାବରେ 13 ଘରୋଇ ନିରାପତ୍ତା ସଂସ୍ଥା ନିଲାମ ଦାଖଲ କରିଥିଲେ। ବମ୍ବେ ଇଣ୍ଟେଲିଜେନ୍ସ ସିକ୍ୟୁରିଟି (ବିଆଇଏସ୍) ଭାରତ ଲିମିଟେଡ୍ ସର୍ବନିମ୍ନ ନିଲାମ ଡକାଳୀ (ଏଲ୍1) ହୋଇଥିଲା। ଟେଣ୍ଡର ସର୍ତ୍ତର ଧାରା 16 ଅନୁଯାୟୀ 12 ଜଣ ବୈଷୟିକ ଯୋଗ୍ୟତାପ୍ରାପ୍ତ ନିଲାମ ଡକାଳୀଙ୍କୁ ଏଲ୍1 ଦରରେ ସେବା ପ୍ରଦାନ କରିବାକୁ ଚୁକ୍ତି ପୂର୍ବ ଆଲୋଚନା 16 ଜାନୁଆରୀ 2016ରେ କୁହାଯାଇଥିଲା ଯାହାଫଳରେ କାର୍ଯ୍ୟଟି ବିଭିନ୍ନ ସଂସ୍ଥାମାନଙ୍କ ମଧ୍ୟରେ ବଣ୍ଟାଯାଇପାରିବ। ସିକ୍ୟୁରିଟି ସଲ୍ୟୁସନ୍ ସର୍ଭିସେସ୍ (ଏସ୍‌ଏସ୍‌ଏସ୍) ଏବଂ କଳିଙ୍ଗ ୱାରିୟର୍ସ ସିକ୍ୟୁରିଟି ସର୍ଭିସେସ୍ (କେଡବ୍ଲୁଏସ୍‌ଏସ୍) ନାମକ ଅନ୍ୟ ଦୁଇ ସଂସ୍ଥା ଏଲ୍1 ଦରରେ କାର୍ଯ୍ୟ କରିବାକୁ ରାଜି ହୋଇଥିଲେ। ତେଣୁ, ଓଏମ୍‌ସି ସମୁଦାୟ କାର୍ଯ୍ୟକୁ ତିନୋଟି ସଂସ୍ଥା[52] ମଧ୍ୟରେ ଜାନୁଆରୀ 2016ରେ ବାଣ୍ଟି ଦେଇଥିଲା। କିନ୍ତୁ, ଯେହେତୁ ଏସ୍‌ଏସ୍‌ଏସ୍ ନିରାପତ୍ତା କର୍ମଚାରୀ ମୁତୟନ କରିବାରେ ବିଫଳ ହୋଇଥିଲା, ବିଆଇଏସ୍ ଭାରତ ଲିମିଟେଡ୍‌କୁ ଏସ୍‌ଏସ୍‌ଏସ୍‌କୁ ନ୍ୟସ୍ତ କରାଯାଇଥିବା ଅଞ୍ଚଳରେ ନିରାପତ୍ତା କର୍ମଚାରୀ ମୁତୟନ କରିବାକୁ 11 ମାର୍ଚ୍ଚ 2016ରେ କୁହାଯାଇଥିଲା। ପ୍ରଥମେ ଓଏମ୍‌ସି 1 ଫେବୃୟାରୀ 2016ରୁ ଏକ ବର୍ଷ ପାଇଁ ସେବାଚୁକ୍ତି କରିଥିଲା ଯାହାକି 31 ଅଗଷ୍ଟ 2017 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

---

52 *ଦୈତାରୀ, କୋଇଡା, ଜେ.କେ. ରୋଡ, ବାଙ୍ଗୁର ଓ ଗନ୍ଧମାର୍ଦ୍ଦନ ଅଞ୍ଚଳ ପାଇଁ ବିଆଇଏସ୍; ରାୟଗଡା, ପାରାଦୀପ, ଅନୁଗୋଳ ଓ ଭୁବନେଶ୍ୱର ଅଞ୍ଚଳ ପାଇଁ ମେସର୍ସ କେଡବ୍ଲୁଏସ୍‌ଏସ୍ ଏବଂ ବଡବିଲ ଅଞ୍ଚଳ ପାଇଁ ମେସର୍ସ ଏସ୍‌ଏସ୍‌ଏସ୍*

ଟେଣ୍ଡର ଦସ୍ତାବେଜର ଧାରା ଘ(24) ଅନୁସାରେ ନିରାପତ୍ତା ସଂସ୍ଥାମାନେ ଏପରି ଦେୟ ପ୍ରଦାନ ନିମନ୍ତେ ବିଭିନ୍ନ ସମ୍ପର୍କିତ ଆଇନର ସ୍ୱତନ୍ତ୍ର ଭାବରେ ଅନୁପାଳନ ନିଶ୍ଚିତ କରିବାର ଥିଲା ଏବଂ ଏହା କେବଳ ଆନୁତୋଷିକ ପ୍ରଦାନ ଅଧିନିୟମ 1972, ମଜୁରି ପ୍ରଦାନ ଅଧିନିୟମ 1936, ସର୍ବନିମ୍ନ ମଜୁରି ଅଧିନିୟମ 1948 ମଧ୍ୟରେ ସୀମିତ ହେବାର ନଥିଲା। ସମୀକ୍ଷାରୁ ନିମ୍ନୋକ୍ତ ଅନିୟମିତତାଗୁଡିକ ପରିଲକ୍ଷିତ କରାଗଲା: -

ସର୍ବନିମ୍ନ ମଜୁରି ନିୟମ 1950ର ଧାରା 23(4) ଅନୁସାରେ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସର୍ବନିମ୍ନ ମଜୁରି ଅଧିନିୟମ ଅଧିନରେ ଅଧିସୂଚିତ ସର୍ବନିମ୍ନ ଦୈନିକ ମଜୁରି ସର୍ବନିମ୍ନ ମାସିକ ମଜୁରିକୁ ସାପ୍ତାହିକ ଗୋଟିଏ ବିଶ୍ରାମ ଦିନ ବିଚାର କରି 26 ଦିନରେ ଭାଗ କରି ନିର୍ଣ୍ଣୟ କରାଯାଏ। ବିଶ୍ରାମ ଦିବସ ପାଇଁ କୌଣସି ମଜୁରି ଦିଆଯିବାର ନାହିଁ। କିନ୍ତୁ ସମୀକ୍ଷାରୁ ଏହା ଜଣାପଡିଲା ଯେ,

- ଓଏମ୍‌ସି ଉପର୍ଯ୍ୟୁକ୍ତ ଅଧିନିୟମକୁ ଅମାନ୍ୟ କରି ଟେଣ୍ଡର ସର୍ତ୍ତ (ଧାରା ଡି-2) ଅନ୍ତର୍ଭୁକ୍ତ କରିଥିଲା ଏବଂ ଅଧିସୂଚିତ ଦୈନିକ ମଜୁରିରେ 26 ଦିନ ବଦଳରେ 30.42 (365/12) ଗୁଣନ କରି ଫେବୃଆରୀ 2016ରୁ ଅଗଷ୍ଟ 2017 ପର୍ଯ୍ୟନ୍ତ ଅବଧି ପାଇଁ ମାସିକ ମଜୁରି ପ୍ରଦାନ କରିଥିଲା। ଏହା ଫଳରେ 3.34 କୋଟି ଟଙ୍କା ଅଧିକ ଦେୟ ପ୍ରଦାନ କରାଯାଇଥିଲା।

- ଆନୁତୋଷିକ ଅଧିନିୟମ 1972ର ଧାରା 2(ଏସ୍) ଅନୁସାରେ ମଜୁରିରେ ଅଧିଲାଭ, କମିସନ, ଘରଭଡା ଭତ୍ତା, ଅଧିକାଳିକ ଭତ୍ତା ଅନ୍ତର୍ଭୁକ୍ତ ନଥାଏ ଏବଂ କେବଳ ମହଙ୍ଗା ଭତ୍ତା ଅନ୍ତର୍ଭୁକ୍ତ ଥାଏ। ପୂର୍ବ କଥିତ ଅଧିନିୟମକୁ ଅମାନ୍ୟ କରି ଓଏମ୍‌ସି ଟେଣ୍ଡର ଦସ୍ତାବିଜରେ ଧାରା ଡି-2 ଅନ୍ତର୍ଭୁକ୍ତ କରିଥିଲା ଯାହାକି ନିରାପତ୍ତା କର୍ମଚାରୀଙ୍କୁ ଛୁଟି ଦରମା ଓ ଆନୁତୋଷିକ ବାବଦକୁ ମୋଟ ମାସିକ[53] ମଜୁରିର 17.81 ପ୍ରତିଶତ ହାରରେ ପ୍ରଦାନ କରିବାକୁ ବର୍ଣ୍ଣନା କରାଯାଇଥିଲା। ପୁନଶ୍ଚ, ଛୁଟି ଦରମା ଓ ଆନୁତୋଷିକ ପ୍ରଦାନ କରିବା ପାଇଁ ଗଣନା କରାଯାଇଥିବା ମଜୁରିରେ ଅଧିଲାଭ, ଇଏସ୍‌ଆଇ, ଇପିଏଫ୍ ଇତ୍ୟାଦି ଉପାଦାନ ଅନ୍ତର୍ଭୁକ୍ତ କରାଯାଇଥିଲା। ପ୍ରକୃତ ଆନୁତୋଷିକ ଓ ଛୁଟି ଦରମା ଏହି ମଜୁରି ଭିତରେ ପ୍ରଦାନ କରାଯାଇଥିଲା। ଏହିପରି ଆନୁତୋଷିକ ଓ ଛୁଟି ଦରମା ଗଣନା କରିବା ସମୟରେ ସମୁଦାୟ ମଜୁରିରେ ଇଏସ୍‌ଆଇ, ଇପିଏଫ୍ ଓ ଅଧିଲାଭ ଅନ୍ତର୍ଭୁକ୍ତ କରିବାରୁ କମ୍ପାନୀ 01 ଫେବୃଆରୀ 2016ରୁ 31 ଅଗଷ୍ଟ 2017 ମଧ୍ୟରେ 1.92 କୋଟି ଟଙ୍କା ଅଧିକ ଦେୟ ପ୍ରଦାନ କରିଥିଲା।

ଏହିପରି ଆନୁତୋଷିକ, ଛୁଟି ଦରମାର ଅନୁପଯୁକ୍ତ ଗଣନା ଏବଂ ସାପ୍ତାହିକ ବିଶ୍ରାମ ଦିବସ ପାଇଁ ମଜୁରି ପ୍ରଦାନ ଫଳରେ ନିରାପତ୍ତା ଦେୟ ବାବଦକୁ 5.31 କୋଟି ଟଙ୍କା ଅତିରିକ୍ତ ବ୍ୟୟ ହୋଇଥିଲା।

ସରକାର ଅଗଷ୍ଟ 2021ରେ କହିଲେ ଯେ, ନିରାପତ୍ତା କର୍ମଚାରୀମାନଙ୍କୁ ଚୁକ୍ତି ଧାରା ଡି-2ରେ ଉଲ୍ଲିଖିତ ହାରରେ ମଜୁରି ପ୍ରଦାନ କରାଯାଇଛି। ସରକାର ପୁନଶ୍ଚ କହିଲେ ଯେ, ନିରାପତ୍ତା ସଂସ୍ଥାମାନଙ୍କ ଦ୍ୱାରା ଅନେକ ଭୂତପୂର୍ବ ସୈନିକଙ୍କୁ ନିଯୁକ୍ତି କରାଯାଇଥିଲା ଏବଂ ସେମାନଙ୍କୁ ମଧ୍ୟ ଉପର୍ଯ୍ୟୁକ୍ତ ସର୍ତ୍ତାବଳୀ ଅନୁସାରେ ଦେୟ ପ୍ରଦାନ କରାଯାଇଥିଲା ଯାହାକି ଡିଜିଆର୍ ନିରାପତ୍ତା ସଂସ୍ଥା ପ୍ରଦାନ କରିବାକୁ ଥିବା ମଜୁରି ହାରଠାରୁ କମ୍ ଥିଲା। ସରକାରଙ୍କ ପ୍ରତ୍ୟୁତ୍ତର ଗ୍ରହଣୀୟ ନଥିଲା କାରଣ ନିରାପତ୍ତା ଚୁକ୍ତିଗୁଡିକ ଡିଜିଆର ନିରାପତ୍ତା ଚୁକ୍ତି ଦ୍ୱାରା ଦିଗଦର୍ଶିତ ହୋଇ ନଥିଲା। ପୁନଶ୍ଚ, ଆନୁତୋଷିକ ତଥା ଛୁଟି ଦରମା ଅଧିକ ପ୍ରଦାନ ବିଷୟରେ ସରକାର ଉପର ଅନୁଚ୍ଛେଦରେ ବର୍ଣ୍ଣିତ ସମ୍ପର୍କିତ ଆଇନର ଅନୁପାଳନ ନକରିବା ବିଷୟରେ କୌଣସି ମନ୍ତବ୍ୟ ପ୍ରଦାନ କରିନଥିଲେ।

53 *ମୂଳ ଦରମା + ପରିବର୍ତ୍ତନୀୟ ମହଙ୍ଗା ଭତ୍ତା (ଭିଡିଏ)+ କର୍ମଚାରୀ ରାଜ୍ୟ ବୀମା (ଇଏସ୍‌ଆଇ)+ କର୍ମଚାରୀ ଭବିଷ୍ୟନିଧି (ଇପିଏଫ୍) + କର୍ମଚାରୀ ଜମା ସଂଯୋଗ ବୀମା*

## ଓଡିଶା ନିର୍ମାଣ ନିଗମ ଲିମିଟେଡ୍

### 6.3 ନିଷ୍ଫଳ ବ୍ୟୟ

**ଅଗ୍ରୀମ ଆୟକର ପ୍ରଦାନ ପାଇଁ ବାର୍ଷିକ ଆୟର ଅନୁପଯୁକ୍ତ ନିର୍ଦ୍ଧାରଣ କରିବା ଦ୍ୱାରା 3.57 କୋଟି ଟଙ୍କାର ପରିହାର୍ଯ୍ୟ ସୁଧ ପୈଠ**

ଆୟକର ଅଧିନିୟମ, 1961 (ଅଧିନିୟମ)ର ଧାରା 207 ଅନୁଯାୟୀ, ପ୍ରତ୍ୟେକ କରଦାତା ଅଧିନିୟମର ଧାରା 208 ରୁ 209 ଅନୁଯାୟୀ ଏକ ଆର୍ଥିକ ବର୍ଷ (ଏଫ୍‌ୱାଇ) ପାଇଁ ଅଟକଳ ଆୟ ଉପରେ ଅଗ୍ରୀମ କର ଦେବାକୁ ପଡେ। ଯଦି ଆୟକର ପରିମାଣ 10,000 ଟଙ୍କା କିମ୍ବା ଅଧିକ (ଧାରା 208) ହୁଏ ତେବେ ଅଗ୍ରୀମ ଟିକସ ଏବଂ ନିର୍ଦ୍ଦିଷ୍ଟ ହାରରେ (ଧାରା 211) ଚାରୋଟି ଅଗ୍ରୀମ କିସ୍ତିରେ[54] ପ୍ରଦାନ କରାଯାଇଥାଏ। ଶତକଡା 90 ପ୍ରତିଶତ ଟିକସ ଅଗ୍ରୀମ ଜମା କରିବାରେ ବିଫଳ ହେବା ସହିତ ନିର୍ଦ୍ଧାରିତ ସ୍ଲାବ୍ ଅନୁଯାୟୀ ଅଗ୍ରୀମ ଟିକସ ଜମା କରିବାରେ ନିଅଣ୍ଟ ହେଲେ ଧାରା 234ବି ଏବଂ 234ସି ଅନୁଯାୟୀ ପୃଥକ ଭାବରେ ପ୍ରତି ମାସରେ ଏକ ପ୍ରତିଶତ ହାରରେ ସୁଧ ଦେବାକୁ ପଡିଥାଏ। ସୁଧ ପୈଠକୁ ପରିହାର କରିବା ପାଇଁ ଟିକସଯୋଗ୍ୟ ଆୟକୁ ସଠିକ ଭାବେ ଆକଳନ କରିବାକୁ ପଡିଥାଏ ଯାହା ଦ୍ୱାରା ସଠିକ ଅଗ୍ରୀମ ଟିକସ ପୈଠ ହୋଇଥାଏ।

ଓଡିଶା ନିର୍ମାଣ ନିଗମ ଲିମିଟେଡ୍ (ଓସିସିଏଲ୍) 2017-18 ଏବଂ 2018-19 ବର୍ଷ ପାଇଁ ତାର ଆୟ ବଜେଟ୍ ଅଟକଳ/ପୁନଃନିର୍ଦ୍ଧାରିତ[55] ଅଟକଳ ମାଧ୍ୟମରେ ପ୍ରସ୍ତୁତ କରି ତାର ଟିକସ ଦାୟିତ୍ୱ ନିର୍ଦ୍ଧାରଣ କରି ଅଗ୍ରୀମ ଟିକସ ପୈଠ କରିଥିଲା।

ବଜେଟ୍ ଅଟକଳ/ପୁନଃନିର୍ଦ୍ଧାରିତ ଅଟକଳ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଦସ୍ତାବିଜଗୁଡିକର ସମୀକ୍ଷାରୁ ଦେଖାଗଲା ଯେ, ଓସିସିଏଲ୍ ବ୍ୟାଙ୍କ ସ୍ଥାୟୀ ଜମା ଉପରେ ସୁଧ ଆୟ ବାବଦରେ 37 କୋଟି ଟଙ୍କା ପ୍ରତିବଦଳରେ 25 କୋଟି ଟଙ୍କା ଏବଂ 45 କୋଟି ଟଙ୍କା ପ୍ରକୃତ ସୁଧ ପ୍ରତିବଦଳରେ 22 କୋଟି ଟଙ୍କା ଯଥାକ୍ରମେ 2017-18 ଏବଂ 2018-19ରେ ବିଚାର କରିଥିଲା। ତେଣୁ, ଓସିସିଏଲ୍ ଉଭୟ ବର୍ଷ ପାଇଁ ତାର ଜଣାଶୁଣା ଆୟର ଉତ୍ସକୁ ପ୍ରାୟତଃ ଉପେକ୍ଷା କରି ଅଗ୍ରୀମ ଆୟକରକୁ ବିବେକିପୂର୍ଣ୍ଣ ଭାବେ ଅଟକଳ କରିନଥିଲା। ମୋଟ ଆୟ କରର ଶତକଡା 90 ପ୍ରତିଶତ ବା 56.97 କୋଟି ଟଙ୍କା ଅଗ୍ରୀମ କର ଭାବରେ ପ୍ରଦାନ କରିବା ପ୍ରତିବଦଳରେ ଓସିସିଏଲ୍ କେବଳ 33.02 କୋଟି ଟଙ୍କା (ଅଗ୍ରୀମ କର + ଟିଡିଏସ୍) ପ୍ରଦାନ କରିଥିଲା। ସ୍ୱଳ୍ପ ଅଗ୍ରୀମ କର ପୈଠ କରିଥିବାରୁ 3.57 କୋଟି ଟଙ୍କାର ଜୋରିମାନା ସୁଧ ପୈଠ କରିବାକୁ ପଡିଥିଲା ଯାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା: -

**ସାରଣୀ 6.1: ଅଗ୍ରୀମ ଆୟକର କମ୍ ପୈଠ ହେତୁ ଜରିମାନା ସୁଧ ଦିଆଯାଇଥିଲା**

*(ଟଙ୍କା କୋଟିରେ)*

| ବର୍ଷ | ସମୁଦାୟ କର ଦାୟିତ୍ୱ | 90 ଶତକଡା ଅଗ୍ରୀମକର ପ୍ରଦେୟ | ଅଗ୍ରୀମ କର ପୈଠ | | ଟିଡିଏସ୍ | ସମୁଦାୟ କର ପୈଠ | ପରବର୍ତ୍ତୀ ସମୟରେ ପୈଠ ହୋଇଥିବା ଅବଶିଷ୍ଟ କର | ନିଅଣ୍ଟର ଶତକଡା | ଦଣ୍ଡ ସୁଧ ପୈଠ |
|---|---|---|---|---|---|---|---|---|---|
| | | | ପରିମାଣ | ଶତକଡା | | | | | |
| 2017-18 | 36.17 | 32.55 | 5.00 | 13.82 | 15.02 | 20.02 | 16.15 | 44.65 | 1.68 |
| 2018-19 | 27.13 | 24.42 | 0.71 | 2.62 | 9.55 | 10.26 | 16.87 | 62.18 | 1.89 |
| **ମୋଟ୍** | **63.3** | **56.97** | **5.71** | | **24.57** | **30.28** | **33.02** | **52.16** | **3.57** |

54 *15 ଜୁନ୍ କିମ୍ବା ପୂର୍ବରୁ (ଏହି ଅଗ୍ରୀମ କରର 15 ପ୍ରତିଶତରୁ କମ୍ ନୁହେଁ), 15 ସେପ୍ଟେମ୍ବର (ପୂର୍ବ କିସ୍ତିରେ ପ୍ରଦାନ କରାଯାଇଥିବା ପରିମାଣକୁ ମିଶାଇ ଏହି ଅଗ୍ରୀମକରର ଅନ୍ୟୁନ୍ୟ 45 ପ୍ରତିଶତ, 15 ଡିସେମ୍ବର (ପୂର୍ବ କିସ୍ତିଗୁଡିକରେ ପ୍ରଦାନ କରାଯାଇଥିବା ପରିମାଣକୁ ମିଶାଇ ଏହି ଅଗ୍ରୀମ କରର ଅନ୍ୟୁନ୍ୟ 75 ପ୍ରତିଶତ, ଏବଂ ଆର୍ଥିକ ବର୍ଷର 15 ମାର୍ଚ୍ଚ (ପୂର୍ବ କିସ୍ତିଗୁଡିକରେ ପ୍ରଦାନ କରାଯାଇଥିବା ପରିମାଣକୁ ମିଶାଇ ଏହି ଅଗ୍ରୀମ କରର ସମ୍ପୂର୍ଣ୍ଣ ପରିମାଣ)*

55 *ସଂଶୋଧିତ ଆକଳନ ସାଧାରଣତଃ ଆର୍ଥିକ ବର୍ଷର ଫେବୃୟାରୀ/ମାର୍ଚ୍ଚ ମାସରେ ପ୍ରସ୍ତୁତ କରାଯାଇଥିଲା*

ଉପର୍ଯ୍ୟୁକ୍ତ ସାରଣୀରୁ ଏହା ଲକ୍ଷ୍ୟ କରାଯାଉଛି ଯେ ଓସିସିଏଲ୍ 2017-18 ଏବଂ 2018-19ରେ 56.97 କୋଟି ଟଙ୍କା ଅଗ୍ରୀମ କର ପ୍ରତିବଦଳରେ ମାତ୍ର 30.28 କୋଟି ଟଙ୍କା ପୈଠ କରିଥିଲା। ଯେହେତୁ 2017-18 ଏବଂ 2018-19ରେ ଓସିସିଏଲ୍ 52.16 ପ୍ରତିଶତ କମ୍ ଅଗ୍ରୀମ ଟିକସ ପୈଠ କରିଥିଲା ଏବଂ ଅଗ୍ରୀମ ଟିକସ କିସ୍ତି ଧାର୍ଯ୍ୟ ହାରଠାରୁ କମ୍ କରିଥିବାରୁ ଓସିସିକୁ 3.57 କୋଟି ଟଙ୍କା ଦଣ୍ଡ ସୁଧ ଅଗଷ୍ଟ 2018ରୁ ଅକ୍ଟୋବର 2018 ଏବଂ ସେପ୍ଟେମ୍ବର 2019ରୁ ଅକ୍ଟୋବର 2019 ମଧ୍ୟରେ ପୈଠ କରିବାକୁ ପଡିଥିଲା।

ଅଗ୍ରୀମ ଟିକସର ଅନୁଚିତ ନିର୍ଦ୍ଧାରଣ ହେବା ଦ୍ୱାରା ପରିହାର୍ଯ୍ୟ ସୁଧ ପୈଠ କରିବାକୁ ପଡିଥିଲା କାରଣ ଓସିସିଏଲ୍ 2017-18 ଏବଂ 2018-19ରେ ସ୍ଥାୟୀ ବ୍ୟାଙ୍କ ଜମାରୁ ମିଳିଥିବା ସୁଧ 82.24 କୋଟି ଟଙ୍କା (37.55 କୋଟି ଟଙ୍କା ଏବଂ 44.69 କୋଟି ଟଙ୍କା) କୁ ସଠିକ ଭାବରେ ଅଟକଳ କରିନଥିଲା ଯାହାକି ପୁନଃନିର୍ଦ୍ଧାରିତ ଅଟକଳଠାରୁ ଯଥାକ୍ରମେ 50 ଏବଂ 103 ପ୍ରତିଶତ ଅଧିକ ଥିଲା। ରାଜସ୍ୱ ବଳକାର ଆକଳନ ମଧ୍ୟ ମୂଲ୍ୟର ବୃଦ୍ଧି ବାବଦ ରାଜସ୍ୱକୁ ବିଚାର କରି ପ୍ରସ୍ତୁତ କରାଯାଇଥିଲା।

ଏହିପରି, ଓସିସିଏଲ୍‌ର ବିତ୍ତ ବିଭାଗ ଦ୍ୱାରା ମୋଟ୍ ଆୟ ଏବଂ ଆୟକର ଦେୟର ଅନୁଚିତ ଅଟକଳ ହେତୁ ଓସିସିଏଲ୍‌କୁ 3.57 କୋଟି ଟଙ୍କା ପରିହାର୍ଯ୍ୟ ସୁଧ ଦେବାକୁ ପଡିଥିଲା।

ସରକାର କହିଲେ (ଅଗଷ୍ଟ 2021) ଯେ, ଚୂଡାନ୍ତ ହିସାବ ସମୟରେ ଅଜ୍ଞାତ / ଅପ୍ରତ୍ୟାଶିତ ଭାବେ ପ୍ରକୃତ ଆୟ ବୃଦ୍ଧି ପାଇଥିଲା। ଅପ୍ରତ୍ୟାଶିତ ଭାବେ ଆୟ ବୃଦ୍ଧିର କାରଣଗୁଡିକ ହେଲା ପୂର୍ତ୍ତ କାର୍ଯ୍ୟ, ଯାନ୍ତ୍ରିକ କାର୍ଯ୍ୟର ମୂଲ୍ୟ ବୃଦ୍ଧି ଏବଂ ବ୍ୟାଙ୍କ ଜମା ଉପରେ ସୁଧ। ନିଗମର ଗୁରୁତ୍ୱପୂର୍ଣ୍ଣ ହିସାବ ନୀତି ଅନୁସାରେ, କାର୍ଯ୍ୟର ମୂଲ୍ୟ ବୃଦ୍ଧିକୁ ଗ୍ରାହକଙ୍କ ଦ୍ୱାରା ଗୃହିତ, ପ୍ରକୃତ ପ୍ରାପ୍ତି, ଆଦାୟର ନିଶ୍ଚିତତା ଅନୁସାରେ ହିସାବ କରାଯାଉଥିଲା। ଆର୍ଥିକ ବର୍ଷର ଶେଷ ଭାଗରେ ମୂଲ୍ୟ ବୃଦ୍ଧି ପ୍ରାପ୍ତି ହୋଇଥିଲା। ଉତ୍ତରରେ ଏହା ମଧ୍ୟ କୁହାଯାଇଥିଲା ଯେ ସୁଧ କମ୍ ଆକଳନ କରାଯାଇଥିଲା କାରଣ ବ୍ୟାଙ୍କ ସୁଧ ହାର ହ୍ରାସ ଧାରାରେ ଥିଲା। କିନ୍ତୁ ଜମା ବୃଦ୍ଧି ଏବଂ ପୁରୁଣା ହାରରେ ଜମା ଜାରି ହେତୁ ପ୍ରକୃତ ସୁଧ ଅଧିକ ଆଦାୟ ହୋଇଥିଲା। ଓସିସିଏଲ୍ ବର୍ଦ୍ଧିତ ଲାଭକୁ ବିଚାର କରିନଥିଲା ଯାହା ଦ୍ୱାରା ତ୍ରୈମାସିକ ଅଗ୍ରୀମ କର କମ୍ ଜମା କରାଯାଇଥିଲା।

ମୂଲ୍ୟ ବୃଦ୍ଧି ଏବଂ ସ୍ଥାୟୀ ବ୍ୟାଙ୍କ ଜମା ଉପରେ ସୁଧକୁ ନିରୂପଣଯୋଗ୍ୟ ନଥିଲା ବୋଲି ସରକାର ବର୍ଣ୍ଣନା କରିଥିଲେ ଯାହାକି ଗ୍ରହଣୀୟ ନୁହେଁ, କାରଣ ଉଭୟକୁ ଚୁକ୍ତିନାମାର ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ଆକଳନ କରାଯାଇ ପାରିଥାନ୍ତା, ସମ୍ପୃକ୍ତ ବ୍ୟାଙ୍କ ମାନଙ୍କ ସହିତ ପରାମର୍ଶ କରି ସୁଧର ପରିମାଣ ସଠିକ ଭାବେ କରାଯାଇ ପାରିଥାନ୍ତା। ଅଧିକନ୍ତୁ, ଲାଭ ବୃଦ୍ଧି ମୁଖ୍ୟତଃ ସ୍ଥାୟୀ ଜମା ଉପରେ ସୁଧ ଯୋଗୁ ହୋଇଥିଲା ଯାହାକି ଉଭୟ ବର୍ଷରେ କମ୍ ଆକଳନ କରାଯାଇଥିଲା। ତେଣୁ, କର୍ତ୍ତୃପକ୍ଷ ପ୍ରଥମ ବର୍ଷର ଭୁଲରୁ ଶିଖିବାରେ ଅବହେଳା କରିଥିଲେ ଏବଂ ପୁନଶ୍ଚ ସ୍ଥାୟୀ ଜମା ଉପରେ ସୁଧ ଏବଂ ଚୁକ୍ତିଭିତ୍ତିକ ଦାବିକୁ ଅଣଦେଖା କରିଥିଲେ।

## 6.4 ଅହେତୁକ ଅନୁକମ୍ପା

**ସିମେଣ୍ଟର କାଳ୍ପନିକ ଯୋଗାଣ ବାବଦରେ 2.45 କୋଟି ଟଙ୍କା ପରିଶୋଧ କରି ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ**

ଓଡିଶା ନିର୍ମାଣ ନିଗମ ଦେଓ ଜଳସେଚନ, କରଞ୍ଜିଆ ପ୍ରକଳ୍ପର ସ୍ପିଲ୍‌ୱେ, ଲେଫ୍ଟହେଡ୍ ରେଗୁଲେଟର ଏବଂ ଆର୍ଥଡ୍ୟାମ୍ ଅଂଶର ନିର୍ମାଣ କାର୍ଯ୍ୟ ପାଇଁ ଠିକାଦାର ଡିଡି ବିଲଡର୍ସଙ୍କୁ 27.94 କୋଟି ଟଙ୍କାରେ କାର୍ଯ୍ୟାଦେଶ (ମେଇ 2015) ପ୍ରଦାନ କରିଥିଲେ। ଚୁକ୍ତିନାମାର ସର୍ତ୍ତ[56] ଅନୁଯାୟୀ, ପ୍ରକଳ୍ପ କାର୍ଯ୍ୟ ପାଇଁ ଆବଶ୍ୟକ ସିମେଣ୍ଟ ଏବଂ ରଡ୍ ଓସିସିଏଲ୍‌କୁ ଯୋଗାଇବାର ଥିଲା। ତଥାପି ଠିକାଦାରଙ୍କ ଅନୁରୋଧ (ମାର୍ଚ୍ଚ 2017) କ୍ରମେ, ଓସିସିଏଲ୍ ଠିକାଦାରଙ୍କୁ ସିମେଣ୍ଟ ଯୋଗାଇବାକୁ ଅନୁମତି (ଅଗଷ୍ଟ 2017) ଦେଲା ଏବଂ ସିମେଣ୍ଟ ବାବଦ ଅର୍ଥ ପ୍ରଦାନ କରିବାର ଥିଲା। ଯୋଗାଣ ବହନପତ୍ର ଅନୁଯାୟୀ, ଠିକାଦାର ଉକ୍ତ କାର୍ଯ୍ୟ ପାଇଁ ନଭେମ୍ବର 2017ରୁ ଜୁଲାଇ 2018 ମଧ୍ୟରେ ଚାରିଜଣ ବିଭିନ୍ନ ଯୋଗାଣକାରୀଙ୍କ[57]ଠାରୁ 88,700 ବ୍ୟାଗ୍ ସିମେଣ୍ଟ କ୍ରୟ କରିଥିଲେ ଏବଂ 3.14 କୋଟି ଟଙ୍କା ପାଇଥିଲା ଯେଉଁଥିରେ 0.69 କୋଟି ଟଙ୍କାର ଦ୍ରବ୍ୟ ଓ ସେବା କର ଅନ୍ତର୍ଭୁକ୍ତ ଥିଲା।

ଠିକାଦାର ଦ୍ୱାରା ପ୍ରଦାନ କରାଯାଇଥିବା ଜିଏସ୍‌ଟି ବହନପତ୍ର ଅନୁଯାୟୀ ଓସିସିଏଲ୍ 0.69 କୋଟି ଟଙ୍କାର ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ପାଇବା ପାଇଁ ଜିଏସ୍‌ଟି ରିଟର୍ଣ୍ଣ ଦାଖଲ କରିଥିଲା। ଇତି ମଧ୍ୟରେ, ଜିଏସ୍‌ଟି ଏବଂ କେନ୍ଦ୍ରୀୟ ଅବକାରୀ (ସିଇ), ରାଉରକେଲା (ଅକ୍ଟୋବର/ନଭେମ୍ବର 2018) ତିନୋଟି ସତର୍କ ବିଜ୍ଞପ୍ତି ଜାରି କରିଥିଲା ଯେଉଁଥିରେ ୦କ ସଂସ୍ଥାଗୁଡିକର ନାମ ଦର୍ଶାଯାଇଥିଲା ଯେଉଁମାନଙ୍କର ଭୌତିକ ଅସ୍ତିତ୍ୱ ନଥିଲା ଏବଂ ସେମାନେ ପ୍ରକୃତ ଦ୍ରବ୍ୟ ଯୋଗାଣ ନକରି କେବଳ ନକଲି ବହନପତ୍ର ଜାରି କରି ପ୍ରତାରଣ ମାଧ୍ୟମରେ ଆଇଟିସି ପାରିତ କରିବା ପାଇଁ ଜିଏସ୍‌ଟି ଅଧିନରେ ପଞ୍ଜିକୃତ ହୋଇଥିଲେ। ଉପର୍ଯ୍ୟୁକ୍ତ ବିଜ୍ଞପ୍ତିରେ ଚାରୋଟି ସଂସ୍ଥାର ନାମ ଅନ୍ତର୍ଭୁକ୍ତ ହୋଇଥିଲା ଯେଉଁମାନଙ୍କଠାରୁ ଠିକାଦାର ବହନପତ୍ର ଯୋଗାଡ କରି ଓସିସିଏଲ୍‌କୁ ଦାଖଲ କରିଥିଲେ। ପରବର୍ତ୍ତୀ ସମୟରେ, ଜିଏସ୍‌ଟି କର୍ତ୍ତୃପକ୍ଷ ସେହି ଯୋଗାଣକାରୀଙ୍କ ଜିଏସ୍‌ଟି ପଞ୍ଜିକରଣକୁ ବାତିଲ କରିଥିଲେ।

ଜିଏସ୍‌ଟି ଏବଂ ସିଇର ଯୁଗ୍ମ ଆୟୁକ୍ତ, ଭୁବନେଶ୍ୱର ନକଲି ବହନପତ୍ର ଆଧାରରେ ଓସିସିଏଲ୍ ପ୍ରାପ୍ତ କରିଥିବା ଆଇଟିସିକୁ ପ୍ରତ୍ୟାଖ୍ୟାନ (ନଭେମ୍ବର 2019) କରିଥିଲେ ଏବଂ ପ୍ରାପ୍ତ କରିଥିବା ଆଇଟିସି ସହିତ ଜୋରିମାନା[58] ଫେରସ୍ତ କରିବାକୁ କହିଥିଲେ । ଏହି ତଥ୍ୟ ଠିକାଦାରଙ୍କ ଜ୍ଞାତସାରକୁ ଆସିବା ପରେ, ଜିଏସ୍‌ଟି ଜମାକୁ ନିୟମିତ କରିବା ପାଇଁ ଓସିସିଏଲ୍ ଚଳନ୍ତି ଖାତା ବିଲ୍‌ରୁ ସମ୍ପୃକ୍ତ ରାଶି କାଟିବାକୁ ଅନୁରୋଧ (ଡିସେମ୍ବର 2019) କରିଥିଲେ। ପରବର୍ତ୍ତୀ ସମୟରେ, ଠିକାଦାର ଓସିସିଏଲ୍ ତରଫରୁ ଜିଏସ୍‌ଟି କର୍ତ୍ତୃପକ୍ଷଙ୍କୁ ଆଇଟିସି ଫେରସ୍ତ କରିଥିଲେ।

ସମୀକ୍ଷାରୁ ଦେଖାଗଲା ଯେ:

- ଜିଏସ୍‌ଟି ଏବଂ କେନ୍ଦ୍ରୀୟ ଅବକାରୀ ବିଭାଗର ଅନୁସନ୍ଧାନରୁ ଜଣାଗଲା ଯେ ଉପର୍ଯ୍ୟୁକ୍ତ ସଂସ୍ଥାଗୁଡିକ ଦ୍ରବ୍ୟ ନଯୋଗାଇ ନକଲି ବହନପତ୍ର ଦ୍ୱାରା ଆଇଟିସି ପ୍ରାପ୍ତ କରାଇଛନ୍ତି। ଯଦିଓ ପରିଚାଳନା କର୍ତ୍ତୃପକ୍ଷ ଏବିଷୟରେ ଅବଗତ ଥିଲା (ନଭେମ୍ବର 2019) ତଥାପି ସିମେଣ୍ଟ ଯୋଗାଣର ସତ୍ୟତା ଉପରେ କୌଣସି ବିସ୍ତୃତ ଅନୁସନ୍ଧାନ କରାଯାଇ ନଥିଲା। ସମୀକ୍ଷାରେ ଏହି ପ୍ରସଙ୍ଗଟିକୁ ଦର୍ଶାଯିବା ପରେ, ଓସିସିଏଲ୍ କର୍ତ୍ତୃପକ୍ଷ ଅପ୍ରେଲ 2020ରେ ଆଭ୍ୟନ୍ତରୀଣ ଦୁର୍ନୀତି ନିବାରଣ ଅନୁସନ୍ଧାନ କରିବାକୁ

56 ଧାରା ସଂଖ୍ୟା 5ର ଚୁକ୍ତିନାମା

57 ପମେଶ ଟ୍ରେଡର୍ସ, ଅଙ୍କିତ୍ ଏଣ୍ଟରପ୍ରାଇଜର୍ସ, ଗଣପତି ଖଣିଜ ଏବଂ ଇସ୍ପାତ, କ୍ଷୀପ୍ରା କଞ୍ଜୁମର ମାର୍କେଟ

58 ସିଜିଏସ୍‌ଟି ଅଧିନିୟମ, 2017ର ଧାରା 50 ଏବଂ ଧାରା 74 ଅନୁଯାୟୀ ଦଣ୍ଡ

ନିର୍ଦ୍ଦେଶ ଦେଇଥିଲେ। ଅଧିକନ୍ତୁ, ଅନୁସନ୍ଧାନର ଫଳାଫଳ ସମୀକ୍ଷାକୁ ଏପର୍ଯ୍ୟନ୍ତ ସୂଚନା ଦିଆଯାଇ ନାହିଁ।

- ଜିଏସ୍‌ଟି କର୍ତ୍ତୃପକ୍ଷଙ୍କ ଆଇଟିସି ରାଶି ଓସିସିଏଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଫେରସ୍ତ କରିବା ପ୍ରମାଣ କରୁଛି ଯେ ଯୋଗାଣ ଏକ କାଳ୍ପନିକ ଥିଲା ଯାହା ବିରୋଧରେ ଓସିସିଏଲ୍ କୌଣସି ପ୍ରମାଣ କରିପାରିଲା ନାହିଁ।

- ଅଧିକନ୍ତୁ, ଏହି ମନ୍ତବ୍ୟକୁ ଦୃଢ଼ିଭୂତ କରିବା ପାଇଁ ସିମେଣ୍ଟ ପରିବହନ ପାଇଁ ଯୋଗାଣ ବାହନପତ୍ରରେ ଉଲ୍ଲେଖ କରାଯାଇଥିବା ଯାନର ନମ୍ବର ଓଡିଶା ସରକାରଙ୍କ 'ବାହାନ' ତଥ୍ୟାବଳିରେ ଯାଞ୍ଚ କରାଯାଇଥିଲା ଏବଂ ଜଣାଗଲା ଯେ, 10ଟି ଯୋଗାଣ ବାହନପତ୍ରରେ 3,920 ବ୍ୟାଗ ସିମେଣ୍ଟ ଦୁଇଚକିଆ ଯାନ/ ଅଟୋ ରିକ୍ସା ମାଧମରେ ପରିବହନ କରାଯାଇଥିଲା ଯାହାର ମୂଲ୍ୟ 11.02 ଲକ୍ଷ ଟଙ୍କା ଥିଲା।

ତେଣୁ, ଠିକାଦାରଙ୍କୁ ପ୍ରଦାନ କରିଥିବା ସିମେଣ୍ଟର ମୂଲ୍ୟ ଅର୍ଥାତ୍ 2.45 କୋଟି ଟଙ୍କା (3.14 – 0.69), ପୁନଶ୍ଚ ଆଦାୟ କରିବା ଆବଶ୍ୟକ ଥିଲା। ଠିକାଦାରଠାରୁ 2.45 କୋଟି ଟଙ୍କା ଆଦାୟ ନହେବା ଦ୍ୱାରା ସିମେଣ୍ଟର ନକଲି/ କାଳ୍ପନିକ ଯୋଗାଣ ବାବଦରେ ଅହେତୁକ ଅନୁକମ୍ପା ଦିଆଗଲା।

ସରକାର କହିଲେ (ଅଗଷ୍ଟ 2021) ଯେ ଉତ୍ପାଦନକାରୀଙ୍କ ଦ୍ୱାରା ସିମେଣ୍ଟର କମ୍ ଯୋଗାଣ ହେତୁ ଠିକାଦାରକୁ ସିମେଣ୍ଟ ଯୋଗାଣ କରି ଦାବିପ୍ରାପ୍ତ ପାଇଁ ଅନୁମତି ଦିଆଯାଇଥିଲା। ସରକାରଙ୍କ ଉତ୍ତର ଗ୍ରହଣୀୟ ନଥିଲା କାରଣ, 2016-17 ଏବଂ 2017-18 ମଧରେ ବରାଦ ପରିମାଣର 96 ପ୍ରତିଶତ ଉତ୍ପାଦନ କରି ଯୋଗାଇଥିଲେ। ତେଣୁ ସିମଣ୍ଟେ ଓସିସିଏଲ୍ ଦାବି ମୁତାବକ ସ୍ୱଳ୍ପ ଯୋଗାଣ ହୋଇନଥିଲା। ସରକାର ପୁନଶ୍ଚ କହିଲେ ଯେ ଜିଏସ୍‌ଟି କର୍ତ୍ତୃପକ୍ଷ ନଭେମ୍ବର 2020 କାରଣ ଦର୍ଶାଅ ବିଜ୍ଞପ୍ତିକୁ ଛାଡ କରିଥିଲେ। ଉତ୍ତରଟି ପ୍ରାସଙ୍ଗିକ ନଥିଲା କାରଣ ଓସିସିଏଲ୍ ଆଇଟିସି ରାଶି ଫେରସ୍ତ କରିଦେବାରୁ ଜିଏସ୍‌ଟି କର୍ତ୍ତୃପକ୍ଷ ଅଭିଯୋଗକୁ ଛାଡି ଦେଇଥିଲେ।

ସରକାର ଆହୁରି ମଧ୍ୟ କହିଥିଲେ ଯେ କ୍ରୟ ସମୟରେ ଯାନର ସତ୍ୟତା ଯାଞ୍ଚ ହୋଇପାରିବ ନାହିଁ କାରଣ ସେହି ସମୟରେ ବାହାନ ତଥ୍ୟାବଳୀ ଉପଲବ୍ଧ ନଥିଲା ଏବଂ ଦେୟ ସମୟରେ ଉପର୍ଯ୍ୟୁକ୍ତ ଚାରୋଟି ସଂସ୍ଥାମାନଙ୍କର ଜିଏସ୍‌ଟିଏନ୍ ବୈଧ ଥିଲା (1 ନଭେମ୍ବର 2017 ରୁ 31 ଜୁଲାଇ 2018)। ଉପରୋକ୍ତ ସଂସ୍ଥାଗୁଡିକ ଜିଏସ୍‌ଟି ଦେଉଛନ୍ତି କି ନାହିଁ ଓସିସିଏଲ୍ ପାଖରେ ଜାଣିବା ପାଇଁ କୌଣସି ସୁବିଧା ନଥିଲା। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଯାନର ବିବରଣୀ ସାର୍ବଜନୀନ ଅଧିକାର କ୍ଷେତ୍ରରେ ଏବଂ ପରିବହନ ବିଭାଗରେ ଉପଲବ୍ଧ ଥିଲା। ତେଣୁ, ସମୀକ୍ଷା ପ୍ରସଙ୍ଗଟିକୁ ଦର୍ଶାଇବା ପରେ ଅନ୍ତତଃ ପକ୍ଷେ 2.45 କୋଟି ଟଙ୍କା ଠିକାଦାରଠାରୁ ଆଦାୟ କରିବାର ଥିଲା ଯାହାକି ଠିକାଦାର ପ୍ରବଞ୍ଚନାତ୍ମକ ଭାବେ ଦାବି କରିଥିଲା। ଯେହେତୁ ଠିକାଦାର ମାମଲାଟିକୁ ପ୍ରତିବାଦ କରିପାରି ନଥିଲା ଏବଂ ଟଙ୍କା ଫେରସ୍ତ କରିଥିଲା ଏବଂ ପ୍ରବଞ୍ଚନାତ୍ମକ ସଂସ୍ଥା ସହିତ ପୂର୍ବପରି ବ୍ୟବସ୍ଥାର ଜାରି ରଖିବା ଦର୍ଶାଉଛି ଯେ ଠିକାଦାରକୁ ଅହେତୁକ ଅନୁକମ୍ପା ଦର୍ଶାଯାଇଥିଲା। ୪୪,700 ବ୍ୟାଗ ସିମେଣ୍ଟ ବ୍ୟବହାର ନକରିବା କାରଣରୁ କାର୍ଯ୍ୟର ଗୁଣବତ୍ତାରେ ହୋଇଥିବା କ୍ଷତି ଏକ ଅନୁସନ୍ଧାନର ବିଷୟ।

ଭୁବନେଶ୍ୱର<br>ତାରିଖ

**(ଅନନ୍ତ କିଶୋର ବେହେରା)**<br>**ପ୍ରଧାନ ମହାଲେଖାକାର (ଲେଖାପରୀକ୍ଷା-II), ଓଡ଼ିଶା**

**ପ୍ରତିସ୍ୱାକ୍ଷରିତ**

ନୂଆ ଦିଲ୍ଲୀ<br>ତାରିଖ

**(ଗିରୀଶ ଚନ୍ଦ୍ର ମୁର୍ମୁ)**<br>**ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

## ପରିଶିଷ୍ଟ – 1

## (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.1.3.6 ପୃଷ୍ଠା 14)

### କାର୍ଯ୍ୟ ଯୋଜନା କିମ୍ବା ଅନୁମୋଦିତ କାର୍ଯ୍ୟ ଯୋଜନା ବିନା ବିଭାଜନଗୁଡ଼ିକ ଦ୍ୱାରା ଅନିୟମିତ କାର୍ଯ୍ୟ ପ୍ରଦର୍ଶନ ଦର୍ଶାଉଥିବା ବିବରଣ

| କ୍ରମିକ ସଂଖ୍ୟା | ବିଭାଜନ ନାମ | କାର୍ଯ୍ୟ ଯୋଜନାର ବୈଧତା | | ଅନୁମୋଦିତ ବାର୍ଷିକ କାର୍ଯ୍ୟ ଯୋଜନାର ଅବଧି |
|---|---|---|---|---|
| | | ଆରମ୍ଭ ବର୍ଷ | ଶେଷ ବର୍ଷ | |
| 1 | ଖରିଆର | 2008-09 | 2017-18 | 2020-21 |
| 2 | ଅନୁଗୁଳ | 2007-08 | 2016-17 | 2020-21 |
| 3 | ଆଠଗଡ଼ | 2007-08 | 2016-17 | 2020-21 |
| 4 | କଟକ | 2007-08 | 2016-17 | 2020-21 |
| 5 | କେଉଁଝର (ବନ୍ୟପ୍ରାଣୀ) | 2007-08 | 2016-17 | 2020-21 |
| 6 | କେଉଁଝର | 2007-08 | 2016-17 | 2020-21 |
| 7 | ବାଲିଗୁଡ଼ା | 2007-08 | 2016-17 | 2020-21 |
| 8 | ଫୁଲବାଣୀ | 2007-08 | 2016-17 | 2020-21 |
| 9 | ବଲାଙ୍ଗୀର | 2007-08 | 2016-17 | 2020-21 |
| 10 | କଳାହାଣ୍ଡି (ଉତ୍ତର) | 2007-08 | 2016-17 | 2020-21 |
| 11 | କଳାହାଣ୍ଡି (ଦକ୍ଷିଣ) | 2007-08 | 2016-17 | 2020-21 |
| 12 | ସୁବର୍ଣ୍ଣପୁର | 2007-08 | 2016-17 | 2020-21 |
| 13 | ଖୋର୍ଦ୍ଧା | 2007-08 | 2016-17 | 2020-21 |
| 14 | ଜୟପୁର | 2007-08 | 2016-17 | 2020-21 |
| 15 | ମାଲକାନଗିରି | 2007-08 | 2016-17 | 2020-21 |
| 16 | ବଣାଇ | 2007-08 | 2016-17 | 2020-21 |
| 17 | ଝାରସୁଗୁଡ଼ା | 2007-08 | 2016-17 | 2020-21 |
| 18 | ରେଢାଖୋଲ | 2007-08 | 2016-17 | 2020-21 |
| 19 | ସମ୍ବଲପୁର | 2007-08 | 2016-17 | 2020-21 |
| 20 | ଆଠମଲ୍ଲିକ | 2006-07 | 2015-16 | 2020-21 |
| 21 | ବାଲେଶ୍ୱର (ବନ୍ୟପ୍ରାଣୀ) | 2006-07 | 2015-16 | 2020-21 |
| 22 | ବାରିପଦା | 2006-07 | 2015-16 | 2020-21 |
| 23 | କରଞ୍ଜିଆ | 2006-07 | 2015-16 | 2020-21 |
| 24 | ପାରଳାଖେମୁଣ୍ଡି | 2006-07 | 2015-16 | 2020-21 |
| 25 | ଭଦ୍ରକ (ବନ୍ୟପ୍ରାଣୀ) | 2006-07 | 2015-16 | 2020-21 |
| 26 | କୋରାପୁଟ | 2006-07 | 2015-16 | 2020-21 |
| 27 | ରାୟଗଡ଼ା | 2006-07 | 2015-16 | 2020-21 |
| 28 | ସୁନ୍ଦରଗଡ଼ | 2010-11 | 2019-20 | |
| 29 | ସହର ଜଙ୍ଗଲ | 2007-08 | 2016-17 | |
| 30 | ନୟାଗଡ଼ | 2007-08 | 2016-17 | |
| 31 | ରାଜନଗର (ବନ୍ୟପ୍ରାଣୀ) | 2007-08 | 2016-17 | |

# ପରିଶିଷ୍ଟ – 2

## (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.1.4.2 ପୃଷ୍ଠା 16-17)

### ବୃକ୍ଷରୋପଣ ପତ୍ରିକାଗୁଡ଼ିକର ଅନୁପଯୁକ୍ତ ଅନୁରକ୍ଷଣ ଏବଂ ବୃକ୍ଷରୋପଣ ପତ୍ରିକା ପ୍ରଦାନ କରାଯାଇନଥିବା ଦର୍ଶାଉଥିବା ବିବରଣ

| କ୍ରମିକ ସଂଖ୍ୟା । | ବିଭାଜନ ନାମ | ସମୁଦାୟ ବୃକ୍ଷରୋପଣ ପତ୍ରିକା ସଂଖ୍ୟା | ସମୀକ୍ଷା ପାଇଁ ପତ୍ରିକା ଚୟନ ଏବଂ ପତ୍ରିକା ପ୍ରଦାନ | ସମୀକ୍ଷା ହୋଇଥିବା ପତ୍ରିକା ସଂଖ୍ୟା (50 ପ୍ରତିଶତ) | ସଂପୂର୍ଣ୍ଣ ଭାବରେ ଅନୁରକ୍ଷଣ ହୋଇଥିବା ପତ୍ରିକା ସଂଖ୍ୟା | ଆଂଶିକ ଅନୁରକ୍ଷଣ ପତ୍ରିକା ସଂଖ୍ୟା | ପ୍ରଦାନ କରାଯାଇନଥିବା । ପତ୍ରିକା ସଂଖ୍ୟା |
|---|---|---|---|---|---|---|---|
| 1 | କେନ୍ଦୁଝର | 316 | 160 | 80 | 65 | 15 | 0 |
| 2 | କୋରାପୁଟ | 407 | 205 | 103 | 82 | 21 | 0 |
| 3 | କଳାହାଣ୍ଡି (ଦକ୍ଷିଣ) | 461 | 298 | 149 | 138 | 11 | 0 |
| 4 | ବାମରା (ବନ୍ୟପ୍ରାଣୀ) | 139 | 56 | 28 | 17 | 11 | 0 |
| 5 | ବୌଦ୍ଧ | 276 | 138 | 69 | 59 | 10 | 0 |
| 6 | ସୁନ୍ଦରଗଡ଼ | 370 | 285 | 143 | 133 | 10 | 0 |
| 7 | ରାଜନଗର | 132 | 52 | 26 | 12 | 14 | 0 |
| 8 | ରେଢାଖୋଲ | 195 | 102 | 51 | 44 | 7 | 9 |
| 9 | କେନ୍ଦୁଝର (ବନ୍ୟପ୍ରାଣୀ) | 166 | 63 | 32 | 18 | 14 | 16 |
| 10 | ରାଉରକେଲା | 652 | 233 | 117 | 93 | 24 | 196 |
| 11 | ରାୟଗଡ଼ା | 581 | 230 | 115 | 115 | 0 | 0 |
| 12 | ବଲାଙ୍ଗୀର | 530 | 431 | 216 | 211 | 5 | 0 |
| 13 | ମାଲକାନଗିରି | 361 | 120 | 60 | 54 | 6 | 91 |
| ମୋଟ | | **4,586** | **2,373** | **1,187** | **1,039** | **148** | **312** |

# ପରିଶିଷ୍ଟ – 3

## (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.1.5.3 ପୃଷ୍ଠା 20-21)

## 2013-14 ରୁ 2017-18 ମଧ୍ୟରେ 12ଟି ବିଭାଜନରେଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ଦ୍ୱିତୀୟ ବର୍ଷ ପରେ ରକ୍ଷଣାବେକ୍ଷଣ ପାଇଁ ପାଣ୍ଠିର ବିନିଯୋଗ ହୋଇନଥିବା ଦର୍ଶାଉଥିବା ବିବରଣ

| କ୍ର. ସ. | ବିଭାଜନ ନାମ | ବର୍ଷ | ରେଞ୍ଜର ନାମ | ଅବସ୍ଥାନ | ପ୍ରକାର | କ୍ଷେତ୍ର (ହେ) | କ୍ଷେତ୍ର (ଆରକେଏମ୍) | ମୋଟ ଯୋଜନା ମୂଲ୍ୟ (ଟ) | ଖର୍ଚ୍ଚ (ଟଙ୍କାରେ) | | | | |
|---|---|---|---|---|---|---|---|---|---|---|---|---|---|
| | | | | | | | | | 0 ତମ ବର୍ଷ | 1 ମ ବର୍ଷ | 2ୟ ବର୍ଷ | 3 ୟ ବର୍ଷ | ମୋଟ |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 |
| 1 | ବାମରା ଡବ୍ଲୁଏଲ୍ | 2013-14 | ବାମରା ଡବ୍ଲୁଏଲ୍ | ତୁରେଇ ନିକ୍ଟିମାଲ | ଏଆର୍ | 5 | 0 | 1,23,000 | | 1,23,000 | 0 | 0 | 1,23,000 |
| 2 | ବାମରା ଡବ୍ଲୁଏଲ୍ | 2013-14 | ଜମନକିରା ଡବ୍ଲୁଏଲ୍ | ଆଇନାଲୋପ୍‌ସି | ଏଆର୍ | 20 | 0 | 7,26,000 | | 4,92,000 | 0 | 0 | 4,92,000 |
| 3 | ବାମରା ଡବ୍ଲୁଏଲ୍ | 2013-14 | ଜମନକିରା ଡବ୍ଲୁଏଲ୍ | ବାର୍‌ହାମୁଣ୍ଡି | ଏଆର୍ | 40 | 0 | 17,28,000 | | 9,84,000 | 0 | 0 | 9,84,000 |
| 4 | ବାମରା ଡବ୍ଲୁଏଲ୍ | 2013-14 | କୁଚିଣ୍ଡା ଡବ୍ଲୁଏଲ୍ | ମଦନମୋହନପୁର | ଏଆର୍ | 5 | 0 | 1,99,000 | | 1,23,000 | 0 | 0 | 1,23,000 |
| 5 | ବାମରା ଡବ୍ଲୁଏଲ୍ | 2013-14 | ବାମରା ଡବ୍ଲୁଏଲ୍ | ବାଘିଆବେରଣୀ | ଏଆର୍ | 15 | 0 | 5,50,000 | | 3,69,000 | 0 | 0 | 3,69,000 |
| 6 | ବାମରା ଡବ୍ଲୁଏଲ୍ | 2013-14 | ବାମରା ଡବ୍ଲୁଏଲ୍ | ବନ୍ଧବାହାର ଆର୍‌ଏଫ୍ | ଏଏନ୍‌ଆର୍ | 50 | 0 | 6,70,000 | | 4,06,500 | 0 | 0 | 4,06,500 |
| 7 | ବାମରା ଡବ୍ଲୁଏଲ୍ | 2013-14 | ଜମନକିରା ଡବ୍ଲୁଏଲ୍ | ଚିକିଲିପଡ଼ା ପିଆର୍‌ଏଫ୍ | ଏଏନ୍‌ଆର୍ | 50 | 0 | 6,70,000 | | 4,06,500 | 0 | 0 | 4,06,500 |
| 8 | ବାମରା ଡବ୍ଲୁଏଲ୍ | 2013-14 | ଜମନକିରା ଡବ୍ଲୁଏଲ୍ | କୋଇଲାରିଜୋରରୁ ସିରିଡ ଏନ୍‌ଏଚ୍-200 | ଆଭେନ୍ୟୁ | 0 | 8 | 7,65,000 | | 3,55,616 | 0 | 0 | 3,55,616 |
| 9 | ବାମରା ଡବ୍ଲୁଏଲ୍ | 2013-14 | ଜମନକିରା ଡବ୍ଲୁଏଲ୍ | କୁଆଗୋଲା ଠାରୁ ଷଣ୍ଢପଥର | ଆଭେନ୍ୟୁ | 0 | 8 | 15,06,000 | | 10,21,340 | 0 | 0 | 10,21,340 |
| 10 | ବାମରା ଡବ୍ଲୁଏଲ୍ | 2013-14 | ବାମରା ଡବ୍ଲୁଏଲ୍ | ବାମରା ରୁ ଗାରପୋଷ | ଆଭେନ୍ୟୁ | 0 | 20 | 18,76,000 | | 5,20,000 | 0 | 0 | 5,20,000 |
| 11 | ବାମରା ଡବ୍ଲୁଏଲ୍ | 2013-14 | ବାମରା ଡବ୍ଲୁଏଲ୍ | ବାଲିମାଳ ଠାରୁ ବାବୁନିକ୍ଟିମାଲ | ଆଭେନ୍ୟୁ | 0 | 6 | 5,79,000 | | 2,80,390 | 0 | 0 | 2,80,390 |
| 12 | ବାମରା ଡବ୍ଲୁଏଲ୍ | 2013-14 | କୁଚିଣ୍ଡା ଡବ୍ଲୁଏଲ୍ | ଲାଇଗୁରା ରୁ ଗୁଛରା | ଆଭେନ୍ୟୁ | 0 | 10 | 9,50,000 | | 4,67,310 | 0 | 0 | 4,67,310 |
| 13 | ବାମରା ଡବ୍ଲୁଏଲ୍ | 2013-14 | କୁଚିଣ୍ଡା ଡବ୍ଲୁଏଲ୍ | ଚାନ୍ଦିନିମାଳରୁ ସୁବାମପାଲି | ଆଭେନ୍ୟୁ | 0 | 10 | 9,50,000 | | 4,67,310 | 0 | 0 | 4,67,310 |
| 14 | ବାମରା ଡବ୍ଲୁଏଲ୍ | 2014-15 | ବାମରା ଡବ୍ଲୁଏଲ୍ | ପାରିମୁଣ୍ଡା-ନିକିଟିମାଲ ଡିପିଏଫ୍ | ଏଏନ୍‌ଆର୍ | 80 | 0 | 16,68,000 | | 2,40,906 | 0 | 0 | 2,40,906 |
| 15 | ବାମରା ଡବ୍ଲୁଏଲ୍ | 2014-15 | କୁଚିଣ୍ଡା ଡବ୍ଲୁଏଲ୍ | ସଞ୍ଜତିଆପାଲି କେଏଫ୍ | ଏଏନ୍‌ଆର୍ | 10 | 0 | 3,40,000 | | 1,40,011 | 0 | 0 | 1,40,011 |
| 16 | ବାମରା ଡବ୍ଲୁଏଲ୍ | 2014-15 | ବାମରା ଡବ୍ଲୁଏଲ୍ | ବାମରା ଠାରୁ ଗାରପୋଶ | ଆଭେନ୍ୟୁ | 0 | 10 | 9,41,000 | | 9,41,000 | 0 | 0 | 9,41,000 |
| 17 | ବାମରା ଡବ୍ଲୁଏଲ୍ | 2014-15 | ବାମରା ଡବ୍ଲୁଏଲ୍ | କେଛୁପାନୀ ରୁ ବିଲେଇଘାଟି | ଆଭେନ୍ୟୁ | 0 | 4 | 3,91,000 | | 3,91,000 | 0 | 0 | 3,91,000 |
| 18 | ବାମରା ଡବ୍ଲୁଏଲ୍ | 2014-15 | ବାମରା ଡବ୍ଲୁଏଲ୍ | କୁଟାରିମାଲ ରୁ ବୂରବୁଦା | ଆଭେନ୍ୟୁ | 0 | 9 | 8,50,000 | | 8,50,000 | 0 | 0 | 8,50,000 |
